ବସ୍ତ୍ର ପରମ୍ପରା ଓ ଜ୍ଞାନକୌଶଳ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ବଣ୍ଡା ପରମ୍ପରା ଓ ଜ୍ଞାନ କୌଶଳ

ସଂକଳକ :
ଶ୍ରୀ ରାଜକିଶୋର ମାହାଣା

ନିର୍ଦ୍ଦେଶକ :
ଡ଼ଃ ଅନନ୍ତ ଚରଣ ସାହୁ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ବଣ୍ଡା ପରମ୍ପରା ଓ ଜ୍ଞାନକୌଶଳ

ସଂକଳକ : ଶ୍ରୀ ରାଜକିଶୋର ମାହାଣା

ସମ୍ପାଦନା : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

©ପ୍ରକାଶକ : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୦୪

ମୁଦ୍ରଣ : ଲକ୍ଷ୍ମୀ ଆର୍ଟ ପ୍ରିଣ୍ଟର୍ସ
କଟକ ରୋଡ, ଭୁବନେଶ୍ୱର

ମୂଲ୍ୟ : ୭୦ ଟଙ୍କା ମାତ୍ର

ISBN : 81-88010-14-6

BONDA PARAMPARA O GYANAKOUSALA

Compilation : **Sri Rajakishor Mahana**

Editor : **Dr. A. C. Sahoo**
Director, ATDC

© ***Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

First Edition : January, 2004.

Printed at : **Laxmi Art Printers**
Cuttack Road, Bhubaneswar

Price : Rs. 70 /- Only

ମୁଖବନ୍ଧ

ଏକ ଜନ ସମୁଦାୟକୁ ବୁଝିବା ଅର୍ଥ ତାର ସଂସ୍କୃତିକୁ ବୁଝିବା । ତେଣୁ ସାମାଜିକ ବ୍ୟବସ୍ଥା ଓ ବ୍ୟକ୍ତି ଚିନ୍ତନର ସଂଯୋଜନ ସେତୁ ହିସାବରେ ସଂସ୍କୃତି ବର୍ତ୍ତମାନ । ସଂସ୍କୃତି ମଣିଷର ସାମାଜିକ ଜ୍ଞାନ, ବିଶ୍ୱାସ, କଳା, ନୈତିକତା, ବିଧିବିଧାନ, ରୀତିନୀତି ତଥା ଅଭ୍ୟାସ ସମ୍ମିଳିତ । ଏହି ସଂସ୍କୃତି ମଣିଷର ମୂଳ ଆବଶ୍ୟକତାକୁ ନେଇ ପୁଷ୍ଟ ଏବଂ ଏକ ଦୃଢ଼ ପରମ୍ପରା ଉପରେ ପ୍ରତିଷ୍ଠିତ । ପରମ୍ପରା ପ୍ରକ୍ରିୟା ଏକ ଦିନକର କାର୍ଯ୍ୟକଳାପ ନୁହେଁ ପରନ୍ତୁ; ପିଢିରୁ ପିଢି ମାର୍ଜିତ, ବିବର୍ତ୍ତିତ ଓ ସମୟାନୁସାରୀ ହୋଇ ଚିର ନୂତନ । ଫଳତଃ ଏକ ବ୍ୟବସ୍ଥା, ପରମ୍ପରାର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଗଲେ ତାହା ସମାଜର ଆବଶ୍ୟକତା ମେଣ୍ଟାଇବାକୁ ସତତ ସମର୍ଥ । ପ୍ରଜାତିକ ପରମ୍ପରା ଏହି ଦୃଢ଼ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ତେଣୁ ତାଙ୍କ ପରିବେଷ୍ଟନୀ ଏବଂ ତତ୍ ସମ୍ପୃକ୍ତ ପ୍ରାକୃତିକ ସମ୍ପଦକୁ ନେଇ ସେମାନଙ୍କ ଜୀବନ ଚର୍ଯ୍ୟା ସୁବ୍ୟବସ୍ଥିତ । ପରିବର୍ତ୍ତିତ ସମୟରେ ବାହ୍ୟ ଅନୁପ୍ରବେଶ ସେ ପରମ୍ପରାକୁ ଯେତେ ଆକ୍ରମଣ କରୁଛି ସେସବୁ ଅସଫଳ ହେବା ସାର ହେଉଛି । ତେଣୁ ତଥାକଥିତ ସଭ୍ୟତାର ଆକ୍ରମଣରେ ସେ କ୍ଷତାକ୍ତ ହେଲେ ମଧ୍ୟ ପରାଜିତ ନୁହେଁ, ବରଂ ସଂଗ୍ରାମରତ ।

ପରମ୍ପରାର ଭିତ୍ତି ଉପରେ ପ୍ରତିଷ୍ଠିତ ତାଙ୍କର ଜ୍ଞାନକୌଶଳ ସମୟର କଷଟି ପଥରରେ ଶାଣିତ ଓ ପରୀକ୍ଷିତ । ପ୍ରଜାତିକ ପରମ୍ପରା ଓ ଜ୍ଞାନ କୌଶଳକୁ ଲକ୍ଷ୍ୟକଲେ ଏହି ଭାବଧାରା ସହଜରେ ଅନୁମେୟ ।

ସମ୍ପ୍ରତି ସାଂସ୍କୃତିକ ଅବକ୍ଷୟର ସମୟ । ତଥାପି ପ୍ରଜାତିକ ପରମ୍ପରା ଅକ୍ଷୁର୍ଣ୍ଣ । ଉନ୍ନୟନ ବ୍ୟବସ୍ଥା ଆମ ଆଦବକାଇଦାରେ ତାଙ୍କ ଉପରେ ଲଦି ଦିଆଯାଇଛି । ତେଣୁ ସ୍ୱାଧୀନତାର ୫୫ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାଙ୍କ ପାଖରେ ତାର ସଫଳ ରୂପାୟନ ହୋଇ ପାରିନାହିଁ । ଆମେ ମୁଖ୍ୟତଃ ତାଙ୍କ ମୂଳ ଆବଶ୍ୟକତା ସହ ସଚେତନ ନୋହୁଁ । ତାଙ୍କ ପରମ୍ପରା ଓ ଜ୍ଞାନକୌଶଳ ସହ ଆମର ପରିଚିତି ନାହିଁ । ତେଣୁ ଯେତେ ସବୁ ଯୋଜନା, ବ୍ୟବସ୍ଥା ତାଙ୍କ ନିକଟରେ ଅସଫଳ ହେବା ସ୍ୱାଭାବିକ ।

ଅଧୁନା ଚିନ୍ତନର ବେଳା ଉପସ୍ଥିତ । ଅବବୋଧର ଅବକ୍ଷୟ ଘଟିବା ପୂର୍ବରୁ ତାଙ୍କ ଜ୍ଞାନକୌଶଳ, ପରମ୍ପରା ସହ ଆମକୁ ପରିଚିତ ହେବା ଏକାନ୍ତ ଆବଶ୍ୟକ । ଏହି ପରିଚିତିକୁ ନେଇ ତାଙ୍କ ନିକଟରେ ପହଞ୍ଚିଲେ ଉନ୍ନୟନ ପରିଯୋଜନାର ରୂପାୟନ ସମ୍ଭବ ହେବ ।

ଏହି ଉଦ୍ଦେଶ୍ୟକୁ ଆଖିଆଗରେ ରଖି ଓଡ଼ିଶାର ଆଦିବାସୀ ମାନଙ୍କର ପରମ୍ପରା ଓ ଜ୍ଞାନକୌଶଳ ଉପରେ ପରିଚାଳିତ ଗବେଷଣା ପ୍ରକଳ୍ପ ଏକ ସମୟୋଚିତ ଉଦ୍ୟମ । ପ୍ରଥମ ପର୍ଯ୍ୟାୟରେ ବଣ୍ଡା, ସାନ୍ତାଳ, ହୋ, ଦେଶିଆକନ୍ଧ, ମାଙ୍କିଡିଆ, ଲୋଧା, ଖଡ଼ିଆ, ଜୁଆଙ୍ଗ, ଡ଼ିଡାୟୀ, ବୁଜୁଟିଆ ଭୁଞ୍ଜିଆ, ଡଙ୍ଗରିଆ କନ୍ଧ, କୁଟିଆ କନ୍ଧ, କୋୟା, ଗଣ୍ଡ ପାଉଡ଼ିଭୂୟାଁ, ଭୂମିଆ, ସଉରା, ଓରାଓଁ, କିଶାନ୍, ଦେଶିଆ, ପରଜା, ଗଦବା, ଧାରୁଆ, ବିଂଝିଆ ଓ ଭୂମିଜ ଜନଜାତିକର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯାଇ ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଅନାଲୋଚିତ ଗୋଷ୍ଠୀ ସମୂହର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯିବାର ପ୍ରସ୍ତାବ ରହିଛି ।

ପ୍ରକାଶିତ "ବଣ୍ଡା ପରମ୍ପରା ଓ ଜ୍ଞାନକୌଶଳ" ପୁସ୍ତିକା ବଣ୍ଡାମାନଙ୍କର ପରିବେଶ, ସଂସ୍କୃତି ଓ ପରମ୍ପରାକୁ ନେଇ ପରିପୃଷ୍ଟ । ଓଡ଼ିଶାର ୬୨ ପ୍ରକାର ଜନଜାତିଙ୍କ ମଧ୍ୟରେ 'ବଣ୍ଡା' ଅନ୍ୟତମ ଆଦିମ ଆଦିବାସୀ । କେବଳ ଆଦିମ ଅଧିବାସୀ ହିସାବରେ ଏମାନଙ୍କ ସ୍ୱାତନ୍ତ୍ର୍ୟ ରହିଛି ତା' ନୁହେଁ, ଏମାନଙ୍କର ବୈଚିତ୍ର୍ୟମୟ ଜୀବନଚର୍ଯ୍ୟା ଏବଂ ବେଶପୋଷାକରୁ ଏମାନଙ୍କ ସ୍ୱାତନ୍ତ୍ର୍ୟ ବାରିହୁଏ । ଏକ ସ୍ୱାଭିମାନୀ ଜନଜାତି ସେମାନଙ୍କ ଉଗ୍ର ମଧୁର ସ୍ୱଭାବ ଯୋଗୁଁ ଅନ୍ୟମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ । ଫଳତଃ ଏମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ସାଙ୍ଗକୁ ପରମ୍ପରା ଓ ଜ୍ଞାନକୌଶଳ ଗାରିମାକୁ ଜନମାନସରେ ପହଞ୍ଚାଇ ଉନ୍ନୟନର ମାର୍ଗ ଚିନ୍ତନ କରିବା ଉଦ୍ଦେଶ୍ୟ ନେଇ ଏହି ଅଧ୍ୟୟନର ପରିକଳ୍ପନା କରାଯାଇଛି । ପୁସ୍ତିକାର ପ୍ରାରମ୍ଭରେ ବଣ୍ଡା ଆଦିବାସୀ ଗୋଷ୍ଠୀ ଓ ପରିସଂଖ୍ୟାନ ସେମାନେ ବସବାସ କରୁଥିବା ଅଞ୍ଚଳ ଓ ଏହାର ଭୌଗଳିକ ଅବସ୍ଥିତି ଓ ବଣ୍ଡା ସଂସ୍କୃତିର ଏକ ଝଲକ ଉପସ୍ଥାପିତ । ପ୍ରଥମ ଅଧ୍ୟାୟ ଉପର ବଣ୍ଡା ଗାଁ, ବିଭିନ୍ନ ଗ୍ରାମର ସୃଷ୍ଟି ସମ୍ବନ୍ଧୀୟ କାଳ୍ପନିକ ଲୋକକଥା, ଗାଁର ପରିବେଶ, ଗ୍ରାମର ଭିତରେ ଓ ବାହାରେ ଥିବା ବିଭିନ୍ନ ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ବିଷୟ ବର୍ଣ୍ଣନାରେ ପୁଷ୍ଟ । ଦ୍ୱିତୀୟ ଅଧ୍ୟାୟରେ ସ୍ଥାନିତ ବଣ୍ଡା ବାସଗୃହ । ଏଥିରେ ବାସଗୃହ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଗୃହର ଗଠନ ଆକୃତି, ନିର୍ମାଣ ବ୍ୟବହାର ଗୃହ ସମ୍ବନ୍ଧୀୟ ପବିତ୍ରତା ଓ ଅପବିତ୍ରତା, ଇନ୍ଦିରାଆବାସ ଯୋଜନାର ଗୁରୁତ୍ୱ, ଆଧୁନିକ ଗୃହର ସମସ୍ୟା ଇତ୍ୟାଦି ବିଷୟ ଆଲୋଚିତ । ବିଭିନ୍ନ ପ୍ରକାର ଖାଦ୍ୟ, ସ୍ଥଳ ବିଶେଷରେ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଖାଦ୍ୟ, ଖାଦ୍ୟ ଉତ୍ସ, ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ, ଖାଦ୍ୟ ସେବନ ଶୈଳୀ, ଖାଦ୍ୟ ଗ୍ରହଣ ଓ ବର୍ଜନ, ଖାଦ୍ୟର ବ୍ୟାବହାରିକ ମୂଲ୍ୟ ଓ ସ୍ୱାଦ, ଖାଦ୍ୟ ସମ୍ବନ୍ଧୀୟ ବାରଣ ଏବଂ ଖାଦ୍ୟର ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ତୃତୀୟ

ଅଧ୍ୟାୟରେ ଉଲ୍ଲିଖିତ ହୋଇଛି । ପରବର୍ତ୍ତୀ ଅଧ୍ୟାୟରେ ସ୍ନାନ ପାଇଁ ବଣ୍ଡାର ଅତିପ୍ରିୟ ପାନୀୟ । ଏଥିରେ ବିଭିନ୍ନ ପ୍ରକାରର ପାନୀୟ ଓ ଏହାର ଉତ୍ପତ୍ତି ସମ୍ବନ୍ଧୀୟ କିମ୍ବଦନ୍ତୀ, ସଂଗ୍ରହ ତଥା ପ୍ରସ୍ତୁତ ପ୍ରଣାଳୀ , ପାନୀୟର ଉପାଦେୟତା, ପୁରୁଷ /ମହିଳା ଓ ପାନୀୟ, ପାନୀୟର ଦେବାଦେବୀଙ୍କ ସହ ସମ୍ବନ୍ଧ , ସର୍ବାଧିକ ପରିମାଣରେ ଉପଲବ୍ଧ ଓ ସେବନ ସମୟ ଇତ୍ୟାଦି ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଛି । ବଣ୍ଡା ଆକର୍ଷଣର କେନ୍ଦ୍ରବିନ୍ଦୁ ଯୁବଶୟନାଗାର ପଞ୍ଚମ ଅଧ୍ୟାୟର କଳେବର ବୃଦ୍ଧିକରିଛି । ଏଥିରେ ଯୁବଶୟନାଗାରର ଉତ୍ପତ୍ତି ପ୍ରକାରଭେଦ, ଅବସ୍ଥିତି, ନିର୍ମାଣ, ସଦସ୍ୟତା, କାର୍ଯ୍ୟକଳାପ, ସଦସ୍ୟମାନଙ୍କର ଆଚାର ବ୍ୟବହାର ଓ ବନ୍ଧୁତା, ଆୟବ୍ୟୟର ଅଟକଳ ଏହାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏବଂ ଯୁବଶୟନାଗାର ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବିଷୟରେ ଆଲୋକପାତ କରାଯାଇଛି । ବଣ୍ଡା ପରମ୍ପରା ସ୍ୱୀକୃତ କନ୍ୟାସୁନାକୁ ସ୍ଥାନ ଦିଆଯାଇଛି ଷଷ୍ଠ ଅଧ୍ୟାୟରେ । ଏଥିରେ କନ୍ୟାସୁନା ଦେବା ପ୍ରଣାଳୀ ନୀତିନିୟମ ଓ ମଧ୍ୟସ୍ଥିର ଭୂମିକା, କନ୍ୟାସୁନାର ଗୁରୁତ୍ୱ ଓ ଆବଶ୍ୟକତା, ବିଭିନ୍ନ ପ୍ରକାର ବିବାହ ପାଇଁ କନ୍ୟାସୁନାର ପାର୍ଥକ୍ୟ, କନ୍ୟାସୁନା କେବେ କାହିଁକି ଓ କିପରି ଫେରସ୍ତ/ଦାବି କରାଯାଏ ଏବଂ ଅଧୁନାତନ ପରିସ୍ଥିତିରେ କନ୍ୟାସୁନା ସମ୍ପର୍କୀତ ସମସ୍ୟା ଓ ସମାଧାନ ଇତ୍ୟାଦି ବିଷୟରେ ଏକ ବିଶ୍ଳେଷଣାତ୍ମକ ଆଲୋଚନା ଉପସ୍ଥାପନ କରାଯାଇଛି । ସପ୍ତମ ଓ ଅଷ୍ଟମ ଅଧ୍ୟାୟରେ ଯଥାକ୍ରମେ କୃଷି ପଞ୍ଜିକା ଓ ସଂଗୃହୀତ ବନଜାତ ଦ୍ରବ୍ୟ ପଞ୍ଜିକା ଉପସ୍ଥାପିତ । ବ୍ୟକ୍ତିକେନ୍ଦ୍ରିକ, ବଦରାଗୀ ଓ ସ୍ୱାଧୀନଚେତା ବଣ୍ଡାର ସମାଜ ଓ ସଂସ୍କୃତି ସମବାୟ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଏହାହିଁ ମୌଳିକତା ଏହି ପରିପ୍ରେକ୍ଷୀରେ ନବମ ଅଧ୍ୟାୟରେ ଶ୍ରମସମବାୟ ଅଧିନରେ ଶ୍ରମସମବାୟର ଅର୍ଥ, ପ୍ରକାରଭେଦ, ଶ୍ରମସମବାୟ ଦ୍ୱାରା ସଂପାଦିତ କାର୍ଯ୍ୟ, ଏହା ପ୍ରତି ଲୋକମାନଙ୍କର ମନୋବୃତ୍ତି ବର୍ତ୍ତମାନ ପରିସ୍ଥିତିରେ ଶ୍ରମସମବାୟର ବିବର୍ତ୍ତିତ ରୂପ ବିଷୟରେ ଆଲୋଚନା କରାଯାଇଛି । ବଦରାଗୀ, ହିଂସ୍ର କିନ୍ତୁ ଧର୍ମଭୀରୁ ବଣ୍ଡା ଜୀବନକୁ ନିୟନ୍ତ୍ରଣ କରିବା ପାଇଁ ଥିବା ପାରମ୍ପରିକ ଗ୍ରାମସଭା ଦଶମ ଅଧ୍ୟାୟର ବିଷୟବସ୍ତୁ । ଏଥିରେ ପାରମ୍ପରିକ ଗ୍ରାମସଭାର ଗଠନ, ସଦସ୍ୟମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି, ଯୋଗ୍ୟତା ଓ ନିର୍ବାଚନ ପ୍ରଣାଳୀ, ନିର୍ବାଚିତ ସଦସ୍ୟମାନଙ୍କର କାର୍ଯ୍ୟକଳାପ, ଗ୍ରାମସଭାରେ ବିଚାର କରାଯାଉଥିବା ବିଭିନ୍ନ ପ୍ରକାର ମାମଲା, ଏହାର ନିଷ୍ପତ୍ତି ପ୍ରଣାଳୀ, ଦଣ୍ଡବିଧି ଓ ପରିବର୍ତ୍ତିତ ବ୍ୟବସ୍ଥା ବିଷୟରେ ଆଲୋକପାତ କରାଯାଇଛି । ପରବର୍ତ୍ତୀ ଅଧ୍ୟାୟରେ ବଣ୍ଡା ପର୍ବପର୍ବାଣୀକୁ ରୂପରେଖ ଦିଆଯାଇଛି ପର୍ବପର୍ବାଣୀ ପଞ୍ଜିକାରେ । ଦ୍ୱାଦଶ ଅଧ୍ୟାୟର ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀଙ୍କ ପରିବାର ସ୍ତରରେ

ପୂଜକ,ଶିଶା (ଗ୍ରାମ ସ୍ତରରେ ପୂଜକ) ଡାଉଶିଶା (ଶିଶାର ସହାୟକ) ୟଙ୍ଗୋ/ଗେଗୁଙ୍ଗ (ଶିଶା ଓ ଡାଉଶିଶାକୁ ପୂଜାପାଠ ସମୟରେ ସାହାଯ୍ୟ କରୁଥିବା ଅବିବାହିତ ବାଳକ) ଗେସାବୟ (ସ୍ୱତନ୍ତ୍ର ଭାବରେ ସଲପ ଗଛ ମୂଳେ ପୂଜା କରିବା ପାଇଁ ଅସ୍ଥାୟୀ ଭାବେ ନିଯୁକ୍ତ ବାଳିକା) ୟେରେମ୍ (ଗୁଣିଆ) ଓ ୟେବୟ (ସ୍ତ୍ରୀ ଗୁଣିଆ) ଏବଂ ବୁମେବୟ (ଡାହାଣୀ)ଙ୍କ ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି । ଏହା ସହିତ ଦେବତାଙ୍କ ପ୍ରତି ସମ୍ମାନବୋଧ; ପୂଜାପାଠ ପାଇଁ ଆବଶ୍ୟକ ଉପକରଣ, ପୂଜାପାଠ ଓ କର୍ମକାଣ୍ଡ ପଦ୍ଧତି ଏବଂ ବର୍ତ୍ତମାନର ଧାରା ଓ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରାଯାଇଛି । ବଣ୍ଡା ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଅଧିକାରୀ ଦିଶାରୀ (ଏକାଧାରାରେ ବୈଦ୍ୟ, ଜ୍ୟୋତିଷ, ପୂଜାରୀ ଓ ଗୁଣିଆ) ବିଷୟରେ ଏକ ମନଛୁଆଁ ବିଷୟ ଅବତାରଣା କରାଯାଇଛି ତ୍ରୟୋଦଶ ଅଧ୍ୟାୟର ବୈଦ୍ୟ ଓ ଔଷଧ ଅଧିନରେ । ଏଥିରେ ଦିଶାରୀର ବ୍ୟକ୍ତିତ୍ୱ, ନିର୍ବାଚନ, ତାଲିମ, ସୃଜନଶୀଳତା, ଅଭିଜ୍ଞତା, ଦକ୍ଷତା, ଆଚାର ବ୍ୟବହାର, ମାନସମ୍ମାନ, ପୋଷାକ ପରିଚ୍ଛଦ, ସ୍ୱତନ୍ତ୍ର ଜ୍ଞାନ, ଦିଶାରୀପାଳନ କରୁଥିବା ଉପବାସ, ନିଷେଧ ଏବଂ ତା'ର କାର୍ଯ୍ୟକଳାପ ଓ ଆଧିପତ୍ୟ ବିଷୟରେ ଆଲୋକପାତ କରାଯାଇଛି । ଦିଶାରୀ ଭାବେ ସେ ଚିହ୍ନଟ ଓ ଆରୋଗ୍ୟ କରୁଥିବା ରୋଗବ୍ୟାଧି ଏବଂ ଏଥିପାଇଁ ପ୍ରୟୋଗ କରୁଥିବା ଔଷଧ ସମୂହ ଏହି ଅଧ୍ୟାୟର ମୂଖ୍ୟ ବିଷୟ । ଚତୁର୍ଦ୍ଦଶ ଅଧ୍ୟାୟରେ ପାରମ୍ପରିକ ଚାରୁ ଓ କାରୁକଳାରୁ ଓ ଶିଳ୍ପରୁ ବଣ୍ଡା କଳା ସଂସ୍କୃତିର ଏକ ନିଜସ ପ୍ରତିଛବି ପ୍ରତିଫଳିତ ହୋଇଛି । ପୁସ୍ତକର ଶେଷରେ ପଡ଼ୋଶୀ ବଣ୍ଡାମାନଙ୍କର ପଡ଼ୋଶୀ ସମ୍ବନ୍ଧୀୟ ଧାରଣା, ତାଙ୍କ ସହ ସଂପର୍କ, ଅନ୍ୟ ଗୋଷ୍ଠୀରୁ ଖାଦ୍ୟଗ୍ରହଣ ଓ ପ୍ରତ୍ୟାଖାନ, ସେ ଗୋଷ୍ଠୀ ସମୂହର ଅପରିତେଜ୍ୟ ଓ କ୍ଷତିକାରକ ଭୂମିକା ଏବଂ ଏମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ପ୍ରସ୍ତାବ ଓ ସୁପାରିଶ ଯଥାସାଧ୍ୟ ଉପସ୍ଥାପନ କରିବାକୁ ଚେଷ୍ଟା କରାଯାଇଛି ।

ଏହି ପ୍ରୟାସ ସମ୍ପୂର୍ଣ୍ଣ ନୁହେଁ । ଏକ ବୃହତର ପରିକଳ୍ପନାର ଆଦ୍ୟ ପ୍ରୟାସ ମାତ୍ର । କ୍ଷେତ୍ର ଅଧ୍ୟୟନ ପୂର୍ବକ ବହୁ ପରିଶ୍ରମ କରି ରାଜକିଶୋର ମାହାନା ଏହାର ପାଣ୍ଡୁଲିପି ପ୍ରସ୍ତୁତି କରିଥିବାରୁ ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।

ଡ଼ ଅନନ୍ତ ଚରଣ ସାହୁ

କୃତଜ୍ଞତା

ବଣ୍ଡା ପର୍ବତର ଦ୍ୱାରଦେଶରେ ସଂସ୍କୃତିକ ବିବର୍ତ୍ତନର ଘଣ୍ଟି ଶୁଣାଗଲାଣି । ଠିକ୍ ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବଣ୍ଡା ସାଂସ୍କୃତିକ ପରମ୍ପରାକୁ ବଜାଅ ରଖିବା ଉଦ୍ଧାର କରିବା ପାଇଁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀର ପଦକ୍ଷେପ ଚିର ପ୍ରଶଂସନୀୟ ।

ଗବେଷଣା କାର୍ଯ୍ୟରେ ବିଚ୍ଛିନ୍ନ ପାର୍ବତ୍ୟାଞ୍ଚଳରେ ଦୁର୍ଗମ ଇଲାକାରେ ବସବାସ କରୁଥିବା ବଣ୍ଡାମାନଙ୍କ ମଧ୍ୟରେ ରହି ତାଙ୍କ ଉପରେ ଅଧ୍ୟୟନ ପାଇଁ ମୁଦୁଲିପଡ଼ା ସ୍ଥିତି ବେସରକାରୀ ସଂସ୍ଥା "ଆଗ୍ରୋ" ଦେଇଥିବା ସହଯୋଗ ଓ ଏହାର କର୍ମୀ ଶ୍ରୀ ରଞ୍ଜନ କୁମାର ପ୍ରଧାନ, ଶ୍ରୀ ଅନନ୍ତ ଚରଣ ନାୟକ, ଶ୍ରୀ ଦୀପ୍ତିକାନ୍ତ ପଣ୍ଡା ଓ ଶ୍ରୀ ବୁଦା ଧାଙ୍ଗଡ଼ା ମାଝୀଙ୍କର ସାହାଯ୍ୟ ଭୁଲିବାର ନୁହେଁ । ଏ ଅବସରରେ ତାକୁ ମୋର ବିନମ୍ର ଧନ୍ୟବାଦ ।

ମୁଦୁଲିପଡ଼ାସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥାର କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ଯୁଗଳ କିଶୋର ରଣସିଂ, କ୍ଷେତ୍ର ସହାୟକ ଶ୍ରୀ ରାକେଶ କୁମାର ବିଶୋଇ, କିରାଣୀ ଶ୍ରୀ ଧନେଶ୍ୱର ସାହୁ ଓ ସରକାରୀ ଆର୍ୟୁବେଦିକ୍ ଚିକିତ୍ସାଳୟର ଡାକ୍ତର ରଞ୍ଜନ କୁମାର ବେହେରାଙ୍କର ସାହାଯ୍ୟ ଓ ସହଯୋଗ ପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ଦାନ୍ତିପଡ଼ା ସ୍ଥିତ ବେସରକାରୀ ସଂସ୍ଥାରCSSAC (Centre for Social Service & Change)ର ସଂପାଦକ ଡ଼.ପ୍ରସନ୍ନ କୁମାର ମହାନ୍ତି ଓ ଅନ୍ୟାନ୍ୟ କର୍ମୀମାନେ ଯଥାସାଧ ତଥ୍ୟ ଯୋଗାଇ ଦେବା ପାଇଁସାହାଯ୍ୟ କରିଛନ୍ତି । ତେଣୁ ମୁଁ ତାଙ୍କ ନିକଟରେ ଋଣୀ ।

କଦମଗୁଡ଼ାସ୍ଥିତ NIRACAR ର ସମ୍ପାଦକ ଶ୍ରୀ ପ୍ରକାଶ ପରମାଣିକ ମୁଦୁଲିପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀମତୀ ସୋମବାରୀ ଧାଙ୍ଗଡ଼ିମାଝୀ ଓ ସମ୍ପାଦକ ଶ୍ରୀ ବାଳକୃଷ୍ଣ ଦେହୁରୀ ତଥ୍ୟ ସଂଗ୍ରହ ବେଳେ ଅନେକ ସାହାଯ୍ୟ କରି ମୋତେ କୃତଜ୍ଞ କରିଛନ୍ତି ।

ବଣ୍ଡାମାନଙ୍କ ମଧ୍ୟରେ ବିବର୍ତ୍ତନର ଧାରା କର୍ମବର୍ଦ୍ଧିଷ୍ଣୁ । ଏପରି ପରିସ୍ଥିତିରେ ବଣ୍ଡା ସଂସ୍କୃତି ଓ ପରମ୍ପରାକୁ ଖୋଜିବା ସହଜ ସାଧ୍ୟ ନୁହେଁ । ଏ କ୍ଷେତ୍ରରେ ଅନେକ ଶୁଭେଚ୍ଛୁ ବଣ୍ଡା ବନ୍ଧୁଙ୍କ ସହଯୋଗ ମୋତେ ଏ କାର୍ଯ୍ୟକୁ ସରଳ କରିଛି । ଏମାନଙ୍କ ମଧ୍ୟରେ ଖେମାଗୁରୁ ସ୍କୁଲର ହେଡ୍‌ପଣ୍ଡିତ ଶ୍ରୀ ଲକ୍ଷ୍ମଣ ମାହ୍ରା କନ୍ଧଗୁଡ଼ା ଗ୍ରାମର ଶ୍ରୀ ସୋମା ଧାଙ୍ଗଡ଼ି ମାଝୀ, ଖଇରପୁଟ୍ ବ୍ଲକ୍ ସମିତିସଭ୍ୟା ଶ୍ରୀମତୀ ମଙ୍ଗଳା ଧାଙ୍ଗଡ଼ିମାଝୀ, ଶ୍ରୀ ସୁକ୍ରା ସିମାଦୋରା, ଗୁରୁବାରୀ, ମଙ୍ଗୁଳୀ, କାରାମା, ସନିକି, ମୁଦୁଲିପଡ଼ା ଗ୍ରାମର ଶ୍ରୀ କାଳିଆ ମୁଦୁଲି, ଶ୍ରୀ ଲଛିମି ମୁଦୁଲି, ମଙ୍ଗୁଳି, ଆଦିବାରୀ, ପେଡ଼ଇଗୁଡ଼ା ଗ୍ରାମର ଶ୍ରୀ ଲଛିମି ମୁଦୁଲି ଶ୍ରୀ ଦଳେଇ ମୁଦୁଲି, ଗାପାଙ୍ଗ, ମଙ୍ଗୁଳି ସୁକ୍ରି, ସନିକି, ଆଦିବାରୀ, ଅଷ୍ଟାହାଲ୍ ଗ୍ରାମର ଶ୍ରୀ ସାଧୁ ସିସା, ସୋମା ସନିଆ, ବାନ୍ତିପଡ଼ା ଗ୍ରାମର ଶ୍ରୀଯୁକ୍ତା ଶୁକ୍ରା ମାହ୍ରା, ଶ୍ରୀ ମଙ୍ଗଳା ମାହ୍ରା ଇତ୍ୟାଦି ମାନଙ୍କର ସାହାଯ୍ୟ ଓ ସହଯୋଗ ଚିର ସ୍ମରଣୀୟ ।

ଖୁବ୍ କମ୍ ସମୟ ଭିତରେ ଏହି ପୁସ୍ତକର ଡିଟିପି ଏବଂ ସଜ୍ଜିକରଣ କାର୍ଯ୍ୟ ଶ୍ରୀ ଉରଚ ଚନ୍ଦ୍ର ନାୟକ ଏବଂ ଶ୍ରୀ ଯୁଧିଷ୍ଠିର ସାହୁଙ୍କ ଦ୍ୱାରା ସମାହିତ ହୋଇଥିବାରୁ ସେମାନଙ୍କ ନିକଟରେ ମୁଁ କୃତଜ୍ଞ ।

ପରିଶେଷରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀର ନିର୍ଦ୍ଦେଶକ ଡ଼. ଅନନ୍ତ ଚରଣ ସାହୁଙ୍କ ପ୍ରଚ୍ଛନ୍ନ ସହଯୋଗ, ପାଣ୍ଡୁଲିପି ପ୍ରସ୍ତୁତ ଏବଂ ସମ୍ପନ୍ନ କ୍ଷେତ୍ରରେ ଯଥୋଚିତ ମାର୍ଗ ଦର୍ଶନ, ବିଭିନ୍ନ ଅଧ୍ୟାୟକୁ ଗଭୀର ବିଶ୍ଳେଷଣ ପୂର୍ବକ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

ଶ୍ରୀଜିତେନ୍ଦ୍ରକୁମାର ମାହାଲା

ସୂଚୀପତ୍ର

କ୍ର.ସଂ	ବିଷୟ	ପୃଷ୍ଠା
I.	ମୁଖବନ୍ଧ	
II.	କୃତଜ୍ଞତା	
III.	ଉପକ୍ରମଣିକା	୦୧-୦୬
୧.	ବସତି ନମୂନା	୦୭-୨୭
୨.	ବାସଗୃହ	୨୮-୪୨
୩.	ଖାଦ୍ୟ ଓ ଖାଦ୍ୟାଭ୍ୟାସ	୪୩-୭୬
୪.	ପାନୀୟ	୭୭-୧୦୨
୫.	ଯୁବଶୟନାଗାର	୧୦୩-୧୨୮
୬.	ଜନ୍ୟାସୁନା	୧୨୯-୧୫୦
୭.	କୃଷି ପଞ୍ଜିକା	୧୫୧-୧୫୯
୮.	ସଂଗୃହୀତ ବନଜାତ ଦ୍ରବ୍ୟ ପଞ୍ଜିକା	୧୬୦-୧୬୬
୯.	ଶ୍ରମ ସମବାୟ	୧୬୭-୧୮୨
୧୦.	ପାରମ୍ପରିକ ଗ୍ରାମସଭା	୧୮୩-୨୦୩
୧୧.	ପର୍ବପର୍ବାଣୀ ପଞ୍ଜିକା	୨୦୪-୨୧୬
୧୨.	ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ	୨୧୭-୨୪୬
୧୩.	ବୈଦ୍ୟ ଓ ଔଷଧ	୨୪୭-୨୭୫
୧୪.	ପାରମ୍ପରିକ ଚାରୁ ଓ କାରୁକଳା	୨୭୬-୩୧୪
୧୫.	ପଡୋଶୀ ପ୍ରଜାତିକ ଗୋଷ୍ଠୀ	୩୧୫-୩୨୫

ଉପକ୍ରମଣିକା

ବନ ବନାନୀ ଘେରା ଓଡ଼ିଶା ତା'ର ପ୍ରକୃତି କୋଳରେ ସ୍ଥାନ ଦେଇଛି ଅନେକ ଜାତି, ଜନଜାତି ଓ ଉପଜାତିର ଲୋକ ସମୂହ। ଏଥି ମଧ୍ୟରୁ ୬୨ ପ୍ରକାର ଜନଜାତିକୁ ଆଦିବାସୀ ସୂଚୀବଦ୍ଧ କରାଯାଇଥିବାବେଳେ ତହିଁରୁ ୧୩ଟି ଗୋଷ୍ଠୀକୁ ଅତି ଆଦିମ ଅଧିବାସୀର ମାନ୍ୟତା ଦିଆଯାଇଛି । ଏହି ଆଦିମ ଅଧିବାସୀଙ୍କ ମଧ୍ୟରୁ ବଣ୍ଡା ଅନ୍ୟତମ। ସେମାନେ ନିଜକୁ "ରେମୋ" (ମଣିଷ) ବୋଲି ପରିଚୟ ଦେଇଥାନ୍ତି । ସେମାନେ ଓଡ଼ିଶାର ଦକ୍ଷିଣାଞ୍ଚଳରେ ଥିବା ମାଲକାନଗିରି ଜିଲ୍ଲାସ୍ଥିତ ମାଛକୁଣ୍ଡ ନଦୀର ଉତ୍ତର ପଶ୍ଚିମ ଦିଗକୁ ଖଇରପୁଟ ବ୍ଲକ୍ ପାର୍ବତ୍ୟାଞ୍ଚଳରେ ବସବାସ କରନ୍ତି ।

ଆଧୁନିକ ସଭ୍ୟତାର ଚାକଚକ୍ୟ ଠାରୁ ଏବେ ବି ବଣ୍ଡା ସମ୍ପ୍ରଦାୟ ଦୂରରେ । ସେମାନେ ତଥାକଥିତ ସଭ୍ୟସମାଜର ଲୋକ ସମୂହ ଠାରୁ ଅଲଗା ବସବାସ କରିଆସୁଛନ୍ତି । ତେଣୁ ସେମାନଙ୍କର ନିଜସ୍ୱ ପରିଚିତି ଓ ସଂସ୍କୃତି କିଛି ପରିମାଣରେ ସୁରକ୍ଷିତ ରହିଛି । ସେମାନଙ୍କର ଚାଲିଚଲଣ ଏବଂ ବେଶ ପୋଷାକର ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ସେମାନେ ଅନ୍ୟ ମାନଙ୍କର ଦୃଷ୍ଟି ଆକର୍ଷଣ କରନ୍ତି । ଏପରିକି ସରକାରୀ କର୍ମଚାରୀ ଓ ତଳ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ବଣ୍ଡାମାନଙ୍କୁ ଉନ୍ନାସିକତା ଦୃଷ୍ଟିରେ ଦେଖି ଆସିବା ଜିନ୍ଦି ନୂଆ କଥା ନୁହେଁ । ବେଳେବେଳେ "ବର୍ବର" କିମ୍ବା "ମାର୍ଜିତ ବର୍ବର" ଲାଗୁ ମନ୍ତବ୍ୟ ଦେବା ଶୁଣାଯାଏ ।

ବଣ୍ଡାମାନଙ୍କର ପାରମ୍ପରିକ ସଂସ୍କୃତି, ମୌଳିକ ଭାଷା ଓ ବ୍ୟବହାର, ହିଂସ୍ର ଓ କ୍ରୋଧୀ ମନୋଭାବ, ଦୁର୍ଦ୍ଦାନ୍ତ ପ୍ରବୃତ୍ତି, ଉଗ୍ର ମଧୁର ସ୍ୱଭାବ, ବଣ୍ଡା ରମଣୀ ମାନଙ୍କର ପ୍ରାୟ ଅର୍ଦ୍ଧୋଲଗ୍ନ ପରିଧାନ ପରିପାଟି ସର୍ବୋପରି ଅଞ୍ଚଳର ଅବସ୍ଥିତି ବଣ୍ଡାମାନଙ୍କୁ ବାହ୍ୟ ସମାଜଠାରୁ ସଂପୂର୍ଣ୍ଣ ଅଲଗା କରିରଖିଛି ।

ଯାହାହେଉ କେତେକ ଜ୍ଞାନି ଗୁଣି ଲୋକ ଓ ପୁରୁଖା ବଣ୍ଡାଲୋକମାନଙ୍କ ମତରେ ବଣ୍ଡା, ପରଜା, ଡିଡ଼ାଇ, ଗଦବା ଇତ୍ୟାଦି ଗୋଟିଏ ବଂଶୋଦ୍ଭବ ବୋଲି କହିଥାନ୍ତି । କିନ୍ତୁ ଏମାନଙ୍କର ସଂସ୍କୃତି,ସମାଜ, ଭାଷା, ଚାଲିଚଳନ, ଆଚାରବ୍ୟବହାର, ଖାଦ୍ୟପେୟ,ପୋଷାକ ପରିପାଟୀ ଇତ୍ୟାଦିକୁ ଟିକିଏ ନିରିକ୍ଷଣ କରିଦେଖିଲେ ଏମାନଙ୍କ ମଧ୍ୟରେ ପାର୍ଥକ୍ୟ ଥିବାର ସ୍ପଷ୍ଟ ବାରିହୁଏ ।

ସମୁଦ୍ର ପଉନ ଠାରୁ ପ୍ରାୟ ୩୦୦୦ ଫୁଟ୍ ଉଚ୍ଚରେ ବଣ୍ଡା ପାହାଡ଼ ଅବସ୍ଥିତ । ଏହାର ଶୀର୍ଷରେ ଠିଆହେଲେ ପଶ୍ଚିମରେ ମାଲାକାନଗିରିର ସମତଳ ଅଞ୍ଚଳ ଓ ପୂର୍ବରେ ମାଇକୁଣ୍ଡ ନଦୀର ଉପତ୍ୟକା ଦୃଷ୍ଟିଗୋଚର ହୁଏ । ଏହିପରି ଏକ ସୁଦୂର, ଦୁର୍ଗମ ପାର୍ବତ୍ୟାଞ୍ଚଳର ଶୀର୍ଷରେ ବସବାସ କରନ୍ତି ବଣ୍ଡା ଆଦିମ ଅଧିବାସୀ । ଏହାର ଆୟତନ ୧୫୦ ବର୍ଗ କି.ମି. ଏବଂ ଏହା ୧୭ "୩୦ "ଫୁଟରୁ ୧୮ "-୪୫ " ଫୁଟ ଉତ୍ତର ଆକ୍ଷାଂଶ ଓ ୮୧ "-୩୧ "ଫୁଟରୁ ୮୨ "-୩୦ "ଫୁଟ୍ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଏହି ଅଞ୍ଚଳଟି ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ, ଖଇରପୁଟ ଠାରୁ ୧୩ କି.ମି., ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ମାଇକାନଗିରି ଠାରୁ ୭୦ କି.ମି. ଓ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରୁ ପ୍ରାୟ ୫୮୦ କିମି. ଦୂରରେ ଅବସ୍ଥିତ । ଖଇରପୁଟ ବଜାର ଛକ ଠାରୁ ଉତ୍ତର ପୂର୍ବକୁ ଲମ୍ବିଥିବା ପିଚୁରାସ୍ତାଟି ବଣ୍ଡା ଅଞ୍ଚଳକୁ ଯାଇଛି । ଏହି ରାସ୍ତାର ପ୍ରାୟ ୪ କିମି ଗଲାପରେ ଘାଟି ଆରମ୍ଭ ହୁଏ । ଏହି ଘାଟିର ପ୍ରାୟ ପାଞ୍ଚ କି.ମି ଆଗକୁ ଚଢ଼ିଲେ ବଣ୍ଡା ଅଞ୍ଚଳର ଫାଟକରେ ଜଗିବସିଛନ୍ତି ମା ଡ଼ାଲଖାଇ । ପୁଣି ସେହି ରାସ୍ତାରେ ଆଗକୁ ପ୍ରାୟ ୪ କିମି ଗଲାପରେ ବଣ୍ଡା ଅଞ୍ଚଳର କେନ୍ଦ୍ରବିନ୍ଦୁ ଓ ମୁଦୁଲିପଡ଼ା ଗ୍ରାମରେ ପାଦ ରଖିହୁଏ । ଏହି ଗ୍ରାମରୁ ଅନ୍ୟ ଗ୍ରାମମାନଙ୍କୁ ମାଟି ରାସ୍ତା ଓ କଚ୍ଚା ରାସ୍ତାମାନ ଲମ୍ବିଅଛି । ଏଠାରେ କେବଳ ଗ୍ରୀଷ୍ମ, ବର୍ଷା ଓ ଶୀତ ଏହିପରି ତିନୋଟି ଋତୁର ଅନୁଭବ କରାଯାଏ ।

ନିକଟ ଅତୀତରେ (ନଭେମ୍ବର ୨୦୦୧ ମସିହା) ଆର୍ନ୍ତଜାତିକ ଶ୍ରମ ସଂଗଠନ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଏ ଯେ ଉପର ବଣ୍ଡାମାନେ ୧୫୦ ବର୍ଗ କି.ମି ବିଶିଷ୍ଟ ଅଞ୍ଚଳରେ ଭିନ୍ନ ଭିନ୍ନ ୩୩ଟି ଗ୍ରାମରେ ବସବାସ କରନ୍ତି । ମୋଟ ପରିବାର ସଂଖ୍ୟା ୧୪୯୩ ଓ ମୋଟ ଜନସଂଖ୍ୟା ୫,୫୩୦ ଜଣ । ମୋଟ ଜନସଂଖ୍ୟାର ୨,୫୬୩ ଜଣ ପୁରୁଷ ଥିଲାବେଳେ ୨,୯୬୭ ଜଣ ସ୍ତ୍ରୀ ଅଛନ୍ତି । ଏମାନଙ୍କର ପୁରୁଷ ଓ ସ୍ତ୍ରୀର ଅନୁପାତ ୧୦୦୦ : ୧୧୫୮ ଅଟେ । ସ୍ୱାକ୍ଷର ହାର ଖୁବ୍ ନିମ୍ନ ଅର୍ଥାତ୍ ମାତ୍ର ୬.୩୫% ବ୍ୟକ୍ତି ସ୍ୱାକ୍ଷର ଏବଂ ଏଥିରୁ ପୁରୁଷ ସ୍ୱାକ୍ଷର ହାର ୧୦.୬୯ % ହୋଇଥିଲା ବେଳେ ସ୍ତ୍ରୀ ସ୍ୱାକ୍ଷାର ହାର ମାତ୍ର ୨.୬ % ଅଟେ ।

ସାମାଜିକ ଜୀବନକୁ ବିଚାର କଲେ ବଣ୍ଡାମାନଙ୍କର ଐକ୍ୟ କେନ୍ଦ୍ରିୟ ପରିବାର ନଜରକୁ ଆସେ । ସ୍ୱାମୀ, ସ୍ତ୍ରୀ ଓ ଅବିବାହିତ ପୁଅଝିଅକୁ ନେଇ ବଣ୍ଡାର ଛୋଟ ସୁଖୀ ପରିବାର । ଏହାର ମୁଖ୍ୟକର୍ତ୍ତା, କର୍ମଧାର ଓ ଶାସକ ହିସାବରେ ପିତାଙ୍କର ପ୍ରାଧାନ୍ୟ

ରହିଥାଏ । ସେମାନଙ୍କର ତ୍ରୁଟିପୂର୍ଣ୍ଣ ଶିଶୁ ଯତ୍ନ ପ୍ରାଣାଳୀ, ସାମାଜିକରଣ ପ୍ରଣାଳୀ, ଅତ୍ୟଧିକ ସ୍ୱାଧୀନତା, ସାମୁହିକ ଖେଳକୁଦର ଅଭାବ, ଲୋକକଥା ଓ ସଂସ୍କୃତିର ପ୍ରୋତ୍ସାହନ ବଣ୍ଡାପୁରୁଷମାନଙ୍କୁ କରିଦିଏ ହିଂସ୍ର, ଉଗ୍ର, କ୍ରୋଧୀ, ହିଂସାପରାୟଣ, ସନ୍ଦେହୀ ଓ ଅପରପକ୍ଷରେ ସାହାସୀ, ସ୍ୱାଧିନଚେତା,ସମାନତା ଇତ୍ୟାଦି ଗୁଣମାନଙ୍କର ପରିପ୍ରକାଶ ହୁଏ । ମହିଳାମାନେ ସାଧାରଣତଃ ଶାନ୍ତ, ଶିଷ୍ଟ, ନମ୍ର ଭଦ୍ର, ସ୍ନେହୀ, ଦୟାଳୁ, ପରୋପକାରୀ, ଅତିଥିସେବକ, ଧର୍ମପରାୟଣ ଇତ୍ୟାଦି ହୋଇଥାନ୍ତି । ଯାହାହେଉ ଛୁଆମାନେ ୧୦-୧୨ ବର୍ଷର ହୋଇଗଲେ ସେମାନେ ଧାଙ୍ଗଡ଼ିବସାରେ ରାତ୍ରୀଯାପନ କରନ୍ତି । ଏଠାରେ ସେମାନେ ଆନନ୍ଦ ଉପଭୋଗ କରନ୍ତି, ଜୀବନସାଥି ବାଛନ୍ତି, ଭବିଷ୍ୟତ ଜୀବନ ପାଇଁ ଆଚାର ବ୍ୟବହାର ଓ ବିଭିନ୍ନ କାର୍ଯ୍ୟମାନ ଶିକ୍ଷା କରିଥାନ୍ତି । ବିବାହ ପରେ ସ୍ୱାମୀସ୍ତ୍ରୀ ପରସ୍ପରକୁ ଯଥାବିଧି ସମ୍ବର୍ଦ୍ଧନା କରି କର୍ମଜଞ୍ଜାଳରେ ଲିପ୍ତ ରହି ବଂଶବୃଦ୍ଧି କରି, ପରସ୍ପର ଦୁଃଖସୁଖରେ ସାଥ ହୋଇ ସୁଖମୟ ଜୀବନ ଯାପନ କରିଥାନ୍ତି । ବିବାହ ପରେ ପୁଅ ନୂଆ ଘର କରି ରହେ କିନ୍ତୁ ବାପା ସହିତ ଏକାଠି ଚାଷ କରି ଉତ୍ପାଦିତ ଶସ୍ୟକୁ ଭାଗ କରିନେବାର ପ୍ରଥା ବଣ୍ଡାମାନଙ୍କ ମଧ୍ୟରେ ପ୍ରଚଳିତ ଅଛି । ବେଳେବେଳେ ସ୍ୱତନ୍ତ୍ର ଭାଗେ ବିବାହିତ ପୁଅମାନଙ୍କ ସହ ବୃଦ୍ଧ ପିତାମାତା ରହିବାର ଦେଖାଯାଏ । ଏହା ବ୍ୟତୀତ ବହୁ ପତ୍ନୀକ ପରିବାର ମଧ୍ୟ ଥିବାର ନମୁନା ରହିଛି । ଉତ୍ତରାଧିକାରୀ ସୂତ୍ରରେ ପୁଅମାନେ ବାପାଙ୍କର ଗୋତ୍ର ଓ ଧନସଂପତ୍ତି ଅଧିକାର କରନ୍ତି ଓ ବିବାହ ପରେ ଝିଅ ସ୍ୱାମୀର ପରିବାରରେ ସାମିଲ ହୁଏ । ଯାହାହେଉ, ବଣ୍ଡା ପରିବାର ଏକ ସ୍ୱୟଂସଂପୂର୍ଣ୍ଣ ସାମାଜିକ ଓ ଅର୍ଥନୈତିକ ସଂଗଠନ ।

ଜାମ ଲାଳସାକୁ ଚରିତାର୍ଥ କରି ବଂଶବୃଦ୍ଧି କରିବା ଓ ଦୈନନ୍ଦିନ ଜୀବନରେ ସାହାଯ୍ୟ ସହଯୋଗ ପାଇଁ ବଣ୍ଡା ପୁଅ ତା'ଠାରୁ ବୟସରେ ବଡ଼ ଗୋଟିଏ ଝିଅକୁ ବିବାହ କରିଥାଏ । ଏମାନଙ୍କର ବ୍ୟୟବହୁଳ ଓ ଦୀର୍ଘସୂତ୍ରୀ ନିୟମିତ ବିବାହକୁ "ସେବୁଙ୍ଗ" କହିଥାନ୍ତି । ଏବେ ସେବୁଙ୍ଗ ପ୍ରଥାନୁସରଣ କରି ବିବାହ କରିବାର ନମୁନା ପ୍ରାୟ ବିରଳ । ଧାଙ୍ଗଡ଼ିବସାରୁ କନ୍ୟାକୁ ରାଜି କରି ବିବାହ କରିବା (ସାଲାକବୋଇ) ଓ ପିତାମାତାକୁ କନ୍ୟାସୁନା ଦେଇ ଝିଅକୁ ବିବାହ କରିବା (ଲୁଲୁଉଇକା) ବିବାହ ବଣ୍ଡାମାନଙ୍କ ମଧ୍ୟରେ ଲୋକପ୍ରିୟ ପ୍ରଥା ଅଟେ । ଏହା ବ୍ୟତୀତ ଜୋର ଜବରଦସ୍ତ ଟାଣି ବିବାହ କରିବ । (ଗୁବୟ ଗୁଡ଼ ରୁଙ୍ଗ), ପୁଅଝିଅ ନିଜ

ଇଚ୍ଛାରେ ମନରାଜି ହୋଇ ବିବାହ କରିବା (ଉଦଲା), ଝିଅ ଅରାଜିଥିବା ପୁଅ ଘରେପଶି ପୁଅକୁ ବିବାହ କରିବା (ଉଡ଼ାକ) କନ୍ୟା ଅଦଳ ବଦଳ କରି ବିବାହ କରିବା (ବୋଦଲାଇ), ଘରଜ୍ୱାୟାଁ ବିବାହ (ପରଜ୍ୱାଇଁଆ) ବିଧବା ବିବାହ (ଗୁଇସଙ୍ଗଗୁଇ) ଶାଳିବିବାହ (ଗିରିଇବର ଛୁଆଁ) ସ୍ୱାମୀର ସାନଭାଇକୁ ବିବାହ (ଆମ୍ଲିଙ୍ଗବୁଆଁ), ସ୍ୱାମୀର ବଡ଼ଭାଇକୁ ବିବାହ (ଅଙ୍କିମିବୁଆଁ), ସ୍ୱାମୀ ଜୀବିତ ଥିବା ବେଳେ ସ୍ତ୍ରୀ ନିଜ ସ୍ୱାମୀକୁ ଛାଡ଼ି ଅନ୍ୟକାହାକୁ ବିବାହ କରିବା (ଉଦାଉଜନ / ଡ଼ାକଉରୋ / ଡୁରଡୁରଗା) ଇତ୍ୟାଦି ବିବାହ ବଣ୍ଡାମାନଙ୍କ ମଧ୍ୟରେ ପ୍ରଚଳିତ ହୋଇଆସୁଅଛି । ବଣ୍ଡା ପୁରୁଷମାନେ ସ୍ତ୍ରୀମାନଙ୍କୁ ଅତି ସହଜ ଭାବରେ ଛାଡ଼ପତ୍ର ଦେଇଥାନ୍ତି ଓ ସ୍ତ୍ରୀମାନେ ମଧ୍ୟ ଆବଶ୍ୟକସ୍ଥଳେ ପୁରୁଷମାନଙ୍କୁ ଛାଡ଼ପତ୍ର ଦେଇଥାନ୍ତି ।

ଏହି ବଣ୍ଡାମାନେ କେତେକ ଗୋତ୍ରରେ ବିଭକ୍ତ ହୋଇଥାନ୍ତି । ସେହି ଗୋତ୍ରଗୁଡ଼ିକ ହେଉଛନ୍ତି ବଡ଼ ନାୟକ,ଶିଶା, ମୁଦୁଲି, ଚାଲାଣ, ଧାଙ୍ଗଡ଼ାମାଝୀ ଜିର୍ସିନୀ ଝିଗିଡ଼ି, ହୋର ଓ ମାନ୍ଦ୍ରା । ନିଜ ଗୋତ୍ର ଓ ଗ୍ରାମର ଝିଅ ପୁଅ ମଧ୍ୟରେ ବିବାହ ବିଧେୟ ନୁହେଁ । (କିନ୍ତୁ ଅଣ୍ଡାହାଲ ଗ୍ରାମରେ ଏହା ଅନୁମୋଦିତ) । ଶେଷ ତିନୋଟି ଗୋତ୍ର ବ୍ୟତୀତ ଅନ୍ୟ ସବୁଗୁଡ଼ିକ ମୂଳ ଗୋତ୍ର ଭାବେ ବିଚାର କରାଯାଏ । ଏହି ପ୍ରତ୍ୟେକ ଗୋତ୍ରର ପାରମ୍ପରିକ କର୍ମମାନ ରହିଅଛି । ଶିଶା ପୂଜାରୀ ହୋଇ ଦେବାଦେବୀଙ୍କୁ ପୂଜାପାଠ କରି ସନ୍ତୁଷ୍ଟ କରେ। ବଡ଼ନାୟକ ପାରମ୍ପରିକ ଗାଁ ସଭାର ମୁଖିଆ ହୋଇ ଗାଁର ଉଇମନ୍ଦ ଦେଖାଶୁଣା କରେ, ଚାଲାଣ ମୁଖିଆକୁ କାର୍ଯ୍ୟରେ ସାହାଯ୍ୟ କରେ, ଧାଙ୍ଗଡ଼ାମାଝି ଯୁବକଯୁବତୀମାନଙ୍କର କାର୍ଯ୍ୟ ତଦାରଖ କରେ ଓ ଜିର୍ସାନୀ ମୁଖିଆ ମାନଙ୍କର ଭାର (ଗଣ୍ଡୁଜି) ବୋହିବା କାର୍ଯ୍ୟ କରିଥାନ୍ତି । କିନ୍ତୁ ଏଥିରେ ଏବେ ବ୍ୟତିକ୍ରମ ଦେଖାଦେଲାଣି । ସମସ୍ତ ଗୋତ୍ର ପୁଣି ଓନ୍ତାଳ (ନାଗ) ଓ କିଲୋ (ବାଘ) ଏହିପରି ଦୁଇଟି ବଂଶ ଭାବରେ ବିଭକ୍ତ ହୋଇଛନ୍ତି ।

ବଣ୍ଡାମାନେ ପାରମ୍ପରିକ ରିତିରେ ଚାଷବାସ କରିଆସୁଛନ୍ତି । ଏମାନଙ୍କର ଚାଷବାସ ମୁଖ୍ୟତଃ ପ୍ରକୃତିର ଦୟା ଉପରେ ନିର୍ଭର କରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ବଣ୍ଡା ଜୀବନ ଖାଦ୍ୟ ଓ ଯୌନତୃପ୍ତି ବିନା ରଙ୍ଗହୀନ ଓ ବଣ୍ଡା ସଂସ୍କୃତି ପୋଡୁଚାଷ ବିନା ଅର୍ଥହୀନ। ତେଣୁ ପୋଡୁଚାଷ ବଣ୍ଡାର ଅର୍ଥନୈତିକ ଜୀବନରେ କେତେଯେ ଗୁରୁତ୍ୱପୂର୍ଣ୍ଣ ଏହା ସହଜରେ ଅନୁମାନ କରାଯାଇପାରେ । ଏହି

ଡଙ୍ଗରରେ ବିଭିନ୍ନପ୍ରକାର ଶସ୍ୟ ଓ ପନିପରିବା ଯଥା- ମଆଁ, ମାଣ୍ଡିଆ, ଅଳସୀ, ଜାଙ୍କଡ଼ାଆଖୁ, କାଙ୍ଗୀଜି କାନ୍ଦୁଲ, ବିରି,ମକା, ବାଜାର, ଲଙ୍କା, ବାଇଗଣ ଅମୃତଭଣ୍ଡା, ବିଲାତି ବାଇଗଣ, ଭେଣ୍ଡି, ବୋଇତାଳୁ, ଲାଉ, ଜହ୍ନି, ଛଞ୍ଚିଣା ଇତ୍ୟାଦି ଚାଷ କରାଯାଇଥାଏ । ପୋଡୁଚାଷ ବ୍ୟତୀତ ଏମାନେ ପଦା ଜମିରେ ଧାନ ସୁଆଁ, ମାଣ୍ଡିଆ, ଅଳସୀ ଇତ୍ୟାଦି ଓ ପାଣି ଜମିରେ କେବଳ ଧାନଚାଷ କରିଥାନ୍ତି । ବାଡ଼ିବଗିଚାରେ ବିଭିନ୍ନ ପ୍ରକାର ପନିପରିବା କରିଥାନ୍ତି । ଚାଷରୁ ଉତ୍ପନ୍ନ କରାଯାଉଥିବା ଶସ୍ୟ ଓ ଫଳମୂଳ ସେମାନଙ୍କର ଚାହିଦାକୁ ପୂରଣ କରିପାରେ ନାହିଁ । ତେଣୁ ସେମାନେ ଜଙ୍ଗଲକୁ ଖାଦ୍ୟ ପାଇବାର ସହାୟକ ଉତ୍ସ ହିସାବରେ ଗ୍ରହଣ କରିଥାନ୍ତି । ଜଙ୍ଗଲରୁ ବିଭିନ୍ନ ପ୍ରକାର ଶାଗ, ଡ଼ାଳ, ପତ୍ର, ଫୁଲ, ଫଳ, ମୂଳ, କନ୍ଦା, ଛତୁ, କରଡ଼ି, ସଂଗ୍ରହ କରି ଖାଦ୍ୟ ଅଭାବ ପୂରଣ କରନ୍ତି । ଏହା ବ୍ୟତୀତ ଜଙ୍ଗଲରୁ ପଶୁପକ୍ଷୀ ଶୀକାର କରି, ଜଳ ଉତ୍ସରୁ ମାଛ ଜଙ୍କଡ଼ା ସଂଗ୍ରହ କରି ଓ ଗୃହପାଳିତ ପଶୁପକ୍ଷୀଙ୍କର ମାଂସକୁ ଖାଦ୍ୟ ରୂପେ ବ୍ୟବହାର କରି ଖାଦ୍ୟକୁ ରଚିବୋଧ କରିଥାନ୍ତି । ଜଙ୍ଗଲ ବିଭିନ୍ନ କାର୍ଯ୍ୟ ପାଇଁ କାଠ ଓ ବାଉଁଶ ଯୋଗାଉଥାଏ ।

ବଣ୍ଡାମାନେ ଧର୍ମବିଶ୍ୱାସୀ । ସେମାନେ ବିଭିନ୍ନ ଦେବାଦେବୀଙ୍କୁ ପୂଜା ଆରଧନା କରି ଭୋଗ ଓ ବଳି ଦେଇ ସନ୍ତୁଷ୍ଟ କରି ନିଜର ମନୋକାମନା ପୂର୍ତ୍ତ କରିଥାନ୍ତି । ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀ ଓ ପୂଜାପାଠ ମଧ୍ୟରୁ ଗେବୁର ସିଂ, ସୁମେଗେଲିରାକ, ସୁସୁଗିଗେ ଓ ଗିଆଗିଗେ, ସାଗମୋଗିଗେ, କୁମ୍ଭକଡ଼ା ଗିଗେ ଇତ୍ୟାଦି ମଧ୍ୟ ଯତାବିଧି ପାଳନ କରାଯାଏ । ପୂଜାପାଠ କରିବା ପାଇଁ ଶିଶା (ପୂଜାରୀ) ଓ ଦିଶାରୀ (ଜ୍ୟୋତିଷ ଏବଂ ବୈଦ୍ୟ) ଆଦି କର୍ମକର୍ମୀଣିମାନଙ୍କର ସାହାଯ୍ୟ ନିଆଯାଏ । ପ୍ରତ୍ୟେକ ପୂଜାପାଠ ଓ ପର୍ବପର୍ବାଣୀରେ ପଶୁପକ୍ଷୀ ବଳି ନିଶ୍ଚିତ ଭାବେ ଦିଆଯାଏ । ଏହା ବ୍ୟତୀତ ଅଣ୍ଡା, କୀଟପତଙ୍ଗ, ମାଛ, ଜଙ୍କଡ଼ାକୁ ବଳି ହିସାବରେ ମଧ୍ୟ ବ୍ୟବହାର କରାଯାଏ । ଭୂତପ୍ରେତ, ଡ଼ାହାଣୀ, ଚିରକୁଣୀ ଓ ଅନ୍ୟାନ୍ୟ ଅଶରୀର ଶକ୍ତିମାନଙ୍କ ଉପରେ ଏମାନଙ୍କର ବଦ୍ଧମୂଳ ଧାରଣା ଓ ଭୟ ରହିଛି । ଏମାନେ ଗୁଣିଆ, ତାନ୍ତ୍ରିକ, ଡ଼ାହାଣୀ ଇତ୍ୟାଦି କର୍ମକର୍ମୀଣିକୁ ଖୁବ୍ ଭୟ ଓ ଘୃଣା କରନ୍ତି ।

ବଣ୍ଡାମାନଙ୍କର ହିଂସ୍ର, କ୍ରୋଧୀ ସନ୍ଦେହ, ହିଂସାପରାୟଣ ଇତ୍ୟାଦି ବଦ୍‌ଗୁଣକୁ ଆୟତ୍ତକରିବା ଏବଂ ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟ ସଂପାଦନ କରିବା ପାଇଁ ସେମାନଙ୍କର

ଏକ ପାରମ୍ପରିକ ରାଜନୈତିକ ଗ୍ରାମ ସଭା ଅଛି । ଏହାର ମୁଖିଆ ହିସାବରେ ନାୟକ, ସହକାରୀ ହିସାବରେ ଚାଲାଣ ଓ ବାର୍ତ୍ତାବହ ଓ ଚାକର ହିସାବରେ ବାରିକ କାମ କରୁଥିବାର ଦେଖାଯାଏ । ଏଠାରେ ବିଭିନ୍ନ ବିଷୟରେ ନିଷ୍ପତ୍ତି ନିଆଯାଏ, ଦୋଷୀକୁ ଦଣ୍ଡଦିଆଯାଏ ଓ ଦଣ୍ଡିତକୁ ନ୍ୟାୟ ଦିଆଯାଏ ।

ଯାହାହେଉ ଏହି ବଣ୍ଡା ଅଞ୍ଚଳ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏବଂ ଏଠାରେ ମାନବସମ୍ବଳର ଅଭାବ ମଧ୍ୟନାହିଁ । ସରକାରଙ୍କର ସୁଦୃଷ୍ଟି ଫଳରେ ବଣ୍ଡାମାନଙ୍କର ଉନ୍ନତି ପାଇଁ ମୁଦୁଲିପଡ଼ା ଠାରେ ବଣ୍ଡା ଉନ୍ନୟନ ସଂସ୍ଥା ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଅଛି । ତଥାପି ଆଜି ସନ୍ତୋଷଜନକ ଭାବେ ବଣ୍ଡାମାନଙ୍କର ଉନ୍ନତି କରାଯାଇପାରି ନାହିଁ କିନ୍ତୁ ପରିବର୍ତ୍ତନର ସ୍ୱାଦ ଚାଖିଲେଣି ବଣ୍ଡାମାନେ । ବଣ୍ଡାମାନଙ୍କର ବିଭିନ୍ନ ସଦ୍‌ଗୁଣ ରହିଛି । ବଣ୍ଡା ସମାଜ ଓ ସଂସ୍କୃତିରେ ଅନେକ ଉପକାରୀ ତଥ୍ୟ ଲୁଚି ରହିଅଛି ଯାହାକୁ ବ୍ୟବହାର କରି ବଣ୍ଡାମାନଙ୍କରେ ଉନ୍ନତି ଅତି ସହଜରେ କରିହେବ । ତେଣୁ ସେଥିପ୍ରତି ଧ୍ୟାନ ଦେବା ବିଧେୟ । ବଣ୍ଡା ସମାଜ ଓ ସଂସ୍କୃତି ମଧ୍ୟ ପରିବର୍ତ୍ତନମୁଖୀ ହେଲାଣି । ତେଣୁ ବଣ୍ଡା ସଂସ୍କୃତିର ସଂରକ୍ଷଣ କରିବା ଓ ବଣ୍ଡା ସଂସ୍କୃତିରେ ଥିବା ଉପକାରୀ ତଥ୍ୟକୁ ଯଥାସାଧ୍ୟ ଖୋଜି ବାହାର କରିବାକୁ ଯାଇ ଏହାର କେତେଗୁଡ଼ିଏ ବିଷୟ ଉପରେ ମୁଖ୍ୟତଃ ଆଲୋକପାତ କରାଯାଇଛି ।

●●●

ବସତି ନମୂନା

ଉପର ବଣ୍ଡା ଗ୍ରାମଗୁଡ଼ିକ ମୁଖ୍ୟତଃ ଦୁଇଟି ପଞ୍ଚାୟତ -ମୁଦୁଲିପଡ଼ା ଓ ଅଣ୍ଡାହାଲ ଗ୍ରାମ ପଞ୍ଚାୟତରେ ବିସ୍ତିର୍ଣ୍ଣ ହୋଇରହିଛି । ଉକ୍ତ ଦୁଇଟି ଗ୍ରାମ ପଞ୍ଚକାୟତରେ ଗ୍ରାମ ଓ ସାହି ମିଶି ସର୍ବମୋଟ ୩୨ ଜନବସତି ଏବଂ ରାସବେଡ଼ା ଗ୍ରାମ ପଞ୍ଚାୟତରେ ଗୋଟିଏ ଗ୍ରାମକୁ ଉପରବଣ୍ଡାଅଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଛି । ଏହିପରି ସର୍ବମୋଟ ୩୩ଟି ଗ୍ରାମ ଏବଂ ୪ଟି ଅନଧିକୃତ ଗ୍ରାମକୁ ନେଇ ଉପରବଣ୍ଡା ଅଞ୍ଚଳ ଗଠିତ ହୋଇଅଛି । ମୁଦୁଲିପଡ଼ା ଗ୍ରାମପଞ୍ଚାୟତର ଗ୍ରାମଗୁଡ଼ିକ ନାମ- (୧) ମୁଦୁଲିପଡ଼ା, (୨) ପଡ଼େଇଗୁଡ଼ା, (୩) ବନ୍ଧଗୁଡ଼ା, (୪) ଦାନ୍ତିପଡ଼ା, (୬) ବଡ଼ପଡ଼ା, (୭)ତୁଳାଗୁରମ, (୮) ବାଉଁଶପଡ଼ା, (୯) ବାଣ୍ଡିଗୁଡ଼ା, (୧୦) ଚାଲାଣପଡ଼ା, (୧୧) କିର୍ସାନୀପଡ଼ା, (୧୨) ସିଲେଇଗୁଡ଼ା, (୧୩) ଗୋଫୁର ପଡ଼ା, (୧୪) ରାମଲିଗୁଡ଼ା, (୧୫) ପିଣ୍ଡାଜାଙ୍ଗର, (୧୬) କାଦଗୁଡ଼ା, (୧୭) ବରଗୁଡ଼ା, (୧୮) କିଚାପଡ଼ା,(ଏହି ଗ୍ରାମର ଚାରୋଟି ବସ୍ତି ଯଥା ବେଲଗୁଡ଼ା, ବାଲିଗୁଡ଼ା, ବଇରିଗୁଡ଼ା ଓ ମାଶାଣିଗୁଡ଼ା ନାମରେ ରହିଅଛି ।) (୧୯) ବଣ୍ଡାପଡ଼ା, (୨୦) ଗୁଲଙ୍ଗପଦର, (୨୧) ତୁଷେଇପଡ଼ା । ଅଣ୍ଡାହାଲ ଗ୍ରାମପଞ୍ଚାୟତରେ ଥିବା ଗ୍ରାମଗୁଡ଼ିକର ନାମ (୧) ଅଣ୍ଡାହାଲ, (୨) କାଡାମଗୁଡ଼ା, (୩) ବିର୍ଷାପଡ଼ା, (୪) ଭାଲିଆପଦର, (୫) କାଦଗୁଡ଼ା, (୬) ବଡ଼ବେଲ, (୭) ତୁମୁରିପଡ଼ା, (୮) ଉଡାଙ୍ଗଗୁଡ଼ା, (୯) ଗୋଇଗୁଡ଼ା, (୧୦) ସୋନୁଗୁଡ଼ା, (୧୧) କାରମାଗୁଡ଼ା । ଏହା ବ୍ୟତୀତ ରସବେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତଗାବେଡ଼ା ଗ୍ରାମକୁ ଉପରବଣ୍ଡା ଗ୍ରାମ ହିସାବରେ ବିବେଚନା କରାଯାଏ ।

ସମସ୍ତ ଗ୍ରାମକୁ ୨ ଭାଗରେ ବିଭକ୍ତ କରାଯାଇପାରେ । ଆଦ୍ୟରୁ ସୃଷ୍ଟ ପ୍ରଥମ ୧୨ଟି ଗ୍ରାମକୁ ମିଶାଇ କୁହାଯାଏ ବାରଜାଙ୍ଗର ଦେଶ ଓ ଅନ୍ୟ ଗ୍ରାମଗୁଡ଼ିକୁ ଗଦବା ଅଧୁଷିତ ଗ୍ରାମ କୁହାଯାଏ । ବାରଜାଙ୍ଗର ଦେଶର ଗ୍ରାମଗୁଡ଼ିକ ମହାପ୍ରଭୁ ପାଟଖଣ୍ଡାଙ୍କୁ ପୂଜାପାଠ କରନ୍ତି ଓ ଅନ୍ୟମାନେ ପାଟଖଣ୍ଡା ପୂଜାରେ ଅଂଶ ଗ୍ରହଣ କରନ୍ତି ନାହିଁ । ବାରଜାଙ୍ଗର ଦେଶର ମୂଳ ବାରଟି ଗ୍ରାମର ନାମ (୧) ମୁଦୁଲିପଡ଼ା, (୨) କିର୍ସାନୀପଡ଼ା, (୩) ତୁଳାଗୁରମ, (୪) ବଣ୍ଡାପଡ଼ା, (୫) ବାଣ୍ଡିଗୁଡ଼ା, (୬)ବାଉଁଶପଡ଼ା, (୭) ଚାଲାଣ ପଡ଼ା, (୮) ପିଣ୍ଡାଜାଙ୍ଗର,(୯) ଗୋଫୁରପଡ଼ା, (୧୦) କିଚାପଡ଼ା, (୧୧)

ଦାନ୍ତିପଡ଼ା ଓ (୧୨) ଗୋଇଗୁଡ଼ା । କାଳକ୍ରମେ ଉକ୍ତଗ୍ରାମମାନ ବିଭକ୍ତ ହୋଇ ଅନ୍ୟଜେତେ ଗ୍ରାମ ସୃଷ୍ଟି ହେଲାଣି । ମୁଖ୍ୟ ଗଦବା ଅଧ୍ୟୁଷିତ ଗ୍ରାମଗୁଡ଼ିକନାମ ଅଣ୍ଡାହାଲ, ଡୁମୁରିପଡ଼ା, କାଡାମଗୁଡ଼ା, ବଡ଼ବେଲ ବଡ଼ପଡ଼ା ଇତ୍ୟାଦି ।

ଯାହାହେଉ ପ୍ରତ୍ୟେକ ବଣ୍ଡା ଗ୍ରାମଗୁଡ଼ିକ ଖୁବ୍ ଆକର୍ଷଣୀୟ । ବସ୍ତିଗୁଡ଼ିକ କେଉଁଠାରେ ପାହାଡ଼ର ପାଦଦେଶରେ ସ୍ଥାପନ କରାଗଲାବେଳେ ଅନ୍ୟ କେତେବେଳେ ଏହା ପାହାଡ଼ର ଢାଲୁରେ ତ ପୁଣି କେତେବେଳେ ପାହାଡ଼ର ମଧ୍ୟବର୍ତ୍ତୀ ସମତଳ ଉପତ୍ୟକା ଅଞ୍ଚଳରେ ବଣ୍ଡାବସ୍ତି ଗଢ଼ି ଉଠିଥାଏ । ବସ୍ତିଗୁଡିକ ମୁଖ୍ୟତଃ ଜଳଉତ୍ସର ନିକଟରେ ସ୍ଥାପନ କରାଯାଇଥାଏ । ବସ୍ତିର ପ୍ରତ୍ୟେକ ଗୃହର ଅବଲୋକନ, ସୌନ୍ଦଯ୍ୟବୋଧତା ରହିଥାଏ । ଗାଢ଼ ନୀଳରଙ୍ଗର ଆମ୍ବ ଓ ପଣସ ଗଛର ପତ୍ର ଆଡୁଆଜରେ ଧୂସର ରଙ୍ଗର ଘରଗୁଡ଼ିକ ଲୁଚକାଳି ଖେଳୁଥାଏ । ଗ୍ରାମର ଗୃହଗୁଡ଼ିକ କୌଣସି ଧରାବନ୍ଧା ନିୟମ ଦ୍ୱାରା ବନ୍ଦୋବସ୍ତ ହୋଇ ଗୃହ ନିର୍ମାଣ କରାଯାଇ ନଥାଏ । ଯାହାର ଯେଉଁଠି ଇଚ୍ଛା ହୁଏ ସେ ସେଠାରେ ଗୃହ ନିର୍ମାଣ କରିପାରେ । ତେଣୁ ସମୟ ଗ୍ରାମରେ ଗୃହଗୁଡ଼ିକ ଇତସ୍ତତ ଭାବରେ ବିଛୁଡ଼ି ହୋଇ ପଡ଼ିଥିଲା ପରି ମନେହୁଏ । କିନ୍ତୁ ବେଳେବେଳେ କୁଦା (ଗୋତ୍ର) ଅନୁଯାୟୀ କେତେକ ଘର ପାଖାପାଖି ନିର୍ମାଣ କରାଯାଇଥାଏ । ଉଦାହରଣସ୍ୱରୂପ ବଡ଼ପଡ଼ା ଓ ଅଣ୍ଡାହାଲ ଗ୍ରାମକୁ ନିଆଯାଇପାରେ । ଏଠାରେ ବଡ଼ନାୟକ କୁଦାର ଲୋକମାନେ ଗୋଟାଏ ସାହିରେ ବାସ କଲାବେଳେ, କିର୍ସାନୀମାନେ ଅନ୍ୟ ସାହିର ଓ ସିସାମାନେ ତୃତୀୟ ସାହିରେ । କୌଣସି ଏକ ପାରମ୍ପରିକ ବଣ୍ଡାଗ୍ରାମର ଘରଗୁଡ଼ିକ ଦେଖି ଗାଁର ମୁଖିଆ ଲୋକ, ଧନୀଲୋକ ଓ ପୂଜାରୀର ଘର କିମ୍ବା ଯୁବ ଶୟନାଗାର ଚିହ୍ନଟ କରାଯାଇପାରେ ନାହିଁ । ବେଳେବେଳେ ଧନୀବ୍ୟକ୍ତିର ଗୃହ ସାମନାରେ ବ୍ୟକ୍ତିଗତ ସିନ୍ଦିବୋର ଦେଖି ସେ ଧନୀ ବ୍ୟକ୍ତି ବୋଲି ଜାଣିହୁଏ । କିନ୍ତୁ ଏହାର କିଛି ଧରାବନ୍ଧା ନିୟମ ନାହିଁ । ବଣ୍ଡା ସମାଜରେ ସମସ୍ତେ ସମାନ । ଏହି ବସତିର ନମୁନା ଦେଖି ବଣ୍ଡାମାନେ ଯେ ଗଣତନ୍ତ୍ରବାଦୀ ଏହା ସହଜରେ ଅନୁମାନ କରାଯାଇପାରେ । ଡୁମୁରିପଡ଼ା, ତୁଳାଗୁରମ, ଗୋଇଗୁଡ଼ା ଇତ୍ୟାଦି ଗ୍ରାମମାନଙ୍କରେ ଗୃହ ଚାରିପାଖରେ ବାଉଁଶ ବଡାର ବାଡ଼ ଥିବାର ଦେଖାଯାଏ କିନ୍ତୁ ଅନ୍ୟ କେତେକ ବଣ୍ଡା ଗ୍ରାମରେ ଘର ଚତୁପାର୍ଶ୍ୱରେ କୌଣସି ବାଡ଼ ନଥାଏ । ଗ୍ରାମ ମଧ୍ୟରେ ସ୍ୱତନ୍ତ୍ର ଚଲାବାଟ ଥାଏ । ସାମାଜିକ, ଧାର୍ମିକ ଓ ରାଜନୈତିକ ଗୁରୁତ୍ୱ ଥିବା ପଥର ଚଟାଣ ସିନ୍ଦିବୋର ଗ୍ରାମରେ କୌଣସି ଏକ ଝଟ୍‌କାଳିଆ ଗଛମୂଳରେ ସୁବିଧା ଅନୁଯାୟୀ ନିର୍ମାଣ

କରାଯାଇପାରେ । ଏହା ଗ୍ରାମର ମୁଖିଆ (ନାୟକ) କିମ୍ବା ପୂଜାରୀ (ଶିଶା) ଘର ନିକଟରେ ନିର୍ମାଣ କରାଯିବ ବୋଲି ଏପରି କିଛି ନିତିନିୟମ ମଧ୍ୟ ନାହିଁ । ପ୍ରତ୍ୟେକ ଗ୍ରାମର ଗ୍ରାମଦେବତା ଅଣ୍ଡିକୁ ଗ୍ରାମବାହାରେ ଏକ ଛୋଟ ଛାମୁଣ୍ଡିଆ ମଧ୍ୟରେ ଏକ ଗୋଲାକାର ପଥର ରଖି ସ୍ଥାପନ କରାଯାଇଥାଏ ।

ଗାଁର ଚତୁପାର୍ଶ୍ୱକୁ ଲାଗି ପନିପରିବା ବଗିଚା ତିଆରି କରାଯାଇଥାଏ । ଏଠାରେ ଲଙ୍କା, ବାଇଗଣ, ବୋଇତାଳୁ ଓ ଅନ୍ୟାନ୍ୟ ପନିପରିବା ସହିତ ଜଡ଼ା ଗଛ ଲଗାଯାଇଥାଏ । ଗାଁ ସାରା ସବୁଆଡ଼େ ଗୋବର ଗାଡ଼ିଆମାନ ତିଆରି କରାଯାଇଥାଏ । ସେଠାରେ ଗୋବର ଖତକୁ ସଂଗ୍ରହ କରି ରଖାଯାଏ । ଗାଁ ପାଖରେ ଝରଣା କିମ୍ବା କୂଅ ନିଶ୍ଚିତ ଭାବରେ ଥାଏ । ଗାଁ ଗାଁ ମଧ୍ୟରେ ଓ ନିଜ ନିଜ ମଧ୍ୟରେ ହଣାକଟା, ବିନ୍ଧାବିନ୍ଧି ଓ ନରହତ୍ୟା ସତ୍ତ୍ୱେ ମଧ୍ୟ ଗ୍ରାମ ଚାରିପାଖରେ କୌଣସି ଗ୍ରାମ ପାଚେରୀ ନଥାଏ । କେବଳ ବାଣ୍ଡିଗୁଡ଼ା ଓ ବାଉଁଶପଡ଼ା ମଧ୍ୟରେ ଏକ ଗ୍ରାମପାଚେରୀ ଥିବାର ଦେଖାଯାଏ ।

ଗ୍ରାମ ବାହାରେ ଶବ ସତ୍କାର ପାଇଁ ଶ୍ମଶାନ (ରାଇସାଙ୍ଗବ), ପାଣି ପିଇବା ପାଇଁ ଝରଣା, (ଜୁଜରଡ଼ା), ଚାଷ ପାଇଁ ବେଡ଼ାଜମି (ରାଙ୍ଗସଙ୍ଗ), ପାଣିଜମି (ଡ଼ାକଲାଇ/ ଲିଉଁ) ଓ ପୋଡୁଜମି (ବିରି) ରହିଥାଏ ।

ବଣ୍ଡା ଗ୍ରାମକୁ ଲକ୍ଷ୍ୟ କଲେ ଗଣତନ୍ତ୍ରବାଦର ସ୍ପଷ୍ଟ ଚିତ୍ର ମିଳିଥାଏ । ଗାଁର ଘରଗୁଡ଼ିକୁ ଲକ୍ଷ୍ୟକରି କେଉଁଟା ଗ୍ରାମ ମୁଖିଆ ଘର, ପୂଜାରୀ ଘର, ଧନୀ ଲୋକ ଘର କିମ୍ବା ନିହାତି ଗରିବ ଲୋକ ଏବଂ କେଉଁଟା ଯୁବଶୟନାଗାର କୁହାଯାଇପାରିବ ନାହିଁ । ବଣ୍ଡା ଗାଁର ଗୃହଗୁଡ଼ିକ ବିଚ୍ଛିନ୍ନ ଭାବରେ ଏଣେତେଣେ ବିଛୁଡ଼ି ହୋଇପଡ଼ିଲା ପରିଲାଗେ । ଗାଁ ମଝିରେ କୌଣସି ନିର୍ଦ୍ଦିଷ୍ଟ ରାସ୍ତା ବା ଚଲାପଥ ନଥାଏ । ବଣ୍ଡା ବସତି ବିଷୟରେ ନିମ୍ନରେ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣନା କରାଯାଇଛି ।

ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ:

ତଳବଣ୍ଡା ଖେମାଗୁରୁ ଗାଁର ପ୍ରାଥମିକ ବିଦ୍ୟାଳୟ ହେଡ଼ପଣ୍ଡିତ ଓ ଲେଖକ ଲକ୍ଷ୍ମ ମାନ୍ଦ୍ରା (ଜନ୍ମସ୍ଥାନ ଉପରବଣ୍ଡା ଅଞ୍ଚଳର ଦାତିପଡ଼ା ଗ୍ରାମରେ ଏବଂ ଏବେ ତଳବଣ୍ଡା ଅଞ୍ଚଳରେ କ୍ଷେମାଗୁରୁ ଗ୍ରାମରେ ବସବାସ କରୁଛନ୍ତି।) ତାଙ୍କ ସ୍ୱରଚିତ ପୁସ୍ତକ "ବଣ୍ଡା ଇତିହାସ"ରେ କେତେକ ବଣ୍ଡାଗ୍ରାମର ଉତ୍ପତ୍ତି ବିଷୟରେ ଆଲୋଚନା କରିଛନ୍ତି । ଲକ୍ଷ୍ମ

ମାନ୍ଦ୍ରାଙ୍କ ମତ ଅନୁଯାୟୀ ବହୁବର୍ଷ ପୂର୍ବେ ଅଗନା ଅଗନୀ ବନସ୍ଥ ମଧ୍ୟରେ ଗୋଟିଏ ଆଦିମାନବ ବସବାସ କରୁଥିଲା । ତା'ର ପାଞ୍ଚଟି ପୁଅ ଯଥା- ବଣ୍ଡା, ଗାଦବା, ଡିଡ଼ାଇ, କନ୍ଧ ଓ ପାରେଙ୍ଗା ନାମରେ ଏବଂ ଗୋଟିଏ ଝିଅ ଗୋର୍ଭୋର ନାମରେ ଥିଲା । ସେମାନେ ନନ୍ଦପୁର ଅଞ୍ଚଳର ଘୋର ଜଙ୍ଗଲ ମଧ୍ୟରେ ପତ୍ରକୁଡ଼ିଆ କରି ଏକତ୍ର ମିଳିମିଶି ଜୀବନଯାପନ କରୁଥିଲେ । କାଳକ୍ରମେ ଚାରିଭାଇଙ୍କ ମଧ୍ୟରେ କୌଣସି କାରଣରୁ ମତାନ୍ତର ସୃଷ୍ଟି ହେଲା । ସେମାନଙ୍କର ବାପାମାଆ ସେମାନଙ୍କୁ ଏକାଠି ବାନ୍ଧି ରଖିବା ପାଇଁ ଅସମର୍ଥ ହେଲେ । ଚିନ୍ତା କରି କରି ବୁଢ଼ାବୁଢ଼ୀ ଦେହ ତ୍ୟାଗ କଲେ । ବାପାମାଆଙ୍କର ମୃତ୍ୟୁ ପରେ ଚାରିଭାଇ ଏକତ୍ର ରହିପାରିଲେ ନାହିଁ । ସମସ୍ତେ ଯିଏ ଯୁଆଡ଼େ ଜଣଙ୍କ ପରେ ଜଣେ ପଳାଇଗଲେ । କେବଳ ରହିଲା ବଡ଼ଭାଇ ବଣ୍ଡା ଓ ଭଉଣୀ ଗୋର୍ଭୋଇ । କାଳକ୍ରମେ ସମସ୍ତେ ଛାଡ଼ି ଚାଲିଗଲାପରେ ବଣ୍ଡା ଗୋର୍ଭୋଇ ସହିତ ବଣ୍ଡା ପାହାଡ଼କୁ ଯାଇ ସେଠାରେ ରହିଲା । ମହାପ୍ରଭୁଙ୍କର ନିର୍ଦ୍ଦେଶ ଓ ପରିସ୍ଥିତିର ଚାପରେ ପଡ଼ି ବଣ୍ଡା ଓ ଗୋର୍ଭୋଇ କାମଜଜ୍ଞାଳରେ ମାତି ସୃଷ୍ଟି କଲେ ବଣ୍ଡା ଜାତି । ସେମାନଙ୍କଠାରୁ ଜନ୍ମନେଲେ ଚାରୋଟି ପୁତ୍ର ଓ ପାଞ୍ଚୋଟି ଝିଅ । ପୁଅମାନେ କ୍ରମାନ୍ୱୟରେ ଥିଲେ (୧) ମୁଦୁଲି, (୨) କିର୍ସାନି, (୩) ଦୋରା (ସେବଡ଼ା) (୪) ବଡ଼ଃନେ (ବଡ଼ନାଇକ) ଓ ଝିଅମାନେ ହେଲେ (୧) ଗିଡ଼ାଇ (୨) ବୁଦାଇ, (୩) ଡ଼ମାଇ, (୪) ଆଦିବାରୀ ଓ (୫) ସୁରିଅନା ।

ବଡ଼ଭାଇ ମୁଦୁଲି ଖୁବ୍ ରାଗି ଥିଲା । ତେଣୁ ସମସ୍ତଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହେଲା । ଅନ୍ୟ ଭାଇମାନେ ମୁଦୁଲି ସହିତ ରହିବା ପାଇଁ ନିରାପଦ ମନେ କଲେ ନାହିଁ । ତେଣୁ କିର୍ସାନୀ ବାପା ବଣ୍ଡା ଓ ମାଆ ଗୋର୍ଭୋଇଙ୍କୁ ଅଲଗା ରହିବା ପାଇଁ ଆଦେଶ ଦେବା ପାଇଁ ଅନୁରୋଧ କଲା । ବାପା ମାଆ ମୁଦୁଲିର ଆଚାର ବ୍ୟବହାର ଦେଖି ଏଠାରେ ରହିଲେ ଜଳିଗୋଳ ଲାଗି ମରିଯିବେ ବୋଲି ଭାବି କିର୍ସାନୀଙ୍କୁ ସାଙ୍ଗରେ ଦୁଇଭଉଣୀ - ବୁଦାଇ ଓ ସୁରିଆନାକୁ ଦେଇ ନିରାପଦ ସ୍ଥାନରେ ରହିବା ପାଇଁ ନିର୍ଦ୍ଦେଶ ଦେଇ । କିର୍ସାନୀ ବାପାମାଆଙ୍କର ଅନୁମତି ପାଇ ଦୁଇ ଭଉଣୀଙ୍କୁ ସାଙ୍ଗରେ ଘେନି ମୁଦୁଲି ପାହାଡ଼ର ନୈରତ କୋଣରେ ବସତି ସ୍ଥାପନ କରି ରହିଲେ । ଉକ୍ତ କିର୍ସାନୀ ରହୁଥିବା ସ୍ଥାନକୁ କିର୍ସାନୀପଡ଼ା କୁହାଗଲା । କିର୍ସାନୀ ଦୁଇ ଭଉଣୀଙ୍କୁ ସାଥିରେ ରଖି ଆଠଟି ସନ୍ତାନର ବାପା ହୋଇ ଦୁଃଖ ସୁଖରେ ନିଜର ସଂସାରକୁ ଚଳାଇଥିଲା ।

କିର୍ସାନୀ ଓ ଦୁଇ ଭଉଣୀ-ବୁଦାଇ ଓ ସୁରିଅନା, ଗୃହତ୍ୟାଗ କଲାପରେ ମଧ୍ୟ ବଡ଼ ଭାଇର ରାଗ ଶାନ୍ତ ହେଲାନାହିଁ । ତେଣୁ ସେ ମଧ୍ୟ ଅନ୍ୟମାନଙ୍କ ଉପରେ ତାର ଦାଉ ସାଧିଲା । ଭାଇମାନଙ୍କ ମଧ୍ୟରେ ମତଭେଦ ତୀବ୍ର ରୂପ ଧାରଣ କଲା । ଦିନେ ଗୃହତ୍ୟାଗ ଉଦ୍ଦେଶ୍ୟ ନେଇ ମୁଦୁଲି ବ୍ୟତୀତ ଅନ୍ୟ ଦୁଇଭାଇ- ଦୋରା (ସେବଡ଼ା) ଓ ବଡ଼ନେ (ବଡ଼ନାଇକ) ସାଥୀରେ ତିନି ଭଉଣୀ ଯଥା ଗିଡ଼ାଇ, ଡ଼ମାଇ ଓ ଆଦିବାରୀଙ୍କୁ ଧରି ଶୀକାର ଉଦ୍ଦେଶ୍ୟରେ ଜଙ୍ଗଲ ମଧ୍ୟରେ ବହୁଦୂରକୁ ଚାଲିଗଲେ । ସେଦିନ ସମସ୍ତେ ବଣ ଜଙ୍ଗଲରେ ବୁଲି ବୁଲି ହାଲିଆ ହୋଇ ଗୋଟାଏ ପାହାଡ଼ କୋଳରେ ଆଶ୍ରୟ ନେଲେ । ଦୁରପଟେ ଝରଣା ବହିଯାଉଛି । ମଝିରେ ଉଚ୍ଚ ପାହାଡ଼ ଉପରେ ଗଛଲତା ଗହଳି ଲାଗିଯାଇଥାଏ । ତାହାରି ତଳେ ପ୍ରଶସ୍ତ ପଥର ଖଣ୍ଡମାନ ପଡ଼ି ରହିଥାଏ । ଚାରିଆଡ଼େ ମନୋହର ସବୁଜ ଜାନନ । ନାନା ପୁଲ ଫଳରେ ପୂର୍ଣ୍ଣ ହୋଇ ଗଛ ଡ଼ାଳ ଶୋଭାପାଉଛି । ଜଙ୍ଗଲ ସାରା ବିଭିନ୍ନ ପ୍ରକାର କନ୍ଦାରେ ଭରି ରହିଛି । ଝରଣା ଜୁଳେ ଜୁଳେ ଜାମୁ, ଆମ୍ବ, କଦଳୀ, ପଣସ, ଡିମିରି, ପଡ଼େଇ କେନ୍ଦୁ, ଆଡ଼, ପିଜୁଳି ଇତ୍ୟାଦି ସୁସ୍ୱାଦୁ ଫଳ ପାଚି ଝଡ଼ି ପଡୁଛି । ବିଶାଳ ବୃକ୍ଷ ଦେହରେ ସିଆଡ଼ି ଲତା ମାଡ଼ି ପଟା ପଟା ସିଆଡ଼ି ଫଳ ଝୁଲୁ ଅଛି । ବନମଧ୍ୟରେ କଦ୍ଧାକୋଳି, ସିନ୍ଧିକୋଳି (ଖଜୁରୀ) ଇତ୍ୟାଦି ପାଚି ପେନ୍ଥା ପେନ୍ଥା ହୋଇ ଝୁଲୁଥାଏ । ବନ୍ୟ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ଖାଦ୍ୟର ଅଭାବ ନଥାଏ । ତେଣୁ ଏପରି ଏକ ପ୍ରାକୃତିକ ସମ୍ପଦ ପୂର୍ଣ୍ଣ ପାହାଡ଼ ଦେଖି ସେଠାରେ ବସବାସ କରିବାକୁ ବଡ଼ନେ ମନସ୍ଥ କଲା ଓ ସମସ୍ତେ ସେହିଠାରେ ରାତ୍ରଯାପନ ଜଲେ ।

ଏଣେ ବୁଢ଼ାବୁଢ଼ୀ ପୁଅ ଝିଅମାନଙ୍କର ନ ଫେରିବା ଦେଖି ବହୁତ ମନ ଦୁଃଖ କଲେ ଓ ବଡ଼ ପୁଅ ମୁଦୁଲିକୁ ଗାଳିଦେଲେ । ତେଣୁ ତହିଁଆର ଦିନ ସକାଳୁ ମୁଦୁଲି ଭାଇଭଉଣୀମାନଙ୍କୁ ଖୋଜିବା ପାଇଁ ଜଙ୍ଗଲକୁ ଗଲା । ଅନେକ ଖୋଜିଲା ପରେ ସେମାନଙ୍କୁ ଠାବ କଲା । ସେମାନେ ସମସ୍ତେ ମିଳିମିଶି ଗୃହ ନିର୍ମାଣ କରୁଥିବାର ମୁଦୁଲି ଦେଖିଲା । ବାପାମାଆ ମନଦୁଃଖର କାରଣ କହି ଘରକୁ ଫେରିଯିବାକୁ କହିଲା । କିନ୍ତୁ ବଡ଼ନେ ଫେରିବାକୁ ରାଜି ହେଲା ନାହିଁ । ଗିଡ଼ାଇ ମଧ୍ୟ ଫେରିବାକୁ ନାରାଜ ଥିଲା । କିନ୍ତୁ ବଡ଼ନେ, ବଡ଼ଭାଇ ସେବଡ଼ା ଓ ଭଉଣୀ ଆଦିବାରୀ ଓ ଡମାଇଙ୍କୁ ବୁଝାଇ ସୁଝାଇ ମୁଦୁଲି ସହିତ ଘରକୁ ପଠାଇଦେଲା । ସେଠାରେ ବଡ଼ନେ ଓ ଗିଡ଼ାଇ ରହି ବଡ଼ବେଲ ଗ୍ରାମ ସୃଷ୍ଟି କଲେ । ସେମାନଙ୍କ ୱରସରୁ ତିନିପୁତ୍ର ଓ ଦୁଇକନ୍ୟା ଜନ୍ମ ହେଲେ ।

ସେବଡ଼ା ଘରକୁ ଫେରିଲା ସତ କିନ୍ତୁ ରାତ୍ରରେ ଆଖିରେ ନିଦ ନଥାଏ । ରାତିସାରା ଭାବୁଥାଏ ମୁଦୁଲିର ଦୁଷ୍ଟାମିକଡା ଓ ଅନ୍ୟଭାଇମାନେ ଅନ୍ୟତ୍ର ରହି ବିତାଉଥିବା ସୁଖ ଜୀବନ କଥା । ମୁଦୁଲି ସାଥିରେ ରହିଲେ ଦିନେ ଯେ ହଣାକଟା ହୋଇ ମରିବାକୁ ପଡ଼ିବ ଏକଥା ଭାବିଭାବି ସେବଡ଼ା କାନ୍ଦୁଥାଏ । ଠିକ୍ ଏହି ସମୟରେ ଭଉଣୀ ଆଦିବାସୀ ଉଠି ଭାଇ ସେବଡ଼ା କାନ୍ଦୁଥିବାର ଦେଖିଲା । ତାକୁ ବୁଝାଇ କହିଲା ଯେ ବାପା ମାଆଙ୍କୁ ବୁଝାଇ ଆମେ ଏଠାରୁ ପଳାଇଯିବା । ଠିକ୍ ସେଇଆ ହେଲା ପରଦିନ ସକାଳୁ ସେବଡ଼ା ଓ ଆଦିବାରୀ ବାପାମାଆଙ୍କୁ ସମସ୍ତକଥା କହିଲେ । ଅନ୍ୟତ୍ର ବସବାସ କରିବାକୁ ଇଚ୍ଛା ପ୍ରକାଶ କଲେ । ଶେଷରେ ବାପାମାଆଙ୍କୁ ବୁଝାଇ ସେବଡ଼ା ଓ ଆଦିବାରୀ ଘରଛାଡ଼ି ଉତ୍ତରଦିଗକୁ ଯାଇ ଡୁମୁରି ପାହାଡ଼ରେ ପହଞ୍ଚିଗଲେ । ପ୍ରାକୃତିକ ସଂପଦ ପୂର୍ଣ୍ଣ ଜଙ୍ଗଲ ପରିବେଶକୁ ଦେଖି ସେଠାରେ ନୀଡ଼ ରଚନା କରି ରହିଲେ ଓ କାଳକ୍ରମେ ସେହି ସ୍ଥାନର ନାମ ହେଲା ଡୁମୁରିପଡ଼ା । ସେମାନଙ୍କର ବଂଶଧରମାନେ ଦୋରା (ସେବଡ଼ା) ନାନାନୁସାରେ ଦୋରା ସାଂଜ୍ଞା ଧାରଣ କରିଆସୁଛନ୍ତି । ଜଣଙ୍କ ପରେ ଜଣେ ଭାଇ ଓ ଭଉଣୀମାନେ ମୁଦୁଲିକୁ ଛାଡ଼ି ଚାଲିଗଲେ । ନିଜର କୁକର୍ମକୁ ମନେପକାଇ ବଡ଼ଭାଇ ମୁଦୁଲି ଅନୁତାପ କରୁଛି । ସାଙ୍ଗରେ ଥିବା ଭଉଣୀ ଡ଼ମାଇ ନିଃସଙ୍ଗ ଅବସ୍ଥାରେ ବଡ଼ ଅଧୈର୍ଯ୍ୟ ହେଉଛି । ବାପା ମାଆ ପୁଅଝିଅଙ୍କୁ ହରାର ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସବୁ ବିଷ ପରି ଲାଗୁଛି । କାଳକ୍ରମେ ବୁଢ଼ାବୁଢ଼ୀ ଦେହତ୍ୟାଗ କରିବାର ବେଳ ଆଗତ ହେଲା । ବୁଢ଼ା ବଣ୍ଡା ବଡ଼ ପୁଅ ମୁଦୁଲିକୁ ଡ଼ାଢି ଭାଇମାନଙ୍କ ସହ ମିଳିମିଶି ଚଳିବାକୁ ଓ କଳିଗୋଳ ନ କରିବାକୁ ଅନେକ ବୁଝାଇ କହିଲା । ପାଟଖଣ୍ଡା ମହାପ୍ରଭୁଙ୍କୁ ମାଘମାସରେ ଯଥାବିଧି ମିଳିମିଶି ପୂଜାପାଠ କରି ଶାନ୍ତିରେ ରହିବା ପାଇଁ କହିଲା । ସମୟ ହେବାରୁ ବୁଢ଼ାବୁଢ଼ୀ ପ୍ରାଣତ୍ୟାଗ କଲେ । ଅନୁତାପ ନିଆଁରେ ମୁଦୁଲି ଜଳିଗଲା । ପୂର୍ବ କର୍ମଫଳକୁ ଭାବି ହେଲା । ମୁଦୁଲି.ଡମାଇକୁ ନେଇ ସଂସାର କଲା । ସେ ରହୁଥିବା ପାହାଡ଼ର ନାମ ହେଲା ମୁଦୁଲିପଡ଼ା ।

କାଳକ୍ରମେ ଅନେକ ଗ୍ରାମ ସୃଷ୍ଟି ହେଲା । ବିଭିନ୍ନ ଗ୍ରାମର ନାମ ବିଭିନ୍ନ କାରଣରୁ ଭିନ୍ନ ଭିନ୍ନ ଭାବେ ଦିଆଗଲା । ଉଦାହରଣ ସ୍ୱରୂପ ପିଡ଼ାଜାଙ୍ଗ୍ରିଆ ନାମକ ଏକ ରାକ୍ଷସ ରହୁଥିବା ସ୍ଥାନକୁ ପିଣ୍ଡାଜାଙ୍ଗାର, ଆଗରୁ ଅନେକ ପଡ଼େଇ (ବୁଲକୁର) ଗଛଥିବା ଗ୍ରାମ ନାମକୁ ପଡ଼େଇଗୁଡ଼ା, ବନ୍ଧ ପାଖରେ ନିର୍ମାଣ କରାଯାଇଥିବା ଗ୍ରାମକୁ ବନ୍ଧଗୁଡ଼ା ଇତ୍ୟାଦି ନାମରେ ନାମିତ କରାଯାଇଛି ।

ବସତିର ଅବସ୍ଥିତି :

ବଣ୍ଡା ବସତିଗୁଡ଼ିକ ପ୍ରାୟ ୧୩୦ ବର୍ଗ କିଲୋମିଟର ବ୍ୟାପି ଥିବା ବଣ୍ଡାପାହାଡ଼ ଉପରେ ବିଜୁଡ଼ି ହୋଇରହିଛି । କେତେକ ଗ୍ରାମ ପାଖାପାଖି ଲାଗି ରହିଥିଲାବେଳେ କେତେକ ଗ୍ରାମ ଅନ୍ୟମାନଙ୍କ ଠାରୁ ବହୁତ ଦୂରରେ ରହିଛି । ଗ୍ରାମଗୁଡ଼ିକ କେତେବେଳେ ପାହାଡ଼ର ଶୀର୍ଷଦେଶରେ ନିର୍ମାଣ କରାଯାଏ ତ କେତେବେଳେ ପାହାଡ଼ର ଢ଼ାଲୁରେ । ପୁଣି କେତେବେଳେ ପାହାଡ଼ର ପାଦଦେଶରେ ରଚନା କରାଗଲାବେଳେ ଅନ୍ୟବେଳେ କେତେକ ବସ୍ତି ପାହାଡ଼ ଘେରା ଉପତ୍ୟକା ସ୍ଥିତ ସମତଳ ଅଞ୍ଚଳରେ ନିର୍ମାଣ କରାଯାଇଥାଏ । ସମସ୍ତ ବସତିଗୁଡ଼ିକ ଜଳଉତ୍ସ ପାଖରେ ସ୍ଥାପନ କରାଯାଇଥାଏ ।

ବଣ୍ଡା ଅଞ୍ଚଳର କେନ୍ଦ୍ରବିନ୍ଦୁ- ମୁଦୁଲିପଡ଼ା ଗାଁ ଏକ ପାହାଡ଼ର ଶୀର୍ଷରେ ଅବସ୍ଥିତ । ଖଇଟପୁଟ ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟରୁ ଉତ୍ତରକୁ ଲମ୍ବିଥିବା ପିଚୁ ରାସ୍ତାରେ ୧୩ କି.ମି. ପାହାଡ଼ ଆରୋହଣ କରିଗଲେ ମୁଦୁଲିପଡ଼ା ସ୍ଥିତ ବଣ୍ଡା ଉନ୍ନୟନ ସଂସ୍ଥା ପାଖରେ ପହଞ୍ଚିହେବ । ସେଠାରୁ ଦକ୍ଷିଣ ପୂର୍ବ ଦିଗକୁ ଲମ୍ବିଥିବା ପାଦଚଲା ମାଟି ରାସ୍ତାରେ ପ୍ରାୟ ୩୦୦ ମିଟର ପାହାଡ଼ ଉପରକୁ ଚଢ଼ିଲେ ପଡ଼େ ମୁଦୁଲିପଡ଼ା ଗ୍ରାମ । ମୁଦୁଲିପଡ଼ା ଗ୍ରାମକୁ ଲାଗି ଦକ୍ଷିଣପର୍ଶ୍ୱରେ ଅବସ୍ଥିତ ପଡ଼େଇଗୁଡ଼ାଗ୍ରାମ । ପଡ଼େଗୁଡ଼ାର ଦକ୍ଷିଣକୁ ପଡ଼େ ସିଲେଇଗୁଡ଼ା ଗ୍ରାମ । ଏହି ଗ୍ରାମର ପଶ୍ଚିମରେ ପଡ଼େ ବନ୍ଧଗୁଡ଼ା । ମୁଦୁଲିପଡ଼ାଠାରୁ ଉତ୍ତର ପୂର୍ବ କୋଣକୁ ଲମ୍ବିଥିବା ରାସ୍ତାଟି ଲମ୍ବିଛି ଅଣ୍ଡାହାଲ ଗ୍ରାମକୁ । ଏହି ରାସ୍ତାରେ ମୁଦୁଲି ପଡ଼ାରୁ ୫ କି.ମି. ଗଲାପରେ ରାସ୍ତାର ବାମପାର୍ଶ୍ୱରେ ପଡ଼େ ବଡ଼ବେଲ ଗ୍ରାମ ଓ ଏହାକୁ ଅତିକ୍ରମ କରି ଆଉ ୫-୬ କି.ମି. ଗଲାପରେ ପଡ଼େ ବଣ୍ଡାଅଞ୍ଚଳର ସବୁଠାରୁ ବଡ଼ ଗାଁ-ଅଣ୍ଡାହାଲ । ଅଣ୍ଡାହାଲ ପାରିହୋଇ ଗ୍ରାମରୁ ଦକ୍ଷିଣକୁ ଲମ୍ବିଥିବା ରାସ୍ତାରେ ଗଲେ ୨ କି.ମି. ପରେ ପଡ଼େ କାଡାମଗୁଡ଼ା ଗ୍ରାମ । ମୁଦୁଲିପଡ଼ାର ଉତ୍ତରକୁ ଏକ କିଲୋମିଟର ଗଲାପରେ ପିଚୁ ରାସ୍ତାକୁ ଛାଡ଼ି ପୂର୍ବକୁ ଯାଇଥିବା ମାଟି ରାସ୍ତାରେ ପ୍ରାୟ ୫୦୦-୬୦୦ମିଟର ଗଲେ ପଡ଼େ ବାନ୍ତିପଡ଼ା ଗ୍ରାମ । ବାନ୍ତିପଡ଼ାର ଉତ୍ତରରେ ପଡ଼େ ବଡ଼ପଡ଼ା, ତୁଳାଗୁରମ ଓ ଗୋଇଗୁଡ଼ା ଗ୍ରାମ । ବଡ଼ପଡ଼ାର ଠିକ୍ ପୂର୍ବକୁ ପଡ଼େ ଡୁମୁରିପଡ଼ା ଗ୍ରାମ । ସେହିପରି ମୁଦୁଲିପଡ଼ାରୁ ବନ୍ଧଗୁଡ଼ା ମଧ୍ୟ ଦେଇ ପଶ୍ଚିମକୁ ଲମ୍ବିଥିବା ମାଟି ରାସ୍ତାରେ ପ୍ରାୟ ୪ କି.ମି. ଗଲାପରେ ପଡ଼େ ବାଣ୍ଡିଗୁଡ଼ା ଗାଁ । ବାଣ୍ଡିଗୁଡ଼ାର ଉତ୍ତରରେ ବାଉଁଶପଡ଼ା ଓ ଦକ୍ଷିଣରେ ଚାଲାଣପଡ଼ା ଗ୍ରାମ ଅବସ୍ଥିତ । ମୁଦୁଲିପଡ଼ାରୁ ଦକ୍ଷିଣପୂର୍ବକୁ ଲମ୍ବିଥିବା

ରାସ୍ତାରେ ପ୍ରାୟ ୫ କିମି ଗଲାପରେ ପଡ଼େ ବଣ୍ଡାପଡ଼ା ଗାଁ । ସେହି ରାସ୍ତାରେ ଆଗକୁ ଗଲେ ପଡ଼େ ତୁସେଇପଡ଼ା ଗ୍ରାମ । ମୁଦୁଲିପଡ଼ା ଗ୍ରାମରୁ ଦକ୍ଷିଣ ପଶ୍ଚିମକୁ ଲମ୍ବିଥିବା ରାସ୍ତାରେ ପ୍ରାୟ ୪ କି.ମି. ଗଲାପରେ ପଡ଼େ କିର୍ସାନୀପଡ଼ା ଗ୍ରାମ । ସେହି ରାସ୍ତରେ ପ୍ରାୟ ଦେଢ଼ କି.ମି. ଅଗ୍ରସର ହେଲେ ରାସ୍ତାକଡ଼ରେ ପଡ଼େ ଗୋଫୁରପଡ଼ା ଗାଁ । ଗୋଫୁରପଡ଼ା ଗ୍ରାମଠାରୁ ଦକ୍ଷିଣଦିଗକୁ ଯାଇଥିବା ରାସ୍ତାରେ ପ୍ରାୟ ୮ କି.ମି. ଗଲାପରେ ପରେ କଚାପଡ଼ା । କିଚାପଡ଼ାକୁ ଲାଗିପାଖରେ ମଣାଣିଗୁଡ଼ା, ବରଗୁଡ଼ା, ବେଲଗୁଡ଼ା ଓ ବଇରିଗୁଡ଼ା ରହିଛି । କିଚାପଡ଼ାରୁ ପଶ୍ଚିମ ଦିଗକୁ ଲମ୍ବିଥିବା ମାଟିରାସ୍ତାରେ ପ୍ରାୟ ୪ କି.ମି. ଗଲାପରେ ପଡ଼େ ରାସବେଡ଼ା ଗ୍ରାମପଞ୍ଚାୟତରେ ଡଗାଦେଡ଼ା ବଣ୍ଡାବସତି ।

ବସତିର ଚତୁଃପାର୍ଶ୍ୱ :

ସମସ୍ତ ବଣ୍ଡାଗ୍ରାମ ଚାରିପାଖରେ ଘେରି ରହିଥାଏ, ଅନେକ ପାହାଡ଼ ପର୍ବତ । ଗ୍ରାମ ପାର୍ଶ୍ୱରେ ନିଶ୍ଚିତ ଭାବରେ ଝରଣା (ଜୁଜରଡ଼ା)ଟିଏ ଥାଏ । ଗାଁ ବାହାରେ ଶବସତ୍କାର କରିବାପାଇଁ ଥାଏ ଶ୍ମଶାନ (ରାଇସାଙ୍ଗବ), ପଶୁପକ୍ଷୀ ଚରିବା ପାଇଁ ପଦାଜମି, ଚାଷ କରିବା ପାଇଁ ପଦାଜମି (ରାଙ୍ଗାସଙ୍ଗ), ପାଣି ଜମି, (ଲିଉଁ) ଓ ଡଙ୍ଗର ଜମି (ବିରି) । ବେଳେବେଳେ ଗୋଟିଏ ଗାଁକୁ ଲାଗି ଅନ୍ୟଗୋଟିଏ ଗାଁ ମଧ୍ୟ ଥାଏ । ଗାଁ ପାଖକୁ ଲାଗି ଗାଁ ବାହାରେ ଗ୍ରାମଦେବତା "ଅଣ୍ଡି" ଆସ୍ଥାନ ସ୍ଥାପନ କରାଯାଇଥାଏ । ସମସ୍ତ ବଣ୍ଡାଗ୍ରାମର ଚତୁଃପାର୍ଶ୍ୱ ବର୍ଣ୍ଣନା କରିବା ଅଯୋକ୍ତିକ ମନେହୁଏ । ତେଣୁ ଉଦାହରଣ ସ୍ୱରୂପ ଏଠାରେ ମୁଦୁଲି ପଡ଼ାଗ୍ରାମର ଚତୁଃପାର୍ଶ୍ୱ ବର୍ଣ୍ଣନା କରିବା ଅଯୋକ୍ତିକ ମନେହୁଏ । ବଣ୍ଡା ଅଞ୍ଚଳର କେନ୍ଦ୍ରବିନ୍ଦୁ ମୁଦୁଲିପଡ଼ା ଗ୍ରାମଟି ଏକ ପାହାଡ଼ ଉପରେ ଅବସ୍ଥିତ । ବସ୍ତିଟି ପୂର୍ବପଶ୍ଚିମ ହୋଇ ଲମ୍ବିଛି । ଗ୍ରାମର ଉତ୍ତର ପାର୍ଶ୍ୱରେ ପୂର୍ବପଶ୍ଚିମ ହୋଇ ଲମ୍ବିଛି ପିଚୁ ରାସ୍ତା । ଗାଁକୁ ଲାଗି ଗାଁର ଉତ୍ତରପାର୍ଶ୍ୱରେ (ରାସ୍ତାପୂର୍ବରୁ) ବଣ୍ଡାମାନଙ୍କର ଇଷ୍ଟ ଦେବତା ପାଟଖଣ୍ଡା ମହାପ୍ରୁ ଏକ ବିରାଟ ବରଗଛରେ ଆସ୍ଥାନ ଜମାଇ ବସିଛନ୍ତି ଜେଉଁ ଏକ ଆଦିମ ଜାଳୁ । ପାଟଖଣ୍ଡା ମହାପ୍ରୁ ଏଠାରେ ବିଜେ କରିଥିବାରୁ ଗାଁର ସମ୍ମାନ ଓ ଗୌରବ ଖୁବ୍ ଅଧିକ । ପାଟଖଣ୍ଡା ମହାପ୍ରଭୁଙ୍କର ଆସ୍ଥାନର ପଶ୍ଚିମକୁ ଟିକିଏ ଦୂରରେ ରହିଛନ୍ତି ଗ୍ରାମଦେବତା ଅଣ୍ଡି । ଗାଁର ପୂର୍ବପାର୍ଶ୍ୱରେ ପ୍ରାୟ ୩୦୦ ମିଟର ଦୂରରେ ସୀତାକୁଣ୍ଡ (କିଙ୍ଗୁବଡ଼ାକ) ଝରଣା ରହିଅଛି । ଏହିଠାରୁ ବଣ୍ଡାମାନଙ୍କର ଜନ୍ମ ଓ ଏହିଠାରେ

ବଣ୍ଡା ରମଣୀମାନେ ସୀତାଙ୍କ ଦ୍ୱାରା ଲଣ୍ଡା ଓ ଲଙ୍ଗଳା ହେବାପାଇଁ ଅଭିଶାପ ପାଇଥିଲେ । ସୀତାଙ୍କୁ ଜାକୁଡି ମିନତି କରିବା ଦ୍ୱାରା ସୀତା ସେମାନଙ୍କୁ ଅଣ୍ଟାରେ ପିନ୍ଧିବା ପାଇଁ ଏକ ଛୋଟ କପଡ଼ା ଅର୍ପଣ କରିଥିଲେ । ତେଣୁ ଆଜି ତାହାକୁ ବଣ୍ଡାସ୍ତ୍ରୀମାନେ ରିଙ୍ଗା ରୂପେ ବ୍ୟବହାର କରୁଛନ୍ତି । ବର୍ଷସାରା ଏହି ଝୁଆ ଗ୍ରାମବାସୀଙ୍କୁ ଧୁଆଧୁଇ, ଗାଧୁଆପାଧୁଆ, ସଫାସୁତୁରା ଓ ପିଇବା ପାଇଁ ପାଣି ଯୋଗାଇଥାଏ । ମୁଦୁଲିପଡ଼ାର ପୂର୍ବରେ ସୀତାକୁଣ୍ଡକୁ ଲାଗି ସେତାତାମ୍ବର ଖୁଣ୍ଡା (ପାହାଡ଼) ରହିଛି । ଏହି ପାହାଡ଼ର ପାଦଦେଶକୁ (ସୀତାକୁଣ୍ଡକୁ ଲାଗି ଉତ୍ତରପୂର୍ବ କୋଣରେ) ରହିଛି ଶ୍ମଶାନ । ପଶ୍ଚିମ ଦିଗରେ କେତେକ ପଦାଜମି (ରାଙ୍ଗସଙ୍ଗ) ପରେ ପାଣି ଜମି (ଡ଼ାକଲାଇ) ଓ ତାପରେ ବନ୍ଧଗୁଡ଼ା ଗ୍ରାମ ରହିଛି । ବନ୍ଧଗୁଡ଼ା ଗ୍ରାମପଛରେ ରହିଛି ତିରା ଖୁଣ୍ଡା (ପାହାଡ଼) । ଗ୍ରାମର ଉତ୍ତରପାର୍ଶ୍ୱରେ ରାସ୍ତା ପାରିହେବାପରେ ରହିଛି ବୁରସୁଙ୍ଗ ଖୁଣ୍ଡା (ପାହାଡ଼) । ଗ୍ରାମର ଦକ୍ଷିଣ ପୂର୍ବ କୋଣରେ ରହିଛି ପଡ଼େଇଗୁଡ଼ା ଗ୍ରାମ । ଗ୍ରାମର ଦକ୍ଷିଣରେ ରହିଛି ପଦାଜମି (ରାଙ୍ଗସଙ୍ଗ) ଓ ଅନତି ଦୂରରେ ସିଲେଇଗୁଡ଼ା ଗ୍ରାମ । ଗ୍ରାମର ପଶ୍ଚିମ ଦକ୍ଷିଣକୋଣରେ ରହିଛି ବିଲେଇଖୁଣ୍ଡା (ପାହାଡ଼) ଓ ପରେ ପରେ ରହିଛି 'ମେଲାପାଦା' ବା 'ଯୁଦ୍ଧବାଟା' । ମେଲାପାଦା ବର୍ତ୍ତମାନ ଏକ ଶୁଖିଲା ପଦାଜମି ଯେଉଁଠାରେ କିମ୍ବଦନ୍ତି ବର୍ଣ୍ଣିତ ବଣ୍ଡା ଓ ତା'ର ପୁଅମାନେ ଫିଡ଼ା ଜାଗ୍ରିଆ ନାମକ ରାକ୍ଷାସକୁ ମାରିଥିଲେ । ଗ୍ରାମର ପଶ୍ଚିମରେ ଥାନା । ଥାନା ଉତ୍ତର ପାଖରେ ଗ୍ରାମର ଉତ୍ତର ପଶ୍ଚିମ କୋଣରେ ରହିଛି ସ୍କୁଲ, ଡ଼ାକ୍ତରଖାନା, ବଣ୍ଡା ଉନ୍ନୟନ ସଂସ୍ଥା, ଶିବମନ୍ଦିର, ଜଗନ୍ନାଥ ମନ୍ଦିର (ନିର୍ମାଣ ଚାଲିଛି), ଡ଼ାକବଙ୍ଗଳା, ଆଶ୍ରା ନାମକ ବେସରକାରୀ ସଂସ୍ଥା, ପୋଷ୍ଟ ଅଫିସ୍ ଇତ୍ୟାଦି ।

ନିମ୍ନରେ ବସତିର ବର୍ଣ୍ଣନା ପାଇଁ ମୁଦୁଲିପଡ଼ା ଗ୍ରାମକୁ ଉଦାହରଣସ୍ୱରୂପ ନିଆଯାଇଛି ।

ବସତିର ବିଭିନ୍ନ ବିଭାବ:

ବଣ୍ଡାଗୃହ ଓ ବନ୍ଦୋବସ୍ତ ପଦ୍ଧତି:

ମୁଦୁଲିପଡ଼ା ଗାଁର ଘରଗୁଡ଼ିକ ପୂର୍ବପଶ୍ଚିମ ହୋର ଲମ୍ବି ରହିଛି । ବସ୍ତିର ଘରଗୁଡ଼ିକ ଯୋଜନା ବଦ୍ଧଭାବେ କରାଯାଇ ନଥାଏ । ତେଣୁ ଘରଗୁଡ଼ିକ ଏଣେତେଣେ ଫୋପାଡ଼ି ହୋଇ ପଡ଼ିଥିବା ପରି ମନେହୁଏ । ଏହି ଗ୍ରାମରେ କେବଳ ବଣ୍ଡାମାନେ ବାସକରନ୍ତି । ଘରକୁ ଘେରି ବାଡ଼ ନଥାଏ । ପ୍ରତ୍ୟେକ ଗୃହଗୁଡ଼ିକ ପାରମ୍ପରିକ ଢାଞ୍ଚାରେ ନିର୍ମାଣ କରାଯାଇଛି । ଇନ୍ଦିରା ଆବାସ ଯୋଜନାରେ କେତେକ ଲୋକ ଛପର ପାଇଁ ଟିଣ

ପାରଛନ୍ତି ଓ ତାକୁ ଘର ଛପର କରିଛନ୍ତି । ପ୍ରତ୍ୟେକ ଗୃହଗୁଡ଼ିକରେ ଥାଏ ଗୋଟିଏ ଲମ୍ବା ବାରଣ୍ଡା (ପିଣ୍ଡାଇ) ଓ ଗୋଟିଏ ମୁଖ୍ୟ କକ୍ଷ (ଭିତରଡ଼ିଅ) । ଗୋଟିଏ ପାର୍ଶ୍ୱରେ ପ୍ରାୟ ୨ ଫୁଟ୍ ଓସାରର ଲମ୍ବା କକ୍ଷ ଏ ତିଆରି କରାଯାଇଥାଏ । ଏହାର ଅଧାକୁ ଘୁଷୁରୀ ଗୁହାଳ (ଡ଼େମ୍ବୁ) ଓ ଅନ୍ୟ ଅଧକୁ ଛେଳିଘର (ଗିମେ ସାଲୁ) ଆକାରରେ ବ୍ୟବହାର କରାଯାଏ । ମୁଖ୍ୟ କକ୍ଷର ଅପରପାର୍ଶ୍ୱକୁ ଲାଗି ଠିକ୍ ଏହିପରି ଏକ କକ୍ଷ ଥାଏ । ତାକୁ କୁଇଡ଼ା କହନ୍ତି । କୁଇଡ଼ାରେ ଚାଷୋପକରଣ, ଯନ୍ତା, ବର୍ଷାଦିନେ ଜାଳିବା ପାଇଁ ଶୁଖିଲା କାଠ, ବାଦ୍ୟଯନ୍ତ୍ର ଇତ୍ୟାଦି ସାଇତା ଯାଇଥାଏ । ଘରକୁ ଲାଗି ଅନ୍ୟଗୋଟିଏ କାନ୍ଥ ନ ଥିବା ଗୁହାଳ (ସାଲୁଗଇ) ଘର ନିର୍ମାଣ କରାଯାଇଥାଏ । ସେଠାରେ ଗାଈଗୋରୁ ବନ୍ଧାଯାଇଥାନ୍ତି । ଗୃହ ସାମ୍ନାରେ କିମ୍ବା ପଛ ପାଖରେ ପନିପରିବା ବଗିଚା (ଡିଙ୍ଗଆବୁର) ଥାଏ । ଗୋଇଗୁଡ଼ା ଡୁଳାଗୁରମ ଓ ଡୁମୁରିପଡ଼ା ଇତ୍ୟାଦି ଗ୍ରାମରେ ଗୃହ ଗୁଡ଼ିକ ଏଠି ସେଠି ନିର୍ମାଣ କରାଯାଇଥିଲେ ମଧ୍ୟ ପ୍ରତ୍ୟେକ ଘରକୁ ଘେରି ଏକ ବାଉଁଶ ନିର୍ମିତ ବାଡ଼ ରହିଥାଏ ।

ଗୃହ ସଂଲଗ୍ନ ପନିପରିବା ବଗିଚା:

ପନିପରିବା ବଗିଚାକୁ ଡ଼ିଙ୍ଗଆବୁର କୁହାଯାଏ । ପ୍ରାୟ ଅଧିକାଂଶ ବଣ୍ଡାଗୃହକୁ ଲାଗି ଘରର ଆଗ କିମ୍ବା ପଛରେ ଡ଼ିଙ୍ଗଆବୁର ରହିଥାଏ । ଏହାକୁ ବାଉଁଶବତାର ବାଡ଼ ଦ୍ୱାରା ଆବଦ୍ଧ କରାଯାଇଥାଏ । ବେଳେବେଳେ ଡ଼ିଙ୍ଗିଆବୁର ପାଇଁ ଜାଗାର ଅଭାବ ହେଲେ ଏହା ଘରଠାରୁ ଦୂରରେ ତିଆରି କରାଯାଇପାରେ । କିନ୍ତୁ ଏହା ଗାଁର ଚତୁଃପାର୍ଶ୍ୱକୁ ଲାଗି ରହିଥାଏ । ଏହି ବଗିଚାରେ ବିଭିନ୍ନ ପନିପରିବା ଯଥା ଲଙ୍କା (ମରିଚ), ବାଇଗଣ (ୟମବ), ଶିମ୍ବ (ମେଡ଼େର), ଝୁଡ଼ଙ୍ଗ (ଗିବେଗାଙ୍ଗ), ଟମାଟୋ (ବେଜା), ଭେଣ୍ଡି (ବେଣ୍ଡି), ମୂଳା (ମୂଲା), କୁକୁଡ଼ି (ସରଲାଇ), ଚଞ୍ଚଣା (ଲାଉ), ଲାଉ (ଡୁମ୍ବା), ବେଇତାଳୁ (କୁମୁଡ଼ା) ଇତ୍ୟାଦି ଚାଷ କରାଯାଇଥାଏ । ଏତଦ୍‌ବ୍ୟତୀତ କଦଳୀ (ଉସୁଙ୍ଗଡ଼ା), ଅମୃତଉଷା (ଅମୃତ) ଯଡ଼ା (ଡୁମ୍ବାଜଡ଼ା) ଓ ସଲପ (ସାପୁଙ୍ଗ) ଇତ୍ୟାଦି ଗଛମାନ ଡ଼ିଙ୍ଗିଆବୁରରେ ରୋପଣ କରାଯାଇଥାଏ ।

ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି:

ଅଧିକାଂଶ ଗ୍ରାମରେ କେବଳ ବଣ୍ଡା ସମ୍ପ୍ରଦାୟର ଲୋକମାନେ ଏକାଠି ବସବାସ କରନ୍ତି । କିନ୍ତୁ ଆବଶ୍ୟକତା ଯୋଗୁ କେତେକ ଗ୍ରାମରେ ବଣ୍ଡା ଭିନ୍ନ ଅନ୍ୟ କେତେକ

ପ୍ରଜାତିକ ଗୋଷ୍ଠୀ ବଣ୍ଡାମାନଙ୍କ ସହ ମିଶି ବସବାସ କରୁଛନ୍ତି । ଅଣ୍ଡାହାଇ ଗ୍ରାମରେ ବଣ୍ଡାମାନଙ୍କ ସହ ପ୍ରାୟ ୨୦ଟି ଡମ୍ବ (ଗରେ) ପରିବାର ରହିଆସୁଛନ୍ତି । ପିଣ୍ଡାଜାଙ୍ଗରରେ ଗୋଟିଏ ଡମ୍ବ ପରିବାର, ବାଣ୍ଡିଗୁଡ଼ାରେ ଗୋଟିଏ କମାର (କାରମା) ଓ ବଣ୍ଡାପଡ଼ାରେ ଗୋଟିଏ କମାର (କାରମ) ପରିବାର ରହୁଛନ୍ତି । ସେହିପରି ସୋନୁଗୁଡ଼ା ଗ୍ରାମରେ ଦୋରା (ଗୁସୁଙ୍ଗ) ଓ ମାଲି (ମାଲି)ମାନେ ବଣ୍ଡାଙ୍କ ସହ ମିଶି ରହିଆସୁଛନ୍ତି। କାରମାଗୁଡ଼ରେ ବଣ୍ଡାମାନଙ୍କ ସହ ମିଶି କେତୋଟି ଗଉଡ଼ (ଗୋଉଡୁ) ପରିବାର ରହିଆସୁଛନ୍ତି । ଏ ସମସ୍ତ ପ୍ରଜାତିକ ଗୋଷ୍ଠୀ ବ୍ୟକ୍ତିଙ୍କର ଗୃହଗୁଡ଼ିକ ପାରମ୍ପରିକ ବଣ୍ଡା ଗୃହଠାରୁ ଗଠନ, ଆକାର, ଗୃହ ନିର୍ମାଣ ପଦ୍ଧତି ଇତ୍ୟାଦିରେ ଭିନ୍ନ ହୋଇଥାଏ । ବଣ୍ଡାଗୃହଗୁଡ଼ିକ ଆକାରରେ ଛୋଟ ଓ କମ୍ ଉଚ୍ଚ ବିଶିଷ୍ଟ ହୋଇଥାଏ । ଚାଳଗୁଡ଼ିକ ନୂଆଁଣିଆ ହୋଇଥାଏ । ସମସ୍ତ ଘରେ ଲମ୍ବା ବାରଣ୍ଡା, ଘୁଷୁରୀ ଓ ଛେଳି ଘର ଥାଏ । କବାଟଗୁଡ଼ିକ ଖୁବ୍ ଛୋଟ ଆକାର ହୋଇଥାଏ ଓ ଗୃହର ଝରକା ନଥାଏ । ମୁଖ୍ୟଘର ଉପରେ ନିଶ୍ଚିତ ଭାବେ ଆଟୁ ନିର୍ମାଣ କରାଯାଇଥାଏ । ଘର ଭିତରେ ପ୍ରାୟ ଦେବାଦେବୀଙ୍କୁ କୌଣସି ବେଦୀପୀଠ ଦ୍ୱାରା ସ୍ଥାପନା କରାଯାଇନଥାଏ । ଚୁଲି ଉପରେ ଏକ ଝୁଲାଥାକ ଥାଏ । ପ୍ରାୟ କୌଣସି ବଣ୍ଡାଗୃହ କବାଟରେ ଚାବି ଲଗାଯାଇନଥାଏ । ଉପର ଲିଖିତ ସମସ୍ତ ଲକ୍ଷଣ ଦ୍ୱାରା ବଣ୍ଡାଗୃହଟି ଅନ୍ୟ ପ୍ରଜାତିକ ଗୋଷ୍ଠୀର ଗୃହଠାରୁ ଭିନ୍ନ ଭାବେ ବାରି ହୋଇପଡ଼େ ।

ବସତିର ବାସ୍ତୁବିଦ୍ୟା ନକ୍ସା:

ବଣ୍ଡା ବସତିର ବାସ୍ତୁବିଦ୍ୟା ଚିତ୍ରଣ କରିବା ପାଇଁ ମୁଦୁଲିପଡ଼ା ଗ୍ରାମକୁ ଉଦାହରଣ ସ୍ୱରୂପ ନିଆଯାଇପାରେ । ମୁଦୁଲିପଡ଼ା ଡାଭରଖାନା ପାଖ ପିଚୁରାସ୍ତାରୁ ଏକ ପାଦଚଲା ରାସ୍ତା ଦକ୍ଷିଣ ପୂର୍ବଦିଗ ପାହାଡ଼ ଉପରକୁ ଲମ୍ବିଯାଇଛି । ଏହି ରାସ୍ତାରେ ପ୍ରାୟ ୨୦୦ ମିଟର ଦୂର ପାହାଡ଼ ଉପରକୁ ଚଢ଼ିଗଲେ ପଡ଼େ ମୁଦୁଲିପଡ଼ା ବଣ୍ଡା ବସତି । ବସତିଟି ପଶ୍ଚିମରୁ ପୂର୍ବକୁ ଲମ୍ବିଯାଇଛି । ଘରଗୁଡ଼ିକ ଏଣେତେଣେ ବିଛୁଡ଼ି ହୋଇରହିଛି । ଗାଁର ମଧ୍ୟ ଭାଗରେ ଏକ ଜଡ଼ିଗଛ ମୂଳରେ ରହିଛି 'ସିନ୍ଦିବୋର' । ଗାଁକୁ ଲାଗି ଗାଁର ଉତ୍ତର ଦିଗରେ ଏକ ବିରାଟ ପ୍ରାଚୀନ ବରଗଛ ମୂଳରେ ବାରଜାଙ୍ଗରର ମୁଖ୍ୟଦେବତା ପାଟଖଣ୍ଡା ମହାପ୍ରଭୁ ବିଜେ କରିଛନ୍ତି । ପାଟଖଣ୍ଡାର ପଶ୍ଚିମକୁ ଅଳ୍ପଦୂରରେ ଗ୍ରାମଦେବୀ ଅଣ୍ଡିଙ୍କର ଆସ୍ଥାନ ଏକ ଗଛମୂଳରେ କରଯାଇଛି । ଗ୍ରାମର ଉତ୍ତର ପାର୍ଶ୍ୱରେ ପୂର୍ବ ପଶ୍ଚିମ ହୋଇ ମୁଦୁଲିପଡ଼ା- ଅଣ୍ଡାହାଲ ରାସ୍ତା ଲମ୍ବିଯାଇଛି । ଗ୍ରାମର ପୂର୍ବଦିଗରେ ଅନତୀ ଦୂରରେ ରହିଛି ସୀତାକୁଣ୍ଡ । ସୀତାକୁଣ୍ଡ ଟିକିଏ ଆଗକୁ ବାବୁରକୁଣ୍ଡା (ପାହାଡ଼)ର ପାଦଦେଶରେ ଶ୍ମଶାନ (ରାଇସାଙ୍ଗବ) ଅଛି ।

ମୁଦୁଲିପଡ଼ା ବଣ୍ଡା ଅଞ୍ଚଳର କେନ୍ଦ୍ରବିନ୍ଦୁ ତଥା ଏକ ଗ୍ରାମପଞ୍ଚାୟତ ହୋଇଥିବାରୁ ଏହି ଗ୍ରାମର ପଶ୍ଚିମ ଓ ଉତ୍ତର ପଶ୍ଚିମ କୋଣରେ ଅନେକ ଆଧୁନିକ ସରକାରୀ ସଂରଚନା ରହିଛି । ସେଥିମଧ୍ୟରୁ ସ୍କୁଲ, ଥାନା, ଡ଼ାକବଙ୍ଗଳା, ପଞ୍ଚାୟତ କାର୍ଯ୍ୟାଳୟ, ଡାକ୍ତରଖାନା, ଆୟୁର୍ବେଦ ଚିକିତ୍ସାଳୟ, ବଣ୍ଡା ଉନ୍ନୟନ ସଂସ୍ଥା, ଆଶ୍ରା ନାମକ ବେସରକାରୀ ସଂସ୍ଥା, ପୋଷ୍ଟ ଅଫିସ୍, ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ଇତ୍ୟାଦି ଅନ୍ୟତମ ।

ଗ୍ରାମ ମଧ୍ୟରେ ଥିବା ଅନ୍ୟାନ୍ୟ ଗୃହ:

ସେଲାନିଡ଼ିଙ୍ଗୋ:

ଏମାନଙ୍କ ମଧ୍ୟରେ ଧାଙ୍ଗଡ଼ିବସା ବା ସେଲାନିଡ଼ିଙ୍ଗୋ ନାମରେ କୌଣସି ସ୍ୱତନ୍ତ୍ର ଗୃହ ନଥାଏ । ଗାଁର ଅବିବାହିତ ଯୁବତୀମାନେ ଗାଁର କୌଣସି ବିଧବା ସ୍ତ୍ରୀ ଘରକୁ ଧାଙ୍ଗଡ଼ି ବସା ରୂପେ ବ୍ୟବହାର କରିଥାନ୍ତି । ମୁଖ୍ୟତଃ ଝିଅମାନେ ରାତ୍ରରେ ଏକାଠି ହୋଇ ଏହିଠାରେ ଶୟନ କରିବା ପୂର୍ବରୁ ସେଠାରେ କଥା, ଗପ, ଢ଼ଗଢ଼ମାଳୀ, ଗୀତ, ନାଚ କରିଥାନ୍ତି । ଗୁନୁଇ୍ (ତ୍ରିଶୂଳ ଆକୃତିର ଏକ ଛୋଟ ବାଦ୍ୟ ଯନ୍ତ୍ର ଯାହା ମୁଖ୍ୟତଃ ଝିଅମାନେ ଧାଙ୍ଗଡ଼ିବସାଘର ବଜାଇଥାନ୍ତି)ର ମଧୁର ଧ୍ୱନିରେ ବିମୋହିତ ହୋଇଯାଆନ୍ତି ସମସ୍ତେ । ଏଠାରେ ସେମାନେ ମାଳି ତିଆରି କରିବା, ଚିଙ୍ଗା ବୁଣିବା, ତୁରାବୁ ଓ ଖଇଖା ଇତ୍ୟାଦି ତିଆରି କରିବା କାର୍ଯ୍ୟ ଓ ଭବିଷ୍ୟତ ବୈବାହିକ ଜୀବନକୁ ସୁଖମୟ କରିବାର ବାଟ ଶିକ୍ଷା କରିଥାନ୍ତି । କିନ୍ତୁ ଧାଙ୍ଗଡ଼ିବସାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ହେଉଛି ଏଠାକୁ ରାତ୍ରରେ ଅନ୍ୟ ଗାଁର ପୁଅମାନେ ଆସି ଏହି ଝିଅମାନଙ୍କ ସାଥିରେ ମିଶନ୍ତି । ନାଚ, ଗୀତ, ହସଖୁସି, ମଜାମଜଲିସ୍ ଇତ୍ୟାଦି ଚାଲେ । ପୁଅ ଝିଅମାନେ ପରସ୍ପରକୁ ବୁଝିବାକୁ ପ୍ରଚୁର ସମୟ ପାଆନ୍ତି । ତେଣୁ ଏହିଠାରୁ ଆରମ୍ଭ ହୁଏ ପ୍ରେମ ଓ ପ୍ରଣୟ ଜୀବନ । ଶେଷରେ ଏହିଠାରୁ ପୁଅ ଝିଅକୁ ନିଜର ବୋହୂକରି ଘରକୁ ନେଇଯାଏ ।

ଦେବପୀଠ:

ପ୍ରତ୍ୟେକ ବଣ୍ଡା ଗ୍ରାମର ଏକମାତ୍ର ଗ୍ରାମଦେବୀ ଅଣ୍ଡିଙ୍କ ନିମନ୍ତେ ଗାଁ ପାର୍ଶ୍ୱରେ ନିର୍ମାଣ କରାଯାଇଥାଏ ଅଣ୍ଡିଙ୍କ ଆସ୍ଥାନ । କେତେକ ଗ୍ରାମରେ ଗଛମୂଳରେ ଅଣ୍ଡିକୁ ରଖାଯାଇଥାଏ । ଉଦାହରଣ ସ୍ୱରୂପ ମୁଦୁଲିପଡ଼ା ଅଣ୍ଡି । ଏଠାରେ ଏକ ଗଛ ମୂଳରେ ପଥର ବାନ୍ଧି ଏକ ଉଚ୍ଚା ପିଣ୍ଡି କରାଯାଇଛି । ଏହି ପିଣ୍ଡିର ଏକ ପଥର ଖୋଲ ଭିତରେ

ଏକ ଗୋଲାକାର ପଥରକୁ ଅଣ୍ଡିର ମାନ୍ୟତା ଦିଆଯାଇଥାଏ । ପୂଜା ଅଣ୍ଡିକୁ ପଥର ଖୋଲ ମଝିରେ ରଖି ତାକୁ ପଥର ଦେଇ ଆବଦ୍ଧ କରାଯାଇଥାଏ । ପୂଜା ବେଳେ ସମ୍ମୁଖ ପଥର ଖୋଲି ତାଙ୍କୁ ପୂଜା ଦିଆଯାଏ । ଅନ୍ୟ କେତେକ ଗ୍ରାମରେ ଗାଁ ବାହାରେ ଏକ ଛୋଟ ପିଣ୍ଡି କରି ତା ଉପରେ ଅଣ୍ଡି ନାମରେ ଏକ ଗୋଲାକାର ପଥର ରଖାଯାଇଥାଏ । ଅଣ୍ଡିକୁ ଖରା ବର୍ଷାରୁ ରକ୍ଷା କରିବା ପାଇଁ ଚାରିକୋଣରେ ଚାରୋଟି ବାଡ଼ି ପୋତି ଏକ ଛାମୁଡ଼ିଆ କରାଯାଇଥାଏ । ଏହି ଅଣ୍ଡିଠାରେ କେବଳ ପାଣ୍ଡ (ଉଷା) ମାସ ବ୍ୟତୀତ ଅନ୍ୟ ପ୍ରତ୍ୟେକ ମାସକୁ ଥରେ ଲେଖାଁଏ ଗାଁର ପୂଜାରୀ (ଶିଶା) ଗୋଟାଏ ଲେଖାଁଏ ଅଣ୍ଡାବଳୀ ଦେଇ ଗ୍ରାମର ସୁରକ୍ଷା ଓ ଉନ୍ନତି ପାଇଁ ପ୍ରାର୍ଥନା କରିଥାଏ । ଏହି ଅଣ୍ଡିକୁ ସାଧାରଣତଃ ମହିଳାମାନେ ଛୁଇଁବା ମନା ।

ସିନ୍ଦିବୋର :

ଗାଁର କେଉଁଠାରେ 'ସିନ୍ଦିବୋର' କରାଯିବ ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବା ନିତିନିୟମ ନଥାଏ । ସୁବିଧା ଅନୁସାରେ ଏହି ସ୍ଥାନ ମନୋନିତ ହୋଇଥାଏ । ଗୋଟିଏ ଗୋଟିଏ ଗାଁରେ ଏକାଧିକ ସିନ୍ଦିବୋର ମଧ୍ୟ ଥାଏ ଓ ସେଥିପାଇଁ ଏକାଧିକ ପୂଜାରୀ (ଶିଶା) ନିଯୁକ୍ତ ହୋଇଥାନ୍ତି । ଗୋଟିଏ ସିନ୍ଦିବୋରର ଶିଶା କସ୍ମିନକାଳେ ଅନ୍ୟ ସିନ୍ଦିବୋରରେ ପୂଜା କରିପାରିବ ନାହିଁ । ପ୍ରାୟତଃ ଅନେକ ଗ୍ରାମରେ ଗୋଟିଏ ଲେଖାଏଁ ସିନ୍ଦିବୋର ଥିଲାବେଳେ ତୁମୁରିପଡ଼ା, ବଡ଼ପଡ଼ା, ଅଣ୍ଡ୍ରାହାଲ ଇତ୍ୟାଦି ଗ୍ରାମରେ ଏକାଧିକ ସିନ୍ଦିବୋର ଥିବାର ଦେଖାଯାଇଛି । ପ୍ରତ୍ୟେକ ସିନ୍ଦିବୋର ପ୍ରାୟତଃ ଏକ ଛାୟାପ୍ରଦ ବୃକ୍ଷ ତଳେ ନିର୍ମାଣ କରାଯାଇଥାଏ । ଏହାଦ୍ୱାରା ଖରାବେଳେ କିମ୍ବା ବର୍ଷା ସମୟରେ ମଧ୍ୟ ଏହି କାର୍ଯ୍ୟ ଅବ୍ୟାହତ ରହିଥାଏ ।

ସିନ୍ଦିବୋର ପଥର ନିର୍ମିତ ଏକ ଉଚ୍ଚା ପିଣ୍ଡି । ଏହା ଅନେକ ସମୟରେ ୨-୩ ଫୁଟ ପର୍ଯ୍ୟନ୍ତ ଉଚ୍ଚା କରାଯାଇଥାଏ । ଗଛମୂଳ ଚାରିପାଖରେ ପଥର ଉପରେ ପଥର ରଖି ସୁନ୍ଦର ଭାବରେ ପିଣ୍ଡି ନିର୍ମାଣ କରାଯାଇଥାଏ । ପଥରଗୁଡ଼ିକ ନ ଗଡ଼ିବା ପାଇଁ ସମସ୍ତ ଧ୍ୟାନ ଦିଆଯାଇଥାଏ । ବିଭିନ୍ନ ଆକାରର ଓ ବିଭିନ୍ନ ପ୍ରକାରର ପଥର ଆଣି ଏହାକୁ ସଜ୍ଜିତ କରାଯାଇଥାଏ । କେତେକ ପଥରକୁ ଏପରି ଭାବରେ ଢ଼େରି ରଖାଯାଇଥାଏ ଯେ ସେମାନେ ହାତ ନ ଥିବା ଚୌକି ପରି କାମ କରେ । ଅନେକ

ସମୟରେ ପଛପଟକୁ ଆଉଜି ହୋଇ ବସିବାକୁ ଏକ ବଡ଼ ପଟାଳିଆ ପଥର ଖଣ୍ଡେ ଖୁବ୍ ଭଲ ଭାବରେ ରଖାଯାଇଥାଏ । ଯେତେବେଳେ କୌଣସି ବଣ୍ଡା ଜଙ୍ଗଲ ମଧ୍ୟରେ ଏକ ବଡ଼ ସୁନ୍ଦର ପଥର ଦେଖେ ସେ ସେତେବେଳେ ଅନ୍ୟମାନଙ୍କୁ ସାଥିକରି ସେହି ପଥରକୁ ସିନ୍ଧିବୋର ନିକଟକୁ ବୋହି ଆଣେ । ଏହାକୁ ସିନ୍ଦିବୋରରେ ସ୍ଥାପନ କରିବା ପୂର୍ବରୁ ସେମାନଙ୍କୁ ପୂଜାପାଠ କରିବାକୁ ପଡ଼େ । ଏହି ପଥର ଉପରେ ଟିକିଏ ସଲପ କିମ୍ବା ମଦ ଢାଳି ଶିଶା ଗୋଟାଏ ନାଲି କୁକୁଡ଼ା ବଳି ଦେଇଥାଏ । ଏହାପରେ ଏହି ପଥରଟି ସିନ୍ଦିବୋରରେ ସ୍ଥାନ ପାଏ । ପ୍ରତ୍ୟେକ ବଣ୍ଡାଗ୍ରାମରେ ଏପରି ନିତିନିୟମ ନ ଥିଲେ ମଧ୍ୟ କେତେକ ଗ୍ରାମରେ ଏହା ଚଳିଆସୁଅଛି । ଏଦ୍‌ତବ୍ୟତୀତ ବିଭିନ୍ନ ପର୍ବପର୍ବାଣୀ ପୂର୍ବରୁ ସିନ୍ଦିବୋର ମରାମତି କରିବାକୁ ପଡ଼ିଥାଏ । ଏଥିପାଇଁ ପ୍ରଥମେ ସିନ୍ଦିବୋର ଠାକୁର 'ବୁରସଙ୍ଗ'କୁ ଶିଶା ଏକ କୁକୁଡ଼ା ବଳି ଦେଲାପରେ ମରାମତି କରାଯାଇଥାଏ । 'ଗୁନମ' ପଥରକୁ ମଧ୍ୟ ବେଳେବେଳେ ସିନ୍ଦିବୋର ଚତୁଃପାର୍ଶ୍ୱରେ ଢେରି ହୋଇ ବସିବା ପାଇଁ ପୋତାଯାଇଥାଏ ।

ଏହି ସିନ୍ଦିବୋର ବଣ୍ଡାମାନଙ୍କର ଏକ ପବିତ୍ର ସ୍ଥଳୀ । ଏହି ସିନ୍ଦିବୋରର ଅଧିଷ୍ଠାତା ଦେବତା ହେଉଛନ୍ତି ବୁରସଙ୍ଗ । ବୁରସଙ୍ଗଙ୍କ ବ୍ୟତୀତ ଏଠାକୁ ପ୍ରାୟ ପ୍ରତ୍ୟେକ ଦେବତା ଆସିଥାନ୍ତି । ଶିଶା ମନ୍ତ୍ର ଉଚ୍ଚାରଣ କରି ଭୋଗ ଓ ବଳି ଦେଇ ସମସ୍ତ ଦେବାଦେବୀ, ପୂର୍ବପୁରୁଷ ଓ ଭୂତ ପ୍ରେତକୁ ଏଠାକୁ ଆମନ୍ତ୍ରଣ କରିଥାଏ । ଏଠାରେ ଶିଶା ସେମାନଙ୍କୁ ଭୋଗରାଗ ଓ ବଳୀ ଦେଇ ସନ୍ତୁଷ୍ଟ କରି ବିଦାୟ ଦେଇଥାଏ । ଏହି ସିନ୍ଦିବୋରଠାରେ ବିଭିନ୍ନ ପର୍ବପର୍ବାଣୀରେ ପୂଜାପାଠ କରାଯାଇଥାଏ । ସ୍ୱତନ୍ତ୍ର ଭାବେ ଗୋବୁରସିଂ ଅବସରରେ ଏଠାରେ ଏକ ଘୁଷୁରୀ ବଳି ଦେଇ ପୂଜା କରାଯାଏ । ଏଠାରେ ଗୋରୁଗାଈ ବଳି ଦେବା ନିଷେଧ ।

ସିନ୍ଦିବୋରକୁ କେତେକ ସଦର ବୋଲି କହିଥାନ୍ତି । କାରଣ ଏଠାରେ ଗ୍ରାମର ସମସ୍ତ ନ୍ୟାୟ ନିଷ୍ପତ୍ତି, ବିଚାର ଆଲୋଚନା, ବୁଝାମଣା ପାରମ୍ପରିକ ଗ୍ରାମସଭା ଦ୍ୱାରା କରାଯାଇଥାଏ । ଏଠାରେ ଦୋଷୀକୁ ଶପଥ ପାଠ କରାଯାଇଥାଏ । ଏଠାରେ ଦେବତା ବୁରସଙ୍ଗ୍ ଥିବାରୁ ଶପଥ କଲାବେଳେ କେହି ମିଥ୍ୟା କହି ନଥାନ୍ତି । ଅନ୍ୟପକ୍ଷରେ ବିଚାର କରୁଥିବା ମୁଖିଆ ମଧ୍ୟ ଅମାୟିକ ଭାବେ କାହାରି ପକ୍ଷ ନ ନେଇ ଉଚିତ ବିଚାର ପ୍ରଦାନ କରିଥାନ୍ତି । ତେଣୁ ଏଠାରେ ଦୋଷୀ ସାବ୍ୟସ୍ତ କରାଯାଏ, ଦୋଷୀକୁ ଦଣ୍ଡ ଦିଆଯାଏ ଓ ନିର୍ଦ୍ଦୋଷକୁ ନ୍ୟାୟ ପ୍ରଦାନ କରାଯାଏ ।

ବିଭିନ୍ନ ପର୍ବପର୍ବାଣୀ ପରେ ଏଠାରେ ବଳି ଦିଆଯାଇ ଥିବା ମାଂସକୁ କାଟି ସମସ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ । ଶୀକାର କରି ଆଣିଥିବା ପଶୁପକ୍ଷୀକୁ ପ୍ରଥମେ ଏହିଠାରେ ରଖାଯାଏ ଓ ପରେ ସେହିଠାରେ ହିଁ ଭାଗ କରାଯାଇଥାଏ । ବେଳେବେଳେ ଭୋଜିଭାତ ମଧ୍ୟ ଏଠାରେ ହୋଇଥାଏ । ପର୍ବପର୍ବାଣୀ ଓ ଶିକାର ଧରି ଫେରିଲା ପରେ ଗ୍ରାମର ସମସ୍ତ ପୁଅ ଝିଅ, ପୁରୁଷ, ମହିଳା ଓ ବୁଢ଼ାବୁଢ଼ୀ ଏଠାରେ ଗୁଣ୍ଡ ହୋଇ ନାଚଗୀତରେ ଭାଗ ନିଅନ୍ତି ।

ଏଦଦ୍‌ବ୍ୟତୀତ ବଣ୍ଡାର ଦୈନନ୍ଦିନ ଜୀବନ ସହିତ ଜଡ଼ିତ ଏଇ ସିନ୍ଦିବୋର । ସକାଳ ପାହିଲେ ଅନେକ ବଣ୍ଡା ଏକାଠି ହୋଇ ବସିଯାଯାଆନ୍ତି ସିନ୍ଦିବୋରଠାରେ । ମୁଖ୍ୟତଃ ଶୀତଦିନେ ସକାଳୁ ସକାଳୁ ବହୁତ ଲୋକ ଏଠାରେ ନିଆଁ ଲଗାଇ ଚାରିପାଖରେ ବସି କେତେ ଯେ କେତେ କଥାବାର୍ତ୍ତା ହୁଅନ୍ତି । ଝକାଳିଆ ଗଛଛାଇ ମୂଳର ସିନ୍ଦିବୋର ପଥରରେ ଗ୍ରୀଷ୍ମଦିନ ଖରାବେଳେ ଟିକିଏ ଲୋଟି ପଡ଼ିଲେ ଖୁବ୍ ଆରାମ ଲାଗେ ବୋଲି ବଣ୍ଡାମାନେ ମତ ଦିଅନ୍ତି । ଦିନର ଯେ କୌଣସି ସମୟରେ କେହି ନା କେହି ସିନ୍ଦିବୋର ଠାର ଶୋଇଥିବାର, ବସିଥିବାର, ଗପୁଥିବାର କିମ୍ବା ଛୋଟ ଛୁଆମାନେ ଖେଳୁଥିବାର ଦେଖାଯାଏ । ସତେ ଯେମିତି ପ୍ରତିଦିନ ସିନ୍ଦିବୋରକୁ ଟିକିଏ ନ ଗଲେ ବଣ୍ଡାର ଦିନ ସରେ ନାହିଁ ।

ଗାଁକୁ ଆସୁଥିବା ଅତିଥି ଅଭ୍ୟାଗତ, ସରକାରୀ କର୍ମଚାରୀ ଇତ୍ୟାଦି ଏହିଠାରେ ବସି ଗ୍ରାମବାସୀଙ୍କ ସହ ଆଲୋଚନା ବା କଥାବାର୍ତ୍ତା କରିଥାନ୍ତି । ଗ୍ରାମ ସ୍ତରୀୟ କିମ୍ବା ସାହି ସ୍ତରୀୟ ସିନ୍ଦିବୋର ବ୍ୟତୀତ କେତେକ ବ୍ୟକ୍ତି ସ୍ୱତନ୍ତ୍ର ଭାବେ ନିଜ ଗୃହ ସମ୍ମୁଖରେ ବ୍ୟକ୍ତିଗତ ସିନ୍ଦିବୋର ନିର୍ମାଣ କରିଥାନ୍ତି । ଏହା ଆକାରରେ ପ୍ରାୟ ଛୋଟ ହୋଇଥାଏ । ମୁଖ୍ୟତଃ ଧନୀ ଲୋକମାନେ ସେମାନଙ୍କର ଧନସଂପତ୍ତିର ନିଦର୍ଶନ ସ୍ୱରୂପ ଓ ନିଜ ବ୍ୟକ୍ତିତ୍ୱକୁ ଗରିମା ସମ୍ପନ୍ନ କରିବା ପାଇଁ, ସେମାନଙ୍କ ଗୃହ ସମ୍ମୁଖ ଅଗଣାରେ ବସାଉଠା କରିବା ପାଇଁ ନିର୍ମାଣ କରିଥାନ୍ତି ବ୍ୟକ୍ତିଗତ ସିନ୍ଦିବୋର ।

ଏ ସମସ୍ତଙ୍କୁ ବିଚାର କରି ଦେଖିଲେ ଜଣାଯାଏ ସିନ୍ଦିବୋର ଏକାଧାରରେ ଦେବତାମାନଙ୍କ ପୀଠସ୍ଥଳୀ, ରାଜକାର୍ଯ୍ୟ ସଂପନ୍ନ କରିବା ପାଇଁ ଏକ ଦରବାର, ନାଚଗୀତ କରିବା ପାଇଁ ଆମୋଦପ୍ରମୋଦର ଏକ କ୍ରୀଡ଼ାସ୍ଥଳୀ, ଅବସର ସମୟ କଟିବା ପାଇଁ ଏକ ଆରାମଦାୟକ ସ୍ଥାନ ଓ ବ୍ୟକ୍ତିଗତ ସିନ୍ଦିବୋର ଧନସଂପତ୍ତି, ପ୍ରାଚୁର୍ଯ୍ୟ ଓ ପ୍ରତିପତ୍ତିର ପ୍ରତୀକ ।

ଗ୍ରାମ ମଧ୍ୟରେ ଥିବା ବିଭିନ୍ନ ପାନୀୟ ଜଳର ଉତ୍ସ:

ପାରମ୍ପରିକ ବଣ୍ଟା ବସତିଗୁଡ଼ିକ ଜଳଉତ୍ସର ନିକଟରେ, ଝରଣାର ଦୁଇ ପାର୍ଶ୍ୱରେ କିମ୍ବା ଗୋଟିଏ ପାର୍ଶ୍ୱରେ ସ୍ଥାପନ କରାଯାଇଥାଏ । ଗ୍ରାମବାସୀମାନେ ସମସ୍ତ କାର୍ଯ୍ୟ ପାଇଁ ସେହି ଜଳ ଉପରେ ନିର୍ଭର କରନ୍ତି । ଯେହେତୁ ଏହି ଜଳ ଉତ୍ସଗୁଡ଼ିକ ବର୍ଷସାରା ବଣ୍ଟାମାନଙ୍କୁ ପାଣି ଯୋଗାଇବାକୁ ସକ୍ଷମ ହେଉଥିଲା, ତେଣୁ ସେମାନେ କୂଅ କିମ୍ବା ପୋଖରୀ ଖନନ ପାଇଁ ମନ ବଳାଇ ନଥିଲେ । କିନ୍ତୁ କାଳକ୍ରମେ ଜଳାଭାବ ଦେଖାଦେଲାଣି । ଅନ୍ୟପକ୍ଷରେ ସରକାରଙ୍କର ଶୁଭଦୃଷ୍ଟି ପଡ଼ିଲା । ଫଳରେ ସୁରକ୍ଷିତ ପାନୀୟ ଜଳଯୋଗାଇ ଦେବାପାଇଁ ଗାଁ ଗାଁରେ ନଳକୂପ ଓ କୂଅ ଖନନ କରାଗଲା । ଏତଦ୍ୱାରା ଧନୀ ବଣ୍ଟା ମାନେ ପ୍ରଭାବିତ ହୋଇ ଏବେ ସେମାନଙ୍କର ନିଜ ନିଜର ବ୍ୟବହାର ପାଇଁ ବେଳେବେଳେ ବ୍ୟକ୍ତିଗତ କୂପ ଖନନ କରୁଥିବାର ଦେଖାଯାଉଛି ।

ଗାଁକୁ ଆସିଥିବା ମୁଖ୍ୟରାସ୍ତା,ପଦଚଲା ରାସ୍ତା ଓ ଗଳିରାସ୍ତା:

ବଣ୍ଟା ଅଞ୍ଚଳର ସବୁଠାରୁ ବଡ଼ ଅସୁବିଧା କହିଲେ ଏଇ ଯୋଗଯୋଗ ବା ରାସ୍ତାଘାଟର ସମସ୍ୟା ପ୍ରଥମେ ଲୋକଲୋଚନକୁ ଆସିଥାଏ । ଖଇପୁଟଠାରୁ ୧୩କି.ମି ପିଚୁରାସ୍ତା ପାହାଡ଼ ମଧ୍ୟ ଦେଇ ଲମ୍ବିଆସିଛି ବଣ୍ଟା ଅଞ୍ଚଳର କେନ୍ଦ୍ରବିନ୍ଦୁ ମୁଦୁଡ଼ିପଡ଼ା ଗାଁ ପର୍ଯ୍ୟନ୍ତ । ମୁଦୁଲି ପଡ଼ାଠାରୁ ବିଭିନ୍ନ ଗ୍ରାମକୁ ମାଟିରାସ୍ତାମାନ ସରକାରଙ୍କ ଦ୍ୱାରା ନିର୍ମାଣ କରାଯାଇଛି । କିନ୍ତୁ ଏବେବି ଅନେକ ବଣ୍ଟାଗ୍ରାମ ଅଛି ଯେଉଁଠିକି କୌଣସି ସଡ଼କ ରାସ୍ତା ନିର୍ମାଣ କରାଯାଇନାହିଁ । ସେହିପରି ଗାଁମାନଙ୍କୁ ଯିବାକୁ ହେଲେ କେବଳ ପାଦଚଲା ରାସ୍ତାରେ ଜଙ୍ଗଲ ମଧ୍ୟରେ ବାଡ଼, ବୁଦା ଡେଇଁ ପଥ ଅତିକ୍ରମ କରିବାକୁ ପଡ଼ିଥାଏ ।

ମୁଖ୍ୟ ସଡ଼କ ରାସ୍ତା ନଥିଲେ ମଧ୍ୟ ପ୍ରତ୍ୟେକ ଗାଁରୁ ପ୍ରତ୍ୟେକ ଗାଁକୁ ଯିବାପାଇଁ ପାଦଚଲା ରାସ୍ତା ଥାଏ । ଗାଁ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ପାଦଚଲା ରାସ୍ତା ମଧ୍ୟ ନଥାଏ । ଘରଗୁଡ଼ିକ ଯେହେତୁ ଏଠିସେଠି ନିର୍ମାଣ କରାଯାଇଥାଏ ତେଣୁ କୌଣସି ରାସ୍ତା ତିଆରି କରିବା କଷ୍ଟସ୍ୱ ଏ । ତେଣୁ ଘରର ଉଭୟ ପାର୍ଶ୍ୱରେ ଯିଏ ଯେଉଁଆଡ଼େ ଇଚ୍ଛାକଲା ସେବାଟରେ ଚାଲିଯାଇପାରେ । ପ୍ରତ୍ୟେକ ଘରୁ ପ୍ରତ୍ୟେକ ଘରକୁ ପାଦଚଲା ବାଟ ରହିଥାଏ ।

ଗ୍ରାମ ବାହାରେ ଥିବା ସଂରଚନା:

ଗ୍ରାମକୁ ଲାଗିଥିବା ପାହାଡ, ପର୍ବତ ଓ ଜଳର ଉତ୍ସ:

ବଣ, ପାହାଡ଼ ଘେରା ମଧ୍ୟରେ ବଣ୍ଡା ଅଞ୍ଚଳ । ଡେଣ୍ଡୁ ସମସ୍ତ ଗାଁକୁ ଘେରି ରହିଥାଏ ପାହାଡ଼ ପର୍ବତ । ପ୍ରତ୍ୟେକ ପାହାଡ଼ର ନାଁ ରହିଛି । ଉଦାହରଣ ସ୍ୱରୂପ କେତୋଟି ଗାଁର ଚାରିପାଖରେ ଥିବା ପାହାଡ଼ (ଖୁଣ୍ଟା) ନାମ ଉଲ୍ଲେଖ କରାଯାଇପାରେ । ଆଗରୁ ମୁଦୁଲିପଡ଼ାର ଚଣ୍ଡୁପାର୍ଶ୍ୱରେ ଥିବା ଡ଼ଙ୍ଗର (ଦେଶିଆ ଭାଙ୍ଗରେ ପାହାଡ଼କୁ ଡଙ୍ଗର କୁହାଯାଏ)ର ନାମ ପୂର୍ବରୁ ଲେଖାଯାଇଛି । ଦାନ୍ତିପଡ଼ା ଗ୍ରାମର ଉତ୍ତର ଦିଗରେ ଅରଖୁଣ୍ଟା, ସାର୍ଗେ ଖୁଣ୍ଟା, ପୂର୍ବରେ ଆଇବୁ ଖୁଣ୍ଟା, ଦକ୍ଷିଣ-ପୂର୍ବ କୋଣରେ ରାଙ୍ଗଲାଖୁଣ୍ଟା, ଥାଇସାଙ୍ଗବୁରସୁଙ୍ଗ ଖୁଣ୍ଟା, ଦକ୍ଷିଣରେ ବାଃବୁର ଖୁଣ୍ଟା, ବୁରସୁଙ୍ଗ ଖୁଣ୍ଟା ଓ ପଶ୍ଚିମରେ ଅରକୁଣ୍ଡା ଖୁଣ୍ଟା ରହିଛି । ସେହିପରି ଗୋଇଗୁଡ଼ା ଗ୍ରାମ ଚାରିପାଖରେ ଘେରି ରହିଛି ଡ଼ାକୁଣ୍ଡା ଖୁଣ୍ଟା, ମାଉଲିଖୁଣ୍ଟା, କୁସାଙ୍ଗବୁର ଖୁଣ୍ଟା, ତୁକୁଙ୍ଗବୁର ଖୁଣ୍ଟା, ବୁରୁଲତେର, ଖୁଣ୍ଟା, ଭଲାବୁର ଖୁଣ୍ଟା, କୁସିଙ୍ଗସାର ଖୁଣ୍ଟା ଇତ୍ୟାଦି । ରାମଲିଗୁଡ଼ାକୁ ଘେରି ରହିଥିବା ପାହାଡ଼ଗୁଡ଼ିକର ନାମ ହେଲା କୁକୁବେର ଡଙ୍ଗର, ବାଲିଡ଼ଙ୍ଗର, ପିତି ଡ଼ଙ୍ଗର, ଲାଇବୁର ଡ଼ଙ୍ଗର, ବାଘ ଡଙ୍ଗର, ସାସାଙ୍ଗ ଡଙ୍ଗର, ଖୁରକୁଟି ଡ଼ଙ୍ଗର, ତାରମାଙ୍ଗ ଡଙ୍ଗର ଓ ପୁଟକାକୁ ଡଙ୍ଗର । ଏହିପରି ସମସ୍ତ ଗାଁକୁ ପାହାଡ଼ମାନ ଘେରି ରହିଛି । ଏହି ପାହାଡରୁ ବଣ୍ଡାମାନେ କାଠ, ଫୁଲ, ଫଳ, ପତ୍ର, ଡ଼ାଳ, ମୂଳ, କନ୍ଦା, ଛତୁ, ଶାଗ, ଖଟା, ମହୁ, ଝୁଣା ଇତ୍ୟାଦି ସଂଗ୍ରହ କରିବା ସହିତ ଜଙ୍ଗଲରୁ ପଶୁପକ୍ଷୀକୁ ଶୀକାର କରି ନିଜର ଗୁଜୁରାଣ ମେଣ୍ଟାଇଥାଆନ୍ତି ।

ଆଗରୁ କୁହାଯାଇଛି ଯେ ପ୍ରତ୍ୟେକ ବଣ୍ଡା ବସ୍ତିଗୁଡ଼ିକ ଏକ ଜଳ ଉତ୍ସ ନିକଟରେ ସ୍ଥାପନ କରାଯାଇଛି । ପାହାଡ଼ ପରି ଝରଣା (ଜୁଜରଡ଼ା) ମାନଙ୍କର ବିଭିନ୍ନ ନାମ ରହିଛି । ଏହି ଜଳଉତ୍ସରୁ ସେମାନେ ନିତ୍ୟବ୍ୟବହାର ପାଣି ଆଣିଥାନ୍ତି । ସେଠାରେ ଗାଧୁଆ ପାଧୁଆ, ଧୁଆଧୁର ଓ ସଫାସୁତୁରା କରାଯାଇଥାଏ । ଏତଦ୍‌ବ୍ୟତୀତ ଏହି ଜଳ ଉତ୍ସରୁ ମାଛ, କଙ୍କଡ଼ା ଇତ୍ୟାଦି ସଂଗ୍ରହ କରି ଖାଦ୍ୟ ରୂପେ ବ୍ୟବହାର କରାଯାଏ ।

ଶ୍ମଶାନ (ରାଇ ସାଙ୍ଗବ)

ବଣ୍ଡାମାନେ ଶ୍ମଶାନକୁ ରାଇସାଙ୍ଗବ କହନ୍ତି । ରାଇସାଙ୍ଗବ ନାଁ ଶୁଣିଲେ ବଣ୍ଡା ଛାତିରେ ଡରରେ ହାଲୁଅା ପଶିଯାଏ । ସମସ୍ତ ଗାଁର ମଶାଣି ଗାଁ ବାହାରେ ସୁବିଧାନୁଯାୟୀ କୌଣସି ପାର୍ଶ୍ୱରେ ରହିପାରେ । କୌଣସି ବ୍ୟକ୍ତିର ମୃତ୍ୟୁ ପରେ ତାକୁ ସାଧାରଣତଃ

ମଶାଣିରେ ପୋତାଯାଏ କିନ୍ତୁ ଯଦି କୌଣସି ଧାଙ୍ଗଡ଼ି ପେଟରି ହୋଇ ମରିଥାଏ, ବୁଅଜନ୍ମ କରି ମରିଥାଏ, ରଜବତୀ ସମୟରେ ମରିଥାଏ କିମ୍ବା କେହି ଲୋକ ହଇଜା, ମହାମାରୀ, ବସନ୍ତ ଆଦି ରୋଗରେ ମରିଥିଲେ କିମ୍ବା ହିଂସ୍ର ପଶୁ ସରୀସୃପଙ୍କ ଦ୍ୱାରା ଆଘାତପ୍ରାପ୍ତ ହୋଇ ମରିଥିଲେ ତାକୁ ପୋଡ଼ିବା ବଦଳରେ ପୋତିଦିଆଯାଇଥାଏ । ଅଧିକାଂଶ ସମୟରେ ଶବକୁ ପୋତାଯାଇଥିବା ସ୍ଥାନ ଓ ପୋଡ଼ାଯାଇଥିବା ସ୍ଥାନରେ ପାଉଁଶକୁ ଘେରାଇ ପଥର ଆବଦ୍ଧ କରାଯାଇଥାଏ । ଏହି ସ୍ଥାନ ଉପରେ ଏକପାଖିଆ ଏକ ଛାମୁଡ଼ିଆ କରାଯାଇଥାଏ । ଛାମୁଡିଆ ପାର୍ଶ୍ୱରେ ମୃତବ୍ୟକ୍ତି ଜଣଙ୍କ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିଗତ ଦ୍ରବ୍ୟ ଫୋପାଡ଼ି ଦିଆଯାଇଥାଏ । ବ୍ୟକ୍ତିଗତ ସାମଗ୍ରୀ ବ୍ୟତୀତ ଜଣେ ପୁରୁଷ ମଲେ ତା ସହିତ ଧନୁ (ଓ୍ୱା) ତୀର (ଅଅଁମ), ଟାଙ୍ଗିଆ (ଟାଙ୍ଗିଆ), ଛୁରୀ (ଇସୁପୁ), ହଳ (ସିନେ), ଯୁଆଳି (ଯୁନଁୟ), ସୁଆଁ (ରିକଡ଼ାର), ମାଣ୍ଡିଆ (ସାମେ), ଧାନ (କେରଙ୍ଗ) ଓ ବାସନକୁସନ ଏବଂ ଜଣେ ସ୍ତ୍ରୀ ଲୋକ ମରିଗଲେ ତା ସହିତ ରିଙ୍ଗା (ନଡ଼ି), ଅଳଙ୍କାର, ଦାଆ (ଇଲା), କୁଟଣୀ (ଥିୟେଁ), ଶସ୍ୟ ରଖିବା ଟୋକେଇ (ଡାମୁଙ୍ଗ), ଶସ୍ୟ ମାପିବା ପାତ୍ର ଓ ବାସନକୁସନ ଇତ୍ୟାଦି ଦ୍ରବ୍ୟ ମୃତ ବ୍ୟକ୍ତିର ବ୍ୟବହାର ପାଇଁ ଫୋପାଡ଼ି ଦିଆଯାଇଥାଏ ।

ଗୋଚର ଭୂମି :

ବଣ୍ଡାମାନେ ଚାଷକାମ ସହିତ ମଧ୍ୟ ପଶୁପକ୍ଷୀ ଗୃହପାଳିତ ଜୀବ ହିସାବରେ ପାଳନ କରିଥାନ୍ତି । ବଣ୍ଡାମାନେ ମୁଖ୍ୟତଃ ଗୃହପାଳିତ ପଶୁ ହିସାବରେ ବଳଦ, ଗାଈ, ଛେଳି, ମେଣ୍ଢା, ମଇଁଷି ପାଳନ କରିଥାନ୍ତି । ଏହା ସହିତ ବିଲେଇ ଓ କୁକୁର ମଧ୍ୟ ଘରେ ରଖିଥାନ୍ତି । ଗାଈଗୋରୁ, ଛେଳିମେଣ୍ଢା ଇତ୍ୟାଦିକୁ ଚରାଇବାକୁ ପଡ଼େ । ଚାଷ ସମୟରେ ବଣ୍ଡା ଲୋକମାନେ ଦଳଦଳ ହୋଇ ପାଳି କରି ପଶୁମାନଙ୍କୁ ଚରାଇଥାନ୍ତି । ଗୋରୁଗାଈ ଚରାଇବା ପାଇଁ କୌଣସି ବଣ୍ଡା ଗ୍ରାମରେ ସ୍ୱତନ୍ତ୍ର ଜମି ବା ସ୍ଥାନ ନାହିଁ । ଏ ପାହାଡ଼ରୁ ସେ ପାହାଡ଼, ଏ ପଦାରୁ ସେ ପଦାକୁ ନେଇ ଗୃହପାଳିତ ପଶୁଙ୍କ ଚରାଇଥାନ୍ତି । ଶସ୍ୟ ନଷ୍ଟ ନ କରିବା ପାଇଁ ଏବଂ ପଶୁମାନଙ୍କୁ ପ୍ରଚୁର ଖାଦ୍ୟ ଯୋଗାଇ ଦେବା ପାଇଁ ଏମାନଙ୍କୁ ଆକଟ କରାଯାଇଥାଏ ।

ଚାଷ ଜମି :

ବଣ୍ଡାମାନଙ୍କର ଚାଷ ଜମିକୁ ୪ ଭାଗରେ ବିଭକ୍ତ କରାଯାଇପାରେ ଯଥା ଗୃହ ସଂଲଗ୍ନ ପନିପରିବା ବଗିଚା (ଡ଼ିଙ୍ଗାବୁର), ପାଣିଜମି (ଡ଼ାକଲାର/ଲିଉଁ) ପଦା ଜମି (ରାଙ୍ଗସଙ୍ଗ) ଓ ପୋଡୁଚାଷ (ବିରି) । ଡିଙ୍ଗିଆବୁର ବିଷୟରେ ଆଗରୁ ବର୍ଣ୍ଣନା କରାଯାଇଛି ।

ଝରଣାର ଦୁଇ କୁଳେ କୁଳେ କିମ୍ବା ପାହାଡ଼ ମଧ୍ୟସ୍ଥ ଉପତ୍ୟକା ଅଞ୍ଚଳରେ ପାଣି ଜମି ନିର୍ମାଣ କରାଯାଇଥାଏ । ଏହା ବର୍ଷସାରା ଜଳସେଚନ ପାଇଁ ବର୍ଷାଜଳ ଉପରେ ନିର୍ଭର କରିଥାଏ । ତେଣୁ ବର୍ଷା ଜଳର ସୁବିଧା ଅନୁଯାୟୀ ଏହି ଜମିରେ ବର୍ଷକୁ ଥରେ ଧାନ ଚାଷ କରାଯାଏ । ବର୍ଷା ହେଲାପରେ ଧାନକୁ ତଳିପକାଇ, ଜମିକୁ କାଦୁଅ କରି ରୋପଣ କରାଯାଇଥାଏ । ପାଣିଜମି ବା ଲିଭଁବଣ୍ଡାର ସବୁଠାରୁ ବଳି ପ୍ରିୟ ଓ ଅମୂଲ୍ୟ ସଂପଦ । ବଣ୍ଡା ବରଂ ମରିଯିବାକୁ ଚାହେଁ କିନ୍ତୁ ତା'ର ପ୍ରିୟ ଲିଭଁଠାରୁ ଅଲଗା ହେବାକୁ ଚାହେଁନାହିଁ । ତେଣୁ କୌଣସି ବ୍ୟକ୍ତିକୁ ଅସ୍ତ୍ରାଘାତରେ ମାରିଦିଆଗଲେ, କ୍ଷତିପୂରଣ ସ୍ୱରୂପ ଏକ ପାଣି ଜମି ଦିଆଯାଏ ।

ଯେଉଁ ଢିପ ଜମିଗୁଡ଼ିକରେ ପାଣି ଜମି ରହେ ନାହିଁ ତାକୁ ପଦା ବା ରାଙ୍ଗସଙ୍ଗ କୁହାଯାଏ । ଏହି ଜମି ମଧ୍ୟ ବର୍ଷାଜଳ ଦ୍ୱାରା ସେଚିତ ହୋଇଥାଏ । ଏଠାରେ ଧାନ, ମାଣ୍ଡିଆ, ସୁଆଁ, କାଙ୍ଗୁ, କଙ୍କଡ଼ାଆଖୁ, ଅଳସୀ ଇତ୍ୟାଦି କରାଯାଇଥାଏ । ଏହି ଜମି ମଧ୍ୟ ଏକ ଫସଲି ଅଟେ ।

ବଣ୍ଡା ଜଙ୍ଗଲ କାଟି ପୋଡୁଚାଷ କରିବାକୁ ଖୁର ଧୁରନ୍ଧର । ପୋଡୁଜମିକୁ ବଣ୍ଡା ବିରି କହେ । ବଡ଼ସାନ ଗଛକୁ କାଟି, ସେଥିରେ ନିଆଁ ଲଗାଇ ବିରି ପ୍ରସ୍ତୁତ କରେ । ସେଥିରୁ ସୁଆଁ, ମାଣ୍ଡିଆ, କାଙ୍ଗୁ, କାଙ୍ଗଡ଼ାଆଖୁ, ଅଳସୀ ଇତ୍ୟାଦି ଶସ୍ୟ ଅମଳ କରେ । ଏହି ଶସ୍ୟ ବ୍ୟତୀତ ବିଭିନ୍ନ ପନିପରିବା ବୋଇତାଳୁ, ଶିମ୍ବ, କାକୁଡ଼ି, ଲାଉ, ବାଇଗଣ, ଟମାଟୋ, ଭେଣ୍ଡି, ରୁମା ଇତ୍ୟାଦି ଚାଷ କରାଯାଇଥାଏ । କେତେକ ଡଙ୍ଗରର କଢ଼େ କଢ଼େ ଜଡ଼ା ବୃକ୍ଷରୋପଣ କରି ଇନ୍ଧନ ମଞ୍ଜି ସଂଗ୍ରହ କରାଯାଏ ।

ଗ୍ରାମ ପାଚେରୀ (ରୁନୁକ୍‌ବୋର):

ରୁନୁକବୋର ଗୋଟିଏ ପଥରର ବାଡ଼ । ଦୁଇଟି ଗ୍ରାମର ମଧ୍ୟବର୍ତ୍ତି ସ୍ଥଳରେ ଅନେକ ଗୁଡ଼ିଏ ପଟା ଆକୃତି ବିଶିଷ୍ଟ ପଥରରେ ନିର୍ମାଣ କରାଯାଇଥାଏ ଏହି ରୁନୁକ୍ ବୋର । ଯିବା ଆସିବା କରିବା ପାଇଁ ଏହି ବାଡ଼ର ମଝିରେ ଗେଟ୍ ବା ଫାଟକ ଥାଏ । ଏହାର ଉଚ୍ଚତା ୩-୪ ଫୁଟ୍ ଭିତରେ । ରୁନୁକ ବୋର ବିଷୟରେ ଅନେକ ଲୋକ ଭିନ୍ନ ଭିନ୍ନ ମତ ପ୍ରକାଶ କରିଥାନ୍ତି ।

କେତେକ ରୁନୁକବୋରକୁ ଦେବତା କହିଲାବେଳେ ଅନ୍ୟ କେତେକ ଏହାକୁ ଅସୁର ବୋଲି କହିଥାନ୍ତି । ଏହା ସହିତ ଅଗ୍ନିଦେବତା କରାଣ୍ଡିକର ସଂପର୍କ ରହିଛି ।

କରାଣ୍ଡି ରାଗିଲେ ଘରବାଡ଼ି ଗାଁ ଗଣ୍ଡା ଜଳି ପାଉଁଶ ହୋଇଯାଏ । କାରଣ୍ଡି ଖୁବ୍ ଶକ୍ତିଶାଳୀ । ତେଣୁ ବୁରସଂ (ସିନ୍ଦିବୋର ଦେବତା), ଅଣ୍ଡି (ଗ୍ରାମ ଦେବତା) ଓ ମାଉଲି (ଜଙ୍ଗଲ ଦେବତା) ତାଙ୍କୁ ନିଜର ଅଙ୍ଗରଖି ଭାବେ ରଖିଥାନ୍ତି । ଏ ତିନି ଦେବତା ଲୋକଙ୍କର ଅନିଷ୍ଟ କରନ୍ତି ନାହିଁ । କିନ୍ତୁ ତାଙ୍କ ମାନ ସମ୍ମାନରେ ଆଞ୍ଚ ଆସିଲେ ସେମାନେ କରାଣ୍ଡିକୁ ଖବର ଦିଅନ୍ତି । କରାଣ୍ଡି ଦୋଷୀକୁ ଦଣ୍ଡ ଦିଏ । ଦୋଷୀର ଘରଦ୍ୱାର ପୋଡ଼ି ଛାରଖାର କରିଦିଏ । ଶିଶାକୁ ସ୍ୱପ୍ନରେ ଘରପୋଡ଼ିର କାରଣ କହିଦିଏ । ଶିଶା ଛେଳି ରକ୍ତ ଦେଇ କରାଣ୍ଡିଙ୍କୁ ଶାନ୍ତ କରାନ୍ତି । ଏହି କରାଣ୍ଡି ଦେବତାଙ୍କର ବାସସ୍ଥଳୀ ହେଉଛି ରୁନୁକ୍‌ବୋର । ସେ ରୁନୁକ୍‌ବୋରରେ ରାତିରେ ଶୁଅନ୍ତି । ଗାଁକୁ ଜଗନ୍ତି । ବାହ୍ୟ ଶତ୍ରୁ ଦେବାଦେବୀଙ୍କ କୋପ ଆକ୍ରମଣକୁ ପ୍ରତିରୋଧ କରନ୍ତି ।

ବଣ୍ଡା ଅଞ୍ଚଳର ସବୁ ଗାଁମାନଙ୍କର ସୀମାରେ ରୁନୁକ୍‌ବୋର ନାହିଁ । ମାତ୍ର ଅଳ୍ପ କେତେକ ଗ୍ରାମ ଯଥା ଅଣ୍ଡ୍ରାହାଲ, ଗୋଇଗୁଡ଼ା, ବାଉଁଶପଡ଼ା ଓ ପିଣ୍ଡାଜାଙ୍ଗରର ସୀମାରେ ରୁନୁକବୋର ରହିଛି । କୌଣସି ବ୍ୟକ୍ତି ଏହି ପାଚେରୀ ଅତିକ୍ରମ କଲାବେଳେ ସେଠାରେ ଏକ ଡ଼ାଳପକାର ନମସ୍କାର କରି ଯାତ୍ରା ଶୁଭ ହେଉ ବୋଲି ମନାସିଥାନ୍ତି । କିନ୍ତୁ ରୁନୁକ୍ ବୋରକୁ ଭଲଭାବରେ ନିରକ୍ଷଣ କଲେ ଜଣାଯାଏ ଯେ ଏହା କେତେକ 'ଗୁନମ' (ପୂର୍ବପୁରୁଷ ସ୍ମୃତି ଅର୍ଥେ ରଖାଯାଇଥିବା ପଥର)ଙ୍କ ସମାହର । ରାସ୍ତାରେ 'ଗୁନମ' ପଥର ସ୍ଥାପନା କରିବାର ଉଦ୍ଦେଶ୍ୟ ଏହି ଯେ ସେ ପଥର ଦେଖିଲେ ପୂର୍ବପୁରୁଷମାନେ ମନେପଡୁଥିବେ ଓ ସେମାନଙ୍କର ଉପଦେଶବାଣୀ ଅନୁସାରେ ବଣ୍ଡା ସତର୍କ ହୋଇ ଚଳିପାରିବ ଓ ଅସୁବିଧାରୁ ବଞ୍ଚିତ ହେବ ।

ଯାହାହେଉ ରୁନୁକବୋର ବଣ୍ଡାମାନଙ୍କର ଦେବତା, ଗ୍ରାମର ସୁରକ୍ଷା, ସୀମା, ନିର୍ଦ୍ଧାରଣ ଓ ପୂର୍ବପୁରୁଷଙ୍କ ସ୍ମୃତିଚାରଣ ନିମନ୍ତେ ଏହା ନିର୍ମାଣ କରାଯାଇଥାଏ ।

ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା ଓ ବସତି ତତ୍ତ୍ୱାବଧାରକ:

ଉପର ବର୍ଣ୍ଣିତ ରୁନୁକବୋର ବସତିର ପାରମ୍ପରିକ ସୁରକ୍ଷା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହି ପାଚେରୀ ଦ୍ୱାରା ଗ୍ରାମ ଗ୍ରାମ ମଧ୍ୟରେ ବିଭିନ୍ନ ପ୍ରକାର ଜଳହ ଓ ସୀମା ନିର୍ଦ୍ଧାରଣ ଜନିତ ଗଣ୍ଡଗୋଳରୁ ରକ୍ଷା ମିଳିଥାଏ । ଏତଦ୍‌ବ୍ୟତୀତ ଗ୍ରାମର ମୁଖିଆ (ନାୟକ) ଓ ପୂଜାରୀ (ଶିଶା) ଗ୍ରାମ ରକ୍ଷକ ହିସାବରେ କାର୍ଯ୍ୟ କରିଥାନ୍ତି । ଗାଁକୁ

କୌଣସି ବିପତ୍ତି ଆପତ୍ତି ଆସିଲେ ତାହା ନାୟକ ଶିଶାକୁ ଜଣାଏ । ଅନ୍ୟବେଳେ ଦେବାଦେବୀମାନେ ଶିଶାକୁ ଗ୍ରାମର ଶୁଭଅଶୁଭ ବାର୍ତ୍ତା ଦେଇ ତାର ପ୍ରତିକାର ପାଇଁ ବାଟ ବତାଇ ଦେଇଥାନ୍ତି । ତେଣୁ ଶିଶା ନାୟକ ସହିତ କଥାବାର୍ତ୍ତା କରି ଗ୍ରାମର ମଙ୍ଗଳ ପାଇଁ ପୂଜାପାଠ କରି ଆସନ୍ନ ବିପତ୍ତିରୁ ଗ୍ରାମକୁ ରକ୍ଷାକରନ୍ତି । ସେହିପରି ଗାଁର ଦିଶାରୀ (ଜ୍ୟୋତିଷ ଓ ବୈଦ୍ୟ) ମଧ୍ୟ ଗ୍ରାମ ସୁରକ୍ଷାରେ ଭୂମିକା ଗ୍ରହଣ କରିଥାନ୍ତି । ଯଦି ଅନ୍ୟ କୌଣସି ଗ୍ରାମରୁ କେହି ଦିଶାରୀ ନିଜ ଗ୍ରାମର ଲୋକ କିମ୍ବା ନିଜ ଗ୍ରାମର ଅମଙ୍ଗଳ ପାଇଁ କିଛି ଅନିଷ୍ଟକାରୀ ଶକ୍ତି ପଠାଇଥାନ୍ତି, ତେବେ ତାର ମୁକାବିଲା କରେ ଦିଶାରୀ ଓ ସମସ୍ୟାର ସମାଧାନ କରି ଗ୍ରାମକୁ ସୁରକ୍ଷା ପ୍ରଦାନ କରେ ।

●●●

ବାସଗୃହ (ଡିଅ)

ଖରା, ବର୍ଷା ଓ ଶୀତ ପ୍ରକୋପରୁ ନିଜକୁ ରକ୍ଷାକରିବା ହିଂସ୍ର ବନ୍ୟପଶୁପକ୍ଷୀଙ୍କ ଆକ୍ରମଣରୁ ନିଜକୁ ସୁରକ୍ଷିତ କରିବା, ଖାଦ୍ୟ ସଂରକ୍ଷଣ ରଖିବା ସର୍ବୋପରି ପରିବାର ଗଠନ କରିବା ପାଇଁ ବଣ୍ଡା ନିର୍ମାଣ କରିଥାଏ ବାସଗୃହ(ଡିଅ) । ଆକାରରେ ଛୋଟ ହୋଇପାରେ କିନ୍ତୁ ସୁଚିନ୍ତିତ ଭାବେ ଏହି ଗୃହଗୁଡିକୁ ନିର୍ମାଣ କରାଯାଇଥାଏ । ବଣ୍ଡା ଗୃହଗୁଡ଼ିକର ବନ୍ଦୋବସ୍ତା ଦେଖିଲେ ସେମାନଙ୍କର ବ୍ୟକ୍ତିଗତ ଚରିତ୍ର ବିଷୟରେ ସ୍ପଷ୍ଟ ସୂଚନା ମିଳିଥାଏ । ତୁଳାଗୁରମ ପରି କେତେକ ଗ୍ରାମରେ ଘରଗୁଡ଼ିକୁ ବାଡ଼ ଦ୍ୱାରା ଆବଦ୍ଧ କରାଯାଇଥାଏ ଓ ମୁଦୁଲିପଡ଼ା, ଅଣ୍ଡାହାଲା ଇତ୍ୟାଦି ଗ୍ରାମଗୁଡ଼ିକରେ ଗୃହଗୁଡ଼ିକ ସଂପୂର୍ଣ୍ଣ ଭାବେ ବାଡ଼ଘେରରୁ ମୁକ୍ତ ଥାଏ । କେଉଁଠି ଗୃହକୁ ଲାଗି ପନିପରିବା ବଗିଚା ରହିଥାଏ ତ ଅନ୍ୟ କେଉଁଠି ପନିପରିବା ବଗିଚାଗୁଡ଼ିକ ଘରଠାରୁ ଦୂରରେ ଅବସ୍ଥିତ ଥାଏ । ଗୋଟିଏ ପରିବାରର ଘେରା ମଧ୍ୟରେ ନିଜ ବାସଗୃହ ବ୍ୟତୀତ, ବିବାହିତ ପୁଅ ପାଇଁ ଅଲଗା ଘର ଓ ଗୋରୁଗୁହାଳ ରହିଥାଏ । କିନ୍ତୁ ମୁଦୁଲିପଡ଼ା ଓ ଅଣ୍ଡାହାଲ ଇତ୍ୟାଦି ଗ୍ରାମମାନଙ୍କରେ ଉପରୋକ୍ତ ନିୟମ ପାଳନ କରାଯାଏ ନାହିଁ । ଗୃହଗୁଡ଼ିକ କୌଣସି ସ୍ଥାନରେ ନିର୍ମାଣ କରାଯାଇଥାଏ ।

ବଣ୍ଡା ଘରଗୁଡ଼ିକ ପ୍ରାୟ ୨ଟି ପ୍ରକୋଷ୍ଠ ବିଶିଷ୍ଟ ନିର୍ମାଣ କରାଯାଇଥାଏ । ଘରଗୁଡ଼ିକ ପିରିଦ୍ୱାରା ଛପର ହୋଇଥାଏ ଓ କାନ୍ଥଗୁଡ଼ିକ ମାଟିରେ ଗଢ଼ାଯାଇଥାଏ । ଘରର ପ୍ରଥମ ପକୋଷ୍ଠଟି ବାରଣ୍ଡା ଓ ଭିତର ଗୃହଟି ମୁଖ୍ୟ ପ୍ରକୋଷ୍ଠ ରୂପେ ବ୍ୟବହାର କରାଯାଇଥାଏ । ମୁଖ୍ୟ ଗୃହଟି ରୋଷେଇଗୃହ, ଗନ୍ତାଘର ଓ ଶୟନ କକ୍ଷ ପରି କାର୍ଯ୍ୟ କରୁଥିବା ବେଳେ ବାରଣ୍ଡାରେ ବେଳେବେଳେ ଖାଦ୍ୟ ରାନ୍ଧିବା, ଶସ୍ୟ କୁଟିବା, ଖାଦ୍ୟ ଗ୍ରହଣ କରିବା, ଗପସପ କରିବା ଇତ୍ୟାଦି କାର୍ଯ୍ୟମାନ ସଂପାଦନ କରାଯାଇଥାଏ । ଧନୀକ ଶ୍ରେଣୀ ବଣ୍ଡାମାନେ କଞ୍ଚାଇଟାରେ କାନ୍ଥ ଓ ମାଟି ଟାଇଲି ଛପର ଗୃହ ନିର୍ମାଣ କଲେଣି ।

ଯାହାହେଉ, ସମୟର ପରିବର୍ତ୍ତନର ତାଳେ ତାଳେ ବଣ୍ଡାମାନେ ମଧ୍ୟ ଟିକିଏ ବଦଳି ଗଲେଣି । ସରକାରଙ୍କର ଦୃଷ୍ଟି ବଣ୍ଡାମାନଙ୍କ ଉପରେ ପଡ଼ିଲାଣି । ସରକାରଙ୍କ ତରଫରୁ କେତେକ ଗ୍ରାମରେ ଇନ୍ଦିରା ଆବାସ ଯୋଜନାରେ ଟିଣ ଯୋଗାଇ ଦିଆଗଲାଣି । କୌଣସି ଗ୍ରାମରେ ଛାତଘର ଥିବାର ଦେଖାଯାଏ ନାହିଁ । ଆଧୁନିକ

ଗୃହର ବିଭିନ୍ନ ଉପକାରିତା ସତ୍ତ୍ୱେ ଆଧୁନିକ ଗୃହ ବଣ୍ଡାମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥାଏ । ତେଣୁ ପାରମ୍ପରିକ ଗୃହକୁ ବଣ୍ଡାମାନେ ଅଗ୍ରାଧିକାର ଦିଅନ୍ତି । ଆଧୁନିକ ଗୃହଗୁଡ଼ିକ ପାରମ୍ପରିକ ଗୃହ ଢାଞ୍ଚାରେ ନିର୍ମାଣ କରାଗଲେ ବଣ୍ଡାମାନଙ୍କର ମଙ୍ଗଳ ହେବା ସହିତ ଲୋକପ୍ରିୟ ହୋଇପାରିବ ବୋଲି ବଣ୍ଡାମାନେ ମତପ୍ରକାଶ କରନ୍ତି । ବଣ୍ଡା ବାସଗୃହ ବିଷୟରେ ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଯାଇଛି ।

ପାରମ୍ପରିକ ବାସଗୃହର ଦୃଶ୍ୟ :

ପାହାଡ, ଜଙ୍ଗଲ, ବନବନାନି ପୂରିତ ଏଇ ବଣ୍ଡା ଅଞ୍ଚଳ । ସୁଉଚ୍ଚ ପାହାଡ଼ ମଧ୍ୟବର୍ତ୍ତୀ ଉପତ୍ୟକାମାନଙ୍କରେ ସବୁଜିମାର ଶୋଭା । ମନେହୁଏ ସତେଯେପରି ଧରଣୀରାଣୀ ଶୋଇଛନ୍ତି ଘୋଡ଼ାଇ ହୋଇ ଏକ ସବୁଜ ଚାଦର । ଏଇ ସବୁଜିମାର ମଝିରେ ମଝିରେ ମେଞ୍ଚାମେଞ୍ଚା ହୋଇ ଧୂସର ରଙ୍ଗର ଗୃହଗୁଡ଼ିକ ଉଙ୍କିମାରେ । ପ୍ରାୟ ବର୍ଗାକାର କିମ୍ବା ଚତୁର୍ଭୁଜକାର ଧୂସର ଛାଉଣୀ ଛପର ଘରଗୁଡ଼ିକ ନୀଳ ଆମ୍ବ, ପଣସ ଇତ୍ୟାଦି ଗଛ ମଧ୍ୟରେ ଶୋଭାପାଇଥାଏ । ଗ୍ରାମର ଇତସ୍ତତଃ ହୋଇ ଗୃହଗୁଡ଼ିକ ନିର୍ମାଣ କରାଯାଇଥାଏ । ତେଣୁ କୌଣସି ବନ୍ଦୋବସ୍ତ ବିନା ଗୃହଗୁଡ଼ିକ ନିର୍ମାଣ କରାଯାଇଥାଏ ବୋଲି ନିଃସନ୍ଦେହରେ କୁହାଯାଇପାରେ । ମାଟି ନିର୍ମିତ କାନ୍ଥଗୁଡ଼ିକ ଲାଲ କିମ୍ବା କଳାମାଟିରେ ସୁନ୍ଦର ଭାବରେ ଲିପାପୋଛା ହୋଇଥାଏ । ଧନୀ, ଗରିବ, ପୂଜାରୀ କିମ୍ବା ଧାଙ୍ଗଡ଼ିବସା ଗୃହଗୁଡ଼ିକ ଦେଖିବାକୁ କେହି କାହାରିଠାରୁ ପୃଥକ ନୁହନ୍ତି । ବାସଗୃହ ବ୍ୟତୀତ ଗୋରୁଗୁହାଳମାନ ଗ୍ରାମ ମଧ୍ୟରେ ଘରକୁ ଲାଗି ଦେଖାଯାଏ । ଏହି ଗୃହଗୁଡ଼ିକରେ କାନ୍ଥ ନଥାଏ ।

ବାସଗୃହର ଗଠନ :

ଅନ୍ୟ ଆଦିବାସୀଙ୍କ ପରି ବଣ୍ଡାଗୃହର ସ୍ୱତନ୍ତ୍ରତା ରହିଥାଏ । ବିଭୁଡ଼ି ହେବାପରି ଗୃହଗୁଡ଼ିକ ଏଠି ସେଠି ନିର୍ମାଣ କରାଯାଇଥାଏ । ଘରର ଦୈର୍ଘ୍ୟ ପ୍ରସ୍ଥରେ ପାର୍ଥକ୍ୟ ଦେଖାଯାଏ । ସାଧାରଣ ଗୃହଗୁଡ଼ିକ ଲମ୍ବ ୧୮-୨୦ ଫୁଟ ଓ ପ୍ରସ୍ଥ ୧୨-୧୫ ଫୁଟ ହେବ । ଉଚ୍ଚତା ପ୍ରାୟ ୧୦ ଫୁଟ୍ । ପ୍ରତ୍ୟେକ ଗୃହର ଗୋଟିଏ ମୁଖ୍ୟ ପ୍ରକୋଷ୍ଠ (ଭିତର ଡିଅ) ଓ ଗୋଟିଏ ଆବଦ୍ଧ ବାରଣ୍ଡା (ପିଣ୍ଡାଇ) ଥାଏ । ଏହା ବ୍ୟତୀତ ଗୃହର ଗୋଟିଏ ପାର୍ଶ୍ୱରେ ଏହିପରି ଏକ ଗୃହରେ ବିଭିନ୍ନ ପ୍ରକାର ଚାଷୋପକରଣ, ଶୁଖିଲା ଜାଳେଣି କାଠ ଇତ୍ୟାଦି ରଖାଯାଇଥାଏ । ଗୃହରେ ଗୋଟିଏ ମୁଖ୍ୟ ପ୍ରକୋଷ୍ଠ (ଭିତର ଡିଅ) ଓ ଗୋଟିଏ ବାରଣ୍ଡା (ପିଣ୍ଡାଇ) । ଗୋଟିଏ ଘୁଷୁରୀ ଓ ଛେଳି ଘର ଓ ଅନ୍ୟାନ୍ୟ

ଜିନିଷ ରଖିବା ପାଇଁ ଗୋଟିଏ ଛୋଟ ବଖରା (କୁଇଡ଼ା) ଥାଏ । ମୁଖ୍ୟ ପ୍ରକୋଷ୍ଠର ଆକାର ୧୨ ଫୁଟ X ୧୦ ଫୁଟ୍, ବାରଣ୍ଡାର ଆକାର ୧୫ ଫୁଟ୍ X ୫ ଫୁଟ୍ ଓ ଦୁଇପାର୍ଶ୍ୱରେ ଥିବା ପ୍ରତ୍ୟେକ ଛୋଟ ପ୍ରକୋଷ୍ଠାର ଆକାର ୧୦ ଫୁଟ୍ X ୨ ଫୁଟ୍ ହୋଇଥାଏ । ଘରର ମାତ୍ର ଗୋଟିଏ କବାଟ ଥାଏ । ଏହାର ଦୈର୍ଘ୍ୟ ୩ଫୁଟ୍ - ୪ ଫୁଟ୍ ଓ ପ୍ରସ୍ଥ ୧ ଫୁଟ୍ ୮ ଇଞ୍ଚ୍ - ୨ ଫୁଟ୍ ହୋଇଥାଏ । ଏହା ମୁଖ୍ୟତଃ ଗୋଟିଏ ପଟାରେ ନିର୍ମିତ । ମୁଖ୍ୟ କବାଟଟି ବାରଣ୍ଡାକୁ ଖୋଲେ । ବାରଣ୍ଡାରେ ଶସ୍ୟ କୁଟିବା ପାଇଁ ଗାତ ଥାଏ । ଏଠାରେ ଗୋଟାଏ ପାର୍ଶ୍ୱକୁ ପଥର ରଖି ଏକ ଚୁଲି ତିଆରି କରାଯାଇଥାଏ । ଚୁଲି ଉପରେ ଏକ ଝୁଲା ଭାଡ଼ି (ଜୁନୁଙ୍ଗସଙ୍ଗ) ଥାଏ । ଏଥିରେ ଶସ୍ୟ, ମାଂସ, ମାଛ ଇତ୍ୟାଦି ଶୁଖାଯାଇଥାଏ । ଘରର ଅନ୍ୟାନ୍ୟ ଜିନିଷ ଯଥା କୋଦାଳ, ଟାଙ୍ଗିଆ, କୁରାଢ଼ୀ, ଶାବଳ, ଶୋଇବା ପଟି, ଧନୁତୀର ଇତ୍ୟାଦି ଏହି ଗୃହରେ ରଖାଯାଇଥାଏ । ଛେଳି ଗୁହାଳ (ଗିମେ ସାଲୁ) ଓ କଇଡ଼ାକୁ ଏହି ଗୃହରୁ ବାଟ ଥାଏ କିନ୍ତୁ କବାଟ ଲାଗି ନଥାଏ । ଏହି ଗୃହରୁ ଭିତର ଗୃହ ବା ମୁଖ୍ୟ କକ୍ଷକୁ ଏକ କବାଟ ଲାଗିଥାଏ । ଏହି କବାଟର ଆକାର ମଧ୍ୟ ଆଗରୁ ବର୍ଣ୍ଣିତ କବାଟର ଆକାର ପରି ହେବ । ମୁଖ୍ୟ ଗୃହ ଗୋଟିଏ କୋଣରେ ରୋଷେଇ କରିବା ପାଇଁ ଚୁଲି ଓ ଚୁଲି ଉପରେ ଝୁଲାଭାଡ଼ି ରହିଥାଏ । ଏହି ଭାଠିରେ ଶସ୍ୟାଦି ଶୁଖାଯାଏ । ଏହା ଉପରେ ଚାଳରୁ ପତ୍ରର ବନ୍ଧା ହୋଇଥିବା ବଡ଼ ଲୁଣ ପୁଡ଼ିଆ ଝୁଲାଯାଇଥାଏ । କବାଟର ଠିକ୍ ଅପରପାର୍ଶ୍ୱ କାନ୍ଥ ଓ ଉକ୍ତ କାନ୍ଥ ସଂଲଗ୍ନ ଏକ କାନ୍ଥ ମୂଳରେ ୬ ଇଞ୍ଚ ଉଚ୍ଚା ମାଟିରେ ଛୋଟ ପିଣ୍ଡି (କୁନୁଡ଼ରା) ଲମ୍ବା ଭାବରେ ତିଆରି କରାଯାଇଥାଏ । ଗୋଟିଏ ପିଣ୍ଡିରେ ପାଣିହାଣ୍ଡି, ପେଜ ହାଣ୍ଡି, ହାଣ୍ଡିଆ ହାଣ୍ଡି ରଖାଯାଇଥାଏ । ଅନ୍ୟ ଗୋଟିଏ ପିଣ୍ଡିରେ ଶସ୍ୟ ପୂର୍ଣ୍ଣ ପାତ୍ରମାନ ରଖାଯାଇଥାଏ । ତୃତୀୟ କାନ୍ଥ ପାର୍ଶ୍ୱକୁ ଲାଗି କାଠ କିମ୍ବା ବାଉଁଶରେ ଏକ ଭାଡ଼ି (ଉର) ନିର୍ମାଣ କରାଯାଇଥାଏ । ଏହି ଭାଡ଼ି ଉପରେ ଶସ୍ୟପୂର୍ଣ୍ଣ ଟୋକେଇ ସାଇତା ଯାଇଥାଏ । ଏହି ଗୃହରେ କାନ୍ଥ ଉପରେ କାଠ କିମ୍ବା ପଟାରେଏକ ଆଟୁ (ରଙ୍ଗଡ଼ାଙ୍ଗ) ନିର୍ମାଣ କରାଯାଇଥାଏ । ଏହା ବ୍ୟତୀତ ଗୃହର ମୂଲ୍ୟବାନ ଜିନିଷ, ଅଳଙ୍କାର, ଟଙ୍କା ପଇସା ମଧ୍ୟ ଏହି ଆଟୁରେ ମାଟିହାଣ୍ଡି କିମ୍ବା ବାକ୍ସରେ ସାଇତା ଯାଇଥାଏ । ମୁଖ୍ୟ ପ୍ରକୋଷ୍ଠର ଉଭୟ ପାର୍ଶ୍ୱରେ ଦୁଇଟି ଅଣଓସାରିଆ କକ୍ଷ ଥାଏ । ଗୋଟିଏ କକ୍ଷରେ ଘୁଷୁରୀ ଓ ଛେଳି ରହନ୍ତି । ଘୁଷୁରୀ ଯାତାୟତ ପାଇଁ କାନ୍ଥର ବାହାର ପାର୍ଶ୍ୱରେ ଏକ ଛୋଟ କବାଟ (ଆକାର ପ୍ରାୟ ୧ ଫୁଟ୍ X ୧ ଫୁଟ୍) ଥାଏ । ଛେଳିଗୁଡ଼ିକ ଗୃହର ମୁଖ୍ୟ ଫାଟକ ଦେଇ ବାହାରନ୍ତି । ଅନ୍ୟ ପାର୍ଶ୍ୱରେ ଥିବା ଛୋଟ ବଖରାଟିରେ ଶାବଳ, କୋଦାଳ, ଯନ୍ତା, ଜାଇ, ମାନ୍ଥରା ଯନ୍ତ୍ର ଓ ଶୁଖିଲା କାଠ ଇତ୍ୟାଦି ରଖାଯାଇଥାଏ । କୌଣସି ବନ୍ଧା ବ୍ୟକ୍ତିଙ୍କ ଗୃହରେ ଝରକା ନଥାଏ ।

ବାସଗୃହର ନିର୍ମାଣ :

ସାଧାରଣତଃ ବଣ୍ଟାମାନେ ମାଘ ପର୍ବ ସରିଲେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତି ଓ ଏହି କାର୍ଯ୍ୟ ଫଗୁଣ ମାସରେ ଶେଷ ହୁଏ । ପ୍ରଥମେ ଗୃହ ନିର୍ମାଣ ପାଇଁ ଏକ ସ୍ଥାନ ନିରୂପଣ କରାଯାଏ । କୌଣସି ଏକ ମଙ୍ଗଳବାର, ବୁଧବାର, ଶୁକ୍ରବାର କିମ୍ବା ଶନିବାର ଦିନ ପୂର୍ବ ରାତ୍ରରୁ ଗାଁର ଦିଶାରୀ (ଜ୍ୟୋତିଷ ଓ ବୈଦ୍ୟ)ଙ୍କୁ ଘର ନିର୍ମାଣ ପାଇଁ ସ୍ଥାନ ନିରୂପଣ କରିବା ପାଇଁ ଆମନ୍ତ୍ରଣ କରଯାଏ । ଉକ୍ତ ଦିନ ସକାଳୁ ଦିଶାରୀ କାର୍ଯ୍ୟୀ ଘରକୁ ଆସେ । ଦିଶାରୀ କାର୍ଯ୍ୟୀର ଘରେ ପହଞ୍ଚି ଏକ କାଠ ପଟା ସଂଗ୍ରହ କରି ପଟାକୁ ଧୋଇ ହଳଦୀ ଲିପିଦିଏ । ଗୃହନିର୍ମାଣ କରିବାକୁ ଥିବା ସ୍ଥାନରୁ ମାଟି ଆଣେ । ଧୂପ ଲଗାଏ, ତିନିଟିପା ଅରୁଆ ଚାଉଳ ଆଣି ହଳଦୀ ଲିପା ହୋଇଥିବା ପଟା ଉପରେ ରଖେ । ମହାପ୍ରଭୁଙ୍କୁ ସ୍ମରଣ କରେ

"ଦେଖ ମହାପ୍ରୁ, ସତ ହେଲେ ସତ୍ ହେବ ମିଛ ହେଲେ ଫିଟିଯା,

ଶୁନିକରି ବୁଝିକରି ଦେଖ୍ ମହାପ୍ରୁ, ଉପରେ ସାତ୍ ପୁର୍ ତଳେ ସାତ୍‌ପୁର

ମଝିରେ ମଣିଷପୁର"

ଦିଶାରୀ ପାଞ୍ଜି (ଯୁଆକ୍ତ) ଭିଡ଼େ । ପଟା ଉପରେ ଥିବା ଚାଉଳକୁ ଯୋଡ଼ାଯୋଡ଼ା କରେ । ଯଦି ଚାଉଳ ଗୁଡ଼ିକ ଯୋଡ଼ା ଯୋଡ଼ା ହୋଇଯାଏ ତେବେ ଭଲ ବୋଲି ବିଚାର କରାଯାଏ ଓ ଯଦି ଚାଉଳ ବିଯୋଡ଼ ହୁଏ ତେବେ ଉକ୍ତ ସ୍ଥାନରେ କାର୍ଯ୍ୟୀ ଗୃହ ନିର୍ମାଣ କରିବା ଅଶୁଭ ବୋଲି ବିଚାର କରାଯାଏ। ଯଦି ଅନ୍ୟଗ୍ରାମର ଦିଶାରୀକୁ ଘର ନିର୍ମାଣ ପାଇଁ ଶୁଭାଶୁଭ ବିଚାର କରିବାକୁ କୁହାଯାଏ, ତେବେ କାର୍ଯ୍ୟୀ ଗୃହ ନିର୍ମାଣ କରିବାକୁ ଥିବା ସ୍ଥାନରୁ ମାଟିନେଇ ଦିଶାରୀକୁ ଦେଖାଏ କିମ୍ବା ଦିଶାରୀ ଘଟଣାସ୍ଥଳରେ ଉପସ୍ଥିତ ରହି ଗୃହର ଶୁଭାଶୁଭ ନିର୍ଣ୍ଣୟ କରେ ।

ଯଦି ପାଞ୍ଜି ଭିଡ଼ିଯାଏ (ଅର୍ଥାତ୍ ଚାଉଳ ଯୋଡ଼ାଯୋଡ଼ି ହୋଇଯାଏ) ତେବେ ଦିଶାରୀ ଗୋଟାଏ ଛୋଟ ଶିମିଳି (କିରାଙ୍ଗ) ଗଛ, କଣ୍ଟା (କଷି) ଗଛ ଓ ପିରି (ଲଙ୍ଗ) ସଂଗ୍ରହ କରି ଆଣେ । ପୂଜାପାଠ ପରେ ଦିଶାରୀ ଉକ୍ତ ଗଛଦ୍ୱୟ ଓ ପିରିକୁ ଏକାଠି ମିଶାଇ ସିଆଡ଼ି ନଇରେ ବାନ୍ଧେ । ଅଳ୍ପଗାଡ ଖୋଳି ସେହିଠାରେ ଉକ୍ତ ବିଡ଼ାକୁ ପୋତିଦିଏ । ତା' ଆଗରେ ପାଞ୍ଜି ଚାଉଳକୁ ଗୋଟେ ସିଆଡ଼ିପତ୍ରରେ ରଖି ଗୋଟାଏ

ଝୁଡ଼ି (ଥିପନି) ଘୋଡ଼ାଇ ଦିଆଯାଏ । ପରଦିନ ସକାଳୁ ଘରଲୋକ ଉଠି ପୂଜା ସାମଗ୍ରୀକୁ ଦେଖନ୍ତି । ପୋତା ହୋଇଥିବା ଗଛ ଓ ପିରି ସେହିପରି ଠିଆହୋଇଥିଲେ ଓ ପାଞ୍ଜି ଚାଉଳ ଅକ୍ଷୁର୍ଣ୍ଣ ଥିଲେ (ଅର୍ଥାତ୍ ଯେତୋଟି ଚାଉଳ ରଖାଯାଇଥିଲା ସେତୋଟି ଥିଲେ) ଉକ୍ତ ସ୍ଥାନ ମଙ୍ଗଳକାରିଣୀ ବୋଲି ବିଚାର କରାଯାଏ ଓ ଗୃହ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଏ । ଯଦି ଉପରୋକ୍ତ ବିଧିବିଧାନରେ କୌଣସି ଗୋଟିକରେ ବ୍ୟତିକ୍ରମ ଦେଖାଯାଏ ତେବେ ସେଠାରେ ଗୃହ ନିର୍ମାଣ କରାଯାଏ ନାହିଁ ।

ଗୃହ ନିର୍ମାଣ ପାଇଁ ପ୍ରଥମେ ଜଙ୍ଗଲରୁ ମଝିଖୁଣ୍ଡ (ମୁଲଡ଼ିଲି) ଅଣାଯାଏ । ଏହି ଖୁଣ୍ଟର ଅଗ୍ରଭାଗରେ ତିନୋଟି ଆମ୍ବପତ୍ର ବାନ୍ଧି ଦିଆଯାଏ । ସୂର୍ଯ୍ୟ ଦେଖିକରି ଏହି ଖୁଣ୍ଟକୁ ପୋତି ଦିଆଯାଏ । ଖୁଣ୍ଟମୁଳେ ଧଳାଫୁଲ ଅର୍ପଣ କରାଯାଏ । ଗୃହ ଦେବାଦେବୀ ଓ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ ଅଣ୍ଡା ଭଙ୍ଗାଯାଇଥାଏ । ଖୁଣ୍ଟ ପୋତାଦେବାର ୧୦-୧୫ ଦିନ ପରେ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ।

ଗୃହ ନିର୍ମାଣ ପାଇଁ ଅନେକ ଖୁଣ୍ଟ (ଯଦି ଦୁଆକାନ୍ଥ ଦିଆଯାଏ ତେବେ କାନ୍ଥ ପାଇଁ ଖୁଣ୍ଟ (ଖୁଡ଼) ଆବଶ୍ୟକ ପଡ଼େ ନାହିଁ), ରୁଅ (ୟୁନୟ), ଚାରୋଟି ଶ୍ରେଣୀ (ନୁଙ୍ଗ), ଗୋଟାଏ ମଥାଣ (ମୂଲଥୁନୁ), କାନ୍ଥ ଓ ବେତାରିବା ପାଇଁ ବାଉଁଶ, ଦଉଡ଼ି ଇତ୍ୟାଦି ଆବଶ୍ୟକ ହୋଇଥାଏ । ପ୍ରଥମେ ଗୃହନିର୍ମାଣ ପାଇଁ ସୂତା ଧରାଯାଇ କାନ୍ଥ ପାଇଁ ନିଆଁ (ସୁରାକସିଂ) ପୁଅମାନଙ୍କ ଦ୍ୱାରା ଖୋଳଯାଏ । ଏହି ଖୋଳା ମାଟିରେ ପାଣି ପକାଇ ପୁଅ/ ଝିଅମାନେ ଚକୁଟିଥାନ୍ତି । ଏହାପରେ ସେଠାରେ ମାଣ୍ଡିଆ ଚୁନାରୁ ପ୍ରସ୍ତୁତ କ୍ଷୀରି "ୟସାଙ୍ଗ" ଅର୍ପଣ କରି କାନ୍ଥ ଆରମ୍ଭ କରାଯାଇଥାଏ । ଅନ୍ୟଗୋଟିଏ ସ୍ଥାନରେ ଆଗରୁ ମାଟି ଖୋଳାଯାଇ ଗାଈଗୋରୁ, ପୁରୁଷ ଓ ସ୍ତ୍ରୀ ଲୋକମାନେ ମାଡ଼ି କାଦୁଅ ପ୍ରସ୍ତୁତ (ତୁବୁକ୍ ଅଅଁସି) କରି ରଖିଥାନ୍ତି । ଲଦୁ କାନ୍ଥ ଦେବା ଦିନ ଝିଅମାନେ ମାଣି ବୋହି (ତୁବୁକ ତିନ୍ତାଇ) ପୁରୁଷମାନଙ୍କୁ ଯୋଗାଇ ଦିଅନ୍ତି । ପୁରୁଷମାନେ କାନ୍ଥ ଦିଅନ୍ତି (ବସିଙ୍ଗ)। ଏହିପରି ଦିନେ ଛଡ଼ା ଦିନେ କାନ୍ଥ ଦିଆଯାଏ। ମୁହୁଲିପଡ଼ା ଓ ବାଉଁଶପଡ଼ା ଗ୍ରାମରେ ଲଦୁକାନ୍ଥ ଦେବାପାଇଁ ମହାପ୍ରଭୁ ମନାକରିଛନ୍ତି ବୋଲି ବଣ୍ଡାମାନେ କହନ୍ତି । ତେଣୁ ଏଠାରେ ପ୍ରଥମେ ଖୁଣ୍ଟ ପୋତାଯାଏ ଓ ବାଉଁଶ ବତା ସହାଯ୍ୟରେ ଛନ୍ଦାଛନ୍ଦି କରି ବାଡ଼ କରାଯାଏ । ପରେ ଏହି ବାଡ଼ର ଭିତର ପାଖକୁ କାଦୁଅ ଲିପି ଦିଆଯାଏ ଓ ବାହାର ପାର୍ଶ୍ୱଟି ପ୍ରାୟ ଖୋଲାଯାଏ । କାନ୍ଥ ନ ଦିଆଯାଉଥିବା

ଦିନମାନଙ୍କରେ ଉଭୟ ପୁରୁଷ ଓ ସ୍ତ୍ରୀ ଲୋକମାନେ ଜଙ୍ଗଲକୁ ଯାଇ ଗୃହ ପାଇଁ ଖୁଣ୍ଟ ରୁଅ, ଆଟୁ ପାଇଁ କାଠ, ଶ୍ରେଣୀ ଇତ୍ୟାଦି ସଂଗ୍ରହ କରିଥାନ୍ତି । କାନ୍ଥ ପ୍ରାୟ ୫ ଫୁଟ୍ ହୋଇଗଲା ପରେ ପୁଅମାନେ ଆଟୁ (ନୁଙ୍ଗବଅଁ) ବାନ୍ଧନ୍ତି । ଆଟୁ ବାନ୍ଧିସାରିଲାପରେ ପୁଣି ପ୍ରାୟ ୧.୫- ୨ ଫୁଟ୍ କାନ୍ଥ ଦିଆଯାଏ । ତା'ପରେ କାନ୍ଥ ଉପରେ ଦଣ୍ଡା (ନୁଙ୍ଗ) ପୁରୁଷଲୋକମାନେ ପକାନ୍ତି । ଇତିମଧ୍ୟରେ କାନ୍ଥ ଲିପା (ରିକସୁଙ୍ଗ) ସରିଯାଇଥାଏ । ପରେ ମଝିଖୁଣ୍ଟ ପୋତି ମଥାଣ (ମୂଲଥୁନୁ) ପକାଇ ରୁଅ (ଯୁନୟ) ପକାଯାଏ । ଏହାପରେ ବାଉଁଶ କିମ୍ବା କାଠ ବଡା ସାହାଯ୍ୟରେ ପୁଅମାନେ ଘର ବେଡାରନ୍ତି (ଥୁସାସୁଙ୍ଗ) । ବଡାକୁ ରୁଅ ସହିତ ବାନ୍ଧିବା ପାଇଁ 'ଲଙ୍ଗୁଏ' (ସି ଆଡ଼ି ଦଉଡ଼ି) କିମ୍ବା 'ଇନ୍ତିଏ' ବ୍ୟବହାର କରାଯାଏ । ଶେଷରେ ଘରଛପର (ଆସୁଙ୍ଗ) କରାଯାଏ । ଝିଅମାନେ ଅନେକ ଆଗରୁ ପିରି (ଲଙ୍ଗ) ନାମକ ଘାସ ଜଙ୍ଗଲରୁ ସଂଗ୍ରହ କରି ଶୁଖାଇ ରଖିଥାନ୍ତି । ସେହି ଶୁଖିଲା ପିରି ସାହାଯ୍ୟରେ ପୁରୁଷଲୋକମାନେ ଘର ଛପର କରନ୍ତି । ଘର ଛପର ସରିଲା ପରେ ଚଟାଣକୁ ହାଣି, ପାଣି ପକାଇ ଚକୁଟି ସମାନ କରାଯାଏ ଓ ଶେଷରେ ଗୋବର ମାଟିରେ ଲିପାଯାଏ (ରିକ୍‌ତାଙ୍କ ସୁଙ୍ଗ) । ଏହି କାର୍ଯ୍ୟ ମାଘମାସରୁ ଆରମ୍ଭ ହୋଇ ଫଗୁଣ ପର୍ଯ୍ୟନ୍ତ ଚାଲିଥାଏ । ଗୃହ ନିର୍ମାଣ ପରେ ନୂତନ ଗୃହରେ ବସବାସ କରିବା ପୂର୍ବରୁ କେତେକ ପୂଜାପାଠ କରିବାର ବିଧିବିଧାନ ରହିଅଛି । ନୂଆଘରକୁ ଯିବା ପାଇଁ ପ୍ରଥମେ "ଗାଇଡ଼ିମ" ନାମକ କର୍ମକାଣ୍ଡ ପାଳନ କରାଯାଏ । କୌଣସି ଏକ ମଙ୍ଗଳବାର କିମ୍ବା ଶନିବାର ଦିନ ନୂଆ ଘରକୁ ଯାଆନ୍ତି । ସେଠାରେ ତିନୋଟି ପଥର ସାହାଯ୍ୟରେ ଏକ ଚୁଲି (ଥୁରୁସଙ୍ଗ) ନିର୍ମାଣ କରାଯାଏ । ଗୋଟାଏ କୁକୁଡ଼ା ଗୃହଦେବତା ଓ ପିତୃପୁରୁଷଙ୍କ ନାମରେ ବଳି ଦିଆଯାଏ । ପରେ ଚାଉଳ ଭାତ ଓ କୁକୁଡ଼ା ମାଂସ ପ୍ରସ୍ତୁତ କରି ଦେବାଦେବୀ ଓ ପିତୃପୁରୁଷଙ୍କୁ ଅର୍ପଣ (ବୁଙ୍ଗସେ) କରି ଘରର ସମସ୍ତ ବ୍ୟକ୍ତି ଓ ପଡ଼ିଶା ଘରର ଲୋକମାନେ ଖାଇଥାନ୍ତି । ଏହି ଗାଇଡ଼ିମ ନ କରିବା ପର୍ଯ୍ୟନ୍ତ ନୂଆ ଘରେ ରହିବା ଭଲ ନୁହେଁ ବୋଲି ବଣ୍ଡା ଲୋକମାନେ ମତ ଦିଅନ୍ତି ।

ଏହାର ଠିକ୍ ଗୋଟାଏ ମାସ ପରେ (ଅର୍ଥାତ୍ ଚୈତ ମାସରେ) ଡ଼ିଅଗୁଫା କରାଯାଏ । ଘରର ମୁଖିଆ ଏହି ପୂଜା ନିଜେ କରନ୍ତି । ଗୋଟାଏ କଳାକୁକୁଡ଼ା (ସିମେଡ଼ାଙ୍କ ଗିସିଂ) ବଳି ଦିଆଯାଏ । ଘରର ଉନୁଟି, ଗୋରୁଗାଈ ଓ ଗୃହପାଳିତ

ପଶୁପକ୍ଷୀ ବୃଦ୍ଧି, ଘରକୁ ପାଙ୍ଗଶରୁ ରକ୍ଷା ଓ ସର୍ବୋପରି ଗୃହ ଲୋକମାନେ ଭଲରେ ରହନ୍ତୁ ବୋଲି ଏହି ତିଅଗୁଫା କରାଯାଇଥାଏ । ପୂଜାପରେ ଭାତ ଓ ମାଂସ ରାନ୍ଧି ଘର ଓ ପଡ଼ିଶାର ଲୋକମାନେ ମିଶି ଖାଦ୍ୟ ସେବନ କରିଥାନ୍ତି ।

ଗୃହ ବିଭାଗୀକରଣ ଓ ତା'ର ବ୍ୟବହାର:

ବଣ୍ଡା ଗୃହକୁ ବାରଣ୍ଡା (ପିଣ୍ଡାଇ), ମୁଖ୍ୟକକ୍ଷ (ଭିତରଡ଼ିଅ), ଘୁଷୁରୀ ଓ ଛେଳିଗୁହାଳ (ସାଲୁ) ଏବଂ ଅନ୍ୟାନ୍ୟ ଜିନିଷ ରଖିବା ପାଇଁ ଛୋଟ ବଖରା (କୁଇଡା)ରେ ବିଭକ୍ତ କରାଯାଇପାରେ । ବାରୁଣ୍ଡାର ମଧ୍ୟଭାଗରେ ତିନିଖଣ୍ଡ ପଥର ରଖି ନିର୍ମାଣ କରାଯାଇଥାଏ ଏକ ଚୁଲି । ଏଠାରେ ଅନେକ ସମୟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ । ରାତ୍ରରେ ଅନେକ ସମୟରେ ଶୋଇଲାବେଳେ ଏହିଠାରେ ନିଆଁ ଲଗାଇ ରଖାଯାଇଥାଏ ଓ ଏହା ପାର୍ଶ୍ୱରେ ଶୋଇବା ଫଳରେ ଶୀତର ପ୍ରକୋପରୁ ରକ୍ଷା ମିଳିଥାଏ । ଏହି ବାରଣ୍ଡାର ଚଟାଣରେ ଶସ୍ୟ କୁଟିବା ପାଇଁ ଏକ ମାଟି ଖୋଳ (ସାବୁକ୍) ଓ ଗୋଟିଏ କାଠଖୋଳ (ଥିସା) ରହିଥାଏ । ଏହି ସାବୁକ୍ ଓ ବାରଣ୍ଡାର କୋଣରେ ରଖାଯାଇଥିବା କାଠ ନିର୍ମିତ କୁଟଣା (ଥିୟେଁ) ସାହାଯ୍ୟରେ ବିଭିନ୍ନ ପ୍ରକାର ଶସ୍ୟ ଯଥା ସୁଆଁ, ମାଣ୍ଡିଆ, ଧାନ, କାଙ୍ଗ ଓ ଜଙ୍କଡ଼ା ଆଖି କୁଟାଯାଇ ଚାଉଳ ବାହାର କରାଯାଇଥାଏ । ଥିସାରେ ଆମ୍ବଟାକୁ ଓ ସଜପ ମଞ୍ଜକୁ ଗୁଣ୍ଡ କରାଯାଏ ଓ ବିଭିନ୍ନ ପ୍ରକାର ଶସ୍ୟକୁ ମଧ୍ୟ ଗୁଣ୍ଡଜରି ଚୂନା ପ୍ରସ୍ତୁତ କରାଯାଏ । ଏହି ଚୂନାରେ ଖରି କିମ୍ବା ପିଠା କରାଯାଏ । ଘରକୋଣରେ ଅନ୍ୟାନ୍ୟ ଜିନିଷ ଯଥା ଶୋଇବା ପାଇଁ ବାଉଁଶ ପଟି, ଝାଡୁ, ଟାଙ୍ଗିଆ, ଶାବଳ, କୋଦାଳ ଇତ୍ୟାଦି ରଖାଯାଇଥାଏ । ଏହି ବାରଣ୍ଡାର ଚାଳରେ ଧନୁତୀର, ଛୁରୀ, ଅଳଙ୍କାର ଇତ୍ୟାଦି ଖୋସା ଯାଇଥାଏ । ଏହି କକ୍ଷଟି ବହୁବିଧ କାର୍ଯ୍ୟରେ ବିନିଯୋଗ କରାଯାଇଥାଏ । ଏଠାରେ ଶସ୍ୟ କୁଟିବା, ରୋଷେଇ କରିବା, ଖାଦ୍ୟ ସେବନ କରିବା, ରାତ୍ରରେ ଶୟନ କରିବା, ବନା ତିଆରି କରିବା, ଝାଡୁ ବାନ୍ଧିବା, ମାଳିଗୁନ୍ଥିବା, ଗପସପ କରିବା ଇତ୍ୟାଦି କାର୍ଯ୍ୟମାନ ସଂପାଦନ କରାଯାଇଥାଏ ।

ଏହି ବାରଣ୍ଡାରୁ ମୁଖ୍ୟ ଘର ବା ଭିତର ଘର (ଭିତର ଡ଼ିଅ)କୁ ଏକ କବାଟ ଲାଗିଥାଏ । କବାଟ ଲାଗିଥିବା କାନ୍ଥକୁ ଲାଗି ଗୋଟାଏ ପାର୍ଶ୍ୱକୁ ଏକ ଚୁଲି ନିର୍ମାଣ କରାଯାଇଥାଏ । ଏଠାରେ ରୋଷେଇ କରାଯାଏ । ଏହି ଚୁଲି ଉପରେ ଏକ ଝୁଲା

ଥାକ (ଜୁନୁଙ୍ଗସଙ୍ଗ) ଝୁଲା ଯାଇଥାଏ ଏଥିରେ ଶସ୍ୟ ଶୁଖାଯାଇଥାଏ । ତାପରେ ପତ୍ରପୁଡ଼ିଆରେ ବନ୍ଧା ହୋଇଥିବା ବଡ ଲୁଣ ପୁଡ଼ିଆ ଶିକା ସାହାଯ୍ୟରେ ଝୁଲାଇ ରଖାଯାଇଥାଏ । ଏହି କାନ୍ଥର ଅପରପାର୍ଶ୍ୱ କାନ୍ଥ ଓ ବାମପାର୍ଶ୍ୱ କାନ୍ଥ ମୂଳକୁ ଲାଗି ଛଅଇଞ ବିଶିଷ୍ଟ ଏକ ଉଚ୍ଚା ପିଣ୍ଡି ଲମ୍ବ ଭାବରେ ନିର୍ମାଣ କରାଯାଇଥାଏ । ଏଠାରେ ପାଣିହାଣ୍ଡି, ମାଣିଆପେଜ ହାଣ୍ଡି ଓ ହାଣ୍ଡିଆ ହାଣ୍ଡି ରଖାଯାଇଥାଏ ଓ ଅନ୍ୟ ପିଣ୍ଡିରେ ଶସ୍ୟ ପାତ୍ରମାନେ ରଖାଯାଇଥାଏ । ଗୃହର ଡ଼ାହାଣ ପାର୍ଶ୍ୱ କାନ୍ଥକୁ ଲାଗି ଏକ ଭାଡ଼ି (ଉର) ନିର୍ମାଣ କରାଯାଇଥାଏ । ଏହି ଭାଡ଼ିରେ ଶସ୍ୟ ଓ ଗୃହର ଅନ୍ୟ ଆସବାସ ରଖାଯାଇଥାଏ । ଏହି ଗୃହର ଉପର ଭାଗରେ ଆଟୁ ଥାଏ । ଆଟୁରେ କାଠ କିମ୍ବା ପଟାକୁ ମାଟି ଓ ଗୋବର ଦ୍ୱାରା ଲିପା ହୋଇଥାଏ । ଏଠାରେ ବଡ଼ ବଡ଼ ବାଉଁଶ ଡ଼ାଲାରେ (ଡ଼ାସୁଙ୍ଗ) ବର୍ଷକ ପାଇଁ ଶସ୍ୟ ସଞ୍ଚୟ କରି ରଖାଯାଇଥାଏ । ଏଠାରେ ଗୃହର ମୂଲ୍ୟବାନ ଜିନିଷ ଯଥା ଅଳଙ୍କାର, ଟଙ୍କା ପଇସା ଇତ୍ୟାଦି ହାଣ୍ଡିରେ କିମ୍ବା ଟିଣ ବାକ୍ସରେ ଭର୍ତ୍ତି କରି ରଖାଯାଇଥାଏ । ଏହି ଆଟୁକୁ ଗଢ଼ିବା ପାଇଁ ଏକ ସିଡ଼ି ରଖାଯାଇଥାଏ । ଏହି କକ୍ଷରେ ରାତ୍ରରେ ଶୟନ କରାଯାଏ । ଗୃହର ଗୋଟିଏ ପାର୍ଶ୍ୱରେ ଥାଏ ଗୁହାଳ (ସାଲୁ) ଏହାକୁ ୨ ଭାଗରେ ବିଭକ୍ତ କରାଯାଇଥାଏ ଯଥା- ଘୁଷୁରୀ ଗୁହାଳ (ଡେମ୍ବୁ) ଓ ଛେଳିଗୁହାଳ (ଗିମେ ସାଲଉ) । ଘୁଷୁରୀମାନଙ୍କର ଯାତାୟତ ପାଇଁ କାନ୍ଥର ବାହାର ପାର୍ଶ୍ୱରୁ ଏକ ଛୋଟ କବାଟ (ପ୍ରାୟ ୧ ଫୁଟ X ୧ ଫୁଟ୍) ଲଗାଯାଇଥାଏ । କିନ୍ତୁ ଛେଳି କିମ୍ବା ମେଣ୍ଢାମାନେ ଗୃହର ମୁଖ୍ୟଫାଟକ ବାଟେ ଯାଆସ କରିଥାନ୍ତି । ମୁଖ୍ୟଗୃହର ଅପରପାର୍ଶ୍ୱ ଛୋଟ ବଖରାକୁ କୁଇଡ଼ା କୁହାଯାଏ । ଏଠାରେ ଘରର ତାଷୋପକରଣ, ଯନ୍ତା, ଶାବଳ, କୋଦାଳ ଇତ୍ୟାଦି ରଖାଯାଇଥାଏ । ଏଠାରେ ମଧ୍ୟ କୁକୁଡ଼ା ରଖାଯାଇଥାଏ, ମଦ ତିଆରି ପାଇଁ ଶସ୍ୟ କିମ୍ବା ଫଳକୁ ବଡ଼ ହାଣ୍ଡିରେ ପାଣି ଦେଇ ଏଠାରେ ରଖାଯାଇଥାଏ । ବର୍ଷାଦିନେ ବ୍ୟବହାର ପାଇଁ ଶୁଖିଲା କାଠ ଏଠାରେ ଗଚ୍ଛିତ କରି ରଖାଯାଇଥାଏ । ଲଙ୍ଗଳ, ଯୁଆଳି, ମହି ଇତ୍ୟାଦି ଘରର ବାହାର ବାରଣ୍ଡା (ଗୁଡ଼ାଙ୍ଗସଙ୍ଗ)ରେ ରଖାଯାଇଥାଏ ।

ବଣ୍ଡାମାନଙ୍କର ଅତିଥିମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପ୍ରକୋଷ୍ଠ ନଥାଏ । ଅତିଥିମାନେ ଗୃହରୁ ଖାଦ୍ୟ ସେବନ କଲାପରେ ଧାଙ୍ଗଡ଼ୀ ବସା, ଧାଙ୍ଗଡ଼ାବସା, ବିଧବା ପୁରୁଷ କିମ୍ବା ବିଧବା ମହିଳାମାନଙ୍କ ଗୃହରେ ରାତ୍ରଯାପନ କରିଥାନ୍ତି ।

ମୁଖ୍ୟ ଗୃହ ବ୍ୟତୀତ ଅନ୍ୟାନ୍ୟ ଘର:

ମୁଖ୍ୟ ଗୃହ ବ୍ୟତୀତ ବଣ୍ଡାମାନଙ୍କର ଗୋରୁ ରଖିବା ପାଇଁ ଏକ ସ୍ୱତନ୍ତ୍ର ଗୋରୁ ଗୁହାଳ (ସାଲୁଗଇ) ନିର୍ମାଣ କରାଯାଇଥାଏ । ବାସଗୃହ ନିର୍ମାଣ କଲାପରି ଏହି ଗୃହ ନିର୍ମାଣ ବେଳେ ସମସ୍ତ ନିୟମ ପାଳନ କରାଯାଏ । ଏହି ଗୃହ ନିର୍ମାଣ କରିବା ପୂର୍ବରୁ ପାଞ୍ଜି ଦେଖାଯାଇ ଗୃହ ନିର୍ମାଣ କରାଯାଏ । ଏହି ଗୃହର ଚାରିପାର୍ଶ୍ୱରେ କାନ୍ଥ ଦିଆଯାଏ ନାହିଁ । ଚତୁପାର୍ଶ୍ୱ ଖୋଲାଥାଏ । ଏହି ଗୃହ ମଧ୍ୟରେ ଖୁଣ୍ଟି ଗାଡ଼ି କିମ୍ବା ଗୃହର ଖୁଣ୍ଟରେ ଗୋରୁଗାଈ ଇତ୍ୟାଦିକୁ ବାନ୍ଧି ରଖାଯାଇଥାଏ । ଘୁଷୁରୀ, ଛେଳି ଓ କୁକୁଡ଼ାକୁ ମୁଖ୍ୟ ଗୃହରେ ସ୍ଥାନ ଦିଆଯାଇଥାଏ ।

ଘର ସମ୍ପୃକ୍ତ ଅଶୁଦ୍ଧି ଓ ଶୁଦ୍ଧିକରଣ:

ଗୃହ ଉନ୍ନତିର / ସମୃଦ୍ଧିର ଲକ୍ଷଣ:

ବଣ୍ଡାମାନେ କେତେକ ପଶୁପକ୍ଷୀ, ସରୀସୃପ ଓ କୀଟପତଙ୍ଗଙ୍କର ଗୃହ ସଂଶ୍ଳିଷ୍ଟ କେତେକ ଆଚାର ବ୍ୟବହାରକୁ ଦେଖି ଗୃହର ଉନ୍ନତି ଓ ଧ୍ୱଂସର କାରଣମାନ ଜାଣିପାରନ୍ତି । ଘରେ ଘରଚଟିଆ (କିଆଙ୍ଗପି) ବସାବାନ୍ଧି ରହିଲେ ଗୃହର ଉନ୍ନତି ହେବ ବୋଲି ବଣ୍ଡାମାନେ ବିଶ୍ୱାସ କରନ୍ତି । ସେହିପରି ଯଦି ବାଦୁଡ଼ି (ଲାଙ୍ଗବୁର) ଗୃହ ମଧ୍ୟରେ ରହେ କିମ୍ବା ମହୁମାଛି (ଥେରମ) ଘର ଭିତରେ ବସାକରେ ତେବେ ଲୋକର ଆର୍ଥିକ ଉନ୍ନତି ହେବ ବୋଲି ବିଚାର କରାଯାଏ । ସୁଆଁ, ମାଣ୍ଡିଆ, ଧାନ ଇତ୍ୟାଦି ରଖାଯାଇଥିବା ବଡ଼ ବଡ଼ ଡାଲା (ଡାମୁଙ୍ଗ)ରେ ଯଦି ସାପ (ବୁବୁ) କିମ୍ବା ଗୋଧି (ଗୁବୟ) ବାସ କରେ ତେବେ ଉକ୍ତ ଲୋକର ଅପର୍ଯ୍ୟାପ୍ତ ଶସ୍ୟ ଅମଳ ହେବ ଓ ସର୍ବୋପରି ସେ ବ୍ୟକ୍ତି ନିଶ୍ଚୟ ଧନୀ ହେବ ବୋଲି ବଣ୍ଡାମାନେ ମତ ଦିଅନ୍ତି ।

ଗୃହ ଧ୍ୱଂସର ଲକ୍ଷଣ:

ଗୃହ ସମୃଦ୍ଧିର ଲକ୍ଷଣ ସ୍ୱରୂପ ଗୃହ ଧ୍ୱଂସର କେତେକ ଲକ୍ଷଣମାନ ରହିଅଛି । ଘରର ଚାଳ ଉପରେ କୁକୁର (ଗୁସ) କିମ୍ବା ଛେଳି (ଗିମେ) ଚଢ଼ିଲେ ଏହା ଅତ୍ୟନ୍ତ ଅଶୁଭ ଦାୟକ ବୋଲି ବଣ୍ଡାମାନେ ମତବ୍ୟକ୍ତ କରନ୍ତି । ଯଦି ଉପରୋକ୍ତ କୌଣସି ପଶୁ ଗୃହର ଚାଳ ଉପରେ ଚଢ଼େ ତେବେ ବିଚାର କରାଯାଏ ଯେ ଗୃହର କୌଣସି ବ୍ୟକ୍ତି ମରିଯିବ, କୌଣସି ବ୍ୟକ୍ତିର ଦେହପା ଅସୁସ୍ଥ ରହିବ, ଗୃହପାଳିତ ପଶୁପକ୍ଷୀ

ନଷ୍ଟ ହୋଇଯିବେ କିମ୍ବା ଶସ୍ୟହାନି ହେବ ଇତ୍ୟାଦି । ତେଣୁ କୌଣସି ଗୃହରେ କୁକୁର ଚଢ଼ିବାର ଦେଖିଲେ ସେହି କୁକୁରକୁ ଧରି ତାର ଗୋଟାଏ କାନକାଟି କୁକୁରଟାକୁ ଘର ଚାଳ ଏପାଖରୁ ସେ ପାଖକୁ ଫୋପାଡ଼ି ଦିଆଯାଏ । ଫଳରେ ରିଷ୍ଟ ଖଣ୍ଡନ ହୋଇଯିବ ବୋଲି ବଣ୍ଡାମାନେ ଭାବନ୍ତି । ଯାହାହେଉ, ଘରେ କୁକୁର କିମ୍ବା ଛେଳି ଚଢ଼ିଲେ ସେହି ଗୃହଟିକୁ ଭାଙ୍ଗି ନୂଆ ଗୃହ ନିର୍ମାଣ କରିବାକୁ ବଣ୍ଡା ବିଚାର କରେ ଓ ସମୟ ସୁବିଧା ଦେଖି ଅନ୍ୟତ୍ର ଘର ତିଆରି କରିଥାଏ ।

କୌଣସି ଏକ ଗୃହରେ ରହିଲା ପରେ ଯଦି ମାଲିକ ପରିବାରର ବ୍ୟକ୍ତିମାନେ ବାରମ୍ବାର ଅସୁସ୍ଥ ହୁଅନ୍ତି, ଅନେକ ଲୋକ ମରିଯାଆନ୍ତି, ଅମଳ ଭଲ ହୁଏ ନାହିଁ, ଗୃହପାଳିତ ପଶୁପକ୍ଷୀ ମରିହଜିଯାଆନ୍ତି ବା ବାଘ ଖାଇଦିଅନ୍ତି ତେବେ ସେ ଘରଟି ଉକ୍ତ ବ୍ୟକ୍ତି ପାଇଁ ଅମଙ୍ଗଳକର ବୋଲି ବିଚାର କରାଯାଏ ଓ ଉକ୍ତ ଗୃହକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରିବା ପାଇଁ ବିଚାର କରାଯାଏ ।

ଗୃହ ଅଶୁଦ୍ଧିର କାରଣ:

ଗୃହରେ ଛୁତିକିଆ କିମ୍ବା ମୃତିକିଆ ହେଲେ ଗୃହ ଅପବିତ୍ର ହୋଇଯାଏ ବୋଲି ବିଚାର କରାଯାଏ ।

ଶୁଦ୍ଧିକରଣ:ଛୁତିକିଆର ଛଅ ସାତ ଦିନ ପରେ ଗୁଫାଙ୍ଗି କରାଯାଏ । ଏହା ପୂର୍ବରୁ ଗୃହକୁ ପବିତ୍ର କରିବା ପାଇଁ ଗୋବରରେ ସାରା ଗୃହକୁ ଲିପାଯାଏ ଓ ଉକ୍ତ ଦିନ ପୂଜାପାଠ କରି ଗୃହକୁ ପୁନଃ ପବିତ୍ର କରାଯାଏ । ସେହିପରି ମୃତିକିଆରେ ଦଶାଖାଇ ପବିତ୍ର ହେବା ଅବସରରେ ଗାଇସେ ନାମକ ଭୋଜିରେ ଆୟୋଜନ କରାଯାଏ । ଏହି ଗାଇସେ ପୂର୍ବରୁ ଗୃହକୁ ସଂପୂର୍ଣ୍ଣ ଭାବେ ଲିପିପୋଛି ପରିଷ୍କାର କରାଯାଏ ଓ ଗାଇସେ ଅବସରରେ ପୂଜାପାଠ କରି ଗୃହକୁ ପୁନଃପବିତ୍ର କରାଯିବାର ବିଧି ବଣ୍ଡାମାନଙ୍କ ମଧ୍ୟରେ ପ୍ରଚଳିତ ଅଛି ।

ବିଭିନ୍ନ ଗୃହର ବାହାର ଓ ଭିତର ପ୍ରାକ୍ ନିର୍ମାଣ ସମ୍ପର୍କୀୟ ନୀତି ନିୟମ:

ଯୁବ ଶୟନାଗାର, ଗ୍ରାମ୍ୟ ସ୍ତରୀୟ ଧର୍ମୀୟ ଗୃହ କିମ୍ବା ଦେବାଦେବୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଇନଥାଏ । ପ୍ରତ୍ୟେକ ବଣ୍ଡାଗାଁରେ ଗ୍ରାମଦେବୀ ଅଣ୍ଡି ରହିଥାନ୍ତି । ଅଣ୍ଡିଙ୍କ ଆସ୍ଥାନ ଭାବେ କେତେକ ଗ୍ରାମରେ ଏକ ଗଛମୂଳକୁ

ବଛାଯାଇଥାଏ । ଗାଁର ପୂଜାରୀ (ଶିଶା)କୁ ସ୍ୱପ୍ନ ହେଲା ପରେ ସେ ଅଷ୍ଟିଙ୍କ ନିର୍ଦ୍ଦେଶରେ ତାଙ୍କ ପାଇଁ ଆସ୍ଥାନ ନିରୂପଣ କରନ୍ତି । ଯାଦୁଧର୍ମୀୟ କର୍ମକର୍ମାଣି ଓ ଗ୍ରାମ ମୁଖ୍ୟଙ୍କ ଓ ଗୃହ ନିର୍ମାଣ ସାଧାରଣ ବ୍ୟକ୍ତିଙ୍କ ଗୃହ ନିର୍ମାଣ କଳାପରି ନୀତିନିୟମ ମାନି କରାଯାଇଥାଏ ଏବଂ ଏହି ଗୃହ ନିର୍ମାଣରେ କୌଣସି ସ୍ୱତନ୍ତ୍ର ନୀତିନିୟମ ପାଳନ କରାଯାଇ ନଥାଏ ।

ଇନ୍ଦିରାଆବାସ ଯୋଜନା ଏବଂଅନ୍ୟାନ୍ୟ ସରକାରୀ ନିର୍ମାଣ ସମ୍ପର୍କିତ ସରକାରୀ ଗୁରୁତ୍ୱାରୋପ :

ବଣ୍ଡା ପାହାଡ଼ର ସମସ୍ତ ବଣ୍ଡା (ଉପର ବଣ୍ଡଶ) ପରିବାରକୁ ଦାରିଦ୍ର୍ୟ ସୀମାରେଖାତଳେ ବସବାସ କରୁଥିବା ପରିବାର ହିସାବରେ ଗଣନା କରାଯାଇଛି । ତେଣୁ ଏହି ପରିବାରମାନଙ୍କର ସ୍ଥାୟୀ ଥଇଥାନ ଓ ଉନ୍ନତି ପାଇଁ ଇନ୍ଦିରା ଆବାସ ଯୋଜନାରେ ଏମାନଙ୍କୁ ବାସଗୃହ ଯୋଗାର ଦିଆଯାଉଛି । ଏହି ଯୋଜନାରେ ସାହାଯ୍ୟ ସ୍ୱରୂପ ଗରିବ ବଣ୍ଡା ପରିବାରକୁ ମାଟି କାନ୍ଥ ନିର୍ମାଣ ପାଇଁ ଅଳ୍ପ କିଛି ଟଙ୍କା ଓ ଛପର ପାଇଁ ଟିଣ ଯୋଗାର ଦିଆଯାଉଛି । ଧନୀକ ଶ୍ରେଣୀର ବଣ୍ଡା ଲୋକମାନେ ନିଜ ଚେଷ୍ଟାରେ କଞ୍ଚା ଇଟାରେକାନ୍ଥ ଓ ମାଟି ଟାଇଲଛପର ଗୃହ ନିର୍ମାଣ କରିବାର ଅନେକ ଗ୍ରାମରେ ଦେଖାଦେଲାଣି । ଏତଦ୍‌ବ୍ୟତୀତ ବିଭିନ୍ନ ଗ୍ରାମରେ ସରକାରଙ୍କ ତରଫରୁ ପ୍ରାଥମିକ ବିଦ୍ୟାଳୟମାନ ପରିଚାଳନା କରିବା ପାଇଁ କଂକ୍ରିଟ୍ ଗୃହ ନିର୍ମାଣ କରାଯାଉଛି । ବଣ୍ଡା ଅଞ୍ଚଳରେ କେନ୍ଦ୍ରସ୍ଥଳୀ ମୁଦୁଲିପଡ଼ା ଗ୍ରାମରେ ବଣ୍ଡା ଉନ୍ନୟନ ସଂସ୍ଥା, ଡାକ୍ତରଖାନା, ଥାନା, ପୋଷ୍ଟ ଅଫିସ୍ ଇତ୍ୟାଦିର ସୁପରିଚାଳନା ନିମନ୍ତେ ସରକାରୀ ସଂରଚନା ରୂପେ କଂକ୍ରିଟ୍ ଗୃହ, ଟିଣଛପର ଗୃହ ଆଦି ନିର୍ମାଣ କରାଯାଇଛି । ଏ ସମସ୍ତ ଗୃହର ପ୍ରଭାବ ବଣ୍ଡାଲୋକମାନଙ୍କ ଉପରେ ପଡ଼ିଲାଣି । ଏବେ ସମସ୍ତ ବଣ୍ଡା ପରିବାର ଇନ୍ଦିରା ଆବାସ ଯୋଜନାରେ ଖଣ୍ଡିଏ ଲେଖାଏଁ ଗୃହ ପାଇବା ପାଇଁ ଆକୁଳିତ ।

ଆଧୁନିକ ସମାଜରେ ବ୍ୟବହୃତ ଗୃହ ନିର୍ମାଣ ଉପକରଣ :

ଅଧିକାଂଶ ଗରିବ ବଣ୍ଡାଲୋକମାନେ ଏବେ ବି ପାରମ୍ପରିକ ଢଙ୍ଗରେ କାଠ, ବାଉଁଶ, ପିରି, ନଡ଼ ଓ ମାଟିରେ ଗୃହ ନିର୍ମାଣ କରୁଛନ୍ତି । କିନ୍ତୁ ଧନୀକ ଶ୍ରେଣୀର ବଣ୍ଡାମାନେ ଗୃହ ନିର୍ମାଣ ପାଇଁ ଏବେ କଞ୍ଚା ଜିମା ପୋଡ଼ା ଇଟାରେ ମାଟି ମସଲା ଦେଇ କାନ୍ଥ ତିଆରି କଲି ଉପରେ ମାଟିର ପ୍ରଲେପ ଦେଇ ସୁନ୍ଦର କାନ୍ଥମାନ ନିର୍ମାଣ କଲେଣି । ଘର ଛପର କରିବା ପାଇଁ ମାଟି ଟାଇଲ ବ୍ୟବହାର କରିବାର

ଦେଖାଗଲାଣି । ଏତଦ୍‌ବ୍ୟତୀତ ଇନ୍ଦିରା ଆବାସ ଯୋଜନାରେ ଗୃହ (ସରକାର ଡିଅ) ନିର୍ମାଣ ପାଇଁ ବେଳେବେଳେ କାନ୍ଥ ପାଇଁ ପୋଡ଼ାଇଟା ବ୍ୟବହାର କରାଯାଉଛି ଏବଂ ଛପର ପାଇଁ ସବୁବେଳେ ଟିଣ ବ୍ୟବହାର ହେଉଛି ।

ପ୍ରାଚୀନ ଏବଂ ସାମ୍ପ୍ରତିକ ଗୃହ ନିର୍ମାଣର ସ୍ୱୀକୃତି ଓ ପ୍ରତ୍ୟାଖାନ:

ବହୁ ପୁରାକାଳରୁ ବଣ୍ଡାମାନେ ପାରମ୍ପରିକ ରୀତିରେ ମାଟି ଘର ନିର୍ମାଣ କରିଆସୁଛନ୍ତି । ଏହି ଗୃହ ନିର୍ମାଣ ପାଇଁ ସେମାନେ କାଠ, ବାଉଁଶ, ପିରି, ନଈ, ଓ ମାଟି ବ୍ୟବହାର କରୁଥିଲେ । ଏବେ ବି ଗରିବ ବଣ୍ଡାମାନେ ପାରମ୍ପରିକ ପ୍ରଥାନୁଯାୟୀ ଉପରୋକ୍ତ ଜିନିଷ ବ୍ୟବହାର କରି ଗୃହ ନିର୍ମାଣ କରୁଛନ୍ତି । କିନ୍ତୁ କେତେକ ଧନୀ ବଣ୍ଡା ଲୋକମାନେ ପାରମ୍ପରିକ ଝାଟିମାଟି କାନ୍ଥ ପରିବର୍ତ୍ତେ ଇଟାରେ କରି ତାକୁ ଗୋବର ମାଟିର ପ୍ରଲେପ ଦେଇ ସୁନ୍ଦର କାନ୍ଥ ନିର୍ମାଣ କଲେଣି । ଘର ଛପର ପାଇଁ ପିରି ପରିବର୍ତ୍ତେ ମାଟି ଟାଇଲ ବ୍ୟବହାର କରାଗଲାଣି । ଆଗରୁ ନିର୍ମାଣ କରାଯାଉଥିବା ଛୋଟ ଘର ପରିବର୍ତ୍ତେ ଗୃହର ତଥା ପ୍ରକୋଷ୍ଠର ଆକାର ବଡ଼ କରି ଘର ତିଆରି କରାଗଲାଣି । କୋଠରୀର ସଂଖ୍ୟା ବୃଦ୍ଧି କରାଯାଉଥିବାର ଅନେକ ଗ୍ରାମରେ ବଣ୍ଡାମାନଙ୍କର ଗୃହ ଦେଖିଲେ ପ୍ରମାଣ ମିଳେ । ଅତୀତ କାଳରୁ ଗୃହର ସୁରକ୍ଷା ନିମିତ୍ତ ଗୃହରେ ଛୋଟ ଛୋଟ କବାଟମାନ ଲଗାଯାଉଥିଲା କିନ୍ତୁ ଏବେ ଦୃଢ଼ନାତ୍ମକ ଭାବେ ବଡ଼ ଆକାରର କବାଟ ବ୍ୟବହାର କରାଗଲାଣି ।

ଏତଦ୍‌ବ୍ୟତୀତ ସରକାରଙ୍କ ତରଫରୁ ଇନ୍ଦିରା ଆବାସ ଯୋଜନାରେ ଇଟା ନିର୍ମିତ କାନ୍ଥରେ ମାଟି ପ୍ରଲେପ ଓ ଟିଣଛପର ଘର ବଣ୍ଡାମାନଙ୍କୁ ଯୋଗାଇ ଦିଆଯାଉଛି । ଏହା ସର୍ବଜନ ପିୟ ହୋଇପାରିଛି । ତେଣୁ ଏବେ ବଣ୍ଡାମାନେ ପାରମ୍ପରିକ ଝାଟିମାଟି ଚାଳଛପର ଗୃହ ପରିବର୍ତ୍ତେ ଇଟାରେ ତିଆରିକାନ୍ଥ ଓ ଟାଇଲ, ଟିଣ ଇତ୍ୟାଦି ଛପରଥିବା ଗୃହରେ ରହିବାକୁ ପସନ୍ଦ କଲେଣି ।

ଆଧୁନିକ ଗୃହର ସମସ୍ୟା ଓ ସମ୍ଭାବନା:

ପାରମ୍ପରିକ ବଣ୍ଡା ଗୃହଗୁଡ଼ିକ ସେମାନଙ୍କର ଆବଶ୍ରକତାକୁ ନେଇ ନିର୍ମାଣ କରାଯାଇଥାଏ । ଏହି ଗୃହରେ ବିଭିନ୍ନ ପ୍ରକାର ଘରଜରଣା ଅତ୍ୟାବଶ୍ୟକ ଜିନିଷ ସଜାଡ଼ି ରଖିବା ପାଇଁ ସ୍ଥାନ, ଶସ୍ୟ ସଂଚୟ କରି ରଖିବା ପାଇଁ ଆଟୁ (ରାଙ୍ଗଡ଼ାଙ୍ଗ), ଶସ୍ୟ, ମାଛ, ମାଂସ ଶୁଖାଇବା ପାଇଁ ଚୁଲି ଉପରେ ଝୁଲା ଭାଡ଼ି (ଜୁନୁଙ୍ଗସଙ୍ଗ), ଘୁଷୁରୀ,

ଛେଳି ଓ କୁକୁଡ଼ା ରହିବା ପାଇଁ ସ୍ଥାନ ଓ ଭାତ, ପେଜ, ହାଣ୍ଡିଆ ଇତ୍ୟାଦି ରଖିବା ପାଇଁ ମାଟିପିଣ୍ଡି (କୁନୁଡୁରା) ସୁଚିନ୍ତିତ ଭାବରେ ନିର୍ମାଣ କରାଯାଇଥାଏ । କିନ୍ତୁ ଏହା ଆଧୁନିକ ଗୃହରେ ନଥାଏ । ମୁଦୁଲିପଡ଼ା, ବାଉଁଶପଡ଼ା ଆଦି ଗ୍ରାମମାନଙ୍କରେ ମାଟିରେ ଲଦୁକାନୁ କିମ୍ବା ଇଟାରେ କାନୁ ନିର୍ମାଣ କରାଯାଏ ନାହିଁ । କିନ୍ତୁ ଯେତେବେଳେ ଆଧୁନିକ ଗୃହ କିମ୍ବା ସରକାରୀ ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ କରାଯାଏ ସେତେବେଳେ ବାଉଁଶ ବାଡ଼ରେ କାଦୁଅ ଲେପି କାନୁ କରିବା ପରିବର୍ତ୍ତେ ଲଦୁ କାନୁ କିମ୍ବା ଇଟା କାନୁ ନିର୍ମାଣ କରାଯାଇଥାଏ । ତେଣୁ ଏହା କେତେକ କ୍ଷେତ୍ରରେ ବଣ୍ଡା ପ୍ରଥା ଓ ସଂସ୍କୃତିକୁ ନଷ୍ଟ କରେ ଓ ବଣ୍ଡାମାନେ ମହାପ୍ରଭୁଙ୍କର କ୍ରୋଧର ଶୀକାର ହୁଅନ୍ତି ବୋଲି ବଣ୍ଡାମାନେ ମତପ୍ରକାଶ କରିଥାନ୍ତି । ଆଧୁନିକ ଗୃହରେ ବଣ୍ଡାମାନଙ୍କ ଆବଶ୍ୟକ ଅନୁଯାୟୀ କୋଠରୀ ନଥାଏ । ଇନ୍ଦିରା ଆବାସ ଯୋଜନାରେ କେବଳ ଏକ କୋଠରୀ ବିଶିଷ୍ଟ ଏକ ଗୃହ ନିର୍ମାଣ କରାଯାଇଥାଏ । ତେଣୁ ଏହା ମଧ୍ୟ ଅନେକାଂଶରେ ଅସନ୍ତୁଷ୍ଟର କାରଣ ହେଇଛି । ସୁରକ୍ଷା ଦୃଷ୍ଟିରୁ ଆଗରୁ ଗୃହମାନଙ୍କରେ ଛୋଟ କବାଟ ଲଗାଯାଉଥିବାବେଳେ ଏବେ ବଡ଼ କବାଟ ଲଗାଗଲାଣି ।

ଆଧୁନିକ ଇନ୍ଦିରା ଆବାସ ଗୃହରେ କେବଳ ଯେ ସମସ୍ୟା ରହିଛି ତାହା ନୁହେଁ ଏହାର ମଧ୍ୟ ଅନେକ ଉପକାର ରହିଛି । ଏହି ଗୃହଗୁଡ଼ିକ ଶୀଘ୍ର ଭାଙ୍ଗିଯାଏ ନାହିଁ । ଅନେକ ସମୟରେ ମରାମତିର ଆବଶ୍ୟକ ପଡ଼େ ନାହିଁ । ବର୍ଷକୁ ବର୍ଷ ପିରି, କାଠ, ବାଉଁଶ, ନଣ୍ଡ ଇତ୍ୟାଦି ସଂଗ୍ରହ କରି ଘର ଛପର କରିବାକୁ ପଡ଼େ ନାହିଁ । ମାଟି ଘର ଅପେକ୍ଷା ଟିଣ ଘର କିମ୍ବା ଟାଇଲ ଘର ଥିବା ବ୍ୟକ୍ତିର ସାମାଜିକ ପ୍ରତିଷ୍ଠା ଯେ ଅଧିକ ଏହା ବଣ୍ଡାମାନେ ମଧ୍ୟ ମତ ପ୍ରକାଶ କରିଥାନ୍ତି ।

ପାରମ୍ପରିକ ଗୃହ ନିର୍ମାଣ, ମରାମତି, ସଂରକ୍ଷଣ ସମ୍ବନ୍ଧରେ ପ୍ରସ୍ତାବ ଓ ସୁପାରିଶ :

ବଣ୍ଡା ବାସଗୃହ ସମ୍ବନ୍ଧୀୟ କେତେକ ମନ୍ତବ୍ୟ, ପ୍ରସ୍ତାବ ଓ ସୁପାରିଶ ନିମ୍ନରେ ଦିଆଯାଇଛି:

୧. ପାରମ୍ପରିକ ବଣ୍ଡା ଗୃହଗୁଡ଼ିକ ସୁଚିନ୍ତିତ ଭାବେ ସେମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥାଏ । ଏଥିରେ ସ୍ୱତନ୍ତ୍ର ଭାବରେ ଶସ୍ୟ ସଞ୍ଚୟ କରି ରଖିବା ପାଇଁ ଆଟୁ (ରାଙ୍ଗଡ଼ାଙ୍ଗ), ଶସ୍ୟ, ମାଛ, ମାଂସ ଇତ୍ୟାଦି ଶୁଖାଇବା ପାଇଁ ଚୁଲି ଉପରେ ଝୁଲା ଡ଼ାଡି (ଜୁନୁଙ୍ଗସଙ୍ଗ), ଘୁଷୁରୀ ଓ ଛେଳି

ରହିବା ପାଇଁ ପାଇଁ ଘର (ଡେମ୍ବୁ) କୃଷି ଉପକରଣ, ଯନ୍ତା, କାଠ ଇତ୍ୟାଦି ରଖିବା ପାଇଁ ଅନ୍ୟ ଏକ ଜକ୍ଷ (କୁଇଡ଼ା) ଓ ବସାଉଠା କରିବା ଓ ଖାଦ୍ୟ ଖାଇବା, କୁଟୀର ଶିଳ୍ପ କରିବା ଇତ୍ୟାଦି ପାଇଁ ସ୍ୱତନ୍ତ୍ର ଭାବେ ବାରଣ୍ଡା (ପିଣ୍ଡାଇ) ନିର୍ମାଣ କରାଯାଇଥାଏ ।

୨. ବନ୍ୟ ହିଂସ୍ର ଜନ୍ତୁଙ୍କ ଆକ୍ରମଣ ଓ ଚୋର ତସ୍କରଙ୍କର ଉପଦ୍ରବରୁ ସୁରକ୍ଷିତ ରହିବା ପାଇଁ ପାରମ୍ପରିକ ବଣ୍ଡାଗୃହର କବାଟଗୁଡ଼ିକ ଛୋଟ ହୋଇଥାଏ । ପିତୃପୁରୁଷ ଓ ଗୃହ ଦେବତାଙ୍କ ସମ୍ମାନାର୍ଥେ ଘରକୁ ପଶିବାବେଳେ ମୁଣ୍ଡ ନୁଆଁଇ ପଶିବା ପାଇଁ କବାଟଗୁଡ଼ିକ ଛୋଟ କରାଯାଇଥାଏ ବୋଲି ବଣ୍ଡାମାନେ କହନ୍ତି ।

୩. ଗୃହ ନିର୍ମାଣରେ ବିଭିନ୍ନ ବଣ୍ଡାଗ୍ରାମରେ ଭିନ୍ନ ଭିନ୍ନ ପ୍ରଥା ରହିଅଛି । ଉଦାହରଣ ସ୍ୱରୂପ ମୁଦୁଲିପଡ଼ା ଓ ବାଉଁଶ ପଡ଼ା ଗ୍ରାମରେ ଲଦୁ କାନୁ କିମ୍ବା ଇଟା ନିର୍ମିତ କାନୁ କରାଯିବା ନିଷେଧ । ଏହା କଲେ ମହାପ୍ରଭୁଙ୍କର କୋପଦୃଷ୍ଟିର ଶୀକାର ହେବାକୁ ପଡ଼େ ବୋଲି ବଣ୍ଡାମାନଙ୍କର ଦୃଢ଼ ବିଶ୍ୱାସ । ଏଠାରେ ବାଉଁଶ ବାଡ଼ ଉପରେ କାଦୁଅ ପ୍ରଲେପ ଦେଇ କାନୁ ନିର୍ମାଣ କରାଯାଏ ।

୪. ଗୃହ ନିର୍ମାଣ ପୂର୍ବରୁ ଓ ଗୃହନିର୍ମାଣ ପରେ ବଣ୍ଡାମାନେ ବିଭିନ୍ନ ପୂଜାପାଠ, ବିଧିବିଧାନ ଓ କର୍ମକାଣ୍ଡମାନ କରିଥାନ୍ତି । ଉଦାହରଣ ସ୍ୱରୂପ ଗୃହ ନିର୍ମାଣ ପୂର୍ବରୁ ପାଞ୍ଜି (ଯୁଆକ୍ତ) ଦେଖିବା, ମଝିଖୁଣ୍ଟ (ମୂଲଡ଼ିଲି) ପୋତିବା, କାନୁ ଦେବା ପୂର୍ବରୁ, ମାଣ୍ଡିଆ ଚୁନାରୁ ପ୍ରସ୍ତୁତ କ୍ଷୀରି 'ଯସାଙ୍ଗ' କାନୁ ମୂଳରେ ଦେବା, ନୂଆ ଘରେ ରହିବା ପୂର୍ବରୁ "ଗାଇ ଡ଼ିମ" ଓ ଏକ ମାସ ପରେ "ଡିଅଗୁଫା" କରିବା ଇତ୍ୟାଦି । ଏପରି କରିବା ଦ୍ୱାରା ସେମାନଙ୍କୁ ଗୃହ ନିର୍ମାଣ ପାଇଁ ଅଦୃଷ୍ଟ ଶକ୍ତିମାନଙ୍କର ସ୍ୱୀକୃତି ମିଳିଥାଏ ବୋଲି ସେମାନେ ଆତ୍ମସନ୍ତୋଷ ଲାଭ କରିଥାନ୍ତି ।

୫. ପାରମ୍ପରିକ ଝାଟିମାଟି ଗୃହ ଅପେକ୍ଷା ବଣ୍ଡାମାନେ ଇନ୍ଦିରା ଆବାସ ଗୃହ (ସରକାର ଡ଼ିଅ) ପ୍ରତି ଆକୃଷ୍ଟ ହେଲେଣି ।

୬. ତେଣୁ ଆଧୁନିକ ଢାଞ୍ଚାରେ ଗୃହ ନିର୍ମାଣ କରିବା ପୂର୍ବରୁ ସମସ୍ତ ପୂଜାପାଠ, କର୍ମକାଣ୍ଡ ଓ ବିଧିବିଧାନକୁ ନଜର ଦେବା ବିଧେୟ ।

୭. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ସମଗ୍ର ବଣ୍ଡା ସମାଜର ଥିବା ପ୍ରଥା ଓ ସଂସ୍କୃତି ଏବଂ ଗ୍ରାମ ଗ୍ରାମ ମଧ୍ୟରେ ଥିବା ପାର୍ଥକ୍ୟକୁ ଏଡ଼ାର ଦେବା ଉଚିତ ନୁହେଁ ।

୮. ବର୍ତ୍ତମାନଙ୍କର ପାରମ୍ପରିକ ଗୃହର ନକ୍‌ସାକୁ ଅନୁସରଣ କରି ଗୃହ ନିର୍ମାଣ କରାଯିବା ଉଚିତ ।

୯. ନୂତନ ଗୃହରେ ସ୍ୱତନ୍ତ୍ର ଭାବରେ ଆଟୁ (ରାଙ୍ଗଡ଼ାଙ୍ଗ) ଏବଂ ଘୁଷୁରୀ ଓ ଛେଳି ରହିବା ପାଇଁ ପ୍ରକୋଷ୍ଠ (ଡ଼େମ୍ବୁ) ଏବଂ ବାରଣ୍ଡା (ପିଣ୍ଡାଇ) ନିର୍ମାଣ କରାଯାଇ ପାରିଲେ ନୂତନ ଗୃହ ବର୍ତ୍ତମାନଙ୍କ ମଧ୍ୟରେ ଖୁବ୍ ଜନପ୍ରିୟ ହୋଇପାରିବ ।

୧୦. କୌଣସି ବ୍ୟକ୍ତି ପାଇଁ ଇନ୍ଦିରା ଆବାସ ଯୋଜନାରେ ଗୃହ ନିର୍ମାଣ କଲାବେଳେ ସଂପୃକ୍ତ ଲୋକର ମତାମତ, ଅନୁମତି ଓ ସହଯୋଗ ନେବା ନିତ୍ୟାନ୍ତ ଜରୁରୀ ଅଟେ ।

●●●

ଖାଦ୍ୟ ଓ ଖାଦ୍ୟାଭ୍ୟାସ

ବଣ୍ଡାଙ୍କର ଖାଦ୍ୟ ହଁ ଜୀବନ । ଖାଦ୍ୟ ବିନା କୌଣସି ପ୍ରାଣୀ ବଞ୍ଚିପାରିବେ ନାହିଁ । ବଣ୍ଡା ସଂସ୍କୃତି ଇତିହାସର ପୃଷ୍ଠା ଲେଉଟାଇଲେ ଜଣାଯାଏ ଆଦିମକାଳରୁ ବଣ୍ଡା ବଣଜଙ୍ଗଲରୁ ଡାଳପତ୍ର, ଫଳଫୁଲକନ୍ଦା ସଂଗ୍ରହ କରି, ପଶୁପକ୍ଷୀ ଶୀକାର କରି ନଇନାଳ ଝରଣାରୁ ମାଛ, କଙ୍କଡ଼ା ଧରି ଖାଦ୍ୟରୂପେ ବ୍ୟବହାର କରୁଥିଲା ଓ ଝରଣା ପାଣି ପିଇ ତୃଷା ନିବାରଣ କରୁଥିଲା । କାଳକ୍ରମେ ବଣ୍ଡା ଚାଷକାମ ଶିଖି ବିଭିନ୍ନ ପ୍ରକାର ଶସ୍ୟ, ଫଳ, ଫୁଲ, ଶାଗ, ପନିପରିବା ଇତ୍ୟାଦି ଉତ୍ପନ୍ନ କରି ଖାଦ୍ୟ ତାଲିକାର ପରିସର ବୃଦ୍ଧି କଲା । ସରକାର ଏବେ ଗରିବ ବଣ୍ଡାମାନଙ୍କୁ ବିପିଏଲ, ଅନ୍ନପୂର୍ଣ୍ଣା, ଅନ୍ତୋଦୋୟ ଆଦି ଯୋଜନାରେ ଚାଉଳ, ଚିନି ଇତ୍ୟାଦି ଯୋଗାଇ ଦେଉଆସୁଛନ୍ତି । ଆଧୁନିକ ସଭ୍ୟତାର ପ୍ରଭାବରେ ବଣ୍ଡାମାନେ ଆଜିକାଲି ହାଟବଜାର, ମେଳା ମହୋତ୍ସବରୁ କେତେକ ଖାଦ୍ୟଦ୍ରବ୍ୟ କିଣି ଖାଇବାର ଶିଖିଲେଣି । ତଥାପି ବଣ୍ଡାମାନେ ଆଜି ମଧ୍ୟ ଖାଦ୍ୟପାଇଁ ଅନେକାଂଶରେ ଜଙ୍ଗଲ ଉପରେ ନିର୍ଭର କରନ୍ତି ।

ବଣ୍ଡାମାନଙ୍କର ଖାଦ୍ୟ ପରିପାଟୀ ଅନୁଧ୍ୟାନ କଲେ ଜଣାଯାଏ, ଦୈନନ୍ଦିନ ଜୀବନରେ ବଣ୍ଡାମାନେ ମୁଖ୍ୟ ଖାଦ୍ୟ ହିସାବରେ ସୁଆଁଭାତ *(ଚିକ୍‌ଜାଙ୍ଗ)* ଓ ଧାନଭାତ *(ଜେଜଙ୍ଗଜାଙ୍ଗ)* ଗରମଭାତ ହିସାବରେ ଦିନକୁ ୨ ଥର ଖାଇଛନ୍ତି ଓ ମାଣ୍ଡିଆ (ଇନ୍ତିରା) ଆବଶ୍ୟକ ସମୟରେ ପିଇଥାନ୍ତି । ମୁଖ୍ୟ ଖାଦ୍ୟ ସହିତ ସହକାରୀ ଖାଦ୍ୟ ଆକାରରେ ପନିପରିବା, ଶାଗ *(ମାଁ)* ଛତୁ *(ଉହୁଜ)* କରିଡ଼ି *(ଲୋ)* କନ୍ଦା *(ଇଜ)*, ମାଛ *(ଆଡ଼ଙ୍ଗ)*, ମାଂସ *(ମେଲି)*, କଙ୍କଡ଼ା *(ଙ୍ଗ)*, ଶୁଖୁଆ *(ଚିଡିଆ)*, ଖଟା *(ପୁଜ)* ଇତ୍ୟାଦିରୁ ପ୍ରସ୍ତୁତ ତରକାରୀ ସେବନ କରିଥାନ୍ତି । ମୁଖ୍ୟ ଖାଦ୍ୟ ସହିତ କେବଳ ଗୋଟିଏ ତରକାରୀ ସଉକାରୀ ଖାଦ୍ୟ ହିସାବରେ ଯଥେଷ୍ଟ । ତରକାରୀ ସହିତ ଯଦି ଶୁଖୁଆ ପୋଡ଼ା ମିଳିଯାଏ ତେବେ ଖାଦ୍ୟ ଖାଇବାରେ ବଣ୍ଡାର ଆନନ୍ଦ କଇଲେ ନ ସରେ । ଋତୁଚକ୍ରରେ ସାମୟିକ ଭାବେ ମିଳୁଥିବା କେତେକ କନ୍ଦା, ଫଳ, ଫୁଲ ଆଦିକୁ ସହାୟକ ଖାଦ୍ୟ ହିସାବରେ ଗ୍ରହଣ କରାଯାଏ । ଏତଦ୍‌ବ୍ୟତୀତ ଅଭାବ ଅନାଟନ ସମୟରେ ସଜପଗଛ ଗୁଣ୍ଡରୁ ପ୍ରସ୍ତୁତ ପେଜ *(ସାଗୁଜଙ୍ଗଡୁର)* ଓ ଆମ୍ବଟାକୁଆ ପେଜ *(ନଯେଡୁର)* ପିଇ କ୍ଷୁଧାକ୍ଲିଷ୍ଟ ଦୂରକରିଥାଆନ୍ତି । ବହୁଆଡ଼ମ୍ବରରେ ପାଳିତ ବିଭିନ୍ନ ପର୍ବପର୍ବାଣିରେ ଘରେଘରେ ମାଂସଭାତ ଓ ମଦର ଜୁଆର ଖେଳେ । କେତେକ

ପର୍ବରେ ସ୍ୱତନ୍ତ୍ରଭାବେ ତିଆରି କରାଯାଉଥିବା ସିଝାପିଠା *(କିରିମଡର)* ବଣ୍ଡାର ରସନା ଲାଳାୟିତ କରିପକାଏ । ୧ ବର୍ଷ ପର୍ଯ୍ୟନ୍ତ ଛୋଟ ଶିଶୁ ପାଇଁ ମାଆ କ୍ଷୀର ହିଁ ଯଥେଷ୍ଟ । ୧ ବର୍ଷ ପରେ ଛୋଟ ପିଲାଟି ଆସ୍ତେ ଆସ୍ତେ ସବୁ ଖାଦ୍ୟ ଖାଇଯାଏ । ୨ବର୍ଷ ହୋଇଗଲେ ପିଲାଟି ସବୁଖାଦ୍ୟ ପୂର୍ଣ୍ଣମାତ୍ରାରେ ସେବନ କରିଥାଏ । ଗର୍ଭବତୀ ମହିଳାଙ୍କୁ ସାଧାରଣଭାବେ ସବୁଖାଦ୍ୟ ଖାଇବାକୁ ଦିଆଯାଇଥାଏ । ଏହା ସହିତ ଗର୍ଭବତୀର ଇଚ୍ଛାନୁସାରେ ଗର୍ଭବତୀର ମାଆ, ବାପା, ଭାଇ ଓ ସ୍ୱାମୀ ଅନେକ ସମୟରେ ଗର୍ଭବତୀ ସ୍ତ୍ରୀର ଉପସ୍ଥିତ ଖାଦ୍ୟପଦାର୍ଥମାନ ଯୋଗାଇ ଦେଇଥାନ୍ତି । ଗର୍ଭବତୀ ମହିଳା ମଧ୍ୟ ଜାହାରି ଘରୁ ଖାଦ୍ୟ ମାଗି ଖାଇପାରେ କିମ୍ବା ସଂସ୍କୃତିର ନୀୟମ ଲଙ୍ଘନ କରି କୌଣସି ଖାଦ୍ୟ ଭକ୍ଷଣ କରିପାରେ । ଜନ୍ମ ପରେ ପରେ ଜନ୍ମଦାତ୍ରୀମାଆକୁ ସଙ୍ଗ ସଙ୍ଗେ ଧାନଚାଉଳ କିମ୍ବା କାଙ୍କୁ ଚାଉଳର ଖିରି *(ଅଜାଡୁର)* ଦିଆଯାଏ । ପେଟ ବ୍ୟଥା ପାଇଁ ସିଦ୍ଧିଜନ୍ଦା *(ଲାଗୁଜ)*, କ୍ଷୀର ଉଲ ନ ହେଉଥିଲେ ଜିଆ *(କେଲୁଙ୍ଗବେ)*, ବାଘକ୍ଷୀର *(କୁକୁସାନା ଡାଡୁକୁନ)* କିମ୍ବା ତାଡୁକୁର ଙ୍କିଂ ନାମକ ଗଛ ରସ ଖାଇବାକୁ ଦିଆଯାଏ । ସ୍ନାନକାଳପାତ୍ର, ବୟସ, ଲିଙ୍ଗଭେଦରେ ଓ ପର୍ବପର୍ବାଣୀ ପୂର୍ବରୁ କେତେକ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ । ସମସ୍ତ ପ୍ରାଣୀଜ ଖାଦ୍ୟକୁ ବଣ୍ଡାମାନେ ଆମିଷଖାଦ୍ୟ ଓ ଅନ୍ୟସବୁ ଖାଦ୍ୟକୁ ନିରାମିଶ ଖାଦ୍ୟ ହିସାବରେ ବିବେଚନା କରନ୍ତି । ବଣ୍ଡାମାନେ ସୁଆଁ *(ଚିକ୍‌ଡାର)*, ମାଛିଆ *(ସାମେ)*, କାଙ୍କୁ *(ଉଜଡ଼ାର)*, କାଙ୍କଡ଼ା ଆଖି *(ପୁନୁଜ)*, ଧାନ *(ଚିକ୍‌ଡାର)* ଓ ବିଭିନ୍ନ ପନିପରିବା ଚାଷରୁ ପାଉଥିବା ବେଳେ ବିଭିନ୍ନ ପ୍ରକାର ଶାଗ *(ମାଁ)*, ଛତୁ (ଉନ୍ଦୁର), କନ୍ଦା (ଇବ), ଖଟା (ସୁର), କରଡ଼ି (ଲୋ), ପଶୁପକ୍ଷୀଙ୍କ ମାଂସ, ପୋକଜୋକ, ଅଣ୍ଡା (ଉନ୍ତସିଙ୍ଗ), ଚଢ଼େଇଅଣ୍ଡା (ଉନ୍ତପି), ଫଳ ଓ କୋଳି ଜଙ୍ଗଲରୁ ସଂଗ୍ରହ କରି ଖାଦ୍ୟ ରୂପେ ଭକ୍ଷଣ କରିଥାଆନ୍ତି । ଏତଦ୍‌ବ୍ୟତୀତ ଗୃହପାଳିତ ପଶୁପକ୍ଷୀଙ୍କ ମାଂସ ଓ ଝରଣା ଆଦି ପାଣିଥିବା ସ୍ଥାନରୁ ମାଛ (ଆଡ଼ଙ୍ଗ) ଓ କଙ୍କଡ଼ା (ଙ୍ଗ) ଧରି ଖାଇଥାନ୍ତି । ମାଟିହାଣ୍ଡି (ଉକୁର), ରସହାଣ୍ଡି (ରସଆଣ୍ଡା) ଓ ଅନ୍ୟ କେତେକ ବାସନକୁସନର ବ୍ୟବହାର ପୂର୍ବକୁ ଶସ୍ୟକୁ ରାନ୍ଧି ଭାତ ଓ ପନିପରିବା ମାଂସ ଇତ୍ୟାଦିକୁ ସିଝାଇ ସେଥିରେ ଲୁଣ, ହଳଦୀ, ଇଙ୍କା ଓ ପିଆଜ ପକାଇ ତରକାରୀ ପ୍ରସ୍ତୁତ କରାଯାଏ । ପର୍ବପର୍ବାଣୀରେ ମାଣ୍ଡିଆଚୁନାରେ ଶିମ୍ବ, ଝୁଡ଼ଙ୍ଗ, ଢଙ୍ଗରାଣୀ ଆଦି ମିଶାଇ ସିଝାଫିଁ (କିରିମଡର) ତିଆରି କରାଯାଏ । ବିଭିନ୍ନ ପୂଜାପାଠ ପର୍ବପର୍ବାଣୀରେ ଜ୍ଞାତିକୁଟୁମ୍ବ, ସାଙ୍ଗସାଥୀ ଓ ସାଇପଡ଼ିଶାଙ୍କୁ ଆମନ୍ତ୍ରଣ କରି

ମାଂସ, ଭାତ, ମଦ, ପିଠା ଇତ୍ୟାଦି ଖାଇବାକୁ ଦିଆଯାଇଥାଏ । ବଣ୍ଡାମାନେ ସାଧାରଣ ଭାବରେ କୌଣସି ହରିଜନ ଗୋଷ୍ଠୀଠାରୁ ପାଣି କିମ୍ବା ରନ୍ଧା ଖାଦ୍ୟଗ୍ରହଣ କରନ୍ତି ନାହିଁ । କିନ୍ତୁ ଚାଉଳ, ଧାନ, ପନିପରିବା ଆଦି ଗ୍ରହଣ କରାଯାଏ । କମାର *(କାରମା)* ଠାରୁ ଛୋଟ ଅବିବାହିତ ବାଳକ ବାଳିକାମାନେ ଖାଦ୍ୟ ଖାଇଥାନ୍ତି କିନ୍ତୁ ବିବାହିତ କିମ୍ବା ବଡ଼ଲୋକମାନେ କାଇମାଠାରୁ ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଯଦିଓ ଆଗରୁ ବଣ୍ଡାମାନେ ଖ୍ରୀଷ୍ଟିଆନ୍ ସଂପ୍ରଦାୟର ଲୋକଙ୍କଠାରୁ ଖାଦ୍ୟ ଗ୍ରହଣ କରୁନଥିଲେ । ଏବେ କୌଣସି ସ୍ଥଳରେଏହାର ବ୍ୟତିକ୍ରମ ଦେଖାଦେଲାଣି । କୌଣସି ଗୋଷ୍ଠୀର ଏପରିକି ନିଜଗୋଷ୍ଠୀର ଲୋକଙ୍କର ଛୁତିକିଆ, ମୃତିକିଆ ଇତ୍ୟାଦି ଅପବିତ୍ର ସମୟରେ ତାଙ୍କଠାରୁ ଗ୍ରହଣ କରନ୍ତି ନାହିଁ । କିନ୍ତୁ ମୃତ୍ୟୁ ଘଟିଥିବାଲୋକର ପରିବାରକୁ ସେହି ଗୋତ୍ରର ଲୋକମାନେ ୩/୪ ଦିନ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ବଣ୍ଡାସମାଜରେ ରହିଅଛି । ଖାଦ୍ୟର ବ୍ୟବହାରୀକ ମୂଲ୍ୟ ଓ ପୃଷ୍ଟିବର୍ଦ୍ଧକ ଖାଦ୍ୟ ସମ୍ବନ୍ଧୀୟ ଜ୍ଞାନ ବଣ୍ଡାମାନଙ୍କର ଯେ ଖୁବ୍ ସୀମିତି ଏହା ଅନେକ ବଣ୍ଡାମାନେ ସ୍ୱ-ମୁଖରେ ପ୍ରକାଶ କରନ୍ତି । ତଥାପି ମାଂସ, ମାଣ୍ଡିଆପେଜ, ଅଣ୍ଡା ଇତ୍ୟାଦି ଯେ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଖୁବ୍ ଆବଶ୍ୟକୀୟ ଏହା ସେ କରନ୍ତି । ରାଗ ଓ ଖଟା ବଣ୍ଡାର ପ୍ରିୟ । ମଦ ଓ ମାଂସ ବିନା ବଣ୍ଡାର ଜୀବନ ନିରର୍ଥକ । ମାଂସ, ଭାତ ଓ ମଦ ଓ କିରିମଡର ନ ହେଲେ ଯେ ପରବ ଅଧୁରା ରହିଯାଏ ବୋଲି ବଣ୍ଡାମାନେ ଖୋଦ୍ୟୋକ୍ତି ପ୍ରକାଶ କରନ୍ତି । ବିଭିନ୍ନ ପ୍ରକାର ପୂଜାପାଠ କର୍ମକାଣ୍ଡ ଓ ପର୍ବପର୍ବାଣୀରେ ବନ୍ଧୁବର୍ଗ ଓ ଗ୍ରାମବାସୀମାନଙ୍କୁ ଆମନ୍ତ୍ରଣ କରି ଭୋଜିଭାତରେ ଅପାୟିତ କରାଯାଇଥାଏ । ଏତଦ୍ଦ୍ୱାରା ଏକତାଭାବ, ଭାତୃଭାବ, ପରସ୍ପରକୁ ସହଯୋଗ କରିବାର ମନୋବୃତ୍ତି, ବିପଦରେ ପରସ୍ପରକୁ ସାହାଯ୍ୟ କରିବାର ଇଚ୍ଛା, ପଡ଼ୋଶୀ ସଂପର୍କ ଇତ୍ୟାଦି ବୃଦ୍ଧିପାଏ ଓ ପୂର୍ବରାଗ, କଳିଗୋଳ, ହିଂସାଦ୍ୱେଷ, ଏକଚାଟିଆ ମନୋଭାବ ଆଦିର ସଂପୂର୍ଣ୍ଣ ବିଲୋପ ହେବା ସହ ଅନ୍ନଦାତାର ସର୍ବରିଷ୍ଟ ଖଣ୍ଡନ ପୂର୍ବକ ମଙ୍ଗଳ ହୁଏ ବୋଲି ବଣ୍ଡାମାନଙ୍କର ଦୃଢ଼ବିଶ୍ୱାସ । ଏ ସମସ୍ତ ବିଷୟରେ ବିସ୍ତଦଭାବରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ମୁଖ୍ୟ ଖାଦ୍ୟ:

ବଣ୍ଡାମାନେ ଦୈନନ୍ଦିନ ଜୀବନରେ ମୁଖ୍ୟଖାଦ୍ୟ ହିସାବରେ ସୁଆଁଭାତ *(ରିଜ୍‌ଜାଙ୍ଗ କିଆଙ୍ଗ)*, ଚାଉଳଭାତ (କେରଙ୍ଗଜାଙ୍ଗ କିଆଙ୍ଗ) କିମ୍ବା ସୁଆ ଓ ଚାଉଳର ମିଶ୍ରିତ ଭାତ ଦିନକୁ ଦୁଇଥର (ସାଜଳ ଓ ରାତି) ଗରମ ଭାତ ହିସାବରେ ଖାଇଥାନ୍ତି ।

ଭାତସହିତ ଯେ କୌଣସି ଗୋଟିଏ ତରକାରୀ (ମା) ଗ୍ରହଣ କରିଥାନ୍ତି । ମାଣ୍ଡିଆ ପେଜ (ସାମେତୁର) ସାଧାରଣତଃ ମଧ୍ୟାହ୍ନ ସମୟରେ ପିଇଥାନ୍ତି । କିନ୍ତୁ ଦିନର କୌଣସି ସମୟରେ ମାଣ୍ଡିଆ ପେଜ ଗ୍ରହଣ କରାଯାଏ । ବଣ୍ଡାମାନେ ମଧ୍ୟ କରନ୍ତି ଯେ ମାଣ୍ଡିଆପେଜ ବିନା ସେମାନଙ୍କର ଦିନ ସରେ ନାହିଁ ।

ସହକାରୀ ଖାଦ୍ୟ:

ମୁଖ୍ୟଖାଦ୍ୟ- ଭାତ, (କିଆଙ୍ଗ) ଓ ମାଣ୍ଡିଆ ପେଜ (ସାମେତୁରା/ଇନ୍ତିରା) ସହିତ ବଣ୍ଡାମାନେ ସହକାରୀ ଖାଦ୍ୟସ୍ୱରୂପ ବିଭିନ୍ନପ୍ରକାର ପନିପରିବା, ଶୁଖୁଆ (ବିଡିଆ), ଶାଗ (ମାଁ), ଛତୁ (ଉନ୍ତୁଇ), ମାଛ (ଆଡ଼ଙ୍ଗ) ଓ ମାଂସ (ଶେଲି)ରୁ ପ୍ରସ୍ତୁତ ତରକାରୀ ସେବନ କରିଥାନ୍ତି । ସରକାରୀ ଖାଦ୍ୟ ହିସାବରେ ଗ୍ରହଣ କରୁଥିବା ଦ୍ରବ୍ୟମାନଙ୍କର ଚିଠା ନିମ୍ନରେ ପ୍ରଦତ୍ତ କରାଗଲା:

(୧) ବିଭିନ୍ନ ପ୍ରକାର ପନିପରିବା:

- ବାଇଗଣ(ୟମଦ୍)
- ଟମାଟୋ (ବେଜା)
- ଭେଣ୍ଡି (ବେଣ୍ଡି)
- ମୂଳା (ମୂଲା)
- କାକୁଡ଼ି (ସରଲାଇ)
- କଞ୍ଚାକଦଳୀ (ବୁରବାଇ ଓ ଉସୁଙ୍ଗଡ଼ା)
- ଅମୃତଭଣ୍ଡା (ଅମୃତ)
- ଆଳୁ(ଆଲୁ)
- ଡ଼ାଲି(ଡ଼ାଲି)
- ଶିମ୍ବ (ମେଡ଼େର)
- ଶିମ୍ବ (କାଡିକ)
- ଝୁଡ଼ଙ୍ଗ (ଗିବେ)
- ଡଙ୍ଗରାଣୀ (ମୁସୁରା)
- ଛଞ୍ଚିଣା (ଲାଉ)
- ଲାଉ (ଥୁମ୍ବା)
- ଛୋଟନାଉ (ସୁକୁକ୍)
- ବୋଇତାଳୁ (କୁମୁତା)
- କଲାର (କାରଲା)
- ବିରି (ରୁମା)
- ପଣସକଠା (ବୁରବାଇ ଉକୁସିଂ)
- ପଣସ ମଜ୍ଜି (ଉକୁସିଂ ମଜ୍ଜି)
- କରଡ଼ି (ଲେ)
- ଶାରୁ (ଶାରି)

(୨) ବିଭିନ୍ନ ପ୍ରକାର ଶାଗ (ମାଁ)

- ବୁଗଁଅପ
- ଇସେମ୍ବୁ
- ସାତିଅପ
- ନ୍ତେଡ଼ାପା
- ଉସୁଙ୍କ୍
- ଉନ୍ଥୁରୁଙ୍ଗ
- ଇନ୍ତ୍ରେୟମ
- ବଦିକୁରା
- ଶାରିଆବ୍
- ସୁରୁନ୍ତେର
- ଲୁରବ୍
- ଗୁରୁମୁରଣ୍ଡା
- ଇସିଏପା
- ଉମ୍ୟାଙ୍ଗତୁତୁଅ
- ମୁଙ୍ଗାଅବ୍
- ଲାଁ ଅବ
- ଲାରୁଗ ଅବ
- ବୁରାଇଁ ଅବ
- ଖୁଡ଼ା ଅବ
- ଗାଲଙ୍ଗ ଅବ
- ଲୁବୁରପା ଅବ

(୩) ବିଭିନ୍ନ ପ୍ରକାର ଛତୁ (ଉନ୍ଥୁଇ)

- ଗୁବୁତୁର (ଜାମୁଛତୁ)
- ଏମୁରତୁର
- ସିରାମଲମତୁର
- ତେୟତୋୟୀ
- ତିରେପା ତୁର
- ମଦୁଙ୍ଗତୁର
- ଆଧାତୁର (ବାଉଁଶଛତୁ)
- ଫୁପ୍‌ତୁର (ମଣ୍ଡାଛତୁ)
- ଉନ୍ତପିତୁର
- ଗାୟରଗାଙ୍ଗତୁର (ଡ଼ଙ୍ଗର ଛତୁ)
- ଇତାଙ୍ଗଡ଼ାତୁର (ଗୋବର ଛତୁ)
- ସର୍ଗେତୁର (ବଡ଼ଶାଳ ଛତୁ)
- ବଡ଼ାତୁର (ଶାଳଛତୁ)
- ଲାବୁକ୍ ତୁର
- ଉଲିତୁର (ଆମଛତୁ)

(୪)ବିଭିନ୍ନ ପ୍ରକାର ଅଟା (ସୁଇ)

- ତିନ୍ତିମ ସୁଇ (ତେନ୍ତୁଳି ଖଟା)
- ଆଗେଇ ସୁଇ (ଆମ୍ଳୁଲ)
- ବେଣ୍ଡାସୁଇ (ଆମ୍ଳକିତି ଭେଣ୍ଡି)
- ଡିଉରସୁଇ
- ପୁସିଡ଼ା
- ରାଙ୍ଗସୁଇ
- ଗବେର ସୁଇ

୫) ବିଭିନ୍ନ ପ୍ରକାର ଆମିଷଖାଦ୍ୟ

- ମାଂସ (ସେଲି)
- ମାଛ (ଆଡ଼ଙ୍ଗ)

୧. ଛେଳିମାଂସ (ଗିମେସେ)

୨. ଗୋରୁମାଂସ(ଗଇତାଙ୍କ ସେ)

୩. ଘୁଷୁରୀ ମାଂସ (ଗୁରୁସେ)

୪. ଠେକୁଆ ମାଂସ (ଗୁଲୁସେ)

୫. କୁକୁଡ଼ା ମାଂସ (ଗିସିଙ୍ଗସେ)

୬. ଚଢ଼େଇ ମାଂସ (ପିରିସେ)

୭. ଝିଙ୍କ ମାଂସ (ଗିସିଙ୍ଗରେସେ).

୭. କୁକୁଡ଼ା ଅଣ୍ଡା (ଉନ୍ତସିଙ୍ଗ)

୮. ଚଢ଼େଇଅଣ୍ଡା (ଉନ୍ତପି)

୯. ସିନ୍ଧିପୋକ (ତୁଙ୍ଗତୁଙ୍ଗଦେର)

୧୦.ସିନ୍ଧିପୋକ (ବୁରାଇ)

୧୧.ସିନ୍ଧିପୋକ (ଗିଗାରୀ)

୧୨.ମହୁମାଛି (ଅଁ)

୧୩.ବାରହା ମାଂସ (ଲାଟବୁସେ)

୧୪.ଏଲାମ୍ ମାଂସ (ଏଲାମାସେ)

୧୫.ସମ୍ବରମାଂସ (ସିରାମ ସେ)

୧୬.ଧମଣାସାପ ମାଂସ (କେମୁଙ୍ଗସେ)

୧୭.ମୁଷା ମାଂସ (ଉରାଇସେ)

୧୮.ହରିଣ ମାଂସ (ସୁଲପସେ)

୧୯.କୁଟାରି ମାଂସ (କିପେକସେ)

୨୦.କଙ୍କଡ଼ା (ଙ୍ଗ)

୨୧. ଶୁଖୁଆ (ବିଡିଆ)

୨୨.ମାଙ୍କଡ଼ ମାଂସ (ଗିସାକସେ)

୨୩.ଛୋଟମୁଷା ମାଂସ (ଗିଡ଼ାବସେ)

୨୪.ଗୟନ ମାଂସ (ବୁରଡାଙ୍ଗସେ)

ସହାୟକ ଖାଦ୍ୟ:

ସହାୟକ ଖାଦ୍ୟ ହିସାବରେ ବେଳେବେଳେ (ଉଇନାର ଜାଙ୍ଗ) କଙ୍କଡ଼ାଆଖି ଭାତ (ଫୁନୁଇଜାଙ୍ଗ) ଖାଇଥାନ୍ତି । ଏହା ବ୍ୟତୀତ ଅଭାବ ସମୟରେ ସଳପଗଛ ଗୁଣ୍ଡରୁ ପ୍ରସ୍ତୁତ ପେଜ (ସାପୁଙ୍ଗଡୁର) ଓ ଆମ୍ବଟାକୁଆ ପେଜ (ନୟେଡୁର) ପିଇ ଖାଦ୍ୟଭାବ ଦୂରକରିଥାନ୍ତି । ବର୍ଷାଦିନେ ଆମ୍ବା ଟାକୁଆ ପିଠା (ବଲୁଙ୍ଗୟେର)କୁ ବଣ୍ଡାମାନେ ଆନନ୍ଦର ସହିତ ଗ୍ରହଣ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀରେ ବିଭିନ୍ନ ପ୍ରକାର ଖାଦ୍ୟ ଓ ପିଠାକୁ ମଧ୍ୟ ସହାୟକ ଖାଦ୍ୟସ୍ୱରୂପ ସେବନ କରିଥାନ୍ତି । ବିଭିନ୍ନ ସମୟରେ ଜଙ୍ଗଲରୁ ମିଳୁଥିବା ବିଭିନ୍ନ ପ୍ରକାର କନ୍ଦା (ଲବ) ଯଥା- କେରାଇଲବ(ଫଳକନ୍ଦା), ଉନଲବ (ଲଙ୍ଗଳକନ୍ଦା), ଚାର (ଚାରକାଇକନ୍ଦା), ଥୁମଙ୍ଗ, ଗୁବାଇ (ବାରିଆକନ୍ଦା), ଉକୁର (ପିଡାକନ୍ଦା), ସାଆଡ଼ା (ପିଡାକନ୍ଦା), ତୁତୁରେ, ଇନ୍‌ସାଇଲବ, ଏଡ଼ାକଲବ (ମଧୁରକନ୍ଦା) ଇତ୍ୟାଦିକୁ ସିଝାଇ ଖାଇଥାନ୍ତି । ଜଙ୍ଗଲରୁ ଋତୁ ଅନୁଯାୟୀ ସଂଗୃହୀତ ବିଭିନ୍ନ ପ୍ରକାର ଫଳକୁ ମଧ୍ୟ ସହାୟକ ଖାଦ୍ୟ ହିସାବରେ ବଣ୍ଡାମାନେ ମନ ଆନନ୍ଦରେ ସେବନ କରିଥାନ୍ତି ।

ନିତି ଦିନିଆ ଖାଦ୍ୟ:

ସାଧାରଣତଃ ବଣ୍ଡାମାନେ ଦିନକୁ ୩ଥର ଖାଦ୍ୟ ଖାଇଥାଆନ୍ତି । ସ୍ତ୍ରୀ ଲୋକମାନେ ବଢ଼ିସକାଳୁ ଉଠି ପ୍ରାୟ ୮ଟାସୁଦ୍ଧା ରୋଷେଇ ଶେଷ କରିଦିଆନ୍ତି । ପ୍ରତ୍ୟେକ ବଣ୍ଡା ସକାଳୁ ସୁଆଁ, ଚାଉଳ କିମ୍ବା ଉଭୟର ମିଶ୍ରଣରୁ ପ୍ରସ୍ତୁତ ଗରମଭାତ (କିଆଙ୍ଗ) ଓ କୌଣସି ତରକାରୀ (ମା) କିମ୍ବା ଶୁଖୁଆ ପୋଡ଼ି ଖାଇଥାନ୍ତି । ମଧ୍ୟାହ୍ନ ସମୟରେ ଆଗରୁ ପ୍ରସ୍ତୁତ ହୋଇରହିଥିବା ମାଣ୍ଡିଆପେଜ (ଇଡ଼ିରା)କୁ କୌଣସି ତରକାରୀ କିମ୍ବା କେବଳ ଲୁଣ (ବିଡି) ଓ ମରିଚ (ମରିଚି) ମିଶାଇ ଖାଇଥାନ୍ତି । ରାତ୍ରରେ ପ୍ରାୟ ୮ଟା ସୁଦ୍ଧା ସମସ୍ତ ବଣ୍ଡାଲୋକ ଗରମଭାତ ଓ ତରକାରୀ ସେବନ କରିଥାନ୍ତି । ଭାତ ସହିତ କେବଳ ଗୋଟିଏ ତରକାରୀ ଯଥେଷ୍ଟ । ଅତିବେଶୀରେ ଶୁଖୁଆପେଡ଼ା ସହକାରୀ ତରକାରୀ ହିସାବରେ ଗ୍ରହଣ କରାଯାଏ । କିନ୍ତୁ ଛୋଟ ପିଲାମାନେ ଦୈନିକ ପ୍ରାୟ ୪-୫ଥର ଖାଦ୍ୟ ଖାଇଥାନ୍ତି । ରାତ୍ରର ବଳକା ପାଣି ମିଶା ହୋଇନଥିବା ବାସି ଭାତକୁ ବଢ଼ିସକାଳୁ ଛୋଟ ପିଲାମାନେ କୌଣସି ତରକାରୀ ସହିତ କିମ୍ବା ଖାଲି ଭାତ ଖାଇଥାନ୍ତି । ସେହିପରି ସକାଳେ ରନ୍ଧା ହୋଇଥିବା ଭାତରୁ ବଳକା କିଛି ପିଲାମାନେ ଦିନର ଅନ୍ୟ ସମୟରେ ଖାଇବାପାଇଁ ସଞ୍ଚୟ କରାଯାଇଥାଏ । ଛୋଟ ପିଲାମାନେ ନିଜର ଇଚ୍ଛାନୁସାରେ ଦିନର କୌଣସି ସମୟରେ ଖାଦ୍ୟ ଗ୍ରହଣ କରିଥାଏ କୌଣସି ଲୋକ ମଧ୍ୟ ଦିନର କୌଣସି ସମୟରେ ମାଣ୍ଡିଆପେଜକୁ ଶୋଷ ନିବାରଣ ପାଇଁ ସେବନ କରିଥାଏ ।

ପର୍ବପର୍ବାଣୀର ଖାଦ୍ୟ :

ଅନ୍ୟ ଆଦିମ ଅଧିବାସୀମାନଙ୍କ ପରି ବଣ୍ଡାମାନେ ମଧ୍ୟ ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ପର୍ବପର୍ବାଣୀ ପାଳନ କରିଥାନ୍ତି । ସେଥିମଧ୍ୟରୁ ସୁମେ ଗେଲିରାକ *(ପୁଷପରବ)*, ସୁସୁଗିଗେ *(ମାଘପରବ)*, ଗିଆଗ୍ କିଗେ, *(ଚୈତ ପରବ)*, ଗେବୁର ଙ୍ଗି *(ଦିଆଳି ଗେବୁରଙ୍ଗି)* ମହା ଆଡ଼ମ୍ବରରେ ପାଳନ କରାଯାଏ । ଏତଦ୍ବ୍ୟତୀତ ଖୁନୁସରଗିଗେ ମକାଗିଗେ, ଗୁଜଡ଼ାବୁରଗିଗେ, କୁରେକ୍‌ଗିଗେ, କୁମ୍ଭକଡ଼ାଗିବେ ଓ ସାଗମୋଗିଗେ ପାଳନ କରିବାର ପ୍ରଥା ରହିଆସିଛି ।

ସୁମେ ଗେଲିରାକ (ପୁଷପରବ)ରେ ବଣ୍ଡାମାନେ ଧାନରୁ ପ୍ରସ୍ତୁତ ଭାତ ରାନ୍ଧିଥାନ୍ତି । ଆଗରୁ ସଂଗ୍ରହ କରାଯାଇଥିବା ଚଢ଼େଇ *(ପିରି)*, ମୂଷା *(ଇରାଏଁ)*,

ଛୋଟମୂଷା *(ଗିଡାବ)*, ମାଛ *(ଆଡ଼ଙ୍ଗ)*, କଙ୍କଡ଼ା *(ଜ)*, ଶିଆଡ଼ି *(ଲାମୁକ)* ଲଙ୍ଗଳକନ୍ଦା *(ଜନଲବ)*, ମଧୁରକନ୍ଦା *(ଏଡ଼ାକଲବ)*, ଶିମ୍ବ *(ମେଡେର)*, ଟମାଟୋ *(ବେଜା)* ଇତ୍ୟାଦି ମିଶାଇ ତରକାରୀ କରାଯାଏ । ଏହି ଭାତ ଓ ତରକାରୀକୁ ବୁଙ୍ଗସେଜାଙ୍ଗ କୁହାଯାଏ। ବୁଙ୍ଗସେଜାଙ୍ଗ ଖାଇସାରିଲା ପରେ ବିଲୋଇଜାଙ୍ଗ (ଭାତ ଓ ମାଂସ ତରକାରୀ) କରି ସମସ୍ତେ ଆକଣ୍ଠ ଭୋଜନ କରିଥାନ୍ତି । ଏହିପର୍ବରେ ଝାଟିଖେଳ ପରେ ଶିସା *(ପୂଜାରୀ)* ମାଣ୍ଡିଆ ଚୁନା, ଶିମ୍ବ, ଝୁଡ଼ଙ୍ଗମଞ୍ଜି ଇତ୍ୟାଦିରୁ ପ୍ରସ୍ତୁତ ସିଝା ପିଠା *(ଜିରିମିତର)* ଝାଟିଖେଳୁଥିବା ପିଲାମାନଙ୍କୁ ଖାଇବାକୁ ଦେଇଥାଏ ।

ସୁସୁଗିଗେ *(ମାଘ ପରବ)* ଖୁବ୍ ଧୁମ୍‌ଧାମରେ ପାଳନ କରାଯାଏ । ଏହି ପର୍ବରେ ସମସ୍ତେ ଘରେ ଘରେ ଭାତ ଓ ମାଂସ ତରକାରୀ ପେଟପୁରା ଖାଇ ହାଣ୍ଡିଆପିଇ ପରବ ପାଳନ କରିଥାନ୍ତି ।

ଗିଆଗଗିଗେ *(ଚୈତ ପରବ)*ରେ ଜଙ୍ଗଲରୁ ଶୀକାର କରି ଆଣିଥିବା ମାଂସ ଓ ଭାତ "ବିଲେଇଜାଙ୍ଗ" କରି ଖାଇଥାନ୍ତି ।

ଦିଆଲି ଗେବୁରସିଂରେ ଘୁଷୁରୀ ମାଂସ ତରକାରୀ ଓ ଭାତ ରାନ୍ଧି "ବିଲେଇଜାଙ୍ଗ" କରି ମହାଆନନ୍ଦରେ ସେବନ କରାଯାଏ ।

କୁରକୁଗିଗେର ଭାତ, ମାଂସ ସହିତ ମାଣ୍ଡିଆଚୁନା ଓ ଝୁଡ଼ଙ୍ଗ, ଡ଼ଙ୍ଗରାଣୀ ଶିମ୍ବ ମଞ୍ଜି ମିଶାଇ ପ୍ରସ୍ତୁତ ପିଠା *(କରିମିତିର)*ର ମଜା ନିଆଯାଏ । ଏହିପର୍ବରେ ସ୍ୱତନ୍ତ୍ର ଭାବରେ ଆମ୍ବାଟାକୁଆ ପିଠା *(ବଲୁଙ୍ଗଘେଁର)* ପ୍ରସ୍ତୁତ କରି ମନ ଆନନ୍ଦରେ ଭକ୍ଷଣ କରିଥାଆନ୍ତି ।

ଏତଦ୍‌ବ୍ୟତୀତ ସବୁ ବଡ଼ପର୍ବରେ ମଦ *(ସାଗୁର)*, ହାଣ୍ଡିଆ *(ଯେଞ୍ଜମ)* କିମ୍ବା ସଜପ *(ସାଫୁଙ୍ଗ)* ଇତ୍ୟାଦିର ଆୟୋଜନ କରାଯାଇଥାଏ । ଭାତ ମାଂସ ଓ ପିଠା ସହିତ ଉପରୋକ୍ତ ପାନୀୟ ସେବନ କରି ମହା ଆଡ଼ମ୍ବରରେ ପର୍ବପର୍ବାଣୀ ପାଳନ କରିଥାନ୍ତି ।

ଶିଶୁ ଓ ଛୋଟ ପିଲାଙ୍କ ଖାଦ୍ୟ:

ବଣ୍ଡା ସଂପ୍ରଦାୟର ଶିଶୁ ଓ ଛୋଟପିଲାମାନଙ୍କ ପାଇଁ ପ୍ରାୟ କୌଣସି ସ୍ୱତନ୍ତ୍ର ଖାଦ୍ୟ ନଥାଏ । ବଣ୍ଡାଶିଶୁଙ୍କ ପାଇଁ ପ୍ରାୟ ୮ମାସରୁ ୧ ବର୍ଷ ପର୍ଯ୍ୟନ୍ତ ମାଆକ୍ଷୀର ହିଁ

ଯଥେଷ୍ଟ । ମାଆଙ୍କୀର ବ୍ୟତୀତ ଶିଶୁକୁ ଏକ ବର୍ଷ ପର୍ଯ୍ୟନ୍ତ ଅନ୍ୟ କୌଣସି ଖାଦ୍ୟ ଦିଆଯାଏ ନାହିଁ । ବଣ୍ଡାମାନଙ୍କର ବିଶ୍ୱାସ ଯେ ଯଦି ଶିଶୁମାନଙ୍କୁ ୧ ବର୍ଷ ଭିତରେ ମାଣ୍ଡିଆ ପେଜ *(ଜନ୍ଧିରା)* କିମ୍ବା ଭାତ *(କିଆଙ୍ଗ)* ଦିଆଯାଏ ତେବେ ସେମାନଙ୍କ ପେଟ ବଢ଼ିଯିବ, ପେଟ ଆଗକୁ ବଢ଼ିଯିବ ଓ ପେଟରେ କୃମି ହୋଇଯିବ ।

ପ୍ରାୟ ୧ ବର୍ଷ ପରେ ଆସ୍ତେ ଆସ୍ତେ ଛୋଟ ଛୁଆମାନଙ୍କୁ ଟିକେ ଟିକେ ପେଜ, ଅଳ୍ପ ପରିମାଣରେ ଭାତ, ତରକାରୀ, ବିସ୍କୁଟ, ମାଛ, ମାଂସ ଇତ୍ୟାଦି ଖାଇବାକୁ ଦିଆଯାଏ । ପିଲାଟି ୨ ବର୍ଷ ହୋଇଗଲେ ପୂର୍ଣ୍ଣମାତ୍ରାରେ ଭାତ ଓ ପେଜ ଦିନକୁ ୩-୪ ଥର ଖାଇଥାଏ । ଛୁଆମାନଙ୍କୁ ୪ ବର୍ଷ ହୋଇଗଲାପରେ ଅଳ୍ପ ପରିମାଣରେ ମଦ, ହାଣ୍ଡିଆ ଓ ସଳପ ପିଇବାକୁ ଦିଆଯାଏ । କିନ୍ତୁ କୌଣସି ପୂଜାପର୍ବାଣୀରେ ଶିଶୁମାନଙ୍କୁ ଆବଶ୍ୟକ ସୁଳେ ସ୍ୱଳ୍ପ ପରିମାଣରେ ମଦ ଦିଆଯାଇଥାଏ ।

ଗର୍ଭବତୀ ମହିଳା ଓ ପ୍ରସୂତୀଙ୍କ ଖାଦ୍ୟ:

ସାଧାରଣ ଭାବରେ ଦେଖିଲେ ବଣ୍ଡାସମାଜରେ ଗର୍ଭବତୀ ମହିଳାମାନଙ୍କ ପାଇଁ ପ୍ରାୟ କିଛି ସ୍ୱତନ୍ତ୍ର ଖାଦ୍ୟ ବ୍ୟବସ୍ଥା ନାହିଁ । ଗର୍ଭବତୀ ସମୟରେ ମହିଳାମାନେ ଅନ୍ୟମାନଙ୍କ ପରି ସାଧାରଣ ଭାବରେ ସବୁଖାଦ୍ୟ ଗ୍ରହଣ କରିଥାନ୍ତି । ଗର୍ଭାବସ୍ଥାରେ ପ୍ରଥମ ଅବସ୍ଥାରେ ଖାଦ୍ୟରେ ମଧ୍ୟ କିଛି ବାରଣ ନଥାଏ । କିନ୍ତୁ ଗର୍ଭାବସ୍ଥାର ୪ ମାସ ପରେ ମଦ, ସଳପ ଆଦି ପିଇବାର ପରିମାଣ କମାଇ ଦିଆଯାଏ । ଶିଆଡ଼ି (ଲାମୁକ), ଫଳଜନ୍ଦା (କେରାଇଲମ) ବାଡ଼ିଶାଗ, ଶ୍ରାବଣ ଛତୁ, ଅଣ୍ଡା, ମାଗୁରମାଛ ମୁଣ୍ଡର ପୁଇ ଇତ୍ୟାଦି ଦ୍ରବ୍ୟ ବ୍ୟତୀତ ଗର୍ଭବତୀ ମହିଳା ଅନ୍ୟସମସ୍ତ ଖାଦ୍ୟ ଦ୍ରବ୍ୟ ସେବନ କରିଥାଆନ୍ତି ।

କିନ୍ତୁ ଗର୍ଭାବସ୍ଥାରେ ପାଳନ କରାଯାଉଥିବା କେତେକ ପୂଜାପାଠ (ବିରୁ) ଓ ବଣ୍ଡା ସମାଜର ପ୍ରଚଳିତ କେତେକ ପ୍ରଥା ଓ ନିତିନିୟମକୁ ଅନୁଧ୍ୟାନ ଜରେ ଜଣାଯାଏ ବଣ୍ଡାମାନେ ଜ୍ଞାତସାରରେ କିମ୍ବା ଅଜ୍ଞାତରେ ଗର୍ଭବତୀ ମହିଳାଙ୍କୁ କେତେକ ଖାଦ୍ୟ ଯୋଗାଇଥାନ୍ତି । ବଣ୍ଡାମାନେ କୌଣସି ସ୍ତ୍ରୀ ଗର୍ଭବତୀ ହେଲେ ଦୁଇଟି ପୂଜାପାଠ (ବିରୁ) ନିଶ୍ଚିତ ରୂପେ ପାଳନ କରିଥାନ୍ତି । ସେ ଦୁଇଟି ପୂଜାପାଠ ହେଉଛି ଟାଙ୍କରାଣୀବିରୁ ଓ ପାଙ୍ଗଣ ବିରୁ । *ଟାଙ୍କରାଣୀ ବିରୁରେ* ସ୍ୱତନ୍ତ୍ର ଭାବରେ ନଡ଼ିଆ ଓ କୁକୁଡ଼ା ମାଂସ ମିଶାଇ ଏକ ତରକାରୀ *(ନଡ଼ିଆ ଗିହିଅଚ)* ପ୍ରସ୍ତୁତ କରାଯାଏ । ଏହାକୁ ଭାତ ସହିତ

ଗର୍ଭବତୀ ମହିଳା ସହିତ ଦିଶାରୀ (Medicine man) ଓ ଘରର ଅନ୍ୟ ସଦସ୍ୟମାନେ ସେବନ କରିଥାନ୍ତି । ସେହିପରି *ପାଙ୍ଗାଣଚିରୁରେ* ଚାଉଳ, କୁକୁଡ଼ା କଲିଜା (ଗିସିଙ୍ଗଗିରେ) ଓ ପୁଷ୍ପୁରୀ କଲିଜା (ଗୁବୁ ଗିରେ)ର ମିଶ୍ରଣରୁ "ସରୁଜାଙ୍ଗ" ପ୍ରସ୍ତୁତ କରି ଗର୍ଭବତୀ ମହିଳା ଓ ଦିଶାରୀକୁ ଖାଇବାକୁ ଦିଆଯାଏ । ପରେ ଘୁଷ୍ପୁରୀମାଂସ ଓ ଭାତ ରାନ୍ଧି "ବିଲେଇଜାଙ୍ଗ" ପ୍ରସ୍ତୁତ କରାଯାଏ । ଏହି ବିଲେଇଜାଙ୍ଗକୁ ଗର୍ଭବତୀ ମହିଳା ସହିତ ଅନ୍ୟମାନଙ୍କୁ ମଧ୍ୟ ଭୋଜି ଆକାରରେ ପରଷା ଯାଇଥାଏ । ଉକ୍ତ ଦିନ ଗର୍ଭବତୀ ମହିଳାକୁ ଅଳ୍ପ ପରିମାଣରେ ମଦ ମଧ୍ୟ ପିଇବାକୁ ଦିଆଯାଏ ।

ଏତଦ୍‌ବ୍ୟତୀତ ବଣ୍ଡାସମାଜରେ ପ୍ରଥା ଅନୁସାରେ ଗର୍ଭବତୀ ମହିଳାର ମାଆ, ବାପା, ଭାଇ ଓ ନିଜ ସ୍ୱାମୀ କେତେକ ଖାଦ୍ୟ ଯୋଗାଇ ଥାଆନ୍ତି । ଗର୍ଭବତୀ ମହିଳାର ମାଆ ଗର୍ଭବତୀ ପାଇଁ ଗର୍ଭାବସ୍ଥାର ୨ମାସ ଓ ୪ ମାସରେ ଥରେ ଲେଖାଁଖି କିଛି ଖାଦ୍ୟଦ୍ରବ୍ୟ ନେଇକରି ଆସିଥାନ୍ତି । କିନ୍ତୁ ୮ମ ସା ପରେ ଗର୍ଭବତୀର ମାଆ ଝିଅର ଆଶନ୍ନ ପ୍ରସବର ଆଶଙ୍କା ନେଇ ବାରମ୍ବାର ସାଥୀରେ କିଛି କିଛି ଖାଦ୍ୟ ନେଇ ଝିଅକୁ ଭେଟିଥାଏ ।

ପ୍ରଥମଥର *(ଅର୍ଥାତ ଗର୍ଭାବସ୍ଥାର ୨ ମାସରେ)* ଗର୍ଭବତୀର ମାଆ ସାଥୀରେ ଭାତ (କିଆଙ୍ଗ), ପେଜ (ଇନ୍ତିରା), ତରକାରୀ (ଅବ), ଶୁଖୁଆ (ବିଡିଆ), କଦଳୀ (ଉସୁକ୍‌ଡା) ଇତ୍ୟାଦି ନେଇ ଝିଅକୁ ଭେଟି ଦିଏ । ଗର୍ଭବତୀ ଆନନ୍ଦ ଚିତରେ ଘରର ଅନ୍ୟ ସଦସ୍ୟଙ୍କ ସହିତ ମିଶି ସେବନ କରିଥାଆନ୍ତି । ଦ୍ୱିତୀୟ ଥର (ଅର୍ଥାତ୍ ଗର୍ଭାବସ୍ଥାର ୪ର୍ଥ ମାସରେ) ଗର୍ଭବତୀର ମାଆ ଗୋରୁମାଂସ, ଛେଳିମାଂସ, କୁକୁଡ଼ା ମାଂସ କିମ୍ବା ଅନ୍ୟ କୌଣସି ମାଂସର ତରକାରୀ, ବାସନା ଚାଉଳ ଭାତ (ଉକୁକ୍ ଜିଆଙ୍ଗ) ଅନ୍ୟ ଶସ୍ୟର ଭାତ ଏବଂ କନ୍ୟାର ଅନ୍ୟାନ୍ୟ ଉପସିତ ଖାଦ୍ୟ ଦ୍ରବ୍ୟ ନେଇକରି ଆସିଥାନ୍ତି । ଉଦାହରଣ ସ୍ୱରୂପ କଣ୍ଡାକୋଳି (ଡାରମାଙ୍ଗ), ଖଜୁରୀକୋଳି (ବୁଲୁରା), କନ୍ଦା (ଲବ) ଇତ୍ୟାଦି କନ୍ୟାର ଇଚ୍ଛା ଅନୁସାରେ ଯୋଗାଇ ଦିଆଯାଏ । ଗର୍ଭାବସ୍ଥାର ୮ ମାସ ପରେ ଗର୍ଭବତୀ ମହିଳାର ମାଆ ଆସନ୍ନ ପ୍ରସବର ଆଶଙ୍କ କରି ଅନେକଥର ଝିଅଘରକୁ କିଛି କିଛି ଖାଦ୍ୟ ନେଇକରି ଆସିଥାଏ । ଝିଅ ଥରକୁ ଥର ମଧ୍ୟ ନିଜର ଇଚ୍ଛା ଅନୁସାରେ ମାଆକୁ ଖାଦ୍ୟ ପାଇଁ ବରାଦ କରିଥାଏ ଓ ମାଆ ତାହା ଯୋଗାଇ ଦେଇଥାଏ । ଉଦହରଣ ସ୍ୱରୂପ ବୁଲୁକ ସାମ (ମାଣ୍ଡିଆବୁନା ପିଠା), କିରିମଡର

(ମାଣ୍ଡିଆଚୁନା, ଝୁଡ଼ଙ୍ଗମଞ୍ଜି, ଶିମ୍ବ ମଞ୍ଜି, ଢ଼ଙ୍ଗରାଣୀ ଇତ୍ୟାଦି ମିଶାଇ ସିଝାପିଠା) ବଲୁଙ୍ଗୟେର (ଟାକୁପିଠା) ଇତ୍ୟାଦି ମଧ୍ୟ ମାଆ ଯୋଗାଇ ଥାଆନ୍ତି । ସ୍ତ୍ରୀ ମଧ୍ୟ ନିଜର ଇଚ୍ଛାନୁସାରେ କୌଣସି ଖାଦ୍ୟ ଦ୍ରବ୍ୟ ଯଥା- ସଳପ (ସାପୁଙ୍ଗ), ଲଡୁ (ଲଡୁ) ଖଇ (ଲିୟା), ବରା (ବଡ଼ା), (ବିସ୍କୁଟ୍), ଚକୋଲେଟ୍ (ଚକ୍‌ଲେଟ୍), ଚେନାଚୁର (ମିଳଚର) ଇତ୍ୟାଦି ପାଇଁ ନିଜର ସ୍ୱାମୀଙ୍କୁ ଅନୁରୋଧ କରିଥାଏ । ସ୍ୱାମୀ କୌଣସି ମତେ ଏକ ସମସ୍ତ ଯୋଗାଇ ଦିଅନ୍ତି ।

ଏ ସମସ୍ତ ବ୍ୟତୀତ ମଧ୍ୟ ସ୍ତ୍ରୀ ଲୋକଟି ନିଜ ଇଚ୍ଛା ଅନୁସାରେ କୌଣସି ପଡ଼ିଶା ଲୋକଙ୍କ ଘରୁ ଖାଦ୍ୟ ଖାଇବାକୁ ଇଚ୍ଛାପ୍ରକାଶ କରିଥାଏ । ତାର ଇଚ୍ଛା ଅନୁଯାୟୀ ସେହି ପଡ଼ିଶାଲୋକ ଉପସିତ ଖାଦ୍ୟ ବ୍ୟଞ୍ଜନରେ ଗର୍ଭବତୀ ମହିଳାଙ୍କୁ ସନ୍ତୁଷ୍ଟ କରିଥାଆନ୍ତି ।

ଅନେକ ସମୟରେ ମଧ୍ୟ ଇଚ୍ଛା ହେଲେ ଗର୍ଭବତୀ ମହିଳା ସମାଜର ନୀତିନିୟମ ଭାଙ୍ଗି କେତେକ ଖାଦ୍ୟ ଗ୍ରହଣ କରିଥାଆନ୍ତି । ଇଚ୍ଛା ହେଲେ ପୂଜାପୂର୍ବରୁ ଖାଇବାକୁ ବାରଣ କରାଯାଇଥିବା ଖାଦ୍ୟଦ୍ରବ୍ୟ, ଫଳଫୁଲ ଆଦିକୁ ମଧ୍ୟ ଗର୍ଭବତୀ ସ୍ତ୍ରୀ ଲୁଚାଇ ଖାଇଥାଏ । ଆହୁରି ମଧ୍ୟ ବେଳେ ବେଳେ ନିଜର ଇଚ୍ଛା ଅନୁସାରେ କେତେକ ସାଧାରଣରେ ନ ଖାଉଥିବା ଖାଦ୍ୟଦ୍ରବ୍ୟ ଓ ଅଖାଦ୍ୟ ମଧ୍ୟ ଖାଇଥାଆନ୍ତି । ଯେପରି Sarnbari Dhangada Majhi W/o Late Sukra Paodeiguda ମାଟି *(ଥୁବୁଜ୍)*, ଘୁଷୁରୀ ମଳ *(ଇକ୍‌ସ)* ଓ କୁକୁଡ଼ାମଳ *(ଇକ୍‌ସିଙ୍ଗ)* ମଧ୍ୟ ଖାଇଥିଲେ । ନିକଟ ଅତୀତରେ Sukari Muduli, 28yrs, W/o Sania, Podeiguda ଜଣେ ନବପ୍ରସୂତି ମହିଳା ମାଣ୍ଡିଆଚୁନା (ଲୁଜାର ସାମ) ଜଞ୍ଜାଖାଇଥିବାର ପ୍ରକାଶ କରିଛନ୍ତି ।

ଗର୍ଭବତୀ ମହିଳାର ଉପ୍‌ସିତ ସମସ୍ତ ଖାଦ୍ୟ ଦ୍ରବ୍ୟକୁ ବଣ୍ଟା ଅକୁଣ୍ଠିତ ଚିତ୍ତରେ ଯୋଗାଇ ଦେଇଥାଏ କିମ୍ବା ଗର୍ଭବତୀ ମହିଳା ନିଜେ ସଂଗ୍ରହ କରି ଖାଇ ନିଜର ଲାଳସା ପୂରଣ କରିଥାଏ । ସେମାନେ ବିଶ୍ୱାସ କରନ୍ତି ଯେ ଗର୍ଭସ୍ଥ ଶିଶୁର ଇଚ୍ଛା ଅନୁସାରେ ଗର୍ଭବତୀ ମହିଳା କୌଣସି ଖାଦ୍ୟ ଖାଇବାକୁ ଇଚ୍ଛା ପରିପ୍ରକାଶ କରିଥାଏ । ଏହା ନିମ୍ନୋକ୍ତ ଲୋକକଥାରୁ ସୁସ୍ପଷ୍ଟ ।

"ଗୋଟିଏ ଗାଁରେ ଗୋଟିଏ ଦମ୍ପତି ସୁକରେ କାଳାତିପାତ କରୁଥିଲେ । କାଳକ୍ରମେ ସ୍ତ୍ରୀ ଜଣଙ୍କ ଗର୍ଭବତୀ ହେଲେ । ଅନେକ ସମୟରେ ବିଭିନ୍ନ ଖାଦ୍ୟଦ୍ରବ୍ୟ ଆଣିଦେବା ପାଇଁ ନିଜର ସ୍ୱାମୀକୁ ଅନୁରୋଧ କଲେ । ସ୍ୱାମୀ ନିଜ ସ୍ତ୍ରୀକୁ ଖୁବ୍ ଭଲ

ପାଉଥିବାରୁ ତା'ର ଇପ୍ସିତ ସମସ୍ତ ଦ୍ରବ୍ୟ କାଳବିଳମ୍ବ ନ କରି ଯୋଗାଇ ଦେଉଥାଏ । ଯେଉଁ ଯୋଗାଇଲେ ମଧ୍ୟ ସ୍ତ୍ରୀ ଲୋକର ଖାଇବାର ଲାଳସା ମେଣ୍ଟୁ ନଥାଏ । ଏପରି ବାରମ୍ବାର ସ୍ୱାମୀଙ୍କୁ ସବୁ ଦ୍ରବ୍ୟ ଗୋଟାଏ ପରେ ଗୋଟାଏ ମାଗୁଥାଏ । ଏକଦା ଗର୍ଭବତୀର ଏକ ଇପ୍ସିତ ଖାଦ୍ୟଦ୍ରବ୍ୟ ସ୍ୱାମୀ ଯୋଗାର ଦେଇଥାନ୍ତି । ତାହା ସେ ଖାଉଥାଏ । ଠିକ୍ ଏହି ସମୟରେ ସ୍ତ୍ରୀ ଜଣଙ୍କ ଆଉ ଏକ ଖାଦ୍ୟ ପାଇଁ ସ୍ୱାମୀଙ୍କୁ ଅନୁରୋଧ କଲେ । ସ୍ୱାମୀ ଏଥିରେ ଖୁବ୍ କ୍ଷୁବ୍ଧ ହେଲେ ଏବଂ ଏକ ତୀକ୍ଷ୍ଣ ଛୁରୀ ନେଇ ଗର୍ଭବତୀ ସ୍ତ୍ରୀ ପେଟ ଚିରିଦେଲା ଓ ସ୍ତ୍ରୀର ପେଟ ଭିତରେ ଥିବା ଶିଶୁ ନିଜ ସ୍ତ୍ରୀ ଖାଇଥିବା ଖାଦ୍ୟ ଖାଉଥିବାର ଦେଖି ଖୁବ୍ ଆଶ୍ଚର୍ଯ୍ୟ ହେଲା ଏବଂ ସ୍ତ୍ରୀ ମରିଯାଇଥିବାରୁ ମଧ୍ୟ ବହୁତ ଅନୁତପ୍ତ ହେଲା ।" ସେହିଦିନଠାରୁ ବିଶ୍ୱାସ କରାଯାଏ ଯେ, ଗର୍ଭସ୍ଥ ଶିଶୁର ଇପ୍ସିତ ଦ୍ରବ୍ୟ ହିଁ ଗର୍ଭବତୀ ମହିଳା ଖାଇବାକୁ ଇଚ୍ଛାପ୍ରକାଶ କରିଥାଏ । ସେହିଦିନଠାରୁ ଆଜିପର୍ଯ୍ୟନ୍ତ ମଧ୍ୟ ଗର୍ଭବତୀ ସ୍ତ୍ରୀ ଖାଇବାକୁ ଇଚ୍ଛାକରୁଥିବା କୌଣସି ଖାଦ୍ୟ ଯୋଗଇ ଦିଆଯାଏ କିମ୍ବା ଗର୍ଭବତୀ ସ୍ତ୍ରୀ ନିଜେ ସଂଗ୍ରହ କରି ଖାଇ ଥାଏ ।

ପ୍ରସୂତୀଙ୍କ ପାଇଁ ଖାଦ୍ୟ:

ଶିଶୁ ଜନ୍ମ ପରେ ଜନ୍ମଦାତ୍ରୀ ମାଆକୁ ଧାନ ଚାଉଳ କିମ୍ବା ଜାଙ୍କୁ ଚାଉଳକୁ ଗରମ ପାଣିରେ ପକାଇ ରାନ୍ଧି ପେଜ କରାଯାଏ । ଏହାକୁ ଆଉଟୁର କୁହାଯାଏ । ଏହି ଅଜାଉରକୁ ଜନ୍ମଦାତ୍ରୀମାନଙ୍କୁ ୧ ସପ୍ତାହ ପର୍ଯ୍ୟନ୍ତ ଖାଇବାକୁ ଦିଆଯାଏ । ଜନ୍ମର କେତେ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟକୁ ଗରମ ଗରମ ଜନ୍ମଦାତ୍ରୀକୁ ଖାଇବାକୁ ଦିଆଯାଇଥାଏ । ଜନ୍ମଦାତ୍ରୀମାନଆଙ୍କ ପାଇଁ କୌଣସି ପ୍ରକାର ଖାଦ୍ୟ ବାରଣ ନଥାଏ । କିନ୍ତୁ ଜନ୍ମଦାତ୍ରୀ କୁବ୍ ଅଳ୍ପ ପରିମାଣରେ ମଦପିଅନ୍ତି । ବଣ୍ଡାମାନେ ବିଶ୍ୱାସ କରନ୍ତି ଯଦି ଜନ୍ମଦାତ୍ରୀ ମାଆ ବହୁତ ପରିମାଣରେ ସଳପ ଓ ମଦ ପିଅନ୍ତି ତେବେ ତାଙ୍କ ପେଟରେ କୃମି ବଢ଼ିଯିବ, ମାଆକୁ ଥଣ୍ଡା ହେବ ଫଳରେ ନବଜାତ ଶିଶୁ ମାଆ କ୍ଷୀର ଖାଇଲେ ସେ ମଧ୍ୟ ଭୋଗୁଥିବା ସମାନ ଅସୁବିଧାର ସମ୍ମୁଖୀନ ହୁଏ । ଦୁଗ୍ଧଦାତ୍ରୀ ମାଆ ସାଧାରଣ ଭାବରେ ସମସ୍ତ ଖାଦ୍ୟ ଗ୍ରହଣ କରିଥାଆନ୍ତି ।

ଯଦି ଜନ୍ମଦାତ୍ରୀ ମାଆର ପେଟ ବ୍ୟଥା ହେଉଥାଏ ତେବେ ତାକୁ ସଂଗେ ସଂଗେ ସିଦ୍ଧିକନ୍ଦା (ଲାରୁଜ) କଞ୍ଚାକାଟି ଖାଇବାକୁ ଦେଲେ ପେଟବ୍ୟଥା ଉଇହୁଏ । ଯଦି ଜନ୍ମଦାତ୍ରୀ ମାଆର କ୍ଷୀର ନ ବାହାରୁଥାଏ ତେବେ ତାକୁ ଜିଆ *(ଜେଜୁଗବେ)* କୁ

ଖୁଆଇ ଗୁଣ୍ଡ କରି କାଙ୍କୁ ଚାଉଳ ସାଙ୍ଗରେ ମିଶାଇ ଅଳାତୁର (ଖିରି) କରି ଦେଲେ କ୍ଷୀର ଭଲ ହୁଏ । ଜଙ୍ଗଲରେ ପଡ଼ିଥିବା ଶୁଖିଲା ବାଘକ୍ଷୀର (କୁଜସାନା ଡାଡୁକୁଇ)କୁ ସଂଗ୍ରହ କରି ପେଜରେ ମିଶାର ଦୁଗ୍ଧଦାତ୍ରୀ ମାଆକୁ ଖାଇବାକୁ ଦେଲେ ମା'ର ଅଧିକ ପରିମାଣରେ କ୍ଷୀର ବାହାରେ । ସେହିପରି ଡ଼ାଡୁକୁଇ ସିଂ ଗଛର ରସକୁ ଜନ୍ମାଦତ୍ରୀମାଆକୁ ଖାଇବାକୁ ଦେଲେ ମାଆର କ୍ଷୀର ଭଲ ହୋଇଥାଏ । ଜନ୍ମର ୭ଦିନ ପରେ "ଗୁପାସିଙ୍ଗ ବିରୁ" କରାଯାଏ । ସେଥିରେ କୁକୁଡ଼ା ମାଂସ ଓ ଧାନ ଚାଉଳ ମିଶାଇ ସରୁଜାଙ୍ଗ ପ୍ରସ୍ତୁତ କରାଯାଏ । ତାକୁ ପ୍ରସୂତୀ ମହିଳା ଓ ଦିଶାରୀ (herbal medicine man)ସେବନ କରିଥାଆନ୍ତି । ପରେ ଉକ୍ତ ଦିନ ମଧ୍ୟ ଛେଳି, ଗୋରୁ କିମ୍ବା ଘୁଷୁରୀ ମାଂସ ତରକାରୀ ଓ ଭାତ ପ୍ରସ୍ତୁତି କରି "ବିଲେଇଜାଙ୍ଗ" ରାନ୍ଧି ଜନ୍ମଦାତ୍ରୀ ମାଆ ସହିତ ଅନ୍ୟ ସମସ୍ତଙ୍କୁ ଭେଜିଭାତରେ ଆପାୟିତ କରାଯାଇଥାଏ ।

ନିଷିଦ୍ଧ ଖାଦ୍ୟ :

ବଣ୍ଡା ସମାଜରେ ସମୟ, କାଳ ପାତ୍ରକୁ ବିଚାରକୁ ନେଇ କେତେକ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ । କେତେଗୁଡ଼ିଏ ବାରଣ ଖାଦ୍ୟର ତାଲିକା ନିମ୍ନରେ ପ୍ରଦତ୍ତ :

ଗର୍ଭବତୀ ମହିଳାମାନଙ୍କୁ ଶ୍ରାବଣ ଛତୁ, ଅଣ୍ଡା, ମାଗୁରମାଛର ମୁଣ୍ଡର ଫୁଲ, ସଲପ, ଶିଆଡି, ସିମିଳିକନ୍ଦା (କେରାଇଲବ), ବାଜିଶାଗ ଆଦି ଖାଇବାକୁ ଦିଆଯାଏ ନାହିଁ । ବଣ୍ଡାମାନେ ବିଶ୍ୱାସ କରନ୍ତି ଯଦି ଗର୍ଭବତୀ ମହିଳା ଉପରୋକ୍ତ ଦ୍ରବ୍ୟ ସେବନ କରଥାନ୍ତି ତେବେ ସେହି ଖାଦ୍ୟଦ୍ରବ୍ୟର ବିଭିନ୍ନ ଲକ୍ଷଣମାନ ଶିଶୁଠାରେ ଦେଖାଯାଏ । ଯେପରିକି ସଲପ ପିଇଲେ ଚୁଆଦେହରେ କଳାଶିରା ଦେଖାଯାଏ, ସିମୁଳିକେନ୍ଦା (କେରାଇଲଦ) ଖାଇଥିଲେ ଶିଶୁର ଚମଡ଼ାରେ କଳାକଳା ଦାଗ ହୋଇ ଚମଡ଼ ଛାଡ଼ିଯାଏ । ବାଜିଶାଗ ଖାଇଲେ ଶିଶୁ ଦେହରେ ଛୋଟଛୋଟ ଲାଲ ଦାଗ ମାନ ଦେଖାଯାଏ । ପ୍ରତିକାର ସ୍ୱରୂପ ଶିଶୁଠାରେ ପ୍ରକାଶିତ ଲକ୍ଷଣ ଅନୁସାରେ ସେହି ଖାଦ୍ୟ ଦ୍ରବ୍ୟକୁ ପାଣିରେ ମିଶାର ସିଝାର ସେହିପାଣିରେ ଶିଶୁକୁ ଗାଧୋଇ ଦେଲେ ଶିଶୁଠାରେ ପ୍ରକାଶିତ ରୋଗ ଭଲହୁଏ । ଗର୍ଭବତୀ ଓ ଦୁଗ୍ଧଦାତ୍ରୀ ମହିଳାମାନଙ୍କୁ ପେଶୀ ପରିମାଣରେ ମଦ, ସଲପ ଆଦି ନିଶାଯୁକ୍ତ ପାନୀୟ ସେବନ କରିବାକୁ ବାରଣ କରାଯାଇଥାଏ । କାରଣ ଅତ୍ୟଧିକ ମଦ୍ୟପାନ କଲେ ଗର୍ଭବତୀ ମହିଳା ନିଃସନ୍ତ ହୋଇ

ପଡ଼ିଗଲେ ଉଦରସ୍ଥ ଶିଶୁ ନଷ୍ଟ ହୋଇଯିବାର ଆଶଙ୍କା ଥାଏ । ଅଧିକ ପରିମାଣରେ ସଳପ (ସାପୁଙ୍ଗ) ପିଥଲେ ମାଆ ଓ ଛୁଆକୁ ଥଣ୍ଡା ହେବ ବୋଲି ବଣ୍ଡାମାନେ ବିଶ୍ୱାସ କରନ୍ତି । ଦୁଗ୍ଧବତୀ ମାଆ ବେଶୀ ନିଶାକ୍ତ ପାନୀୟ ସେବନ କଲେ ତାହା ମାଆର କ୍ଷୀର ସାହାଯ୍ୟରେ ଶିଶୁର ଦେହକୁ ଯାଇ ଶିଶୁକୁ କ୍ଷତି ପହଞ୍ଚାଇଥାଏ । ନବଜାତ ଶିଶୁକୁ ମାଆ କ୍ଷୀର ବ୍ୟତୀତ ପ୍ରାୟ ୧ ବର୍ଷ ପର୍ଯ୍ୟନ୍ତ ଅନ୍ୟକିଛି ଖାଦ୍ୟ ଖାଇବାକୁ ଦିଆଯାଏ ନାହିଁ । ବିଶ୍ୱାସ କରାଯାଏ ଯଦି ଶିଶୁମାନଙ୍କୁ ମାଣ୍ଡିଆ ପେଜ, ଭାତ ଓ ଅନ୍ୟାନ୍ୟ ଖାଦ୍ୟ ଖୁଆଯାଏ ତେବେ ଶିଶୁର ପେଟ ବଢ଼ିଯିବ, ପେଟରେ କୃମି ହୋଇଯିବେ, ଫଳରେ ଶିଶୁ ରୋଗର ଶୀକାର ହେବ ।

ଶିଶା (ପୂଜାରୀ) ଓ ଦିଶାରୀ(ବୈଦ) କୌଣସି ପୂଜାପାଠ (ବିରୁ) କଲାପୂର୍ବ ୨୪ ଘଣ୍ଟା ଆଗରୁ ଅନ୍ୟକାହାରି ଘରେ ଭୋଜନ କରନ୍ତି ନାହିଁ ଓ ନିଜେ ପ୍ରସ୍ତୁତ କରି ଖାଦ୍ୟ ଖାଇଥାନ୍ତି । ମାଘଯାତ୍ରାର ଦୁଇଦିନ ଅଗରୁ ଶିଶା (ପୂଜାରୀ) କଡ଼ାକଡ଼ି ଭାବେ ଖାଦ୍ୟ ନିଜେ ପ୍ରସ୍ତୁତ କରି ଭୋଜନ କରିଥାଆନ୍ତି । ଏପରିକି ଅନ୍ୟ କେହି ପାଣିଦେଲେ ମଧ୍ୟ ନିଶା ତାହା ଗ୍ରହଣ କରେ ନାହିଁ ।

- ପୂଜାଦିନ ପୂଜାପାଠ (ବିରୁ) ନ ସରିଲା ପର୍ଯ୍ୟନ୍ତ ଶିଶା, ଦିଶାରୀ ଓ ତାଙ୍କର ସହକାରୀ ବ୍ୟକ୍ତି କୌଣସି ଖାଦ୍ୟ ଗ୍ରହଣ କରିନଥାନ୍ତି ।
- ପୂଜା ଦିନ ପୂଜା ନସରିବା ପର୍ଯ୍ୟନ୍ତ ଯାଦୁ ଧର୍ମିୟ କାର୍ଯ୍ୟନିର୍ବାହୀମାନେ କୌଣସି ପ୍ରକାର ନିଶାଦ୍ରବ୍ୟ ଯଥା ଧୂଆଁପତ୍ର, ଡିଙ୍ଗଜା, ପିକା (ନେଉଁ) ମଦ (ସାଗୁର), ହାଣ୍ଡିଆ (ପେଣ୍ଡମ୍), ସଳପ (ସାପୁଙ୍ଗ) ଇତ୍ୟାଦି ସେବନ କରନ୍ତି ନାହିଁ ।
- ଚଇତପର୍ବ ଦିନ ସକାଳଠାରୁ ପୂଜା ସରିବା ପର୍ଯ୍ୟନ୍ତ ଗ୍ରାମର କୌଣସି ଲୋକ ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।
- ପାଟଖଣ୍ଡା ପର୍ବଦିନ ଯେଉଁ ଲୋକ ଗୋରୁ ମାଂସ ଖାଇବାକୁ ସେ ପାଟଖଣ୍ଡା ପୀଠକୁ ଯାଇପାରିବ ନାହିଁ ।
- ପାଟଖଣ୍ଡା ଅବସରରେ ପାଟଖଣ୍ଡା ପୀଠରେ ନଡ଼ିଆ ଫଟାଇବାକୁ ଇଚ୍ଛାକ ବଣ୍ଡା ନଡ଼ିଆ ଫଟାଇବା ପର୍ଯ୍ୟନ୍ତ ଉପବାସ ପାଳନ କରିଥାଏ ।
- କୌଣସି ପର୍ବପର୍ବାଣୀରେ ଉପବାସ ପାଳନ କରିଥିବା ବ୍ୟକ୍ତିମାନେ ସରୁଜାଙ୍ଗ (ସରୁଭାତ) ସେବନ କରିଥାନ୍ତି ଓ ଅନ୍ୟମାନେ ସେଥିରୁ ବଞ୍ଚିତ ହୋଇଥାଆନ୍ତି ।

- ବନ୍ଦାପୁନ ମାସର (ଶ୍ରାବଣ) ରୁକ୍‌ଡ଼ାବୁର ଗିଗେ ପୂର୍ବରୁ କେହି କୁସୁମ (ମ୍ୟାଙ୍ଗ) ଖାଇବେ ନାହିଁ ଓ ଉକ୍ତଦିନ ଗୋରୁମାଂସ ସେବନ କରିବା ଆଙ୍ଗତ (ନିଷେଧ) ।

- ବିନ୍ଦାପୁନ ମାସର କୁରେଗିଗେ ପୂର୍ବରୁ କୌଣସି ଲୋକ ଆମ୍ବଟାକୁ (ଯେଁର), କମଳା (ପାଙ୍ଗଲୁଙ୍ଗ), ବିଭିନ୍ନ ପ୍ରକାର ଶାଗ ଯଡା ଣ୍ଡାମଲିଙ୍ଗ, ଲୁରବ, ସାରିଅବ, ଇଲିଜବୁଙ୍ଗ, ବିଭିନ୍ନ କନ୍ଦା (ଲବ) ଏବଂ ତିଉରସୁର ଓ ବେଣ୍ଡାସୁର ଇତ୍ୟାଦି ଖଟା ଜାତୀୟ ଶାଗ ଗ୍ରହଣ କରନ୍ତି ନାହିଁ ।

- ଦିଶାରୀ ଆଶ୍ୱିନ ମାସର କୁମ୍ଭକଡ଼ା ଗିଗେ ପୂର୍ବରୁ ଡ଼ଙ୍ଗରୁ ଆଣି ବୋଇତାଳୁ (କୁମୁଡ଼ା), ନାଉ (ଉମ୍ବା), କାକୁଡ଼ି (ସରଲଇ), ଜହ୍ନି (ଜନି), ଛୋଟକାକୁଡ଼ି (ବଦା), ମାଲିକାକୁଡ଼ି (ମାଲିକାକୁଡ଼ି),ଇତ୍ୟାଦି ସେବନ କରିବା ଆଙ୍ଗାଡ଼ ।

- ସୁମେ ଗେଲିରାଜ (ପୁଷପରବ) ପୂର୍ବରୁ କୌଣସି ବଣ୍ଡାଲୋକ ସିଆଡ଼ି (ଲାମୁଜ) ଲଙ୍ଗଳକନ୍ଦା (ଉନଲବ) ଓ ଶିମ୍ବ (ମେଡ଼େର) ଖାଇବେ ନାହିଁ ।

- ଶିଆଗିଗେ (ଚୈତ ପରବ) ପୂର୍ବରୁ କୌଣସି ଲୋକ କଞ୍ଚାଆମ୍ବ (ଅଗେର) ଖାଆନ୍ତି ନାହିଁ ଓ ଉକ୍ତଦିନ ଗୋରୁମାଂସ ଖାଇବା ଆଙ୍ଗତ (ନିଷେଧ) ।

  ଚେତିମାସରେ ପାଳିତ ଗିଆଗ୍ ଗେବୁରସିଂ ପୂର୍ବରୁ କୌଣସି ବଣ୍ଡା ଜଣ୍ଡାକୋଳି (ଚାରମାଙ୍ଗ), ଖଜୁରୀକୋଳି (ବିଲୁରା) ଓ ଚାରକୋଳି (ଡାରବ) ସେବନ କରାଯାଏ ନାହିଁ ।

- ଯୁବତୀ ଓ ବୁଢ଼ୀମାନେ ପ୍ରସ୍ତାବିତ କନ୍ୟାକୁ ନିର୍ଦ୍ଦିଷ୍ଟ ସମୟରେ ପୁଅଘରକୁ ଡ଼ାକିଆଣନ୍ତି । ନବବଧୂ ସ୍ୱାମୀ ଘରେ ପ୍ରବେଶ ପୂର୍ବରୁ ଘର ବାହାରେ ବସାଯାଇଥିବା ଗରମ ପାଣି ହାଣ୍ଡିରେ ଚାଉଳ ପକାଏ । ସେହି ଭାତକୁ ଅଡୁରୁଙ୍ଗ ଜାଙ୍ଗ ସେବନ କରିବା ନିଷେଧ । ଏହା କେବଳ ବିବାହ ଠିକ୍ ହୋଇନଥିବା ଅବିବାହିତ କନ୍ୟା ରୋଜନ କରିଥାଆନ୍ତି ।

ନିରାମିଷ ଓ ଆମିଷ ଖାଦ୍ୟ:

ସାଧାରଣତଃ ବଣ୍ଡାମାନେ ଆମିଷ ଖାଦ୍ୟ ପ୍ରିୟ । ବଣ୍ଡା ଲୋକମାନଙ୍କ ମତରେ ରକ୍ତ ସଂପୃକ୍ତ ବା ଜୀବାରୁ ସୃଷ୍ଟି ସମସ୍ତ ଖାଦ୍ୟ ଆମିଷ ଖାଦ୍ୟ ସମସ୍ତ ପ୍ରକାର ମାଂସ (ସେ), ମାଛ (ଆଡ଼ଙ୍ଗ), କଙ୍କଡ଼ା (ଙ୍ଗ) ସିନ୍ଧିକିଡା (ତୁଙ୍ଗତୁଙ୍ଗ ଦେର) ସିନ୍ଧିକିଡା

(ବୁରାଇ), ସିନ୍ଦିକିଡ଼ା (ଗିଗାରୀ), ଶୁଖୁଆ (ବିଡିଆ), ଅଣ୍ଡା (ଭାରୁସିଙ୍ଗ) ଓ ଚଢ଼େଇ ଅଣ୍ଡା (ଉନ୍ତପି)କୁ ଆମିଷ ଖାଦ୍ୟ ହିସାବରେ ଗ୍ରହଣ କରାଯାଏ ।

ବୃକ୍ଷଲତାକୁ ସଂଗୃହୀତ ସମସ୍ତପ୍ରକାର ଖାଦ୍ୟଦ୍ରବ୍ୟକୁ ନିରାମିଷ ଖାଦ୍ୟ ବୋଲି ଗ୍ରହଣ କରାଯାଏ । ସମସ୍ତ ପ୍ରକାର ଶସ୍ୟସୁଆଁ (ରିକ୍‌ଡ଼ାର) ଧାନ (କେରଙ୍ଗ), ମାଣ୍ଡିଆ (ସାମେ), କାଙ୍କୁ (ଉଇଡ଼ାର), କଙ୍କଡ଼ାଆଖି (ଫୁନୁଇ), ସମସ୍ତ ପ୍ରକାର ପନିପରିବା, ଛତୁ (ଉନ୍ତୁଇ), ଶାଗ, (ମାଁ) ଖଟା (ସୁଇ), କନ୍ଦା (ଲଇ) ଇତ୍ୟାଦିକୁ ନିରାମିଷ ଖାଦ୍ୟ ଭାବେ ବିବେଚନା କରାଯାଏ ।

ଲୁଣ (ବିଡି), ଲଙ୍କା (ମରିଚି), ହଳଦୀ (ସାଙ୍ଗସାଙ୍ଗ୍) ଓ ପିଆଜ (ରଷୁଣ) ଆଦି ମସଲାକୁ ନିରାମିଷ ଖାଦ୍ୟ ଦ୍ରବ୍ୟ ହିସାବରେ ବ୍ୟବହାର କରାଯାଏ ।

କୃଷିକ୍ଷେତ୍ରରୁ ମିଳୁଥିବା ଖାଦ୍ୟ ଉପାଦାନ :

କୃଷି (ବିରି)

୧. ସୁଆଁ (ରିକ୍‌ଡ଼ାର)
୨. ମାଣ୍ଡିଆ (ସାମେ)
୩. ଗହମ (କେରଙ୍ଗ)
୪. କାଙ୍କୁ(ଉଇଡ଼ାର)
୫, କାଙ୍କଡ଼ାଆଖି(ଫୁନୁଇ)
୬. ବିରି (ରୁମା)
୭. ଡ଼ଙ୍ଗରାଣୀ (ମୁସୁରୀ)
୮. ଝୁଡ଼ଙ୍ଗ (ଗିବେଗାଙ୍ଗ)
୯. ଶିମ୍ବ (ମେଢ଼େର)
୧୦. ଶିମ୍ବ (କାଡିକ)
୧୧. ବାଇଗଣ (ୟମର୍)
୧୨. ଟମାଟୋ (ବେଜା)
୧୩. ଛୋଟ ଟମାଟୋ (ବେଜରି)
୧୪. ଭେଣ୍ଡି (ବେଣ୍ଡି)
୧୫. ମୂଳା (ମୂଲା)
୧୬. କାକୁଡ଼ି(ସରଲାଇ)
୧୭. ଛଞ୍ଚିଣା (ଲାଉ)
୧୮. ଲାଉ (ଥୁମ୍ବା)
୧୯. ବୋଇତାଳୁ (କୁମୁଡ଼ା)
୨୦. ବୋଇତାଳୁ ଶାଗ(କୁମଡ଼ାପା)
୨୧. ବୋଇତାଳୁ ଫୁଲ (କୁମୁଡ଼ାସାରୀ)
୨୨. କଲରା (କାରଲା)
୨୩. କଞ୍ଚାକଦଳୀ (ବୁରବାଇ ଉସୁଙ୍ଗଡ଼ା)
୨୪. ଆମ୍ବିଳିତିଭେଣ୍ଡି(ବେଣ୍ଡାସୁର)
୨୫. ପଣସ (ଉକୁସିଙ୍ଗ୍)

ଜଙ୍ଗଲରୁ ମିଳୁଥିବା ଖାଦ୍ୟ ସାମଗ୍ରୀ:

ଶାଗ (ମାଁ)

୧. ବୁଇଁଅବ ମୁଙ୍ଗାଅବ
୨. ଇସେମ୍ଭୁ ଲାଁଅବ୍
୩. ସୁଲୁନ୍ତେର ଲାରୁଗ ଅବ୍
୪. ଗୁରୁମୁଇଣ୍ଡା ବୁରାଇଁ ଅବ୍
୫. ସାତିଅବ୍ ଖୁଡ଼ାଅବ୍
୬. ଲୁରବା ଲୁବୁରପା
୭. ନ୍ତେତାପା ଉନ୍ତୁରଙ୍ଗ
୮. ଉସୁକୁ କୁଡ଼ାଅବ୍
୯. ଗାଲଙ୍ଗଅବ
୧୦. ଇନ୍ତ୍ରେୟମ
୧୧. ବଦିକୁରା
୧୨. ସାରିଅବୀ
୧୩. ଇସିଏପା
୧୪. ଉମ୍ୟାଙ୍ଗତୁତୁଅବ

କନ୍ଦା(ଲବ୍)

୧୫. କେରାଇଲବ୍ ମୁଙ୍ଗାଅବ
୧୬. ଉନ୍ଲବ ଲାରୁଗ ଅବ୍
୧୭. ନ୍ତାର ଖୁଡ଼ାଅବ୍
୧୮ ଥୁମଙ୍ଗ୍ ଉନ୍ତୁରଙ୍ଗ
୧୯. ଗୁବାଇ ଲାଁଅବ୍
୨୦. ଉ କୁର ବୁରାଇଁ ଅବ୍
୨୧. ସାଆଡ଼ା ଲୁବୁରପା
୨୨. ତୁତୁରେ କୁଡ଼ାଅବ୍
୨୩. ଇନ୍ସାଇଲବ୍
୨୪. ଏଡ଼ାକଲବ

ଛତୁ(ଉନ୍ତୁର)

୨୫. ଗୁବୁତୁର (ଜାମୁଛତୁ)
୨୬. ଏମୁରତୁର
୨୭. ସିରାମଲାମତୁର
୨୮. ତେୟତୁର
୨୯. ତିରୋପାତୁର
୩୦. ଉନ୍ତପିତୁର
୩୧. ଗାୟରଗାଙ୍ଗ୍ତୁର (ଡଙ୍ଗରଛତୁ)
୩୨. ଉଡାଙ୍ଗଡ଼ା ତୁର (ଗୋବରଛତୁ)
୩୩. ସରଗେତୁର (ବଡ଼ଶାଳଗଛ)
୩୪. ମଦୁଙ୍ଗ୍ତୁର
୩୫. ଲାବୁଜତୁର
୩୬. ଆଆଡୁର(ବାଉଁଶଛତୁ)
୩୭. ଉଲିତୁର (ଆମ୍ବଛତୁ)
୩୮. ବଡ଼ାତୁର (ଛୋଟ ଶାଳଛତୁ)
୩୯. ଫୁପଜ୍ ତୁର- (ମଣ୍ଡାଛତୁ)

ଖଟା (ସୁଇ)

୪୦. ତିନ୍ତିମ୍ ସୁଇ(ତେନ୍ତୁଳି ଖଟା)
୪୧. ଆଗେରସୁଇ (ଆମ୍ବୁଲ)
୪୨. ତିଉରମଇ
୪୩. ଫୁସିଲା (ଆମ୍ବଡ଼ା)
୪୪. ରାଙ୍ଗସୁଇ
୪୫. ଗବେରସୁଇ ।

ମାଂସ (ସେଲି)

୪୫. ଗୁଲୁସେ (ଠେକୁଆ ମାଂସ)
୪୬. ଗୁଲୁସେ (ଠେକୁଆ ମାଂସ)
୪୭. ଗିସିଙ୍ଗରେ ସେ (ଝିଙ୍କମାଂସ)
୪୮. ଲାଟାବୁସେ(ବାରହାମାଂସ)
୪୯. ସିରାମସେ (ସମ୍ବର ମାଂସ)
୫୦. ଉରାଉସେ (ମୂଷାମାଂସ)
୫୧. କେମୁଙ୍ଗସେ (ଧମଣାସାପ)
୫୨. ପରିସେ(ପକ୍ଷୀମାଂସ)
୫୩. ସୁଲୁପସେ (ହରିଣମାଂସ)

ଜୀଟପଡଙ୍ଗ

୫୪. ତୁଙ୍ଗତୁଙ୍ଗ ଦେର (ସିନ୍ଧିକିଡ଼ା)
୫୮. ଲେ (କରଡ଼ି)
୫୫. ତୁରାଇ (ସିନ୍ଧିକିଡ଼ା)
୫୯. ଶାରୀଅପ୍ (ଶାରୁ)
୫୬. ଗିଗାରୀ (ସିନ୍ଧିକିଡ଼ା)
୫୭. ୟାଁ (ମହୁମାଛି ପୋକ)
୬୦. ମହୁ- ୟାଁ ଡ଼ାକ

ଅଣ୍ଡା (ଉନ୍ତୁସିଂବା)

୬୧. ଉନ୍ତକୁ (ମୟୁର ଅଣ୍ଡା)
୬୨. ଉନ୍ତସିଂ (କୁକୁଡ଼ା ଅଣ୍ଡା)

ଚଢ଼େଇ ଅଣ୍ଡା (ଉନ୍ତୁପି)

୬୩. ଡେରଲେମ୍
୬୬. ଗିଡିମ୍ନା
୬୪. ରାମିପି
୬୭. କୁକୁରପି
୬୫. କୋମଟିନା
୬୮. ରାମିପି
୬୯. କୋମଟିନା।

ବିଭିନ୍ନ ପ୍ରକାର ଫଳ ଏବଂ କୋଳି :

୭୦. ଭଲି (ଆମ୍ବ)　　୭୭. ଲାମୁକ୍ (ସିଆଡ଼ି)

୭୧. ପଣସ (ଉକୁସିଙ୍ଗ)　　୭୮. ଲେମୁ(ଲେମ୍ବୁ)

୭୨. କେନ୍ଦୁ (ତୀରେ)　　୭୯. ଉଁସଉ (ଭାଲିଆଫଳ)

୭୩. ଅଁଳା (ସିଙ୍ଗେଁର)　　୮୦. ପେଙ୍ଗୁ (ତୈଳଜାତୀୟ ମଞ୍ଜି)

୭୪. ବୁଲୁରା(ଖଜୁରୀକୋଳି)୮୧.ବୁରେ (ଏକ, ତୈଳଜାତୀୟ ମଞ୍ଜି)

୭୫. କୁଡ଼େ(ଜାମୁକୋଳି)　୮୨. ୟାଙ୍ଗ୍ (କସମକୋଳି)

୭୬. ଜାମ (ପିକୁଳି)　　୮୩. ରାଏ(ରାଏ ଫଳ)

ପାଙ୍ଗ୍ଲୁଙ୍ଗ(କମଳା)　　ତାର ମାଙ୍ଗ୍ (କଣ୍ଟାକୋଳି)

ତାର୍ପ (ଚାର କୋଳି)　　ବ (ମହୁଲ)

ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ମାଂସ :

ମାଂସ (ସେ)

ଜିକେପ୍ (ଜଟରା)　　କୁକୁଙ୍ (ମୟୁର)

ଗିସାକ (ମାଙ୍କଡ)　　ବୁରଡାଙ୍ (ହରିଣପରି ଏକ ପଶୁ)

କୁଲଙ୍ଗ (ଏକପ୍ରକାର ଛୋଟ ମୂଷା)

ଗିଡ଼ାବ (ଛୋଟ ମୂଷା)

ଗୃହପାଳିତ ପଶୁପକ୍ଷୀଙ୍କ ଠାରୁ ସଂଗ୍ରହ କରାଯାଉଥିବା ଆମିଷ ଖାଦ୍ୟ:

ଛେଳି (ଗିମେ)　　ଘୁଷୁରୀ (ଗୁବୁ)

କୁକୁଡ଼ା (ଗିସିଙ୍ଗ)　　ଗୋରୁ (ଗଉଡାଙ୍କ)

ମେଣ୍ଢା (ମେଣ୍ଢା)

Non-Veg food ingredients from water Sources

ପାଣିରୁ ମିଳୁଥିବା ଆମିଷ ଖାଦ୍ୟ

ମାଛ (ଆଡ଼ଙ୍ଗ୍)　　କଙ୍କଡ଼ା (ଙ୍ଗ)

ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ

(କ) ଭାତ:- ସାଧାରଣତଃ ସୁଆଁ (ରିକ୍‌ତାର) ଧାନ (କେରଙ୍ଗ) କାଙ୍ଗୁ (ଉଇଢ଼ାର), କାଙ୍କଡ଼ାଆଖି (ପୁନୁଇ) ଓ ଯନ୍ଦ୍ରା (ବରିଯନା)ରୁ ଭାତ ପ୍ରସ୍ତୁତ କରାଯାଏ । ପ୍ରଥମେ କୁଟୁଣୀ ବାଡ଼ି ଏସବୁକୁ (ଥିଅେଁ) ସାହାଯ୍ୟରେ ଗାତ (ସାବୁକ୍)ରେ ତିନିଥର କୁଟି ପରିଷ୍କାର କରନ୍ତି । କୁଲାକ(କେସୁଡ଼ା)ରେ ପାନ୍ଥୁଡ଼ି ପରିଷ୍କାର କରି ଚାଉଳ (ରୁଙ୍ଗ) ବାହାର କରନ୍ତି । ପରେ ପାଣି ଗରମ କରି ସେଥିରେ ଚାଉଳ ପକାନ୍ତି । ଧାନ ଚାଉଳ, ଯନ୍ଦ୍ରା ଚାଉଳ ଓ କାଙ୍କଡ଼ାଆଖି ଚାଉଳକୁ ଗରମ ପାଣିରେ ପକାଇ ରୋଷେଇ କରନ୍ତି । କିନ୍ତୁ ସୁଆଁ ଓ କାଙ୍ଗୁଚାଉଳକୁ ଫୁଟନ୍ତା ପାଣିରେ ପକାଇ ରୋଷେଇ କରାଯାଏ । ଉପର ଲିଖିତ ଚାଉଳ ଅପେକ୍ଷା ସୁଆଁ ଓ କାଙ୍ଗୁ ଚାଉଳ ଶୀଘ୍ର ଭାତ ହୋଇଯାଏ । ଭାତ ହୋଇଗଲା ପରେ ହାଣ୍ଡି (ଉକୁଇ) ମୁହଁରେ ଘୋଡ଼ଣୀ (ଡ଼ିନାରେ) ଦେଇ ଗାଳି ଦିଅନ୍ତି । ଧାନ ଚାଉଳର ପେଜକୁ କେହି କେହି ପିଅନ୍ତି । କିନ୍ତୁ ଅନ୍ୟ ଚାଉଳରେ ପେଜକୁ ଫୋପାଡ଼ି ଦିଅନ୍ତି । ଭାତ ହୋଇଗଲା ପରେ ତାକୁ ତରକାରୀ ସହିତ ଖାଆନ୍ତି ।

(ଖ) ପେଜ (ଇଡ଼ିରା):- ପେଜ ମୁଖ୍ୟତଃ ମାଣ୍ଡିଆ (ସାମେ)ରୁ ପ୍ରସ୍ତୁତି କରାଯାଏ । ମାଣ୍ଡିଆକୁ ପ୍ରଥମେ ଥିଅେଁ ସାହଯ୍ୟରେ କୁଟି ଚୋପା ଛଡ଼ାଇ ଦିଆଯାଏ । ଚୋପା ଛଡ଼ାଇ ସାରିଲା ପରେ ପଥର ଯନ୍ତାରେ (ଯାନ୍ତା) ଘୋରି ଚାଉଳକୁ ଗୁଣ୍ଡ (ଲୁକୁରସାମ୍) କରନ୍ତି । ପରେ ଗୁଣ୍ଡକୁ କଞ୍ଚାପାଣିରେ ଭିଜାଇ ଦେବେ /ପ୍ରାୟ ୧୨ ଘଣ୍ଟା ପରେ ପୁଣି ପାଣି ଗରମ କରି (ଫୁଟିଲେ) ସେହି ମାଣ୍ଡିଆ ଗୋଳା ପାଣିକୁ ଗରମପାଣିରେ ମିଶାଇ କିଛିସମୟ ରଖିଦେଲେ ତାହା ମାଣ୍ଡିଆ ପେଜରେ ପରିଣତ ହୁଏ । ତାକୁ ଲୁଣ (ବିଡି), ଲଙ୍କା (ମରିଚି) ଓ ଅନ୍ୟ କିଛି ତରକାରୀ ଯଦି ମିଳେ ତେବେ ମିଶାଇ ଖାଆନ୍ତି ।

ଧାନପେଜ (ଅଜାତୁର), କାଙ୍ଗୁପେଜ (ଉଇଢ଼ାରତୁର) ମଧ୍ୟ କରାଯାଏ । ଚାଉଳ ଖୁଦ୍ କିମ୍ବା କାଙ୍ଗୁ ଚାଉଳକୁ ଗରମ ପାଣିରେ ପକାଇ ନିଆଁଜାଳି ସେଥିରୁ ପେଜ ତିଆରି କରାଯାଏ । ଏହା ଖୁବ୍ କମ୍ ସମୟ ଖାଆନ୍ତି । ମୁଖ୍ୟତଃ ଖରାଦିନେ ଖାଆନ୍ତି । ଅନ୍ୟକେତେ ଲୋକମାନେ ମଧ୍ୟ କଙ୍କଡ଼ା ଆଖି ପେଜ (ପୁନୁଇତୁର) ଉପରୋକ୍ତ ପ୍ରଣାଳୀରେ ପ୍ରସ୍ତୁତ କରି ଖାଆନ୍ତି ।

ଟାକୁ ପେଜ (ନୈଥେଁର ତୁର) ପ୍ରଥମେ ଆମ୍ବ ଟାକୁଆକୁ ଚୋପା ଛଡ଼ାଇ ଦେଇ ପ୍ରାୟ ଏକ ସପ୍ତାହ ବାଉଁଶ ଝୁଡ଼ି ଭିତରେ ରଖାଯାଏ । ପରେ ତାକୁ କାଠଖୋଳ (ଥିସା)

ଓ ଶାବଳ (ମୁର) ସାହାଯ୍ୟରେ କୁଟି ଗୁଣ୍ଡ କରନ୍ତି । ତା'ପରେ ଗୋଟିଏ କଣାଥିବା ଛଣିବା ପାଛିଆ (ଗିନାୟା)ରେ ଉରି ଉପରେ ସିଆଳିପତ୍ର ଘୋଡ଼ାଇ କରି ଚଳନ୍ତା ପାଣିରେ ବସାଇ ଦିଆଯାଏ । ତଳେ ଓ ଉପରେ ପାଣି ଯିବାପରି ଗୋଟିଏ ବିନ ରଖିଦିଆ ଯାଏ । ତା'ର ପିତାଅଂଶ ଧୋଇ ହୋଇଯାଏ । ପରେ ତାକୁ ଆଣି ଶିଳ (ବିରେ) ଓ ଶିଳପୁଆ (ଅଆଁବେର) ସାହାଯ୍ୟରେ ବାଟି ଗୁଣ୍ଡ କରନ୍ତି । ସେହି ଗୁଣ୍ଡକୁ ଫୁଟନ୍ତା ପାଣିରେ ପକାଇ ରୋଷେଇ କରାଯାଏ । ନିଆଁରେ ବସାଇ ବାରମ୍ବାର ଘସିବାକୁ ପଡ଼େ । ଟାକୁ ମିଳାଇ (ସିଝି) ଗଲା ପରେ ତାକୁ ଚାଖଣା ସହିତ ପିଇଥାନ୍ତି । ଏହା ବହୁତ ସ୍ୱାଦଯୁକ୍ତ ବୋଲି ବଣ୍ଡା ରମଣୀ କହନ୍ତି ।

ସଳପଗୁଣ୍ଡ ପେଜ (ସାପୁଜ୍‌ତୁର)

ପ୍ରଥମେ ସଳପଗଛର ମଝି (ମଞ୍ଜି) ଅଂଶକୁ କାଟି କିଛି ସମୟ ଖରାରେ କିମ୍ବା ନିଆଁ ଉପର ଭାଡ଼ିରେ ଶୁଖାଇ ଦିଆଯାଏ । ଶୁଖିବା ପରେ ତାକୁ ଥିସା (କାଠଖୋଳ) ଓ ଶାବଳ (ମୁର) ସହାଯ୍ୟରେ କୁଟି ଚଲାରେ ଚଲାଇ ଗୁଣ୍ଡକୁ ବାହାର କରାଯାଏ । ପୁଣି ସେହି ଗୁଣ୍ଡକୁ କପଡ଼ା ସାହାଯ୍ୟରେ ଛାଣି ଖୁବ୍ ସୂକ୍ଷ୍ମ ଗୁଣ୍ଡ ବାହାର କରାଯାଏ ତାକୁ ଫୁକ୍‌ସା କୁହାଯାଏ । ଫୁକ୍‌ସାକୁ ଫୁଟନ୍ତା ପାଣିରେ ପକାଇ କିଛି ସମୟ ନିଆଁରେ ବସାଇ ରାନ୍ଧି ପେଜ ପ୍ରସ୍ତୁତ କରାଯାଏ । ଏହାକୁ ଗରମ ଗରମ ଥିଲାବେଳେ ଲୁଣ, ଇଙ୍କା ମିଶାଇ ପିଅନ୍ତି । ଏହା ମଧ୍ୟ ଖୁବ୍ ସ୍ୱାଦିଷ୍ଟ ।

ଟାକୁ ପିଠା (ବଲୁଙ୍ଗ ୟେଁର)

ଟାକୁ ପେଜ କରିବା ପଦ୍ଧତିରେ ଟାକୁକୁ ଶିଳରେ ବାଟି ଗୁଣ୍ଡ କଲାପରେ ଶିଆଡ଼ି (ଲାଣ୍ଡୁ) ପତ୍ର ତଳେ ଉପରେ ଦେଇ ନିଆଁ ଉପରେ ଗୋଟେ ଟିଣ (ଟିନ୍) ରଖି ତା ଉପରେ ପିଠାକୁ ରଖାଯାଏ । ତାହା ସଝିଗଲା ପରେ ତାକୁ ପିଠାକରି ଖାଆନ୍ତି ।

ଜରିମତର: ସ୍ୱତନ୍ତ୍ରଭାବେ ଏହା ଦଶହରା ପରବ, ପୁଷପରବ ଓ କୁରେକ ପର୍ବରେ ପ୍ରସ୍ତୁତ କରାଯାଏ । ପ୍ରଥମେ କାଙ୍କୁ ଚାଉଳକୁ ଶୁଖାଇ ତାକୁ ପାଣିରେ ଭିଜାଇ ଥିସା (କାଠଖୋଳା) ଓ ଥିୟେଁ ସାହାଯ୍ୟରେ କୁଟି ଗୁଣ୍ଡ କରାଯାଏ । ତାକୁ ଚଲା (ଶାଗଲନି) ସାହାଯ୍ୟରେ ଚଲାଇ ସୂକ୍ଷ୍ମଗୁଣ୍ଡ (ତରଲା) ବାହର କରାଯାଏ । ଝୁଡ଼ଙ୍ଗ (ଗିବେଗାଙ୍ଗ୍) ଡ଼ଙ୍ଗରାଣୀ (ମୁସୁରୀ), ଶିମ୍ବମଞ୍ଜି (କାଡିଜ) ଅଲଗା ଅଲଗା ଲୁଣ, ହଳଦୀ, ପକାଇ

ସିଝାଇ ଦିଆଯାଏ । ପରେ ସେହି ସିଝା ମଞ୍ଜି ଓ ପାଣିରେ କାଜୁଗୁଣ୍ଡକୁ ମିଶାଇ ସେବୁଆ (କଠିନ) କରାଯାଏ । ତାକୁ ଛୋଟଛୋଟ ଗୁଜା କରି ସିଆଡ଼ି ପତ୍ରରେ ଗୁଡ଼ାଇ ଦିଆଯାଏ । ଗୋଟିଏ ହାଣ୍ଡିରେ ପାଣି ବସାଇ ଗରମ କରାଯାଏ । ହାଣ୍ଡିର ମଧ୍ୟଭାଗରେ କିଛି କାଠି ଦିଆଯାଇଥାଏ । ତା ଉପରେ ସେହି କଞ୍ଚା ପିଠାକୁ ରଖାଯାଏ । ତାକୁ ନିଆଁରେ ଗରମ କରିବା ଦ୍ୱାରା ପାଣିର ବାଷ୍ପଦ୍ୱାରା ପିଠା ସିଝିଯାଏ । ପରେ ତାକୁ ଆନନ୍ଦ ମନରେ ଭୋଜନ କରାଯାଏ ।

ସରୁଜାଙ୍ଗ :

ପ୍ରଥମେ କରଙ୍ଗ ଜାଙ୍ଗ୍ ପ୍ରସ୍ତୁତି କରାଯାଏ ଓ ପରେ ତରକାରୀ (ମାଁ) ପ୍ରସ୍ତୁତ ପାଇଁ ଝୁଡ଼ଙ୍ଗ (ଗାଙ୍ଗ), ସିଆଡି (ଲାମୁ), ଲଙ୍ଗଳେ କନ୍ଧା (ଉନ୍‌ଲବ୍) ଝଟାମଞ୍ଜି (କାଡିକ), ଶିମ୍ଳମଞ୍ଜି (ମେଡେର) ସେ ଗୋଟେ ହାଣ୍ଡିରେ ମିଶାଇ ସିଝାଇ ଦିଆଯାଏ । ସେଥିରେ ଲୁଣ (ବିଡି), ହଳଦୀ (ସାଙ୍ଗ୍‌ସାଙ୍ଗ୍), ଲଙ୍କା (ମରିଚ) ପକାଇ ତରକାରୀ କରାଯାଏ । ଏହି ଭାତ ଓ ତରକାରୀକୁ ସରୁଭାତ(ସରୁଜାଙ୍ଗ) କୁହାଯାଏ । ଏହା ପୁଷପରବ ବେଳେ ତିଆରି କରାଯାଏ । ବିଲେଇ ଜାଙ୍ଗ୍ -ପର୍ବ କିମ୍ବା ପୂଜାପାଠ ପରେ ପୂଜାପାଠ ପରେ ଘରେ ଅଧିକ ପରିମାଣରେ ମାଂସଭାତ (କିସିରଜାଙ୍ଗ୍) ପ୍ରସ୍ତୁତ କରିଖାଉଥାନ୍ତି । ତାକୁ ବିଲେଇ ଜାଙ୍ଗ କହନ୍ତି ।

ମାଂସ ଭାତ (କିସିରଜାଙ୍ଗ):

ଉଭୟ ଶିଆଗୋବୁର ସିଂ ଓ ଦିଆଲି ଗେବୁର ସଂରେ କିସିରି ଜାଙ୍ଗ ପ୍ରସ୍ତୁତ କରାଯାଏ । ପ୍ରଥମେ ଘୁଷୁରୀ ମାଂସ (ଗୁବୁସେ)କୁ ପାଣିରେ ସିଝାଇ ଦିଆଯାଏ । ସେଥିରେ ହଳଦୀ ଓ ଲୁଣ ପକାଯାଏ । ମାଂସ ସିଝିଗଲା ପରେ ସେଥିରେ ସୁଆଁ ଚାଉଳ (ରିକ୍‌ରଙ୍ଗ) ଓ କାଜୁଚାଉଳ (ଉଇଡାର ରୁଙ୍ଗ) ପକାଇ ରୋଷେଇ କରାଯାଏ । ଭାତ ହୋଇଗଲାପରେ ତାକୁ ଗାଁର ସମସ୍ତଙ୍କ ଘରେ ବାଣ୍ଟି କରି ଟିକେ ଟିକେ ଦିଆଯାଏ । ସମସ୍ତେ ଲୋକ ପ୍ରସାଦ ପରି ସେବନ କରି ଈଶ୍ୱରଙ୍କର କୃପାଲାଭ କରିବେ ବୋଲି ଆଶାପୋଷଣ କରନ୍ତି ।

ମାଂସ ତରକାରୀ (ସେଲିଅବ୍)

ପ୍ରଥମେ ମାଂସକୁ ପାଣିରେ ଧୋଇ ପରିଷାର କରାଯାଏ । ହାଣ୍ଡିରେ ପାଣି ବସାଇ ଗରମ କରାଯାଏ । ପାଣି ଗରମ ହୋଇଗଲା ପରେ ସେଥିରେ ମାଂସ ପକାଇ

ସିଝାଇ ଦିଆଯାଏ । ସେଥିରେ ଲୁଣ, ଲଙ୍କା, ହଳଦୀ ଓ ପିଆଜ ବାଟି ପକାଇ ଦିଆଯାଏ । ସ୍ୱାଦ ବଢ଼ାଇବା ପାଇଁ ଭେରସୁଙ୍ଗା ପତ୍ର ମଧ୍ୟ ପକାଯାଏ । ଖଟା ମିଶାଯାଏ, ମାଂସ ସିଝିଗଲା ପରେ ତାକୁ ଓହ୍ଲାଇ ସେବନ କରାଯାଏ । ସମସ୍ତ ପ୍ରକାର ମାଂସ, କଙ୍କଡ଼ା ଓ ମାଛକୁ ଏହିପରି ପ୍ରସ୍ତୁତ କରାଯାଏ ।

ପରିବା ତରକାରୀ: (ଗୁଲାଇଲେ ଅବ)

ସବୁ ପରିବାକୁ ଏକାଠି ମିଶାଇ ସିଝାଇ ଦିଆଯାଏ । ପରେ ସେଥିରେ ଲୁଣ, ହଳଦୀ, ମରିଚ ଓ ପିଆଜ ବାଟି ପକାଇ ରୋଷେଇ କରାଯାଏ । ସେଥିରେ ଖଟା ମିଶାଯାଏ । ପରିବା ସିଝିଗଲା ପରେ ତରକାରୀ ଓହ୍ଲାଇ ଦିଆଯାଏ ।

ବାଉଁଶଛତୁ ତରକାରୀ (କୁଲାରଂ ମାଅବ୍)

ପ୍ରଥମେ ବାଉଁଶ ଛତୁକ ସିଝାଇ ସେଥିରେ ଲୁଣ, ଲଙ୍କା, ହଳଦୀ ପକାଇ ତରକାରୀ କରାଯାଏ । ସେଥିରେ ମାଞ୍ଜିଆଗୁଣ୍ଡକୁ ପାଣିରେ ଗୋଳାଇ ପକାଯାଏ । ତାହା ସିଝିଗଲା ପରେ କୁଲାରମାଆବ୍ ପ୍ରସ୍ତୁତ ହୋଇଯାଏ । ସେଥିରେ ଖଟା ମିଶାଯାଏ ।

ଛତୁ ତରକାରୀ (ଉନ୍ଥୁଇଅବ୍):

ଛତୁକୁ ପାଣିରେ ପକେଇ ସିଝାଇ ସେଥିରେ ଲୁଣ, ଲଙ୍କା ଓ ହଳଦୀ ପକାଇ ସିଝାଇ ତରକାରୀ କରାଯାଏ । ସେଥିରେ ଖଟା ମିଶାଯାଏ ।

ଶାଗ ତରକାରୀ (ସାଅମା ଅବ୍):

ଶାଗକୁ ପାଣିରେ ସିଝାଇ ସେଥିରେ ଲୁଣ, ଲଙ୍କା, ହଳଦୀ ଓ ପିଆଜ ପକାଇ ତରକାରୀ କରାଯାଏ । ସେଥିରେ ଖଟା ମିଶାଇ ତରକାରୀ ପ୍ରସ୍ତୁତ କରାଯାଏ ।

ଅଣ୍ଡା ତରକାରୀ (ଉନ୍ତସିଅବ୍):

ଅଣ୍ଡାକୁ ପାଣିରେ ସିଝାଇ ସେଥିରୁ ଖୋଳପା ଛଡ଼ାଇ ଲୁଣ, ହଳଦୀ, ଲଙ୍କା, ପିଆଜ ଓ ଖଟା ପକାଇ ତରକାରୀ କରାଯାଏ ।

ୟଁଶାମ୍

ଚାଉଳକୁ ପାଣିରେ ପକାଇ ଭାତ ରନ୍ଧାଯାଏ । ଭାତ ହୋଇଗଲା ପରେ ସେଥିରେ ମାଞ୍ଜିଆ ଗୁଣ୍ଡକୁ ପକାଇ ଘାଣ୍ଟି ଦେଲେ ତାହା ୟଁଶାମ୍‌ରେ ପରିଣତ ହୁଏ । ତାକୁ ସଅମା ଅବ୍ ସହିତ ସେବନ କରାଯାଏ ।

ମହୁମାଛି ତରକାରୀ (ଝଁଅବ)

ଅଳ୍ପପାଣିରେ ମହୁମାଛିକୁ ସିଝାଇ ସେଥିରେ ଲୁଣ, ହଳଦୀ, ପିଆଜ, ଲଙ୍କା ଓ ଖଟା ପକାଇ ପାଣି ମରାଇ ଦିଆଯାଏ । ଏଥିରେ ଝୋଳ ହୁଏ ନାହିଁ ।

ଅଜାତୁର

କାଙ୍କୁ ଚାଉଳକୁ ପାଣିରେ ଧୋଇ ଗରମ ପାଣିରେ ପକାଇ ନିଆଁରେ ବସାଇ ପ୍ରସ୍ତୁତ କ୍ଷୀରି ପ୍ରସ୍ତୁତ କରାଯାଏ । ତାକୁ ପ୍ରସୂତି ସ୍ତ୍ରୀ ଲୋକଙ୍କୁ ଖାଇବାକୁ ଦିଆଯାଏ ।

ସିନ୍ଧିକିଡ଼ା ତରକାରୀ (ବୁରାୟବ)

ଅଳ୍ପପାଣିରେ ବୁରାଇ ସିନ୍ଧିକିଡ଼ା ପକାଇ ସିଝାଇ ଦେବେ । ପରେ ସେଥିରେ ଲୁଣ (ବିଟି), ହଳଦୀ (ସାଙ୍ଗସାଙ୍ଗ), ଲଙ୍କା (ମରିଚି), ପିଆଜ (ରସୁଣ) ପକାଇ ରୋଷେଇ କରାଯାଏ । ସେଥିରେ ଖଟା (ଫୁସି) ପକାଯାଇ ସ୍ୱାଦ ବର୍ଦ୍ଧନ କରାଯାଏ ।

ସିନ୍ଧିକିଡ଼ା ପୋଡ଼ା (ତୁଙ୍ଗତୁଙ୍ଗଦେର ସୁର)

ସିନ୍ଧିଗଛ ମୂଳରୁ ବାହାରୁ ଥିବା ଏହି ପୋକମାନେ ବିଭିନ୍ନ ଗଛରେ ଉଡ଼ିବୁଲନ୍ତି । ଏମାନଙ୍କୁ ପିଲାମାନେ ସଂଗ୍ରହ କରି ଖେଳନ୍ତି ଓ ପୋଡ଼ି କରି (ସୁର) ଖାଲିପାଟିରେ ଖାଆନ୍ତି । ଏହା ଜୁଲାଇ ଓ ଅଗଷ୍ଟ ମାସରେ ମିଳେ ।

ସିନ୍ଧିକିଡ଼ା ପୋଡ଼ା (ଗିଗାରୀ ସୁର)

ସିନ୍ଧିଗଛ ମୂଳରୁ ବାହାରି ସିନ୍ଧି ଡ଼ାଳରେ ରହୁଥିବା ଏହି ପୋକକୁ ପିଲାମାନେ ସଂଗ୍ରହ କରି କେହି କେହି ଖେଳନ୍ତି ଓ ଶେଷରେ ପୋଡ଼ିଖାଆନ୍ତି ।

କରଡ଼ି ତରକାରୀ (ଲେଅବ)

ପ୍ରଥମେ କରଡ଼ିକୁ ଦାଆ (ଅରୟ) ସାହାଯ୍ୟରେ ଟିକିଟିକି କରି କାଟି ପାଣିରେ ସିଝାଇ ଦିଆଯାଏ । ସେହି ପାଣିକୁ ନିଗାଡ଼ି ପିତା ଅଂଶକୁ ବାହାର କରିଦିଆଯାଏ । ପରେ ତାହା ଥଣ୍ଡା ହୋଇଗଲେ ସେଥିରେ ଲୁଣ, ହଳଦୀ ,ପିଆଜ ଓ ଭାତପେଜ (ସନିରାକ୍) ମିଶାଇ ତରକାରୀ କରାଯାଏ । କିନ୍ତୁ ଅନେକ ସମୟରେ କରଡ଼ି ସହିତ

ସାରୁଶାଗ (ସାରିଅର୍) ମଧ୍ୟ ମିଶାଇ ଖିଆଯାଏ । ଏତଦ ବ୍ୟତୀତ ଜରଡ଼ି ସହିତ ଝୁଡ଼ଙ୍ଗ (ଗିବେଗାଙ୍ଗ୍) କୋଳଥ (କୋଳଥ୍) ଡ଼ଙ୍ଗରାଣୀ (ମୁସୁରୀ) ବିରି, ଶିମ୍ବ (ମେଡେର), ଶିମ୍ବ (ଶଇମେ), ବୋଇତାଳୁ (କୁମୁଡ଼ା), ଲାଉ (ଥୁମ୍ବା), ଟମାଟୋ (ବୋକା) ଓ ଅନ୍ୟାନ୍ୟ ପରିବା ମିଶାଇ ମଧ୍ୟ ରୋଷେଇ କରାଯାଏ ।

ଡ଼ାଲମ୍ବା (ଡ଼ାଲିଅନ୍)

ହରଡ଼ଡ଼ାଲି (ଡ଼ାଲି) ଓ ସମସ୍ତ ପରିବା ମିଶାଇ କେତେକ ଆଧୁନିକ ବଣ୍ଡାଲୋକ ଡ଼ାଲମା ପ୍ରସ୍ତୁତ କରିଖାଆନ୍ତି । ସବୁ ସିଝିଗଲା ପରେ ସେଥିରେ ଲୁଣ, ମରିଚ, ପିଆଜ, ହଳଦୀ ଓ ଖଟା ପକାଇ ଡ଼ାଲିଅର୍ କରାଯାଏ ।

ବିରି ତରକାରୀ (ରୁଂମାଅକ୍)

ବିରିକୁ ଯନ୍ତାରେ ଘୋରି ଗୁଣ୍ଡକରି ଦିଆଯାଏ । ତାକୁ ଗରମପାଣିରେ ପକାଇ ସିଝାଇ ଦିଆଯାଏ । ସେଥିରେ ଲୁଣ, ମରିଚ, ହଳଦୀ, ପିଆଜ ଓ ଖଟା ପକାଇ ରୁମାଅର୍ ପ୍ରସ୍ତୁତ କରାଯାଏ ।

ଥୁମ୍ବାଅବ (ଲାଉ ତରକାରୀ)

ଲାଉକୁ ଖଣ୍ଡ ଖଣ୍ଡ କରି ତାକୁ ସିଝାଇ ସେଥିରେ ଲୁଣ, କଞ୍ଚାଲଙ୍କା ଇତ୍ୟାଦି ପକାଇ ତରକାରୀ କରାଯାଏ । କିମ୍ବା ଅନ୍ୟାନ୍ୟ ପରିବା ଯଥା ଟମାଟୋ (ବେଦା) ସାନ ଟମାଟୋ (ବେଜା) କଞ୍ଚି କୁମୁଡ଼ା (ବେଇତାଳୁ), କାଇପୋକ, (ଆଉକ୍) ବୋଇତାଳୁ ଫୁଲ (କୁମୁଡ଼ା ସାରୀ), ବୋଇତାଳୁ ଶାଗ (କୁମୁଡାପା), ପକାଇ ରୋଷେଇ କରାଯାଏ ।

କନ୍ଦା (ଲବ):

କେରାଇଲବ ସାଆଡ଼, ଡାର, ଥୁମ୍ଙ୍ଗ, ଗୁବାଇ, ଡୁଡୁରେ, ଇନ୍‌ସାଇଲବ ବି ଏଡ଼ାକ୍‌ଲବ ଇତ୍ୟାଦିକୁ ପାଣିରେ ସିଝାଇ ଖାଦ୍ୟ ରୂପେ ଗ୍ରହଣ କରାଯାଏ ।

ଉନଲବକୁ ପାଣିରେ ସିଝାଇ ମୁଗ, ହଳଦୀ, ଲଙ୍କା, ପିଆଜ, ତୋରାଣୀ (ସିନିରାକ୍) ଓ ଖଟା ମିଶାଇ ତରକାରୀ କରାଯାଏ ।

ଉଙ୍କୁର (ପିତାକନ୍ଦା)କୁ ଖଣ୍ଡ ଖଣ୍ଡ କରି କାଟି ସିଝାଇ ଦିଆଯାଏ । ଚୋପା ଛଡ଼ାଇ ଖଣ୍ଡ ଖଣ୍ଡ କରି ଗିନାୟାରେ ଭର୍ତ୍ତି କରି ଚଳନ୍ତା ପାଣିରେ ଗୋଟାଏ ରାତି ରଖିଦିଆଯାଏ । ପରେ ପୁଣି ସିଝାଇ ଦେଇ ପାଣି ନିଗାଡ଼ି ଦିଆଯାଏ । ପୁଣି ଆଉ ପାଣି ଓ କରଡ଼ି ମିଶାଇ ତରକାରୀ କରାଯାଏ । ତାକୁ ପେଜ ସହିତ ଖାଆନ୍ତି ।

ବଲୁକସାମ (ମାଣ୍ଡିଆଚୂନା ପିଠା)

କେବଳ ମାଣ୍ଡିଆକୁ ଚୂନା କରି ପାଣିଗୋଳାଇ ତାକୁ ଛୋଟ ଛୋଟ ଗୁଳାକରି ଶିଆଡ଼ିପତ୍ରରେ ଦେଇ ସିଝାଇ ମାଣ୍ଡିଆପିଠା (ବାଲୁକସମ) ପ୍ରସ୍ତୁତ କରନ୍ତି ।

ମସଲାର ବ୍ୟବହାର:

ବଣ୍ଡା ଲୋକମାନେ ମସଲା ହିସାବରେ ଲୁଣ (ବିଡି), ଲଙ୍କା (ମରିଚ), ହଳଦୀ (ସାଙ୍ଗସାଙ୍ଗ) ଓ ପିଆଜ (ରଷୁଣ) ବ୍ୟବହାର କରନ୍ତି । ସେମାନେ ତେଲର ବ୍ୟବହାର ଜାଣନ୍ତି ନାହିଁ । ତରକାରୀକୁ ସ୍ୱାଦିଷ୍ଟ କରିବା ପାଇଁ ଜଙ୍ଗଲରୁ ମିଳୁଥିବା ସୁରୁଙ୍ଗ ଡାଳପତ୍ର ଓ ପୁସୁପା (ଭେରସୁଙ୍ଗା ପତ୍ର)କୁ ମସଲା ହିସାବରେ ବ୍ୟବହାର କରନ୍ତି ।

ଖାଦ୍ୟ ପରଷିବା ପ୍ରଣାଳୀ:-

ଜୀବନଚକ୍ରରେ ବିଭିନ୍ନ ସ୍ୱତନ୍ତ୍ର ଉତ୍ସବ ଯଥା ଲୁଡିକିଆ, ବାହାଘର ଓ ମୃତିକିଆ ଆଦି ଅବସରମାନଙ୍କରେ ବନ୍ଧୁବାନ୍ଧବ ତଥା ସାଇପଡ଼ିଶାମାନଙ୍କୁ ଆମନ୍ତ୍ରଣ ପୂର୍ବକ ଭୋଜିଭାତରେ ଆପାୟିତ କରାଯାଏ । କୌଣସି ସ୍ତ୍ରୀ ଗର୍ଭଧାରଣ ସମୟରେ ଟାକରଣୀ ବିରୁ (୭ମାସରେ) ଓ ପାଙ୍ଗଣ ବିରୁରେ (୮ମାସରେ) ମଧ୍ୟ ବନ୍ଧୁବାନ୍ଧବ ଓ କେତେକ ଗୋତ୍ର ଲୋକଙ୍କୁ ଭୋଜି ପାଇଁ ନିମନ୍ତ୍ରଣ କରାଯାଇଥାଏ । ସ୍ୱତନ୍ତ୍ର ଭାବରେ ପାଙ୍ଗଣ ବିରୁରେ ସରୁଜାଙ୍ଗ୍ (ସରୁଭାତ)ଓ ବିଲେଇଜାଙ୍ଗରେ ସମସ୍ତଙ୍କୁ ସନ୍ତୁଷ୍ଟ କରାଯାଇଥାଏ । ଘୁଷୁରୀମାଂସ ପୁଡ଼ିଆ ଓ ମଦରେ ସମସ୍ତଙ୍କ ମନକୁ କିଣିନିଆଯାଏ । ସେହିପରି ଜୁଆ ଜନ୍ମ ପରେ ଗୁପାସିଙ୍ଗ୍ ବିରକୁ ବନ୍ଧୁବାନ୍ଧବ ଓ ସାଇପଡ଼ିଶାମାନଙ୍କୁ ଡ଼ାକି ପ୍ରଥମେ ପୋଡ଼ାମାଂସ ପୁଡ଼ିଆ (ଗୁଗବତ ସେଲି) ଓ ମଦ (ସାଗୁର), ହାଣ୍ଡିଆ (ପେଣ୍ଡମ) ଓ ସଳପ (ସାପୁଙ୍ଗ) ଦ୍ୱାରା ସନ୍ତୁଷ୍ଟ କରାଯାଇଥାଏ । ପରେ ମାଂସ ତରକାରୀ ଓ ଭାତ (ବିଲେଇଜାଙ୍ଗ)ରେ ସମସ୍ତଙ୍କୁ ଆପାୟିତ କରାଯାଇଥାଏ ।

ବିବାହ ଧାର୍ଯ୍ୟ ପରେ କନ୍ୟା ଡ଼ାକି ଆଣି ଯିବା ପୂର୍ବରୁ ଏକ ଭୋଜିର ଆୟୋଜନ କରଯାଏ । ତାକୁ ଯାବରଜାଇ (କନ୍ୟା ଡ଼ାକି ଆଣିବା ପାଇଁ ଭାତ) ବୋଲି କହିଥାନ୍ତି । ସେଥିରେ ଗ୍ରାମର ସମସ୍ତ ଲୋକଙ୍କୁ, ବନ୍ଧୁବାନ୍ଧବ ଓ ମୁଖ୍ୟତଃ ଯେଉଁ ବାଳିକାମାନେ ଡ଼ାକିବାକୁ ଯିବେ ସେମାନଙ୍କୁ ଭାତ, ତରକାରୀ ଓ ପେଣ୍ଡମ ଖାଇବାକୁ ଦିଆଯାଏ । ସେହିପରି କନ୍ୟାଘର କନ୍ୟା ଡ଼ାକି ଆଣିବା ଦିନ ସମସ୍ତଙ୍କୁ (ଗ୍ରାମବାସୀ, ବନ୍ଧୁବାନ୍ଧବ ଓ କନ୍ୟା ଡ଼ାକି ଯାଇଥିବା ବାଳିକାମାନଙ୍କୁ) ଭୋଜିଭାତରେ ସନ୍ତୁଷ୍ଟ କରିଥାନ୍ତି । ଶେଷରେ ମଦ, ସଲପ ଓ ପେଣ୍ଡମ୍‌ରେ ଭୋଜିର ଶେଷ ହୁଏ । କନ୍ୟା ବରଘରକୁ ଆସିଲାପରେ ବରଘର ଆଗରେ ବସାଯାଇଥିବା ଗରମ ପାଣିରେ ନବାଗତ ବଧୂ ଚାଉଳ ପକାଏ । ସେଥିରୁ ପ୍ରସ୍ତୁତ ଭାତକୁ ଅତୁରଙ୍ଗ୍‌ଜାଙ୍ଗ କୁହାଯାଏ । ତାକୁ କେବଳ ଅବିବାହିତ ବାଳିକାମାନେ ଯେଉଁମାନେ ଡ଼ାକିବାକୁ ଯାଇଥିଲେ ସେମାନେ ସେବନ କରନ୍ତି

ମୃତିଜିଆ ବେଳେ ମଧ୍ୟ ଭୋଜିର ଆୟୋଜନ କରାଯାଇଥାଏ । ଭୋଜି ପାଇଁ କୌଣସି ନିର୍ଦ୍ଦିଷ୍ଟ ଦିନ ନଥାଏ । ୩-୪ଦିନଠାରୁ ଆରମ୍ଭ କରି ୩୦ ଦିନ ପର୍ଯ୍ୟନ୍ତ କୌଣସି ଦିନରେ ଭୋଜି ଦିଆଯାଇପାରେ । ପ୍ରଥମଦିନର ଭୋଜିକୁ *ଗାଜସେ* କୁହାଯାଏ । ଏଥିରେ ଛେଳିମାଂସ (ଗିମେସେ), କୁକୁଡ଼ା ମାଂସ (ଗିସିଙ୍ଗସେ) ଓ ଗୋରୁମାଂସ (ଗଇଡାଙ୍ଗ ସେ) ଓ ସୁଆଁ ଓ ଧାନଭାତରେ ସମସ୍ତଙ୍କୁ (ଗ୍ରାମବାସୀ ଓ ଆତ୍ମୀୟସ୍ୱଜନମାନେ) ଆକଣ୍ଠ ଭୋଜନ ଦିଆଯାଏ । ଦ୍ୱିତୀୟ ଦିନ *ବାରକୁଣ୍ଡା* ବୋଲି ଏକ ଭୋଜି ମଧ୍ୟ ଦିଆଯାଏ । ଅନେକ ଦୂରକୁ ଆସିନପାରିଥିବା ବନ୍ଧୁଙ୍କ ପାଇଁ ମୁଖ୍ୟତଃ ଏହି ଭୋଜିର ଆୟୋଜନ କରାଯାଇଥାଏ । ପ୍ରଥମଦିନର କେତେକ ବଳକା ଗୋରୁମାଂସକୁ ସଞ୍ଚୟ କରି ରଖାଯାଇଥାଏ । ପରେ ପହଞ୍ଚିବା ବନ୍ଧୁବାନ୍ଧବଙ୍କୁ ସଞ୍ଚିତ ମାଂସ ଓ ଭାତରେ ସନ୍ତୁଷ୍ଟ କରାଯାଏ ।

ଜୀବନଚକ୍ରରେ ପୂଜାପାଠ ବ୍ୟତୀତ ବିଭିନ୍ନ ପର୍ବପର୍ବାଣିରେ ମଧ୍ୟ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରାଯାଇଥାଏ । ପୁଷପରବ, (ସୁମେଗେଲିରାକ), ମାଘ ପରବ, ଚୈତପରବ, ଖୁନୁସ୍‌ର ଗିଗେ (ଲାଣ୍ଡିମାସରେ) କୁରେକ ବିରୁ (ବଦାପୁନ ମାସରେ), ଦଶହରା ପରବ ଓ ଦିଆଲି ଗେବୁରସିଙ୍ଗ ଇତ୍ୟାଦି ପର୍ବପର୍ବାଣୀ ମାନଙ୍କରେ ବନ୍ଧୁବାନ୍ଧବମାନଙ୍କୁ ଆମନ୍ତ୍ରଣ କରାଯାଏ ଓ ବନ୍ଧୁବାନ୍ଧବଙ୍କ ସହିତ ଖାଦ୍ୟପେୟ ସେବନ କରି ଆନନ୍ଦ ଉପଭୋଗ କରାଯାଏ।

ଭୋଜନରେ ଶିଷ୍ଟାଚାର :

ବଣ୍ଡାମାନେ ସାଧାରଣତଃ ବାରଣ୍ଡାରେ ଖାଦ୍ୟ ଗ୍ରହଣ କରନ୍ତି । ପ୍ରଥମେ ହାତ ଧୋଇ ଖାଇବା ପାଇଁ ବସନ୍ତି । ପୁରୁଷ ଲୋକମାନେ ବସିବା ପାଇଁ କାଠପଟା (ପଟା) ବ୍ୟବହାର କରନ୍ତି । ପୁରୁଷମାନେ କେତେକ ଚକାମାରି ବସି ଖାଇଲାବେଳେ ଅନ୍ୟ କେତେକ ଠିଆ ହୋଇ ବସି ଖାଦ୍ୟ ଖାଇବାର ଦେଖାଯାଏ । ମହିଳାମାନେ ଆଣ୍ଠୁଉାଙ୍ଗି ବସି, ଠିଆ ହୋଇ ବସି କିମ୍ବା ଗୋଡ଼ ଲମ୍ବାଇ (ସାଧାରଣତଃ ଛୋଟଛୁଆଙ୍କୁ ଧରିଥିଲାବେଳେ)ବସି ଖାଇଥାନ୍ତି । ଛୋଟ ଛୁଆମାନେ ପ୍ରଥମେ ଖାଦ୍ୟ ଖାଇଥାନ୍ତି ତାପରେ ଅନ୍ୟ ସମସ୍ତେ ଏପରି କି ସ୍ୱାମୀ, ସ୍ତ୍ରୀ ଶାଶୁ, କିମ୍ବା ଶଶୂର ଏକା ବେଳେ ଖାଇଥାନ୍ତି । ଯଦି କେହି ପଛରେ ଖାଦ୍ୟ ଆବଶ୍ୟକ କରେ ତେବେ ଘରର ବୋହୂ କିମ୍ବା ସ୍ତ୍ରୀ ହାତ ଧୋଇ ହୋଇ ପୁନଶ୍ଚ ଖାଦ୍ୟ ପରସି ଥାଏ । ସମସ୍ତେ ଏକାବେଳେ ଖାଇଲେ ମଧ୍ୟ ପ୍ରାୟ ପ୍ରତ୍ୟେକ ଅଲଗା ଅଲଗା ପାତ୍ରରେ ଖାଦ୍ୟ ଖାଇଥାନ୍ତି ।

ପୁରାକାଳରୁ ଲୋକମାନେ ସିଆଡ଼ି ପତ୍ରରେ ନିର୍ମିତ ଦନା (ପମୁର)ରେ ଭାତ (କିଆଙ୍ଗ) ଆଉ ଏକ ଦନାରେ ତରକାରୀ (ମା) ଖାଉଥିଲେ । ଭାତଦନାର ଡ଼ାହଣ ପାଖରେ କିମ୍ବା ଆଗରେ ତରକାରୀ ଦନା ରଖାଯାଏ । ପାଣି ଅନ୍ୟ ଏକ ଦନାରେ ବାମ ପାଖରେ ରଖୁଥିଲେ । କିନ୍ତୁ ଏବେ ଦନା ପରିବର୍ତ୍ତେ ବିଭିନ୍ନ ବାସନ (ରସ କିମ୍ବା ଷ୍ଟିଲ) ବ୍ୟବହାର କରାଯାଇଅଛି । ସାଧାରଣତଃ କେହି ଖାଦ୍ୟ ବଳକା ଛାଡ଼ନ୍ତି ନାହିଁ । ସ୍ୱାମୀର ବଳକା ଅଇଁଠା ଭାତ ମଧ୍ୟ ତାର ସ୍ତ୍ରୀ ଖାଏନାହିଁ । ଅନେକ ସମୟରେ ବଳକା ଅଇଁଠା ଖାଦ୍ୟକୁ ଫୋପାଡ଼ି ଦିଆଯାଏ କିମ୍ବା ଛୋଟ ଛୁଆମାନେ ଖାଇଦିଅନ୍ତି । ଛୁଆମାନେ ୩ ବର୍ଷ ହୋଇଗଲା ପରେ ଆଉ ବାପା ମାଆ ସାଙ୍ଗରେ ଖାଆନ୍ତି ନାହିଁ । ଏକୁଟିଆ ଦନାରେ କିମ୍ବା ଗିନାରେ ଖାଦ୍ୟ ନେଇ ବୁଲି ବୁଲି ମଧ୍ୟ ଖାଇବାର ଅନେକ ସମୟରେ ଦେଖାଯାଏ । ଛୋଟ ଭାଇ ଭଉଣୀମାନେ(୫ ବର୍ଷରୁ କମ୍) ବେଳେବେଳେ ଏକତ୍ର ଗୋଟିଏ ପାତ୍ରରେ ଭୋଜନ କରିଥାନ୍ତି । ଛୋଟ ଛୁଆମାନେ ଭାତ ତରକାରୀ ଏକାଠି ମିଶାଇ ଗୋଟିଏ ପାତ୍ରରେ ଖାଇଥାନ୍ତି । ପ୍ରାୟ ସବୁ ସମୟରେ ଭାତ ସହିତ ଗୋଟିଏ ତରକାରୀ ଯଥେଷ୍ଟ । ପେଜ ମଧ୍ୟ ଦନାରେ କିମ୍ବା ରସପାତ୍ରରେ ପିଅନ୍ତି । ଏହା ସହିତ କ୍ୱଚିତ ତରକାରୀ ଖୁଆଯାଏ । ସାଧାରଣତଃ ପେଜ ସହିତ ଲୁଣ, ଲଙ୍କା ସହକାରୀ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି ।

ଭିନ୍ନ ସମ୍ପ୍ରଦାୟ ଠାରୁ ଖାଦ୍ୟଗ୍ରହଣ:

ବଣ୍ଡାଲୋକମାନେ କୌଣସି ହରିଜନଲୋକଙ୍କ ଠାରୁ ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ । ସେମାନେ ମୁଖ୍ୟତଃ ଡମ୍ବମାନଙ୍କ ଠାରୁ କୌଣସି ପ୍ରକାର ରନ୍ଧା ଖାଦ୍ୟ ଖାଆନ୍ତି ନାହିଁ । ସେହିପରି କାର୍ମା (କମାର)ଠାରୁ କୌଣସି ରନ୍ଧା ଖାଦ୍ୟ ଗ୍ରହଣ କରନ୍ତି ନାହିଁ । କିନ୍ତୁ ଅବିବାହିତ ଯୁବକମାନେ କାର୍ମା ଠାରୁ ମଧ୍ୟ ରନ୍ଧା ଖାଦ୍ୟଗ୍ରହଣ କରନ୍ତି କିନ୍ତୁ ବିବାହିତମାନେ ନୁହେଁ । କିନ୍ତୁ ହରିଜନ କିମ୍ବା କାର୍ମାଠାରୁ ସେମାନେ ପନିପରିବା, ଚାଉଳ ଓ ଅନ୍ୟାନ୍ୟ କଞ୍ଚାଜିନିଷ ଇତ୍ୟାଦି ଗ୍ରହଣ କରିଥାନ୍ତି । ବଣ୍ଡାମାନେ ମଧ୍ୟ ଉପରୋକ୍ତ ପ୍ରକାରିକ ଗୋଷ୍ଠୀଙ୍କ ଠାରୁ ପାଣି ପିଅନ୍ତି ନାହିଁ । ଯଦି ଦରକାର ପଡ଼େ ବଣ୍ଡାମାନେ ସେମାନଙ୍କଠାରୁ ହାଣ୍ଡି, ଚାଉଳ ଓ ପନିପରିବା ଆଣି ନିଜେ ପାଣି ଆଣି ରୋଷେଇ କରି ଖାଇ ଗ୍ରହଣ କରନ୍ତି । ହରିଜନ ଓ କାର୍ମାକୁ ଛାଡି ଦେଲେ ସେମାନେ ସମସ୍ତ ଶୂଦ୍ରଙ୍କଠାରୁ ସମସ୍ତଖାଦ୍ୟ ଗ୍ରହଣ କରନ୍ତି । ଏପରିକି ଖ୍ରୀଷ୍ଟିୟାନ୍ ଠାରୁ ମଧ୍ୟ ସେମାନେ ଖାଦ୍ୟ ଗ୍ରହଣ କରନ୍ତି । କିନ୍ତୁ ଆଗରୁ ଖ୍ରୀଷ୍ଟିୟାନଙ୍କଠାରୁ ଖାଦ୍ୟଗ୍ରହଣ କରୁ ନଥିଲେ ।

ଅଶୌଚ ସମୟରେ ଖାଦ୍ୟ ଗ୍ରହଣ:

ବଣ୍ଡା ଲୋକମାନେ ଅନ୍ୟ କୌଣସି ଗୋଷ୍ଠୀ କିମ୍ବା ନିଜଗୋଷ୍ଠୀ ଲୋକଙ୍କ ଠାରୁ ଝୁଡିକିଆ, ମୃତିକିଆ ଆଦି ନସରିଲା ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଜନ୍ମ ସମୟରେ ଗୁପାସିଙ୍ଗା ଗିଗେ ସରିଲା ପର୍ଯ୍ୟନ୍ତ କେହି ଖାଦ୍ୟ ଗ୍ରହଣ କରିବେ ନାହିଁ । ସେହିପରି ମୃତିକିଆ ସମୟରେ ଗାଇସେ (ବୁଢ଼) ନ ସରିଲା ପର୍ଯ୍ୟନ୍ତ ତାଙ୍କ ଘରୁ ଅନ୍ୟ କେହି ଖାଦ୍ୟଗ୍ରହଣ କରନ୍ତିନାହିଁ । ଏପରିକି କୁଦା ଲୋକମାନେ ମଧ୍ୟ ଗାଇସେ ପୂର୍ବରୁ ଖାଦ୍ୟଗ୍ରହଣ କରନ୍ତି ନାହିଁ । କିନ୍ତୁ କଞ୍ଚା ପନିପରିବା ନେଇପାରିବେ । ଜଣେ ମଲାପରେ ମୃତବ୍ୟକ୍ତିଙ୍କ ପରିବାରକୁ କୁଦା ଲୋକମାନେ କିଛିଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଆଣିଦିଅନ୍ତି । ସମସ୍ତ କୁଦା ଲୋକ ମିଶିକରି ଦିନେ ଦିନେ ପାଳିକରି ଖାଦ୍ୟ ଯୋଗାଇ ଦେଇଥାନ୍ତି । ୩-୪ ଦିନ ପରେ ମୃତବ୍ୟକ୍ତିର ପରିବାରଲୋକ ନିଜେ ଖାଦ୍ୟ ପ୍ରସ୍ତୁତ କରି ଖାଇଥାଆନ୍ତି ।

ଖାଦ୍ୟର ଉପାଦେୟତା:

ବଣ୍ଡା ସମାଜର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ଲକ୍ଷ୍ମଣ ମାଦ୍ରା, ଆମିଲପୁଟ ପ୍ରାଥମିକ ସ୍କୁଲର ହେଡ୍‌ପଣ୍ଡିତ ପ୍ରକାଶ କରନ୍ତି ଯେ ବଣ୍ଡାମାନଙ୍କର ଖାଦ୍ୟର ବ୍ୟବହାରିକ ମୂଲ୍ୟ

ବିଷୟରେ ବିଶେଷ ଜ୍ଞାନ ନଥାଏ । କହିବା ବାହୁଲ୍ୟ ଯେ ବଣ୍ଟାମାନେ କୌଣସି ଖାଦ୍ୟର ପୌଷ୍ଟିକ ଗୁଣବତ୍ତାକୁ ଆଖିରେ ରଖି ଖାଦ୍ୟ ଗ୍ରହଣ କରିଥାନ୍ତି । ବଣ୍ଟାମାନେ ଯେତେବେଳେ ଯେଉଁଠି ଯାହା ଖାଦ୍ୟ ପାଏ ତାର ଭଲମନ୍ଦ ବିଚାର ନ କରି ତାହା ସେବନ କରିଥାଏ । ପରୋକ୍ଷଭାବରେ ସେହିଖାଦ୍ୟମାନ ବଣ୍ଟାର ଆବଶ୍ୟକୀୟ ସମସ୍ତ ଉପାଦାନ ଯୋଗାଇ ବଣ୍ଟାକୁ ସବୁବେଳେ ସୁସ୍ଥସବଳ କରି ରଖିଥାଏ । ଯାହାହେଉ ବଣ୍ଟାମାନଙ୍କ ମତ ଅନୁସାରେ କେତେକ ଖାଦ୍ୟର ବ୍ୟବହାରିକ ମୂଲ୍ୟ ନିମ୍ନରେ ପ୍ରଦତ୍ତ ହୋଇଅଛି ।

ବଣ୍ଟାମାନେ କହନ୍ତି ମାଣ୍ଡିଆ ପେଜ ପିଇଲେ ପେଟ ପୁରିଯାଏ, ଅଧିକ ସମୟ ପର୍ଯ୍ୟନ୍ତ ଶୋଷଲାଗେ ନାହିଁ, ଦେହରେ ରକ୍ତ ବଢ଼େ ଓ ସର୍ବୋପରି ଲୋକର ସ୍ୱାସ୍ଥ୍ୟ ଭଲରହେ । ମୁଣିକା ଶାଗ *(ମୁଗାଥଚ)* ଖାଇଲେ ଦୃଷ୍ଟିଶକ୍ତି ବଢ଼େ ଓ ଏହି ଶାଗକୁ କଞ୍ଚାବାଟି ପିଇଲେ ଆଖିଦୃଷ୍ଟିଆ ଭଲ ହୁଏ । କଞ୍ଚାପିଆଜ ଖାଇଲେ ଦେହର ରକ୍ତ ପରିସ୍କାର ହୁଏ ଓ ରକ୍ତ ବଢ଼େ । କଞ୍ଚା ଅଣ୍ଡା ଖାଇଲେ ଦେହର ସର୍ଦ୍ଦି ଭଲ ହୁଏ ଓ ସିଝା ଅଣ୍ଡା ଦେହକୁ ଅଧିକ ଶକ୍ତି ଯୋଗାଇଥାଏ । ବଣ୍ଟାମାନେ କହନ୍ତି ଛେଳିମାଂସ ସବୁଠାରୁ ପୃଷ୍ଟିଦାୟକ । ବର୍ଷାଦିନେ କଞ୍ଚାପିଜୁଳି *(ଜାମ)* ଖାଇଲେ ଝାଡ଼ାରୋଗ ଭଲହୁଏ ଓ ପେଟ ପରିଷ୍କାର ରହେ । ବଡ଼ ବେଙ୍ଗର ମାଂସ ରବିବାର ଦିନ ଆଣି ଭଲଭାବରେ ସିଝାଇ ଶ୍ୱାସରୋଗୀ ଓ ହାତଗୋଡ଼ ବିନ୍ଧୁଥିବା ଲୋକଙ୍କୁ ଖାଇବାକୁ ଦେଲେ ଶ୍ୱାସରୋଗ ଓ ହାତଗୋଡ଼ ବିନ୍ଧା ଭଲହୁଏ । ଧାନ ଚାଉଳ କିମ୍ବା କାଙ୍କୁ ଚାଉଳରୁ ପ୍ରସ୍ତୁତ ଖିରି *(ଅଜାଦୁର)* ଖାଇଲେ ଜନ୍ମଦାତ୍ରୀ ସ୍ତ୍ରୀର ଦେହର ପୀଡ଼ା କମିଯାଏ । ଯଦି ଜନ୍ମଦାତ୍ରୀ ମହିଳାର ପେଟ ବ୍ୟଥା ହେଉଥାଏ ତେବେ ତାକୁ ସଂଗେ ସଂଗେ ସିଦ୍ଧିକନ୍ଦା *(ଲାଗୁଜ)* କଞ୍ଚାକାଟି ଖାଇବାକୁ ଦେଲେ ପେଟବ୍ୟଥା ଭଲ ହୁଏ । ସୀମିତ ପରିମାଣରେ ସଳପ *(ସାପୁଜ)* ପାନ କଲେ ଦେହରେ ରକ୍ତବଢ଼େ ଓ ସ୍ୱାସ୍ଥ ଭଲ ରହେ । ଆବଶ୍ୟକ ପରିମାଣରେ ହାଣ୍ଡିଆ *(ପେଣ୍ଡମ)* ପିଇଲେ ପେଟ ଥଣ୍ଡା ରହେ, ଅନେକ ସମୟ ପର୍ଯ୍ୟନ୍ତ କ୍ଷୁଦାକ୍ଲିଷ୍ଟ ଦୂରକରେ ।

ଖାଦ୍ୟ ଅଭିରୁଚି :

କୌଣସି ବଣ୍ଟା ଧନୀ ଗରିବ, ବାଳବୃଦ୍ଧ ନିର୍ବିଶେଷରେ ମାଣ୍ଡିଆପେଜ *(ଜଉରା)* ବିନା କାହାରି ଦିନ ସରେନାହିଁ । ବଣ୍ଟାମାନେ ତରକାରୀକୁ ସ୍ୱାଦଯୁକ୍ତ କରିବା ପାଇଁ ଲୁଣ *(ବିଟି)*, ଲଙ୍କା *(ମରିଚି)*, ହଳଦୀ *(ସାଙ୍ଗସାଙ୍ଗ)*, ପିଆଜ *(ରଖୁଣ)* ସୁରୁଙ୍ଗ ଗଛ ଓ ଭେରସୁଙ୍ଗ ପତ୍ର *(ପୁସୁପା)*କୁ ମସଲା ରୂପେ ବ୍ୟବହାର କରିଥାନ୍ତି। ସବୁ

ତରକାରୀରେ ଲଙ୍କାର ପରିମାଣ ଅଧିକ ମିଶାଇ ତରକାରୀକୁ ରାଗ କରାଯାଏ । ଲଙ୍କା ନହେଲେ ତରକାରୀ କରାଯାଇପାରେ ନାହିଁ । ଖଟା ମଧ୍ୟ ସବୁ ତରକାରୀ ଏପରିକି ମାଂସ ତରକାରୀରେ ମିଶାଯାଇଥାଏ । ଖଟା ନ ମିଶାଇଲେ ଯେ କୌଣସି ତରକାରୀ ବଙ୍ଗାଲୋକମାନଙ୍କ ପାଇଁ ସ୍ୱାଦହୀନ ହୋଇପଡ଼େ ।

ଖାଦ୍ୟର ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ:

ମଦ ଓ ମାଂସ ଯେ ବଙ୍ଗାର ଅତି ପ୍ରିୟ କେହି ଅସ୍ୱୀକାର କରିପାରିବେ ନାହିଁ । ପ୍ରାୟ ସମସ୍ତ ପର୍ବପାର୍ବାଣୀରେ ବଙ୍ଗାମାନେ ଦେବାଦେବୀ ଓ ପୂର୍ବପୁରୁଷମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ପଶୁପକ୍ଷୀ ବଳିଦେଇଥାନ୍ତି । ଉକ୍ତ ପଶୁପକ୍ଷୀଙ୍କର ମାଂସକୁ ତରକାରୀ କରି ସେବନ କରିଥାନ୍ତି । ପର୍ବପର୍ବାଣୀ ବ୍ୟତୀତ ଅନ୍ୟସମୟରେ ମଧ୍ୟ ପଶୁପକ୍ଷୀ ଶିକାରକରି, ଜଙ୍ଗଲରୁ ମୂଷା, ଡ଼ମଣାସାପ ଓ ଅନ୍ୟାନ୍ୟ କୀଟପତଙ୍ଗ ସଂଗ୍ରହ କରି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । ବଙ୍ଗାଜୀବନ ଯେ ମଦ ଓ ମାଂସ ବିନା ନିରର୍ଥକ ଏହା ତାଙ୍କର ସାମାଜିକ, ଧାର୍ମିକ, ରାଜନୈତିକ ଓ ଅର୍ଥନୈତିକ ଜୀବନକୁ ବିଶ୍ଳେଷଣ କଲେ ସହଜରେ ହୃଦୟଙ୍ଗମ କରାଯାଇପାରେ । ଜୀବନଚକ୍ରର ସମସ୍ତ ପୂଜାପାଠ ଓ ଉତ୍ସବ ଯଥା ଡ଼ାଗୋଇଗିଗେ, ଗୁପାସିଙ୍ଗ *(ଏଜୋଇସିଆ)* ୟାଇବୟ *(ଜନ୍ୟାଡ଼ାଜି ଆଣ୍ଡିବା)*, ଓଇଅଡ଼େ *(ବିବାହଭୋଜି)*, ଗାଇସେ *(ଦଶାଗାତ)* ଆଦି ଅବସରରେ ମଦ, ମାଂସ ବିନା ଭୋଜିର କଳ୍ପନା ମଧ୍ୟ କରାଯାଇ ନ ପାରେ । ଉପରୋକ୍ତ ଉତ୍ସବାଦିରେ ମଦ ଓ ଚାଖଣା ପୋଡ଼ା ମାଂସର *(ଗୁଗ୍‌ବ୍‌ଡ ସେଜି)* ପୁଡ଼ିଆ ଯେ ଖୁବ୍ ଚିତ୍ତୋଲ୍ଲାସକ କେହି ବଙ୍ଗା ଅସ୍ୱୀକାର କରିପାରେ ନାହିଁ । ବର୍ଷର ବିଭିନ୍ନ ପର୍ବପର୍ବାଣୀ ଯଥା ସୁମେଗେଲିରାକ୍ *(ପୁଷପରବ)*, ସୁସୁଗିଗେ *(ମାଘପରବ)*, ଗିଆଗ୍ ଗିଗେ *(ଚୈତ ପରବ)*, ଖୁନ୍‌ସରଗିଗେ *(ଲାଖିମାସରେ)*, କୁରେକ୍‌ଗିଗେ *(ବଦାପୁନ ମାସରେ)*, କୁମ୍ଭକଡାଗିଗେ *(ଦଶରାପରବ)* ଓ ଦିଆଲି ଗୋବୁର ସିଂରେ ଘରେଘରେ ମଦମାଂସର ଜୁଆର ଖେଳେ । ବନ୍ଧୁବାନ୍ଧବଙ୍କୁ ମଦ ଓ ମାଂସରେ ସନ୍ତୁଷ୍ଟ କରାଯାଏ । ଗୁରୁତର ଅପରାଧର ଅପରାଧୀ ବଙ୍ଗା ଜୋରିମନା ସ୍ୱରୂପ ମାଂସ ଓ ମଦ ଗ୍ରାମର ପାରମ୍ପରିକ ସଭାବୃନ୍ଦ ଓ ଗ୍ରାମବାସୀମାନଙ୍କୁ ଖାଇବାକୁ ଦେଇ ଦୋଷମୁକ୍ତ ହୁଏ । ଅର୍ଥନୈତିକ ଜୀବନରେ ମଧ୍ୟ ମଦ ଓ ମାଂସର ଚାହିଦା କିଛି କମ୍ ନୁହେଁ । ସହଯୋଗୀ ଶ୍ରମର ପାରଶ୍ରମିକ ହିସାବରେ ମଧ୍ୟ ମଦମାଂସର ଆୟୋଜନ କରି ଶ୍ରମିମାନଙ୍କୁ ଆକୁଣ୍ଠ ଭୋଜନ ଦିଆଯାଇଥାଏ । ଉପରୋକ୍ତ ଉଦାହରଣମାନଙ୍କରୁ ଏହା ସହଜରେ ଅନୁମେୟ ଯେ ବଙ୍ଗାମାନେ କେବେ ମଦ ଓ ମାଂସର ସ୍ୱାଦ ଭୁଲିପାରିବେ ନାହିଁ । ସତେ ଯେପରି ଏହା ଜୀବନର ସବୁକିଛି ।

ସୁମେ ଗେଲିରାକ ଗିଗେ *(ପୁଷପରବ)*, କୁରେକ ଗିଗେ *(ବନ୍ଦାପୁନ ମାସରେ)*. କୁମ୍ଭକଡ଼ାଗିଗେ ଆଦି ପର୍ବପର୍ବାଣୀରେ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କିରିମଡର *(ସିଝାପିଠା)* ଖୁବ୍ ସୁସ୍ୱାଦୁ । କିରିମଡର ବିନା ପରବ ଯେ ଅଧୁରା ଯେ କେହି ବଣ୍ଡା ସ୍ୱୀକାର କରିବ । କୁରେକ୍ ଗିଗେ ଅବସରରେ ପ୍ରସ୍ତୁତ ଟାଙ୍କୁ ପିଠା *(ବଲୁଙ୍ଗଯେଁର)* ଯେ କୌଣସି ବଣ୍ଡାର ରସନା ଲାଳାୟିତ କରିପାରେ ବୋଲି ବଣ୍ଡାମାନେ ମତ ଦିଅନ୍ତି । ଅଦିନିଆ ଟାଙ୍କୁପେଜ *(ନିଯେଁଉର)* ଓ ସଳପଗୁଣ୍ଡ ପେଜ *(ସାପୁଙ୍ଗଡ଼ର)*ର ସ୍ୱାଦ ମଧ୍ୟ ଅନେକ ବଣ୍ଡାଙ୍କୁ ଆତ୍ମବିଭୋର କରିପକାଏ । ସମସ୍ତ ସିଦ୍ଧିକିଡ଼ା ପୋଡ଼ା ଯଥା ବୁରାଇଁସୁର, ତୁଙ୍ଗତୁଙ୍ଗଦେଇ ସୁର ଓ ଗିଗାରୀ ସୁର ଖାଇବାକୁ ଖୁବ୍ ମଜାଲାଗେ ବୋଲି ବଣ୍ଡାଗାଇଆଳ ଟୋକାମାନେ କରିଥାନ୍ତି ।

ଏହାପରେ ଗ୍ରାମବାସୀଙ୍କୁ ବାହାଘର ଭୋଜି *(ଓଇଅଡ଼େ)* ଦିଆଯାଇଥାଏ । ଏତଦ୍ୱାରା ସମସ୍ତଙ୍କୁ ଗାଁକୁ ନବବଧୂର ଆଗମନ ଜଣାଇଦିଆଯାଏ । ଦ୍ୱିତୀୟତଃ ନୂଆବୋହୂକୁ ପୁଅଘର ଗୋତ୍ରରେ ସାମିଲ କରିବା ଏବଂ ଗ୍ରାମର ଜଣେ ସଦସ୍ୟ ହିସାବରେ ବିବେଚନା କରିବା ପାଇଁ ସ୍ୱୀକୃତୀ ଅନୁମୋଦନ କରାଯାଏ । ଠିକ୍ ସେହିପରି ମୃତ୍ୟୁ ବ୍ୟକ୍ତିର ଆତ୍ମାର ସଦ୍‌ଗତି ନିମିତ୍ତି ଗାଇସେ *(ଦଶାଭାଡ)* ନାମକ ଭୋଜିରେ ସମସ୍ତ ଗ୍ରାମବାସୀ ଓ ବନ୍ଧୁବର୍ଗକୁ ସନ୍ତୁଷ୍ଟ କରାଯାଇଥାଏ । ବଣ୍ଡାମାନେ ବିଶ୍ୱାସ କରନ୍ତି 'ଗାଇସେ' ଭୋଜି ନ ଦେବା ପର୍ଯ୍ୟନ୍ତ ମୃତବ୍ୟକ୍ତିର ପ୍ରେତାତ୍ମା *(ହୁମା)*କୁ ପ୍ରେତଜଗତରେ ପ୍ରୋତାତ୍ମାଗଣ ନିଜ ଗୋଷ୍ଠୀରେ ସାମିଲ କରନ୍ତି ନାହିଁ । ଫଳସ୍ୱରୂପ ଅସନ୍ତୁଷ୍ଟ ପ୍ରେତାତ୍ମା ଏ ଗନ୍ଧଡ଼ାଲରୁ ସେ ଗନ୍ଧ ଡ଼ାଳକୁ ଘୁରିବୁଲୁଥାଏ ଓ ଯେକୌଣସି ମୁହୂର୍ତ୍ତରେ କୌଣସି ବ୍ୟକ୍ତିର କିଛି ନା କିଛି କ୍ଷତି ପହଞ୍ଚାଇଥାଏ । ଏହା ବ୍ୟତୀତ ଜୀବନଚକ୍ର ମଧ୍ୟରେ ବିବାହ ପରେ କୌଣସି ଦମ୍ପତ୍ତିଙ୍କର ସର୍ବାରିଷ୍ଟ ଖଣ୍ଡନ ତଥା ଉତ୍ତୋରତ୍ତର ଉନ୍ନତି ନିମିତ ଡ଼ାଗୋଇ ନାମକ ଗୃହଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ୩ଟି ଡ଼ାଗେଇଗିଗେ କରାଯାଇ ଥାଏ । ଏଥିରେ ମଧ୍ୟ ସମସ୍ତ ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନଙ୍କୁ ମାଂସଭାତର ଭୋଜି ଦିଆଯାଇଥାଏ । ବିଶ୍ୱାସ କରାଯାଏ ଡାଗୋଇ କ୍ଷୁବ୍ଧ ହେଲେ ଘରର ଗୋରୁଗାଈ ଫସଲ ନଷ୍ଟ ହୋଇଯାଏ, ଘରର କେହି ଲୋକ ମରିଯାଆନ୍ତି, ସ୍ତ୍ରୀ ସ୍ୱାମୀର ସଂପର୍କ ଭଲ ରହେ ନାହିଁ ସ୍ତ୍ରୀ ଗର୍ଭବତୀ ହୋଇପାରେନାହିଁ ଇତ୍ୟାଦି । ଏ ସମସ୍ତ ବିପତ୍ତିରୁ ରକ୍ଷା ନିମନ୍ତେ ଡାଗୋଇଙ୍କୁ ସନ୍ତୁଷ୍ଟ କରିବା ପାଇଁ ଡ଼ାଗୋଇ ଗିଗେ କରି ସମସ୍ତଙ୍କୁ ଭୋଜିରେ ସନ୍ତୁଷ୍ଟ କରାଯାଏ ।

ବିଭିନ୍ନ ପର୍ବପର୍ବାଣୀ ଓ ପୂଜାପାଠ ଅବସରରେ ମଧ୍ୟ ସ୍ୱତନ୍ତ୍ର ଖାଦ୍ୟମାନ ପ୍ରସ୍ତୁତ କରି ବନ୍ଧୁବାନ୍ଧବ ସାଙ୍ଗସାଥୀ ଓ ସାଇପଡ଼ିଶାମାନଙ୍କୁ ଭୋଜନ ଦିଆଯାଇଥାଏ । ସୁମେଗେଲିରାକ *(ପୁଷ୍ପ ପରବ)*, ସୁମୁଗିଗେ *(ମାଘପରବ)*, ଗିଆଗ୍ ଗିଗେ *(ଚୈତପରବ)*, ଖୁନୁସର ଗିଗେ, କୁରେକ୍‌ଗିଗେ, କୁମ୍ଭକଡ଼ାଗିଗେ *(ଦଶରାପରବ)* ଓ ଦିଆଲିଗେବୁରଙ୍ଗି ଆଦି ପର୍ବପର୍ବାଣୀରେ ବନ୍ଧୁପରିଜନମାନଙ୍କୁ ଆମନ୍ତ୍ରଣ କରି ମାଂସ, ଭାତ ଓ ମଦରେ ଚର୍ଚ୍ଚା କରାଯାଏ । ସୁମେଗେଲିରାକ୍ କୁରେକ୍‌ଗିଗେ ଓ କୁମ୍ଭକଡ଼ା ଗିଗୋରେ ପ୍ରସ୍ତୁତ ସ୍ୱତନ୍ତ୍ର ସିଝାପିଠା *(କିରିମଡର)* ଘରେ ଘରେ ଆଦାନ ପ୍ରଦାନ କରାଯାଏ । ପର୍ବପର୍ବାଣୀରେ ପ୍ରସ୍ତୁତ ମାଂସ ଭାତ ମଧ୍ୟ ସାଇପଡ଼ିଶା ଜ୍ଞାତିବର୍ଗଙ୍କ ମଧ୍ୟରେ ଅଦଳବଦଳ କରାଯାଏ । ବଣ୍ଡାମାନେ ବିଶ୍ୱାସ କରନ୍ତ, ଏହା ମଧ୍ୟ ନିରାଟ ସତ୍ୟ, ଯେ ଭୋଜିଭାତ ଓ ପିଠାପଣାର ଆଦାନ ପ୍ରଦାନ ଦ୍ୱାରା ଏକତାଭାବ, ପରସ୍ପରକୁ ସହଯୋଗ କରିବାର ମନୋବୃତ୍ତି, ବିପଦରେ ପରସ୍ପରକୁ ସାହାଯ୍ୟ କରିବାର ଇଚ୍ଛା, ଶତ୍ରୁଭାବ, ପଡ଼ୋଶୀ ସମ୍ପର୍କ ଇତ୍ୟାଦି ବୃଦ୍ଧିପାଏ । ପୂର୍ବରାଗ କଳିଗୋଳ, ହିଂସାଦ୍ୱେଷ ଏକଚାଟିଆ ମନୋଭାବ ଆଦିର ସଂପୂର୍ଣ୍ଣ ବିଲୋପ ଘଟେ ।

●●●

ପାନୀୟ

ଦୀର୍ଘଦିନ ଜେଲଦଣ୍ଡ ଭୋଗ କରି ନିକଟ ଅତୀତରେ ଫେରିଥିବା ବନ୍ଧୁଗୁଡ଼ା ଗ୍ରାମର ଧାବୁଲୁ ଧାଙ୍ଗାଡ଼ାମାଝୀଙ୍କୁ ପଚାରିଲେ କହେ ଯେ ସେ ତାର ସୁନ୍ଦରୀ ସ୍ତ୍ରୀ, କୁନିକୁନି ଝୁଅ, ଅନେକ ବିଲବାଡ଼ି ଓ ପ୍ରଚୁର ଧନସଂପତ୍ତି ଛାଡ଼ି ଯାଇଥିଲା ଜେଲକୁ । ଜେଲର ଚାରିକାନ୍ଥ ଆବଦ୍ଧ କୋଠରୀ ଭିତରେ ଥିବା ଧବୁଲୁକୁ ସବୁଠାରୁ ବେଶୀ ବିଚଳିତ କରିଥିଲା, ସବୁଠାରୁ ବେଶୀ ମନେପଡ଼ିଥିଲା ଏବଂ ଧବୁଲୁ ସବୁଠାରୁ ବେଶୀ ଯାହା ହରାଇଥିଲା ଓ ଆବଶ୍ୟକ କରୁଥିଲା ତାହା ତା'ର ଅତି ପ୍ରିୟ ମାଦକ ପାନୀୟ- ମଦ, ସଳପ ଓ ପେଣ୍ଡମ । ଏହା ଯେ କେବଳ ଧବୁଲୁର ମତ ତାହା ନୁହେଁ ବରଂ ସମସ୍ତ ବଣ୍ଡାଙ୍କର ମତ । ତେଣୁ ଏଥିରୁ ସହଜରେ ଅନୁମାନ କରାଯାଇପାରେ ଯେ ମାଦକ ପାନୀୟ ବିନା କୌଣସି ବଣ୍ଡାର ଜୀବନ ଖୁବ୍ ନିରର୍ଥକ, ନୀରସ, ନିରାଡ଼ମ୍ବର ହୋଇଯାଏ । ଆବାଳବୃଦ୍ଧବନିତା ଦିନର କୌଣସି ସମୟରେ, ଜୀବନର କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣାପ୍ରବାହରେ ନାଚଗୀତ, ପର୍ବାପର୍ବାଣୀ ଇତ୍ୟାଦିରେ ମଦ ପାନୀୟ ଯେ ନିତ୍ୟାନ୍ତ ଜରୁରୀ ଯେ କେହି ବଣ୍ଡା ସ୍ତ୍ରୀକାର କରିବ ନିଶ୍ଚୟ ।

ପାନୀୟର ପ୍ରକାରଭେଦ:

ବଣ୍ଡାମାନେ ମୁଖ୍ୟତଃ ୩ ପ୍ରକାର ପାନୀୟ ବ୍ୟବହାର କରିଥାଆନ୍ତି ସେଗୁଡ଼ିକ ହେଲା-

୧- ରସ ଜାତୀୟ, ୨- ସରାପ ଜାତୀୟ. ୩- ସୁରାଜାତୀୟ । ବଣ୍ଡାମାନେ କେବଳ ଗୋଟିଏ ଗଛର ରସକୁ ସଂଗ୍ରହ କରି ପିଇଥାନ୍ତି । ତାହାକୁ ସଳପ *(ସାପୁଙ୍ଗ)* କହନ୍ତି । ବିଭିନ୍ନ ପ୍ରକାର ଶସ୍ୟ ଯଥା ସୁଆଁ, ମାଣ୍ଡିଆ, ଚାଉଳ ଆଦିରୁ ହାଣ୍ଡିଆ *(ପେଣ୍ଡମ)* ପ୍ରସ୍ତୁତ କରାଯାଏ । ସେହିପରି ବିଭିନ୍ନ ପ୍ରକାର ଫଳ, ଫୁଲ, ଗୁଡ଼ ଓ ପେଣ୍ଡୁମରୁ ମଦ ପ୍ରସ୍ତୁତ କରିଥାଆନ୍ତି । ବର୍ଷସାରା ବିଭିନ୍ନ ପର୍ବପର୍ବାଣୀରେ, ସ୍ୱତନ୍ତ୍ର ଦିବସରେ, ଛୁତିକିଆ, ମୃତିକିଆ ଓ ବିଭିନ୍ନ ପୂଜାପାଠର ଅବସରରେ ପେଣ୍ଡମ ପ୍ରସ୍ତୁତ କରାଯାଇଥାଏ । ବର୍ଷସାରା ସବୁ ସମୟରେ କିଛିନା କିଛି ମଦ ମିଳୁଥାଏ । ବିଶେଷ ଭାବେ ବର୍ଷାଦିନେ ସର୍ବାଧିକ ପରିମାଣରେ ମଦ ସେବନ କରାଯାଇଥାଏ । କିନ୍ତୁ ସଳପ ବର୍ଷର ପୁଷମାସଠାରୁ ବୈଶାଖ ମାସ ପର୍ଯ୍ୟନ୍ତ ପ୍ରଚୁର ପରିମାଣରେ ମିଳିଥାଏ ଓ ଆଶ୍ୱିନ,

କାର୍ତ୍ତିକ, ମାର୍ଗଶୀର ଓ ଜ୍ୟେଷ୍ଠ ମାସରେ ଅଳ୍ପ ପରିମାଣରେ ଉପଲବ୍ଧ ହୋଇଥାଏ । ସାଧାରଣତଃ ମହିଳାମାନଙ୍କ ଅପେକ୍ଷା ପୁରୁଷ ଲୋକମାନେ ଅଧିକ ମଦ୍ୟ ପାନ କରିଥାଆନ୍ତି ।

ପାନୀୟ ବଣ୍ଡାର ସାମାଜିକ ଜୀବନଠାରୁ ଆରମ୍ଭ କରି ଧର୍ମୀୟ, ରାଜନୈତିକ ଓ ଅର୍ଥନୈତିକ ଜୀବନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥାଏ । ବଣ୍ଡା ପାନୀୟକୁ ଖାଦ୍ୟ ହିସାବରେ ଗ୍ରହଣ କରିପାରେ । ସାମାଜିକ ଜୀବନର ଜୁଆଜନ୍ମ ଠାରୁ ଆରମ୍ଭ କରି ବିବାହ, ମୃତିଜିଆ ଆଦି ଅବସରରେ କୌଣସି ମତେ ମଦପାନୀୟର ଆୟୋଜନ କରାଯାଇଥାଏ । ନବାଗତ ବନ୍ଧୁଙ୍କୁ ଟିକିଏ ମଦ ପିଇବାକୁ ନଦେଲେ ବନ୍ଧୁ ଅପମାନିତ ତଥା ଲଜ୍ଜିତ ଅନୁଭବ କରେ । ବିଭିନ୍ନ ପୂଜାପାଠ, କର୍ମକାଣ୍ଡ, ପର୍ବପର୍ବାଣୀ ଅବସରରେ ବିଭିନ୍ନ ପ୍ରକାର ପାନୀୟ ପ୍ରସ୍ତୁତି କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ ସାଇପଡ଼ିଶାଙ୍କୁ ଆମନ୍ତ୍ରଣ କରି ଭୋଜି ସହିତ ପାନୀୟର ବ୍ୟବସ୍ଥା କରି ପ୍ରସ୍ତାବ ଆଗତ କରାଯାଇଥାଏ । ଦୁଇ ଶତ୍ରୁ ମିତ୍ରାମିଶା ହେବାପାଇଁ ଏକତ୍ର ମଦ୍ୟ ପାନ କରି ପୂର୍ବର ସମସ୍ତ ରାଗରୋଷ ପାଶୋରୀ ଯାଆନ୍ତି । ମଦ ପ୍ରଦାନ କରି କୌଣସି ବଣ୍ଡା ଦ୍ୱାରା କୌଣସି କାର୍ଯ୍ୟ ସାଧନ କରାଯାଇପାରେ । ମଦ ପିଇଦେବା ଦ୍ୱାରା ବଣ୍ଡାମନରେ ଅଦ୍ଭୁତ ଶକ୍ତି ସଂଚାର ହୁଏ । ସେ ହୋଇଉଠେ ତେଜିୟାନ୍ ଓ ବଳୀୟାନ୍ ଫଳସ୍ୱରୂପ କୌଣସି ଦୁଃସାହସିକ କାର୍ଯ୍ୟ ମଧ୍ୟ ସେ କରିପାରେ ।

ବଣ୍ଡା କେତେକ କାର୍ଯ୍ୟ କରିବା ପୂର୍ବରୁ ସ୍ୱତନ୍ତ୍ର ଭାବେ ପାନୀୟ ସେବନ କରିଥାଏ ଯଥା ଜନ୍ୟାକୁ ଜବରଦସ୍ତ ଅପହରଣ କଲାପୂର୍ବରୁ, ଅସ୍ତ୍ରାଘାତରେ ମୃତବ୍ୟକ୍ତିଙ୍କୁ ଡ଼ାକ୍ତରଖାନା କିମ୍ବା ଥାନାକୁ ନେବା ପୂର୍ବରୁ, ଜେଲ ଯିବା ପୂର୍ବରୁ ଇତ୍ୟାଦି ଇତ୍ୟାଦି । ସବୁ ଜିନିଷ ପରି ମଦ୍ୟ ମଦର ଦୁଇଟି ପାର୍ଶ୍ୱ-ଗୋଟିଏ ଭଲ ଓ ଅନ୍ୟଟି ମନ୍ଦ, ରହିଅଛି । ମଦର ଅନେକ ଉପକାର ସହିତ ଅନେକ ଅପକାରୀ ଗୁଣ ରହିଅଛି । ପାନୀୟ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ସଲପ (ରସଜାତୀୟ ପାନୀୟ)

ବଣ୍ଡାମାନେ ପାନ କରୁଥିବା ମାଦକ ପାନୀୟ ମୁଖ୍ୟତଃ ୩ ଶ୍ରେଣୀର ଯଥା- ସଲପ ରସ, *(ସାପୁଙ୍ଗ)*, ମଦ (ସାଗୁର) ଓ ହାଣ୍ଡିଆ *(ପେଞ୍ଜୁମ)* । ବଣ୍ଡାର ପ୍ରିୟ ପାନୀୟ ସଲପ ଧରଣୀ ମାଆର ଦାନ ଓ ମଦ ମହାପ୍ରଭୁଙ୍କର ଦାନ ବୋଲି ବଣ୍ଡାମାନଙ୍କର ଦୃଢ଼ ବିଶ୍ୱାସ ରହିଅଛି ।

ସଳପ ରସର ଉତ୍ପତ୍ତି ବିଷୟରେ ସୁନ୍ଦର ସୁନ୍ଦର କିମ୍ବଦନ୍ତୀମାନ ରହିଅଛି । ତନ୍ମଧ୍ୟରୁ କେତୋଟି ନିମ୍ନରେ ବର୍ଣ୍ଣିତ :

୧. ପୁରାକାଳରେ ସଳପଗଛ ଗୁଡ଼ିକ ଅତି ଛୋଟ ଥିଲା କିନ୍ତୁ ଏହାର ମୂଳ ଅତି ବଡ଼ ଓ ଚେର ଲମ୍ବା ଥିଲା । ମହାପ୍ରଭୁ ରାମଚନ୍ଦ୍ର ତାଙ୍କର ବନବାସ ସମୟରେ ଏହି ମୂଳର ସନ୍ଧାନ ପାଇଥିଲେ ଓ ପ୍ରତିଦିନ ସଳପ ଗଛମୂଳରେ ବସି ଏହାର ମୂଳକୁ ଖୋଳିଖାଉଥିଲେ । ଦିନେ ଖୋଳୁ ଖୋଳୁ କନ୍ଦାରେ ଖୋଳଣି ବାଜିଗଲା ଓ ଏହାକୁ ମହାପ୍ରଭୁ ଆଣି ଖାଇଲେ । ଖୁବ୍ ମିଠାଥିଲା । ତେଣୁ ମହାପ୍ରଭୁ ସବୁବେଳେ ଏହାକୁ ଖାଇଖାଇ ଘରସଂସାର ଭୁଲିଗଲେ । ଦିନକର ଘଟଣା, ସୀତାଦେବୀ ମହାପ୍ରଭୁଙ୍କୁ ଖୋଜି ବାହାରିଲେ । ମହାପ୍ରଭୁ ସୀତା ଆସୁଥିବାର ଦେଖି ଡ଼ରରେ ଜଙ୍ଗଲକୁ ଲୁଚି ପଳାଇଲେ । ସୀତା ଏହା ଦେଖି ମହାପ୍ରଭୁ ଖାଉଥିବା ସଳପଗଛ ମୂଳକୁ ଗଲେ । ମହାପ୍ରଭୁ ସବୁବେଳେ ଏ ସଳପ ରସ ପାନରେ ବ୍ୟସ୍ତରହି ତାଙ୍କୁ ମନେ ପକାଉ ନାହାନ୍ତି ବୋଲି ଭାବି ରାଗରେ ସଳପଗଛ ମୂଳକୁ ଏପରି ଏକ ଗୋଇଠା ମାଇଲେ ଯେ ତାର ଚେର ସମୁଦ୍ର ପର୍ଯ୍ୟନ୍ତ ଲମ୍ବିଗଲା । ଏହାର ଗଛକୁ ବଳପ୍ରୟୋଗ କରି ଉପରକୁ ଉଠାଇ ଦେବାରୁ ସଳପଗଛ ଖୁବ୍ ଡ଼େଙ୍ଗା ହୋଇଗଲା । ଏପରି କରୁଥିବାର ଦେଖି ରାମଚନ୍ଦ୍ର ଫେରି ସୀତାଙ୍କ ପାଖକୁ ଆସିଲେ । ସୀତାଦେବୀ ଗଛକୁ ଲକ୍ଷ୍ୟକରି ଅଭିଶାପ ଦେଲେ ଆଜିଠାରୁ ତୋ ରସ ଗଛ ଅଗରୁ ବାହାରିବ କିନ୍ତୁ ମୂଳରୁ ନୁହେଁ ।

୨. ଏକଦା ସାତଭାଇ ଶୀକାର ଉଦ୍ଦେଶ୍ୟରେ ଜଙ୍ଗଲରେ ବୁଲି ବୁଲି ହାଲିଆ ହୋଇ ଗୋଟାଏ ସଳପ ଗଛମୂଳରେ ବିଶ୍ରାମ କରୁଥିଲେ । ଠିକ୍ ଏହି ସମୟରେ ଦୁଇ ବୁନ୍ଦା ସଳପ ରସ ଜଣଙ୍କ ଉପରେ ପଡ଼ିଲା । ସେ ଏହା କ'ଣ ଭାବି ପାଟିରେ ଲଗାଇ ଦେଲା । ଏହା ପାଟିକୁ ଖୁବ୍ ମିଠା ଲାଗିଲା । ଏହା ଦେଖି ଭାଇମାନେ ଗଛ ଚଢ଼ି ସଳପ କେଣ୍ଡାକୁ ଟିକିଏ କାଟି ପତ୍ରରେ ଠୋଲା କରି ସଂଗ୍ରହ କଲେ । ଏହା ଅସୁବିଧାଜନକ ହୋଇଥିବାରୁ କାଳକ୍ରମେ ସେ ସଳପକେଣ୍ଡାରେ ମାଟିହାଣ୍ଡି ବାନ୍ଧି ସଳପ ରସ ସଂଗ୍ରହ କରିବା ଶିଖିଲେ । ସେହିଦିନଠାରୁ ବଣ୍ଡାମାନେ ସଳପରସର ବ୍ୟବହାର ଶିଖିଲେ ।

ସଳପଗଛ ଲଗାଯିବା ପ୍ରଣାଳୀ :

ମଞ୍ଜି ଜିମ୍ବା ଚାରାରୁ ସଳପଗଛ ପ୍ରସ୍ତୁତ କରାଯାଏ । ମଞ୍ଜି ଅପେକ୍ଷା ଚାରା ଶୀଘ୍ର ବଢ଼େ । ତେଣୁ ଅଧିକାଂଶ ବଣ୍ଡା ଡ଼ଙ୍ଗରରୁ ଚାରା ଆଣି ରୋପଣ କରିଥାନ୍ତି ।

ଗୋଟିଏ ସଲପଗଛ ମଞ୍ଜି ପୋତିଲେ ଏହା ୭ଦିନରେ ଭୂଇଁରୁ ଗଜେଇ ଥାଏ । ଏହାର ୩ଦିନ ପରେ ଏହା ଏକପତ୍ରୀ ଓ ପରଦିନ ୨ ପତ୍ରୀ ହୋଇ ବଢ଼ିଚାଲେ । ବଣ୍ଡା ଜଙ୍ଗଲରୁ ଚାରା ସଂଗ୍ରହ କରେ । ଚାରା ନେଇ ଘରେ ପହଞ୍ଚିବା ସମୟରେ ଯଦି ତା'ର ସ୍ତ୍ରୀ ଛୁଆକୁ ସ୍ତନ୍ୟପାନ ଦେଉଥିବାର ବଣ୍ଡା ଦେଖେ ଏହାକୁ ସେ ଶୁଭ ସଂକେତ ବୋଲି ବିଚାର କରେ । ଗଛ ଶୀଘ୍ର ବଢ଼ିବ ଓ ଆଗକୁ ଅଧିକ ରସ ଦେବ ବୋଲି ସେ ବିଶ୍ୱାସ କରିଥାଏ । ଗଛ ଲଗାଇବାକୁ ସ୍ଥାନ ନିରୂପଣ କରି ସେଠାରେ ଏକ ଗାତ ଖୋଳେ । ସେଠାରେ 'ବୁରାସୁଙ୍ଗ'ଙ୍କ ନାମରେ ଗୋଟିଏ ନାଲି କୁକୁଡ଼ା ବଳିଦେଇ ସେଥିରୁ କେତେ ବୁନ୍ଦାରକ୍ତ ଗାତରେ ପକାଯାଏ । ବିଶ୍ୱାସ କରାଯାଏ ଏପରି କରିବା ଦ୍ୱାରା ଗଛରେ ଉଇ ଲାଗିବନି । ଗଛ ଶୀଘ୍ର ଶୀଘ୍ର ବଢ଼ିବ ଓ ଗଛରୁ ଅଧିକ ରସ ବାହାରିବ । ତା'ପରେ ଗଛଟି ବଢ଼ିଚାଲେ । ମଣିଷେ ଉଚ୍ଚା ହେବା ପାଇଁ ଏହାକୁ ୪-୫ ବର୍ଷ ସମୟ ଲାଗିଥାଏ । ସାତ ଆଠବର୍ଷ ହେଲାବେଳକୁ ଗଛଟି ୩୦-୪୦ ଫୁଟ୍ ଉଚ୍ଚା ହୋଇଯାଏ । ଠିକ୍ ଏତିକି ବେଳେ ସଲପଗଛରୁ ଏକ କେଣ୍ଡା *(ଛେର)* ବାହାରେ । କେଣ୍ଡାଟି ୨-୩ ହାତ ଲମ୍ବା ହୋଇଗଲା ପରେ ଫୁଲ ଫୁଟିବାର ଅନେକ ଆଗରୁ ଗଛ ରସ ଦେବ ବୋଲି ବଣ୍ଡା ଜାଣିପାରେ ।

ସଲପ ସଂଗ୍ରହ ପୂର୍ବରୁ ପୂଜାପାଠ:

କେଣ୍ଡାରେ ଫୁଲ ଫୁଟିବାର ଅନେକ ଆଗରୁ ବଣ୍ଡା ଦାଆ *(ଅରଣ)* ସାହାଯ୍ୟରେ ଫୁଲକୁ *(ସାରା)* କାଟିଲା ବେଳେ ମନେମନେ ମହାପ୍ରଭୁଙ୍କୁ ସ୍ମରଣ କରି ମନାସିଥାଏ "ଦେଖ ମହାପ୍ରଭୁ ମୁଁ ତତେ ଅଣ୍ଡା ଦେବି, ଧଳା କୁକୁଡ଼ା ଦେବି, ନାଲି କୁକୁଡ଼ା ଦେବି, ମୋର ହାଣ୍ଡି ସଲପରେ ଭର୍ତ୍ତି ହୋଇଯାଉ ଓ ମୁଁ ଗଛ ଚଢ଼ିଲାବେଳେ ମୋତେ କୌଣସି ବିପତ୍ତି ନ ପଡୁ ।" ତା ପରେ ସଲପ କେଣ୍ଡାର ଅଗକୁ କାଟି ଦଉଡ଼ିରେ ବାନ୍ଧି ଦିଆଯାଏ । ପ୍ରାୟ ୩ ସପ୍ତାହ ପର୍ଯ୍ୟନ୍ତ ପ୍ରତ୍ୟେକ ସକାଳୁ ଓ ସନ୍ଧ୍ୟାରେ କେଣ୍ଡାର ଅଗ ଟିକେ ଟିକେ କାଟି ତା ଉପରେ ଗୋଡ଼ରେ କୁଦି କୁଦି ଗରମ କରି ବଙ୍କା କରନ୍ତି । ତାକୁ ଅଁସିସା କହନ୍ତି ।

ଯେତେବେଳେ ସଲପ ଗଛର ରସ ଝରିବା ଆରମ୍ଭ ହୁଏ ସେତେବେଳେ ସୁନୁକ୍‌ବଗ୍ ନାମକ ପୂଜାପାଠ କରାଯାଇଥାଏ । ପ୍ରଥମେ ଏକ ସୋମବାର ଦିନ ସକାଳୁ ଗଛ ମାଲିକ ସଲପଗଛ ମୂଳକୁ ଯାଇଥାଏ । ସେଠାରେ ଅରୁଆ ଚାଉଳ ଓ ଅଣ୍ଡା ବୁରସୁଙ୍ଗ୍‌ଙ୍କ ନାମରେ ଅର୍ପଣ କରିଥାଏ । ଉକ୍ତଦିନ ସନ୍ଧ୍ୟାରେ ମାଲିକ ପୁଣି ସମୁଦ୍ର

ଦେବତା ସିଙ୍ଗରାଜଙ୍କ ନାମରେ ଅଣ୍ଡା ଓ ଚାଉଳ ପ୍ରଦାନ କରିଥାଏ । ତାପରେ ସଲପ କେଣ୍ଡାକୁ ଦାଆ ସାହାଯ୍ୟରେ କାଟି ତଳକୁ ଓହ୍ଲାଇ ଆସେ । ସେହି ରସ ରାତି ସାରା ଟୋପା ଟୋପା ହୋଇ ଭୁଇଁରେ ପଡ଼େ । ଏହାକୁ ବଣ୍ଡା ବୁରସୁଙ୍ଗଙ୍କ ନାମରେ ଉତ୍ସର୍ଗ ପୂର୍ବକ ସଂଗ୍ରହ କରିବାର ବ୍ୟବସ୍ଥା କରେ ନାହିଁ । ଏହି ରସକୁ ପିଇବା ନିଷେଧ । ଏହାକୁ ପିଇଲେ ସଲପଗଛ ମରିଯାଏ ବୋଲି ବଣ୍ଡାମାନେ ବିଶ୍ୱାସ କରନ୍ତି ।

ଠିକ୍ ତା ପରଦିନ ସକାକୁ ଅର୍ଥାତ୍ ମଙ୍ଗଳବାର ଦିନ ମାଲିକ ବ୍ୟତୀତ ଅନ୍ୟ ଜଣେ ସଲପ କାଟୁଥିବା ବ୍ୟକ୍ତି (ଗସାସାକାର). ଗୋଟିଏ କୁକୁଡ଼ା ଧରି ଗଛ ମୂଳକୁ ଆସେ । ଆଗରୁ ବିଭିନ୍ନ ଦିଗକୁ ଯାଇଥିବା ରାସ୍ତାରୁଏକ ଦନାରେ ମାଟି ସଂଗ୍ରହ କରାଯାଇଥାଏ । ସେହି ଦାନରେ ଅରୁଆଚାଉଳ ଓ ପାଣିନେଇ ପିରି *(ଜଙ୍ଘ)* ସାହାଯ୍ୟରେ ଗଛ ଉପରେ ଚିଞ୍ଚି ଦିଆଯାଏ । ପରେ କୁକୁଡ଼ାକୁ ଇସିଦୁର *(ଆକାଶ ଦେବତା)*ଙ୍କ ନାମରେ ବଳି ଦେଇ ତା'ର ରକ୍ତକୁ ଗଛ ଚାରିପଟେ ଛିଞ୍ଚିଦିଆଯାଏ । କୁକୁଡ଼ାର ଅଧାମାଂସକୁ ପୋଡ଼ି ସଲପ ସହିତ ଚାଖଣା କରାଯାଏ ଓ ଅନ୍ୟ ଅଧାକୁ ତରକାରୀ ଓ ଭାତ କରି ସରୁଜାଙ୍ଗ ଆକାରରେ ଖିଆଯାଏ । ଏହି ପୂଜାକୁ ଇସବୁର ଗିଗେ କହନ୍ତି । କେତେ ଲୋକ ଇସବୁର ଗିଗେ ଦିନ ସଲପଗଛମୂଳରେ କଣ୍ଡାକୋଳି *(ଡାଗାମାଙ୍ଗ)* ଡାଳ ବାନ୍ଧିବା ଆରମ୍ଭ କରନ୍ତି । ଏହାକୁ ରାମସା କହନ୍ତି ।

ତା'ର ଠିକ୍ ଦୁଇଦିନ ପରେ ଅର୍ଥାତ୍ ଶୁକ୍ରବାର ଦିନ 'ଗୁଫାସା' ନାମକ ଆଉ ଏକ ପୂଜା କରାଯାଏ । ବାନ୍ତିପଡା ଆଦି କେତେକ ଗ୍ରାମରେ ଏହି ଦିନ ଗଛମାଲିକ ନିଜେ କୁକୁଡ଼ା କାଟି ପୂଜା କରି ଓ ରାମସା ଏହିଦିନ କରେ । କିନ୍ତୁ ମୁଦୁଲିପଦା, ପଡ଼େଇଗୁଡ଼ା ଆଦି ଗ୍ରାମମାନଙ୍କରେ ଏହିଦିନ ଆଗରୁ ଏକ ଅବିବାହିତ ବାଳିକାକୁ ଗୁଫାସା କରିବାକୁ କହିଥାଆନ୍ତି । ସେହି ବାଳିକା ପରଦିନ ସକାଳୁ ଉପବାସ ପାଳନ କରିଥାଏ । ଝିଅ ସହିତ ଅନ୍ୟ ଲୋକମାନେ ଗଛମୂଳକୁ ଯାଆନ୍ତି । ଝିଅ ନିଜେ ଜଙ୍ଗଲରୁ ବିଡ଼େ କାଠ ଓ କେତେକ କିରିଙ୍ଗଏ ପତ୍ର ସଂଗ୍ରହ କରି ଆଣେ । ଗଛ କାଟୁଥିବା ଲୋକ *(ଗସାସାକାର)* ଗୋଟେ ତୁମାରେ ସଲପ ତଳକୁ ଓହ୍ଲାଇ ଦିଏ । ତାକୁ ସେହି ଝିଅଟି କିରିଙ୍ଗଏଁ ପତ୍ରର ଦନାରେ ସଲପ ପୂର୍ବ ଓ ପଶ୍ଚିମ ଦିଗକୁ ଦେଇ ପୂଜା କରେ । ପୂଜା ପରେ ପୂଜା କରିଥିବା ତୁମାର ସଲପ *(ସରୁସା)* କୁ ଝିଅ ଏକୁଟିଆ ଗରମ କରି ଗଛ ମୁଢ଼େ ପିଏ । ଅନ୍ୟମାନେ ବଳକା ସଲପ ତୁମାକୁ ଝିଅ ଆଣିଥିବା କାଠରେ ଗରମ

କରି ପିଅନ୍ତି । ତାକୁ ବିଲେଇସା କହନ୍ତି । ଏହି ଗୁଫାସା କଲା ପରେ ହିଁ ଗସାସାକର ଓ ମହିଳାମାନେ ଗଛମୂଳରୁ ସଲପ ପିଇପାରିବେ ବୋଲି ମୁହୁଲି ପଡ଼ାଲୋକମାନେ ମତ ଦେଇଥାନ୍ତି । ଗୁଫାସା କଲାପରେ ସଲପ ବିକ୍ରି କରାଯାଇପାରିବ ବୋଲି ଦାନ୍ତିପଦା ଆଦି ଗ୍ରାମର ଲୋକମାନେ ମତପ୍ରକାଶ କରନ୍ତି ।

ଏହାପରେ ଯଦି ଉପଯୁକ୍ତ ପରିମାଣରେ ସଲପ ନ ବାହାରେ ତେବେ ଦିଶାରୀ ଡ଼ାକି ଇସବୁର କିମ୍ବା କିଟୁଙ୍ଗଙ୍କ ନାମରେ ଏକ କୁକୁଡ଼ା ବଳି ଦିଆଯାଏ । ଯଦି ଏହା ଫଳପ୍ରଦ ହୁଏ ନାହିଁ ପୁଣି ଦିଶାରୀ ଡ଼ାକି ଜଙ୍ଗଡ଼ା ମାଛ ଆଦି ପିତୃପୁରୁଷଙ୍କ ନାମରେ ନିମ୍ନଲିଖିତ ବାକ୍ୟମାନ ଉଚ୍ଚାରଣ କରି ବଳି କରିଥାଏ । ମନ୍ତ୍ରର ଭାବାର୍ଥ ଏହିପରି-

"ହେ ମହାପ୍ରଭୁ ମୁଁ ତତେ ଜଙ୍ଗଡ଼ା ଦେଉଛି, ପାଣି ଚିଞ୍ଚୁଛି, ମାଛ ଦେଉଛି । ସଲପ ଗଛର ଶିଙ୍ଗରୁ *(ଖେର)* ବହୁତ ସଲପ ବାହାରୁ । ପାତ୍ରପୂର୍ଣ୍ଣ ହୋଇ ତଳେ ପଡ଼ିଯାଉ । ସମୁଦ୍ର ପାଣି ଆସୁ, ଝରଣା ପାଣିଆସୁ ଓ ପାତ୍ର ରସରେ ପୁରିଉଠୁ ।"

ସଲପ ସଂଗ୍ରହ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକାର ଉପାଦନା ଓ ଉପକରଣ :

ସଲପକୁ ଗଛରୁ ସଂଗ୍ରହ କରିବା ଠାରୁ ପିଇବା ଉପଯୋଗୀ କରିବା ପାଇଁ ନିମ୍ନଲିଖିତ ଉପକରଣ ଓ ଉପାଦାନମାନ ଆବଶ୍ୟକ ।

୧.ବାଉଁଶ *(ବୁନାଙ୍ଗ)*	୨.ଦଉଡ଼ି *(ଗିଗେ)*
୩.ଦାଆ *(ଅରୟ)*	୪.ଛୋଟ ମାଟିହାଣ୍ଡି *(ଡାଉକୁଇ)*
୫.ବଡ଼ ମାଟିହାଣ୍ଡି (ମୁନାଉକୁଇ)	୬.ତୁମ୍ବା *(ଥୁମ୍ବା)*
୭.ତୁମ୍ବା ଚଟୁ *(ସୁକୁକ୍)*	୮.ଦଉଡ଼ି ଆଗରେ ଲୁହା ଆକୁଡ଼ା ବନ୍ଧା ହୋଇଥିବା ଯନ୍ତ୍ର *(କାଟନା)*
୯.କୁଲା *(କେପୁଡ଼ା)*	୧୦.ସଲପ ସହିତ ମିଶାଇବା ଔଷଧ *(ସୁରଙ୍ଗ)* (ଉପୁଲାଗ୍‌ଲା ମଞ୍ଜି, ଗିସାଙ୍ଗତେ ଛେଲି ଓ ପିତାକନ୍ଦାକୁ ଔଷଧ ରୂପେ ବ୍ୟବହାର କରାଯାଏ)
୧୧.ଚୁଲି *(ଥୁରୁକ ସଙ୍ଗ)*	୧୨.କାଠ *(ସୁଥଁ)*

ସଳପ ସଂଗ୍ରହ କରିବା ପ୍ରଣାଳୀ:

ଗୁଫାସା ସରିଲା ପରେ ନିୟମିତ ଭାବେ ସଲପ ସଂଗ୍ରହ କରାଯାଏ । ସଲପ ଗଛକୁ ଗଡ଼ିବା ପାଇଁ ସଲପ ଗଛକୁ ଲାଗିକରି ଉଭୟ ପାର୍ଶ୍ୱରେ ଗଣ୍ଠିଥିବା ଏକ ବାଉଁଶକୁ ଶିଆଡ଼ି ଦଉଡ଼ିରେ ଗଛ ସହିତ ଭିଡ଼ି ଜରି ବନ୍ଧାଯାଇଥାଏ । ଗଛ ଚଢ଼ାଳି ଗଛ ଚଢ଼ିବା ପୂର୍ବରୁ ନିଜ ଅଣ୍ଡା ଓ ଗଛକୁ ମିଶାଇ ଦଉଡ଼ି ବାନ୍ଧି ଏକ ବଳୟ ସୃଷ୍ଟି କରେ । ବାଉଁଶ ଗଣ୍ଠି ସାହାଯ୍ୟରେ ପାହାଚ ପାହାଚ କରି ଉପରକୁ ଉଠିଲାବେଳେ ବଳୟ ସୃଷ୍ଟି କରିଥିବା ଦଉଡ଼ିକୁ ମଧ୍ୟ ଘୁଞ୍ଚାଇ ଘୁଞ୍ଚାଇ ନିଏ । ସାଥିରେ ଦାଆ *(ଅଉଜ)*, ଆକୁଡ଼ା ଲାଗିଥିବା ଦଉଡ଼ିକୁ ଉପରକୁ ନେଇ ଯାଇଥାଆନ୍ତି । ଆଗରୁ ସଳପ କେଣ୍ଡା ଅଗରେ ଦଉଡ଼ି ସାହାଯ୍ୟରେ ଶକ୍ତ ଭାବରେ ଏକ ମାଟିହାଣ୍ଡି ଝୁଲାର ରଖାଯାଇଥାଏ । ପୋକମାଛି, ବର୍ଷାଦାଉରୁ ରକ୍ଷାକରିବା ପାଇଁ ତା'ର ଉପରେ କୁଲା *(କେଁସୁପ)* କିମ୍ବା ପତ୍ରର ଏକ ଆବରଣ ସୃଷ୍ଟି କରାଯାଇଥାଏ । ହାଣ୍ଡିରେ ଗ୍ରୀଷ୍ମଦିନେ ଉପୁଲାଗ୍‌ଲା ମଜ୍ଜି ଓ ଗିସାଙ୍ଗତେ ଛେଲି ଏବଂ ବର୍ଷାଦିନରେ ପିତାକନ୍ଦା *(ଉକୁର)* କାଟିଖଣ୍ଡ ଖଣ୍ଡ କରି ରଖାଯାଇଥାଏ । ସଳପ ପାତ୍ରରେ ସଂଗୃହୀତ ହୋଇ ପିତା ଔଷଧୀୟ ଦ୍ରବ୍ୟ ସଂସ୍ପର୍ଶରେ ଆସି ପିତାହୋଇ ନିଶାଳିଆ ହୋଇଯାଇଥାଏ । ସେହି ସଳପକୁ ତୁମ୍ବା ଚଟୁ *(ସୁକୁକ୍)* ସାହାଯ୍ୟରେ ମାଟିହାଣ୍ଡିରୁ ବାହାର କରି ନାଉତୁମ୍ବାରେ ସଂଗ୍ରହ କରାଯାଏ । ତାକୁ କାଟନାରେ ଓହଳାଇ ଦଉଡ଼ିକୁ ଧରି ଆସ୍ତେ ଆସ୍ତେ ତଳକୁ ଓହଳାଯାଏ । ତଳେଥିବା ଲୋକ ସଳପ ପୂର୍ଣ୍ଣ ତୁମ୍ବକୁ ଖୋଲି ରଖି ଖୋଲା ତୁମ୍ବାକୁ କାଟନା ସାହାଯ୍ୟରେ ପୁଣି ଉପରକୁ ପଠାଏ । ଏହିପରି ବାରମ୍ବାର କରି ହାଣ୍ଡିରେ ଥିବା ସମସ୍ତ ସଳପକୁ ତଳକୁ ଓହ୍ଲାଯାଏ । ପରେ ତଳକୁ ଓହ୍ଲାଇ ତିନୋଟି ପଥର ଯୋଗାଡ଼ କରି ଚୁଲି *(ଥୁରୁକ୍‌ସଙ୍ଗ)* ପ୍ରସ୍ତୁତ କରାଯାଏ । ବଡ଼ ମାଟି ହାଣ୍ଡିରେ *(ମୁନା ଉକୁଜ)* ସମସ୍ତ ସଳପ ରଖି ଚୁଲିରେ ବସାଇ ଜାଠ *(ସୁଆଁ)* ଜାଳି ସଳପକୁ ଗରମ କରି ସୁକୁକ୍ ସାହାଯ୍ୟରେ ଜଣକ ପରେ ଜଣେ ଉସୁମ ସଳପକୁ ପାନ କରି ଆତ୍ମବିଭୋର ହୋଇପଡ଼ନ୍ତି ବଣ୍ଡାମାନେ ।

ସରାପ/ହାଣ୍ଡିଆ ଜାତୀୟ ପାନୀୟ:

ଲି: ବଣ୍ଡାମାନେ ବିଭିନ୍ନ ପ୍ରକାର ଶସ୍ୟରୁ ପେଣ୍ଡମ୍ ବ୍ୟତୀତ ବହୁ ଆଗରୁ ଲି ନାମକ ମଦ ପ୍ରସ୍ତୁତ କରୁଥିଲେ । ବହୁଦିନରୁ ତୁମ୍ବାରେ ସଂଗୃହୀତ ଚାଉଳକୁ ଲି ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଇଥିଲା । ଲି ପ୍ରସ୍ତୁତ କରିବାର ଆଗଦିନ ସହବାସ ବର୍ଜନ

କରାଯାଉଥିଲା । ଲି ପ୍ରସ୍ତୁତ କରିବା ଦିନ ସକାଳୁ ବଣ୍ଡା କିମ୍ବା ବଣ୍ଡୁଣୀ ଜଙ୍ଗଲକୁ ଯାଇ ବିଭିନ୍ନ ପିତାଗଛର ଛେଲି ଓ ଚେର ସଂଗ୍ରହ କରୁଥିଲେ । ଚେର ଓ ଛାଲିକୁ ଗୁଣ୍ଡକରି ଏକ ହାଣ୍ଡିରେ ପାଣି ଦେଇ ରଖାଯାଏ । ଅନ୍ୟ ଏକ ପାତ୍ରରେ ଚାଉଳକୁ ପରିଷ୍କାର ଭାବେ ଧୋଇ ପାଣି ଦିଆଯାଏ । ଚାଉଳଥିବା ହାଣ୍ଡିରେ ତଳେ ଏକ ଛିଦ୍ର ଥାଏ ତାକୁ କାଠି ସାହାଯ୍ୟରେ ବନ୍ଦ କରାଯାଇଥାଏ । ଚେର ଓ ଛାଲିରେ ପାଣି ମିଶା ପ୍ରଥମ ହାଣ୍ଡିକୁ ନିଆଁ ଉପରେ ବସାଯାଇ ତା ଉପରେ ଚାଉଳଥିବା ୨ୟ ହାଣ୍ଡିକୁ ରଖାଯାଏ । ୨ୟ ହାଣ୍ଡିର ମୁହଁରେ ପତ୍ରର ଢ଼ାକୁଣୀ ଦିଆଯାଇଥାଏ । କିଛି ସମୟ ଗରମ କଲା ପରେ ୨ୟ ହାଣ୍ଡିକୁ ତଳକୁ ଓହ୍ଲାଇ ଦିଆଯାଏ ଓ ପ୍ରଥମ ହାଣ୍ଡିକୁ ବହୁତ ସମୟ ପର୍ଯ୍ୟନ୍ତ ଗରମ କରାଯାଏ ଯେପରିକି ସେଥିରେ ଥିବା ପାଣି ଛେଲି ଓ ଚେରର ମିଶ୍ରଣରେ ବହଳିଆ ହୋଇଯାଏ । ସେହି ହାଣ୍ଡିକୁ ଓହ୍ଲାଇ ସେଥିରୁ ଔଷଧକୁ କାଢ଼ି ତୃତୀୟ ହାଣ୍ଡିର ଭିତରେ ପାର୍ଶ୍ୱରେ ଲେପି ଦିଆଯାଏ । ସେଥିରେ ପ୍ରଥମ ହାଣ୍ଡିର ଚାଉଳକୁ ଢ଼ାଳି ଦିଆଯାଏ । ତାକୁ ଘରର ଏକ ଥଣ୍ଡା ଜାଗାରେ ୬ ଦିନ ପାଇଁ ରଖାଯାଏ । ୬ ଦିନ ପରେ ସେହି ଔଷଧ ମିଶା ଚାଉଳକୁ କୁଟି ଚୂନା କରାଯାଏ । ସେହି ଗୁଣ୍ଡ ଚୂନାକୁ ଚତୁର୍ଥ ହାଣ୍ଡିରେ ଭରି ପାଣିପୂର୍ଣ୍ଣ କରି କିଛି ଦିନ ରଖିଦିଆଯାଏ । ତିନି ଚାରିଦିନ ପରେ ସେଥିରୁ ଏକ ଉହଟ ଗନ୍ଧ ବାହାରିଲେ ଲି ପ୍ରସ୍ତୁତ ହୋଇଗଲା ବୋଲି ବିବେଚନା କରାଯାଏ ।

ଯାହାହେଉ, ଆଜିକାଲି କୌଣସି ବଣ୍ଡା ଗ୍ରାମରେ ଲି ପ୍ରସ୍ତୁତ କରୁଥିବାର ଖବର ମଧ୍ୟ ମିଳେନାହିଁ । ଅନେକ ବଣ୍ଡୁଣୀ ମଧ୍ୟ ଲି କ'ଣ ବୋଲି ଜାଣି ନଥିବାର ପ୍ରକାଶ କରନ୍ତି ।

ପେଣ୍ଡମ :

'ଲି'ର ବ୍ୟବହାର ବନ୍ଦହେବାଠାରୁ ପେଣ୍ଡମର ଗୁରୁତ୍ୱ ଓ ଚାହିଦା ବଢ଼ିଯାଇଛି ।

ବିଭିନ୍ନ ପ୍ରକାର ପେଣ୍ଡମ :

ବିଭିନ୍ନ ଶସ୍ୟରୁ ତିଆରି ବିଭିନ୍ନ ପେଣ୍ଡମକୁ ଭିନ୍ନ ଭିନ୍ନ ନାମରେ ନାମିତ କରାଯାଇଅଛି ।

୧. ମାଣ୍ଡିଆ ହାଣ୍ଡିଆ (ସାମେନା ପେଣ୍ଡମ)

୨. ସୁଆଁ ହାଣ୍ଡିଆ (ରିଜ୍‌ଡ଼ାରନା ପେଣ୍ଡମ)

୩. କାଙ୍ଗୁ ହାଣ୍ଡିଆ (ଉଇଡ଼ାରନା ପେଣ୍ଡମ)

୪. କାକଡ଼ା ଆଖି ହାଣ୍ଡିଆ (ଫୁନୁଇନା ପେଣ୍ଡମ)

୫. ଚାଉଳ ଆଖି ହାଣ୍ଡିଆ)ଉକୁଜ୍‌ନା ପେଣ୍ଡମ)

୬. ସମସ୍ତ ଶସ୍ୟ ମିଶା ପେଣ୍ଡମ (ଗୁଲାଇ ମିଶାନା ପେଣ୍ଡମ) ।

ପେଣ୍ଡମ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଉପାଦାନ ଓ ଉପକରଣ :

୧. ଦୁଇଟି ରସ ହାଣ୍ଡି *(ରସଆଣ୍ଡା)*

୨. ଦୁଇଟି ମାଟିଘୋଡ଼ଣୀ *(ତାଲାମୁଣ୍ଡି)*

୩.ଛାଣିବା ପାନ୍ଥିଆ *(ଗିନାୟା)*

୪.କାଠି ଚଟୁ *(ସାଡି)*

୫.ପେଣ୍ଡମ ଔଷଧ *(ପେଣ୍ଡମ ନାଙ୍ଗି)*

୬.ଚୁଲି *(ଥୁରୁକସଙ୍ଗ)*

୭.କାଠର *(ପୁଅଁ)*

ପେଣ୍ଡମ ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ ଶସ୍ୟକୁ କୁଟି ପରିଷ୍କାର କରି ଚାଉଳ ବାହାର କରାଯାଏ । ଚାଉଳକୁ ପାଣିରେ ଭଲ ଭାବରେ ଧୋଇ ହାଣ୍ଡିରେ ପୂରାଇ ଭାତ ରାନ୍ଧି ଦିଆଯାଏ । ଭାତ ହୋଇ ଗଲାପରେ ପେଜ ନିଗାଡ଼ି ଗାଳିଦିଆଯାଏ ଓ ଭାତକୁ ପଟିରେ ୩-୪ ଘଣ୍ଟା ଘାଣ୍ଟି ଥଣ୍ଡା କରାଯାଏ । ଥଣ୍ଡା ହେଲା ପରେ ବଜାରରୁ କିଣି ଆଣିଥିବା ପେଣ୍ଡମ ଔଷଧ *(ପେଣ୍ଡମନଙ୍ଗି)*କୁ ଗୁଣ୍ଡ କରି ଥଣ୍ଡା ଭାତରେ ମିଶାଇ କାଠି ଚଟୁ *(ସାଡି)* କିମ୍ବା କାଠି ସାହାଯ୍ୟରେ ଘାଣ୍ଟି ଭଲଭାବରେ ମିଶାଇ ଦିଆଯାଏ । ପରେ ଅନ୍ୟ ଏକ ହାଣ୍ଡିକୁ ନିଆଁରେ ସେକି ଗରମ କରାଯାଏ । ଔଷଧ ମିଶା ଭାତକୁ ଗରମ ହାଣ୍ଡିରେ ଉର୍ଦ୍ଧିକରି ଅଳ୍ପ ପାଣି *(ପ୍ରାୟ ୨ ଲିଟର)* ମିଶାଯାଏ । ତା ଉପରେ କେତୋଟି ଫୁସାଇପା ପତ୍ର ଓ କେତେଖଣ୍ଡ ଅଙ୍ଗାର *(ଉରଲାଜସଙ୍ଗ)* ରଖାଯାଇଥାଏ । ଏହି ଅବସ୍ଥାରେ ହାଣ୍ଡିରେ ଘୋଡ଼ଣୀ ଘୋଡ଼ାଇ କିଛିଦିନ ଥଣ୍ଡା ଜାଗାରେ ରଖାଯାଏ । ଗୀଷ୍ମଦିନେ ୩ଦିନରେ ଓ ଶୀତ ଦିନେ ୬ଦିନରେ ଏହି ଭାତ ମିଳାଇଯାଏ । ତେଣୁ ତାପରେ ସେହି ଭାତରେ ଗରିଏ ପାଣି ମିଶାଇ ଗିନାୟା *(ଛାଣିବା ପାନ୍ଥିଆ)* ଦ୍ୱାରା ଛାଣି ଖଦଡ଼ା, ଅଙ୍ଗାର, ପତ୍ର ଇତ୍ୟାଦିକୁ ବାହାର କରିଦିଆଯାଏ । ତାକୁ ନିଆଁରେ ବସାଇ ଗରମ କରାଯାଏ । ଗରମ ହୋଇଗଲେ ପେଣ୍ଡମ ପ୍ରସ୍ତୁତ ହୋଇଯାଏ । ଏହାକୁ ଗରମ ଗରମ ପିଇବା ବହୁତ ସ୍ୱାଦଯୁକ୍ତ ବୋଲି ବଣ୍ଡାମାନେ ମତ ଦିଅନ୍ତି ।

ସାଗୁର (ମଦଜାତୀୟ ପାନୀୟ)

ମଦର ଉତ୍ପତ୍ତି ଓ ଇତିବୃତ୍ତ:

ସଳପ ପରି ମଦ ମୁଖ୍ୟତଃ ମହୁଲି ମଦର *(ବସାଗୁର)* ଉତ୍ପତ୍ତି ସଂପର୍କରେ ଏକ କିମ୍ବଦନ୍ତୀ ରହିଅଛି । ତାହା ମହାପ୍ରଭୁଙ୍କର ଦାନ ବୋଲି ସେ ନିମ୍ନମତେ ବର୍ଣ୍ଣନା କରିଥାଆନ୍ତି ।

ମହାପ୍ରଭୁ ପୃଥିବୀରେ ସମସ୍ତ ଗଛର ମଞ୍ଜି ବୁଣିଦେଲେ କିନ୍ତୁ ମହୁଲଗଛର ମଞ୍ଜି ବୁଣିବାକୁ ସେ ଭୁଲିଯାଇଥିଲେ । କିଛି ଦିନ ପରେ ମହୁଲଗଛର ମଞ୍ଜିକୁ ପତ୍ରରେ ଗୁଡ଼ାହୋଇ ଚାଳରେ ଖୋସା ହୋଇଥିବାର ଦେଖିଲେ । ତତ୍‌କ୍ଷଣାତ୍ ସେହି ମଞ୍ଜିଆଣି ଜଙ୍ଗଲରେ ବୁଣିଦେଲେ । ଗଛହୋଇ ଫୁଲ ଧରିଲା । ଫୁଲ ସୌନ୍ଦର୍ଯ୍ୟରେ ମହାପ୍ରଭୁ ବିମୋହିତ ହେଲେ । କୌତୁହଳ ବସତଃ ସେହି ଗଛର ୨ଟି ଫୁଲ ଆଣି ଖାଇଲେ । ଏହା ପାଟିକୁ ବଡ଼ ମିଠାଲାଗିଲା ଓ ଦେହରେ ମାଦକ ଖେଳିଗଲା । ସେ ନିଦ୍ରାଗଲେ । ଉଠିଲାପରେ ସେ ଗଛର ପ୍ରଶଂସା କରି, ତାହା ମଣିଷମାନଙ୍କୁ ଦେଲେ ସେମାନେ କେଡ଼େ ଆନନ୍ଦ ନହୁଅନ୍ତେ ବୋଲି ଚିନ୍ତାକଲେ । ତେଣୁ ସେ ମୟୂର, ବଣକୁକୁଡ଼ା ଓ ଶାରୀଙ୍କୁ ଡ଼ାକି ମହୁଲମଞ୍ଜିକୁ ଚାରିଆଡ଼େ ବିଞ୍ଚିବା ପାଇଁ ନିର୍ଦ୍ଦେଶ ଦେଲେ । ଚଢ଼େଇମାନେ ପେଟପୁରା ମଞ୍ଜିକୁ ଖାଇ ଚାରିଆଡ଼େ ବିଞ୍ଚିବାକୁ ବାହାରି ପଡ଼ିଲେ । ମୟୂର ଓ ବଣକୁକୁଡ଼ା ପାଖାପାଖି ପାହାଡ଼ମାନଙ୍କରେ ପକାଇ ଦେଲେ କିନ୍ତୁ ସାରୀ ପୃଥିବୀସାରା ସବୁଆଡ଼େ ଉଡ଼ି ଉଡ଼ି ମହୁଲ ମଞ୍ଜି ବୁଣିଦେଲା । ଗଛ ହୋଇଗଲା ପରେ ମହାପ୍ରଭୁ ବଣ୍ଡାକୁ ଡ଼ାକି ତାର ଫୁଲ ଓ ଫଳ ଖାଇବାକୁ ଆଦେଶ ଦେଲେ । ମହାପ୍ରଭୁଙ୍କ ଠାରୁ ବଣ୍ଡା ମହୁଲ ଫୁଲରୁ ମଦ ତିଆରି ଶିଖି ଆନନ୍ଦରେ ପିଇ ନାଚିବାକୁ ଲାଗିଲା ।

ମଦର ପ୍ରକାର:

ବିଭିନ୍ନ ପ୍ରକାର ଫୁଲ, ଫଳ, ଶସ୍ୟ ଓ ଗୁଡ଼ରୁ ବଣ୍ଡାମାନେ ମଦ *(ସାଗୁର)* ପ୍ରସ୍ତୁତ କରନ୍ତି । ସେମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ପ୍ରକାର ମଦର ତାଲିକା ନିମ୍ନରେ ପ୍ରଦତ୍ତ:

୧. ମହୁଲ ମଦ *(ବସାଗୁର)* ୨. କାକୁମଦ *(ଡାଲିଆ ସାଗୁର)*

୩. ଆମ୍ବ ମଦ *(ଉଲି ସାଗୁର)*

୪.ପଣସ ମଦ *(ଉକୁସିଙ୍ଗସାଗୁର)*

୫.ଅମୃତଉଣ୍ଡା ମଦ *(ଅମୃତ ସାଗୁର)*

୬.ଖଜୁରୀ ମଦ *(ତୁଲାରା ସାଗୁର)*

୭.ଜାମୁକୋଳିମଦ *(ଜୁଡ଼େ ସାଗୁର)*

୮.ପଡ଼େଇମଦ *(ତୁଲୁକୁରସାଗୁର)*

୯. ତେନ୍ତୁଳିମଦ *(ତିନ୍ତିମ ସାଗୁର)*

୧୦. କଦଳୀ ଓ ଚିନିମଦ *(ଉସୁଗଡ଼ା ସାଗୁର)*

୧୧.ଜାକୁଡ଼ି ମଦ *(ସରଇଜ ସାଗୁର)*

୧୨.ଗୁଡ଼ମଦ *(ଗୁଡ଼ ସାଗୁର)*

୧୩. ମାଣ୍ଡିଆ ପେଣ୍ଡମ ମଦ *(ସାମେ ପେଣ୍ଡମନା ସାଗୁର)*

୧୪. ଚାଉଳ ପେଣ୍ଡମ ମଦ *(ଉକୁକ୍ ପେଣ୍ଡମନା ସାଗୁର)*

୧୫. ସମସ୍ତ ଶସ୍ୟ ମିଶା ପେଣ୍ଡମରୁ ମଦ *(ଗୁଲାଇ ପେଣ୍ଡମ ନ ସାଗୁର)*

ମଦ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଉପକରଣ :-

୧. ରସ ହାଣ୍ଡି *(ରସଆଣ୍ଡା)*

୨. ମାଟି ହାଣ୍ଡି *(ଉକୁଡ଼)*

୩.ବାଉଁଶ ନଳୀ *(ଆଆ ନାଲା)*

୪. ଗରିଆ *(ଘାଇରା)*

୫. ଗୋବର *(ଜକଡାଙ୍ଗ)*

୬. ତୁମ୍ବା ଚଟୁ *(ସୁକୁକ୍)*

୭.ମଦ ଚାଖିବା ବାଉଁଶ କାଠି *(ଲାୟର)*

୮. ଛାଣିବା ପାଛିଆ *(ଗିନାୟା)*

୯. ରୁଲି *(ଥୁରୁକ ସଙ୍ଗ)*

୧୦. କାଠ *(ସୁଅଁ)*

ମଦ ପ୍ରସ୍ତୁତ କରିବା ପ୍ରଣାଳୀ:

ପ୍ରଥମେ ଫଳ ଓ ଗୁଡକୁ ପାଚନ କରାଯାଏ । ବିଭିନ୍ନ ପ୍ରକାର ଫଳ ଓ ଗୁଡ଼ର ପାଚନ ପାଇଁ ଲାଗୁଥିବା ସମୟ ପାର୍ଥକ୍ୟ ହୁଏ । କେଉଁ ଦ୍ରବ୍ୟ କେତେଦିନରେ ପାଚନ ହୁଏ ତାହା ନିମ୍ନ ସାରଣୀରେ ଦିଆଯାଇଅଛି:-

କ୍ରମିକ ସଂଖ୍ୟା	ଦ୍ରବ୍ୟର ନାମ	ପାଚନ ସମୟ (ଦିନ ହିସାବରେ)	
		କାଟି ବିନା ପାଣିରେ	ପାଣିରେ
୦୧.	ମହୁଲ	-	୫
୦୨.	ଜାକୁ	୨	୨-୩
୦୩.	ଆମ୍ବ	-	୩-୪
୦୪.	ପଣସ	-	(ମଞ୍ଜିଛଡ଼ାଇ)୪-୫
୦୫.	ଅମୃତଭଣ୍ଡା	-	୭
୦୬.	ଖଜୁରୀ	-	୪
୦୭.	ଜାମୁକୋଳି	-	୪
୦୮.	ପଡ଼େଇ	-	୫
୦୯.	ତେନ୍ତୁଳି	-	୫-୬
୧୦.	ଜଦଳୀ ଓ ଚିନି	-	୫-୬
୧୧.	ଜାକୁଡ଼ି	୩-୪	୩
୧୨	ଗୁଡ଼	-	୧୫

ଫଳ କିମ୍ବା ଗୁଡ଼କୁ ହାଣ୍ଡିରେ ପାଣିଦେଇ ରଖିଦିଆଯାଏ । ନିର୍ଦ୍ଦିଷ୍ଟ ଦିନପରେ ଦ୍ରବ୍ୟ ପାଚନ ହୋଇଗଲା ପରେ ମଞ୍ଜିଥିଲେ ତାକୁ ଗିର୍ନାୟା (ଛାଣିବା ପାଛିଆ) ସାହାଯ୍ୟରେ ଛାଣି ଦିଆଯାଏ । ତାପରେ ଉପକରଣମାନ ନେଇ ଚଳନ୍ତା ପାଣି ଉତ୍ସ ପାଖକୁ ଯାଆନ୍ତି । ପାଣିର ୨ ଫୁଟ୍ ଦୂରରେ ପଥର ସହାଯ୍ୟରେ ଏକ ଚୁଲି

(ଥୁରୁଜସଙ୍ଗ) ପ୍ରସ୍ତୁତ କରାଯାଏ । ପାଚନଦ୍ରବ୍ୟ ଓ ପାଣିରେ ପୂର୍ଣ୍ଣ ରହହାଣ୍ଡିକୁ ଚୁଲି ଉପରେ ବସାଯାଏ । ତା ଉପରେ ଏକ ମାଟି ହାଣ୍ଡିକୁ ଓଲଟାଇ ରଖାଯାଏ । ହାଣ୍ଡିର ଗୋଟିଏ ପାଖରେ ଗୋଟାଏ କଣା ଥାଏ । ତାହା ଚଳନ୍ତା ପାଣି ବିଗକୁରଖି ଦୁର ହାଣ୍ଡିମୁହଁକୁ ଗୋବର ଜିମ୍ବା ମାଟି ଲିପି ପବନ ଚଳାଚଳ ବନ୍ଦ କରାଯାଏ । ଗରିଆକୁ ଚଳନ୍ତା ପାଣି ଉପରେ ରଖାଯାଏ । ଗରିଆ ମୁହଁ ଓ ମାଟି ହାଣ୍ଡିର ଥିବା କଣାକୁ ଏକ ବାଉଁଶ ନଳା ଦ୍ୱାରା ସଂଯୁକ୍ତ କରାଯାଏ । ମାଣ୍ଡି ହାଣ୍ଡି ଓ ନଳୀର ସଂଯୋଗ ସ୍ଥାନକୁ ଗୋବର ଲିପି ପବନ ଚଳାଚଳ ବନ୍ଦ କରାଯାଏ ଓ ଗରିଆର ମୁହଁକୁ ଜରି ଜିମ୍ବା ପତ୍ର ବାନ୍ଧି ବନ୍ଦ ରଖାଯାଏ । ଚୁଲିରେ କାଠ ଭର୍ତ୍ତି କରି ନିଆଁ ଜଳାଯାଏ । ପ୍ରାୟ ଅଧ ଘଣ୍ଟା ନିଆଁ ଜାଳିଲା ପରେ ରସ ହାଣ୍ଡିରେ ଥିବା ଦ୍ରବ୍ୟ ମିଶା ପାଣି ଆସ୍ତେ ଆସ୍ତେ ବାଷ୍ପିଭୂତ ହୁଏ । ସେହି ବାଷ୍ପ ଉର୍ଦ୍ଧ୍ୱଗାମୀ ହୋଇ ମାଟି ହାଣ୍ଡିର ଉପର ପାର୍ଶ୍ୱରେ ବାଧା ପାଇ ନଳୀ ମଧ୍ୟ ଦେଇ ଗରକୁ ଯାଏ । ସେଠାରେ ବାଷ୍ପ ଥଣ୍ଡା ହୋଇ ଜଳକଣାରେ ପରିଣତ ହୋଇ ମଦ ଆକାରରେ ଗରିଆରେ ସଂଗୃହିତ ହୁଏ । ଏହି ପ୍ରକ୍ରିୟାରେ ପ୍ରାୟ ୨ ଘଣ୍ଟା ମଧ୍ୟରେ ହାଣ୍ଡିରେ ଥିବା ସମସ୍ତ ପାଣି ମଦ ଆକାରରେ ଗରିଆରେ ସଂଗୃହୀତ ହୁଏ । ମଝିରେ ମଝିରେ ଗରିଆରେ ମାପକାଠି (ଲମ୍ବର) ମାରି ମଦର ପରିମାଣକୁ ମପାଯାଏ । ମହୁଲ ମଦ ହୋଇଥିଲେ ପ୍ରାୟ ୮-୯ ଆଙ୍ଗୁଳି ହୁଏ ଓ ଅନ୍ୟ ମଦ ହେଲେ ୨-୬ ଆଙ୍ଗୁଳି ମଧ୍ୟରେ ହେବ । ଗୁଡ଼ମଦ ସବୁଠାରେ ବେଶୀ ହୁଏ । ଏହା ୧୪-୧୫ ଆଙ୍ଗୁଳି ହୋଇଥାଏ । ପେଣ୍ଡମ ମଦ ୬-୭ ଆଙ୍ଗୁଳି ହୁଏ । ଲମ୍ବର ସାହାଯ୍ୟରେ ମଦ ଆଣି ହାତରେ ଦେଇ ଚାଖନ୍ତି କିମ୍ବା ନିଆଁରେ ଜଳାଇ ମଦ ହେବାର ଜାଣିପାରନ୍ତି । ମଦ ହୋଇଗଲା ପରେ ସେହି ମଦକୁ ସୁକୁକ୍ *(ଦୁମ୍ବା ଚଟ୍ଟୁ)* ସାହାଯ୍ୟରେ ବୋତଲରେ ଭର୍ତ୍ତିକରି ଶିଆଡ଼ି ପତ୍ର ଠିପି ଦେଇ ରଖାଯାଏ । ମଦପ୍ରସ୍ତୁତ କରାଯାଉଥିବା ସ୍ଥାନରେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ବିନାମୂଲ୍ୟରେ ମଦପାନ କରିବାକୁ ଦିଆଯାଏ ।

ଶସ୍ୟରୁ ମଦ ପ୍ରସ୍ତୁତି ପାଇଁ ପ୍ରଥମେ ଚାଉଳକୁ ରାନ୍ଧି ପେଣ୍ଡମନା ସିଂ ମିଶାଇ ପେଣ୍ଡମ କରିବା ପ୍ରଣାଳୀରେ ପେଣ୍ଡମ କରାଯାଏ । ସେହି ପେଣ୍ଡମକୁ ପୁଣି ଉପରଲିଖିତ ମଦ ପ୍ରସ୍ତୁତ କରିବା ପ୍ରଣାଳୀରେ ମଦ ତିଆରି କରାଯାଏ ।

ସଂରକ୍ଷଣ ପ୍ରଣାଳୀ :

ସମସ୍ତ ମଦକୁ ଅନେକ ଦିନ ପର୍ଯ୍ୟନ୍ତ ସଂରକ୍ଷଣ କରି ରଖାଯାଇ ପାରେ । ଆମ୍ବ, ମଦ ଓ ପଣସ ମଦ କାଚ ବୋତଲରେ ଭର୍ତ୍ତିକରି ମୁହଁରେ ସିଆଡ଼ି ପତ୍ରର

ଠିପିଦେଇ ୨-୩ ବର୍ଷ ପର୍ଯ୍ୟନ୍ତ ରଖାଯାଇପାରେ । ତେନ୍ତୁଳିମଦ ଓ ଚାଉଳମଦକୁ ମଧ୍ୟ ଏକବର୍ଷ ପର୍ଯ୍ୟନ୍ତ କାଚବୋତଲରେ ଉର୍ଦ୍ଧିକରି ରଖାଯାଏ । ଅନ୍ୟସମସ୍ତ ପ୍ରକାର ମଦକୁ ଅନେକ ଦିନ ପର୍ଯ୍ୟନ୍ତ ରଖିଲେ ତାହା ନଷ୍ଟ ନ ହେଲେ ମଧ୍ୟ ତାକୁ ଅଳ୍ପଦିନରେ ପିଇ ଶେଷ କରିଦିଆଯାଏ ।

ସଳପ ବଣ୍ଡାମାନଙ୍କର ଖୁବ୍ ପ୍ରିୟ ପାନୀୟ । ତେଣୁ ସଳପକୁ ସଂଗ୍ରହ କରିବା ପରେ ପରେ ପିଇ ଶେଷ କରିଦିଆଯାଏ । ଏହାକୁ ୧୫ ଦିନ ପର୍ଯ୍ୟନ୍ତ କାଚ ବୋତଲରେ ଉର୍ଦ୍ଧିକରି ସିଆଡ଼ି ପତ୍ରର ଠିପିଦେଇ ରଖାଯାଇପାରେ । ଅଧିକ ଦିନ ରଖିଲେ ସଳପ ପାଣି ଫାଟି ନଷ୍ଟ ହୋଇଯାଏ ।

ସମସ୍ତ ପ୍ରକାର ହାଣ୍ଡିଆ ୩-୪ ଦିନ ପରେ ନଷ୍ଟ ହୋଇଯାଏ । ତେଣୁ ତାକୁ ୨-୩ ଦିନ ମଧ୍ୟରେ ପିଇ ଜିମ୍ମା ବନ୍ଧୁବର୍ଗମାନଙ୍କ ମଧ୍ୟରେ ବଣ୍ଟନ କରି ଶେଷ କରିଦିଆଯାଏ ।

ବଣ୍ଡାମାନେ ଉପରୋକ୍ତ ସମସ୍ତପ୍ରକାର ପାନୀୟର ସଂରକ୍ଷଣ ପାଇଁ କୌଣସି ପ୍ରକାର ସଂରକ୍ଷଣକାରୀ ଔଷଧ ଦ୍ରବ୍ୟ ବ୍ୟବହାର କରିବାର ଜ୍ଞାନକୌଶଳ ଜାଣନ୍ତି ନାହିଁ ।

ପାନୀୟର ଉପାଦେୟତା : ଉପକାର ଓ ଅପକାର:

ସାଧାରଣତଃ ସଳପ ଓ ହାଣ୍ଡିଆର ଅଧିକ ଉପକାରୀ ଗୁଣ ଓ ମଦର ବେଶୀ ଅପକାରୀ ଗୁଣ ରହିଛି ବୋଲି ବଣ୍ଡାମାନେ ପ୍ରକାଶ କରନ୍ତି । ପାନୀୟର ଖାଦ୍ୟମୂଲ୍ୟ ଓ ଉପକାର ନିମ୍ନରେ ବର୍ଣ୍ଣନା କରାଯାଇଛି ।

- ସଳପକୁ ସକାଳୁ ଓ ସନ୍ଧ୍ୟାରେ ଆବଶ୍ୟକ ପରିମାଣରେ ପିଇଲେ ଲୋକର ପେଟ ଥଣ୍ଡା ରହେ, ଅଧିକ ରକ୍ତ ହୁଏ ଓ ସର୍ବୋପରି ଲୋକର ସ୍ୱାସ୍ଥ୍ୟ ଭଲରହେ ।
- ଗର୍ଭାବସ୍ଥାର ପ୍ରଥମାର୍ଦ୍ଧରେ ଅଳ୍ପ ପରିମାଣରେ ସଳପ ଗର୍ଭବତୀ ମହିଳା ପିଇଲେ ଉଦରସ୍ଥ ଶିଶୁ ହୃଷ୍ଟପୁଷ୍ଟ ହୁଏ ।
- ଆବଶ୍ୟକଠାରୁ ଅଧିକ ସଳପ ପିଇଲେ ମଧ୍ୟ ସ୍ୱାସ୍ଥ୍ୟହାନୀ ହୁଏ ନାହିଁ ବୋଲି ବଣ୍ଡାମାନେ ମଦ ପ୍ରଦାନ କରନ୍ତି ।

- ପେଣ୍ଡମ ପିଇଲେ ପେଟ ପୁରିଯାଏ ଓ ଅନେକ ସମୟ ପର୍ଯ୍ୟନ୍ତ ଭୋକ ଓ ଶୋଷରୁ ରକ୍ଷା ମିଳେ ।
- ପେଣ୍ଡମ ମଧ୍ୟ ପେଟକୁ ଥଣ୍ଡା ରଖେ ଓ କାମ କରିବା ପାଇଁ ପ୍ରଚୁର ଶକ୍ତି ଯୋଗାଏ ।
- ସମସ୍ତ ପ୍ରକାର ପାନୀୟ ଖାଦ୍ୟ ହଜମରେ ସାହାଯ୍ୟ କରେ । ତେଣୁ ଅନେକ ଭୋଜିରେ ଓ ପର୍ବପର୍ବାଣୀରେ ଗରିଷ୍ଠ ଖାଦ୍ୟ ଖାଇବା ପୂର୍ବରୁ ବା ପରେ ପାନୀୟ ସେବନ କରାଯାଇଥାଏ ।
- ପାନୀୟ ସେବନ କଲେ ଦେହ ଓ ମନ ପୂର୍ତ୍ତି ରହେ । ଅଧିକ କାମ କରିବାକୁ ଇଚ୍ଛା ହୁଏ ଏବଂ ଶକ୍ତି ମିଳେ ।
- ଦିନର କଠିନ ପରିଶ୍ରମ ପରେ ସନ୍ଧ୍ୟାରେ ଟିକିଏ ପାନୀୟ ସେବନ ପୂର୍ବକ ବିଶ୍ରାମ ନେଲେ ଦେହର ସମସ୍ତ କଷ୍ଟ ଦୂର ହୋଇଯାଏ, ଦେହ ହାତରୁ ବ୍ୟଥା କମିଯାଏ ଓ ପରଦିନ କାମ କରିବାକୁ ଉତ୍ସାହ ମିଳେ ।
- ପାନୀୟ ସେବନ ଦ୍ୱାରା ମନର ଭୟକୁ ଦୂର କରାଯାଇପାରେ ଫଳରେ କୌଣସି କାମକୁ ହାତକୁ ନିଆଯାଇପାରେ ଓ କୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ କରାଯାଇପାରେ ।
- ପାନୀୟ ପିଇଲେ ଅନେକ ଦିନର ବିସ୍ମୃତି ଘଟଣାମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ମାନସପଟରେ ଉଙ୍କିମାରିଥାଏ ।
- ପ୍ରାୟ ଯେ କୌଣସି ବଣ୍ଡାକୁ ପାନୀୟ ସେବନ କରାଇ ନିଜର କରାଯାଇପାରେ ଓ ତା'ଦ୍ୱାରା ଅନେକ କାର୍ଯ୍ୟ ସାଧନା କରାଯାଇପାରେ ।
- ଏକତ୍ର ପାନୀୟ ସେବନ କରି ଅନେକଦିନର ପୁରୁଣା ହିଂସାଦ୍ୱେଷ, କଳିଗୋଳ ଇତ୍ୟାଦିର ବିଲୋପ କରି ଭାତୃଭାବ, ଏକତାଭାବ ଓ ପରସ୍ପରକୁ ସାହାଯ୍ୟ କରିବାର ମନୋଭାବ ଦୃଢ଼ କରାଯାଇପାରେ ।
- ମୃତ୍ୟୁ ବିୟୋଗର ଦୁଃଖ, ପାରିବାରିକ କଳହର କ୍ଷିପ୍ରତା, ସରକାରୀବାବୁଙ୍କ ଆଗମନରେ ସୃଷ୍ଟ ବ୍ୟସ୍ତତା ଇତ୍ୟାଦିକୁ ଅକ୍ଲେଶରେ ଦୂର କରିପାରେ ଏହି ପାନୀୟ ।
- ବୃଦ୍ଧାବସ୍ଥାରେ ପାନୀୟ ବିଚଳିତ ମସ୍ତିସ୍କକୁ ପ୍ରଶାନ୍ତ କରାଏ, ପଡିତ ଅଙ୍ଗପ୍ରତ୍ୟଙ୍ଗକୁ ବଳଯୋଗାଏ ଓ ମୃତ୍ୟୁ ଡାକରାକୁ ଏଡ଼ାଇ ଯିବା ପାଇଁ କଳ୍ପନାର ସୁରକ୍ଷା ବଳୟ ମଧ୍ୟ ରଚନା କରିପାରେ ।

ଅପକାର :

ଅନୁଧ୍ୟାନ କଲେ ଜଣାଯାଏ ପାନୀୟର ଉପକାର ଅପେକ୍ଷା ଅପକାର ଅଧିକ । ସଳପ ଓ ପେଣ୍ଡୁମଠାରୁ ମଦ ଯେ ଅଧିକ ଅପକାରୀ ଏହା ବଣ୍ଡାମାନେ ପ୍ରକାଶ କରନ୍ତି । ପାନୀୟର କେତେଗୁଡ଼ିଏ ଅପକାର ନିମ୍ନରେ ପ୍ରଦତ୍ତ :-

- ଅତ୍ୟଧିକ ମାଦକ ପାନୀୟ ପାନ ଦ୍ୱାରା ବଣ୍ଡା ବାକଶାଳୀନତା ଓ ହିତାହିତ ଜ୍ଞାନ ହରାଏ, ଫଳସ୍ୱରୂପ ଅନେକ ସମୟରେ କଳିଗୋଳ ଆରମ୍ଭ ହୁଏ ଓ ତାହା ରକ୍ତପାତରେ ଶେଷ ହୁଏ /ଅଯଥାରେ ଧନଜୀବନ ଓ ଶକ୍ତି ନଷ୍ଟ ହୁଏ ।
- ଅତ୍ୟଧିକ ପେଣ୍ଡମ ପିଇଲେ ଝାଡ଼ା ହୁଏ ।
- ଅତ୍ୟଧିକ ମଦ ପିଇଲେ ରକ୍ତ ପତଳା ହୋଇଯାଏ, ଦେହ ଶୁଖିଯାଏ ଟିବି ରୋଗ ହୁଏ । ସର୍ବେପରି ରକ୍ତ ଶୁଖିଗଲେ ଲୋକ ମୃତ୍ୟୁର ଶୀକାର ହୁଏ ।
- ଗୁଡ଼ ମଦ ଅଧିକ ଖାଇଲେ କଲିଜା (ଗିରେ) କଣା ହୋଇଯାଏ ।
- ଅତ୍ୟଧିକ ମଦ୍ୟ ପାନ କରିବା ଦ୍ୱାରା ବଣ୍ଡାମାନେ ନିଶାଗ୍ରସ୍ତ ହୋଇଯାଆନ୍ତି । ଫଳତଃ କାମ କରିବାର ଶକ୍ତି ଲୋପପାଏ ।
- ଅତ୍ୟଧିକ ପାନୀୟ ସେବନ ଦ୍ୱାରା ପୁରୁଣା ରାଗ, ହିଂସା, ଅପମାନ ଆଦିର ପୁନଃସ୍ମରଣ ଘଟେ, ଫଳରେ କଳିଗୋଳ, ଝଗଡ଼ା ଓ ହତ୍ୟାକଟା ଦ୍ୱାରା ଧନଜୀବନ ନଷ୍ଟ ହୁଏ ।

ବିଭିନ୍ନ ସମୟରେ ପାନୀୟ :

୧. ପାନୀୟକୁ ବଣ୍ଡାମାନେ ଦୈନନ୍ଦିନ ଜୀବନରେ ଖାଦ୍ୟରୂପେ ବ୍ୟବହାର କରିପାରନ୍ତି ।

୨. ଜ୍ଞାତିକୁଟୁମ୍ବ, ସାଙ୍ଗସାଥୀ ଓ ନବାଗତ ଅତିଥିମାନଙ୍କୁ ମାଦକ ପାନୀୟ ସେବନ କରାଇ ଅତିଥି ଚର୍ଚ୍ଚା କରାଯାଏ । ପାନୀୟ ଏଠାରେ ଆଧୁନିକ ସଭ୍ୟତାର ଚା, କଫି କିମ୍ବା ମୃଦୁ ପାନୀୟର ଭୂମିକା ଗ୍ରହଣ କରିପାରେ ।

୩. ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ, ଗୁଣିଗାରଡ଼ି ଇତ୍ୟାଦି ସମୟରେ ଦେବା ଦେବୀ, ପିତୃପୁରୁଷ ଓ ଭୂତପ୍ରେତଙ୍କୁ ସନ୍ତୁଷ୍ଟ କରିବା ପାଇଁ ପାନୀୟ ଅର୍ପଣ କରାଯାଇଥାଏ । ତତ୍ ସଙ୍ଗେ ସଙ୍ଗେ ବନ୍ଧୁବର୍ଗ ସାଇପଡ଼ିଶା ଏକତ୍ର ମିଶି ଆନନ୍ଦ ମନରେ ପାନୀୟ ପାନ କରିଥାଆନ୍ତି ।

୪. ଶିଶୁ ଜନ୍ମ ପରେ ସାଇପଡ଼ିଶା ଓ ବନ୍ଧୁବାନ୍ଧବଙ୍କ ସହିତ ସ୍ୱତନ୍ତ୍ରଭାବରେ ଗର୍ଭବତୀକୁ ଶିଶୁ ଜନ୍ମସମୟରେ ସାହାଯ୍ୟ କରିଥିବା ଧାଇବୁଢ଼ୀକ ୨ ବୋତଲ ମଦ ପ୍ରଦାନ କରାଯାଏ ।

୫. କୌଣସି ପୂଜାପାଠ ଗୁଣିଗାରେଡ଼ି ସରିଲା ପରେ କାର୍ଯ୍ୟ ଦିଶାରୀକୁ ଉପହାର ସ୍ୱରୂପ ପାନୀୟ ପ୍ରଦାନ କରିଥାଏ ।

୬. କୌଣସି ଝିଅ ପାଇଁ ବିବାହ ପ୍ରସ୍ତାବ ବଢ଼ା ଗଲାବେଳେ ପୁଅଘର ତରଫରୁ ଏକ ବୋତଲ ମଦ ଓ ଗୋଟିଏ ଚୁଡ଼ି *(ମଙ୍ଗରୋଯ)* ଝିଅ ଘର ସମ୍ମୁଖରେ ରଖିଆସନ୍ତି । ଉକ୍ତ ଚୁଡ଼ିକୁ ଗ୍ରହଣ କରି ଝିଅର ବାପା ମାଆ ଭାଇ ଇତ୍ୟାଦି ଉକ୍ତ ମଦ ପିଇଲେ ପ୍ରସ୍ତାବ ମଞ୍ଜୁର ବୋଲି ବିବେଚନା କରାଯାଏ ।

୭. ପ୍ରସ୍ତାବ ଗ୍ରହଣ ପରେ ଝିଅର ଦାବି ଅନୁସାରେ ପୁଅଘର ଲୋକ ୨-୩ ଗରିଆ ମଦ ଝିଅର ବାପା,ମାଆ, ଭାଇ ଓ ବନ୍ଧୁବର୍ଗଙ୍କ ପାଇଁ ଆଣିଦିଅନ୍ତି । ଏହାକୁ ଆଉଡ଼ କୁହାଯାଏ । ଏହି ମଦକୁ ଗ୍ରାମବାସୀମାନେ ଓ ଝିଅର ବନ୍ଧୁବର୍ଗମାନେ ସେବନ କରିଥାନ୍ତି । ଏତଦ୍ୱାରା ଝିଅର ବିବାହ ଧାର୍ଯ୍ୟ ହୋଇଯାଇଛି ବୋଲି ସମସ୍ତଙ୍କୁ ଜଣାଇ ଦିଆଯାଏ ।

୮. ଅଉଡ଼ର ବର୍ଷେ କିମ୍ବା ଦୁଇବର୍ଷପରେ *(ପୁଅର ସକ୍ଷମାନୁଯାୟୀ)* ଝିଅର ଘର ପାଇଁ ଦୁଇ ଗରିଆ ପୂର୍ଣ୍ଣ ପେଣ୍ଡମ, ଏକ ବୋତଲ ମଦ ଓ ମାଆ ପାଇଁ ପ୍ରଥାନୁସାରେ ଟ.୨.୫୦ ପଇସା ପ୍ରଦାନ କରାଯାଏ । ଏହାକୁ ଶାଗୁର ଟାଙ୍କା କହନ୍ତି । ଏହା ପୂର୍ବରୁ ପୁଅ ଘରବାଲା. ନେଇ ଦେଉଥିବା କୌଣସି ଦ୍ରବ୍ୟ ପ୍ରସ୍ତାବିତ ଝିଅ ଖାଇବ ନାହିଁ କିନ୍ତୁ ଅନ୍ୟମାନେ ଖାଉଥିବେ ।

୯. ବିବାହ ପାଇଁ ପ୍ରସ୍ତାବିତ ଝିଅକୁ ପ୍ରଥମ ଥର ଡ଼ାକି ଆଣିବା *(ଅଜବାଜ)* ପାଇଁ ଗଲାବେଳେ ପୁଅ ଘରୁ ଝିଅଘର ପାଇଁ ଗୋଟିଏ ବଡ଼ ଗରାରେ ପେଣ୍ଡମ ଓ ଏକ ଡୁମ୍ବା ସଜପ ଏବଂ ମଧ୍ୟସ୍ଥି ଘର ପାଇଁ ଗୋଟିଏ ଛୋଟ ହାଣ୍ଡିରେ ପେଣ୍ଡମ ନେଇ ଦେବାର ପ୍ରଥା ବଣ୍ଡାମାନଙ୍କ ମଧ୍ୟରେ ପ୍ରଚଳିତ ।

୧୦. ନୂଆ ବୋହୂକୁ ଡ଼ାକିଆଣିବା *(କିମିଡନ ଅଜଜ)* ଅବସରରେ ବହୁ ଡ଼ାକିବାକୁ ଯାଉଥିବା ସମସ୍ତ ବୁଢ଼ୀ ଓ ବାଳିକାମାନଙ୍କୁ ସ୍ୱତନ୍ତ୍ର ଭାବେ ଉଭୟ ପୁଅ ଓ ଝିଅଘରର ଲୋକମାନେ ପାନୀୟ ପିଆଇ ସନ୍ତୁଷ୍ଟ କରାଇଥାଆନ୍ତି ।

୧୧. ବିବାହର ୨ ସପ୍ତାହ ପରେ ଝିଅ ପ୍ରଥମଥର ବାପଘରକୁ ଫେରିଲା ବେଳେ ପୁଅ ଘରୁ ଭାତ ସହିତ ଗୋଟେ ଡୁମ୍ବା ସଳପ ନେଇ ବାପା ଘରକୁ ଦେଇଥାଏ ।

୧୨. ଜ୍ୱାଇଁ, ଝିଅ ଓ ଅନ୍ୟ ଜଣେ *(ସାଧାରଣତଃ ବରର ଭଉଣୀ)* ପ୍ରଥମଥର ଏକତ୍ର ହୋଇ ଶ୍ୱଶୁର ଘରକୁ ଗଲାବେଳେ ସାଥୀରେ ୨ ଗରିଆ ପେଣ୍ଡମ ସହିତ ଯଥେଷ୍ଟ ପରିମାଣରେ ଭାତ ଓ ତରକାରୀ ନେଇଦେଇଥାଆନ୍ତି ।

୧୩. ପ୍ରସ୍ତାବିତ ଝିଅ ବାପାଘରେ ଥିବା ପର୍ଯ୍ୟନ୍ତ ପୁଅ ସବୁ ପର୍ବପର୍ବାଣୀରେ ଝିଅଘରକୁ ପେଣ୍ଡମ, ମଦ, ସଳପ ସହିତ ଭାତ, ଚାଉଳ ଇତ୍ୟାଦି ନେଇ ଦେଇଥାଏ ।

୧୪. ଜଣେ ମରିଗଲା ପରେ ତାର ବନ୍ଧୁବାନ୍ଧବମାନେ ମୃତ୍ୟୁ ବ୍ୟକ୍ତିର ପରିବାରକୁ ବଡ଼ ବଡ଼ ଡୁମ୍ବାରେ ପାନୀୟ ଉପହାର ନେଇ ଆସିଥାଆନ୍ତି ।

୧୫. କୌଣସି ବଣ୍ଡାଲୋକ ମଲାବେଳେ ସେ ସଳପ ପିଇବାକୁ ମାଗିଥାଏ । ତାକୁ ସଳପ ପିଇବାକୁ ଦେଲେ ସେ ତାକୁ ପିଇ ଶାନ୍ତିରେ ମରିପାରେ ।

୧୬. ପର୍ବପର୍ବାଣୀରେ ବନ୍ଧୁ ବାନ୍ଧବଙ୍କୁ ପାନୀୟ ପିଆଇ ସନ୍ତୁଷ୍ଟ କରାଯାଏ । ଏହି ଅବସରରେ ଅନ୍ୟଗ୍ରାମରୁ ଆସିଥିବା ଲୋକମାନଙ୍କୁ ଗାଁଲୋକମାନେ ଶ୍ରଦ୍ଧାରେ ଡ଼ାକି ପାନୀୟ ଅର୍ପଣ କରିଥାଆନ୍ତି ।

୧୭. ଧାଙ୍ଗଡ଼ି ବସାରେ ଧାଙ୍ଗଡ଼ିମାନେ ଗାତ୍ରରେ ଧାଙ୍ଗଡ଼ାମାନଙ୍କୁ ମଦ, ସଳପ ଓ ହାଣ୍ଡିଆ ଆପ୍ୟାୟିତ କରିଥାନ୍ତି ।

୧୮. କୌଣସି ପ୍ରସ୍ତାବିତ ଝିଅପାଇଁ ପୁଅ ବିଛଣା ବାଉଁଶ ପେଟି ଆଣିଦେବା ବେଳେ ଧାଙ୍ଗଡ଼ିବସାର ଝିଅମାନେ ପୁଅ ଓ ପୁଅର ସାଙ୍ଗସାଥୀଙ୍କୁ ପାନୀୟ ଦେଇ ସନ୍ତୁଷ୍ଟ କରିଥାଆନ୍ତି ।

୧୯. ରାଜନୈତିକ ଜୀବନରେ ପାନୀୟକୁ ଜୋରିମନା ହିସାବରେ ବ୍ୟବହାର କରାଯାଏ ।

୨୦. ହାଟ ବଜାର, ମେଳା ମହୋତ୍ସବ କିମ୍ବା ଘରେ ଯୁବକ ଯୁବତୀମାନଙ୍କୁ ପାନୀୟ ପ୍ରଦାନ କରି ସହଯୋଗୀ ଶ୍ରମ (ନୁଆଁଇ) ପାଇଁ ପ୍ରସ୍ତାବ ବାଢ଼ନ୍ତି ।

୨୧. ସହଯୋଗୀ ଶ୍ରମ ପ୍ରଦାନ ଅବସରରେ ମୁନିବାବା ସାହୁକାର ସମସ୍ତ କର୍ମୀଙ୍କୁ ଉପହାରସ୍ୱରୂପ ପାନୀୟ ପ୍ରଦାନ କରି ସନ୍ତୁଷ୍ଟ କରିଥାଏ ।

୨୨. କଲିଗୋଳ, ହଣାଳଟା ଇତ୍ୟାଦିରେ ସଂପୃକ୍ତ ଥିବା ଉଭୟ ମୁଦେଇ ଓ ମୁଦାଲା ଦଳ ମିଳାମିଶା ହେବା ପାଇଁ ଆଇଡ଼ାକ ଗିଗେ ଆୟୋଜନ କରି ଏକତ୍ର ମଦ, ସଳପ ଓ ପେଣ୍ଡମ ପିଇ ସବୁ ରାଗ, ଦ୍ୱେଷ, ହିଂସା ଓ କଳହର ଅନ୍ତ କରିଥାଆନ୍ତି ।

୨୩. ଶାରିରୀକ ଓ ମାନସିକ କଷ୍ଟ, ଭୟ ଇତ୍ୟାଦିକୁ ଦୂର କରିବା ପାଇଁ ପାନୀୟ ବ୍ୟବହାର କରାଯାଇଥାଏ ।

୨୪. ହାଟବଜାର, ମେଳା ମହୋତ୍ସବ, ପର୍ବପର୍ବାଣୀ ଓ ନାଚଗୀତ ଅବସରରେ ସାଙ୍ଗସାଥୀମାନେ ଏକତ୍ର ପାନୀୟ ସେବନ କରି ଖୁବ୍ ଉପଭୋଗ କରିଥାଆନ୍ତି ।

୨୫. କୌଣସି କ୍ଷତବିକ୍ଷତ କିମ୍ବା ମୃତ ବ୍ୟକ୍ତିକୁ ଡ଼ାକ୍ତରଖାନା କିମ୍ବା ଥାନାକୁ ବୋହି ନେବା ପାଇଁ ବଣ୍ଟା ଲୋକମାନଙ୍କୁ ଭୋଜି ସହିତ ପ୍ରଚୁର ପାନୀୟ ପିଇବାକୁ ଦିଆଯାଇଥାଏ ।

୨୬. ଶବକୁ ପୋଡ଼ିକରି ଆସିଲାପରେ ମୃତ୍ୟୁ ବ୍ୟକ୍ତିର ଜ୍ଞାତିକୁଟୁମ୍ବମାନେ ଆଣିଦେଇଥିବା ପାନୀୟରୁ କିଛି ଶବ ବୋହି ନେଇଥିବା ଲୋକମାନେ ସେବନ କରିଥାଆନ୍ତି ।

ଉପହାର ଓ ଜୋରିମନା ହିସାବରେ ପାନୀୟ :

ନିମ୍ନଲିଖିତ ସମୟରେ ପାନୀୟକୁ ଉପହାର *(ସରଜେଡ଼)* ସ୍ୱରୂପ ବ୍ୟବହାର କରାଯାଏ ।

୧. ଶିଶୁ ଜନ୍ମ ପରେ ଶିଶୁ ଜନ୍ମାବସ୍ଥାରେ ସାହାଯ୍ୟ କରିଥିବା ଧାଇ ବୁଢ଼ୀକୁ ସ୍ୱତନ୍ତ୍ର ଭାବେ ଦୁଇ ବୋତଲ ମଦ ଉପହାର ସ୍ୱରୂପ ପ୍ରଦାନ କରାଯାଏ ।

୨. ପୂଜାପାଠ କିମ୍ବା ଗୁଣୀଗାରେଡ଼ି କରି ସାରିଲା ପରେ ଦିଶାରୀକୁ ପାନୀୟ ଉପହାର ଦିଆଯାଏ ।

୩. ମଦ ପ୍ରସ୍ତୁତ ହେଉଥିବା ସ୍ଥାନରେ କିମ୍ବା ସଳପ ଗଛ ମୂଳେ ବୁଣ୍ଡି ଭୂତ ସମସ୍ତ ବ୍ୟକ୍ତିକୁ ବିନାମୂଲ୍ୟରେ ପାନୀୟ ଅର୍ପଣ କରାଯାଇଥାଏ ।

୪. କୌଣସି ସଳପ ଗଛରୁ ପ୍ରଥମ ଥର ସଳପ ସଂଗ୍ରହ ବେଳେ 'ଗୁପାସା ଗିଗେ' ଅବସରରେ ପୂଜା କରିବା ପାଇଁ ସ୍ୱତନ୍ତ୍ର ଭାବେ ଡ଼କାଯାଇଥିବା ଝିଅକୁ *(ଗୁପାସା କରିବା ପାଇଁ ମୁଦୁରିପଡ଼ାର ଲୋକମାନେ ଏକ ଝିଅକୁ ଡ଼ାକିଥାନ୍ତି)* ଗୋଟେ ତୁମ୍ବା ସଳପ ଉପହାର ଆକାରରେ ଦିଆଯାଇଥାଏ ।

୫. ଘର ତିଆରି ପାଇଁ କାଠ, ବାଉଁଶ କିମ୍ବା ପିରି ଆଣି ଦେଲେ ମକୁରୀ *(କୁଟା)* ସହିତ ପାନୀୟ ଦିଆଯାଏ ।

୬. ଘରଛପର କଲାବେଳେ ଘରଛପର କରୁଥିବା ଲୋକଙ୍କୁ ଖାଦ୍ୟ ସହିତ ଉପହାର ସ୍ୱରୂପ ପାନୀୟ ପିଇବାକୁ ଦିଆଁଯାଏ ।

୭. ସହଯୋଗୀ ଶ୍ରମ ନୁଆଁଇ ପାଇଁ ପ୍ରସ୍ତାବ ବାଢ଼ିବା ସମୟରେ ପାନୀୟର ଉପହାର ଦିଆଯାଏ ।

୮. ସହଯୋଗୀ ଶ୍ରମଦାନ ଅବସରରେ ଭୋଜି ସହିତ ପାନୀୟକୁ ଉପହାର ଆକାରରେ ପ୍ରଦାନ କରାଯାଏ ।

୯. କୁଲି *(କୁଟା)* ଆସିଥିବା ଲୋକକୁ ମକୁରୀ ସହିତ ପାନୀୟ ଉପହାର ଦିଆଯାଏ ।

୧୦. ସୁଆଁ, ମାଣ୍ଡିଆ ଇତ୍ୟାଦି ଶସ୍ୟ ଅମଳରେ ସାହାଯ୍ୟ କରୁଥିବା ଲୋକଙ୍କୁ ପାରିଶ୍ରମିକ ସହିତ ପାନୀୟ ପ୍ରଦାନ କରାଯାଇଥାଏ ।

୧୧. ପର୍ବପର୍ବାଣୀ, ପୂଜାପାଠ, ନାଚଗୀତ ଅବସରରେ ସାଙ୍ଗସାଥୀ ବନ୍ଧୁବାନ୍ଧବଙ୍କୁ ଆମନ୍ତ୍ରଣକରି ସେମାନଙ୍କୁ ମଦପାଣିରେ ସନ୍ତୁଷ୍ଟ କରାଯାଏ ।

୧୨. ବିବାହ ଅବସରରେ ପୁଅଘର ଓ ଝିଅଘର ମଧ୍ୟରେ ଅନେକ ବାର ଉପହାର ଆକାରରେ ମଦର ଆଦାନପ୍ରଦାନ ହୁଏ ।

୧୩. କୌଣସି ବନ୍ଧୁ ଘରକୁ ବୁଲିଯିବାବେଳେ ବଣ୍ଡା ସାଥୀରେ ମଦସଳପ ଦେଇ ବନ୍ଧୁଙ୍କୁ ଭେଟି ଦେଇଥାଏ ଓ ପ୍ରତିବଦଳରେ ବନ୍ଧୁ ମଧ୍ୟ ଅତିଥିକୁ ପାନୀୟ ପିଆଇ ସନ୍ତୁଷ୍ଟ କରିଥାଏ ।

୧୪. ଧାଙ୍ଗଡ଼ିମାନେ ରାତ୍ରରେ ଆସୁଥିବା ଧାଙ୍ଗଡ଼ାମାନଙ୍କୁ ଉପହାରସ୍ୱରୂପ ପାନୀୟ ଦାନ କରିଥାଆନ୍ତି ।

୧୫. ଧାଙ୍ଗଡ଼ିମାନେ ପୁଷ ପରବ ଶେଷରେ ଗାଁ ଗାଁ ବୁଲି ମାଗି ମାଗି ସଂଗ୍ରହ କରିଥିବା ଶସ୍ୟକୁ ମାଘ ପରବ ଓ ଚୈତ ପରବ ଅବସରରେ ପେଣ୍ଡମ୍ ରଛି ଗ୍ରାମବାସୀ ଅନ୍ୟ ଗ୍ରାମରୁ ଆସିଥିବା ଯୁବକ ଓ ଅତିଥିମାନଙ୍କୁ ଉପହାର ସ୍ୱରୂପ ପିଇବାକୁ ଦେଇଥାଆନ୍ତି ।

୧୬. ବିବାହ ପାଇଁ ପ୍ରସ୍ତାବିତ କୌଣସି ଝିଅକୁ ଧାଙ୍ଗଡ଼ିବସାରେ ଶୋଇବା ପାଇଁ ପୁଅ ବାଉଁଶ ପଟି ସହିତ କୁରଡବ *(ଏକ ଘାସ ଏଥିରୁ ମୁଣ୍ଡରେ ପିନ୍ଧିବା ପାଇଁ ଦୁରାନ୍ତୁ*

ତିଆରି କରାଯାଏ), ଶୁଖୁଆ (ଖଜୁରୀପତ୍ର, ଏଥିରୁ ମୁଣ୍ଡରେ ପିନ୍ଧିବା ପାଇଁ ଶୁଖୁଆ ପ୍ରସ୍ତୁତ କରାଯାଏ) ଆଣିଦେଲା ପରେ, ଧାଙ୍ଗଡ଼ି ବସାର ଝିଅମାନେ ମାଛ, ଭାତ ସହିତ ପେଣ୍ଡମ ଉପହାର ପୁଅ ଘରେ ପହଞ୍ଚାଇ ଦେଇଥାନ୍ତି ।

୧୭. କୌଣସି ଅବସରରେ କେହି କାହାରିକୁ ଖୁସିରେ କିମ୍ବା ଶ୍ରଦ୍ଧାରେ ପାନୀୟ ଉପହାର ଦେଇପାରନ୍ତି ।

ଉପହାର ବ୍ୟତୀତ ପାନୀୟକୁ ମଧ୍ୟ ନିମ୍ନଲିଖିତ କର୍ମ ଅବସରରେ ଜୋରିମାନା *(ଜାଲାରୀ)* ସ୍ୱରୂପ ବ୍ୟବହାର କରାଯାଏ ।

୧. ଅତ୍ୟଧିକ ମଦ୍ୟପାନ କରି କୌଣସି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଝଗଡ଼ା ହେଲେ ସମାଧାନ କଲାବେଳେ ପଞ୍ଚାୟତ ଉଭୟଙ୍କଠାରୁ ଜୋରିମନା ସ୍ୱରୂପ ୧୦ଟଙ୍କା ଲେଖାଏଁ କିମ୍ବା ବୋତଲ ଲେଖାଏଁ ମଦ ସଂଗ୍ରହ କରିଥାଏ ।

୨. ବାଡ଼ିରେ ପିଟାମରା ହୋଇ କ୍ଷତବିକ୍ଷତ ହୋଇଥିଲେ ଉଭୟଙ୍କଠାରୁ ୧୦୦ଟଙ୍କା ଲେଖାଏଁ କିମ୍ବା ବେଶି ଦୋଷ କରିଥିବା ଲୋକଠାରୁ ୧୦୦ଟଙ୍କା ସଂଗ୍ରହ କରି ସେହି ଟଙ୍କାର ମଦକିଣି ପଞ୍ଚାୟତରେ ଉପସ୍ଥିତ ବ୍ୟକ୍ତିମାନେ ସେବନ କରିଥାଆନ୍ତି ।

୩. ଛୁରୀ କିମ୍ବା ତୀରରେ ମରାମରି ହୋଇଥିଲେ ଦୋଷୀ ଗୋରୁ, ଛେଳି, ଟଙ୍କା ଜମି ଦେବା ସହିତ ପଞ୍ଚାୟତକୁ ଜୋରିମନା ଆକାରରେ ମଦପ୍ରଦାନ କରେ ।

୪. ନାରୀ ଧର୍ଷଣ ଅପରାଧରେ ଦୋଷୀ ଧର୍ଷିତାକୁ ଗାଈ ବଳଦ ସହିତ ଜୋରିମନା ସ୍ୱରୂପ ପଞ୍ଚକୁ ପାନୀୟପ୍ରଦାନ କରିଥାଏ ।

୫. କୌଣସି ଜମିବାଡ଼ି ଜବରଦସ୍ତି ଅଧିକାର କରିଥିଲେ ଜମିମାଲିକକୁ କୁକୁଡ଼ା ଦେବା ସହିତ ପଞ୍ଚକୁ ମଦ ଦେଇଥାଏ ।

୬. କାହାରି ପୋଷା ଜୀବଜନ୍ତୁ ପିଟି ପିଟି ମାରିଦେଲେ ଜୀବର ମାଲିକକୁ ସମମୂଲ୍ୟର ଜୀବ ଦେବା ସହିତ ଦୋଷୀ ପଞ୍ଚାୟତକୁ ଜୋରିମାନା ହିସାବରେ ମଦ ଦେଇଥାଏ ।

୭. କୌଣସି ଲୋକକୁ ହତ୍ୟା କରି ଜେଲଦଣ୍ଡ ଭୋଗକରି ଫେରିଲା ପରେ ଦୋଷୀ ଓ ନିର୍ଦ୍ଦୋଷ ଉଭୟ ପରିବାରର ମିଳାମିଶା ହୋଇଥାଏ । ଏଥିରେ ଦୋଷୀ ନିର୍ଦ୍ଦୋଷକୁ ଗାଇଗୋରୁ, ଜମି ଓ ଟଙ୍କା ଦେବା ସହିତ ଜୋରିମନା ଆକାରରେ ଗ୍ରାମବାସୀଙ୍କୁ ମଦ ପିଆଇବା ପ୍ରଥା ବଣ୍ଡାମାନଙ୍କ ମଧ୍ୟରେ ରହିଅଛି ।

ଦେବାଦେବୀଙ୍କ ସହିତ ପାନୀୟର ସମ୍ପର୍କ:

ବଣ୍ଡାମାନେ ସ୍ୱଭାବ ବଶତଃ ହୋଇପାରନ୍ତି ବଦ୍‌ରାଗୀ, ସ୍ୱାଭିମାନି, ଅହଂକାରୀ, ସାହସୀ ଇତ୍ୟାଦି କିନ୍ତୁ ସେମାନେ ଯେ ଧର୍ମଭୀରୁ, ଧର୍ମଭୟାଳୁ ଏହା କେହି ଅସ୍ୱୀକାର କରିପାରିବେ ନାହିଁ । ସମସ୍ତ ଠାକୁର ଠାକୁରାଣୀ, ଦେବାଦେବୀ ଓ ଭୂତପ୍ରେତ ଆଦିକୁ ସନ୍ତୁଷ୍ଟ କରିବା ପାଇଁ ପୂଜାର୍ଘ୍ୟ ଅର୍ପଣ କରିବା ସହିତ ନିଜର ଅତିପ୍ରିୟ ମାଦକପାନୀୟ ମଧ୍ୟ ସେହି ଅଦୃଷ୍ଟ ଶକ୍ତି ନାମରେ ଅର୍ପଣ କରିଥାନ୍ତି ।

ସମସ୍ତ ପ୍ରକାର ମଦ, ପେଣ୍ଡମ ଓ ସଳପ ପ୍ରସ୍ତୁତି ପରେ ପ୍ରଥମେ ଦେବାଦେବୀ, ଭୂତପ୍ରେତ ଇତ୍ୟାଦି ଅଶରୀରୀମାନଙ୍କ ଉଦ୍ଦେଶ୍ୟରେ ପାନୀୟ ଅର୍ପଣ କରାଯାଏ । ତାକୁ "ବୁଙ୍ଗସେ" କହନ୍ତି । ଏଥିରେ ଏକ ପତ୍ର ଦନାରେ ଅଳ୍ପ ପାନୀୟ ନେଇ ନିମ୍ନଲିଖିତ ବାକ୍ୟ ଖଣ୍ଡ ଉଚ୍ଚାରଣ କରି ଅଦୃଷ୍ଟ ଶକ୍ତିକୁ ସମର୍ପଣ କରିଥାଆନ୍ତି ।

"ମହାପ୍ରୁ ବୁଙ୍ଗସେ ବୁଙ୍ଗରାଇନି ସାଇଲ ସୁନୁଲ ଡୁମ୍ବାଲ ଡ଼ାଇନିଲ୍ ଏ ରୁଙ୍ଗ ତାଙ୍ଗ ତାଇରେ ମାଇତରି ସାଥୀ ଲ" । ଭାବାର୍ଥ:-

ଟିକିଏ ନଜର କଲେ ଜଣାଯାଏ ସମସ୍ତ ବଣ୍ଡାମାନେ କୌଣସି ପାନୀୟ କୌଣସି ସ୍ଥାନରେ ସେବନ କଲାପୂର୍ବରୁ ଅଶରୀରିଙ୍କ ଉଦ୍ଦେଶ୍ୟରେ ମାଟିରେ ୨-୩ ଟୋପା ପାନୀୟ ପକାଇଲା ପରେ ନିଜେ ପିଇଥାଏ । ଏତଦ୍‌ବ୍ୟତୀତ ପର୍ବପର୍ବାଣୀ ଓ ପୂଜାପାଠ, ଟାଙ୍କାରାଣୀ ବିରୁ, ପାଙ୍ଗଣ ବିରୁ, ଶନିବିରୁ, ଗୁରାଙ୍ଗଗିଗେ ସୁସୁଗିଗେ, ସୁମେଗୋଲିରାଜ ଗିଆଗ୍ ଗିଗେ, କୁମ୍ଭଡ଼ାଗିଗୋ ଇତ୍ୟାଦିକୁ ବିଭିନ୍ନ ଠାକୁର ଠାକୁରାଣୀ, ଦେବାଦେବୀ, ଭୂତପ୍ରେତ ଆଦିକୁ ପାନୀୟ ଅର୍ପଣ ପୂର୍ବକ ସନ୍ତୁଷ୍ଟ କରିବାର ବ୍ୟବସ୍ଥା ବହୁ ପୂର୍ବକାଳରୁ ବଣ୍ଡାମାନଙ୍କ ମଧ୍ୟରେ ଚଳିଆସୁଅଛି ।

ମହିଳା ଓ ପାନୀୟ:

ପୁରୁଷମାନଙ୍କ ପରି ମଧ୍ୟ ବଣ୍ଡା ମହିଳାମାନଙ୍କର ପାନୀୟ ପ୍ରତି ଅଦମ୍ୟ ଆଶକ୍ତି ରହିଛି । ବିଭିନ୍ନ ପୂଜାପାଠ, ପର୍ବପର୍ବାଣୀ, ନାଚଗୀତ ଓ କେତେକ ସ୍ୱତନ୍ତ୍ର କର୍ମକାଣ୍ଡ ଉପଲକ୍ଷେ ସେମାନେ ପାନୀୟ ଗ୍ରହଣ କରିଥାନ୍ତି । ଦୈନନ୍ଦିନ ଜୀବନରେ ମଧ୍ୟ ବଣ୍ଡୁଣୀ ପାନୀୟ ପିଇବାର ଇଚ୍ଛାକୁ ଏଡାଇ ପାରେନାହିଁ । କିନ୍ତୁ ତୁଳନାତ୍ମକ ଭାବେ ବିଚାର କଲେ ଜଣାଯାଏ ବଣ୍ଡା ମହିଳାମାନେ ପୁରୁଷଙ୍କ ଅପେକ୍ଷା କମ୍ ପରିମାଣରେ ପାନୀୟ ସେବନ କରିଥାଆନ୍ତି ।

ଶିଶୁ ଜନ୍ମ ସମୟରେ ସହାଯ୍ୟ କରିଥିବା ମହିଳା *(ଗଲୁଞ୍ଜିଙ୍ଗରେମ)* ମାନଙ୍କୁ ସ୍ୱତନ୍ତ୍ରଭାବେ ପାନୀୟ ପିଇବାକୁ ଦିଆଯାଇଥାଏ । ପ୍ରଥମ ଥର ନୂଆବୋହୂକୁ ଡ଼ାକିଆଣିବାକୁ ଯିବା ଝିଅ ଓ ମହିଳାମାନଙ୍କୁ ଉଭୟ ପୁଅ ଓ ଝିଅଘର ତରଫରୁ ବିଭିନ୍ନ ପ୍ରକାର ପାନୀୟ ଦିଆଯାଇଥାଏ । ଝିଅ ଡ଼ାକିଆଣିଲା ପରେ ନୂଆ ବହୂକୁ ଜଗିବା ପାଇଁ ନିୟୋଜିତ ବାଳିକାମାନଙ୍କୁ ପ୍ରଚୁର ପରିମାଣରେ ପାନୀୟ ପିଇବାକୁ ଦିଆଯାଇଥାଏ । ବିଭିନ୍ନ ପର୍ବପର୍ବାଣୀ ଓ ପୂଜାପାଠରେ ପାଣିଆଣିବା, କାଠ ଆଣିବା, ପତ୍ର ଆଣି ଦନା ତିଆରି କରି ଦେବା ଇତ୍ୟାଦି କାମ କରୁଥିବା ବାଳିକାମାନଙ୍କ ପାଇଁ କାର୍ଯ୍ୟୀ ସ୍ୱତନ୍ତ୍ର ଭାବେ ପାନୀୟର ବ୍ୟବସ୍ଥା କରିଥାଏ । ଅଧିକାଂଶ ସମୟରେ ହାଟ, ବଜାର, ମେଳା, ମହୋତ୍ସବ କିମ୍ବା ଘରେ ଯୁବତୀମାନଙ୍କୁ ପାନୀୟ ପ୍ରଦାନ କରି ସହଯୋଗୀ ଶ୍ରମ ପାଇଁ ପ୍ରସ୍ତାବ ମଞ୍ଜୁର କରାଇଥାନ୍ତି । ସହଯୋଗୀ ଶ୍ରମ ଅବସରରେ ସାହୁକାର ସମସ୍ତ ପୁଅ ଝିଅମାନଙ୍କୁ ପାଇଁ ଭୋଜି ସହିତ ପାନୀୟର ଆୟୋଜନ କରିଥାଏ । ମୁଦୁଲିପଡ଼ାରେ ନୂଆ ସଳପ ଗଛ କାଟିଲା ବେଳେ ଗୁଫାସା କରିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ଅବିବାହିତ ବାଳିକାକୁ ଡାକି ତା ଦ୍ୱାରା ପୂଜାପାଠ କରାଯାଏ । ପୂଜା ପରେ ତାକୁ ଏକ ଗୁମ୍ବାରେ ଭର୍ତ୍ତି ସଳପ ଦିଆଯାଏ । ତାହା ସେ ଏକୁଟିଆ ପିଏ । ବିଭିନ୍ନ ପର୍ବପର୍ବାଣୀର ନାଚଗୀତ ବେଳେ ମହିଳାମାନେ ଅତ୍ୟଧିକ ପାନୀୟ ସେବନ କରି ବାଦ୍ୟର ତାଳେ ତାଳେ ନାଚିଥାଆନ୍ତି । ହାଟ ବଜାରରେ ମନ ମଉଜ ପାଇଁ ମଧ୍ୟ ଝିଅମାନେ ପଇସା ଠୁଳ କରି ଏକାଠି ମନ ଆନନ୍ଦରେ ମଦ ପିଇ ଢ଼ଳଢ଼ଳି ଘରକୁ ଫେରନ୍ତି ।

ପୁରୁଷ ଓ ପାନୀୟ :

ସକାଳୁ ସକାଳୁ ସଳପଗଛ ମୂଳକୁ ଯାଇ ସଲପ ଗଛମୂଳେ ଗପି ଗପି ପେଟେ ପିଇଦେଇ ଗାଁକୁ ଫେରି ସିନ୍ଧିବୋରରେ ଟିକେଏ ଘୁମାଇ ପଡ଼ିଲେ ଖୁବ୍ ଶାନ୍ତି ଲାଗେ । ତା'ପରେ ଏକ ଉତ୍ତମ ମାଂସ ଭାତ ଭୋଜନ ଖାଇ ନିଜ ସ୍ତ୍ରୀ ସହିତ ଏକୁଟିଆ ଶୟନ କରି ସନ୍ଧ୍ୟାରେ ପୁଣି ସଳପ ଗଛ ମୂଳକୁ ଯାଇ ଟିକିଏ ସଲପ ପିଇପାରିଲେ ସେହି ଦିନକୁ ବଣ୍ଡା ଏକ ଉତ୍ତମ ଦିନ ବୋଲି ବିଚାର କରେ । ଏଥିରୁ ଅନୁମାନ କରାଯାଏ ପାନୀୟ ବିନା ବଣ୍ଡାର ଦିନ ଭଲରେ କଟେ ନାହିଁ । ସତରେ ବଣ୍ଡା ପୁରୁଷ ଦିନର କୌଣସି ସମୟର ମଦ ନିଶାରେ ଉବୁଟୁବୁ ହୋଇ ଇତସ୍ତତ ହୋଇ ବୁଲୁଥିବାର କିମ୍ବା ସିନ୍ଧିବୋରରେ ଡଦ୍ରା ଯାଇଥିବାର ଦେଖିବାକୁ ମିଳେ । ସକାଳେ ଓ ସନ୍ଧ୍ୟାରେ ବଣ୍ଡା ଟିକିଏ ମଦ ନ ପିଇଲେ କିମ୍ବା ସଳପ ଗଛ ମୂଳକୁ ନ ଗଲେ ସତେ ଯେମିତି ତା'ର

ଦିନ ଅଟକିଯାଏ । ଏହା ମଧ୍ୟ ନିଃସନ୍ଦେହରେ କୁହାଯାଇ ପାରେ ବଣ୍ଡା ବଣ୍ଡୁଣୀ ଅପେକ୍ଷା ଖୁବ୍ ଅଧିକ ପାନୀୟ ସେବନ କରିଥାଏ ।

ଦୈନନ୍ଦିନ ଜୀବନରେ, ବିଭିନ୍ନ ପର୍ବପର୍ବାଣୀ, ପୂଜାପାଠ, ନାଚଗୀତ, ଇତ୍ୟାଦି ଅବସରରେ ବଣ୍ଡା ପୁରୁଷମାନେ ପ୍ରଚୁର ପରିମାଣରେ ପାନୀୟ ଗ୍ରହଣ କରିଥାଆନ୍ତି । କର୍ମକ୍ଲାନ୍ତ ଜୀବନରୁ ବିରତି ପରେ ସନ୍ଧ୍ୟାରେ ବଣ୍ଡାପୁରୁଷ ଟିକିଏ ପାନୀୟ ପିଇ ଦେହହାତ କଷ୍ଟ ଦୂରକରେ । ବଣ୍ଡା ଯୁବକମାନେ ସନ୍ଧ୍ୟାରେ ଭଲକରି ପାନେ ଚଢ଼େଇଦେଇ ବୀର ଦର୍ପରେ ଆଗରେ ଯାଆନ୍ତି ଧାଙ୍ଗଡ଼ିବାସ ଆଡ଼େମନର ମାନସୀଙ୍କୁ ବୁଝାଇସୁଝାଇ ଘରକୁ ବୋହୁ କରି ନେଇଆସିବା ପାଇଁ । ଜୀବନଚକ୍ରରେ ବିଭିନ୍ନ ସ୍ୱତନ୍ତ୍ର କର୍ମକାଣ୍ଡ ଯଥା ଲୁତିକିଆ, ବାହାଘର ଇତ୍ୟାଦିରେ ବଣ୍ଡା ଆକଣ୍ଠ ପାନୀୟ ପାନ କରି ଆନନ୍ଦରେ ମସଗୁଲ୍ ହୋଇଯାଏ । କୌଣସି ଲୋକର ବିୟୋଗରେ ବଣ୍ଡା ପୁରୁଷ ପାନୀୟ ସେବନ କରି ଭୁଲିଯାଏ ସବୁ ଦୁଃଖକଷ୍ଟ, ଶୋଚନା ଅନୁଶୋଚନା ।

ସାଇପଡ଼ିଶା, ବନ୍ଧୁ ବାନ୍ଧବଙ୍କ ବିପଦ ସମୟରେ ବଣ୍ଡା ଅଣ୍ଡାରେ ଲୁଗାଭିଡ଼ି ଆଗକୁ ବାହାରି ଆସେ କିନ୍ତୁ ଆଗ ପାନୀୟ ସେବନ ପରେ ସବୁକାମ । ଧାଙ୍ଗଡ଼ିବସାରୁ ଜବରଦସ୍ତ ଧାଙ୍ଗଡ଼ି ଉଠାର ଆଣିବା, ଅପରାଧୀ ଘରୁ ବଳପୂର୍ବକ ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା ଆଦି ଲୁଟି ଆଣିବା, ନିଜ ସ୍ତ୍ରୀକୁ ଅନ୍ୟପୁରୁଷ ଟାଣିନେଇଗଲେ ମନଇଚ୍ଛା ତା ଘରୁ ଗାଈଗୋରୁ ଛେଳି ଆଦି ନେଇଆସିବା, କେହି ଅପମାନ କଲେ ତା'ର ପ୍ରତିଶୋଧ ନେବା, ଗଣ୍ଡଗୋଳ ଓ ବିଦ୍ଧାବିଦ୍ଧିରେ କ୍ଷତବିକ୍ଷତ ହୋଇଥିବା ଲୋକକୁ ଚିକିତ୍ସା ପାଇଁ ଡ଼ାକ୍ତରଖାନା ନେବା, ଅସ୍ତ୍ରାଘାତରେ ମୃତ ବ୍ୟକ୍ତିକୁ ଶବ ବ୍ୟବଚ୍ଛେଦ ପାଇଁ ଡ଼ାକ୍ତରଖାନା ଜିମ୍ମା ଥାନାକୁ ନେବା, ଶବକୁ ମଶାଣିକୁ ବୋହିନେବା ଇତ୍ୟାଦି ଦୁଃସାହସିକ କାର୍ଯ୍ୟରେ ବଣ୍ଡା ପୁରୁଷ ପରସ୍ପରକୁ ସାହାଯ୍ୟ କରନ୍ତି । କିନ୍ତୁ ପ୍ରତିବଦଳରେ ଯଥେଷ୍ଟ ପରିମାଣରେ ପାନୀୟର ଆୟୋଜନ ହେବା ନିତ୍ୟାନ୍ତ ଦରକାର ।

ଛୋଟ ବଡ଼ କୌଣସି ବିରୁ ପରେ ବଣ୍ଡା କାର୍ଯ୍ୟୀ ଭୂଇରେ ସୁନ୍ଦା ଦିଶାରୀକୁ ପାନୀୟ ଦେବା ପାଇଁ କେବେ ପାଶୋରି ଯାଏନାହିଁ । କୌଣସି ବଣ୍ଡା ପୁରୁଷ ଅନ୍ୟକୌଣସି ଲୋକଙ୍କୁ ମାରିବା ପାଇଁ ଯୋଜନା କରି ମାରିବା ପୂର୍ବରୁ ଆକଣ୍ଠ ପାନୀୟ ପାନ କରି ମନରୁ ସମସ୍ତ ଭୟ ଦୂର କରିଥାଏ । ସେହିପରି ଜେଲ ଗଲାପୂର୍ବରୁ ମନଇଚ୍ଛା ପାନୀୟ ପିଇ ଜେଲ ଯାଉଥାଏ ।

ସର୍ବାଧିକ ଉପଲବ୍ଧିର ସମୟ :

ପ୍ରାୟ ବର୍ଷସାରା ସବୁବେଳେ କୌଣସି ନା କୌଣସି ମଦ ପ୍ରସ୍ତୁତ କରାଯାଉଥାଏ । ଋତୁ ଅନୁଯାୟୀ ପ୍ରାପ୍ତ ବିଭିନ୍ନ ଫଳରୁ ମଦ ତିଆରି କରିଥାନ୍ତି । କିନ୍ତୁ ଅନେକ ସମୟରେ ମଧ୍ୟ ମହୁଲ ଓ ଗୁଡ଼ ବଜାରରୁ କିଣି କିମ୍ବା ଚାଉଳରୁ ମଧ୍ୟ ବର୍ଷସାରା ମଦ ପ୍ରସ୍ତୁତ କରାଯାଇଥାଏ । ତେଣୁ ମଦ ବର୍ଷର କୌଣସି ସମୟରେ ଉପଲବ୍ଧ ହୋଇପାରେ । କିନ୍ତୁ ବର୍ଷାଦିନେ ମଦ ସର୍ବାଧିକ ଉପଲବ୍ଧ ହୁଏ ।

ପୁଷ (ପୁଷ) ମାସଠାରୁ ଆରମ୍ଭ କରି ବୈଶାଖ (ବୈଶାକ୍) ମାସ ପର୍ଯ୍ୟନ୍ତ ପ୍ରଚୁର ସଳପ ସଂଗ୍ରହ କରାଯାଇଥାଏ । ଏହା ବ୍ୟତୀତ ଆଶ୍ୱିନ (ଦଶରା) କାର୍ତ୍ତିକ(ଦିଆଲି), ମାର୍ଗଶୀର (ପାଣ୍ଡ) ଓ ଜ୍ୟେଷ୍ଠ(ଲାଣ୍ଡି) ମାସରେ ଅଳ୍ପ ପରିମାଣରେ ସଳପ ଉପଲବ୍ଧ ହୋଇଥାଏ ।

କିନ୍ତୁ ପର୍ବପର୍ବାଣୀ, ପୂଜାପାଠ ତଥା ସ୍ୱତନ୍ତ୍ର କର୍ମକାଣ୍ଡ ସହିତ ସଂପୃକ୍ତ ହାଣ୍ଡିଆ *(ପେଣ୍ଡମ)* । ଏହା ବର୍ଷର କୌଣସି ସମୟରେ ତିଆରି କରାଯାଇପାରେ । ମୁଖ୍ୟତଃ ଗୁପାସିଂ *(ଏକୋଇଗିଆ)* ଅଇବର ଭୋଜି *(କନ୍ୟା ଡ଼ାକିଆଣିବା ପାଇଁ ଭୋଜି)* ସୁମେଗେଲିରାକ୍ *(ପୁଷପରବ)*, ସୁସୁଗିଗେ *(ମାଘପରବ)*, ଗିଆଗିଗେ *(ଚୈତ ପରବ)*, କୁମ୍ଭକଡ଼ା ଗିଗେ *(ଦଶରା ପରବ)*, ବୁଙ୍ଗାସେ *(ନୂଆଖାଇ)*, ଶନିବିରୁ ଇତ୍ୟାଦି ପୂଜାପାଠ ଅବସରରେ ନିଶ୍ଚିତଭାବେ ପେଣ୍ଡମ ରନ୍ଧା ହୋଇଥାଏ । ଏତଦ୍‌ବ୍ୟତୀତ ନୂଆଇଁ ନେଲାବେଳେ *(ସହଯୋଗୀ ଶ୍ରମୀମାନେ କାମ କଲାବେଳେ)*, ସାଣ୍ଟୁଙ୍ଗାୟେଁର *(ଅନ୍ୟ ଏକପ୍ରକାର ସହଯୋଗୀ ଶ୍ରମ)* ବେଳେ, ପୁଅ ଜନ୍ମ। ଘରକୁ ନେଇ ଦେବାପାଇଁ କିମ୍ବା ମନଖୁସିରେ ଘରେ ଖାଇବା ପାଇଁ କୌଣସି ସମୟରେ ପେଣ୍ଡମ ପ୍ରସ୍ତୁତ କରି ସେବନ କରାଯାଇପାରେ ।

ସର୍ବାଧିକ ସେବନର ସମୟ :

ମଦ ବର୍ଷସାରା ସେବନ କରାଯାଇଥାଏ, କିନ୍ତୁ ବର୍ଷା ଦିନେ ସର୍ବାଧିକ ସେବନ କରାଯାଏ ବୋଲି ବଣ୍ଡାମାନେ ମତ ପ୍ରକାଶ କରିଥାଆନ୍ତି । ସଳପ ପୁଷ *(ପୁଷ)* ମାସଠାରୁ ବୈଶାଖ *(ବେଶାକ୍)* ମାସ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ ମିଳୁଥିବାରୁ ଏହି ସମୟରେ ବଣ୍ଡା ସଳପରେ ବୁଡ଼ିରହେ । ଆଶ୍ୱିନ *(ଦଶରା)*, କାର୍ତ୍ତିକ *(ଦିଆଲି)*, ମାର୍ଗଶୀର *(ପାଣ୍ଡୁ)*. ଜ୍ୟେଷ୍ଠ *(ଲାଣ୍ଡି)* ମାସମାନଙ୍କରେ ଅଳ୍ପ ପରିମାଣରେ ସଳପ

ମିଳୁଥିବାରୁ ବଣ୍ଡାମାନେ ଅଳ୍ପ ପରିମାଣରେ ସଲପ ସେବନ କରିଥାଆନ୍ତି । ଆଶ୍ୱିନ *(ଡଶରା)* ମାସଠାରୁ ଚୈତ୍ର *(ଚୈତ)* ମାସ ପର୍ଯ୍ୟନ୍ତ ବଣ୍ଡାମାନେ ବିଭିନ୍ନ ପର୍ବପର୍ବାଣୀ ପାଳନ କରିଥାଆନ୍ତି । ତେଣୁ ସେହି ସମୟମାନଙ୍କରେ ବେଶୀ ପେଣ୍ଡମ ପ୍ରସ୍ତୁତ କରାଯାଏ । ଫଳରେ ସେହି ସମୟମାନଙ୍କରେ ସର୍ବାଧିକ ପେଣ୍ଡମ ସେବନ କରାଯାଏ । ପର୍ବପର୍ବାଣୀ ବ୍ୟତୀତ ଗୁପାସିଂ, ଅଇବଇ ଭୋଜି, ବୁଙ୍ଗସେ, ଶନିବରୁ ଆଦି ପୂଜାପାଠ ବେଳେ ପେଣ୍ଡମ ନିଶ୍ଚିତ ରୂପେ ପ୍ରସ୍ତୁତ କରାଯାଇ ସେବନ କରାଯାଏ । ସହଯୋଗୀ ଶ୍ରମବିନିମୟ କରି ଯେତେବେଳେ ଦଳେ ବଣ୍ଡା କୌଣସି ଲୋକର କୌଣସି କାର୍ଯ୍ୟ କରିଦିଅନ୍ତି ସେତେବେଳେ ସାହୁକାର ସମସ୍ତଙ୍କୁ ପେଣ୍ଡମ କିମ୍ବା ମଦରେ ସନ୍ତୁଷ୍ଟ କରିଥାଆନ୍ତି । ନାଚଗୀତ ସମୟରେ ଅତ୍ୟଧିକ ପରିମାଣରେ ପାନୀୟ ଗ୍ରହଣ କରିଥାଆନ୍ତି । କୌଣସି ଦୁଃଶାହସିକ କାର୍ଯ୍ୟ ଯଥା ବିବାହ ପାଇଁ ଧାଙ୍ଗଡ଼ିକୁ ଜବରଦସ୍ତ ଉଠାଇ ଆଣିବା, ଅପରାଧୀ ଘରୁ ବଳପୂର୍ବର ଗୋରୁଗାଈ ଆଦି ସମ୍ପତ୍ତି ନେଇଆସିବା, ସ୍ତ୍ରୀ ଅପହରଣକାରୀର ଧନସଂପଦ ଲୁଟି ଆଣିବା, ବଳପୂର୍ବକ କନ୍ୟା ଧନ ଫେରାଇ ଆଣିବା, କାହାରି ପ୍ରତିଶୋଧ ନେବା, କାହାରିକୁ ଯୋଜନା କରି ହତ୍ୟା କରିବା ଇତ୍ୟାଦି ପୂର୍ବରୁ ସର୍ବାଧିକ ପାନୀୟ ସେବନ କରାଯାଇଥାଏ । ସେହିପରି ଜେଲଗଲା ପୂର୍ବରୁ ମଧ୍ୟ ମନ ଶାନ୍ତି କରି ମାଦକ ପାନୀୟ ସେବନ କରାଯାଇଥାଏ ।

●●●

ଯୁବ ଶୟନାଗାର

ଯୁବ ଶୟନାଗାର: ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ:

କେଉଁ ଏକ ଆବହମାନ କାଳରୁ ବଣ୍ଡା ସମାଜରେ ଯୁବଶୟନାଗାର (ଇଙ୍ଗୋରସୁଙ୍ଗ) ରହିଆସୁଛି । ଯୁବଶୟନାଗାର କହିଲେ ବଣ୍ଡାମାନେ ବାଳିକା ଶୟନାଗାରକୁ ବୁଝନ୍ତି ଓ ଦେଶୀୟା ଭାଷାରେ ଧାଙ୍ଗଡ଼ିବସା କହନ୍ତି । ଯୁବକମାନେ ରାତ୍ରରେ ଏକତ୍ର ଶୟନ କରିବା ପାଇଁ ସ୍ୱତନ୍ତ୍ର ଗୃହ ଧାଙ୍ଗଡ଼ାବସା ପ୍ରାୟ ଦେଖାଯାଏ ନାହିଁ । ତେବେ ଧାଙ୍ଗଡ଼ିବସା କହିଲେ ଏକ ନିର୍ଦ୍ଦିଷ୍ଟ ଗୃହକୁ ବୁଝାଏ ଯେଉଁଠାରେ ଗ୍ରାମର ଯୁବତୀମାନେ ରାତ୍ରରେ ଏକତ୍ର ଶୟନ କରନ୍ତି । ଏହା ଯେ କେବଳ ଏକ ଶୟନାଗାର ତାହା ନୁହେଁ, ଅଧିକନ୍ତୁ ଏହା ଏକ ଅତ୍ୟାଧୁନିକ ଯୁଗର ବିବାହ ଘଟସୂତ୍ର କାର୍ଯ୍ୟାଳୟ ପରି କାର୍ଯ୍ୟ କରିଥାଏ । ଏହିଠାରେ ହିଁ କରାଯାଏ କନ୍ୟା ମନୋନୟନ ସ୍ଥାପନ ହୁଏ ପ୍ରେମ ଓ ପ୍ରଣୟର ମୂଳଦୁଆ, ନିର୍ବାଚନ କରାଯାଏ ଜୀବନ ସାଥୀ ସର୍ବୋପରି ମନୋରଞ୍ଜନ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ । ଏତଦ୍‌ବ୍ୟତୀତ ଏଠାରେ ସାମଜିକରଣ, ବିଭିନ୍ନ ବିଷୟରେ ଜ୍ଞାନ କୌଶଳ ଶିକ୍ଷା, ଭବିଷ୍ୟତରେ ସୁଖମୟ ଜୀବନ ଯାପନ କରିବାର ପ୍ରଣାଳୀ ଶିକ୍ଷା, ଏକତ୍ର ହୋଇ କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଇତ୍ୟାଦି କାର୍ଯ୍ୟମାନ ସଂପାଦନ କରାଯାଇଥାଏ ।

ନିମ୍ନଲିଖିତ କେତେକ କାରଣ ଯୋଗୁଁ ଧାଙ୍ଗଡ଼ିବସାର ଉତ୍ପତ୍ତି ହୋଇଥିବା କଥା ଅନୁମାନ କରାଯାଏ । ପ୍ରଥମତଃ, ବଣ୍ଡା ସମାଜରେ ଗୋଟିଏ ଗ୍ରାମରେ ମୁଖ୍ୟତଃ ଗୋଟିଏ ବଂଶ ବା ଗୋତ୍ରର ଲୋକ ବସବାସ କରିଥାଆନ୍ତି । ଗୋଟିଏ କୁଦା / ଗୋତ୍ରରେ ବିବାହ କରିବା ବଣ୍ଡାମାନଙ୍କ ପାଇଁ ନିଷେଧ । ଗାଁର ସମସ୍ତ ଯୁବକ ଯୁବତୀ ପରସ୍ପରର ଭାଇ ଭଉଣୀ । ତେଣୁ ଗ୍ରାମ ମଧ୍ୟରେ ବିବାହ କରିବା (କେବଳ ଅଣ୍ଡାହଲ ଗ୍ରାମ ବ୍ୟତୀତ) ସଂସ୍କୃତି ସ୍ୱୀକୃତି ନୁହେଁ ପରନ୍ତୁ ଦୋଷାବହ । ତେବେ ଗାଁର ଝିଅମାନେ ବିବାହ କରିବେ କିପରି ? ବିଚାର ବିମର୍ଷ ପୂର୍ବକ ଏକ ଗୃହ ନିର୍ମାଣ କରାଗଲା । ସେଠାରେ ସମସ୍ତ ଅବିବାହିତ ଝିଅ ରାତ୍ରରେ ଏକାଠି ହୋଇ ଶୋଇଲେ ଓ ଅନ୍ୟ ଗ୍ରାମର ପୁଅମାନେ ସେଠାକୁ ଆସି କନ୍ୟା ମନୋନୟନ କରି ବିବାହ-ପାଇଁ ପ୍ରସ୍ତାବ ଆଗତ କରେ ।

ଦ୍ୱିତୀୟତଃ, ବଣ୍ଡାମାନେ ଖୁବ୍ ଛୋଟ ଛୋଟ ଘର ତିଆରି କରିଥାନ୍ତି । ଏଥିରେ ମୁଖ୍ୟ ଗୃହ ହିସାବରେ ମାତ୍ର ଗୋଟିଏ କୋଠରୀ ଥାଏ । ପ୍ରାପ୍ତ ବୟସ୍କ ଝିଅପୁଅମାନେ ଘରେ ବାପାମାଆଙ୍କ ସହିତ ଶୋଇବାକୁ ସରମ ଅନୁଭବ କରନ୍ତି । ତେଣୁ ସେମାନେ ଏକତ୍ର ହୋଇ କୌଣସି ଏକ ଗୃହରେ ଶୟନ କଲାପରେ ତା'ର ଫଳସ୍ୱରୂପ ଆଜିର. ଯୁବଶୟନାଗାରର ସୃଷ୍ଟି ବୋଲି ପୁରୁଖା ବଣ୍ଡାଲୋକମାନେ ମତ ଦିଅନ୍ତି ।

ତୃତୀୟତଃ, ବଣ୍ଡାମାନେ ଖୁବ୍ ଧର୍ମଭୀରୁ । ଭୂତ ପ୍ରେତ (ତୁମା)ର ନାଁ ଶୁଣିଲେ ଅତ୍ୟନ୍ତ ଶଙ୍କିଯାଏ ବଣ୍ଡା । କୌଣସି ବିବାହିତ ପୁରୁଷ ମୃତ୍ୟୁ ପରେ ସେ ପ୍ରେତ ରୂପେ ଏକୁଟିଆ ଥିବା ତା'ର ଜୀବିତ ସ୍ତ୍ରୀ ପାଖକୁ ଆସି ଅନେକ ଉପଦ୍ରବ କରେ ବୋଲି ବଣ୍ଡାମାନଙ୍କର ଦୃଢ଼ ବିଶ୍ୱାସ । ତେଣୁ ବିଧବା ସ୍ତ୍ରୀକୁ ଅଭୟ ପ୍ରଦାନ ନିମନ୍ତେ ପ୍ରଥମେ ବାଇକାମାନେ କୌଣସି ବିଧବା ମହିଳା ଘରେ ଶୋଇବା ଆରମ୍ଭ କରିଥିଲେ ଓ ବିଧବାକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ ଜଲେ । ତାହା କାଳକ୍ରମେ ସେଲାନିଡ଼ିଙ୍ଗୋରେ ପରିଣତ ହେଲା ।

ଯୁବଶୟନାଗାରର ଉତ୍ପତ୍ତି ଓ ଇତିହାସ ବିଷୟରେ ପଡ୍ଡେରଗୁଡ଼ାର ଜଣେ ବୃଦ୍ଧ ବ୍ୟକ୍ତି ଇଛିମି ମୁଦୁଲି (ଡାକ ନାଆଁ କୋଡ଼ିଏ ବର୍ଷିଆ, ବୟସ ପ୍ରାୟ ୭୮ ବର୍ଷ) ନିମ୍ନମତେ ବର୍ଣ୍ଣନା କରନ୍ତି ।

ଦିନେ କେତେଜଣ ଭାଇ ଏକତ୍ର ହୋଇ ଜଙ୍ଗଲକୁ ଶୀକାର କରିବା ପାଇଁ ଯାଇଥିଲେ । ଜଙ୍ଗଲରେ ଶୀକାର ଅନୁସନ୍ଧାନରେ ଭ୍ରମଣ କରୁ କରୁ ମାଟି ଖୋଳଯାଇ ଏକ ବିରାଟ ଗର୍ତ୍ତରେ ଗୃହ ନିର୍ମାଣ କରାଯାଇଥିବାର ଦେଖି ଆଶ୍ଚର୍ଯ୍ୟ ହେଲେ । ପରେ ସେଥିରେ ମହାପ୍ରଭୁ ବାସ କରୁଥିବାର ଦେଖି ଖୁବ୍ ଆନନ୍ଦିତ ହେଲେ । ସେମାନେ ବିଚାରଜଲେ ମାଟିଖୋଳି ଏହିପରି ଗୃହନିର୍ମାଣ ଜଲେ ଗୃହ ଖୁବ୍ ଗରମ ଲାଗିବ ଫଳତଃ ଶୀତଦିନରେ ହାଡ଼ଉଜୁଡା ଶୀତର ପ୍ରକୋପରୁ ଟିକିଏ ରକ୍ଷା ମିଳିବ । ତେଣୁ ଭାଇମାନେ ଜଙ୍ଗଲରୁ ଫେରି ନିଜ ରହିବା ପାଇଁ ସେହିପରି ଏକ ଗୃହ ନିର୍ମାଣ ନିମନ୍ତେ ସ୍ଥାନ ନିରୂପଣ କରି ମାଟି ଖୋଳିବାରେ ଲାଗିପଡ଼ିଲେ । କିନ୍ତୁ ଟିକିଏ ଗଭୀର ଖୋଳିଲା ପରେ ଶକ୍ତ ପ୍ରସ୍ତର ଆବରଣ ସେମାନଙ୍କ କାର୍ଯ୍ୟକୁ ବାଧାଦେଲେ। । ସେମାନେ ସେଦିନ କର୍ମରୁ ବିରତି ନେଲେ । ଭାଳେଣି ପଡ଼ିଲା ଯେ କିପରି ଗୃହ ନିର୍ମାଣ ହେବ । ରାତ୍ରରେ ବୁଢ଼ାସଙ୍ଗ ପିଶା (ପୂଜାରୀ)କୁ ସ୍ୱପ୍ନରେ କହିଲେ "ତୁ ମତେ ବଳି ପ୍ରଦାନ କର । ଗର୍ତ୍ତଗୃହ

ଠିକ୍ ହୋଇଯିବ ।" ପରଦିନ ସକାଳୁ ଶିଶା ବୁରସଙ୍ଗଙ୍କ ନାମରେ ଏକ କୁକୁଡ଼ା ଓ ଗ୍ରାମଦେବୀ ଅଣ୍ଡିଙ୍କ ନାମରେ ଏକ ଅଣ୍ଡା ପ୍ରଦାନ କଲେ। ଏହାପରେ ବୁରସୁଙ୍ଗ ଓ ଅଣ୍ଡିକୁ ପୂଜା ନ ଦେଲେ ଗର୍ତ୍ତଗୃହ କରାଯାଏ ନାହିଁ । ମୃତ୍ତିକା ଖନନ ସୁରୁଖୁରୁରେ ଶେଷ ହେଲା । ଗର୍ତ୍ତକୁ ଘୋଡ଼ାର ଏକ ଛପର ତିଆରି ହେଲା ଓ ଏକ ଛୋଟ ଗଛା ବାଟ ରଖାଗଲା । ତଳୁ ଉପରକୁ ଯିବା ଆସିବା କରିବା ପାଇଁ କାଠର ଏକ ସିଡ଼ି ବ୍ୟବହାର କରାଗଲା । ଏହି ଗୃହକୁ ବଣ୍ଡାଭାଷାରେ ଡୁଡୁଙ୍ଗ କହିଲେ । କାଳକ୍ରମେ ଏହି ଗୃହକୁ ଧାଙ୍ଗଡ଼ିବସା ରୂପେ ବ୍ୟବହାର କରାଗଲା । ଗ୍ରାମର ବାହାରେ ଜଙ୍ଗଲର ପାଦ ଦେଶରେ ଓ ପାଣି ମିଳୁଥିବା ଏକ ନିକଟବର୍ତ୍ତୀ ସ୍ଥାନରେ ଡୁଡୁଙ୍ଗ ନିର୍ମାଣ କରାଗଲା । ଡୁଡୁଙ୍ଗ ନିର୍ମାଣ ଶେଷ ହେବା ପରେ ଶିଶା (ପୂଜାରୀ)କୁ ଡ଼ାକି ପୂଜାପାଠ କରାଗଲା । ବଳୀ ଦିଆଗଲା । ଶେଷରେ ସରୁଭାତ ପ୍ରସ୍ତୁତ କରାଗଲା । ଶିଶା ଓ ଝିଅମାନେ ସରୁ ଖାଇଲେ । କିନ୍ତୁ ଗ୍ରାମର ପୁଅମାନଙ୍କୁ ସରୁ ଦିଆଗଲା ନାହିଁ । ଧାଙ୍ଗିଡ଼ିବସାର ସୃଷ୍ଟି ହେଲା । ଏହି ଯୁବତୀମାନଙ୍କର ଦେଖାଶୁଣା କରୁଥିଲେ ବିଧବା ମହିଳାମାନେ । ରାତ୍ରରେ କୌଣସି ବିଧବା କନ୍ୟାମାନଙ୍କ ସହ ଡୁଡୁଙ୍ଗକୁ ଯାଉଥିଲେ । ବାଳିକାମାନେ ଶୋଇବାକୁ ଗଲେ ମହିଳା ଜଣଙ୍କ ଶିଡ଼ିରେ ଚଢ଼ି ବାହାରକୁ ଆସି ଡୁଡୁଙ୍ଗର ଦ୍ୱାର ମୁହଁକୁ ଏକ ବଡ଼ ପଥର ଦ୍ୱାରା ବନ୍ଦ କରି ଗାଁକୁ ଫେରୁଥିଲେ ଓ ବଡ଼ିସକାଳୁ ଯାଇ ପଥର ଖୋଲିଲା ପରେ ବାଳିକମାନେ ବାହାରୁଥିଲେ । ଏକଦା ମହିଳା ଜଣଙ୍କ ରାତ୍ରରେ ଘରକୁ ଫେରିଲା ବେଳେ ଡୁଡୁଙ୍ଗଦ୍ୱାରା ବନ୍ଦ କରିବାକୁ ଭୁଲି ଯାଇଥିଲେ । ମଧ୍ୟ ରାତ୍ରରେ ଜଣେ ବାଳିକା ପରିସ୍ରା ଯିବା ପାଇଁ ଡୁଡୁଙ୍ଗ ବାହାରକୁ ଆସିଲେ । ଅନ୍ଧାର ଭିତରେ ପଶୁଟିଏ ନିଜ ଆଡ଼କୁ ଆସୁଥିବାର ଦେଖିଲା । ତାକୁ କୁକୁର ଭାବି ଘଉଡାଇବାକୁ ଚେଷ୍ଟା କଲା । କିନ୍ତୁ ତାହା କୁକୁର ନୁହେଁ ବାଘ ଥିଲା । ତେଣୁ ସେ ବାଳିକା ଉପରକୁ ଲମ୍ଫ ପ୍ରଦାନ କଲା । ବାଘ ଓ ବାଳିକା ଉଭୟ ଡୁଡୁଙ୍ଗ ମଧ୍ୟରେ ପଡ଼ିଲେ । ଅନେକ ବାଳିକାକୁ ବାଘ ମାରିଦେଲା । କେତେଜଣ ଚାଲାକ କରି ମୂର୍ଚ୍ଛାଯାଇ ମୃତ ବ୍ୟକ୍ତି ପରି ପଡ଼ିରହିଲେ । ସେମାନେ ମରିଯାଇଛନ୍ତି ଭାବି ବାଘ ସେମାନଙ୍କୁ ଛାଡ଼ି ଦେଲା । ପରଦିନ ସକାଳୁ ମହିଳା ଜଣଙ୍କ ଡୁଡୁଙ୍ଗ ଦ୍ୱାର ଖୋଲିବାକୁ ଯାଇ ଯାହା ଦେଖିଲେ ନିଜେ ଟି ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ତେଣୁ ସେହିଦିନଠାରୁ ଡୁଡୁଙ୍ଗରେ ଆଉ କେହି ବାଳିକା ଶୟନ କଲେ ନାହିଁ । ଘରେ ଗାଁ ମଧ୍ୟରେ ସେମାନଙ୍କ ସୁରକ୍ଷା ପାଇଁ ଏକ ଗୃହ ନିର୍ମାଣ କରାଗଲା ଓ ତାହା ଇଙ୍ଗୋରସୁଙ୍ଗ୍ ନାମରେ ପରିଚିତ

ହେଲା । ସମୟର ଚକ ଆଗକୁ ଗଡ଼ିଚାଲିଲା । ଜୀବ ବଦଳିଗଲା । କାଳକ୍ରମେ ଧାଙ୍ଗଡ଼ିବସାର ନିର୍ମାଣ, ରକ୍ଷଣବକ୍ଷଣ, ତତ୍ତ୍ୱାବଧାନ ଇତ୍ୟାଦି ବିଷୟ ନେଇ ବିଭିନ୍ନ ସମସ୍ୟା ମୁଣ୍ଡ ଟେକିଲା । ଫଳସ୍ୱରୂପ ଧାଙ୍ଗଡ଼ିମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଗୃହର ବିଲୋପ ଘଟିଲା । ସେମାନଙ୍କ ଆଶ୍ରୟସ୍ଥଳୀ ହେଲା ବିଧବା ମହିଳାଙ୍କ ଗୃହ । ଏବେ ମଧ୍ୟ ଅନେକ ବିଧବାଙ୍କ ଗୃହରେ ଧାଙ୍ଗଡ଼ିମାନେ ଏକତ୍ର ଶୟନ କରନ୍ତି ଓ ଧାଙ୍ଗଡ଼ିବସାରେ ସମସ୍ତ ପ୍ରକାର କାର୍ଯ୍ୟ ଏଠାରେ ସଂପାଦନ କରାଯାଏ ଏବଂ ଏହି ଗୃହମାନଙ୍କୁ ଆଜିକାଲି ସେଲାନିଡ଼ିଙ୍ଗୋ ହିସାବରେ ବ୍ୟବହାର କରାଯାଉଛି ।

ଯୁବ ଶୟନାଗାରର ପ୍ରକାର ଭେଦ:

ବର୍ତ୍ତମାନଙ୍କର ଯୁବଶୟନାଗାରକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମକୁ ଧାଙ୍ଗଡ଼ାବସା ବା ଇଙ୍ଗେରୁସୁଙ୍ଗ କହିଲାବେଳେ ଦ୍ୱିତୀୟଟିକୁ ଧାଙ୍ଗଡ଼ିବସା ବା ସୋଲାନିଡ଼ିଙ୍ଗୋ କୁହାଯାଉଛି । କିନ୍ତୁ ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଜେବଳ ସେଲାନିଡ଼ିଙ୍ଗୋର ସ୍ଥିତି ନଜରକୁ ଆସେ । କୌଣସି ବର୍ତ୍ତାକୁ ଇଙ୍ଗେରସୁଙ୍ଗ ବିଷୟରେ ପଚାରିଲେ ସେ ମଧ୍ୟ ସେଲାନିଡ଼ିଙ୍ଗୋକୁ ନିର୍ଦ୍ଦେଶ କରିଥାଏ । ବାସ୍ତବରେ ଇଙ୍ଗେରସୁଙ୍ଗ ବା ଧାଙ୍ଗଡ଼ାବସା ବୋଲି କୌଣସି ସ୍ୱତନ୍ତ୍ର ଗୃହ ନାହିଁ । ବେଳେବେଳେ ରାତ୍ରରେ ଏକତ୍ର ହୋଇ ପୁରୁଷ ପିଲାମାନେ ଶୋଉଥିବା ଗୃହକୁ ଇଙ୍ଗେରସୁଙ୍ଗ ବୋଲି କୁହାଯାଏ । ଏକତ୍ର ହୋଇ ଶୋଇବା ବ୍ୟତୀତ ଏହାର ଅନ୍ୟ କୌଣସି କାର୍ଯ୍ୟ ନ ଥିବାରୁ ବର୍ତ୍ତା ସମାଜରେ ଏହାର ଭୂମିକା ନଗଣ୍ୟ । ବର୍ତ୍ତା ପୁଅ ଛୋଟ ବେଳେ ନିଜ ଘରେ ବାପା ମାଆଙ୍କ ସହିତ ଶୟନ କରେ । ପ୍ରାୟ ୯-୧୦ ବର୍ଷ ବେଳଠାରୁ ଧାଙ୍ଗଡ଼ି ବସାକୁ ଯିବା ଆରମ୍ଭ କରିଦିଏ ଓ ଧାଙ୍ଗଡ଼ିବସାରେ ରାତ୍ର କଟାଇଥାଏ । ପିଲାଟି ୧୨-୧୫ ବର୍ଷ ହୋଇଗଲା ପରେ ବିବାହ କରି ଏବଂ ନୂତନ ଗୃହ ନିର୍ମାଣ କରି ସେଠାରେ ନିଜ ସ୍ତ୍ରୀ ସହିତ ରାତ୍ର ଯାପନ କରିଥାଏ । ତେଣୁ ଧାଙ୍ଗଡ଼ାବସାର କୌଣସି ଗୁରୁତ୍ୱ ନଥାଏ ।

କିନ୍ତୁ ସେଲାନିଡ଼ିଙ୍ଗୋ ଏହାର ଠିକ୍ ବିପରୀତ । ଏହାର ଗୁରୁତ୍ୱ ଖୁବ୍ ବେଶୀ । ସେଲାନି ଡ଼ିଙ୍ଗୋ ହିସାବରେ ଗ୍ରାମରେ କୌଣସି ସ୍ୱତନ୍ତ୍ର ଗୃହ ନ ଥାଏ । ମୁଖ୍ୟତଃ ଗ୍ରାମର ବିଧବା ସ୍ତ୍ରୀର ଘରକୁ ଧାଙ୍ଗଡ଼ିବସା ରୂପେ ବ୍ୟବହାର କରାଯାଏ । କିନ୍ତୁ ଏହା ବ୍ୟତୀତ ଏକୁଟିଆ ରହୁଥିବା କୌଣସି ପିତୃମାତୃ ଭାତୃ ହୀନ ବାଳିକାର ଗୃହ କିମ୍ବା

ଦୀର୍ଘଦିନ ଧରି ସ୍ୱାମୀ ଅନୁପସ୍ଥିତ ଥିବା ସ୍ତ୍ରୀର (ସ୍ୱାମୀ ଜେଲରେ ଥିଲେ ବା ଛାଡ଼ପତ୍ର ଦେଇଥିଲେ) ଗୃହକୁ ମଧ୍ୟ ସେଲାନିଡିଙ୍ଗୋ ଆକାରରେ ବ୍ୟବହାର କରାଯାଏ । ତେଣୁ ଏବେ କୌଣସି ବଣ୍ଡା ଗ୍ରାମରେ ଏକାଧିକ ସେଲାନିଡ଼ିଙ୍ଗୋ ଥିବାର ଦେଖାଯାଏ ।

ସେଲାନିଡ଼ିଙ୍ଗୋର ଅବସ୍ଥିତି ଓ ସ୍ୱତନ୍ତ୍ରତା:

ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ ଆଗପରି ଆଉ ସ୍ୱତନ୍ତ୍ର ଧାଙ୍ଗଡ଼ିବସା ଘର ନାହିଁ । ତେଣୁ କୌଣସି ବିଧବା ସ୍ତ୍ରୀ, ଦୀର୍ଘଦିନ ସ୍ୱାମୀ ଅନୁପସ୍ଥିତ ଥିବା ସ୍ତ୍ରୀ, ପରିତ୍ୟାକ୍ତା ସ୍ତ୍ରୀ କିମ୍ବା ଅନାଥ ବାଳିକାର ଗୃହକୁ ସେଲାନି ଡ଼ିଙ୍ଗୋ ପରି ବ୍ୟବହାର କରାଯାଉଛି । ତେଣୁ ଏହା ବସ୍ତିର ପରିସର ମଧ୍ୟରେ କୌଣସି ସ୍ଥାନରେ ଅବସ୍ଥିତ ହୋଇପାରେ ।

ସେଲାନି ଡ଼ିଙ୍ଗୋର କେତେକ ସ୍ୱତନ୍ତ୍ରତା ରହିଛି । ଯେହେତୁ ସେଲାନିଡ଼ିଙ୍ଗୋ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇ ନଥାଏ, ତେଣୁ ବାହାରୁ ଦେଖିଲେ ଏହାର କୌଣସି ସ୍ୱତନ୍ତ୍ରତା ଥିବା ପରି ମନେ ହୁଏ ନାହିଁ । ଏହା ଅନ୍ୟ ଘର ତୁଳନାରେ କୌଣସି ପାର୍ଥକ୍ୟ ନଥାଏ କିମ୍ବା ଅନ୍ୟ ଗୃହଠାରୁ ପୃଥମ ଭାବେ ଅବସ୍ଥାନ କରାଯାଇ ନଥାଏ । କିନ୍ତୁ ଏହି ସେଲାନିଡ଼ିଙ୍ଗୋ ମଧ୍ୟକୁ ପ୍ରବେଶ କଲେ ଏହାର ସ୍ୱତନ୍ତ୍ରତା ଦେଖିବାକୁ ମିଳେ । ଘରର ଚଟାଣ ଓ କାନ୍ଥଗୁଡ଼ିକ ଲିପାପୋଛା ହୋଇ ଅତି ପରିସ୍କାର ଦେଖାଯାଉଥାଏ । ସେଲାନିଡ଼ିଙ୍ଗୋ ବାରଣ୍ଡା ଚଟାଣରେ ଦୁରରୁ ଅଧିକ ଶସ୍ୟ କୁଟିବା ପାଇଁ ମାଟି ଗାତ "ସାବୁଜ" ଓ ଚୂନା କୁଟିବା ପାଇଁ କାଠ ତିଆରି ଗାତ "ଥିସା" ଥାଏ । ଘର କୋଣରେ ଢ଼େରା ଯାଇଥାଏ ଏକାଧିକ କାଠ ନିର୍ମିତ ମୁଷଳ (ଥିଏଁ) ଯାହାର ଅଗରେ ଲାଗିଥାଏ ଲୁହା ନିର୍ମିତ ଶମା । ସେହିପରି ଘରେ ଏକାଧିକ କୁଲା (କେସୁପ) ଓ ଶୋଇବା ପାଇଁ ଅନେକଗୁଡ଼ିଏ ବାଉଁଶ ନିର୍ମିତ ପଟି ଥିବାର ଦେଖାଯାଏ । ବାରଣ୍ଡା ଚାଳରେ ଖୋସାଯାଇଥାଏ ଏକାଧିକ ଗୁନୁଙ୍ଗ (ଏହା ବାଉଁଶ କିମ୍ବା ଲୁହାରେ ତ୍ରିଶୂଳାକୃତିରେ ନିର୍ମିତ ଏକ ବାଦ୍ୟଯନ୍ତ୍ର, ଯାହାକୁ ଓଠ ଓ ହାତ ଆଙ୍ଗୁଳି ସାହାଯ୍ୟରେ ବଜାଯାଏ)। ଚାଳରେ ସ୍ଥାନେ ସ୍ଥାନେ ମେଞ୍ଚା ମେଞ୍ଚା ଜରି ଓହଳା ଯାଇଥାଏ ବିଭିନ୍ନ ରଙ୍ଗର ମାଳି (ଲୁବଇଡ଼ା), ମୁଣ୍ଡମାଳୀ (ରେନାକ୍‌ବ୍ ଲୁବଇଡ଼ା, ଡୁରାବୁ (ଘାସ ନିର୍ମିତ ଏକ ମୁଣ୍ଡ ସୂତା), ଖଗଲା (ଉସଙ୍ଗୁ), ଚୁଡ଼ି (ସୁଙ୍ଗରୟ) ଇତ୍ୟାଦି । ଓଲଣାରେ ଚଉଡା ହୋଇ ରଖାଯାଇଥାଏ ଅନେକ ଚାଦର (ଶାଲ୍) ଓ ରିଙ୍ଗା (ନଡ଼ି - କିନ୍ତୁ ଏବେ ନଡ଼ି ପରିବର୍ତ୍ତେ ଅନେକ ଶାଢ଼ୀ (ଉମ୍ପ) ଦେଖିବାକୁ ମିଳେ) । ଅନ୍ୟ ବଣ୍ଡାଘର ପରି ଏଥିରେ ଏକମାତ୍ର ଦ୍ୱାରା ରହିଥାଏ । ଏହି ଦ୍ୱାରଟି ଖୁବ୍ ଛୋଟ ହୋଇଥାଏ ଓ ଏହାକୁ ବନ୍ଦ କରିବା ପାଇଁ ଏକ ପଟା ବିଶିଷ୍ଟ ଏକ ଶକ୍ତ କାଠ କବାଟ ଲଗାଯାଇଥାଏ ।

ସେଲାନିଡ଼ିଙ୍ଗୋ ନିର୍ମାଣରେ ଶ୍ରମ ବିଭାଜନ:

ଯେହେତୁ ସେଲାନିଡ଼ିଙ୍ଗୋ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରାଯାଏ ନାହିଁ, ତେଣୁ ଗୃହ ନିର୍ମାଣରେ ଶ୍ରମବିଭାଜନ କଥା ଉଠେନାହିଁ । ସେଲାନି ଡ଼ିଙ୍ଗୋର ନିର୍ମାଣ ସେହି ଘରର ମାଲିକ- ବିଧବା ଦ୍ୱାରା ନିର୍ମାଣ କରାଯାଇଥାଏ । ଏହି କାର୍ଯ୍ୟରେ ଅନୁରୋଧ ଜଣେ ଧାଙ୍ଗଡ଼ିମାନେ ସାହାଯ୍ୟ କରନ୍ତି । ଖାଦ୍ୟ ପାନୀୟର ବନ୍ଦୋବସ୍ତ କରିଦେଲେ ବାଳିକାମାନେ ଜଙ୍ଗଲରୁ ଘରଡିଆରି ପାଇଁ କାଠ, ବାଉଁଶ, ପିରି ଇତ୍ୟାଦି ଆଣିଦିଅନ୍ତି ଓ ଘର ଡିଆରି କରିବାରେ ସାହାଯ୍ୟ କରନ୍ତି । କନ୍ୟାମାନେ ମଧ୍ୟ ଉକ୍ତ ସ୍ତ୍ରୀ ଲୋକର କାନ୍ଥ ଓ ଛପର କରିବା ପାଇଁ ସେମାନଙ୍କର ଭାଇମାନଙ୍କୁ ଅନୁରୋଧ କରି ଡ଼ାକିଆଣନ୍ତି । ସେହି ପୁରୁଷମାନଙ୍କୁ ମଧ୍ୟ ବିଧବା ସ୍ତ୍ରୀ ଖାଦ୍ୟ ପାନୀୟରେ ସନ୍ତୁଷ୍ଟ କରିଥାଏ । କିନ୍ତୁ ସେଲାନିଡ଼ିଙ୍ଗୋର ରକ୍ଷଣାବେକ୍ଷଣ ଓ ସଫାସୁତୁରା କରିବା କାର୍ଯ୍ୟ କେବଳ ସେଠାରେ ଶୋଉଥିବା ବାଳିକାମାନେ ବିନା ପାରିଶ୍ରମିକରେ ଅକୁଣ୍ଠିତ ଚିତ୍ତରେ କରିଥାଆନ୍ତି । ପର୍ବପର୍ବାଣୀ ଅବସରରେ କିମ୍ବା ଆବଶ୍ୟକସ୍ଥଳେ ବାଳିକାମାନେ ସ୍ୱଇଚ୍ଛାରେ ସେଲାନିଡ଼ିଙ୍ଗୋକୁ ଲିପାପୋଛା କରିଥାଆନ୍ତି । ବର୍ଷାପାଣି ବାଜି କୌଣସି ସ୍ଥାନରେ କାନ୍ଥ ଭାଙ୍ଗି ଗଲେ ବା ଖଣ୍ଡିଆ ହୋଇଗଲେ ବାଳିକାମାନେ କାଦୁଅ ଛାଟି ସଜାଡ଼ି ଦିଅନ୍ତି । ସକାଳେ, ସନ୍ଧ୍ୟାରେ ଓ ଅନ୍ୟବେଳେ ଘର ଅପରିସ୍କାର ହେଲେ ତାକୁ ଝାଡୁକରି ସଫା କରନ୍ତି । ଘରଝାଡୁ କରିବା ପାଇଁ ବାଳିକାମାନେ ନିଜେ ଝାଡୁର ବନ୍ଦୋବସ୍ତ କରିଥାଆନ୍ତି ।

ଯୁବ ଶୟନାଗାରରେ ସଦସ୍ୟତା ପାଇଁ ଆବଶ୍ୟକ ନୀତିନିୟମ:

ସମସ୍ତ କନ୍ଧା ସେଲାନିଡ଼ିଙ୍ଗୋର ସଦସ୍ୟ ହୋଇପାରିବ ନାହିଁ । ସେଲାନିଡ଼ିଙ୍ଗୋର ସଦସ୍ୟ ହେବାପାଇଁ ନିମ୍ନଲିଖିତ ଯୋଗ୍ୟତା ଥିବା ଦରକାର ଓ ସଦସ୍ୟ ନିମ୍ନଲିଖିତ ନିୟମ ମାନି ଚଳୁଥିବା ଆବଶ୍ୟକ :-

୧. ସେଲାନି ଡ଼ିଙ୍ଗୋର ସଦସ୍ୟ ହେବା ପାଇଁ ସଦସ୍ୟ ଜଣଙ୍କ ସ୍ତ୍ରୀ ଲିଙ୍ଗ ବିଶେଷ ହୋଇଥିବା ଦରକାର ।

୨. ସଦସ୍ୟ ଜଣଙ୍କ ସେଲାନିଡ଼ିଙ୍ଗୋ ଅବସ୍ଥିତି ଥିବା ଗ୍ରାମର ବିଳିକା ହୋଇଥିବା ଆବଶ୍ୟକ ।

୩. ସଦସ୍ୟ ଜଣଙ୍କ ଧାଙ୍ଗଡ଼ି ଅର୍ଥାତ୍ ପ୍ରାପ୍ତବୟସ୍କା ହୋଇଥିବା ବାଞ୍ଛନୀୟ । କିନ୍ତୁ ଏବେ ଅପ୍ରାପ୍ତ ବୟସ୍କା ବାଳିକାମାନେ ସେଲାନିଡ଼ିଙ୍ଗୋରେ ଶୟନ କରୁଥିବାର ଦେଖାଯାଏ ।

୪. ସଦସ୍ୟ ଜଣଙ୍କ ଅବିବାହିତ ହୋଇଥିବା ନିତ୍ୟାନ୍ତ ଆବଶ୍ୟକ । ସ୍ୱାମୀ ଥିବା ବିବାହିତା ସ୍ତ୍ରୀ ଧାଙ୍ଗଡ଼ିବସାରେ ରାତ୍ରରେ ଶୟନ କରିବା ନିଷେଧ । ଯଦି ସ୍ତ୍ରୀ ଲୋକଟି ବିଧବା ହୋଇଥାଏ କିମ୍ବା ସ୍ୱାମୀଠାରୁ ଛାଡ଼ପତ୍ର ଗ୍ରହଣ କରିଥାଏ ତେବେ ସେ ଏଠାରେ ସଦସ୍ୟ ହେବାର ସୁଯୋଗ ପାଇପାରିବ ।

୫. ସଦସ୍ୟ ଜଣଙ୍କ ଅନ୍ୟ ସଦସ୍ୟମାନଙ୍କ ସହିତ ନିୟମିତ ଜଳିଗୋଜ କରୁ ନଥିବା ଆବଶ୍ୟକ ।

୬. ସେ ସମସ୍ତ ସଦସ୍ୟଙ୍କୁ ଯଥା ସମ୍ମାନ ଦେଉଥିବ ।

୭. ସଦସ୍ୟ ଜଣଙ୍କ ସହଯୋଗୀ ମନୋବୃତ୍ତିର ହୋଇଥିବା ଦରକାର ଓ ସମସ୍ତ ଧାଙ୍ଗଡ଼ିମାନେ କରୁଥିବା କାର୍ଯ୍ୟରେ ସାହାଯ୍ୟ କରୁଥିବା ଆବଶ୍ୟକ ।

ଯୁବ ଶୟନାଗାରର କାର୍ଯ୍ୟକଳାପ

ଖୁବ୍ ପରିଶ୍ରମୀ ବଣ୍ଡା ରମଣୀ । ଦୈନନ୍ଦିନ ଜୀବନରେ ସାରାଦିନ କାର୍ଯ୍ୟ କରି କରି ହାଲିଆ ହୋଇପଡ଼େ ସେ । ସାରାଦିନ ବଣପାହାଡ଼ରେ କାମ କରି ସନ୍ଧ୍ୟାରେ ଫେରିଆସେ ଘରକୁ । ଗାଧୁଆ ପାଧୁଆ ସାରି ଖାଦ୍ୟ ପ୍ରସ୍ତୁତିରେ ଲାଗିଯାଏ । ପରିବାରର ସମସ୍ତଙ୍କ ସହ ଖାଦ୍ୟ ପାନୀୟ ସେବନ କରି ପହଞ୍ଚିଯାଏ ସେଲାନି ଡ଼ିଙ୍ଗୋରେ ଟିକିଏ ଗପିବ, ମଜା କରିବ ଓ ଶାନ୍ତିରେ ବିଶ୍ରାମ ନେବା ଜଣଙ୍କ ପରେ ଜଣେ ସାଙ୍ଗ ଆସି ପହଞ୍ଚି ଯାଆନ୍ତି ସେଠାରେ । ସୋଲାନି ଡ଼ିଙ୍ଗୋକୁ ଟିକିଏ ସଫା କରି ଦିଆଯାଏ । କାଠ ନେଇ ନିଆଁ ଲଗାଇ ଦିଅନ୍ତି । ବଗବଗୁଲିଙ୍କ ପରି ସାଙ୍ଗସାଥୀମାନେ ମୁହଁକୁ ମୁହଁ ଦେଇ ନିଆଁର ଚାରିପାଖରେ ବସିଯାଆନ୍ତି ସମସ୍ତେ । କାହିଁ କେତେଆଡୁ କେତେ କଥା ଆରମ୍ଭ ହୋଇଯାଏ । ଚାଷବାସ କାମଠାରୁ ଆରମ୍ଭ କରି କଥା ପହଞ୍ଚିଯାଏ ପ୍ରେମିକ ପୁରୁଷ ପର୍ଯ୍ୟନ୍ତ । କାହାରି ମୁହଁରେ ନଥାଏ ବାଡ଼ବଡା । ସମସ୍ତେ ପ୍ରଗଲ୍ଭା ହୋଇଉଠନ୍ତି । ଗପ, କଥା ଓ କାହାଣୀର (ଉସିରାମ) ଖୁଆ ଲମ୍ବିଯାଏ ଅନେକ ଦୂରକୁ । ବଡ଼ମାନେ ଗପକହି ସାନମାନଙ୍କୁ ଶୁଣାନ୍ତି । ସାନମାନେ କେବଳ

ଗପ ଶିଖନ୍ତି ତାହା ନୁହେଁ ବରଂ ଗପର ମର୍ମକୁ କେହି ହେୟଜ୍ଞାନ ମନେ କରନ୍ତି ନାହିଁ । ଗପ ଶୁଣି ଦୟା, କ୍ଷମା, ଶାନ୍ତିଶୃଙ୍ଖଳା, ପରୋପକାର, ସ୍ନେହ, ପ୍ରେମ, କର୍ମପ୍ରେରଣା ଇତ୍ୟାଦି ଭଲଗୁଣ ଶିକ୍ଷା କରିଥାନ୍ତି । ଭବିଷ୍ୟତ ଜୀବନ ଗଢ଼ିବା ପାଇଁ ନିଜକୁ ପ୍ରସ୍ତୁତ କରିନିଅନ୍ତି । ଗୀତର (ସିସେର) ଲହରୀ ଛୁଟେ । ଗୁନୁଗୁ ବାଦ୍ୟର ସ୍ୱରମୂର୍ଚ୍ଛନାରେ ବିମୁଗ୍ଧ ହୋଇଯାଆନ୍ତି ସମସ୍ତେ । ଛୋଟ ବାଳିକାମାନଙ୍କୁ ଗୀତ ଗାଇବା, ଗୁନୁଗ ବଜାଇବା ଇତ୍ୟାଦି କାର୍ଯ୍ୟ ଶିଖାଇଦିଆନ୍ତି ବଡ଼ ଉଉଣୀମାନେ । ଢ଼ଗଢ଼ମାଳୀ (ଗିନାସୁମ)ରେ ମଜିଯାଆନ୍ତି ସମସ୍ତେ । ଇତିମଧ୍ୟରେ ମାଛ, କଙ୍କଡ଼ାର ପୋଡ଼ା ପୋଡ଼ି କାର୍ଯ୍ୟ ଶେଷ ହୋଇଯାଇଥାଏ ଅନେକ ଆଗରୁ । ସମସ୍ତେ ଚାତକ ପରି ଚାହିଁ ରହିଥାଆନ୍ତି ସେମାନଙ୍କ ବହୁ ପ୍ରତୀକ୍ଷିତ ଆଗନ୍ତୁକ ଧାଙ୍ଗଡ଼ାମାନଙ୍କ ପାଇଁ । ଏମାନଙ୍କୁ ନଜର କରୁଥାଏ ବିଧବା ମହିଳା । ସେ ଅଂଶ ଗ୍ରହଣ କରେ ଅନେକ କଥାରେ । ଶିଖାଇ ଦେଉଥାଏ ଗପ (ଉସିରାମ), ଗୀତ (ସିସେର), ଢ଼ଗଢ଼ମାଳୀ (ଗିନାସୁମ), ବିବାହ ପରେ ସୁଖମୟ ଜୀବନଯାପନ କରିବାର ପ୍ରଣାଳୀ ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ବିଭିନ୍ନ ଜ୍ଞାନ କୌଶଳ ।

ଇତିମଧ୍ୟରେ ପହଞ୍ଚିଯାଆନ୍ତି ବହୁ ପ୍ରତୀକ୍ଷିତ ବଣ୍ଡା ଧାଙ୍ଗଡ଼ାମାନେ । ବଣ୍ଡାରମଣୀଙ୍କର ମନର ଆନନ୍ଦ ଦୁଇଗୁଣିତ ହୋଇଯାଏ । ସତେଯେପରି ହରାଇ ଦେଇଥିବା ବାଡ଼ିଟି ପାଇଛି ଅନ୍ଧ, ତୃଷାର୍ତ୍ତ ଚାତକ ପାଇଛି ଜଳ ଓ କର୍ଣ୍ଣ ପାଇଛି ଜହ୍ନର ସ୍ପର୍ଶ । ବିଧବା ମହିଳାଙ୍କ ଦ୍ୱାରା ପରିଚୟର ଆଦାନ ପ୍ରଦାନ ହୋଇଯାଏ ଖୁବ୍ ଅଳ୍ପ ସମୟ ମଧ୍ୟରେ । ଭାବର ଆଦାନ ପ୍ରଦାନ ହୁଏ । ଅପରପକ୍ଷରେ ବଣପାହାଡ଼ ଡ଼େଇଁ ନଈନାଳ ପାରିହୋଇ ଦୌଡ଼ିଆସି ଥାଏ ବଣ୍ଡାପୁଅ । ଟିକିଏ ହାଲିଆ ଲାଗୁଥାଏ ତାକୁ । ତେଣୁ ଅତିଥି ସତ୍କାର ପୂର୍ବକ ମାଦକ୍ ପାନୀୟ, ପୋଡ଼ାମାଛ, କଙ୍କଡ଼ା ଆଦି ପ୍ରଦାନ କରନ୍ତି ଝିଅମାନେ । ପୁଅମାନେ ମହାନନ୍ଦରେ ସେବନ କରି ଆଶ୍ୱସ୍ତି ଲାଭ କରନ୍ତି । ହାଲିଆ ମେଣ୍ଟିଯାଏ । ପୁଅମାନେ ମାତିଯାଆନ୍ତି ଝିଅମାନଙ୍କ ସହ ହସଖୁସି, ଗପ, ଗୀତ ଓ ନାଚରେ । ଅଟାମଡ଼ାରେ ଆସର ଜମିଯାଏ । ଉପଭୋଗ୍ୟ ଲାଗେ ଜୀବନ । ପ୍ରେମ ପ୍ରଣୟର ଆରମ୍ଭ ହୁଏ ଏହିଠାରେ । ଉପହାରର ଆଦାନ ପ୍ରଦାନ ହୁଏ । ବିବାହ ପାଇଁ କନ୍ୟା ନିର୍ବାଚନ କରାଯାଏ । କୌଣସି ଧାଙ୍ଗଡ଼ା ପୁଅ ପାଇଁ ତା'ର ସାଙ୍ଗ ସାଥୀମାନେ ଗୀତ ଗାଇ ଗାଇ ମନାଇଥାନ୍ତି କନ୍ୟାକୁ । ଗୀତ ମାଧ୍ୟମରେ ପୁଅ ଝିଅକୁ କହେ ତୁ ମୋର ବହୂ ହେବୁ । ଆମ ଗାଁକୁ ଯିବୁ, ଧାନ ଭାତ ଖାଇବୁ, ଗିଙ୍ଗା ବୁଣିବୁ, ମୁଁ ଶୀକାର

କରି ଆଣି ଦେବି, ତୁ ମୋ ପାଇଁ ମାଂସ ଭାତ ରାନ୍ଧି ଦେବୁ ଇତ୍ୟାଦି ଇତ୍ୟାଦି । ଝିଅ ପୁଅକୁ ମଧ୍ୟ ଗୀତ ମାଧ୍ୟମରେ ପ୍ରଶ୍ନ କରେ ତୁ କି ଶସ୍ୟର ଭାତ ଖାଉଛୁ, କାହାର ଜମିର ଭାତ ଖାଉଛୁ, ତୁ ଗଛ ଚଢ଼ିଜାଣିଛୁ କି ? ତୁ ଡ଼ଙ୍ଗର ଚାଷ ଜାଣିଛୁ କି ? ତୁ ଉଲ ଶୀକାର କରି ଜାଣିଛୁ କି ? ଇତ୍ୟାଦି । ପୁଅ ପୁଣି ଉତ୍ତର ଦିଏ ହଁ ମୁଁ ମୋ ଜମିରେ ଚାଷ କରୁଛି, ମୁଁ ଧାନ ଭାତ ଖାଉଛି (ଅର୍ଥାତ୍ ମୁଁ ଧନୀ ଲୋକ), ମୁଁ ଡ଼ଙ୍ଗର କାମ ଜାଣିଛି, ଗଛ ଚଢ଼ି ଜାଣିଛି, ଶୀକାର କରି ଜାଣିଛି ଇତ୍ୟାଦି । ଏହିପରି ପ୍ରଶ୍ନ ଉତ୍ତର ମାଧ୍ୟମରେ କନ୍ୟାକୁ ମନାଯାଇଥାଏ । କନ୍ୟା ମନୋନୟନ ଓ ନିର୍ବାଚନ କରାଯାଏ । ଶେଷରେ ସେହି ଝିଅକୁ ୨-୪ ବର୍ଷ ପରେ ବହୂ କରି ଘରକୁ ନେଇଆସନ୍ତି ।

ସେଲାନିଡ଼ିଙ୍ଗୋରେ ଉପର ବର୍ଣ୍ଣିତ ବିଭିନ୍ନ କାର୍ଯ୍ୟ ଯଥା ଗୀତ, ଗପ, ନାଚ, ବାଜା ବଜାଇବା, ଅତିଥି ଚର୍ଚ୍ଚା କରିବା, ଆମୋଦପ୍ରମୋଦ କରିବା, କନ୍ୟା ମନୋନୟନ ଓ ନିର୍ବାଚନ କରିବା ସହିତ କାର୍ଯ୍ୟରୁ ବିରତ ଥିବା ଦିନମାନଙ୍କରେ କିମ୍ବା ପର୍ବପର୍ବାଣୀ ଅବସରରେ ବିଭିନ୍ନ ପ୍ରକାର କାର୍ଯ୍ୟ କରାଯାଇଥାଏ । ଅଧିକାଂଶ ଦିନ ଝିଅମାନେ ଘରୁ ଶସ୍ୟକୁଟିବା ପାଇଁ ଏଠାକୁ ନେଇ ଆସିଥାନ୍ତି । ରାତ୍ରରେ ପ୍ରାୟ ୩-୪ ଟାବେଳୁ ଉଠିପଡ଼ନ୍ତି ଝିଅମାନେ । ନିଜ ନିଜର ଶସ୍ୟ କୁଟିବାରେ ଲାଗିପଡନ୍ତି ସମସ୍ତେ । ଯଦି କାହାର ଶସ୍ୟ କୁଟିବାର ନ ଥାଏ ତେବେ ସେ ଅନ୍ୟମାନଙ୍କୁ କାମରେ ସାହାଯ୍ୟ କରନ୍ତି । ଦିନର ଅନ୍ୟ ସମୟରେ ଧାଙ୍ଗଡ଼ି ବସାରେ ଝିଅମାନେ ମାଟି, ତୁରାବୁ, ଖଇଣ୍ଡା, ରିଙ୍ଗା ଇତ୍ୟାଦି ବୁଣାବୁଣି କରିଥାନ୍ତି । ସାନ ଝିଅମାନେ ବଡ଼ମାନଙ୍କ ପାଖରୁ ଏହି କାର୍ଯ୍ୟମାନ ଶିକ୍ଷା କରିଥାଆନ୍ତି । ବଡ଼ ଝିଅମାନେ କୌଣସି କାର୍ଯ୍ୟ ନ ଶିଖିଲେ ସେମାନେ ଘରର ମାଲିକ-ବିଧବାମହିଳାଠାରୁ ଶିକ୍ଷା କରିଥାଆନ୍ତି ।

ସେଲାନିଡ଼ିଙ୍ଗୋର ସଦସ୍ୟମାନଙ୍କର ଆଚାର ବ୍ୟବହାର ଓ ବନ୍ଧୁତା:

ସେଲାନିଡ଼ିଙ୍ଗୋର ସଦସ୍ୟମାନଙ୍କର ଆଚାର ବ୍ୟବହାର ଓ ବନ୍ଧୁତାକୁ ୨ ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ହେଉଛି ଧାଙ୍ଗଡ଼ିମାନଙ୍କର ନିଜ ମଧ୍ୟରେ ଆଚାର ବ୍ୟବହାର ଓ ବନ୍ଧୁତା ଓ ଦ୍ୱିତୀୟଟି ହେଉଛି ଧାଙ୍ଗଡ଼ିମାନଙ୍କର ଧାଙ୍ଗଡ଼ିବସାକୁ ଆସୁଥିବା ଆଗନ୍ତୁକ ବଣ୍ଡା ଯୁବକମାନଙ୍କ ସହିତ ଆଚାର ବ୍ୟବହାର ଓ ବନ୍ଧୁତା ।

ସେଲାନିଡ଼ିଙ୍ଗୋରେ ୧୦-୧୨ ବର୍ଷର ଝିଅଠାରୁ ଆରମ୍ଭ କରି ୨୫ ବା ତଦୂର୍ଦ୍ଧ ବୟସର ବାଳିକାମାନେ ଏକାଠି ରହିଥାନ୍ତି । ସେମାନଙ୍କ ମଧ୍ୟରେ ଭିନ୍ନତା ଭାବ

ନଥାଏ । ଧାଙ୍ଗଡ଼ି ବସାକୁ ନୂଆ ଆସିଥିବା ଝିଅକୁ ସେମାନେ ହଇରାଣ କରନ୍ତି ନାହିଁ । ବଡ଼ ସାନର ତୀବ୍ର ଭେଦଭାବ ସେମାନଙ୍କର ପାଖରେ ନଥାଏ । ବଡ଼ମାନେ ସାନମାନେ ନ ଶିଖିଥିବା ଅନେକ କାମ ଯଥା ମାଳିଗୁନ୍ଥିବା, ଡୁରବୁ ଓ ଛଇଣ୍ଡା ତିଆରି କରିବା, ରିଙ୍ଗା ବୁଣିବା,ରିଙ୍ଗା ବୁଣିବା ପାଇଁ ଯନ୍ତ୍ରପାତି ତିଆରି କରିବା ଇତ୍ୟାଦି ଶିକ୍ଷା ଦେଇଥାନ୍ତି । ସାନମାନେ ମଧ୍ୟ ବଡ଼ମାନଙ୍କ ଠାରୁ ଗପ, ଗୀତ, ନାଚ, ବାଜା ବଜାଇବା, ସୁଖମୟ ବୈବାହିକ ଜୀବନ ଯାପନ ପ୍ରଣାଳୀ ଇତ୍ୟାଦି ଶିକ୍ଷା କରିଥାନ୍ତି । ସମସ୍ତେ ଏକତ୍ର ମିଳିମିଶି କାର୍ଯ୍ୟ ସଂପାଦନ କରିଥାନ୍ତି । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପରି ମଧ୍ୟ ହସଖେଳ, ନାଚଗୀତ ଇତ୍ୟାଦି ସମୟରେ ସମସ୍ତେ ଏକତ୍ର ହୋଇ ଆନନ୍ଦ ଉପଭୋଗ କରିଥାନ୍ତି। ଅନେକ ସମୟରେ କୌଣସି କାର୍ଯ୍ୟରେ କେହି ବାହାରକୁ ଗଲେ ଏକୁଟିଆ ନଯାଇ ସେଲାନିଡ଼ିଙ୍ଗୋର ସାଙ୍ଗଙ୍କ ସହିତ ଯାଇଥାନ୍ତି । ପର୍ବପର୍ବାଣୀରେ ଜିମ୍ମା ଘରର ସ୍ୱତନ୍ତ୍ର ଦିବସମାନଙ୍କରେ ପରସ୍ପର ପରସ୍ପରକୁ ନିଜ ନିଜ ଘରକୁ ଆମନ୍ତ୍ରଣ କରି ଏକତ୍ର ହୋଇ ଆନନ୍ଦର ସହ ଖାଦ୍ୟପେୟ ସେବନ କରିଥାନ୍ତି । ବନ୍ଧୁମାନଙ୍କ ଘର ଘର ମଧ୍ୟରେ ଖାଦ୍ୟପେୟର ଆଦାନପ୍ରଦାନ ହୁଏ । ବାଲିକାମାନେ ଝିଅସାଙ୍ଗକୁ ସେଲା ବୋଲି କହନ୍ତି ।

ଯୁବତୀମାନଙ୍କ ନିଜ ନିଜ ମଧ୍ୟରେ ଥିବା ବନ୍ଧୁତ୍ୱ ଅପେକ୍ଷା ସନ୍ଧ୍ୟାବେଳେ ଧାଙ୍ଗଡ଼ିବସାକୁ ଆସୁଥିବା ଧାଙ୍ଗଡ଼ାମାନଙ୍କ ଅତିଥି ସତ୍କାର ଓ ବନ୍ଧୁତ୍ୱକୁ ଅତ୍ୟନ୍ତ ଗୁରୁତ୍ୱ ଦେଇଥାନ୍ତି । ସେଲାନିଡ଼ିଙ୍ଗୋରେ ଧାଙ୍ଗଡ଼ା ଓ ଧାଙ୍ଗଡ଼ିମାନଙ୍କର କାର୍ଯ୍ୟକଳାପ ଓ କ୍ରିୟା ପ୍ରତିକ୍ରିୟାକୁ ବିଚାରକୁ ନେଲେ ସେମାନଙ୍କ ମଧ୍ୟରେ ଥିବା ଆଚାର ବ୍ୟବହାର ଓ ବନ୍ଧୁତ୍ୱକୁ ସ୍ପଷ୍ଟ ଭାବେ ବୁଝିହୁଏ ।

ଧାଙ୍ଗଡ଼ାମାନେ ବହୁତ ବନ ପାହାଡ଼, ନଈନାଳ ଡେଇଁ ଧାଙ୍ଗଡ଼ିବସାକୁ ଆସିଥାନ୍ତି । ତେଣୁ ସେମାନଙ୍କୁ ଖାଇବାକୁ ଦେବା ପାଇଁ ଧାଙ୍ଗଡ଼ିମାନେ ରଖିଥାନ୍ତି ପୋଡ଼ାମୂଷା, ସିନ୍ଧିକିଡ଼ା, କଙ୍କଡ଼ା ପୋଡ଼ା, ଶୁଖୁଆ ପେଡ଼ା, ମାଛ ପୋଡ଼ା, ଜଙ୍ଗଲି ମାଂସ ପୋଡ଼ା ଜିମ୍ମା ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ-ବୁଲୁରା (ଖଜୁରୀ), ତାରମାଙ୍ଗ, ତାରବ ଆଦି ଜୋଳି ଓ ବିଭିନ୍ନ ପ୍ରକାର ସିଝାଜନ୍ଦା ।

ସେଲାନିଡ଼ିଙ୍ଗୋର ମଝିରେ ବା ଗୋଟିଏ କୋଣରେ ନିଆଁ ଜାଳି ଚାରିପାଖରେ ଘେରି ବସିଥାନ୍ତି ସମସ୍ତେ । ଅପେକ୍ଷା କରିଥାନ୍ତି ଅନ୍ୟଗ୍ରାମର ଧାଙ୍ଗଡ଼ାମାନଙ୍କୁ । ଗୀତ,

ଗପ, ମଉଜ ମଜଲିସ୍ ଚାଲିଥାଏ । ବିଧବା ମହିଳା ଏମାନଙ୍କୁ ଜଗାରଖା କରୁଥାନ୍ତି । ଧାଙ୍ଗଡ଼ାମାନେ ଆସିଗଲା ପରେ ସେମାନଙ୍କ ମଧ୍ୟରେ ମିଳାମିଶା ଜରାଇଦେଇ ବିଧବା ଭିତରେ ଘରେ ଶୋଇପଡ଼େ । ଗୋଟିଏ ଗୋଟିଏ ସେଲାନିଡ଼ିଙ୍ଗୋକୁ ମଝିରେ ମଝିରେ ଦୁଇ ତିନୋଟି ଗ୍ରାମର ଧାଙ୍ଗଡ଼ାମାନେ ଆସିଥାନ୍ତି । ତଥାପି ସେଲାନିମାନଙ୍କ ଦ୍ୱାରା ସେମାନେ ଅଣଦେଖା ହୋଇ ନଥାନ୍ତି । ସେମାନଙ୍କୁ ଉପଯୁକ୍ତ ବ୍ୟବହାର ଦିଆଯାଇଥାଏ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଧାଙ୍ଗଡ଼ାମାନଙ୍କ ଆସିବାକୁ ଅପେକ୍ଷା କରିଥାନ୍ତି ଧାଙ୍ଗଡ଼ିମାନେ ।

ଧାଙ୍ଗଡ଼ାମାନେ ସେଲାନି ଡ଼ିଙ୍ଗୋରେ ପହଞ୍ଚିଗଲା ପରେ ସେମାନଙ୍କୁ ଯଥାବିଧି ସମ୍ମାନ ଦିଆଯାଏ । ପ୍ରଥମେ ସେମାନେ ଧାଙ୍ଗଡ଼ାମାନଙ୍କପାଖରେ ବସନ୍ତି । ପରିଚୟ ଆଦନା ପ୍ରଦାନ ପରେ ପିକା ବା ଧୂଆଁ ପତ୍ର ଆଦାନ ପ୍ରଦାନ ହୋଇଥାଏ । ଇତିମଧ୍ୟରେ ବୟସ୍କ ବିଧବା ମହିଳା ଜଣଙ୍କ ଏମାନଙ୍କୁ ପରସ୍ପର ମଧ୍ୟରେ ପରିଚୟ ଜରାଇଦେଇ ଘରର ମୁଖ୍ୟ କବାଟଟିକୁ ବନ୍ଦ କରି ଭିତର ଘରେ ଶୋଇପଡ଼େ । ଧାଙ୍ଗଡ଼ାମାନେ ବହୁଦୂରରୁ ଆସି ଭୋକିଲା ଅନୁଭବ କରୁଥିବାର ଲକ୍ଷ୍ୟ କରି ସେମାନଙ୍କୁ ବାଳିକାମାନେ ରଖିଥିବା ପୋଡ଼ା ମୂଷା, ଜଙ୍କଡ଼ା, ମାଛ, ମାଂସ ଇତ୍ୟାଦି ଦେଇଥାନ୍ତି । ତା'ପରେ ମାଦକ ପାନୀୟ ପିଇବାକୁ ଦିଆଯାଇଥାଏ । ପୁଅମାନେ ଏହି ଦ୍ରବ୍ୟକୁ ଅତ୍ୟନ୍ତ ଆନନ୍ଦ ମନରେ ସେବନ କରି ତୃପ୍ତି ଲାଭ କରନ୍ତି ଏବଂ ସେମାନେ ଆଣିଥିବା ଜିନିଷ ଯଥା ମିଠା, ବିସ୍କୁଟ, ଧୂଆଁପତ୍ର, ପିକା ଓ ମଦକୁ ଝିଅମାନେ ଶ୍ରଦ୍ଧାର ସହ ଗ୍ରହଣ କରିଥାନ୍ତି ।

ସେଲାନିଡ଼ିଙ୍ଗୋର ଧାଙ୍ଗଡ଼ା ଧାଙ୍ଗଡ଼ିମାନେ କବାଟ ବନ୍ଦ କରି ଗପସପ ହସଖୁସି ହୁଅନ୍ତି । ଏକେ ତ ଧୂନିର ଧୂଆଁ, ଅପରପକ୍ଷରେ ଧାଙ୍ଗଡ଼ାମାନଙ୍କର ପିକା ଧୂଆଁରେ ସମଗ୍ର କକ୍ଷଟି ଧୂଆଁଳିଆ ହୋଇଯାଏ । ବାୟୁ ଚଳାଚଳ ପାଇଁ କୌଣସି ବାଟ ନଥିବାରୁ ଧୂଆଁ ଆସ୍ତେ ଆସ୍ତେ ପିରି ମଧ୍ୟ ଦେଇ ବାହାରକୁ ବାହାରେ । ପ୍ରକୋଷ୍ଠର ଅଶ୍ୱସ୍ତିକର ଧୂଆଁଳିଆ ପରିବେଶ ବିଚଳିତ କରିପାରେ ନାହିଁ ଏମାନଙ୍କୁ । ନିଆଁର ଚାରିପାଖରେ ବସି ହସଖୁସି ହେଉଥାନ୍ତି ସମସ୍ତେ । ବଣ୍ଡା ଧାଙ୍ଗଡ଼ା ଆରମ୍ଭ କରିଦିଏ ପରୀକ୍ଷା ନିରୀକ୍ଷା । ଧୂନିରୁ ଏକ ନିଆଁ ଖୁଣ୍ଟି ଆସ୍ତେ ନେଇ ଧାଙ୍ଗଡ଼ି ଦେହରେ ଲଗାଇ ଦିଏ । ଯଦି ଧାଙ୍ଗଡ଼ି ଏହାର ଜିନ୍ଦି ପ୍ରତିବାଦ ନ କରେ ତେବେ ସେ ଧାଙ୍ଗଡ଼ାକୁ ଉଇ ପାଉଛି ବୋଲି ଧାଙ୍ଗଡ଼ା ଭାବି ନିଏ । ଯଦି ଧାଙ୍ଗଡ଼ି ରୁଷ୍ଟ ହୋଇ ଧାଙ୍ଗଡ଼ାକୁ ଗାଳିଗୁଲଜ କରେ ତେବେ ସେ ତାକୁ ଉଇ ପାଉନଥିବାର ପ୍ରମାଣ ମିଳେ । ବେଳେବେଳେ ସେ ଧାଙ୍ଗଡ଼ା

ପାଖରୁ ଉଠିଯାଇ ଅନ୍ୟପାଖରେ ବସେ । ବଣ୍ଡା ଝିଅ ଯେ କେଉଁ ଛାଡ଼ିବା ଲୋକ ? ସେ ଆଗରୁ ସଂଗ୍ରହ କରି ରଖିଥିବା, ଗୁଡବାଇ, ସୁସରାବ, କୁଣ୍ଡଙ୍ଗ ଇତ୍ୟାଦି ବଣ୍ଡା ପୁଅ ଦେହରେ ଲଗାଇ ଦିଅନ୍ତି । ଏହା ପ୍ରବଳ କୁଣ୍ଡାଇ ହୁଏ । ପୁଅ କୁଣ୍ଡାଇ କୁଣ୍ଡାଇ ଦେହସାରା ପଳିଯାଏ । ଏତଦ୍ ବ୍ୟତୀତ ଖୁଆଲି ଲୋକମାନଙ୍କୁ ଝିଅମାନେ ଆଗରୁ ଗୋବର ମଧ୍ୟରେ ପୋତା ହୋଇଥିବା କଦଳୀପତ୍ର (ଉସୁଙ୍ଗଡ଼ାଗ)ରେ ପିଟିବା, ତେଲମିଶା ହାଣ୍ଡିକଳା (ଉସାଇସୁତ) ଓ ନେପସାର (ବାଶଫୁଲ) ରସରୁ ପ୍ରସ୍ତୁତ ଲାଲ ରଙ୍ଗକୁ ପୁଅ ଦେହରେ ଲଗାଇ ଖୁବ୍ ଆନନ୍ଦ ଉପଭୋଗ କରିଥାନ୍ତି । ଅନେକ ସମୟରେ ଧାଙ୍ଗଡ଼ାମାନେ ଭଲ ପାଉଥିବା ଧାଙ୍ଗିଡ଼ୀମାନଙ୍କ ହାତକୁ ଟାଣିଓଟାରି ମୁଦି ଖଡୁ ଇତ୍ୟାଦିକୁ ଉପହାରସ୍ୱରୂପ ପିନ୍ଧାଇଥାନ୍ତି । ବେଳେବେଳେ ମଧ୍ୟ ଝିଅ ପୁଅ ଦେଉଥିବା ଉପହାରକୁ ସହଜରେ ଗ୍ରହଣ କରିଥାଏ । ବେଳେବେଳେ ଧାଙ୍ଗଡ଼ାକୁ ପରୀକ୍ଷା କରିବା ପାଇଁ ଧାଙ୍ଗଡ଼ି ଧାଙ୍ଗଡ଼ା କୌଣସି ଜିନିଷ ଗ୍ରହଣ କରେ ନାହିଁ । ତେଣୁ ଧାଙ୍ଗଡ଼ାକୁ ବାରମ୍ବାର ଧାଙ୍ଗଡ଼ିବସାକୁ ଆସିବାକୁ ପଡ଼ିଥାଏ । ଧାଙ୍ଗଡ଼ା ଝିଅକୁ ବିବାହ କରିବାକୁ ଚାହେଁ ବୋଲି ଗୀତ ଗାଇ ପ୍ରସ୍ତାବ ବାଢ଼େ । ଝିଅ ପ୍ରତି ବଦଳରେ ପୁଅ ବିଷୟରେ ଜାଣିବାକୁ ଅନେକ ପ୍ରଶ୍ନ ଗୀତ ମାଧ୍ୟମରେ ପଚାରିଥାଏ । ଗୀତ ମାଧ୍ୟମରେ ପଶ୍ନୋତ୍ତର ଅନେକ ସମୟ ପର୍ଯ୍ୟନ୍ତ ଚାଲିଥାଏ । ଏହା ଉଲ୍ଲେଖଯୋଗ୍ୟ ଯେ ବଣ୍ଡା ଧାଙ୍ଗଡ଼ା ଓ ଧାଙ୍ଗଡ଼ିମାନେ ବର୍ତ୍ତମାନର ପରିସ୍ଥିତିକୁ ନେଇ ବିଭିନ୍ନ ଗୀତ ବୋଲି ପାରନ୍ତି । ଧାଙ୍ଗଡ଼ିମାନେ ଧାଙ୍ଗଡ଼ାମାନଙ୍କୁ ଆଉ ଯେଉଁ ପରୀକ୍ଷା କରନ୍ତି ତାହା ନିଆଁହୁକା । ଧାଙ୍ଗଡ଼ି ଗୋଟିଏ ଜଳନ୍ତା ନିଆଁ ଖୁଦ୍ଧାକୁ ନେଇ ପ୍ରାୟ ୩୦ ସେକେଣ୍ଡ ପର୍ଯ୍ୟନ୍ତ ପୁଅରେ ଛାତି ବା ପିଠି ଉପରେ ଧାପ ପ୍ରୟୋଗ କରିଥାଏ । ତାକୁ ପୁଅକୁ ସହିବାକୁ ପଡ଼ିଥାଏ । ଯଦି ଧାଙ୍ଗଡ଼ା ଏ ପରୀକ୍ଷାରେ ବିଜୟୀ ହୁଏ ତେବେ ତା'ର ମରଦପଣିଆ ଜଣାପଡ଼େ ।

ସେଲାନି ଡ଼ିଙ୍ଗୋର ଅନ୍ୟ ଏକ ଆକର୍ଷଣ ହେଲା ଧସ୍ତାଧସ୍ତି ବା ଟଣାଓଟରା । ବାଳକମାନଙ୍କ ସହିତ ଯାଇଥିବା ବଡ଼ ଧାଙ୍ଗଡ଼ାମାନେ ପ୍ରଥମେ ଏହି କାମ ଆରମ୍ଭ କରିଥାନ୍ତି । ଏହାଦ୍ୱାରା ଧାଙ୍ଗଡ଼ିମାନେ ରାଗନ୍ତି ନାହିଁ କିମ୍ବା ଗାଳିଗୁଲଜ କରନ୍ତି ନାହିଁ । ଛୋଟ ପିଲାମାନଙ୍କୁ ଏହି ସୁଯୋଗ ଦିଆଯାଇଥାଏ କିନ୍ତୁ ସେମାନେ ଛୋଟ ଥିବାରୁ ଲଜ୍ୟା ମୁଖର ହୋଇପଡ଼ନ୍ତି । ବେଳେବେଳେ ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ଘର ଭିତରୁ ପଦାକୁ ଆସି ଢ଼େମଶା ନାଚ କରିଥାନ୍ତି । ଏଥିରେ ସମସ୍ତ ବାଳକ ଓ ବାଳିକା ଭାଗନେଇଥାନ୍ତି । ଏହିପରି କେତେକ୍ଷଣ ବିତିଗଲା ପରେ ହାଲିଆ ହୋଇ ସମସ୍ତେ

ଶୋଇବାକୁ ଯାଆନ୍ତି । ଘରର ଗୋଟାଏ ପାଖକୁ ଲାଗି ଧାଙ୍ଗଡ଼ାମାନେ ଓ ଅନ୍ୟପାଖକୁ ଲାଗି ଧାଙ୍ଗଡ଼ିମାନେ ଶୋଇଥାନ୍ତି । ବେଳେବେଳେ ପରସ୍ପରକୁ ଭଲ ପାଉଥିବା ଦୁଇ ଜଣ ପୁଅ ଝିଅ କୌଶଳ କ୍ରମେ ଉଠି ବାହାରକୁ ପଳାଇଯାଆନ୍ତି କିନ୍ତୁ ବିବାହ ପୂର୍ବରୁ ସେମାନେ ଅବୈଧ ସମ୍ପର୍କରେ ଲିପ୍ତ ରହନ୍ତି ନାହିଁ । ସାଧାରଣତଃ ସେଲାନିଡ଼ିଙ୍ଗୋ ଏକ ଆମୋଦପ୍ରମଦ କେନ୍ଦ୍ର ହୋଇଥିବା ବେଳେ ଛୋଟ ପିଲାଙ୍କ ପାଇଁ ଏହା ଏକ ତାଲିମ କେନ୍ଦ୍ର ପରି କାର୍ଯ୍ୟ କରିଥାଏ । ଯାହାହେଉ, ଧାଙ୍ଗଡ଼ାର ପ୍ରକୃତ ପ୍ରେମ ଅନୁଭବ କଲାପରେ ଧାଙ୍ଗଡ଼ି ଧାଙ୍ଗଡ଼ାଠାରୁ ମୁଦି କିମ୍ବା ଚୁଡ଼ି ଗ୍ରହଣ କରି ବିବାହ ପାଇଁ ସ୍ୱୀକୃତି ପ୍ରଦାନ କରିଥାଏ । ଏହିଠାରୁ ସେମାନଙ୍କର ଆରମ୍ଭ ହୁଏ ପ୍ରେମ ଓ ବୈବାହିକ ଜୀବନ ।

ସେଲାନ୍‌ଡ଼ିଙ୍ଗୋର ଆୟର ଉତ୍ସ :

ବାଳିକାମାନେ ନିଜ ମଧ୍ୟରେ ଚାନ୍ଦା କରି, ନୂଆଁଇ (ସହଯୋଗୀ ଶ୍ରମ ପ୍ରତିବଦଳରେ ଦିଆଯାଉଥିବା ପାରିଶ୍ରମିକ) ଆଣି, ଜୁନ୍ଧା (ଗୋଟିଏ ଦିନର ପରିଶ୍ରମ ପାଇଁ ମଜୁରୀ) ଉପାର୍ଜନ କରି, କାଇକମ (ଧାର) ଆଣି, ଉପହାର ଗ୍ରହଣ କରି କିମ୍ବା ଚୋରିକରି ଆୟର ପରିମାଣ ବୃଦ୍ଧି କରିଥାନ୍ତି । ବିଷଦ ଭାବରେ ନିମ୍ନରେ ବର୍ଣ୍ଣନା କରାଯାଇଛି :-

୧. ପୌଷ ମାସ ଉପସ୍ଥିତ । ବଣ୍ଡାମାନେ ପୋତୁଚାଷରୁ ସମସ୍ତ ଶସ୍ୟ ଅମଳ କରି ଘରେ ଘରେ ସାଇତି ରଖିସାରିଲେଣି । ଅମଳ କାମ ସରିଯାଇଛି । ମନ ମଉଜର ଦିନ ଆସିଯାଇଛି । ବାହାରେ ଚାଷ ବୋଲି କିଛି ନାହିଁ । ଶସ୍ୟ ସବୁ ଘରେ ଆସି ପଶିଯାଇଛି । ଏହି ଅବସରରେ ବଣ୍ଡାମାନେ ମନ ଆନନ୍ଦରେ ପାଳନ କରନ୍ତି ସୁମେଗେଲିରାଜ (ପୁଷପରବ) । ପର୍ବ ଉପଲକ୍ଷ୍ୟେ ଧାଙ୍ଗଡ଼ିବସାରେ ପେଣ୍ଡମ ଓ ଭାତ ପ୍ରସ୍ତୁତ କରିବାକୁ ପଡ଼ିଥାଏ । ଯେହେତୁ ସମସ୍ତଙ୍କ ଘରେ ଶସ୍ୟ ଭରପୁର ଥାଏ, ତେଣୁ ଏହି ପୂର୍ବର କିଛିଦିନ ଆଗରୁ ଧାଙ୍ଗଡ଼ି ବସାର ଝିଅମାନେ ଅଳ୍ପ କିଛି ଟଙ୍କା (ପ୍ରାୟ ଟ ୫ଟଙ୍କା), ସୁଆ ୧ ମାଣ (ପ୍ରାୟ ୨-୩ କିଲୋଗ୍ରାମ) ଓ ଧାନ ଚାଉଳ ଏକ ପଡ଼ି (ପ୍ରାୟ ୫୦୦ ଗ୍ରାମ) ଲେଖାଁଏ ଚାନ୍ଦା (ସୁସ) କରିଥାନ୍ତି । ସମସ୍ତ ଝିଅ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ଚାନ୍ଦା ଆଣି ସେଲାନି ଡ଼ିଙ୍ଗୋରେ ଠୁକ କରି ମଦ, ପେଣ୍ଡମ ପ୍ରସ୍ତୁତ କରିବାରେ ଲାଗି ପଡ଼ନ୍ତି ।

୨. ସୁମେରଗେଲିରାଜ (ପୁଷ ପର୍ବ) ଶେଷରେ ଗୁରୁବାର ଦିନ ସକାଳୁ ସକାଳୁ ଧାଙ୍ଗଡ଼ିବସାର ଝିଅମାନେ ଗାଧୋଇ ପାଧୋଇ ସଜବାଜ ହୋଇ ସଲପ ପେଷମ ଖାଇସାରି ବିଭିନ୍ନ ଗାଁକୁ ମାଗିମାକୁ (ଲୁଲୁସୁମ) ଯାଆନ୍ତି । ତାଙ୍କ ସହିତ ମଧ୍ୟ ଗାଁର ଭାଇମାନେ ବାଜା ବଜାଇ ଯାଆନ୍ତି । ନାଚିନାଚି ଗୀତ ଗାଇ ଗାଇ ଝିଅମାନେ ଘର ଘର ବୁଲି ଶସ୍ୟ ମାଗନ୍ତି । ଅନେକ ଲୋକମାନେ ଝିଅମାନଙ୍କୁ ଡ଼ାକି ସାଗୁର (ମଦ), ସାପୁଙ୍ଗ (ସଳପ) ଓ ପେଷମ (ହାଣ୍ଡିଆ) ପିଇବାକୁ ଦେଇଥାନ୍ତି । ଉକ୍ତ ଶସ୍ୟକୁ ସୁସୁଗିଗେ (ମାଘପରବ) ଓ ଗିଆଗଗିଗେ (ଚୈତ ପରବ) ଅବସରରେ ବ୍ୟବହାର ପାଇଁ ସଞ୍ଚୟ କରି ରଖିଥାନ୍ତି ।

୩. ଯଦି କୌଣସି ବ୍ୟକ୍ତିର କାମ ଶେଷ ହୋଇନଥାଏ, ସେ ବେଳେବେଳେ ଧାଙ୍ଗଡ଼ିମାନଙ୍କୁ କାମ କରିଦେବା ପାଇଁ ଅନୁରୋଧ କରେ । ଧାଙ୍ଗଡ଼ିମାନେ ତା'ର କାମ କରିଦିଅନ୍ତି । ସାହୁକାର ପ୍ରତିବଦଳରେ ଖାଦ୍ୟ ପାନୀୟ ଦେବା ସହିତ ଅଳ୍ପ କିଛି ଶସ୍ୟ ଦେଇଥାଏ । ତାକୁ ସେଲାନେ ନୁଆଁଇ ଜୁହାଯାଏ । ଏହାକୁ ଧାଙ୍ଗଡ଼ିମାନେ ଭବିଷ୍ୟତ ବ୍ୟବହାର ପାଇଁ ସଞ୍ଚୟ କରି ରଖିଥାନ୍ତି ।

୪. ଧାଙ୍ଗଡ଼ିବସାରେ ଝିଅମାନେ ଏକାଠି ହୋଇ କୌଣସି ଲୋକର କିଛି କାର୍ଯ୍ୟ କରିବା ପାଇଁ ମଜୁରୀରେ (କୁଡା) ଯାଇଥାନ୍ତି । ଗୋଟାଏ ଦିନର ପରିଶ୍ରମ ପ୍ରତି ବଦଳରେ ସାହୁକାର ଖାଦ୍ୟ ସହିତ ପ୍ରତ୍ୟେକଙ୍କୁ ୧ ମାଣ ସୁଆଁ କିମ୍ବା ଧାନ ପ୍ରଦାନ କରିଥାନ୍ତି । ତାକୁ ଝିଅମାନେ ଧାଙ୍ଗଡ଼ିବସାରେ ସାଇତି ରଖନ୍ତି ।

୫. ଅଭାବ ସମୟରେ ଯଦି ଆବଶ୍ୟକ ପଡ଼େ, ତେବେ ବାଳିକାମାନେ ଏକତ୍ର ହୋଇ କୌଣସି ସାହୁକାର ଠାରୁ ଧାର ସ୍ୱରୂପ ସୁଆଁ, କାଙ୍କଡ଼ାଆଖୁ କିମ୍ବା ଧାନ ଆଣିଥାନ୍ତି । ଏହାକୁ କାଇଜମ୍ କହନ୍ତି । ପରେ ଆବଶ୍ୟକ ସମୟରେ ଝିଅମାନେ ସାହୁକାରର କାମ କରି ଶସ୍ୟ ଋଣ ସୁଝିଥାନ୍ତି । ଏହାକୁ ସେଲାନେ କାଇଜମ୍ ନୁଆଁଇ ଜୁହାଯାଏ ।

୬. ଯଦି କୌଣସି ବ୍ୟକ୍ତିର ସୁଆଁ, ମାଣ୍ଡିଆ, କାଙ୍ଗୁ, କଙ୍କଡ଼ା ଆଖୁ, ଧାନ ଇତ୍ୟାଦି ଶସ୍ୟ କାଟିଲା ବେଳେ ଧାଙ୍ଗଡ଼ି ବସାର ଝିଅମାନେ ନୁଆଁଇ ଯାଆନ୍ତି, ତେବେ ସେମାନେ ସାହୁକାର ବିଲରୁ ଶସ୍ୟ ଛିଣ୍ଡାଇ ଆଣନ୍ତି । ଝିଅମାନଙ୍କ ସହିତ କାମକୁ ଯାଇଥିବା ବାପା, ଭାଇମାନେ ମଧ୍ୟ ଶସ୍ୟ କେଣ୍ଡା ଛିଣ୍ଡାଇ ଆଣନ୍ତି । ଏହି ଶସ୍ୟ

ଛିଣ୍ଡାଇ ଆଣିବାକୁ ସାହୁକାର ମନା କରେ ନାହିଁ । ମନକଲେ ସାହୁକାର ମଧ୍ୟ କିଛି ଶସ୍ୟ ଧାଙ୍ଗଡ଼ିମାନଙ୍କୁ ଉପହାର ସ୍ୱରୂପ ପ୍ରଦାନ କରେ । ପୁଅ ଓ ଝିଅମାନେ ଛିଣ୍ଡାଇ ଆଣିଥିବା ସମସ୍ତ ଶସ୍ୟକୁ ଧାଙ୍ଗଡ଼ିବସାର ଝିଅମାନଙ୍କୁ ଦିଆଯାଏ ଓ ଧାଙ୍ଗଡ଼ି ବସା ଝିଅମାନେ ତାକୁ ନେଇ ଧାଙ୍ଗଡ଼ିବସାରେ ଗଚ୍ଛିତ କରି ରଖନ୍ତି ।

୭. କୌଣସି ସହୃଦୟ ବ୍ୟକ୍ତି ବାଳିକାମାନଙ୍କର କୌଣସି ଛୋଟ ସାହାଯ୍ୟରେ ଜିମ୍ମା ବିନା କାରଣରେ ଝିଅମାନଙ୍କୁ ଶସ୍ୟ ପ୍ରଦାନ କରିପାରନ୍ତି । ଏହା ଝିଅମାନଙ୍କର ଆୟରେ ମିଶେ ।

୮. ଧାନ ପାଚିଗଲା ପରେ ଧାଙ୍ଗଡ଼ିବସାର ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ନିସ୍ତବ୍ଧ ରାତ୍ରରେ ଧାନ କିଆରିକୁ ଯାଇ ହିଡ଼ର ପାଖପାଖରୁ ଧାନ ଆଙ୍କୁଡ଼ି (ରୁଇବାକେର) ନେଇଆସନ୍ତି । ସାହୁକାର ନ ଜାଣିବା ପାଇଁ ଧାନକୁ ନ କାଟି ଆଙ୍କୁଡ଼ି କରି ନେଇଆସନ୍ତି । ରୁଞ୍ଚାଯାଇଥିବା କଣ୍ଡା ଗୁଡ଼ାକୁ ମୟୁର ଖାଇ ଦେଇଛି ବୋଲି ସାହୁକାର ଚିନ୍ତା କରେ । ପୁଅଝିଅ ରୁଞ୍ଚି ଆଣିଥିବା ସମସ୍ତ ଧାନକୁ ଧାଙ୍ଗଡ଼ି ବସା ଝିଅମାନଙ୍କୁ ଦିଆଯାଇଥାଏ ।

ସେଲାନି ଡ଼ିଙ୍ଗୋ ଦ୍ୱାରା ବ୍ୟୟ ପଦ୍ଧତି:

ସେଲାନିଡ଼ିଙ୍ଗୋ ଦ୍ୱାରା ଉପାର୍ଜିତ ଧନରାଶି ନିମ୍ନଲିଖିତ ଉପାୟରେ ବ୍ୟୟ କରାଯାଇଥାଏ ।

୧. ଧାଙ୍ଗଡ଼ିବସାକୁ ଆସୁଥିବା ଅତିଥି ଧାଙ୍ଗଡ଼ାମାନଙ୍କ ନିମିତ୍ତେ ମଦ, ପେଣ୍ଡମ ଇତ୍ୟାଦି ପ୍ରସ୍ତୁତ କରାଯାଇ ସେବନ ପାଇଁ ଅର୍ପଣ କରାଯାଇଥାଏ ।

୨. ପ୍ରଥାନୁଯାୟୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ଯଥା ସୁମେ ଗେଲିରାକ୍ (ପୁଷପରବ), ସୁସୁଗିଗେ (ମାଘ ପରବ), ଗିଆଗ ଗିଗେ (ଚୈତ ପରବ) ଇତ୍ୟାଦି ଅବସରରେ ବଣ୍ଡା ଝିଅମାନେ ଧାଙ୍ଗଡ଼ି ବସାରେ ପ୍ରଚୁର ପରିମାଣରେ ପେଣ୍ଡମ ପ୍ରସ୍ତୁତ କରିରଖିଥାନ୍ତି ଓ ଭାତ ତରକାରୀ ମଧ୍ୟ ପ୍ରସ୍ତୁତ କରାଯାଇଥାଏ । ଉକ୍ତ ଭାତ ତରକାରୀ ଓ ମୁଖ୍ୟତଃ ପେଣ୍ଡମକୁ ନିଜଗାଁର ଲୋକଙ୍କୁ ଅନ୍ୟଗାଁରୁ ଆସିଥିବା ଲୋକ ତଥା ଅତିଥିମାନଙ୍କୁ ପିଇବାକୁ ଦେଇଥାନ୍ତି ।

୩. ବିଭିନ୍ନ ସମୟରେ ଡମୁଣୀମାନେ ବିଭିନ୍ନ ପ୍ରକାର ଅଳଙ୍କାର ଯଥା କାନଫୁଲ, ନାକଫୁଲ, ଚୁଡ଼ି, ମୁଦି ଇତ୍ୟାଦି ନେଇ ଗାଁ ଗାଁ ବୁଲି ବିକ୍ରି କରିବାକୁ ଆସିଥାଏ । ସେଲାନିଡ଼ିଙ୍ଗୋର ଧାଙ୍ଗଡ଼ିମାନେ ଡମୁଣୀଠାରୁ ଏହି ଅଳଙ୍କାରଗୁଡ଼ିକୁ ଶସ୍ୟ ବିନିମୟରେ କ୍ରୟ କରିଥାନ୍ତି ।

୪. ସେଲାନିଡ଼ିଙ୍ଗୋର କୌଣସି ଝିଅପାଇଁ ବିବାହ ପ୍ରସ୍ତାବ ଠିକ୍ ହେବା ପରେ ପୁଅ କନ୍ୟାପିତା ପାଇଁ ମଦ, ପେଣ୍ଡମ ଇତ୍ୟାଦି ଆଣିଦିଏ । ଏହାର କିଛିଦିନ ପରେ ପ୍ରସ୍ତାବିତ କନ୍ୟା ଭାବି ସ୍ୱାମୀର ସାଙ୍ଗମାନଙ୍କୁ ତା'ପାଇଁ ଧାଙ୍ଗଡ଼ିବସାରେ ଶୋଇବା ପାଇଁ ବାଉଁଶ ପଟି ଆଣିଦେବା ପାଇଁ ଖବର ଦିଏ । ପୁଅ ଏଥିରେ ବହୁତ ଖୁସି ହୁଏ କାରଣ ସେ ତାର ଭାବି ପତ୍ନୀ ପାଇଁ ପଟି ନେଇଦେବ । ତେଣୁ ସେ ପଟି ସଂଗ୍ରହ କରି, ତା ସହିତ ତୁରାବୁ ତିଆରି ପାଇଁ କୁରଡବ୍ ଘାସ, ଶୁଖୁଆ ତିଆରି ପାଇଁ ଖଜୁରୀପତ୍ର ଓ ଅନ୍ୟାନ୍ୟ ଅଳ୍ପକିଛି ଖାଦ୍ୟଦ୍ରବ୍ୟ ନେଇ ପୁଅ ତା ସାଙ୍ଗମାନଙ୍କ ସହ ଯାଇ ଧାଙ୍ଗଡ଼ିବସାରେ ପହଞ୍ଚି ଆଣିଥିବା ଦ୍ରବ୍ୟକୁ ଭାବି ପତ୍ନୀକୁ ଉପହାର ଦିଏ ।

ଏହାର କିଛିଦିନ ପୂର୍ବରୁ ଭାବିସ୍ୱାମୀ ଧାଙ୍ଗଡ଼ିବସାକୁ ପଟି ଆଣିଦେବ ବୋଲି ଖବର ପଠାଇଥାଏ । ତେଣୁ ଝିଅମାନେ ଗଚ୍ଛିତ ଧନରାଶିରୁ କିଛି ନେଇ ପେଣ୍ଡମ ପ୍ରସ୍ତୁତ କରନ୍ତି । ଯଦି ଧାଙ୍ଗଡ଼ିବସାରେ ଶସ୍ୟ ନଥାଏ ତେବେ ଧାଙ୍ଗଡ଼ିମାନେ ନିଜ ନିଜ ମଧ୍ୟରେ ଚାନ୍ଦା କରି ସୁଆଁ ସଂଗ୍ରହ କରନ୍ତି । ପଟି ଆଣି ଦେବା ଦିନ ପଡ଼ି ଆଣିଦେଇଥିବା ଭାବିସ୍ୱାମୀ ଓ ତା ସାଙ୍ଗମାନଙ୍କୁ ଅଳ୍ପ ମଦପାଣି ଦେଇ ପଠାଇ ଦିଆଯାଏ । ଏହା ପରଠାରୁ ଝିଅମାନେ ସଂଗ୍ରହ କରିଥିବା ଶସ୍ୟରୁ ଏକଗରିଆ ପେଣ୍ଡମ ପ୍ରସ୍ତୁତ କରନ୍ତି । ସମସ୍ତେ ବାଛିକା ମିଶି ମାଛ ଧରି ଆଣି କଞ୍ଚା ମାଛକୁ ଦନାରେ ଭର୍ତ୍ତି କରିଦିଆଯାଏ । ଭାତ ରନ୍ଧାଯାଏ । ଉକ୍ତ ଭାତ, କାଞ୍ଚାମାଛ ଓ ଏକଗରିଆ ପେଣ୍ଡମକୁ ପ୍ରସ୍ତାବିତ ଝିଅ ଓ ଧାଙ୍ଗଡ଼ିବସାର ଅନ୍ୟଝିଅମାନେ ପୁଅ ଘରକୁ ନେଇଦିଅନ୍ତି । ଏହା ପୂର୍ବରୁ ପୁଅକୁ ଆଗରୁ ଖବର କରାଯାଇଥାଏ । ପ୍ରସ୍ତାବିତ କନ୍ୟା ପୁଅ ଘରକୁ ଯାଏ ନାହିଁ । ଗାଁ ମୁଣ୍ଡରେ ଅପେକ୍ଷା କରିଥାଏ । ଅନ୍ୟମାନେ ପୁଅକୁ ଦ୍ରବ୍ୟମାନ ଦେଇ ପୁଅ ଘରେ ଖାଦ୍ୟପେୟ ସେବନ କରି ଫେରନ୍ତି ।

ସେଲାନିଡ଼ଙ୍ଗୋର ସଦସ୍ୟା ମାନଙ୍କର ବିଭିନ୍ନ କାର୍ଯ୍ୟାବଳୀ :

ବଣ୍ଡା ସମାଜରେ ସେଲାନିଡ଼ଙ୍ଗୋର ଭୂମିକା ଅନ୍ତତ୍ୟ ଗୁରୁତ୍ୱପୂର୍ଣ୍ଣ । କୌଣସି ପିଲା ୧୦-୧୨ ବର୍ଷ ହୋଇଗଲା ପରେ ତା' ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୁଏ ସେଲାନିଡ଼ିଙ୍ଗୋ । ବଣ୍ଡା ପିଲାଟି ଧାଙ୍ଗଡ଼ିବସାକୁ ଯାଇ ପୁନଃ ସାମଜିକକରଣ ପ୍ରଥା ଶିକ୍ଷା କରିଥାଏ । ବିଭିନ୍ନ ପ୍ରକାର କାର୍ଯ୍ୟ ପାଇଁ ଜ୍ଞାନ କୌଶଳ କରାୟତ କରିଥାଏ । ସେଲାନିଡ଼ିଙ୍ଗୋର ବୟୋଜ୍ୟେଷ୍ଠ ସଦସ୍ୟମାନେ ବୟଃକନିଷ୍ଠ ସଦସ୍ୟମାନଙ୍କୁ ଗୀତ, ଗପ, ନାଚ ଇତ୍ୟାଦି ଶିକ୍ଷା ଦେବାଠାରୁ ଆରମ୍ଭକରି ରିଙ୍ଗା ବୁଣିବା, ମାଳି ତିଆରି କରିବା, ଚାଷ କରିବା, ବୈବାହିକ ଜୀବନକୁ ସୁଖମୟ କରିବା ପ୍ରଣାଳୀ ଇତ୍ୟାଦି ପ୍ରାଞ୍ଜଳ ଭାବରେ ଶିଖାଇ ଦେଇଥାଆନ୍ତି । ସଦସ୍ୟମାନେ ଏକତ୍ର ହୋଇ ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ, ଧର୍ମୀୟ କାର୍ଯ୍ୟ, ଗ୍ରାମସୁରକ୍ଷା କରିବା ଇତ୍ୟାଦି କାର୍ଯ୍ୟମାନ ସୁଚାରୁରୂପେ ସଂପାଦନ କରିଥାଆନ୍ତି । ସେଲାନିଡ଼ିଙ୍ଗୋର ବିଭିନ୍ନ କାର୍ଯ୍ୟମାନ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ସାମାଜିକ :

ସେଲାନିଡ଼ିଙ୍ଗୋର ଝିଅମାନେ ଏକତ୍ର ହୋଇ ନିମ୍ନଲିଖିତ ସାମାଜିକ କାର୍ଯ୍ୟମାନ ସଂପାଦନ କରିଥାଆନ୍ତି :-

୧. କୌଣସି ବିଧବା ଧାଙ୍ଗଡ଼ିବସାରେ ଝିଅମାନଙ୍କୁ ଅନୁରୋଧ କଲେ ଝିଅମାନେ ବିଧବା ମହିଳାର ଘରଲିପିବା, ଘରତିଆରି କରିବା, ଜଙ୍ଗଲରୁ କାଠ ବାଉଁଶ ଇତ୍ୟାଦି ଆଣିଦେବା, ଚାଷ କାମରେ ସାହାଯ୍ୟ କରିବା, ପର୍ବପର୍ବାଣୀ ଅବସରରେ ଘରଲିପି ଦେବା, ଶସ୍ୟ ଓ ଚୁନା କୁଟିଦେବା ଆଦି ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି ।

୨. କୌଣସି ବ୍ୟକ୍ତିର ଡ଼ାଗୋଇଜଗେ (ଡ଼ାଗୋଇ ଛଡ଼ାଇବା ପାଇଁ ଭୋଜି) ୟାଇବୟଜାଙ୍ଗ (କନ୍ୟା ତାକି ଆଣିବା ପାଇଁ ଭୋଜି) ଇଉଅଡେ (ବିବାହ ଭୋଜି) ଗୁଫାଂସି (ଏକୋଇସିଆ ଭୋଜି) ଗାଇସେ (ମୃତିକିଆ ଭୋଜି), ଶନିଗିଗେ (ଶନିକୁ ଛଡ଼ାଇବା ପାଇଁ ପୂଜାପାଠ) ଇତ୍ୟାଦି କର୍ମକାଣ୍ଡ ଅବସରରେ ଝିଅମାନେ ଉକ୍ତ ବ୍ୟକ୍ତି ପାଇଁ ଶସ୍ୟ କୁଟିବା, ଜଙ୍ଗଲରୁ କାଠ ଓ ପତ୍ର ସଂଗ୍ରହ କରି ଆଣିଦେବା, ଚଉପଦି ତିଆରି କରିବା, ପାଣିଦେବା ଇତ୍ୟାଦି

କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି । ପ୍ରତିବଦଳରେ ଏମାନଙ୍କୁ ସ୍ୱତନ୍ତ୍ର ଭାବେ ଖାଦ୍ୟପେୟ ଖାଇବାକୁ ଦିଆଯାଇଥାଏ ।

୩. କୌଣସି ଏକ ପୁଅକୁ ବିବାହ କରିବା ପାଇଁ ଧାଙ୍ଗଡ଼ିବସାର ଝିଅମାନେ ପ୍ରସ୍ତାବିତ ଝିଅକୁ ମନାଇଥାନ୍ତି ।

୪. ଗାଁର ଝିଅମାନେ କୌଣସି ବ୍ୟକ୍ତି ପାଇଁ ନୂଆ ବହୁକୁ ଡ଼ାକି ଆଣିବାକୁ (ଯାଇବୟ) ଯାଆନ୍ତି ଓ ବହୁକୁ ଗୀତି ଗାଇ ଗାଇ ଡ଼ାକି ଆଣନ୍ତି । ନୂଆବହୁ ସହିତ ମାଛ ଧରିବା (ସଗ), ଡ଼ଙ୍ଗର କାମ (ବିରିପାଇଟି) କରିବା, ଜଙ୍ଗଲରୁ କାଠପତ୍ର ସଂଗ୍ରହ କରିବା ଓ ସର୍ବୋପରି ନୂଆ ବହୁକୁ ଜଗିବା (ଜାଗଲ) ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ପ୍ରତିବଦଳରେ ଏମାନଙ୍କୁ କେବଳ ଖାଦ୍ୟପାନୀୟ ଦିଆଯାଇଥାଏ ।

୫. ବାଳିକାମାନେ ନିଜ ନିଜ ମଧ୍ୟରେ ସାହାଯ୍ୟ ସହଯୋଗ କରି ଘରକାମ ଠାରୁ ଆରମ୍ଭ କରି ଚାଷ କାର୍ଯ୍ୟ ପର୍ଯ୍ୟନ୍ତ କାର୍ଯ୍ୟ ସଂପାଦନ କରିପାରନ୍ତି । କୌଣସି ବ୍ୟକ୍ତି ବାଳିକାମାନଙ୍କୁ ମଦ୍ୟପାନ ଦେଇ ବିଭିନ୍ନ ପ୍ରକାର କାମରେ ସାହାଯ୍ୟ କରିବା ପାଇଁ ପ୍ରସ୍ତାବ ଆଗତ କରିଥାଏ । ଝିଅମାନେ ନିର୍ଦ୍ଦିଷ୍ଟ ସମୟରେ ଉକ୍ତ ବ୍ୟକ୍ତିର କୌଣସି କାର୍ଯ୍ୟ ଯଥା ଚାଷକାମ, ଜଙ୍ଗଲରୁ ବାଉଁଶ କାଠ ଓ ପିରି ସଂଗ୍ରହ କରିବା, ଗୃହନିର୍ମାଣରେ ସହଯୋଗ କରିବା ଇତ୍ୟାଦି କାର୍ଯ୍ୟରେ ସହଯୋଗ କରନ୍ତି। ପ୍ରତିବଦଳରେ ଆମନ୍ତ୍ରଣକାରୀ ମାଂସ ଭାତ ଭୋଜି ଓ ପେଣ୍ଡମ ପିଇବାକୁ ଦେଇଥାଏ । ଏହାକୁ ସେଲାନେକନୁଆଇଁ କହନ୍ତି ।

୬. କୌଣସି ବ୍ୟକ୍ତିର କାର୍ଯ୍ୟ ପଛରେ ପଡ଼ିଗଲେ କନ୍ୟାମାନେ ତାଙ୍କୁ କାର୍ଯ୍ୟରେ ବିନା ପାରିଶ୍ରମିକରେ ସାହାଯ୍ୟ କରନ୍ତି । ତାକୁ ସେମାନେ ସାଣ୍ଡୁଙ୍ଗାଁର କହନ୍ତି ।

୮. ସେହିପରି କୌଣସି ବ୍ୟକ୍ତିର ଅନୁରୋଧ କ୍ରମେ ମଧ୍ୟ ଝିଅମାନେ କୁଡା (ମଜୁରୀ) ଯାଇଥାନ୍ତି । ସାହୁକାରର କହିବାନୁଯାୟୀ କୌଣସି ପ୍ରଚାର କାର୍ଯ୍ୟ କରିଥାନ୍ତି ଏହି ଝିଅମାନେ । ପାରିଶ୍ରମିକ ବାବଦକୁ ପ୍ରତ୍ୟେକ ବାଳିକାଙ୍କୁ ସାମାନ୍ୟ ସୁଆଁ କିମ୍ବା ଧାନ ଦିଆଯାଇଥାଏ ଓ କିଛି ଖାଦ୍ୟପାନୀୟ ପ୍ରଦାନ କରାଯାଇଥାଏ ।

୯. ଧାଙ୍ଗଡ଼ିବସାର ଝିଅମାନେ ହାଟ ବଜାରକୁ ଗଲେ ଗାଁର କୌଣସି ବ୍ୟକ୍ତି ବା ପରିବାର ଅନୁରୋଧ କ୍ରମେ ତାଙ୍କ ପାଇଁ କୌଣସି ଦ୍ରବ୍ୟ ଆଣି ପହଞ୍ଚାଇଦିଅନ୍ତି । ଦ୍ରବ୍ୟର ମୂଲ୍ୟ ଅଗ୍ରୀମ ଅନୁରୋଧକାରୀ ଧାଙ୍ଗଡ଼ିକୁ ପ୍ରଦାନ କରିଥାଏ ।

୧୦. କୌଣସି ବ୍ୟକ୍ତିର ମୃତ୍ୟୁ ପରେ ଗାଇସେ ଦିନ ଗାଁର ସ୍ତ୍ରୀ ଲୋକଙ୍କ ସହ ଧାଙ୍ଗଡ଼ି ବସାର ଝିଅମାନେ ମଶାଣି (ରାଇସାଙ୍ଗବ)ରେ ପୋଡ଼ା ହୋଇଥିବା ବ୍ୟକ୍ତିର ପାଉଁଶ କୁଢ଼ ପାଖକୁ ଯାଇ ସେଠାରେ ପାଉଁଶ ଖେଳାନ୍ତି । ଏହାକୁ ସାଇରେ କହନ୍ତି । ସାଇରେ କରି ମହିଳାମାନେ ମୃତବ୍ୟକ୍ତିର ମୃତ୍ୟୁର କାରଣ ଜାଣିପାରନ୍ତି । ଏହି କାର୍ଯ୍ୟ ପାଇଁ ବାଲିକାମାନଙ୍କୁ କୌଣସି ପାରିଶ୍ରମିକ ଦିଆଯାଏ ନାହିଁ । କେବଳ ଗାଇସେ ବେଳେ ଅନ୍ୟମାନଙ୍କ ସହ ଏମାନେ ଭୋଜି ଖାଇଥାନ୍ତି ।

ଧାର୍ମିକ :

ପୁରୁଷ ପ୍ରାଧାନ୍ୟ ବଣ୍ଡା ସମାଜରେ ଧର୍ମୀୟ ଜୀବନରେ ନାରୀର ଭୂମିକା ନଗଣ୍ୟ । ତେଣୁ ସେଲାନିଡ଼ିଙ୍ଗୋର ବିଶେଷ କିଛି ଧର୍ମୀୟ କାର୍ଯ୍ୟକଳାପ ନାହିଁ । ଯାହାହେଉ ବହୁତ କମ ସମୟରେ ପୂଜାପାଠ ଅବସରରେ କନ୍ୟାର ସାହାଯ୍ୟ ଆବଶ୍ୟକ ପଡ଼ିଥାଏ । କନ୍ୟାମାନଙ୍କୁ ପୂଜାପାଠରୁ ବଞ୍ଚିତ କରାଯାଇଥାଏ । କିନ୍ତୁ ବୈଦ୍ୟ ହେବାପାଇଁ କୌଣସି ବାଧାବନ୍ଧନ ନଥାଏ । ସେଲାନିଡ଼ିଙ୍ଗୋର କେତୋଟି ଧାର୍ମିକ କାର୍ଯ୍ୟକଳାପ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୧. ସୁସୁଗିଗେ (ମାଘପର୍ବ) ଅବସରରେ ବାରଜାଙ୍ଗରର ସର୍ବଶ୍ରେଷ୍ଠ ଦେବତା ମହାପ୍ରଭୁ ପାଟଖଣ୍ଡାଙ୍କର ପୂଜା କରାଯାଏ । ଏହି ପର୍ବରେ ଧାଙ୍ଗଡ଼ିବସାର ଜଣେ ଅବିବାହିତ କନ୍ୟାର ଆବଶ୍ୟକତା ଲୋଡ଼ାଯାଇଥାଏ । ପୂର୍ବଦିନ ରାତିରୁ ତାଙ୍କୁ ଖବର ଜଣାଇ ଦିଆଯାଏ । ପୂଜା ଦିନ ସକାଳୁ ବାଳିକା ଉପବାସ ପାଳନ କରିଥାଏ । ସେହିଝିଅ ପାଣି ଆଣି ପୂଜା ହେବା ସ୍ଥାନକୁ ସଫା କରି ଲିପିଦିଏ ଓ ରୋଷେଇ ପାଇଁ ପାଣି ବୋହି ଯୋଗାଇ ଦିଏ । ସେହି କନ୍ୟାକୁ ସରୁଜାଙ୍ଗ (ପୂଜାରୀ ଦ୍ୱାରା ପ୍ରସ୍ତୁତ ପବିତ୍ର ଭାତ) ଖାଇବାକୁ ଦିଆଯାଏ ।

୨. କୌଣସି ସଲପ ଗଛରୁ ରସ ସଂଗ୍ରହ ଅବସରରେ ଗୁପାସା ନାମକ ପୂଜାପାଠ କରାଯାଏ । ମୁଦୁଲି ପଡ଼ା ଓ ନିକଟବର୍ତ୍ତି ଗ୍ରାମମାନଙ୍କରେ ଏହି ପୂଜାପାଠ କରିବା

ପାଇଁ ଏକ ଅଣପ୍ରସ୍ତାବିତ ଓ ଅବିବାହିତ କନ୍ୟାର ସହଯୋଗ ଲୋଡ଼ା ଯାଇଥାଏ । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ସେଲାନିଡ଼ିଙ୍ଗୋର କୌଣସି ଅଣ ପ୍ରସ୍ତାବିତ ଅବିବାହିତ ଝିଅକୁ ପରଦିନ ଗୁଫାସା କରିବା ପାଇଁ ଅନୁରୋଧ କରାଯାଇଥାଏ । ତେଣୁ ପରଦିନ ସକାଳୁ ବାଳିକା ଜଣଙ୍କ ଉପବାସ ରହି ଗଛମୂଳରେ ଗୁଫାସା କରିଥାଏ । ପ୍ରତି ବଦଳରେ କନ୍ୟାକୁ ଏକ ଡୁମା ସଲପ ସ୍ୱତନ୍ତ୍ର ଭାବରେ ପ୍ରଦାନ କରାଯାଇଥାଏ ।

ଶିକ୍ଷାଦାନ ଓ ସାମାଜିକୀକରଣରେ ଯୁବ ଶୟନାଗାରର ଭୂମିକା:

ବଣ୍ଡା ଯୁବକ ଯୁବତୀମାନେ ସାଧାରଣତଃ ୮-୧୦ ବର୍ଷ ହୋଇଗଲା ପରେ ମାଆ ବାପାମାନେ ଆଗପରି ଏତେ ଯତ୍ନ ନେଇନଥାନ୍ତି । ସେମାନେ ରାତ୍ରରେ ଧାଙ୍ଗଡ଼ିବସାରେ ଶୟନ କରିଥାନ୍ତି । ତେଣୁ ବଣ୍ଡା ଯୁବକ ଯୁବତୀମାନଙ୍କର ପ୍ରକୃତ ସାମାଜିକରଣ ଓ ଶିକ୍ଷାଦାନ ଆରମ୍ଭ ହୁଏ ସେଲାନିଡ଼ିଙ୍ଗୋରେ । ସାନ ବାଳିକାମାନେ ବଡ଼ ଧାଙ୍ଗଡ଼ିମାନଙ୍କଠାରୁ ଚାଲିଚଳନ, ଆଚାର ବ୍ୟବହାର, କଥାବାର୍ତ୍ତା, ଉଦ୍ଦାମି, ବନ୍ଧୁଚର୍ଚ୍ଚା, ଅତିଥିସତ୍କାର, ଗୁରୁଜନଙ୍କୁ ଭକ୍ତି, ପ୍ରେମିକକୁ ପ୍ରେମ, ସାନଙ୍କୁ ସ୍ନେହ ଇତ୍ୟାଦି ଗୁଣମାନ ଶିକ୍ଷା କରିଥାଆନ୍ତି । କିପରି କାମୁକପୁରୁଷ ଠାରୁ ନିଜକୁ ଖଡ଼୍ଗ ସାହାଯ୍ୟରେ ରକ୍ଷା କରାଯାଇପାରିବ, ପ୍ରେମିକର ପ୍ରେମର ପରକାଷ୍ଠାକୁ ପରଖି ହେବ ଇତ୍ୟାଦି ମଧ୍ୟ ସାନମାନେ ଶିକ୍ଷା କରିଥାନ୍ତି ବୟୋଜ୍ୟେଷ୍ଠ ସଦସ୍ୟମାନଙ୍କଠାରୁ । ସର୍ବୋପରି ବୈବାହିକ ଜୀବନ କିପରି ସୁଖମୟ ହେବ ତାହା ମଧ୍ୟ ବଡ଼ମାନେ ଶିକ୍ଷା ଦେଇଥାନ୍ତି ।

ଏତଦ୍‌ବ୍ୟତୀତ ଦୈନନ୍ଦିନ ଜୀବନରେ ଆବଶ୍ୟକ ଥିବା ବିଭିନ୍ନ କାର୍ଯ୍ୟ, ଜ୍ଞାନକୌଶଳ ମଧ୍ୟ ଶିକ୍ଷା କରାଯାଏ ବଡ଼ ସଭ୍ୟମାନଙ୍କ ଠାରୁ । ବଡ଼ମାନେ ସାନମାନଙ୍କୁ ଗୀତ, ଗପ, ଢ଼ଗଢ଼ମାଳୀ, ଗୁନୁଙ୍ଗ ବଜାଇବା, ନାଚ କରିବା ଇତ୍ୟାଦି ପ୍ରାଞ୍ଜଳ ଭାବରେ ଶିକ୍ଷା ଦେଇଥାନ୍ତି । ମାଳି, ମୁଣ୍ଡମାଳି, ଡରାବୁ, ଖଇଣ୍ଡା ଇତ୍ୟାଦି ତିଆରି କରିବାର ଜ୍ଞାନକୌଶଳ, ଯତ୍ନର ସହିତ ରିଙ୍ଗା ତିଆରି କରିବା, ରିଙ୍ଗା ବୁଣିବା, ମାଛ ଧରିବା, ଜଙ୍ଘଡ଼ା ଧରିବା, ମଦ ଓ ପେଣ୍ଡମ ପ୍ରସ୍ତୁତ କରିବା ଇତ୍ୟାଦି କାର୍ଯ୍ୟମାନ ବଡ଼ମାନେ ସାନମାନଙ୍କୁ ଶିକ୍ଷା ଦେଇଥାନ୍ତି । ଜମିରେ ଚାଷକାର୍ଯ୍ୟ କଲାବେଳେ ମଧ୍ୟ ବଡ଼ମାନେ ସାନମାନଙ୍କର ଭୁଲ ସୁଧାରି କାର୍ଯ୍ୟ କରିବାର ଠିକ୍ ଜ୍ଞାନକୌଶଳ ବତାଇ ଦେଇଥାନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ବେଳେ ବଡ଼ମାନେ ସାନମାନଙ୍କୁ ଚିହ୍ନାଇ ଦିଅନ୍ତି ବିଭିନ୍ନ ପ୍ରକାର ଫୁଲପଳ, ଡ଼ାଇ, ପତ୍ର, ଶାଗ କନ୍ଦା ଓ ବିଭିନ୍ନ ଔଷଧୀୟ ବୃକ୍ଷ ।

ଛୋଟ ପୁରୁଷପିଲାମାନେ ମଧ୍ୟ ପୁନଃ ସାମାଜିକରଣ ହୋଇଥାନ୍ତି ଓ ଶିକ୍ଷା କରିଥାନ୍ତି ଅନେକ ଜିନିଷ ଧାଙ୍ଗଡ଼ିବସାରୁ ଓ ଧାଙ୍ଗଡ଼ିବସାର ସାଙ୍ଗମାନଙ୍କ ଠାରୁ । ବୟଃ କନିଷ୍ଠ ପୁରୁଷ ପିଲାମାନେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କଠାରୁ ଆଚାର, ବ୍ୟବହାର ଭଦ୍ରାମି, ସ୍ୱାଧୀନଚେତା, ନିଷ୍ପତ୍ତି ନେବାର ଦକ୍ଷତା, ଧାଙ୍ଗଡ଼ି ବସାରେ ବଡ଼ ଝିଅମାନଙ୍କ ସହିତ ମିଶିବାର ପନ୍ଥା, କୌଣସି ଝିଅକୁ ସୁତୁରେଇବାର ପ୍ରଣାଳୀ, ଶୀକାର କରିବା ପାଇଁ ଜ୍ଞାନ କୌଶଳ ଚାଷବାସ କରିବାର ପଦ୍ଧତି, ଗୃହ ନିର୍ମାଣ କରିବାର ପ୍ରଣାଳୀ, ଚାଷପୋକରଣ ଓ ଶୀକାର ଉପକରଣ ତିଆରି କରିବା ଇତ୍ୟାଦି ଶିକ୍ଷା କରିଥାନ୍ତି । ସର୍ବୋପରି କନ୍ୟାକୁ କିପରି ଗୀତଗାଇ ମନାଇ ହେବ ଓ ବିବାହ ପରେ କିପରି ତାକୁ ସୁଖ ଶାନ୍ତିରେ ରଖିପାରିବ ତାହା ମଧ୍ୟ ଶିଖାଇ ଦେଇଥାନ୍ତି ବୟସ୍କ ଧାଙ୍ଗଡ଼ାମାନେ ।

ଗ୍ରାମ ସୁରକ୍ଷାରେ ଯୁବ ଶୟନାଗାରର ଭୂମିକା:

ନିମ୍ନଲିଖିତ ଉପାୟରେ ଯୁବଶୟନାଗାର ଗ୍ରାମର ସୁରକ୍ଷା ରକ୍ଷାକରିଥାଏ ।

୧. ଗ୍ରାମର କୌଣସି ବ୍ୟକ୍ତି ବ୍ୟକ୍ତିଙ୍କ ମଧ୍ୟରେ କଳିଗୋଳ, ମାଡ଼ଗୋଳ, ହଣାକଟା, ବିନ୍ଧାବିନ୍ଧି ହେଲାବେଳେ ସେଲାନିଡ଼ିଙ୍ଗୋର ବାଳିକାମାନେ ଓ ଗ୍ରାମର ଅନ୍ୟ ମହିଳାମାନେ ଏହି କଳିଗୋଳକୁ ରୋକିଥାନ୍ତି । ସାଧାରଣତଃ ମାଡ଼ଗୋଳ, ହଣାକଟା ଓ ବିନ୍ଧାବିନ୍ଧି ହେବାବେଳେ ସ୍ତ୍ରୀଲୋକମାନେ ଓ ବାଳିକାମାନେ ସେମାନଙ୍କ ମଝିରେ ପଶି ସେମାନଙ୍କୁ ସେଥିରୁ ନିବୃତ କରିଥାନ୍ତି । ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇପରେ ଯେ କଳିଗୋଳ ଅବସ୍ଥାରେ ବଣ୍ଡା ପୁରୁଷମାନେ କେବଳ ନାରୀଙ୍କୁ ସମ୍ମାନ ଦେବା ପୂର୍ବକ କଳିଗୋଳରୁ ନିବୃତ୍ତ ରହିଥାନ୍ତି ।

୨. ଗାଁ ଗାଁର ପୁଅମାନଙ୍କ ମଧ୍ୟରେ କଳି ଝଗଡ଼ା ଲାଗିଲେ ଝିଅମାନେ ମଧ୍ୟ ତାକୁ ସମାଧାନ କରିଥାନ୍ତି ।

୩. ନିଜ ଗାଁର ସୀମା କିମ୍ବା ଗାଁକୁ ଯଦି ବାହାର ଗ୍ରାମର ଲୋକମାନେ ଆକ୍ରମଣ କରନ୍ତି ତେବେ ଧାଙ୍ଗଡ଼ାବସାର ପୁଅମାନେ ଓ ଗ୍ରାମର ଅନ୍ୟମାନେ ତାର ପ୍ରତିରୋଧ କରନ୍ତି ।

ସେଲାନିଡ଼ିଙ୍ଗୋର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ :

ସେଲାନିଡ଼ିଙ୍ଗୋର ବିଭିନ୍ନ ଦିଗ ଯଥା ଗଠନ, ପ୍ରକୃତି, ଲକ୍ଷଣ ଓ କାର୍ଯ୍ୟକଳାପକୁ ବିଚାରକୁ ନେଇ ଏହାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ସ୍ପଷ୍ଟ ଧାରଣ କରାଯାଇପାରେ ।

ପ୍ରଥମେ ସେଲାନିଡ଼ିଙ୍ଗୋର ଗଠନ କଥା ଚିନ୍ତା କରାଯାଉ । ପୂର୍ବକାଳରୁ ପ୍ରଥମେ ସେଲାନିମାନେ ଜବର ଗୃହ / ଗର୍ତ୍ତଗୃହକୁ ସେଲାନିଡ଼ିଙ୍ଗୋ ହିସାବରେ ବ୍ୟବହାର କରୁଥିଲେ । ପ୍ରତ୍ୟକ୍ଷ ଭାବେ କେତେକ ସମସ୍ୟା ଉପୁଜିବାରୁ କାଳକ୍ରମେ ଧାଙ୍ଗଡ଼ିବସାକୁ ଗ୍ରାମମଧ୍ୟରେ ନିର୍ମାଣ କରାଗଲା । ସେତେବେଳେ ସେଲାନିଡ଼ିଙ୍ଗୋ ନାମରେ ଏକ ସ୍ୱତନ୍ତ୍ର ଗୃହର ସଂରଚନା କରାଯାଉଥିଲା । ପୁନଶ୍ଚ ଏହି ସ୍ୱତନ୍ତ୍ର ଧାଙ୍ଗଡ଼ି ଗୃହର ବିଲୋପ ଘଟିଲା । ଏବେ ପ୍ରାୟ କୌଣସି ବଣ୍ଡା ଗ୍ରାମରେ ସେଲାନିଡ଼ିଙ୍ଗୋ ନାମରେ କୌଣସି ସ୍ୱତନ୍ତ୍ର ଗୃହ ନାହିଁ । କିନ୍ତୁ ସେଲାନିଡ଼ିଙ୍ଗୋର ନାମ ନିଶ୍ଚିହ୍ନ ହୋଇନାହିଁ । ଏବେ କୌଣସି ବିଧବା ମହିଳାର ଗୃହ, ପରିତ୍ୟକ୍ତା ସ୍ତ୍ରୀର ଗୃହ, ଦୀର୍ଘଦିନ ଧରି ସ୍ୱାମୀ ଅନୁପସ୍ଥିତ ଥିବା ସ୍ତ୍ରୀର ଗୃହ କିମ୍ବା ଅନାଥ ବାଳିକାର ଗୃହକୁ ଧାଙ୍ଗଡ଼ି ବସା କରିବାକୁ ଅନେକ ପସନ୍ଦ କରିଥାନ୍ତି । ଆସ୍ତେ ଆସ୍ତେ ଧାଙ୍ଗଡ଼ିମାନେ ଏକତ୍ର କୌଣସି ଗୃହରେ ନ ଶୋଇ ଏବେ ଏକୁଟିଆ ନିଜ ନିଜ ଗୃହରେ ମଧ୍ୟ କେତେକ ଶୋଇବାର ଦେଖାଗଲାଣି ।

ସେଲାନିଡ଼ିଙ୍ଗୋର ପ୍ରକୃତି ଓ ଲକ୍ଷଣ ବିଷୟକୁ ନେଇ ଚିନ୍ତା କଲେ ଦେଖାଯାଏ ଯେ ଅତୀତରେ ଧାଙ୍ଗଡ଼ିବସା ମୁଖ୍ୟତଃ ଏକ ବିବାହ ଘଟସୂତ୍ର କାର୍ଯ୍ୟାଳୟ କରି କାର୍ଯ୍ୟ କରୁଥିଲା । କାଳକ୍ରମେ ସମୟ ବଦଳିଯାଉଛି । ଯଦିଓ ଆଜିବି ଧାଙ୍ଗଡ଼ିବସାରୁ କନ୍ୟା ମନୋନୟନ, ନିର୍ବାଚନ, ବିବାହ କାର୍ଯ୍ୟ ଆଦି ହେଉଅଛି ତଥାପି ଏହାକୁ ଏବେ ମୁଖ୍ୟତଃ ଏକ ଆମୋଦପ୍ରମୋଦର ପ୍ରତିଷ୍ଠାନ ବୋଲି ବିଚାର କରାଯାଉଅଛି । ସେଲାନିଡ଼ିଙ୍ଗୋକୁ ଆସୁଥିବା ଆଜିର ଯୁବକମାନଙ୍କର ମୁଖ୍ୟଲକ୍ଷ୍ୟ ହେଉଛି ଆମୋଦପ୍ରମୋଦ ଓ ଦ୍ୱିତୀୟ ଲକ୍ଷ୍ୟ ହେଉଛି କନ୍ୟା ନିର୍ବାଚନ ଓ ବିବାହ ସେହିପରି ସେଲାନିଡ଼ିଙ୍ଗୋର କାର୍ଯ୍ୟକଳାପକୁ ବିଚାର ଦେଲେ ଅତୀତ ଦିନର କାର୍ଯ୍ୟକଳାପ ଓ ବର୍ତ୍ତମାନ ଦିନର କାର୍ଯ୍ୟକଳାପରେ ଅଳ୍ପ ଟିକିଏ ପାର୍ଥକ୍ୟ ଦେଖାଯାଏ । କୌଣସି ବ୍ୟକ୍ତିକୁ ସ୍ନେହାପ୍ଲୋବିତ ଚିତ୍ତରେ ଏବେ କୌଣସି କାର୍ଯ୍ୟରେ ସାହାଯ୍ୟ କରିବାକୁ ଧାଙ୍ଗଡ଼ିମାନଙ୍କର ଆଗ୍ରହରେ ଉଣା ଦେଖାଦେଲାଣି । ଏବେ କେତେକ ବାଳିକାମାନେ

ଧାଙ୍ଗଡ଼ିବସା ଯିବା କାର୍ଯ୍ୟ ବନ୍ଦ କରିଦେଲେଣି । ପାଠଶାଠ ପଢୁଥିବା ଝିଅମାନେ ଆଦୌ ଧାଙ୍ଗଡ଼ିବସା ଯାଆନ୍ତି ନାହିଁ କହିଲେ ଚଳେ । ଆଧୁନିକ ଯୁଗର ପ୍ରଭାବ ଫଳରେ ପ୍ରେମ ବିବାହର ଚାହିଦା ବଢ଼ିବାରେ ଲାଗିଲାଣି । ଏସବୁ ପରିବର୍ତ୍ତନ ଓ ବର୍ତ୍ତମାନର ସ୍ଥିତିକୁ ନେଇ ଏବେ ମନରେ ଆଶଙ୍କା ଉଙ୍କିମାରିଲାଣି ଭବିଷ୍ୟତରେ ଧାଙ୍ଗଡ଼ିବସାର ଭାଗ୍ୟ କ'ଣ ହେବ ?

ଯୁବ ଶୟନାଗାର ସମ୍ବନ୍ଧୀୟ କେତେକ ପ୍ରାସଙ୍ଗିକ ତଥ୍ୟ :

ସେଲାନିଡ଼ିଙ୍ଗୋ ସମ୍ବନ୍ଧୀୟ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନିମ୍ନରେ ଦିଆଯାଇଛି ।

୧. ବଣ୍ଡାମାନଙ୍କ ମଧ୍ୟରେ ଏବେ ଧାଙ୍ଗଡ଼ାବସା (ଇଙ୍ଗୋରସୁଙ୍ଗ) ବିଲୁପ୍ତ ପ୍ରାୟ ।

୨. ଧାଙ୍ଗଡ଼ାବସା ଅପେକ୍ଷା ବଣ୍ଡାମାନେ ଧାଙ୍ଗଡ଼ିବସା (ସେଲାନିଡ଼ିଙ୍ଗୋ)କୁ ବେଶୀ ଗୁରୁତ୍ୱ ଦିଅନ୍ତି ।

୩. ବହୁ ଆଗରୁ ସେଲାନିମାନଙ୍କ ପାଇଁ ଗ୍ରାମବାହାରେ ପାହାଡ଼ ପାଦଦେଶରେ ଓ ଜଇଉସର ନିକଟରେ ଏକ ଗର୍ତ୍ତଗୃହ / କବର ଗୃହ ନିର୍ମାଣ କରାଯାଉଥିଲା । ତାକୁ ଡୁଡୁଙ୍ଗ ବୋଲି କୁହାଯାଉଥିଲା । ତାହା କେତେକ ବ୍ୟବହାରିକ ସମସ୍ୟା ଯୋଗୁଁ ଅନେକ ଦିନରୁ ନିଷ୍ପ୍ରୟୋଜନ ହୋଇଗଲାଣି । କିନ୍ତୁ ବଣ୍ଡାମାନେ ଆଗରୁ ଡୁଡୁଙ୍ଗ ଥିବା ସ୍ଥାନମାନଙ୍କୁ ଚିହ୍ନଟ କରିପାରୁଛନ୍ତି ।

୪. ଗ୍ରାମ ମଧ୍ୟରେ ସେଲାନି ଡ଼ିଙ୍ଗୋ ନାମରେ କୌଣସି ସ୍ୱତନ୍ତ୍ର ଗୃହ ନାହିଁ ।

୫. ଗ୍ରାମର ବିଧବାମାନଙ୍କ ଗୃହକୁ ସେଲାନି ଡ଼ିଙ୍ଗୋ ଆକାରରେ ବ୍ୟବହାର କରାଯାଉଛି । ଗୋଟିଏ ଗ୍ରାମରେ ଏକାଧିକ ସେଲାନଡ଼ିଙ୍ଗୋ ରହିଅଛି ।

୬. କୌଣସି ଗ୍ରାମର ସେଲାନିଡ଼ିଙ୍ଗୋକୁ ଉକ୍ତ ଗ୍ରାମର ପୁଅମାନେ ଆସିବା ନିଷେଧ କାରଣ ଗାଁର ସମସ୍ତ ପୁଅଝିଅ ପରସ୍ପରକୁ ଭାଇଭଉଣୀ ପରି ଦେଖନ୍ତି । ଭାଇ ଭଉଣୀଙ୍କ ମଧ୍ୟରେ ବିବାହ ନିଷେଧ ।

୭. ସେଲାନି ଡ଼ିଙ୍ଗୋରେ ସଦସ୍ୟ ହେବାପାଇଁ ବାଳିକା ଜଣକ ଉକ୍ତ ଗ୍ରାମର ହୋଇଥିବା ସହିତ ୧୦-୧୨ ବର୍ଷ ବୟସ ହୋଇଥିବ, ଅବିବାହିତ ଥିବ କିମ୍ବା ସ୍ୱାମୀଠାରୁ ଛାଡ଼ପତ୍ର ନେଇଥିବା ଦରକାର । ସଦସ୍ୟଜଣଙ୍କ ସେଲାନି ଡ଼ିଙ୍ଗୋର ନୀତିନିୟମ ମାନି ଚଳୁଥିବା ଦରକାର ।

୮. ସେଲାନି ଡ଼ିଙ୍ଗୋକୁ ବାଳିକାମାନେ ମୁଖ୍ୟତଃ ରାତ୍ରରେଏକତ୍ର ହୋଇ ଶୟନ କରିବା, ମନୋରଞ୍ଜନ କରିବା, ପରସ୍ପର ପରସ୍ପରଠାରୁ ଭଲଗୁଣ, ଗପଗୀତ, ନାଚ ଓ ଅନ୍ୟାନ୍ୟ ଦୈନନ୍ଦିନ ଜୀବନରେ ଅନିବାର୍ଯ୍ୟ କେତେକ କାର୍ଯ୍ୟ ଶିକ୍ଷା କରିବା ପାଇଁ ଧାଙ୍ଗଡ଼ିବସାରେ ରାତ୍ରରେ ଗୁଣ୍ଡ ହୋଇ ରାତ୍ରିଯାପନ କରିଥାନ୍ତି ।

୯. ଧାଙ୍ଗଡ଼ାମାନେ ଶ୍ରାବଣମାସ (ବନ୍ଦାପୁନ ଆର୍କେ) ଠାରୁ ଫାଲ୍‌ଗୁନ ମାସ (ଫଗୁଣ ଆର୍କେ) ଶେଷ ପର୍ଯ୍ୟନ୍ତ ଧାଙ୍ଗଡ଼ିବସାକୁ ଯାଇଥାନ୍ତି ।

୧୦. ଧାଙ୍ଗଡ଼ାମାନେ ଆମୋଦପ୍ରମୋଦ, କନ୍ୟା ମନୋନୟନ, କନ୍ୟା ନିର୍ବାଚନ ଓ କନ୍ୟାକୁ ମନାଇ ବିବାହ କରିବା ପାଇଁ ଧାଙ୍ଗଡ଼ିବସାକୁ ଯାଇଥାନ୍ତି ।

୧୧. କନ୍ୟାମାନେ ଧାଙ୍ଗଡ଼ାମାନଙ୍କୁ ଆତିଥ୍ୟସତ୍କାର ପାଇଁ ପୋଡ଼ା ମୂଷା, ଅନ୍ୟାନ୍ୟ ମାଂସ, ମାଛ, କଙ୍କଡ଼ା, ମଦ, ପେଣ୍ଡମ ଓ ଜଙ୍ଗଲଜାତ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦେଇଥାନ୍ତି ।

୧୨. ପ୍ରତିବଦଳରେ ଧାଙ୍ଗଡ଼ାମାନେ ଧାଙ୍ଗଡ଼ିମାନଙ୍କୁ ଧୂଆପତ୍ର, ପିକା, ମଦ, ସଲପ ଆଦି ଆଣି ଦେଇଥାନ୍ତି ।

୧୩. ରାତ୍ରରେ ବିଳମ୍ବ ପ୍ରହର ପର୍ଯ୍ୟନ୍ତ ଆମୋଦପ୍ରମୋଦ, କନ୍ୟା ମନାଇବା କାର୍ଯ୍ୟ ଚାଲୁ ରହିଥାଏ ।

୧୪. କନ୍ୟା କୌଣସି ଧାଙ୍ଗଡ଼ାଠାରୁ ମୁଦି କିମ୍ବା ଚୁଡ଼ି ଗ୍ରହଣ କଲେ ବିବାହ ପାଇଁ ପ୍ରସ୍ତାବ ସ୍ଥିର ହୋଇଗଲାବୋଲି ଧରାଯାଏ ।

୧୫. ସଦସ୍ୟମାନେ ନିଜ ମଧ୍ୟରେ ଚାନ୍ଦା କରି, ନୂଆଁଇ, ସାଙ୍ଗୁୟାଁର ଓ କୁନ୍ତା ଯାଇ, କଇଜମ (ଧାର) ଆଣି, ସୁମେଗେଲିରାକ୍ (ପୁଷପରବ) ଅବସରରେ ଗାଁ ଗାଁ ବୁଲି ଶସ୍ୟ ମାଗଣ କରି, ଚୋରି କରି କିମ୍ବା କୌଣସି ବ୍ୟକ୍ତିଠାରୁ ଉପହାର ଗ୍ରହଣ କରି ସେଲାନିଡ଼ିଙ୍ଗୋର ଖର୍ଚ୍ଚ ପାଇଁ ଅର୍ଥ ଉପାର୍ଜନ କରିଥାନ୍ତି ।

୧୬. ଉପାର୍ଜିତ ଅର୍ଥକୁ ଧାଙ୍ଗଡ଼ାମାନଙ୍କୁ ମଦ ପେଣ୍ଡମ ଦେବା, ସୁମୋଗେଲିରାକ (ପୁଷପରବ), ସୁସୁଗିଗେ (ମାଘ ପରବ) ଓ ଗିଆଗ ଗିଗେ (ଚୈତ ପରବ)ରେ ପେଣ୍ଡମ କରି ଗ୍ରାମବାସୀ, ଅନ୍ୟଗ୍ରାମରୁ ଆସିଥିବା ବ୍ୟକ୍ତି ଓ ଅତିଥିମାନଙ୍କୁ ପିଇବାକୁ ଦେବା, ପ୍ରସ୍ତାବିତ କନ୍ୟା ପାଇଁ ଧାଙ୍ଗଡ଼ିବସାକୁ ପଟି ଆଣିଦେଇଥିବା ଧାଙ୍ଗଡ଼ା ପାଇଁ ଭାତ ଓ ପେଣ୍ଡମ ନେଇଦେବା ଓ ବିଭିନ୍ନ ସମୟରେ ସମସ୍ତ ଧାଙ୍ଗଡ଼ିମିଶି ଅଳଙ୍କାର କିଣିବା ପାଇଁ ବ୍ୟୟ କରିଥାନ୍ତି ।

୧୭. କୌଣସି ବ୍ୟକ୍ତି ପାଇଁ ଯାଇବଯ (କନ୍ୟାଡ଼ାକି ଆଣିବା), ଓଇଅଡ଼େ (ବିବାହ ଭୋଜି), ଗୁଫାସି (ଏକୋଶିଆ ଭୋଜି), ଗାଇସେ (ମୃତିକିଆ ଭୋଜି), ଶନିବିରୁ (ଶନିଙ୍କୁ ଛଡ଼ାଇବା ପାଇଁ ପୂଜାପାଠ), ଡ଼ାଗୋଇ ବିରୁ (ଡ଼ାଗୋଇକୁ ସନ୍ତୁଷ୍ଟ କରିବା ପାଇଁ ପୂଜାପାଠ) ଇତ୍ୟାଦି ଅବସରରେ ଶସ୍ୟ କୁଟିବା, ଜଙ୍ଗଲରୁ କାଠ, ପତ୍ର ସଂଗ୍ରହ କରିବା, ଦନା ତିଆରି କରିବା ଆଦି କାର୍ଯ୍ୟମାନ କରିଥାନ୍ତି ।

୧୮. ନୁଆଁଇ ସାଣ୍ଡୁଙ୍ଗାଁର ଓ କୁନ୍ତା ଯାଇ କୌଣସି ଲୋକଙ୍କୁ ଚାଷକାମ, ଘରତିଆରି କାମ, ଜଙ୍ଗଲରୁ କାଠ, ବାଉଁଶ ଓ ପିରି ଆଣିବା କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି ।

୧୯. ବିନା ପାରିଶ୍ରମିକରେ ବିଧବାକୁ ବିଭିନ୍ନ କାର୍ଯ୍ୟ ଯଥା କାଠ, ପତ୍ର, ବାଉଁଶ ଆଣିଦେବା, ଘରଲିପିଦେବା, ଘରଛପର କରିବାରେ ସାହାଯ୍ୟ କରିବା, ପର୍ବପର୍ବାଣୀ ଅସରରେ ଶସ୍ୟ ଓ ଚୂନା କୁଟିବା ଇତ୍ୟାଦି କାର୍ଯ୍ୟରେ ସାହାଯ୍ୟ କରିବା, ହାଟରୁ କୌଣସି ବ୍ୟକ୍ତି ପାଇଁ ସଉଦା ଆଣିଦେବା, ଗାଇସେ ଅବସରରେ ପୋଡ଼ାଯାଇଥିବା ବ୍ୟକ୍ତିର ପାଉଁଶ ଖେଳାଇ ମୃତ୍ୟୁର କାରଣ ଜାଣିବା ଇତ୍ୟାଦି କାର୍ଯ୍ୟମାନ ଧାଙ୍ଗଡ଼ିମାନେ ସଂପାଦନ କରିଥାନ୍ତି ।

୨୦. ସୁସୁଗିଗେ (ମାଘପର୍ବ) ଓ ଗୁଫାସା (ସଲପ ସଂଗ୍ରହ ପୂର୍ବରୁ ମୁହୁଲିପଡ଼ା ଆଦି ଗ୍ରାମରେ ସଲପ ଗଛ ମୂଳେ କରାଯାଉଥିବା ପୂଜାପାଠ) ଅବସରରେ ଧାଙ୍ଗଡ଼ିବସାର ଏକ କନ୍ୟାର ଆବଶ୍ୟକତା ନିଆଯାଇଥାଏ ।

୨୧. ସର୍ବୋପରି ସେଲାନିଡ଼ିଙ୍ଗୋ ସଦସ୍ୟମାନଙ୍କୁ ବ୍ୟବହାରିକ ଶିକ୍ଷା ଦେଇ ସାମାଜିକରଣ କରାଇଥାଏ ।

୨୨. ଏହା ଗ୍ରାମର କଳିଗୋଳର ସମାଧାନ କରି ଗ୍ରାମର ଏକ ସୁରକ୍ଷା କେନ୍ଦ୍ର ପରି କାର୍ଯ୍ୟ କରେ ।

୨୩. ସେଲାନିଡ଼ିଙ୍ଗୋର ଗଠନ, ପ୍ରକୃତି, ଲକ୍ଷଣ ଓ କାର୍ଯ୍ୟକଳାପରେ କେତେକ ପରିବର୍ତ୍ତନ ଦୃଷ୍ଟିଗୋଚର ହେଲାଣି ।

୨୪. ବଣ୍ଡା ସମାଜର ସଂସ୍କୃତିକୁ ଆଖିରେ ରଖି ବିଚାର କଲେ ଧାଙ୍ଗଡ଼ିବସାର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏହା ନିଃସନ୍ଦେହରେ କୁହାଯାଇପାରେ । ତଥାପି

ଅତୀତରୁ ଘଟି ଆସୁଥିବା ପରିବର୍ତ୍ତନ ଓ ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନେଇ ଏବେ ମନରେ ଆଶଙ୍କା ଉଙ୍କି ମାରିଲାଣି ଭବିଷ୍ୟତରେ ଧାଙ୍ଗଡ଼ିବସା ରହିବି ତ ?

୨୫. ସେଲାନିଡ଼ିଙ୍ଗୋକୁ ଶୃଙ୍ଖଳିତ କରିବା, ସଦସ୍ୟମାନଙ୍କ ଦ୍ୱାରା ଏହାର ଶୃଙ୍ଖଳା ପାଇଁ ନୀତିନିୟମ ଧାର୍ଯ୍ୟ କରିବା, ଏହାକୁ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରିବା ଇତ୍ୟାଦି କରାଯାଇ ପାରିଲେ ବଣ୍ଡା ସମାଜର ଅନେକ ମଙ୍ଗଳ ସାଧନ କରାଯାଇପାରିବ ।

୨୬. ସେଲାନିଡ଼ିଙ୍ଗୋକୁ ଶୃଙ୍ଖଳିତ ଉପାୟରେ ଅଭୟ ପ୍ରଦାନ କରି ବଞ୍ଚାଇ ରଖିବା ନିତ୍ୟାନ୍ତ ଜରୁରୀ ।

●●●

କନ୍ୟାସୁନା

କନ୍ୟାସୁନା ପ୍ରଦାନ ରୀତି :

ବଣ୍ଡାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ବିବାହ ସଂଗଠିତ ହୋଇଥାଏ । କେତେବେଳେ ବଣ୍ଡାସମାଜର ପ୍ରଥା ଅନୁଯାୟୀ ପ୍ରଥମେ ବାପାମାଆଙ୍କ ପରାମର୍ଶ ଅନୁଯାୟୀ ଦୀର୍ଘସୂତ୍ରୀ ପ୍ରଥା ଅନୁସରଣ ପୂର୍ବକ ସେବୁଙ୍ଗ ନାମକ ନିୟମିତ ବିବାହ କରାଯାଇଥିଲା ବେଳେ ଧାଙ୍ଗଡ଼ି ବସାରୁ କନ୍ୟାକୁ ମନାଇ ବାହା ହେବା, *(ସାଲାକ ବୋଇ)*, କନ୍ୟାପିତାଙ୍କୁ କନ୍ୟାସୁନା ଦେଇ କନ୍ୟାକୁ ମାଗି ବିଭା ହେବା (ଲୁଲୁ ଉଇକା), କନ୍ୟାକୁ ଜବରଦସ୍ତ ଉଠାଇ ଆଣି ବିଭା ହେବା *(ଗୁବୟ-ଗୁଡ଼-ଗୁନଗନ୍)* ପୁଅ ଝିଅ ରାଜିହୋଇ ପଳାଇ ବିବାହ କରିବା *(ଉଦଲା)*, କନ୍ୟା ଅଦଳବଦଳ କରି ବିଭା ହେବା *(ଓବାଦଲାଇ)* ଭାଉଜକୁ ବିବାହ କରିବା *(ଆସିଙ୍ଗଦୁଆଁ)* ସନାଭାଇ ବହୁକୁ ବିବାହ କରିବା *(ଆକିମିଡୁଆଁ)*, ଶାଳୀକୁ ବିବାହ କରିବା *(ସାଙ୍ଗ ଉମର)* ବିଧାବା ବିବାହ *(ଗୁଦସଙ୍ଗଗୁଦ)* କୌଣସି ସ୍ତ୍ରୀର ସ୍ୱାମୀ ଜୀବିତ ଥିବା ବେଳେ ତାଁକୁ ଟାଣି ବିବାହ କରିବା *(ଉଦାଇଜନ/ ଡାକ୍-ଉରୋ)* କନ୍ୟା ନିଜ ଇଚ୍ଛାରେ କୌଣସି ପୁରୁଷକୁ ଜବରଦସ୍ତ ବିବାହ କରିବା *(ଉଡ଼ାକ୍)*, ସ୍ୱାମୀ ପରିତକ୍ତା ସ୍ତ୍ରୀ ପୁନଃ ବିବାହ କରିବା *(ଲଙ୍ଗ ସିଡ଼କ୍ ଲୁଆଁ)* ଓ ଘର ଜ୍ୱାଇଁଆ ବିବାହ *(ଘର ଜ୍ୱାଇଁ)* ପ୍ରଥାମାନ ବଣ୍ଡା ସମାଜରେ ଚଳିଆସୁଅଛି । ଘରଜ୍ୱାଇଁ ଓ ବଦଳ ବିବାହ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର ବିବାହ ଅବସରରେ ପୁତ୍ରପକ୍ଷ କନ୍ୟାପକ୍ଷକୁ କିଛି ଗାଈଗୋରୁ, ଟଙ୍କା, ମଦ, ପେଣ୍ଠମ ଇତ୍ୟାଦି ଦେବାର ପ୍ରଥା ପ୍ରଚଳିତ । ଏହାକୁ ବଣ୍ଡା ଭାଷାରେ ଗିନିଙ୍ଗବିବେ କୁହାଯାଏ । ବିଭିନ୍ନପ୍ରକାର ବିବାହରେ କନ୍ୟାସୁନା (ଗିନିଙ୍ଗବିବେ)ର ପରିମାଣ, ଦେବା ପ୍ରଣାଳୀ, କନ୍ୟାସୁନା ଦେବାର ନୀତି ନିୟମ ଓ ମଧ୍ୟସ୍ଥିର ଭୂମିକାରେ ପାର୍ଥକ୍ୟ ପରିଲକ୍ଷିତ ହୁଏ ।

ସେବୁଙ୍ଗ ସାଲାକ ବୋଇ ଓ ଲୁଲୁ ଉଇକ ଆଦି ନିୟମିତ ବିବାହରେ ପ୍ରଥମେ କନ୍ୟା ନିର୍ବାଚନ କରାଯାଇଥାଏ । ପରେ କନ୍ୟାର କର୍ମନିପୁଣତା ପରିଖିବା ପାଇଁ କନ୍ୟାକୁ ବର ଘରକୁ ଅଣାଯାଏ । କନ୍ୟା ବିଭିନ୍ନ ପ୍ରକାର କାମ ଯଥା କୃଷି (ଡ଼ଙ୍ଗର) କାର୍ଯ୍ୟ, ମାଛ ଧରିବା, ଜଙ୍ଗଲରୁ କାଠ ଓ ପତ୍ର ଆଣିବା ଇତ୍ୟାଦି କାର୍ଯ୍ୟ କରି ନିଜର ସାମର୍ଥ୍ୟର ପରୀକ୍ଷା ଦେଇଥାଏ, କିନ୍ତୁ କନ୍ୟା ଶ୍ୱଶୁର ଘରେ ଖାଦ୍ୟ ସେବନ କିମ୍ବା

ଶୟନ କରି ନଥାଏ । ଏଥିର ଯଦି ଭାବି ସ୍ୱାମି ଓ ତାଙ୍କ ପରିବାର ସନ୍ତୁଷ୍ଟ ହୁଅନ୍ତି ତେବେ ତାକୁ ୬ ମାଣ ଧାନ କିମ୍ବା ମୁଆଁ ଚାଉଳ (କିମିବୟ ରୁଅଁ) ଓ ତା'ର ସାଙ୍ଗ ବାଲିକାକୁ ଉଚ୍ଚଚାଉଳରୁ ୪ ମାଣ (ସଙ୍ଗବୟରୁଅଁ) ଉପହାରସ୍ୱରୂପ ଦେଇ ସସମ୍ମାନ ଭାବି ସ୍ୱାମୀ ଓ ତା ସାଙ୍ଗ କନ୍ୟାକୁ କନ୍ୟାପିତା ଘରେ ଛାଡ଼ିଦେବାକୁ ଯାଆନ୍ତି । ଏଥିରେ କନ୍ୟାପିତା ଖୁସି ହୋଇ ଭାବି ଜ୍ୱାଇଁ ଓ ତା'ର ସାଙ୍ଗରେ ଆସିଥିବା ବରସାଙ୍ଗକୁ ଭୋଜିଭାତରେ ଆପ୍ୟାୟିତ କରି ଆଦର ସମ୍ମାନ ସହ ବିଦାୟ କରିଥାଆନ୍ତି ।

ବର୍ଷାକାଳ ସରିଗଲାଣି । ଶୀତ ଋତୁ ଆସିଗଲାଣି । ପୁଷ (ପୌଷ) ମସାର, ହାଡ଼ଇଙ୍ଗା ଶୀତ ବଣ୍ଡାକୁ ମଧ୍ୟ ଥରେଇ ଦେଲାଣି । କିନ୍ତୁ ଡ଼ରିଯାଏନି ବଣ୍ଡା । ବିବାହାର ଶେଷ ନିଷ୍ପତ୍ତି ନେବା ପାଇଁ ଏଥର ପୁଅର ବାପା ଉପହାର ସ୍ୱରୂପ ସାଥିରେ ତୁମ୍ବେ ମଦ ନେଇ ପହଞ୍ଚିଯାଏ କନ୍ୟାପିତା ଘରେ । ପୁଅ ବାପା ଝିଅବାପାକୁ ମଦ ଦେବା ସମୟରେ କହେ "ତୁମ ଜ୍ୱାଇଁ ତୁମେ ଘରେ ଖାଉଛି କିନ୍ତୁ ମୋର ବହୁ ମୋ ଘରେ ଆଜି ପର୍ଯ୍ୟନ୍ତ ଖାଇନାହିଁ । ମୁଁ ଆସନ୍ତା ସପ୍ତାହରେ ଶାଗୁର ଟଙ୍କା ଦେବି ଓ ତାପରେ ମୋ ବୋହୁ ମୋ ଘରେ ନିଶ୍ଚୟ ଖାଇବ ।"

ଏତକ କହି ବରପିତା କନ୍ୟା ପିତାଙ୍କ ଠାରୁ ବିଦାୟ ନେଇ ଘରକୁ ଫେରି ଘରର ସଦସ୍ୟମାନଙ୍କୁ ଏ ବିଷୟରେ ଜଣାଇ ଦିଅନ୍ତି । ସେହିଦିନଠାରୁ ପରିବାରର ସମସ୍ତ ବ୍ୟକ୍ତି ମଦ, ପେଣ୍ଡମ ଆଦି ପ୍ରସ୍ତୁତ କରିବାରେ ବ୍ୟସ୍ତ ରହନ୍ତି । ନିର୍ଦ୍ଦିଷ୍ଟ ଦିନ ବରପିତା ଓ ଅନ୍ୟ ଦଶ ପନ୍ଦର ଜଣ ନାଚ, ଗୀତ, ବାଜା ବଜାଇ କନ୍ୟାଘରେ ଉପସ୍ଥିତ ହୁଅନ୍ତି । ସାଥିରେ ନେଇଥିବା ମଦ ପେଣ୍ଡମ ସହିତ ପାଞ୍ଚଟଙ୍କା (କିନ୍ତୁ ଏବେ ୧୦ଟଙ୍କା ଦିଆଯାଉଛି) କନ୍ୟାପିତାକୁ ଅର୍ପଣ କରନ୍ତି । କନ୍ୟା ପିତା ଉକ୍ତ ଟଙ୍କାକୁ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଗ୍ରାମର ମୁଖିଆ (ନାଇକ)କୁ ଦେଇ କନ୍ୟା ନିର୍ବାଚନ ହୋଇଯାଇଛି ବୋଲି ଜଣାଇ ଦିଅନ୍ତି । ଏହି ଅର୍ଥ ଦେବାର ଅର୍ଥ, ଏହା ବିବାହ ନିମିତ୍ତ ଶେଷ କଥାବାର୍ତ୍ତା । ଏହା ନ ଦେବା ପର୍ଯ୍ୟନ୍ତ କନ୍ୟା ବରଘର ଖାଦ୍ୟଖାଇବା ସଂପୂର୍ଣ୍ଣ ନିଷେଧ । କନ୍ୟାପିତା ମଧ୍ୟ ବରଘରୁ ଆଣିଥିବା ମଦକୁ ଗ୍ରାମବାସୀଙ୍କୁ ପାନ କରାଇ କନ୍ୟା ନିର୍ବାଚନର ଶେଷ ନିଷ୍ପତ୍ତି ଜଣାଇଦିଏ ଓ ଜନ୍ୟା ବରଘରୁ ଖାଦ୍ୟ ଖାଇବା ପାଇଁ ସ୍ୱକୃତି ମଞ୍ଜୁର କରାଇ ନିଏ ।

ଶୀତଋତୁର ଅବସାନ ପରେ ଗ୍ରୀଷ୍ମ ଋତୁର ଆଗମନ ହୁଏ । କନ୍ୟାପରି ବର ମଧ୍ୟ ୩ ଦିନ କନ୍ୟାପିତା ଘରେ କୃଷିକାର୍ଯ୍ୟ, ଜଙ୍ଗଲରୁ କାଠପତ୍ର ଆଣିବା କାର୍ଯ୍ୟ କରି

ନିଜର କର୍ମ ନିପୁଣତାର ପରିଚୟ ଦେଇଥାଏ । କନ୍ୟା ପିତା ବରର କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ମାଂସ ଭୋଜିରେ ଜ୍ୱାଇଁକୁ ପରିତୃପ୍ତ କରାଇଥାଆନ୍ତି । ତା'ପରେ ବର୍ଷାର ଆଗମନରେ ବରପକ୍ଷରୁ ଆଉ ଏକ ଦଳ ମଦ ମାଂସ ଧରି ପୁଣି କନ୍ୟା ଘରେ ଉପସ୍ଥିତ ହୋଇ କନ୍ୟାକୁ ପଠାଇବା ପାଇଁ କନ୍ୟା ପିତାଙ୍କୁ ଅନୁରୋଧ କରି କନ୍ୟାକୁ ବର ଘରକୁ ନେଇଆସନ୍ତି । କନ୍ୟା ବରଘରେ ଏକମାସ ରହି ପୁଣି ବାପାଘରକୁ ଫେରିଯାଏ । ଇତିମଧ୍ୟରେ ବଣ୍ଡାପୁଅ ନୂଆ ବୋହୂ ଘରକୁ ଆଣିବ ବୋଲି ନୂଆ ଘର କରିନିଏ ।

ପୁଣି ଫଗୁଣ ମାସ ଆସିଗଲାଣି । କେତେଗଛ ଶୀତର ପ୍ରକୋପରେ ଲଣ୍ଡା ହୋଇଯାଇଛି । କଅଁଳ ପତ୍ରରେ ଶିଶିର ବିନ୍ଦୁ ମୁକ୍ତାର ଭ୍ରମ ସୃଷ୍ଟିକଲାଣି । ବଣ୍ଡାପୁଅ ମଇଁଷି ଯୋଗାଡ଼ କରେ । ମାମୁଁ ମଧ ପୋଡ଼ (ମଇଁଷି)ର ଆୟୋଜନ କରେ । ଖୁବ୍ ଆଡ଼ମ୍ବରରେ ସହ କନ୍ୟାଆଣିବାକୁ ଆଗେଇ ଯାଆନ୍ତି ବରପକ୍ଷ । କନ୍ୟାପିତା କନ୍ୟାକୁ ବରପିତାଙ୍କ ହସ୍ତରେ ଅର୍ପଣ କଲାବେଳେ କହେ:-

"ହେ ସମୁଦି, ମୋ ଘରେ ଫୁଲଟିଏ ଥିଲା, ଏ ଫୁଲ ଆଜି ଫୁଟିଲା ଫୁଲ । ଆଜି ଆମେ ଏ ଫୁଟିଲା ଫୁଲକୁ ତୁମ ହାତରେ ଦେଉଅଛୁ । ଆଜି ତୁମ ମନର କଳ୍ପନା ପୂରଣ ହୋଇଛି । ତୁମେ ଏ ଫୁଲଟିକୁ ପାଇବାକୁ ହକଦାର ହୋଇଛ । ତୁମର ଆଶାକୁ କାହିଁକି ଆମେ ନିରାଶ କରିବୁ । ବଡ ଯତ୍ନର ସହ ଏତେଦିନ ପର୍ଯ୍ୟନ୍ତ ଆମେ ତୁମ ଫୁଲଟିର ତତ୍ତ୍ୱ ନେଉଥିଲୁ । ବଡ଼ ସନ୍ତର୍ପଣରେ ସହ ଆମକୁ ତାକୁ ଜଗିବାକୁ ପଡୁଥିଲା କାରଣ କୌଣସି ଚୋର ପ୍ରକୃତିରେ ଲୋକ ଆସି ତାକୁ ଚୋରାଇ ନେଇଥାନ୍ତା । ବର୍ତ୍ତମାନ ଫୁଲଟି ତୁମ ହାତମୁଠାରେ । ଏହାର ଯତ୍ନ ନେବା ଏଣିକି ତୁମର ଦାୟିତ୍ୱ । କିନ୍ତୁ ଏ ଫୁଲଟିର ଯଦି କିଛି ଅନିଷ୍ଟ ହୁଏ ତେବେ ଆମେ ଏଥିପାଇଁ ଭବିଷ୍ୟତରେ ଦାୟୀହେବୁ ନାହିଁ ।"

ଏହିପରି ଭାବେ ବଣ୍ଡା ସମାଜର ପ୍ରଥା ଅନୁସରଣ କରି ଦୀର୍ଘସୂତ୍ରୀ ନୀତିରେ ଅନେକ ଧନସଂପତ୍ତି ଖାଦ୍ୟପେୟର ବ୍ୟୟ କରି ବିବାହ ବହୁଆଡ଼ମ୍ବରରେ ଶେଷ ହୁଏ । ଏହାପରେ ହିଁ ପ୍ରକୃତ କନ୍ୟାସୁନା (ଗିନିଙ୍ଗ୍‌ବିବେ) ବରପିତା କନ୍ୟା ପିତାଙ୍କୁ ଦେଇଥାଆନ୍ତି । ବିବାହ ପୂର୍ବରୁ କନ୍ୟାସୁନା ପରିମାଣ ଧାର୍ଯ୍ୟ କରାଯାଇଥାଏ । କନ୍ୟା ସୁନାର ପରିମାଣ ସ୍ଥିର କରିବା ବା କନ୍ୟାସୁନା ଦେବାବେଳେ ମଧ୍ୟସ୍ଥିର ଭୂମିକା ଖୁବ୍ ନଗଣ୍ୟ । କିନ୍ତୁ କନ୍ୟାସୁନା ଧାର୍ଯ୍ୟ କଲାବେଳେ ବରପିତା ସହିତ ଗ୍ରାମର କେତେକ

ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କନ୍ୟାଘରକୁ ଯାଇ କନ୍ୟାସୁନାର ପରିମାଣ ସ୍ଥିର କରିଥାନ୍ତି । ଏହା ମଧ୍ୟ ବଣ୍ଡା ସମାଜର ନିୟମ ଅନୁଯାୟୀ କରାଯାଇଥାଏ । ସାଧାରଣତଃ ଶାଗୁର ଟଙ୍କା ପାଇଁ ମଦ ୧ ହାଣ୍ଡି ପାଞ୍ଚଟଙ୍କା ନିତ୍ୟାନ୍ତ ଆବଶ୍ୟକ । ବିବାହ ପରେ ଦେବା ପାଇଁ ପ୍ରଥାନୁଯାୟୀ ଗୋଟିଏ ବଡ଼ ଅଣ୍ଡିରା ଦାମୁଡ଼ି (ବାସା) ଓ ଗୋଟିଏ ଛଡ଼ା (ବାସି) ବାପାଭାଇ ଆଦିଙ୍କ ଉଦ୍ଦେଶ୍ୟରେ ଓ ଟ୨.୫୦ ପଇସା ମାଆ ଉଦ୍ଦେଶ୍ୟରେ ଦେବା ପାଇଁ ଧାର୍ଯ୍ୟ କରାଯାଇଥାଏ ।

ଉକ୍ତ ପ୍ରଥା ଓ ଦେଇଥିବା ବାକ୍ୟ ଅନୁଯାୟୀ ବିବାହର କିଛିଦିନ ପରେ (୧-୨ ବର୍ଷ ମଧ୍ୟ ହୋଇପାରେ)କ୍ୱାଙ୍କଁ ଗାଈଗୋରୁର ଆୟୋଜନ କରେ । ଶସ୍ୟ, ଚାଉଳ ଓ ମାଂସର ଯୋଗାଡ଼ କର କନ୍ୟା ପିତା ଘରକୁ ଏକ ନିର୍ଦ୍ଦିଷ୍ଟ ଦିନରେ ଗିନିଙ୍ଗଡିବେ ନେଇଦେବା ପାଇଁ ଖବର ପଠାଯାଏ । ବରପକ୍ଷ ପର୍ଯ୍ୟାପ୍ତ ପରିମାଣରେ ଭାତ, ମାଂସ ଓ ପେଣ୍ଡମ ପ୍ରସ୍ତୁତ କରନ୍ତି । ନିର୍ଦ୍ଦିଷ୍ଟ ଦିନ ସାଥିରେ ବାସାବାସି(ଦାମୁଡ଼ି ଓ ମାଇଛଡ଼ା), କନ୍ୟାସୁନା ଟଙ୍କା, ଭାତ, ମାଂସ ଓ ପେଣ୍ଡମ ଧରି କନ୍ୟାଘରେ ଉପସ୍ଥିତ ହୁଅନ୍ତି । ସେହିଦିନ କନ୍ୟାଘର ମଧ୍ୟ ଭୋଜି ଓ ଅନ୍ୟାନ୍ୟ ଜିନିଷର ଆୟୋଜନ କରି ଚାଷାଦି କୃଷିକାର୍ଯ୍ୟରୁ ନିବୃତ ରହି ବରପକ୍ଷକୁ ଅପେକ୍ଷା କରି ଘରେ ରହିଥାଆନ୍ତି । ବରପକ୍ଷ ସଦଳବଳେ କନ୍ୟାପିତା ଘରେ ଉପସ୍ଥିତ ହୁଅନ୍ତି । ଆଣିଥିବା ଗାଈଗୋରୁକୁ କନ୍ୟାପିତାଙ୍କ ଉଦ୍ଦେଶ୍ୟରେ ଦାନ କରାଯାଏ । ଏହାକୁ ଗିନିଙ୍ଗଗର କୁହାଯାଏ । ବାପାଭାଇ ବହୁ କଷ୍ଟ ସ୍ୱୀକାର କରି ଝିଅକୁ ପାଳିପୋଷି ରଖିଥିଲେ ଓ କେତେ କଷ୍ଟରେ କନ୍ୟାଚୋରଙ୍କ ଠାରୁ କନ୍ୟାକୁ ରକ୍ଷା କରିଥିଲେ ତେଣୁ ସେମାନେ ଏହି ବାସିବାସା ପାଇବାକୁ ସେମାନେ ହକ୍‌ଦାର ବୋଲି ବଣ୍ଡାମାନେ କହନ୍ତି । ଦ୍ୱିତୀୟତଃ କନ୍ୟାଟି ବାପାଭାଇଙ୍କ ସାଙ୍ଗରେ ମିଶି ଅନେକ କାମ କରୁଥିଲା । ତେଣୁ ସେମାନେ ଏବେ ସେଥିରୁ ବଞ୍ଚିତ ହେବେ । ତେଣୁ ମଧ୍ୟ ଗିନିଙ୍ଗଗରକୁ ତା'ର କ୍ଷତିପୂରଣ ବାବଦକୁ ନିଆଯାଏ ବୋଲି ବଣ୍ଡାମାନେ କହିଥାଆନ୍ତି ।

ବରପକ୍ଷ ସାଙ୍ଗରେ କନ୍ୟା ମାତା ପାଇଁ ଆଣିଥିବା ଟ.୨.୫୦ ପଇସାକୁ "ଅଗଣ୍ଡରେମ" କୁହାଯାଏ । ଏହାକୁ ମାଆଙ୍କ ପାଇଁ ଅର୍ପଣ କରାଯାଏ । କାରଣ ମାଆ ତା'ର କନ୍ୟାକୁ ଅନେକ କଷ୍ଟ କରି ଜନ୍ମ ଦେଇଥିଲା, ନୁଆର ମଳମୂତ୍ର ନିର୍ବିକାର ଭାବେ ସଫା କରିଥିଲା, ନିଜର ସ୍ତନରୁ କ୍ଷୀର ଖୁଆଇ ନୁଆକୁ ମଣିଷ କରିଥିଲା, ନିଜ

ପେଟରୁ ଖାଦ୍ୟ କାଟି ଛୁଆକୁ ଖାଇବାକୁ ଦେଉଥିଲା ଇତ୍ୟାଦି । ତେଣୁ ମାଆ ଯେ "ଅଗଣ୍ଡରେମ" ପାଇବାକୁ ଯୋଗ୍ୟ ଏହା କେହି ବଣ୍ଡା ଅସ୍ୱୀକାର କରେ ନାହିଁ । ଏହି ଅର୍ଥକୁ ମାଆକୁ ମାଆର ରିଙ୍ଗା (ନଡ଼ି) ତିଆରି ପାଇଁ ପ୍ରଦାନ କରାଯାଇଥାଏ ବୋଲି ବଣ୍ଡାମାନେ କହନ୍ତି । ତଳ ବଣ୍ଡା ମାନେ ଏହି ଅର୍ଥକୁ "ଘୁଅଲୁଗା" ପାଇଁ ଦିଆଯାଇଥାଏ ବୋଲି ମତ ପ୍ରକାଶ କରନ୍ତି ପୁଅଘରୁ ଆଣିଥିବା ଭାତ, ମାଂସ ଭୋଜି ଓ ଶସ୍ୟକୁ ଉପହାର ସ୍ୱରୂପ କନ୍ୟାପିତାକୁ ଦିଆଯାଏ କନ୍ୟାପିତା ମଧ୍ୟ ଆୟୋଜନ କରିଥାଏ । ସମସ୍ତ ଭାତ ମାଂସକୁ ମିଶାଇ ବନ୍ଧୁବର୍ଗ ଗ୍ରାମବାସୀଙ୍କ ସହ ମିଶି ଆନନ୍ଦରେ ଭୋଜନ ସମାପ୍ତ କରିଥାନ୍ତି । ପରେ କନ୍ୟାପିତା ବରଘରୁ ଆସିଥିବା ଝୁଡ଼ିରେ କିଛି କିଛି ଖାଦ୍ୟ, ଶସ୍ୟ ଦେଇ ବରପକ୍ଷକୁ ସସମ୍ମାନେ ବିଦାୟ ଦେଇଥାନ୍ତି ।

କନ୍ୟା ପାଇଁ କନ୍ୟାସୁନାର ଗୁରୁତ୍ୱ :

ବଣ୍ଡା ଆଦିବାସୀ ସମାଜରେ ନାରୀର ସ୍ଥାନ ଖୁବ୍ ଉଚ୍ଚରେ । ଦୈନନ୍ଦିନ ଜୀବନର ଘରକାମଠାରୁ ଆରମ୍ଭ କରି କୃଷିକାର୍ଯ୍ୟ କଳିଗୋଳର ସମାଧାନ କରିବା ସ୍ୱତନ୍ତ୍ର କର୍ମକାଣ୍ଡ ଓ ଜାର୍ଯ୍ୟକାଳପରେ ସାହାଯ୍ୟ କରିବା କ୍ଷେତ୍ରରେ ନାରୀର ଭୂମିକା ଯେ ଅନନ୍ୟ ଏହା ନିରାଟ ସତ୍ୟ । ଆହୁରି ମଧ୍ୟ ବଣ୍ଡାମାନେ ସେମାନଙ୍କର ବୈବାହିକ ଜୀବନର ପ୍ରତୀକ ସ୍ୱରୂପ ପ୍ରଥମ ଗର୍ଭରେ ଏକ କନ୍ୟା ସନ୍ତାନ ପାଇବାକୁ ବ୍ୟାକୁଳିତ ହୋଇ ପଡ଼ନ୍ତି କେବଳ ଯେ କନ୍ୟାର ବିବାହ ସମୟରେ କିଛି କନ୍ୟାସୁନା ମିଳିବ ତାହା ନୁହେଁ ପରନ୍ତୁ କନ୍ୟା ଜନ୍ମ ହେଲେ ଗୃହକୁ ଦେବତା ଆସନ୍ତି, ଘରେ ଗୋରୁଗାଈ ଧନଧାନ୍ୟରେ ପୂର୍ଣ୍ଣ ହୁଏ ଇତ୍ୟାଦି ବିଶ୍ୱାସ ବଣ୍ଡାମାନଙ୍କର କୁବ୍ ସୁଦୃଢ଼ । ଏସବୁ ବିଚାର କଲେ ବଣ୍ଡା ସମାଜରେ ନାରୀର ସ୍ଥାନ ଯେ ଖୁବ୍ ଉଚ୍ଚରେ ଏହା କଳ୍ପନା କରିବାକୁ କମ୍ ସମୟ ଲାଗେ । ତେଣୁ ଏସବୁକୁ ଆଖିରେ ରଖି ବିବାହ ସମୟରେ କନ୍ୟାକୁ ସମ୍ମାନ ଦେବା ପାଇଁ କନ୍ୟାସୁନା ଦିଆଯାଇଥାଏ । ବଣ୍ଡାମାନେ ବିଶ୍ୱାସ କରନ୍ତି ଯଦି ବିବାହ ପରେ କନ୍ୟାସୁନା ନଦିଆଯାଏ ତେବେ କନ୍ୟାର ଅବମାନନା ସର୍ବୋପରି ନାରୀ ସମାଜର ଅବମାନନା କରାଯାଏ ବୋଲି ବିଚାର କରାଯାଏ । ଯେଉଁ କନ୍ୟାକୁ ଯେତେ ଅଧିକ କନ୍ୟାସୁନା ଦିଆଯାଏ ସମାଜରେ ସେ ନାରୀର ସ୍ଥାନ ସେତେ ଉଚ୍ଚରେ । ବିବାହିତ ଜିମ୍ମା ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀକୁ ଦ୍ୱିତୀୟବାର ଯଦି କୌଣସି ବ୍ୟକ୍ତି ବିବାହ କରେ ତେବେ ଦ୍ୱିତୀୟ ସ୍ୱାମୀଙ୍କୁ ମୂଳ କନ୍ୟାସୁନାର ଦୁଇଗୁଣ ପରିମାଣ କନ୍ୟାସୁନା

ଦେବାକୁ ପଡ଼ିଥାଏ ବୋଲି ଚିନ୍ତାକଲେ ଅବିଶ୍ୱାସ ଲାଗିଥାଏ । କିନ୍ତୁ ଏହା ସତ୍ୟ ଓ ପ୍ରଥାନୁମୋଦିତ । ବଣ୍ଡାମାନେ କହନ୍ତି ବିବାହିତ ସ୍ତ୍ରୀ ଯେ ନିଶ୍ଚିତ ଭାବେ ଅବିବାହିତ କନ୍ୟା ଅପେକ୍ଷା ବୁଦ୍ଧି, ଦକ୍ଷତା, ଜ୍ଞାନ, କୌଶଳ, ସାଂସାରିକ ଜୀବନର ଅଭିଜ୍ଞତା ଇତ୍ୟାଦି ଗୁଣରେ ବଢ଼ିଯାର । ସେହିପରି ଜଣେ ଦକ୍ଷ, ପରିଶ୍ରମୀ କନ୍ୟାକୁ ବୋହୂ କରିବାକୁ ଅନେକ ବଣ୍ଡା ଆଗରେ ଆସନ୍ତି । କନ୍ୟାସୁନାର ପରିମାଣ ନ ବଢ଼ିଲେ ବି ଅନ୍ୟାନ୍ୟ ବିଭିନ୍ନ ପଦାର୍ଥ କନ୍ୟାସୁନା ସହିତ ଅର୍ପଣ କରାଯାଇଥାଏ । ଏତଦ୍ ବ୍ୟତୀତ ବିଭିନ୍ନ ପ୍ରକାର ସାମାଜିକ ଓ ଅର୍ଥନୈତିକ କାରଣ ଯୋଗୁଁ କନ୍ୟା ପାଇଁ କନ୍ୟାସୁନା ପ୍ରଦାନ କରାଯାଇଥାଏ ।

ଆଦିବାସୀ ସମାଜରେ କନ୍ୟାସୁନାର ସାମାଜିକ ଓ ଅର୍ଥନୈତିକ ଦିଗ:

ନାରୀକୁ ସମାଜରେ ସମ୍ମାନ ଦେବା ବ୍ୟତୀତ ବିଭିନ୍ନ ପ୍ରକାର ସାମାଜିକ ଓ ଅର୍ଥନୈତିକ କାରଣ ଯୋଗୁଁ କନ୍ୟାସୁନା ବରପକ୍ଷ କନ୍ୟା ପକ୍ଷକୁ ଅର୍ପଣ କରିଥାଏ । ବଣ୍ଡା ଆଦିବାସୀମାନଙ୍କ ପାଇଁ କନ୍ୟାସୁନାର ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ଗୁରୁତ୍ୱମାନ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୧. କନ୍ୟା ଜନ୍ମ ଦେବାଠାରୁ କନ୍ୟା ବିବାହ କରିବା ପର୍ଯ୍ୟନ୍ତ ମାଆ ଅନେକ କଷ୍ଟ ସହିଥାଏ । କନ୍ୟାକୁ ଦଶମାସ ଗର୍ଭରେ ଧାରଣ କରିବା, ଅନେକ କଷ୍ଟ ସହି କନ୍ୟାକୁ ଜନ୍ମ ଦେବା, ଅନ୍ୟୂନ ଏକ ବର୍ଷ ପର୍ଯ୍ୟନ୍ତ ଶିଶୁକୁ ନିଜ କ୍ଷୀର ପିଆଇବା, ନିର୍ବିକାର ଚିତ୍ତରେ କନ୍ୟାର ମଳମୂତ୍ର ସଫାକରିବା, ଅଭାବ ସମୟରେ ନିଜ ପେଟରୁ ଖାଦ୍ୟ କାଟି ନୁଆକୁ ଖୁଆଇବା ସର୍ବୋପରି କନ୍ୟାର ଯତ୍ନନେବା କାମ ମାଆ ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ । ତେଣୁ ମାଆ ସ୍ନେହ ଓ ସେବାର ପ୍ରତି ବଦଳରେ କନ୍ୟା ଶାଶୁ ଘରକୁ ଯିବାବେଳେ ସାନ୍ତ୍ୱନାମୂଳକ ଭାବେ କନ୍ୟାଧନର କିଛି ଅଂଶ (ଅର୍ଥାତ୍ ୪୨.୫୦ ପଇସା) ଅଗଣ୍ଡରେମ ରୂପେ ମାଆକୁ ଅର୍ପଣ କରିଥାଏ ।

୩. ବଣ୍ଡା ନାରୀ ଆଜନ୍ମରୁ ଖୁବ୍ ପରିଶ୍ରମୀ । କନ୍ୟା ଶିଶୁ ୫-୬ ବର୍ଷ ହୋଇଗଲାପରେ ମାଆକୁ ପ୍ରାୟ ସମସ୍ତ କାମ ଯଥା ଶସ୍ୟ କୁଟିବା, ପାଣି ଆଣିବା, ବାସନ ସଫା କରିବା, ଘର ଝାଡୁକରିବା, ଛୋଟପିଲାକୁ ଧରିବା, ରୋଷେଇ କାମରେ ସାହାଯ୍ୟ କରିବା ଆଦି କାମରେ ସାହାଯ୍ୟ କରିଥାଏ । ୮ ବର୍ଷ ନ

ପୁରୁଣୁ ବଣ୍ଡାଜନ୍ୟା ଜଙ୍ଗଲରୁ ଫଳ, ମୂଳ, କାଠ, ପତ୍ର ଆଣିବାଠାରୁ କୃଷିକାର୍ଯ୍ୟରେ ମଧ୍ୟ ନିଜର କୁନିକୁନି ହାତ ଦୁଇଟାକୁ ବ୍ୟବହାର କରିଥାଏ । ଠିକ୍ ୧୦-୧୨ ବର୍ଷ ହୋଇଗଲେ ବଣ୍ଡା ରମଣୀ ସମସ୍ତ କାମ ନିପୁଣତାର ସହିତ ସଂପାଦନ କରିଥାଏ । କିନ୍ତୁ ତା'ର ବିବାହରେ ପରିବାର ଜନ୍ୟାର ଶ୍ରମ ସେବାରୁ ବଞ୍ଚିତ ହୋଇଥାନ୍ତି । ତେଣୁ ଏହାର କ୍ଷତିପୂରଣ ପାଇଁ ଜନ୍ୟାସୁନା ଦିଆଯାଇଥାଏ ।

୩. ଅନ୍ୟପକ୍ଷରେ ବର ଘରକୁ ଗଲାପରେ ଶ୍ରମର ସମସ୍ତ ଫଳ ତା'ର ସ୍ୱାମୀ ଉପଭୋଗ କରିଥାଏ । ତେଣୁ ସ୍ତ୍ରୀର ଶ୍ରମ କ୍ରୟ କରିବା ପାଇଁ ବର ଜନ୍ୟା ପିତାଙ୍କୁ ଜନ୍ୟାସୁନା ଦେଇଥାଏ ।

୪. ଜନ୍ୟାପିତା ଓ ଜନ୍ୟାର ଭାଇ ମଧ୍ୟ ବିବାହ ପର୍ଯ୍ୟନ୍ତ ଝିଅକୁ ଲାଳନ ପାଳନ କରିଥିଲେ ଓ ସମସ୍ତ ପ୍ରକାର ସୁରକ୍ଷା ପ୍ରଦାନ କରିଥିବାରୁ ତାଙ୍କୁ ପାରିଶ୍ରମିକ ହିସାବରେ ମଧ୍ୟ ଜନ୍ୟାସୁନା ଦିଆଯାଏ ।

୫. ବିବାହରେ ଜନ୍ୟା ନିଜର ଅତିପ୍ରିୟ ପରିବାର ଜ୍ଞାତିକୁଟୁମ୍ବ, ସାଙ୍ଗସାଥୀ ଓ ଗ୍ରାମବାସୀଙ୍କ ଠାରୁ ବିଚ୍ଛେଦ ହୋଇ ଅନ୍ୟ ଏକ ଅଜଣା ଅପରିଚିତ ପରିବାର ସହିତ ସଂପର୍କ ଯୋଡ଼ିବସେ । ସମସ୍ତଙ୍କର ବିଚ୍ଛେଦ ବିରହ ଦୂରକରିବା ନିମିର୍ତ୍ତ ସାନ୍ତ୍ୱନା ମୂଳକ ଭାବେ ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥାଏ ।

୬. ସର୍ବୋପରି ବଣ୍ଡପୁରୁଷ ନିଜର କମଲାଳସାକୁ ଚରିତାର୍ଥ କରି ସୁଖମୟ ଜୀବନଯାପନ ପାଇଁ ସାଥୀଟିଏ ପାଇଥିବାରୁ ଜନ୍ୟାର ମୂଲ୍ୟ ବାବଦକୁ ଜନ୍ୟାସୁନା ବା ଗିନିଙ୍ଗ୍‌ବିବେ ଜନ୍ୟାପିତା ବା ଜନ୍ୟା ପରିବାରକୁ ଦେଇଥାଏ ।

୭. ଭବିଷ୍ୟତରେ କୌଣସି କାରଣ ଯଥା ଛାଡ଼ପତ୍ର, ସ୍ୱାମୀର ଅସହ୍ୟ ଦୁର୍ବ୍ୟବହାର କିମ୍ବା ସ୍ୱାମୀର ମୃତ୍ୟୁ ଘଟିଲେ ଜନ୍ୟା ଘରକୁ ଫେରିଆସି ପାରେ ବୋଲି ଜନ୍ୟାପିତା ଦୂରଦୃଷ୍ଟି ନିକ୍ଷେପ କରିଥାଏ । ଜନ୍ୟା ଭବିଷ୍ୟତରେ ଯଦି ଫେରିଆସେ ତେବେ ତା'ର ଭରଣ ପୋଷଣ ଦାୟିତ୍ୱ ହଁ ପଡ଼ିବ ଜନ୍ୟାପିତା କିମ୍ବା ଜନ୍ୟାର ଭାଇ ଉପରେ । ତେଣୁ ତା'ର ପ୍ରତିକାର ସ୍ୱରୂପ ବାପା ଭାଇ ଜନ୍ୟାସୁନା ନେଇଥାନ୍ତି ।

୮. ବଣ୍ଡା ସମାଜରେ ଛାଡ଼ପତ୍ରର ହାର ଅନ୍ୟ ଆଦିବାସୀଙ୍କ ତୁଳନାରେ ଖୁବ୍ ଅଧିକ । ତେଣୁ କନ୍ୟାର ବିନାଦୋଷରେ ଯଦି ପୁଅ ଝିଅକୁ ଛାଡ଼ପତ୍ର ଦିଏ ତେବେ ଭବିଷ୍ୟତରେ ତାକୁ (ପୁଅ) ବୁଝାଇବା, ଡ଼ରାଇବା, କ୍ଷତିପୂରଣ ଦାବିକରିବା ଓ ଝିଅର ଭଲମନ୍ଦ ଦେଖାଶୁଣା କରିବା ପାଇଁ ଗ୍ରାମବାସୀମାନେ ସାହାଯ୍ୟ କରିବେ ବୋଲି କନ୍ୟାସୁନାର ଆଂଶିକ ଅର୍ଥ (ଶାଗୁର ଟଙ୍କା) ୧୦ଟଙ୍କା) ଓ ଭୋଜି ଗ୍ରାମବାସୀଙ୍କୁ ଦିଆଯାଇଥାଏ ।

ବିଭିନ୍ନ ପ୍ରକାର ବିବାହରେ କନ୍ୟାସୁନାରେ ପାର୍ଥକ୍ୟ:

ବଣ୍ଡା ସମାଜରେ ବିଭିନ୍ନ ଉପାୟରେ କନ୍ୟା ଆଣିବାର ପ୍ରଥା ଅଛି । କନ୍ୟା ଆଣିବାର ଭିନ୍ନ ଭିନ୍ନ ପ୍ରଥାକୁ ଭିନ୍ନ ଭିନ୍ନ ନାମରେ ନାମିତ କରାଯାଇଛି । (ଏହା ଏହି ଅଧ୍ୟାୟର କ୍ରମିକ ସଂଖ୍ୟା ୩.୧ରେ ବର୍ଣ୍ଣିତ ଅଛି) । ତେଣୁ ବିବାହର ପାର୍ଥକ୍ୟ ଅନୁଯାୟୀ କନ୍ୟାସୁନା ଦେବାର ପ୍ରଥା ଓ ପରିମାଣରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହୁଏ । ଏହା ନିମ୍ନରେ ବର୍ଣ୍ଣନା କରାଯାଇଛି ।

ନିୟମିତ ବିବାହ (ସେବୁଙ୍ଗ) ଧାଙ୍ଗଡ଼ିବସାରୁ କନ୍ୟାକୁ ରାଜି କରାଇ ପରେ ପିତାମାତାଙ୍କ ପରାମର୍ଶରେ ବିବାହ କରିବା (ସାଲାକବୋଇ) ଓ କନ୍ୟାପିତାକୁ କନ୍ୟାସୁନା ଦେଇ କନ୍ୟାକୁ ମାଗି ବିଭା ହେବା (ଲୁଲୁ ଉଇକା) ଅବସରରେ ବରପକ୍ଷ କନ୍ୟାନ ପିତାକୁ "ଶାଗୁର ଟଙ୍କା" - ୧. ହାଣ୍ଡି ପେଣ୍ଡମ ଓ ପାଞ୍ଚଟଙ୍କା ବନ୍ଧୁବାନ୍ଧବ ତଥା ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥାଏ । ବିବାହ ପରେ 'ନିନିଙ୍ଗଗଇ' - ଗୋଟିଏ ଦାମୁଡ଼ି ଓ ଗୋଟିଏ ଛଡ଼ା ବାପା, ଭାଇଙ୍କ ପାଇଁ ଦିଆଯାଇଥାଏ ଓ "ଅଗଣ୍ଡରେମ" - ଟ ୨.୫୦ ପଇସା ମାଆକୁ କନ୍ୟାଧନ ଆକାରରେ ପ୍ରଦାନ କରାଯାଇଥାଏ । ନିୟମିତ ବିବାହ ବ୍ୟତୀତ ବଣ୍ଡା ନିଜର ଇଚ୍ଛାନୁଯାୟୀ କୌଣସି ଝିଅକୁ ବିବାହ ପାଇଁ ମନବଳାଇଲେ ସାଙ୍ଗସାଥୀ, ଜ୍ଞାତିକୁଟୁମ୍ବ ମିଶି ତାକୁ ବଳହାର ଭାବେ ନିଜ ଘରକୁ ନେଇ ଆସି ବିବାହ କରିଥାନ୍ତି । ତାକୁ ଗୁବୟ ଗୁଡ଼ୁଗୁଙ୍ଗା କହନ୍ତି । ଉକ୍ତ ବିବାହରେ କନ୍ୟାସୁନାର ପରିମାଣ ସର୍ବାଧିକ । ଏଠାରେ କନ୍ୟାସୁନା ପ୍ରତିବଦଳରେ କନ୍ୟାହରଣ ପାଇଁ 'ସଗରଡା' (ଜୋରିମାନ) ସ୍ୱରୂପ ଟ. ୧୦୦୦ ପର୍ଯ୍ୟନ୍ତ ଟଙ୍କା ଚାଗୋଟି ଗୋରୁଗାଈ ବଳପୂର୍ବକ ଆଦାୟ କରାଯାଏ । ଏଥିରୁ ଗୋଟାଏ ଗୋରୁକୁ କନ୍ୟାଘର ଗ୍ରାମବାସୀମାନେ ଭୋଜିରେ ମାଂସ କରି ଖାଇଥାନ୍ତି । ସ୍ୱାମୀ ଜୀବିତ ଥିବା

ଅବସ୍ଥାରେ ମଧ୍ୟ କୌଣସି କାରଣରୁ ବେଳେବେଳେ ସ୍ତ୍ରୀର ଅନ୍ୟପୁରୁଷ ସହିତ ସଂପର୍କ ଗଢ଼ିଉଠେ । ତେଣୁ ସ୍ତ୍ରୀର କହିବା ଅନୁସାରେ ଦ୍ୱିତିୟ ପୁରୁଷ ତାକୁ ଟାଣି ନେଇଥାଏ କିମ୍ବା ସ୍ତ୍ରୀ ସ୍ୱଇଚ୍ଛାରେ ସୁଯୋଗ ଉଣ୍ଡି ଦ୍ୱିତୀୟ ପୁରୁଷ ଘରକୁ ପଳାଇଥାଏ ଏହି ବିବାହକୁ "ଡ଼ାଜ ଇରୋ" ବା "ଉଦା ଉଇନ୍" ବା "ଡୁରଡୁରଗା" କହନ୍ତି । ଏହାପରେ ସ୍ତ୍ରୀର ୧ମ ସ୍ୱାମୀ ନିଜଗ୍ରାମରେ ପଞ୍ଚାୟତ ଡ଼ାକି ସମସ୍ତ ଖବର ଜଣାଇ ସଗରଡା (ନାରୀହରଣ ପାଇଁ ଜୋରିମନା) ଛିଡ଼ାଇଆସିବା ପାଇଁ ଗ୍ରାମର ମୁଖିଆମାନଙ୍କୁ ଅନୁରୋଧ କରେ । ନାୟକ, ଚାଲାଣ ସମେତ ଗ୍ରାମ ମୁଖିଆ କେତେଜଣ ସ୍ତ୍ରୀକୁ ଟାଣି ନେଇଥିବା ପୁରୁଷ ପାଖକୁ ଯାଆନ୍ତି । ସେଠାରେ ମଧ୍ୟ ପଞ୍ଚାୟତ ବସେ । ଟାଣିନେଇଥିବା ଲୋକଙ୍କୁ ସଗରଡା ଦେବା ପାଇଁ ବାଧ କରି "ସଗରଡା"ର ସଉଦା କରାଯାଏ । ଶେଷରେ ଟାଣିନେଇଥିବା ଲୋକ ଦୁଇଟି ଗାଈଗୋରୁ ଦେବାକୁ ରାଜି ହୁଏ । ଗ୍ରାମମୁଖିଆମାନେ ଆସି ୧ମ ପୁରୁଷକୁ ଖବର ଦିଅନ୍ତି । ଏଥିରେ ସେ ରାଜିହୁଏ ନାହିଁ । ତା'ପରେ ସେ ଦଳବଳେ ୨ୟପୁରୁଷକୁ ଆକ୍ରମଣ କରି ୨ୟ ପୁରୁଷର କିମ୍ବା ଉକ୍ତ ଗ୍ରାମର କାହାରି ୪-୫ଟି ଗାଈଗୋରୁ ବଳପୂର୍ବକ ଅଣାଯାଏ । ସେଥିରୁ ଗୋଟାଏ ଗୋରୁ ମାରି ଗ୍ରାମବାସୀଙ୍କୁ ଭୋଜି ଦିଆଯାଏ । ସ୍ତ୍ରୀର କୌଣସି ଦୋଷଗୁଣ ଯୋଗୁଁ ଯଦି ସ୍ତ୍ରୀକୁ ଛାଡ଼ପତ୍ର ଦିଆଯାଏ, ତେବେ ସେ ବାପାଘରକୁ ଫେରିଯାଇଥାଏ । ପରିତ୍ୟକ୍ତା ସ୍ତ୍ରୀ ଘରେ ଥିବା ପର୍ଯ୍ୟନ୍ତ କନ୍ୟାସୁନାର ଫେରସ୍ତ ଦାବି କରାଯାଏ ନାହିଁ । ଯଦି ସେ ଅନ୍ୟ କୌଣସି ପୁରୁଷକୁ ବିବାହ କରେ ତେବେ ଛାଡ଼ପତ୍ର ଦେଇଥିବା ପୁରୁଷ ଦ୍ୱିତୀୟ ପୁରୁଷଠାରୁ କନ୍ୟାସୁନା ଦାବୀ କରେ କିମ୍ବା ତା' ଘରୁ ସଗରଡା ହିସାବରେ ୩-୪ଟି ଗାଈଗୋରୁ ଲୁଟି ଅଣାଯାଏ । ଏଥିରୁ ଗୋଟାକୁ ମାରି ୧ମ ପୁରୁଷର ଗ୍ରାମବାସୀଙ୍କୁ ଭୋଜି ଦିଆଯାଏ । ବିଧବା ବିବାହ (ଗୁରସଙ୍ଗଗୁଇ) ମଧ୍ୟ ବଣ୍ଡା ସମାଜରେ ଚଳିଆସୁଅଛି । ଯଦି ବିଧବା ସ୍ତ୍ରୀକୁ କୌଣସି ପୁରୁଷ ପୁନଃ ବିବାହ କରେ ତେବେ ସେ କନ୍ୟାର ଶ୍ୱଶୁର ଘରକୁ ୩ ମୁଣ୍ଡ ଗାଈଗୋରୁ କନ୍ୟାସୁନା ହିସାବରେ ଦେଇଥାଆନ୍ତି ।

ଉଭୟ ପୁଅ ଝିଅ ପରସ୍ପରକୁ ଭଲ ପାଇଁ ପ୍ରେମବିବାହ କରିଥା'ନ୍ତି । ଏହାକୁ ଉଦଲା କୁହାଯାଏ । ଏହା ବିନୁ କୌଣସି ଝିଅ ନିଜ ଇଚ୍ଛାରେ ଏକତରଫା ଭାବେ କୌଣସି ପୁଅକୁ ଭଲପାଇ ବସେ । ଯଦି ସେ ତାକୁ ବିବାହ କରିବାକୁ ଇଚ୍ଛା କରେ ତେବେ ସେ ସୁବିଧା ଦେଖି ପୁଅଘରକୁ ଯାଇ ସେଠାରେ କାମଦାମ କରିଥାଏ ।

ପୁଅର ଅରାଜି ସତ୍ତ୍ୱେ ଅନେକ ଦିନ ପରେ ପୁଅ ସେହି ଝିଅକୁ ବିବାହ କରିଥାଏ । ଏହାକୁ ଉଡ଼ାକ୍ କହନ୍ତି । ଏହି ଦୁଇପ୍ରକାର ବିବାହରେ କେବଳ "ଗିନିଙ୍ଗଗଇ" ଗୋଟିଏ ବାମୁଡ଼ି ଓ ଗୋଟିଏ ଛଡ଼ା ଜନ୍ୟାସୁନା ଆକାରରେ କନ୍ୟା ପିତାକୁ ଦିଆଯାଇଥାଏ ।

ସେହିପରି ଭାଉଜ ବିବାହ (ଆମ୍ଲିଙ୍ଗରୁଅ) ସାଧାରଣତଃ ପ୍ରଚଳିତ । କିନ୍ତୁ ବ୍ୟତିକ୍ରମ ଭାବେ ମଧ୍ୟ ସାନଭାଇ ସ୍ତ୍ରୀକୁ ଗ୍ରହଣ କରାଯାଏ । ତାକୁ ଆଜିମିରୁଅଁ କହନ୍ତି । ଭାଇର ମୃତ୍ୟୁପରେ ଯଦି ନିଜ ରକ୍ତ ସଂପର୍କୀୟ ଭାଇ "ଆମ୍ଲିଙ୍ଗକୁଅ" କିମ୍ବା ଆଜିମିରୁଅଁ କରେ ତେବେ କାହାରିକୁ କନ୍ୟାସୁନା ଦେବାକୁ ପଡ଼ିନଥାଏ । ରକ୍ତ ସଂପର୍କିତ ଭାଇ ବ୍ୟତୀତ ଯଦି ଦୂର ସଂପର୍କିତ ଭାଇ ଏହି ବିବାହ କରେ ତେବେ ସେ ମୃତ ସ୍ୱାମୀର ପରିବାରକୁ ଗୋଟାଏ ଗାଈ କିମ୍ବା ବଳଦ ଦେବାର ପ୍ରଥା ବଣ୍ଡା ସମାଜରେ ରହିଅଛି । ନିଜ ସ୍ତ୍ରୀର ମୃତ୍ୟୁ ପରେ ନିଜ ଶାଳୀକୁ (ସ୍ତ୍ରୀର ସାନ ଭଉଣୀ) ମଧ୍ୟ ବଣ୍ଡାମାନେ ବିବାହ କରନ୍ତି । ତାକୁ *"ସାଙ୍ଗଦମ୍ବର"* କୁହାଯାଏ । ଏଥିରେ କେବଳ "ଗିନିଙ୍ଗଗଇ" (ଗୋଟେ ବାମୁଡ଼ି ଓ ଗୋଟେ ଛଡ଼ା) କନ୍ୟାପିତାକୁ ଦିଆଯାଏ । ଏହିପରି ଭାବେ ବିଭିନ୍ନ ବିବାହରେ ଜନ୍ୟାସୁନାର ପାର୍ଥକ୍ୟ ପରିଲକ୍ଷିତ ହୁଏ ।

ପରିତ୍ୟକ୍ତା ସ୍ତ୍ରୀ ପାଇଁ କନ୍ୟାସୁନା:

ଯଦି ସ୍ତ୍ରୀ ଘରକାମ କରିବାରେ ଅକ୍ଷମ ହୁଏ, କର୍ମକ୍ଷେତ୍ରରେ ଅଳସୁଆମି କରେ ବା ଠକି ଅନୁପସ୍ଥିତ ରହେ, ସ୍ୱାମୀକୁ ସହବାସ ସୁଖ ଦେଇ ନପାରେ, ସ୍ତ୍ରୀର ପିଲାନ୍ତୁଆ କିଛି ନହୁଏ, ପରପୁରୁଷ ସହିତ ସଂପର୍କ ରଖେ. ସ୍ୱାମୀର ସୋରୁଭାଇ ଓ ବନ୍ଧୁବାନ୍ଧବକୁ ଅଣଦେଲା ଓ ଅସମ୍ମାନ କରେ, ସ୍ୱାମୀର ଅଜ୍ଞାତରେ ଗର୍ଭବତୀ ହୁଏ, ସ୍ତ୍ରୀକୁ ଡ଼ାହାଣୀ *(ଡୁଏବୟ)* ବୋଲି ସନ୍ଦେହ କରାଯାଏ, ସ୍ୱାମୀକୁ ବାରମ୍ବାର ଗାଳିଗୁଲଜ କରେ, ବାରମ୍ବାର ବାପଘରକୁ ଗଲେ ଇତ୍ୟାଦି କାରଣମାନ ଯୋଗୁଁ ସ୍ତ୍ରୀଲୋକକୁ ପରିତ୍ୟାଗ କରାଯାଇପାରେ । ଉପରଲିଖିତ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର କଳିଗୋଳ ହୋଇଥାଏ । ସ୍ୱାମୀ ସ୍ତ୍ରୀକୁ ଛାଡ଼ପତ୍ର (ଅସିଲଙ୍ଗ) ଦେବ ବୋଲି ସ୍ଥିର କଲେ ନିଜ ସ୍ତ୍ରୀକୁ ପାଖକୁ ଡ଼ାକେ । ଘରର ସାମନା ପାଖର ଚାଳରୁ କିଛି ପିରି (ଲଙ୍ଗ) ଟାଣି ବାହାର କରେ । ସେହି ପିରିକୁ ଦୁଇଖଣ୍ଡ କରି ଚିଡ଼ାଇ ଦେଇ ଖଣ୍ଡେ କନ୍ୟାକୁ ଦିଏ ଓ ଅନ୍ୟ ଖଣ୍ଡକୁ ଫୋପାଡ଼ି ଦିଏ । ଏହି ପିରି ସହିତ ଏକ ଟଙ୍କା ସ୍ତ୍ରୀକୁ ଦେଇ ମୁଁ ତତେ ଛାଡ଼ପତ୍ର (ଅସିଲଙ୍ଗ) ଦେଲି ବୋଲି ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରେ ।

ଝିଅ ପିରି ଓ ଏକ ଟଙ୍କାକୁ ନେଇ ଛାଡ଼ପତ୍ରର ସଂକେତ ସ୍ୱରୂପ ବାପାଙ୍କୁ ଦିଏ । ବାପା ଗାଁର ପଞ୍ଚାୟତ ଡ଼ାକି ଗାଁ ମୁଖିଆକୁ (ନାୟକ) ପିରି ଓ ଟଙ୍କା ଦେଖାନ୍ତି । ପଞ୍ଚାୟତରେ ଛାଡ଼ପତ୍ରର ବିଭିନ୍ନ କାରଣମାନକୁ ପୁଙ୍ଖାନୁପୁଙ୍ଖ ଭାବେ ବିଚାର କରାଯାଏ । ଯଦି କନ୍ୟା ନିଜର ସ୍ୱ-ଇଚ୍ଛାରେ ସ୍ୱାମୀକୁ ଛାଡ଼ି ଆସି ନଥାଏ ତେବେ ତା'ପର ଦିନ ଝିଅଘର ଗ୍ରାମବାସୀମାନେ ପୁଅଘର ଉପରେ ଆକ୍ରମଣ ପୂର୍ବକ ସ୍ୱାମୀର କିମ୍ବା ଗ୍ରାମର କାହାରି ଗୋଟିଏ ଘୁଷୁରୀ କିମ୍ବା ଛେଳି ମାରି ନେଇଯାଆନ୍ତି ଓ ଝିଅଘର ଗ୍ରାମବାସୀମାନେ ତାକୁ ବାଣ୍ଟି କରି ଖାଇଥାଆନ୍ତି ।

ଯଦି ପରିତ୍ୟକ୍ତା ବାପାଘରେ ରହେ ତେବେ ସ୍ୱାମୀକୁ କନ୍ୟାସୁନା ଫେରସ୍ତ କରାଯାଏ ନାହିଁ । କିନ୍ତୁ ଯଦି ସେହି ସ୍ତ୍ରୀକୁ ଅନ୍ୟ କୌଣସି ପୁରୁଷ ବିବାହ କରେ ତେବେ ଦ୍ୱିତୀୟ ପୁରୁଷ କନ୍ୟାସୁନା ବାବଦକୁ ଗାଈଗୋରୁ ଦେବା ବିଧେୟ । ବିବାହ ପରେ ପ୍ରଥମ ସ୍ୱାମୀ ୨ୟ ପୁରୁଷକୁ ଗ୍ରାମର ମୁଖିଆଙ୍କ ଦ୍ୱାରା (କନ୍ୟାହରଣ ପାଇଁ ଜୋରିମନା) ମାଗିଥାଏ । ଯଦି ପ୍ରଥମ ପୁରୁଷର ଦାବୀ ଅନୁଯାୟୀ ଗାଈଗୋରୁ ଦେବାକୁ ଦ୍ୱିତୀୟ ପୁରୁଷ ରାଜି ନହୁଏ ତେବେ ପ୍ରଥମ ପୁରୁଷ ସଦଳବଳେ ଦ୍ୱିତୀୟ ପୁରୁଷକୁ ଆକ୍ରମଣ କରି ତା'ର କିମ୍ବା ତାଙ୍କ ଗ୍ରାମର କାହାରି ୩-୪ଟି ଗାଈଗୋରୁ ବଳପୂର୍ବକ ନେଇ ଆସନ୍ତି । ଏଥିରୁ ଗୋଟିଏ ମାରି ଗାଁଲୋକଙ୍କୁ ଭୋଜି ଦିଆଯାଏ । ଏହି ବିବାହରେ ଶାଗୁର ଟଙ୍କା, ଅଗଣ୍ଡରେମ (ମାଆ ପାଇଁ ଟ.୨.୫୦) ଓ ମଦ, ପେଣ୍ଡମ ଦେବାକୁ ପଡ଼ିନଥାଏ ।

ସ୍ତ୍ରୀ ମଧ୍ୟ ନିମ୍ନଲିଖିତ କେତେକ କାରଣ ଯୋଗୁଁ ପୁରୁଷକୁ ଛାଡ଼ପତ୍ର ଦେଇଥାଏ । ପୁରୁଷ ବିଶେଷ ମଦ୍ୟପାନରେ ଆସକ୍ତ ହେଲେ, କାମଦାମ ନ କରି ସବୁବେଳେ ଅଳସୁଆ ହୋଇ ବସିଲେ, ସ୍ତ୍ରୀକୁ ସହବାସ ସୁଖ ଦେଇ ନପାରିଲେ ପ୍ରଥମ ସ୍ତ୍ରୀ ଥାଉ ଥାଉ ତା'ର ବିନା ପରାମର୍ଶରେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କଲେ, ସ୍ତ୍ରୀକୁ ସବୁବେଳେ ମଦ୍ଦାଇ ଗାଳିଗୁଲଜ ଓ ପିଟାମରା କଲେ, ନିଜ ସ୍ତ୍ରୀକୁ ଛାଡ଼ି ଅନ୍ୟ ସ୍ତ୍ରୀ ସଙ୍ଗେ ସବୁବେଳେ ରତ ହେଲେ, ଦ୍ୱିତୀୟ ସ୍ତ୍ରୀ ଆଣି ପ୍ରଥମ ସ୍ତ୍ରୀକୁ ସଦାସର୍ବଦା ହୀନଚକ୍ଷୁରେ ଦେଖିଲେ ବା ତା' ସହ ସହବାସ ନ କଲେ, ସ୍ୱାମୀ କୌଣସି କାରଣରୁ ଦୀର୍ଘଦିନ ଘରେ ଅନୁପସ୍ଥିତ ରହିଲେ ଇତ୍ୟାଦି । ତେଣୁ ଉପରୋକ୍ତ ଏକ ବା ଏକାଧିକ କାରଣଯୋଗୁଁ ସ୍ତ୍ରୀ ନିଜ ସ୍ୱାମୀକୁ ପରିତ୍ୟାଗ କରି ନିଜର ବାପାଘରକୁ ପଳାଇଯାଏ କିମ୍ବା ନିଜେ ଭଲ ପାଉଥିବା ବ୍ୟକ୍ତିକୁ ବିବାହ କରି ତା ସହିତ ଜୀବନ ଯାପନ କରେ । ପରିତ୍ୟକ୍ତା ପୁରୁଷ ନିଜ

ଗ୍ରାମର ମୁଖିଆ ଆଦିକୁ ନିଜର ଦାବୀ ଅନୁଯାୟୀ କନ୍ୟାଘରୁ କିମ୍ବା ୨ୟ ପୁରୁଷ ଘରୁ "ସଗରତା" ଆଣି ଦେବାକୁ ଅନୁରୋଧ କଲେ । ଅନୁରୋଧ କ୍ରମେ ମୁଖିଆଙ୍କ ସହ ଅନ୍ୟ ଉଦ୍ରବ୍ୟକ୍ତିଗଣ କନ୍ୟାପିତା କିମ୍ବା କନ୍ୟାର ୨ୟ ପତିଙ୍କ ପାଖରେ ପହଞ୍ଚି ପଞ୍ଚାୟତ କରନ୍ତି । ଯଦି ସେମାନେ ଦାବି ଅନୁଯାୟୀ କନ୍ୟାସୁନା ଫେରାଇବାକୁ (କନ୍ୟା ବାପା) ବା ସଗରତା (କନ୍ୟାହରଣ ପାଇଁ ଜୋରିମାନା) ଦେବାକୁ (କନ୍ୟାର ୨ୟ ପତି) ରାଜି ନ ହୁଅନ୍ତି ତେବେ ପ୍ରଥମ ପୁରୁଷ ସଦଳବଳେ ସେମାନଙ୍କୁ ଆକ୍ରମଣ କରି ଗ୍ରାମର କୌଣସି ୪-୫ ଗୋରୁଗାଈ ବଳପୂର୍ବକ ଧରି ନେଇ ଆସନ୍ତି । ଉକ୍ତ ଗୋରୁ ଗାଈରୁ ଗୋଟାକୁ ମାରି ପରିତ୍ୟକ୍ତା ପୁରୁଷ ଗ୍ରାମବାସୀଙ୍କୁ ଭୋଜି ଦେଇଥାଏ । ଦ୍ୱିତୀୟ ପୁରୁଷକୁ ଏହି ବିବାଦରେ ଶାଗୁର ଟଙ୍କା , ଅଗଣ୍ଡ ରେମ ଓ ମଦ, ସଳପ ଦେବାକୁ ପଡ଼ି ନଥାଏ ।

ବିଧବା ବିବାହରେ କନ୍ୟାସୁନା:

ବିଧବା ସ୍ତ୍ରୀକୁ ପୁନଃ ବିବାହ କରିବା ପ୍ରଥା ମଧ୍ୟ ବଣ୍ଡା ସମାଜରେ ଚଳିଆସିଛି । ତାକୁ ଗୁଇସଙ୍ଗୁଇ କୁହାଯାଏ । ଯଦି ନିଜ ରକ୍ତ ସଂପର୍କୀୟ ବଡ଼ ଭାଇ କିମ୍ବା ସନାଭାଇ ବୋହୂକୁ ବିବାହ କରାଯାଏ (ଯଥାକ୍ରମେ ଆମ୍ଭିଙ୍ଗ୍ ବୁ ଅଁ ଓ ଆକିମିବୁଅଁ କୁହାଯାଏ) ତେବେ କିଛି କନ୍ୟାସନ୍ନା ଦେବାକୁ ପଡ଼ିନଥାଏ । ଯଦି ଦୂର ସଂପର୍କୀୟ ଭାଇ ବିବାହ କରନ୍ତି ତେବେ ମୃତ ସ୍ୱାମୀର ପରିବାରକୁ କନ୍ୟାସୁନା ହିସାବରେ କେବଳ ଗୋଟିଏ ଛଡ଼ା କିମ୍ବା ଗୋଟିଏ ଦାମୁଡ଼ି ଦିଆଯାଏ ।

ବିଧବା ହେବା ପରେ ବିଧବା ସ୍ତ୍ରୀ ନିଜ ସ୍ୱାମୀ ଘରେ ରହିପାରେ କିମ୍ବା ବାପାଘରକୁ ଫେରି ଯାଇପାରେ । ଯଦି ବିଧବା ସ୍ତ୍ରୀକୁ କୌଣସି ବ୍ୟକ୍ତି ବିବାହ କରେ ତେବେ କନ୍ୟାସୁନା ହିସାବରେ କେବଳ ୩ଟି ଗାଈଗୋରୁ ମୃତ ସ୍ୱାମୀର ପରିବାରକୁ ଦିଆଯାଏ । ଶାଶୁର ଟଙ୍କା, ଅଗଣ୍ଡରେମ୍ ଓ ମାଦକ ପାନୀୟ ଦେବାକୁ ପଡ଼ିନଥାଏ ।

ପ୍ରେମ ବିବାହରେ କନ୍ୟାସୁନା:

ଯୌବନର ପହିଲି ପାହଚରେ ପାଦ ରଖୁରଖୁ ଉଭୟ ବଣ୍ଡା ଯୁବକ ଯୁବତୀ ଖୋଜି ବୁଲନ୍ତି ସାଥୀଟିଏ । ଦୈନନ୍ଦିନ ଜୀବନର ଘଟଣା ପ୍ରବାହ ଅନୁଯାୟୀ ରାସ୍ତାଘାଟ, ବିଲପାହାଡ଼, ହାଟବଜାର , ନାଚଗୀତ, ମେଳାମହୋତ୍ସବ, ପର୍ବପର୍ବାଣୀ, ଜନ୍ମ ବିବାହ ଓ ମୃତ୍ୟୁ ଆଦି ଜର୍ମକାଣ୍ଡ ଅବସରରେ ପ୍ରଥମ ଥର ପରସ୍ପରକୁ ଭେଟିଥାନ୍ତି ଯୁବକ ଓ ଯୁବତୀ । ପୁଅ ଯଦି ମନଲାଖି ଝିଅଟିଏ ପାଇଯାଏ ତେବେ ସେ ତା'ର ମନ ପ୍ରାଣ

ଦେଇ ଭଲ ପାଇବସେ । ଝିଅର ସାଙ୍ଗସାଥୀଙ୍କ ଠାରୁ କନ୍ୟାର ଠିକଣା ସଂଗ୍ରହ କରେ । ବେଳକାଳ ଦେଖି ନିଜକୁ ଖୁବ୍ ସୁନ୍ଦରଭାବେ ସଜେଇ ହୋଇ ବଣ୍ଡା ଯୁବକ ପହଞ୍ଚିଯାଏ ଧାଙ୍ଗଡ଼ିବସାରେ ନିଜର ମନର ମାନସୀ ପାଖରେ । ପ୍ରଥମଥର ଝିଅକୁ ନ ହେଲେ ମଧ୍ୟ ତା'ର ସାଙ୍ଗସାଥୀଙ୍କୁ ମନର କଥା ପ୍ରକାଶ କରେ ପୁଅ । ନାଚଗୀତ,ଗୁଲିଗପ୍ ହସଖୁସି, ଖେଳକୌତୁକରେ ବଣ୍ଡା ଯୁବକ ଭୁଲିଯାଏ ସବୁକିଛି । ଧାଙ୍ଗଡ଼ି ବସା ଅଭିଯାନ ଦୀର୍ଘଦିନ ଧରି ଅବ୍ୟାହତ ରହେ । ଯୁବକର ସାଙ୍ଗସାଥୀ ତଥା କନ୍ୟାର ସାଙ୍ଗସାଥୀମାନେ କନ୍ୟାକୁ ବିଭିନ୍ନ କଥା କହି ପୁଅ ପାଇଁ ଜାଗ୍ରତ କରାନ୍ତି ଝିଅମନରେ ପ୍ରେମ । ଉଭୟ ଉଭୟକୁ ଭଲ ପାଇ ବସନ୍ତି । ପ୍ରେମ ସଂପର୍କ ନିବିଡ଼ରୁ ନିବିଡ଼ତର ହୁଏ । ମନେହୁଏ ସତେଯେପରି ଜଣେ ଅନ୍ୟ ଜଣଙ୍କ ବିନା ବଞ୍ଚିବା ଅସମ୍ଭବ । ଏତେବେଳେ ସେମାନେ ସଂପର୍କର ଶେଷ ପାହାଚ ଆରୋହଣ କରି ସାରିଥାନ୍ତି । ତେଣୁ ଯଦି କୌଣସି ପ୍ରକାର ବାଧାବନ୍ଧନ ଆସେ ବା କୌଣସି ପ୍ରକାର ବାଧାବନ୍ଧର ଆଶଙ୍କା କରାଯାଏ ତେବେ ସେମାନେ ସମୟ ସୁଯୋଗ ଉଣ୍ଡି ଦୁଇଜଣ ଝିଅଗ୍ରାମ ଛାଡ଼ି ପୁଅଗ୍ରାମକୁ କିମ୍ବା ପୁଅର କୌଣସି ସଂପର୍କିୟ ବ୍ୟକ୍ତିଙ୍କ ଘରକୁ ପଳାଇ ଯାଆନ୍ତି ଓ କନ୍ୟା ପୁଅ ଘରେ ଖାଦ୍ୟ ସେବନ କରିଥାଏ ।

କନ୍ୟା ପିତାମାତା ଏ ଖବର ପାଇ ଟିକିଏ ବିଚଳିତ ହୋଇଯାଆନ୍ତି । ଗାଁର ପଞ୍ଚାୟତ ବସେ । ଦଶପାଞ୍ଚ ଜଣ ବୟସ୍କ ବ୍ୟକ୍ତକୁ ଡ଼ାକି ନ୍ୟାୟ ନିଶାପ କରାଯାଏ । କନ୍ୟା ଯେହେତୁ ନିଜ ଇଚ୍ଛାରେ ପୁଅ ସାଥିରେ ଯାଇଛି ତେଣୁ ସେମାନେ ପୁଅ ଉପରକୁ ଆକ୍ରମଣ କରିପାରନ୍ତି ନାହିଁ । କିନ୍ତୁ କନ୍ୟା ପିତା ଗ୍ରାମର ମୁଖିଆ ସମେତ ଅନ୍ୟ କେତେଜଣ ପୁରୁଖା ଲୋକଙ୍କୁ ପୁଅଘରକୁ ପଠାନ୍ତି । ସେଠାରେ ମଧ୍ୟ ନ୍ୟାୟ ନିଶାପ ଡ଼କାଯାଏ । ସେଠାରେ ବିଭିନ୍ନ ଆଲୋଚନା ସମାଲୋଚନା ହୁଏ । ଶେଷରେ ନିଷ୍ପତ୍ତି ନିଆଯାଏ ଯେ "ଯାହା ହେବାର ଥିଲା ହେଲା, ଏଥିରେ କାହାରି ଦୋଷ ନାହିଁ । ସେମାନେ ଉଭୟ ଉଭୟକୁ ଭଲ ପାଇ ବିବାହ କଲେ । କିନ୍ତୁ ଏଥର କନ୍ୟାପିତାର କନ୍ୟାସୁନା ଦିଆଯାଉ ।" ପୁଅ ମଧ୍ୟ ଏଥିରେ ରାଜି ହୋଇ ସମୟ ସୁବିଧା ଦେଖି କନ୍ୟାସୁନା ଦେବ ବୋଲି କହିରଖେ ।

ଏଥିରେ କନ୍ୟାସୁନା ବାବଦକୁ କେବଳ "ଗିନିଙ୍ଗଗର" ଅର୍ଥାତ୍ ଗୋଟିଏ ଛଡ଼ା ଓ ଗୋଟିଏ ଦାମୁଡ଼ି ଦିଆଯାଏ । ଯେହେତୁ ଝିଅ ପୁଅଘରୁ ଖାଦ୍ୟ ଖାଇସାରିଥାଏ, ତେଣୁ ଶାଗୁର ଟଙ୍କା ଦେବାକୁ ପଡ଼ିନଥାଏ । ସେହିପରି ଝିଅ ଯେହେତୁ ନିଜ ଇଚ୍ଛାରେ

ପୁଅ ସାଥିରେ ପଳାଇ ଆସିଛି ତେଣୁ ପୁଅକୁ ମଧ୍ୟ ମାଆ ପାଇଁ ଅଗତ୍ତରେମ ଅର୍ଥାତ୍ ଘୁଅଲୁଗା ପାଇଁ ୮.୨-୫୦ ପଇସା ଦେବାକୁ ପଡ଼ିନଥାଏ । ଅଧିକନ୍ତୁ ଦୀର୍ଘସୂତ୍ରୀ ପ୍ରଥାନୁଯାୟୀ ଖାଦ୍ୟ ପାନୀୟର ଅଦଳବଦଳ କରିବାକୁ ପଡ଼ିନଥାଏ ଓ କନ୍ୟାଘର ଲୋକ, ବନ୍ଧୁବାନ୍ଧବ, ଜ୍ଞାତି କୁଟୁମ୍ବ ସାଙ୍ଗସାଥିଙ୍କୁ ଭୋଜିଭାତରେ ଆପ୍ୟାୟିତ କରାଯାଇନଥାଏ ।

ବଳପୂର୍ବକ ଅପହରଣ ବିବାହ ପାଇଁ କନ୍ୟାସୁନା:

ବଣ୍ଡାପୁଅ ଯେତେବେଳେ କୌଣସି ଝିଅକୁ ବିବାହ କରିବାକୁ ଇଚ୍ଛାକରେ ସେ ବାରମ୍ବାର ଧାଙ୍ଗଡ଼ିବାସକୁ ଯାଇ ଝିଅକୁ ମନାଇଥାଏ ଓ ଝିଅର ବାପାଘରକୁ ଯାଇ କନ୍ୟାକୁ ଦେବା ପାଇଁ ଅନୁରୋଧ ପୂର୍ବକ ପ୍ରସ୍ତାବ ଆଗତ କରିଥାଏ । ଯଦି ଝିଅଟି କୌଣସି କାରଣରୁ ଉକ୍ତ ପୁଅକୁ ବିବାହ କରିବାକୁ ରାଜି ହୁଏ ନାହିଁ ତେବେ ସେ ତା'ର ବାପା ମାଆକୁ ପ୍ରସ୍ତାବ ନାମଞ୍ଜୁର କରିବା ପାଇଁ କହିଥାଏ । ଫଳରେ ତାହାହିଁ କରାଯାଏ । ବାରମ୍ବାର ଅନୁରୋଧ କରି ପୁଅ ହତାଶ ହୁଏ । କିନ୍ତୁ ବଣ୍ଡା ପୁଅ ବି ଛାଡ଼ିବା ଲୋକ ନୁହେଁ । ସେ ତା'ର ସାଙ୍ଗସାଥୀ, ବନ୍ଧୁବର୍ଗ, ଜ୍ଞାତିକୁଟୁମ୍ବ ସର୍ବୋପରି ଗ୍ରାମବାସୀଙ୍କୁ କନ୍ୟାକୁ ବଳପୂର୍ବକ ଅପହରଣ କରିଆଣିବା ପାଇଁ ସାହାଯ୍ୟ ଭିକ୍ଷାକରେ । ସନ୍ଧ୍ୟାର ମାଡ଼ି ଅନ୍ଧାରରେ ବଣ୍ଡାମାନେ ହାତରେ ଧନୁତୀର ଧରି ଦଳବଳେ ଆଗେଇ ଯାଆନ୍ତି କନ୍ୟାର ଗାଁ ଆଡ଼େ । ରାତ୍ରର କିଟିକିଟା ଅନ୍ଧାରରେ ମଧ୍ୟ ଧାଙ୍ଗଡ଼ି ବସା ପାଇବାକୁ ଅସୁବିଧା ହୁଏ ନାହିଁ ତାକୁ । ଧାଙ୍ଗଡ଼ିବାସ ଉପରେ ଚଢ଼ାଉହୁଏ । କନ୍ୟା ଏହା ଜାଣିପାରି ଜୀବନ ବିକଳରେ ଖସି ପଳାଇବାକୁ ଆପ୍ରାଣ ଚେଷ୍ଟା କରେ । ବାଡ଼ଘର, ଜଙ୍ଗାବୁଦା, ନାଳନର୍ଦ୍ଦମା, ଖାଇଡ଼ିପ ସବୁପୁ ଏକାକରି ଦୌଡ଼ି ପଳାଇବାକୁ ଉଦ୍ୟମ ଜାରି ରଖେ । ଆକ୍ରମଣକାରୀମାନେ କନ୍ୟାଠାରୁ ଅଧିକ ତତ୍‌ପର ଥାଆନ୍ତି । ତେଣୁ ଯେତେକଷ୍ଟ ହେଲେ ମଧ୍ୟ ସେମାନେ ଗୋଡ଼ାର ଗୋଡ଼ାଇ ଝିଅକୁ ଧରି ପୁଅ ଘରକୁ ନେଇଯାଆନ୍ତି ।

ଠିକ୍ ତା'ପରଦିନ ସକାଳୁ କନ୍ୟାପିତା ନିଜଗାଁର ମୁଖିଆ ଓ ଗ୍ରାମବାସୀଙ୍କୁ ଏକତ୍ର କରାଇ ସଂପୂର୍ଣ୍ଣ ଘଟଣାର ବର୍ଣ୍ଣନା କରେ । ଗାଁ ମୁଖିଆ- ନାୟକ ଓ ଚାଲଣଙ୍କ ସମେତ ଗ୍ରାମର ଜେତେକ ବୟୋଜ୍ୟେଷ୍ଠ ବ୍ୟକ୍ତି ବରଘରକୁ ଯାଆନ୍ତି । ସେଠାରେ ଏକ ପଞ୍ଚାୟତର ଆହ୍ୱାନ କରାଯାଏ । ସେ ଗ୍ରାମର ନାୟକ, ଚାଲାଣ ସମେତ ଅନ୍ୟମାନେ ମଧ୍ୟ ପଞ୍ଚାୟତରେ ଯୋଗଦେଇ ଘଟଣାର ବିଭିନ୍ନ ଦିଗ ଉପରେ ଆଲୋଚନା

ସମାଲୋଚନା କରିଥାନ୍ତି । ଶେଷରେ କନ୍ୟାପିତା କହିଥିବା ଅନୁସାରେ ୧୦୦୦-୨୦୦୦ ଟଙ୍କା ଓ ୫-୬ଟା ଗାଈଗୋରୁ କନ୍ୟାସୁନା ଆକାରରେ ଦାବି କରାଯାଏ । ବର ଏତେ ପରିମାଣରେ କନ୍ୟାସୁନା ଦେବନାହିଁ ବୋଲି ମନାକରେ । ସାଧାରଣତଃ କନ୍ୟା ଅପହରଣ ଦୋଷ କରିଥିବାରୁ ଟଙ୍କା ୧୦୦୦ ପର୍ଯ୍ୟନ୍ତ ଜୋରିମନା ଓ କନ୍ୟା ପାଇଁ କନ୍ୟାସୁନା ବାବଦକୁ "ଗିନିଙ୍ଗଗଇ" (ଗୋଟିଏ ଛଡ଼ା ଓ ଗୋଟିଏ ଦାମୁଡ଼ି) ଦେବାକୁ ରାଜି ହୁଏ । ଦରକାର ପଡ଼ିଲେ ସେହି ସଭାରେ ବରଠାରୁ ଅର୍ଥଦଣ୍ଡ ଆକାରରେ ୧୦୦୦ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରାଯାଇଥାଏ କିମ୍ବା ବର ପରେ ଦେବ ବୋଲି କଥା ଦେଇ ରଖେ । ଯଦି ବର ରାଜି ହୁଏ ପରେ ନିଜେ ଆଣି ସମସ୍ତ ଗୋରୁଗାଈ (୩-୪ଟ) ଓ ଟଙ୍କା (୧୦୦୦) ଝିଅର ବାପାକୁ ଦେଇଯାଏ । କନ୍ୟାର ଗ୍ରାମରୁ ଯାଇଥିବା ବ୍ୟକ୍ତିମାନେ ଫେରି କନ୍ୟାପିତାଙ୍କୁ ସମ୍ବାଦ ଦେଇଦିଅନ୍ତି । ଦାବୀ କରାଯାଇଥିବା ସମସ୍ତ ମୂଲ୍ୟ ଯଦି ପୁଅ ଦେବାକୁ ନାରାଜ ହୋଇଥାଏ, ତାପର ଦିନ କନ୍ୟାପିତା ସମେତ ଗ୍ରାମର ଅନ୍ୟ କେତେକ ବ୍ୟକ୍ତି ବରଘର ଉପରେ ଆକ୍ରମଣ କରନ୍ତି । ସମସ୍ତେ ବର ଘରକୁ ଯାଇ ପୁଣି ଦାବି ଉପସ୍ଥାପନ କରନ୍ତି । ପୁଅ ସେଥିରେ ରାଜି ନହେଲେ ସେମାନେ ପୁଅର ଗୋରୁଗାଈ କିମ୍ବା ଗ୍ରାମର ଅନ୍ୟ କାହାରି ୨ଟି ଛଡ଼ା ଓ ୨ଟି ଦାମୁଡ଼ି ବଳପୂର୍ବକ ନେଇଆସନ୍ତି । ଯଦି ପୁଅ ଜୋରିମନା ଟଙ୍କା ନ ଦେଇଥାଏ ତେବେ ତାହା ମଧ୍ୟ ପୁଅଠାରୁ ଆଦାୟ କରାଯାଏ । ଗ୍ରାମର ଅନ୍ୟ କାହାରି ଗୋରୁଗାଈ କନ୍ୟାପିତା ନେଇଯାଇଥିଲେ ସେମାନଙ୍କୁ ବର ପରିଶୋଧ କରିଥାଏ । ନେଇଥିବା ୪ଟି ଗୋରୁ, ଗୋଟାକୁ ମାରି ସମସ୍ତ ଗ୍ରାମବାସୀମାନେ କନ୍ୟାପିତାଙ୍କୁ "ସଗରତା" (କନ୍ୟା ହରଣ ପାଇଁ ଜୋରିମନା) ଆଣିବା ପାଇଁ ସାହାଯ୍ୟ କରିଥିବାରୁ ସେମାନଙ୍କୁ ଆକଣ୍ଠ ଭୋଜିରେ ସନ୍ତୁଷ୍ଟ କରାଯାଇଥାଏ । ଏଥିରେ ବେଳେବେଳେ ଗରିବ ବଣ୍ଡା ବର ସର୍ବସ୍ୱାନ୍ତ ହୋଇଯାଏ ଜିନ୍ତୁ ସେ ଗର୍ବ କରେ ଯେ ସେ ଚାହିଁଥିବା କନ୍ୟାକୁ ବିବାହ କରିପାରିଲା । କନ୍ୟା ଯଦି ସଂପୂର୍ଣ୍ଣ ଅରାଜିଥାଏ କିମ୍ବା ଟାଣି ଆଣିଲାପରେ ମଧ୍ୟ ଉକ୍ତ ପୁଅକୁ ବିବାହ କରିବାକୁ ପସନ୍ଦ କରେ ନାହିଁ । ତେବେ ସେ ନିଜଘରକୁ ଲୁଚି ପଳାଇ ଯାଇପାରେ କିମ୍ବା ବେଳେବେଳେ ଆତ୍ମହତ୍ୟା ମଧ୍ୟ କରିଥାଏ ।

କନ୍ୟାସୁନା ଫେରସ୍ତର ପରିସ୍ଥିତି ଓ ପଦ୍ଧତି:

ଛାଡ଼ପତ୍ର ପରେ କନ୍ୟାସୁନା ଫେରସ୍ତ କରିବାର ଚିନ୍ତା କରାଯାଏ । ଯଦି କୌଣସି କାରଣରୁ ସ୍ୱାମୀ ନିଜରଚ୍ଛାରେ ସ୍ତ୍ରୀକୁ ଛାଡ଼ପତ୍ର ଦିଏ ତେବେ କନ୍ୟାସୁନା ଫେରସ୍ତ କରାଯାଏ ନାହିଁ । ଅଧିକନ୍ତୁ କନ୍ୟାପିତା ଓ ତାଙ୍କ ଗ୍ରାମବାସୀ ବୃନ୍ଦ ବରର

ଏକ ଘୁଷୁରୀ କିମ୍ବା ଛେଳି ବଳପୂର୍ବକ ମାରି ନେଇଥାନ୍ତି । ସେହି ମାଂସକୁ କନ୍ୟାର ଗ୍ରାମବାସୀମାନେ ଭାଗ କରି ନେଇଥାନ୍ତି । କିନ୍ତୁ ଯଦି ଉକ୍ତ ପରିତ୍ୟକ୍ତା ସ୍ତ୍ରୀକୁ କେହି ବିବାହ କରେ ତେବେ ଦ୍ୱିତୀୟ ପୁରୁଷଠାରୁ କନ୍ୟାସୁନା ଫେରସ୍ତ ଆକାରରେ ଦାବି କରାଯାଏ । ୧ମ ସ୍ୱାମୀ ସହିତ ତା'ଗ୍ରାମର କେତେକ ବ୍ୟକ୍ତି ଦ୍ୱିତୀୟ ପୁରୁଷ ଘରକୁ ଯାଇ ସଗରତା (କନ୍ୟା ହରଣ ପାଇଁ ଜୋରିମାନା) ଦେବାକୁ କହିଥାନ୍ତି ଓ କଥା କଟାକଟି ହେବାପରେ ୧ମ ପୁରୁଷର କିମ୍ବାସେହି ଗ୍ରାମର କାହାରି ୩-୪ଟି ଗାଈଗୋରୁ ଲୁଟି ଆଣନ୍ତି । ବନ୍ଧୁମାନେ ଭାବନ୍ତି ଗୋଟିଏ କନ୍ୟା ପାଇଁ କନ୍ୟାପିତା ମାତ୍ର ଥରେ କନ୍ୟାସୁନା ପାଇବା ପାଇଁ ହକଦାର ଓ କେହି ପୁରୁଷ ଜୌଣସି କନ୍ୟାକୁ ବିବାହ ବେଳେ କନ୍ୟାସୁନା ଦେବା ନିଶ୍ଚିତ ।

ଯେହେତୁ ପରିତ୍ୟକ୍ତା ସ୍ତ୍ରୀର ପିତା ୧ମ ପୁରୁଷଠାରୁ କନ୍ୟାସୁନା ନେଇସାରିଥିଲା ଓ କନ୍ୟାକୁ ଛାଡ଼ପତ୍ର ପରେ ବଳପୂର୍ବକ ମଧ୍ୟ ଏକ ଘୁଷୁରୀ କିମ୍ବା ଛେଳି ମାରି ନେଇଥଲେ, ଛାଡ଼ପତ୍ର ଦେଇଥିଲେ ମଧ୍ୟ କନ୍ୟାସୁନାର ହକଦାର ହିଁ ୧ମ ପୁରୁଷ । ଅଧିକାନ୍ତୁ ଛାଡ଼ପତ୍ର ସମୟରେ ୧ମ ପୁରୁଷକୁ ଅପମାନ କରି କନ୍ୟାପକ୍ଷ ତା'ର ଏକ ପଶୁ ମାରି ନେଇ ଯାଇଥିଲେ । ଏ ସମସ୍ତ କ୍ଷତିପୂରଣକୁ ମଧ୍ୟ ୨ୟ ସ୍ୱାମୀ ବହନ କରିବାକୁ ବାଧ୍ୟ । ଉପରୋକ୍ତ କାରଣକୁ ବିଚାରକୁ ନେଇ ପ୍ରଥମ ପୁରୁଷ ଓ ତାର ସାଙ୍ଗସାଥୀମାନେ ୨ୟ ପୁରୁଷ ଘରୁ ବଳପୂର୍ବକ ୩-୪ଟି ଗାଈଗୋରୁ ବଳପୂର୍ବକ ନେଇଆସନ୍ତି । ଏଥିରୁ ୧ମ ସ୍ୱାମୀ ସହ "ସଗରତା" ଆଣିବା ପାଇଁ ଯାଇଥିବା ଲୋକମାନେ ଅନେକ କଷ୍ଟ ଯଥା ଗାଳିଗୁଲଜ କଳିଝଗଡ଼ା, ମାଡ଼ଗାଳି,ହଣାକଟା ଆଦିର ସମ୍ମୁଖୀନ ହୋଇଥାଆନ୍ତି । ତେଣୁ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ୧ମ ପୁରୁଷ ଆଣିଥିବା ଗୋରୁରୁ ଗୋଟାକୁ ମାରି ମାଂସ, ଭାତ, ଓ ମଦ ତିଆରି କରି ସମସ୍ତଙ୍କୁ ଖୁଆଇ ସନ୍ତୁଷ୍ଟ କରିଥାଏ ।

ସେହିପରି ଯଦି ସ୍ତ୍ରୀ ଲୋକଟି ନିଜ ଇଚ୍ଛାରେ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇ ବାପାଘରକୁ ଫେରିଯାଏ କିମ୍ବା ଛାଡ଼ପତ୍ର ପରେ ଅନ୍ୟ କାହାରିକୁ ବିବାହ କରି ପଳାଇ ଯାଏ ତେବେ ବର ଦେଇଥିବା ପ୍ରକୃତ କନ୍ୟାସୁନାର ୨ ଗୁଣ କନ୍ୟାପିତା କିମ୍ବା ୨ୟ ସ୍ୱାମୀଠାରୁ ଆଦାୟ କରାଯାଇଥାଏ । ପ୍ରଥମେ ଗ୍ରାମର ମୁଖିଆ ଓ ଅନ୍ୟମାନେ କନ୍ୟାପିତା କିମ୍ବା ୨ୟ ସ୍ୱାମୀ ପାଖରେ ପହଞ୍ଚି ପଞ୍ଚାୟତ ଡ଼ାକନ୍ତି । ଛାଡ଼ପତ୍ରର ବିଭିନ୍ନ ଦିନ ଉପରେ ଆଲୋଚନା କରାଯାଏ । ସ୍ତ୍ରୀ ତା'ର ସ୍ୱାମୀକୁ ବିପଦରେ ଏକୁଟିଆ

କରି ଛାଡ଼ି ପଳାଇ ଆସି ଅନ୍ୟ ଜଣକୁ ବିବାହ କରିଥିବାରୁ କନ୍ୟାସୁନାର ୨ ଗୁଣ ଦାବି କରାଯାଏ । ସ୍ୱାମୀ ଏକୁଟିଆ ଘରକାମ କରିବା, ଚାଷକାମ କରିବା, ଛୁଆପିଲାଙ୍କୁ ଲାଳନ ପାଳନ କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାଏ । ତାକୁ ୨ୟ ସ୍ତ୍ରୀ ମିଳିବା କଷ୍ଟକର ହୋଇପଡ଼େ । ପୁରୁଷ ଜଣକ ସ୍ତ୍ରୀଠାରୁ ପାଉଥିବା ଦୈହିକ ସୁଖରୁ ବଞ୍ଚିତ ହୋଇଛି । ସର୍ବୋପରି ଛାଡ଼ପତ୍ର ଦ୍ୱାରା ତା'ର ପୁରୁଷତ୍ୱର ଅପମାନ କରାଯାଇଛି । ତେଣୁ ଯଦି କନ୍ୟାପିତା ଜିମ୍ମା ୨ୟ ସ୍ୱାମୀ କନ୍ୟାସୁନା ଫେରନ୍ତ ସହିତ ଜୋରିମନା ବା କ୍ଷତିପୂରଣ ବାବଦକୁ କନ୍ୟାସୁନା ସମପରିମାଣର ଦ୍ରବ୍ୟ ନ ଦିଏ ତେବେ ପ୍ରଥମ ପୁରୁଷ ସଦଳବଳେ ଆକ୍ରମଣ କରି ୪-୫ଟି ଗୋରୁଗାଈ ବଳପୂର୍ବକ ଆଦାୟ କରିଥାଏ । ୧ମ ପୁରୁଷକୁ କନ୍ୟାସୁନା ଫେରାଇ ଆଣିବା, ବିପଦରେ ସାହାଯ୍ୟ ଦେବା, ଦିଆଯାଇଥିବା ଅପମାନର ପ୍ରତିଶୋଧ ନେବା ପାଇଁ ଇତ୍ୟାଦି କାମରେ ଗ୍ରାମବାସୀମାନେ ସହାଯ୍ୟ କରିଥିବାରୁ ଅଣାଯାଇଥିବା ଗୋରୁର ଗୋଟାକୁ କାଟି ମାଂସ, ଭାତ ଓ ମଦ ପ୍ରସ୍ତୁତ କରି ସମସ୍ତଙ୍କୁ ଭୋଜନରେ ପରିତୃପ୍ତ କରାଯାଇଥାଏ ।

ବିଧବା ପୁନଃ ବିବାହ ଜଲେ ୨ୟ ସ୍ୱାମୀ ମୃତ ସ୍ୱାମୀର ପରିବାରକୁ ପ୍ରଥାନୁଯାୟୀ କନ୍ୟାସୁନା ଫେରାଇବା ସହିତ ଅନ୍ୟ ଗୋଟେ ଗୋରୁ (ଅର୍ଥାତ୍ ମୋଟରେ ୩ଟି ଗାଈଗୋରୁ) ପ୍ରଦାନ କରିଥାଏ । କାରଣ ବିବାହ ସମୟରେ ମୃତ ସ୍ୱାମୀ ବିଧବାର ପିତାକୁ କନ୍ୟାସୁନା ଦେଇଥିଲେ । ତେଣୁ ସେ ସ୍ତ୍ରୀ ତାର ଉକ୍ତ ସ୍ତ୍ରୀ ଦ୍ୱାରା ଉତ୍ପନ୍ନ ସମସ୍ତ ସଂପତ୍ତିର ମାଲିକ ସ୍ୱାମୀ । ଦ୍ୱିତୀୟତଃ କୌଣସି ଲୋକର ସ୍ତ୍ରୀକୁ ପୁନଃ ବିବାହ କଲେ ପ୍ରଥମସ୍ୱାମୀର ପୁରୁଷ ପଣିଆର ଅପମାନ ହୁଏ ବୋଲି ବଣ୍ଡା ବିଚାର କରେ । ତୃତୀୟତଃ ସ୍ୱାମୀର ମୃତ୍ୟୁ ପରେ ସ୍ୱାମୀର ପରିବାର ଲୋକ, ଜିମ୍ମା ଗ୍ରାମଲୋକମାନେ ତା'ର ସ୍ତ୍ରୀକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଥିଲେ । ଏ ସମସ୍ତ କାରଣରୁ ୨ୟ ସ୍ୱାମୀ କନ୍ୟାସୁନା ଫେରାଇବା ସହିତ ପ୍ରଥମ ପୁରୁଷର ପୁରୁଷତ୍ୱକୁ ସମ୍ମାନ ଦେବା, କ୍ଷତିପୂରଣ ବାବଦକୁ ସ୍ୱାମୀ ମୃତ୍ୟୁପରେ ବିଧବାକୁ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଆଉ ଗୋଟିଏ ବଳକା ଗୋରୁ ଦିଆଯାଏ । ଯଦି ଏହା ୨ୟ ସ୍ୱାମୀ ଭଇରେ ଭଇରେ ନ ଦିଏ ତେବେ ବଳପୂର୍ବକ ଆଦାୟ କରାଯାଏ । ମୃତ୍ୟୁ ସ୍ୱାମୀର ପରିବାର କନ୍ୟାସୁନା ଫେରିପାଇବା ପରେ ବଳକା ଗୋରୁକୁ ମାରି ଗ୍ରାମବାସୀମାନଙ୍କୁ ଭୋଜି ଦିଆଯାଏ ।

ସେହିପରି ବିଧବା ଭାଉଜକୁ ଯଦି ନିଜ ରକ୍ତ ସଂପର୍କିତ ଭାଇ ବିବାହ କରେ ତେବେ ପ୍ରଥମ ଭାଇ କନ୍ୟାସୁନା ଫେରନ୍ତ ପାଏ ନାହିଁ । କିନ୍ତୁ ଯଦି ରକ୍ତ ସଂପର୍କ ଭିନ୍ନ

ଅନ୍ୟ କେହି ଭାଇ ବିବାହ କରେ ତେବେ ମୃତ ସ୍ୱାମୀର ପରିବାରକୁ କ୍ଷତିପୂରଣ ନିମନ୍ତେ ଗୋଟିଏ ଗାଈ କିମ୍ବା ବଳଦ ଦିଆଯାଏ । ତାହା ମୃତ ସ୍ୱାମୀର ବାପା କିମ୍ବା ଭାଇ ଉପଭୋଗ କରିଥାଏ ।

କନ୍ୟାସୁନାର ବଳପୂର୍ବକ ଫେରସ୍ତ ଦାବୀର ପରିସ୍ଥିତି :

କୌଣସି ବିବାହିତ ପୁରୁଷ ଯଦି ଖୁବ୍ ସାନପିଲା ହୋଇଥାଏ ଓ କନ୍ୟାକୁ ଦୈହିକ ସୁଖ ପ୍ରଦାନ କରି ନପାରୁଥାଏ, ସ୍ୱାମୀ ଦୀର୍ଘ ସମୟ ଧରି ଘରୁ ଅନୁପସ୍ଥିତି ରହୁଥାଏ, ବେଶୀ ମଦୁଆ ହୋଇଥାଏ, ସବୁବେଳେ କଳିଗୋଳ ଓ ମାରପିଟ୍ କରୁଥାଏ, ଅନ୍ୟ ସ୍ତ୍ରୀ ସହିତ ସଂପର୍କ ରଖେ, କାମଦାମ ନ କରି ଅଳସୁଆ ହୋଇ ବସିଲେ, ନିଜର ଅନିଚ୍ଛା କୌଣସି ଝିଅକୁ ସତ୍ତ୍ୱେ ଜବରଦସ୍ତ ନେଇଆସିଲେ ଇତ୍ୟାଦି କାରଣ ଯୋଗୁ ଅନେକ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ଦେଖାଦିଏ । ତେଣୁ ସ୍ତ୍ରୀଟି ନିଜର ଇଚ୍ଛାରେ କୌଣସି ଅନ୍ୟପୁରୁଷ କିମ୍ବା ପୁରୁଣା ପ୍ରେମିକ ସହ ଗୁପ୍ତରେ ବାର୍ଘଦିନ ଧରି ସଂପର୍କ ରଖିଆସୁଥାଏ । ସଂପର୍କ ନିବିଡ଼ ହୁଏ । ପରସ୍ପର ପରସ୍ପରକୁ ବିବାହ କରିବା ପାଇଁ ରାଜିହୁଅନ୍ତି । ତେବେ ସୁବିଧା ସୁଯୋଗ ଦେଖି ସ୍ତ୍ରୀ ଘରଛାଡ଼ ନୂଆ ପୁରୁଷ ଘରକୁ ପଳାଇଯାଏ କିମ୍ବା ସ୍ତ୍ରୀର କହିବା ଅନୁସାରେ ୨ୟ ପୁରୁଷଜଣଙ୍କ ସାଙ୍ଗସାଥୀ ନେଇ ସୁଯୋଗ ଉଣ୍ଡି ସେହି କନ୍ୟାକୁ ତା'ର ସ୍ୱାମୀଠାରୁ ଛଡ଼ାଇ ଅଣାଯାଏ । ସ୍ୱାମୀ ତା ପରଦିନ ସକାଳୁ ଗାଁରେ ପଞ୍ଚାୟତ ଡ଼ାକେ । ଘଟଣା ବର୍ଣ୍ଣନା କରେ । ତା ପରେ ନାୟକ, ଚାଇଣ ଓ ଗ୍ରାମର ଅନ୍ୟ କେତେଜଣ ବ୍ୟକ୍ତି ୨ୟ ପୁରୁଷ ଘରକୁ ଯାଆନ୍ତି । ସେଠାରେ ମଧ୍ୟ ପଞ୍ଚାୟତ ଡ଼ାକି ସ୍ତ୍ରୀକୁ ଟାଣି ଆଣିବାର କାରଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଏ । ଆଲୋଚନା ପରେ ସ୍ୱାମୀ (୧ମପୁରୁଷ)ର ଦାବି ସ୍ୱରୂପ ୪-୫ଟି ଗୋରୁ ଦେବା ପାଇଁ ୨ୟ ପୁରୁଷକୁ କୁହାଯାଏ । ପ୍ରାୟତଃ ଏହି ପ୍ରସ୍ତାବରେ ୨ୟ ପୁରୁଷ ରାଜି ହୋଇନଥାଏ । ଗାଁ ମୁଖିଆ ଓ ଅନ୍ୟମାନେ ଗାଁକୁ ଫେରି ୧ମ ପୁରୁଷକୁ ଖବର ଜଣାଇ ଦିଅନ୍ତି । ପ୍ରଥମ ପୁରୁଷର ରାଗ ଆହୁରି ଦ୍ୱିଗୁଣିତ ହୁଏ । ସେ ସାଙ୍ଗସାଥୀ, ସାଇଭାଇମାନଙ୍କୁ ଦ୍ୱିତୀୟ ପୁରୁଷଙ୍କୁ ଆକ୍ରମଣ କରିବା ପାଇଁ ଅନୁରୋଧ କରେ । ତା'ପର ଦିନ ସେ ସଦଳବଳେ ୨ୟ ପୁରୁଷ ଘରେ ଉପସ୍ଥିତ ହୋଇ, ସଗଉଡା (କନ୍ୟା ହରଣ ପାଇଁ ଜୋରିମନା) ଦେବା ପାଇଁ ଦାବିକରେ । ଅସଭ୍ୟ ଭାଷାରେ ୨ୟ ପୁରୁଷକୁ ଗାଳିଗୁଲଜ କରେ । ତା ସହିତ ଯାଇଥିବା ଅନ୍ୟ ଲୋକମାନେ

୨ୟ ପୁରୁଷର କିମ୍ବା ସେହି ଗ୍ରାମର କୌଣସି ବ୍ୟକ୍ତିଙ୍କର ୪-୫ଟି ଗାଈଗୋରୁ ବାନ୍ଧି ନେଇଆସନ୍ତି । ଏତେଗୁଡ଼େ ଗୋରୁଗାଈ ନେଇ ଆସିବାର କାରଣ (୧) ବିବାହ ଅବସରରେ ସେ କନ୍ୟାପିତାକୁ କନ୍ୟାସୁନା ଦେଇଥିଲା ଓ ଅନ୍ୟାନ୍ୟ ଖର୍ଚ୍ଚ କରିଥିଲା (୨) ବିବାହ ପରେ ସ୍ତ୍ରୀଟି ସଂପୂର୍ଣ୍ଣ ତା'ର ଥିଲା (୩) ସ୍ତ୍ରୀ ଅପହରଣ କରି ୨ୟ ପୁରୁଷ ପ୍ରଥମ ପୁରୁଷକୁ ଖୁବ୍ ଯନ୍ତ୍ରଣା ଓ ଅପମାନ ଦେଇଥିଲା, (୪) ତାକୁ ପୁଣି ଦ୍ୱିତୀୟ ବିବାହ ପାଇଁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ (୫) ପୁରୁଷର ଚାଷବାସ, ଛୁଆପିଲା ଓ ଘରକାମ ଆଦି କରିବାର ଅନେକ ଅସୁବିଧା ହେବ, (୬) ତା ପାଇଁ ଅନ୍ୟମାନେ ସଗରତା ନେବା ପାଇଁ ଆସି ଅନେକ କଷ୍ଟ ସହିଲେ । ତେଣୁ ଉପରୋକ୍ତ କାରଣ ଯୋଗୁ ସେ ୨ୟ ପୁରୁଷ ଘରୁ ବଳପୂର୍ବକ ସଗରତା ଆଣିଥାଏ । ଉକ୍ତ ଗୋରୁରୁ ଗୋଟାକୁ ମାରି ମାଂସ ତିଆରି କରାଯାଏ । ଭାତ, ମାଂସ ଓ ପାନୀୟର ପ୍ରସ୍ତୁତ ହୁଏ । ଏଥିରେ ସମସ୍ତ ଗ୍ରାମବାସୀ ଓ ବନ୍ଧୁବାନ୍ଧବକୁ ଭୋଜି ଦିଆଯାଏ ।

କନ୍ୟାସୁନାରେ ବିବର୍ତ୍ତନ :

କିଛି ଚିରସ୍ଥାୟୀ ନୁହେଁ । ସମୟ ସୁଅରେ ସମସ୍ତେ ପରିବର୍ତ୍ତନଶୀଳ । ବଣ୍ଡାମାନେ ମଧ୍ୟ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସି ପରିବର୍ତ୍ତନର ସ୍ୱାଦ ଚାଖିଲେଣି । ସଂସ୍କୃତିର ଅନେକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେଲାଣି । ବିବାହ ଓ କନ୍ୟାସୁନାରେ ମଧ୍ୟ ଯତ୍‌କିଞ୍ଚିତ ପରିବର୍ତ୍ତନ ଦୃଷ୍ଟିଗୋଚର ହେଲାଣି । ପୂର୍ବକାଳରେ ଉପର ବଣ୍ଡାଙ୍କ ବିବାହ କେବଳ ସେମାନଙ୍କ ଭିତରେ ସୀମିତ ଥିଲା । କିନ୍ତୁ ଏବେ ତଳବଣ୍ଡା ଓ ଉପର ବଣ୍ଡାଙ୍କ ମଧ୍ୟରେ ବିବାହ ହେଉଥିବାର ଜ୍ୱଳନ୍ତ ଉଦାହରଣ ମାନ ରହିଅଛି । ଉପରବଣ୍ଡାମାନଙ୍କର ମଧ୍ୟ କେତେକ ବାହାର ଲୋକଙ୍କ ସହିତ ବିବାହ ହୋଇଥିବାର ପ୍ରମାଣ ଅଛି । ଆଗରୁ କୌଣସି ବଣ୍ଡା ଝିଅକୁ ଯେକୌଣସି ପୁରୁଷ ବିବାହ କଲେ ଉକ୍ତ ପୁରୁଷକୁ କନ୍ୟାସୁନା ଦେବାକୁ ପଡୁଥିଲା । ଏବେ କେତେକ ଉପର ବଣ୍ଡାମାନେ ଏହି ପଥକୁ ଅନୁସରଣ କରୁଛନ୍ତି । କିନ୍ତୁ ନୂତନ ଯୁଗର ଶିକ୍ଷିତ ଯୁବ ପିଢ଼ୀକୁ କେତେକ ବଣ୍ଡା ଝିଅ ବିବାହ କରିବାକୁ ଖୁବ୍ ପସନ୍ଦ କରନ୍ତି । ତେଣୁ ଯେତେବେଳେ ଜ୍ୱାଇଁ ପାଠଶାଠ ପଢ଼ି ଶିକ୍ଷିତ ହୋଇଥାଏ, କୌଣସି ଚାକିରୀ କରିଥାଏ କିମ୍ବା ଅର୍ଥ ଉପାର୍ଜନର ପନ୍ଥା କରାୟତ କରିଥାଏ ସେତେବେଳେ ସେହି ପୁଅକୁ ବଣ୍ଡା କନ୍ୟାକୁ ବିବାହ ଦେଲେ ମଧ୍ୟ କୌଣସି କନ୍ୟାସୁନା ଦେବାପାଇଁ ଦୃଢ଼ ଦାବି କରିନଥାନ୍ତି । ଜ୍ୱାଇଁ ନିଜର ଇଚ୍ଛାନୁସାରେ କନ୍ୟାସୁନା ଦେଇପାରେ କିମ୍ବା ନ ଦେଇପାରେ ।

ଉଦାହରଣସ୍ୱରୂପ -ବାରଜାଙ୍ଗର ବନ୍ଧଗୁଡ଼ା ଗ୍ରାମର ବୁଦା ଧାଙ୍ଗଡ଼ା ମାଝିଙ୍କ ପ୍ରଥମ ସ୍ତ୍ରୀର ପୁଅ ସୋମା ଧାଙ୍ଗଡ଼ା ମାଝି କଲେଜ ପାଠପଢ଼ି ଶିକ୍ଷିତ ହେଲା । କଣ୍ଟ୍ରାକ୍ଟର କାମ କରି ଭଲ ଦି'ପଇସା ରୋଜଗାର କଲା । ରାଜନୀତିରେ ଭାଗନେଲା (ବର୍ତ୍ତମାନର ସମିତି ସଭ୍ୟ) । ପରେ ତଳବଣ୍ଡା ଗାଁ ଖେମାଗୁର ଗ୍ରାମର ଶ୍ରୀ ଲକ୍ଷ୍ମଣ ମାଦ୍ରାଙ୍କ ଝିଅକୁ ବିବାହ କଲା, କିନ୍ତୁ ବିବାହ ପରେ ମଧ୍ୟ ସେମା କୌଣସି କନ୍ୟାସୁନା ଶ୍ୱଶୂରକୁ ଦେଲା ନାହିଁ । ଅପରନ୍ତୁ ଶ୍ୱଶୂର ତାକୁ ଗୋଟାଏ ଦୁଇଚକିଆ ମଟରଗାଡ଼ି ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ଯଦିଓ ଏହା ଏକମାତ୍ର ଉଦାହରଣ ଯେଉଁଠାରେ କନ୍ୟାସୁନା ପରିବର୍ତ୍ତେ ଯୌତୁକ ପ୍ରଥାର ମୂଳଦୁଆ ପକାଯାଇଛି, ତଥାପି ଏହା ଯେ ଭବିଷ୍ୟତରେ ଯୌତୁକ ପ୍ରଥାକୁ ଆମନ୍ତ୍ରଣ କରି,ନ ଆଣିବ କିଏ ବା କହିପାରେ ?

କନ୍ୟାସୁନା ଏକ ସମସ୍ୟା ଓ ଏହାର ସମାଧାନ:

ବହୁ ପୁରାକାଳରୁ ବିବାହ ଅବସରରେ ଦୁଇ ବଣ୍ଡା ବନ୍ଧୁ ପରିବାର ମଧ୍ୟରେ ସ୍ନେହ, ଶ୍ରଦ୍ଧା, ବନ୍ଧୁଭାବ, ପ୍ରେମ, ଅନୁରାଗ, ଆଦିକୁ ସୁଦୃଢ଼ କରିବା ପାଇଁ କିଛି ଦ୍ରବ୍ୟର ଅଦଳବଦଳ କରାଯାଉଥିଲା । କାଳକ୍ରମେ ଏହା ସାମାଜିକ ହେଲା, ସମାଜ ସ୍ୱୀକୃତି ଜଲା, କନ୍ୟାସୁନାକୁ । ଅକୁଣ୍ଠିତ ଭାବେ କନ୍ୟାକୁ ସମ୍ମାନ ଦେବା ପାଇଁ, କନ୍ୟାର ଶ୍ରମ ବିନିଯୋଗ କରିବା ପାଇଁ, କନ୍ୟାକୁ ସାଥୀ ରୂପେ ପାଇ କାମାର୍ଥି ଚରିତାର୍ଥ କରିବା ପାଇଁ ବରପକ୍ଷ କନ୍ୟାପିତାକୁ ଖୁସିମନରେ କନ୍ୟାସୁନା ପ୍ରଦାନ କରୁଥିଲା । ଅପରପକ୍ଷରେ କନ୍ୟାର ମାତା ବହୁ କଷ୍ଟସ୍ୱୀକାର କରି କନ୍ୟାକୁ ଜନ୍ମ ଦେଲା, କ୍ଷୀର ଖୁଆଇଲା, ଶିଶୁର ଯତ୍ନ ନେଲା, ପିତା କନ୍ୟାକୁ ଲାଳନପାଳନ କଲା, ବଡ଼ଭାଇମାନେ କନ୍ୟାକୁ ସୁରକ୍ଷା ଦେଲେ ଇତ୍ୟାଦି କାରଣରୁ କନ୍ୟାପକ୍ଷ କନ୍ୟାସୁନା ମଧ୍ୟ ଗ୍ରହଣ କରୁଥିଲା । ବାଧ୍ୟବାଧକତାରେ ନୁହେଁ ବରଂ ବନ୍ଧୁ ଅକୁଣ୍ଠିତ ଚିତ୍ତରେ ଯାହା ଦିଏ ତାହା ଆନନ୍ଦରେ ଗ୍ରହଣ କରୁଥିଲା କନ୍ୟାପିତା ।

ସମୟ ବଦଳି ଗଲା । ସ୍ନେହ ଶ୍ରଦ୍ଧାରେ ଆବିଳତା ଦେଖାଦେଲା । ତେଣୁ କନ୍ୟାସୁନା ଦେବା ବାଧ୍ୟବାଧକତା ହେଲା । ବର କନ୍ୟାପକ୍ଷକୁ ଯଥେଷ୍ଟ ପରିମାଣର କନ୍ୟାସୁନା ଦେବାକୁ ବାଧ୍ୟ । ଯଦି କୌଣସି ବିବାହିତ ସ୍ତ୍ରୀକୁ ବିବାହ କରାଯାଏ ତେବେ ଜଥା ଖୁବ୍ ସାଘାତିକ । କୌଣସି ପରିତ୍ୟକ୍ତା ସ୍ତ୍ରୀ ବା ବିଧବାକୁ ବିବାହ କରିବାକୁ ମଧ୍ୟ ଅନେକ ପରିମାଣରେ କନ୍ୟାସୁନା ଦେବାକୁ ପଡ଼ିଥାଏ । ଯଦି କୌଣସି ମନଲାଖି ଝିଅକୁ ବଳତ୍କାର ଭାବେ ଅପହରଣ କରାଯାଏ ତେବେ କନ୍ୟାସୁନା ଦେବାର ପରିମାଣ ଯଥେଷ୍ଟ ଅଧିକ ହୋଇଯାଏ । ଯାହାହେଉ, ବଣ୍ଡା ପୁଅ ୮-୧୦ ବର୍ଷର ହୋଇଗଲେ

ବାପାମାଆଙ୍କ ମୁଣ୍ଡ ବିବ୍ରତ ସେମାନେ କିପରି ଭାବେ କନ୍ୟାସୁନା ପାଇଁ ଗାଈଗୋରୁ, ଟଙ୍କାପଇସା, ମଦପେଣ୍ଡମ ଆଦି ସଂଗ୍ରହ କରିବେ । ସେମାନେ ଭାବନ୍ତି କନ୍ୟାସୁନା ଯୋଗାଡ଼ ନ କରିପାରିଲେ ପୁଅ ତାଙ୍କର ଅବିବାହିତ ରହିଯିବ, ବୃଦ୍ଧାବସ୍ଥାରେ ସେମାନଙ୍କ ମୁହଁରେ ଟୋପାଏ ମାଣ୍ଡିଆ ପେଜ ଦେବାପାଇଁ କେହି ନଥିବେ, ସେମାନଙ୍କ ବଂଶ ବୁଡ଼ିଯିବ, ସେମାନଙ୍କ ପୂର୍ବପୁରୁଷ ତଥା ଦେବାଦେବୀ ଅପୂଜା ରହିଯିବେ ଇତ୍ୟାଦି । ତେଣୁ ଯେତେକଷ୍ଟ ପଡ଼ିଲେ ମଧ୍ୟ ବଣ୍ଡା ସମସ୍ତ ଚେଷ୍ଟା ପ୍ରୟୋଗ କରି କନ୍ୟାସୁନା ଯୋଗାଡ଼ କରିବାକୁ ଅଣ୍ଟା ଭିଡ଼େ । ଦିନ ରାତି ପରିଶ୍ରମ କରି ଶସ୍ୟ ଉତ୍ପାଦନ କରେ । ପେଟରୁ ଖାଦ୍ୟ କାଟି ସଂଚୟ କରେ କାଳେ କନ୍ୟାସୁନା ଦେବା ପାଇଁ ଗୋରୁଟିଏ ଜିଣିପାରିବ । ସବୁକଷ୍ଟ ସହ୍ୟ ମଧ୍ୟ ଯୋଗାଡ଼ କରେ ସମୁଦ୍ରଙ୍କୁ ଶଙ୍ଖ । କନ୍ୟାସୁନା ଯୋଗାଡ଼ ନ ଜଲେ ନ ଚଳେ । ତେଣୁ ସେ ଦୌଡ଼ିଯାଏ ସାହୁକାର ପାଖକୁ, କାକୁତିମିନତି କରି ଜିଦ୍ଧି କନ୍ୟାସୁନା ଋଣ ଆକାରରେ ଯୋଗାଇ ଦେବା ପାଇଁ ଅନୁରୋଧ କରେ । ମନ ହେଲେ ସାହୁକାର ଅତ୍ୟଧିକ ପରିମାଣରେ ସୁଧନେଇ କରଜ ଦିଏ । ନହେଲେ ଖାଲି ହାତରେ ବଣ୍ଡାକୁ ଫେରାଇଦିଏ । ହତାଶ ହୋଇଯାଏ ବଣ୍ଡା । ସର୍ବଶେଷ ସମ୍ବଳରୂପେ ନିଜକୁ ମଧ୍ୟ ବିକ୍ରି କରି ଦିଏ ଅନ୍ୟ ଘରେ, ମୂଲକରେ, ଗୋଟି ଖଟେ ଜୀବନ ସାରା, କୌଣସି ମତେ ଯୋଗାଡ଼ କରେ କନ୍ୟାସୁନା । କିନ୍ତୁ ବଣ୍ଡାର ଦୁଃଖ ସରେନି ସେତିକିରେ । ଭୋଜିଭାତ ଦେବାକୁ ହେବ ସମସ୍ତଙ୍କୁ । ତେଣୁ ବଣ୍ଡା ବର୍ଷର ସବୁ ଅମଳକୁ ଅଜାଡ଼ି ଦିଏ ଭୋଜି ଭାତ, ମାଂସ ଓ ପେଣ୍ଡମରେ । ତେଣୁ ଦେଖାଯାଏ ଖାଦ୍ୟଭାବ । ଜଷ୍ଟେମଷ୍ଟେ ଇଙ୍ଗଲର ଫଳମୂଳ, ଡ଼ାଳପତ୍ର ଖାଇ ଓ ଝରଣା ପାଣି ପିଇ ଜୀବନକୁ ବଞ୍ଚାଇ ନିଏ ବଣ୍ଡା ।

କିନ୍ତୁ ବଣ୍ଡା ଯଦି ମନଇଚ୍ଛା ଝିଅଟିଏ ବିବାହ କରିବାକୁ ଚାହେଁ ସେତେବେଳେ ତାକୁ ଅନେକ ଜଷ୍ଟ ସ୍ୱୀକାର କାରିବାକୁ ପଡ଼େ । ପ୍ରଥମେ ବହୁଥର ଧାଙ୍ଗଡ଼ି ବସାକୁ ଚାଲି ଚାଲି ହାଲିଆ ହୋଇପଡ଼େ ବଣ୍ଡା । ଝିଅକୁ ମନାଇ ମନାଇ ଥକି ଯାଏ । ଝିଅର ବାପାମାଆଙ୍କୁ ବହୁ ଅନୁରୋଧ କରେ । କିନ୍ତୁ ଝିଅ ଯଦି ରାଜି ନ ହୁଏ ତେବେ ସବୁକଷ୍ଟ ନିଷ୍ଫଳ । ତେଣୁ ସେ ରାଗରେ ଜଳିଯାଏ । ସେ ଏଜା ଜିଦ୍ ଧରିବସେ ତାକୁ ବିବାହ କରିବା ପାଇଁ । ସଦଳବଳେ ଆକ୍ରମଣ କରେ ଝିଅ ଉପରେ । ସମସ୍ତ କଷ୍ଟକୁ ଏଡ଼ାଇ ବଳପୂର୍ବକ ଝିଅକୁ ନେଇଆସନ୍ତି ଘରକୁ । ସାଥୀ ପାଇଥିଲେ ମଧ୍ୟ ଜୀବନର ଦୁଃଖ ଆରମ୍ଭ ହୁଏ ଠିକ୍ ଏହାପରେ । କନ୍ୟାପିତା ସଦଳବଳେ ଆକ୍ରମଣ କରେ ପୁଅ ଉପରେ । ପୁଅର ଥିବା ସବୁ ଗୋରୁ ଗାଈ (୪-୫)ଟି ଲୁଟି ନିଅନ୍ତି କିମ୍ବା ପୁଅର ନ

ଥିଲେ ଗ୍ରାମର କାହାରି ବଳପୂର୍ବକ ଲୁଟି ନେଇଯାଆନ୍ତି । ସେଠାରେ ମଧ୍ୟ କଳିଝଗଡ଼ା, ଗଣ୍ଡଗୋଳ ଜିମ୍ମା ବେଳେବେଳେ ରକ୍ତପତା ମଧ୍ୟ ହୁଏ । ଗୋଷ୍ଠୀ କନ୍ଦଳ ନାମରେ ବ୍ୟକ୍ତିଗତ ପୁରୁଣା ରାଗ ସୁଝାଇ ଦିଅନ୍ତି କେତେକ । ଅବେଳରେ ମଧ୍ୟ ଜୀବନହାନୀ ହୁଏ । କନ୍ୟାପିତା ଗାଈଗୋରୁ ନେଇ ପଳାଇଲା ପରେ ଗାଈଗୋରୁର ମାଲିକମାନେ ବରକୁ ସେମାନଙ୍କର ବିତ୍ତ ଦାବି କରନ୍ତି । ବଣ୍ଡା ପୁଅର ତ ସବୁ ସରିଯାଇଥାଏ । ସେ ବା ଦେବ କେଉଁଠୁ । ତେଣୁ ଦୌଡ଼େ ସାହୁକାର ପାଖକୁ ଜିମ୍ମା କାହାରି ମୂଲମଜୁରୀ ଲାଗେ । ଜୀବନ ସାରା ଗୋଡି ଖଟେ, କିନ୍ତୁ ପରିଶୋଧ କରେ ସେମାନଙ୍କର ଋଣ । କନ୍ୟାସୁନା ପାଇଁ ଗଣ୍ଡଗୋଳ ଓ ରକ୍ତପାତ ବେଳେ ମଧ୍ୟ କେହି କାହାରିକୁ ମାରିଦିଅନ୍ତି । ଫଳସ୍ୱରୂପ ଆଜୀବନ କାରାଦଣ୍ଡ ଭୋଗିବାକୁ ପଡ଼ିଥାଏ । ଜେଲରୁ ଫେରି ଦେଖିଲା ବେଳେ କନ୍ୟାକୁ ନେଇଯାଇଥାଏ ଆଉଜଣେ, ପିଲାଛୁଆ ଅରକ୍ଷିତ ହୋଇ ବୁଲୁଥାନ୍ତି, ସଂପତ୍ତି ସବୁ ଉଜୁଡ଼ି ଯାଇଥାଏ । ଦାରିଦ୍ର୍ୟର କଷାଘାତରେ କଷି ହୋଇଯାଏ ପୁଣିଥରେ । ପୁଣି ଦ୍ୱିତୀୟ ବିବାହ ପାଇଁ ଲୋଡ଼ା କନ୍ୟାସୁନା ।

ଏ ସମସ୍ତର ସମାଧାନ ପାଇଁ ସଂସ୍କୃତିର ନିୟମକୁ ଯେ ଉଲ୍ଲଘନ କରାଯିବ ତାହା ନୁହେଁ । କିନ୍ତୁ ସେମାନଙ୍କ ଭିତରେ ନୂଆଜାଗରଣ ସୃଷ୍ଟି କରିବାକୁ ପଡ଼ିବ । କନ୍ୟାସୁନାର ଦେବାନେବା ପ୍ରଥା ହିଁ ରହିବ । ଯଦି ସମସ୍ତ ବଣ୍ଡା ସମାଜ ଏକତ୍ର ହୋଇ କନ୍ୟାସୁନାର ପରିମାଣ ଧାର୍ଯ୍ୟ କରନ୍ତେ ଓ ଏହାକୁ ମାନି ସମସ୍ତେ ଚଳିଗୋଳ ନକରି କନ୍ୟାସୁନା ଦେଇ ଦିଅନ୍ତେ ତେବେ ଅନେକ ସମସ୍ୟାର ସମାଧାନ ହୋଇଯାଆନ୍ତି । ସମସ୍ତ ଯୁବକଯୁବତୀ ବ୍ୟୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରେ କନ୍ୟାସୁନା ଯୋଗୁଁ ଘଟୁଥିବା ସମସ୍ୟାମାନଙ୍କ ବିଷୟରେ ଅବଗତି କରାଇ ଦେବା ଉଚିତ ଓ ବଣ୍ଡା ସମାଜରେ ନୀତି ନିୟମ ମାନି ସମସ୍ତେ ଚଳିବାକୁ ପ୍ରବର୍ତ୍ତାଇବା ଦରକାର । ବଣ୍ଡା ନୀତିନିୟମ ଓ ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖି ଆବଶ୍ୟକ ସ୍ଥଳେ ଉଚ୍ଚପଦସ୍ଥ କର୍ମଚାରୀ ଆଦି ମାନଙ୍କ ଦ୍ୱାରା ବାହ୍ୟ ହସ୍ତକ୍ଷେପ ପ୍ରୟୋଗ କରି କେତେକାଂଶରେ କନ୍ୟାସୁନା ଜନିତ ସମସ୍ୟାର ସମାଧାନ କରାଯାଇପାରେ ।

●●●


କୃଷି ପଞ୍ଜିକା

| ক্র.নং | ঘোষ তারিখ | | |

	କୃଷିକାର୍ଯ୍ୟ ସଂପର୍କିତ ପର୍ବପର୍ବାଣୀ/ପୂଜାପାଠ ଓ ଦେବାଦେବୀ	ପୂଜାପୋଚାର	ସାସ୍କୃତିକ କାର୍ଯ୍ୟକ୍ରମ	ବାରଣ ଏବଂ ନିଷେଧ	ବିପଣନ	ମନ୍ତବ୍ୟ
୧.	ଖୁନସର ଶିଗେ (ଶୁକ୍ରବାର) କିମ୍ବା ସୋମବାର)	କୌଣସି ଏକ ଶୁକ୍ରବାର କିମ୍ବା ସୋମବାର ଦିନ ଗାଁର ସମସ୍ତଙ୍କ ଘରୁ ବିହନ (ସୁମୁରି) ବାହାର କରାଯାଇ ସିଛିବୋର ଠାରେ ଶିଧା ପୂଜାକରେ। ଏହି ପୂଜା କରିବା ପରେ ଉକ୍ତ ବିହନକୁ ଅନ୍ୟ ବିହନ ସହ ମିଶାଇ ବୁଣାଯାଏ। ବିରୁ ସରିଲାପରେ ଗାଁ ଲୋକମାନେ ସାମୁହିକ ଭାବରେ ଜଙ୍ଗଲକୁ ଶୀକାର କରିବାକୁ ଯାଆନ୍ତି । ଗାଁ ମୁଣ୍ଡକୁ ଯାଇ ଶିଧା ପିନେ (ଶିଙ୍ଗା) ବଜାଇ ଗାଁ ଲୋକଙ୍କୁ ଶୀକାରକୁ ଯିବା ପାଇଁ ଆହ୍ୱାନ କରେ।	ଶିକାର ନେଇ ଫେରିଲେ ରାତିସାର ସ୍ତ୍ରୀ ଓ ପୁରୁଷ ମିଶି ନାଚଗୀତ କରନ୍ତି।	ଏହି ବିରୁ କରିବା ପୂର୍ବରୁ କୌଣସି ବ୍ୟକ୍ତି ବ୍ରଙ୍ଗରରେ ଶସ୍ୟ ବୁଣିବା ନିଷେଧ। ଉକ୍ତ ଦିନ କୌଣସି ପ୍ରକାର ଚାଷ କାର୍ଯ୍ୟ କରିବା ବାରଣ।	---	---
୨.	---	---	---	---	---	---
୩.	ମଳା ଶିଗେ (କୌଣସି ଏକ ମଙ୍ଗଳବାର ବା ବୁଧବାର)	ଏହି ଦିନ ଗ୍ରାମର ଗୋରୁଗାଈ (ଗଇତାଙ୍ଗ), ଛେଳି(ଶିମେ), ମେଣ୍ଢା (ମେଣ୍ଢା) ଆଦି ଶ୍ରୁହପାଳିତ ପଶୁମାନଙ୍କୁ ଗାଁମୁଣ୍ଡକୁ ଗୋଡ଼ାଇନିଆଯାଏ। ସମସ୍ତଙ୍କ ଘରୁ ବିହନ ମଧ୍ୟ ବାହାର କରି ସେଠାକୁ ନିଆଯାଏ। ଗାଁମୁଣ୍ଡରେ ପୂଜାରୀ (ଶିଶା) ଛାମୁଡ଼ିଆ କରି ଜଳାକୁଡ଼ୁଡ଼ା ବଳି ଦେଇ ଶ୍ରୁହପାଳିତ ପଶୁଙ୍କର ସୁରକ୍ଷା ଓ ଜଙ୍ଗର ଚାଷର ଉନ୍ନତ ପାଇଁ ପୂଜା କରିଯାଏ। ପୂଜା କରାଯାଇଥିବା ଏହି ଶସ୍ୟକୁ ମଧ୍ୟ ଘରେରଖାଯାଇଥିବା ଶସ୍ୟ ସହ ମିଶାଯାଏ ଓ ବିହନ ବୁଣାଯାଇ ଗଛ ନଉଠିବା ସ୍ଥାନମାନଙ୍କରେ ପୁନର୍ବାର ଏହି ଶସ୍ୟକୁ ବୁଣାଯାଏ।	---	ଏହି ପୂଜା (ବିରୁ) କରିବା ଆଗରୁ ବିହନ ବୁଣିବା ପରେ ଗଛ ନ ଉଠିଥିବା ସ୍ଥାନମାନଙ୍କରେ ପୁଣି ଶସ୍ୟ ବୁଣାଯାଇପାରେ ନାହିଁ। ଏହି ଦିନରେ କୌଣସି ପ୍ରକାର କାର୍ଯ୍ୟ ମୁଖ୍ୟତଃ ଚାଷ କାର୍ଯ୍ୟ ଓ ଜଙ୍ଗଲ ଯାଇ କୌଣସି ଦ୍ରବ୍ୟ ସଂଗ୍ରହ ନିଷେଧ।	---	---

କ୍ର.ନଂ ଭାଷା	ମାସର ନାମ			ପୋଡୁଚାଷ ସମ୍ବନ୍ଧୀୟ କୃଷିକାର୍ଯ୍ୟ କୃଷିକାର୍ଯ୍ୟ	ଧାନଜମି ସମ୍ବନ୍ଧୀୟ ସମ୍ବନ୍ଧୀୟ କୃଷିକାର୍ଯ୍ୟ	ବାଡ଼ିବଗିଚା
	ବଣ୍ଡା ଭାଷା	ଓଡ଼ିଆ ଭାଷା	ଇଂରାଜୀ			
୦୪.	ବାନ୍ଦାଫୁନ	ଶ୍ରାବଣ	ଜୁଲାଇ-ଅଗଷ୍ଟ	ସୁଆଁ ଗଛ ଟିକିଏ ବଢ଼ିଯାଇଥାଏ । ଏହି ଜଙ୍ଗଲରେ ଠିଆ ହୋଇଥିବା ଖୁଣ୍ଟିରେ ପୁଣି କଅଁଳିଆ ଡାଳ ଗଜା ମାରିସାରିଥାଏ ଓ ଶସ୍ୟ ଜିଆରିରେ ଘାସ ହୋଇଯାଇଥାଏ । ତେଣୁ ସୁଆଁ ଜିଆରୀର ଏହି ଖୁଣ୍ଟିରୁ ଡାଳ କଟାଯାଏ (ଗଫା) ଓ ଘାସ ବଛାଯାଏ (ଫୁଲ୍‌ଫୁଲ୍) ମାଣ୍ଡିଆ (ସାମେ) ଓ ଜଙ୍ଗରାଣୀ (ମୁସୁରୀ) ଜେତେଜ ସ୍ଥାନରେ ବୁଣା ଚାଲିଥାଏ ।	ପଦାଜମି (ରାଙ୍ଗସଙ୍ଗ)ରେ ହଳ (ସିସେ) କରାଯାଏ ଓ ମହି ଦିଆଯାଏ (ନାର୍) । ଏହା ପରେ ଆଗରୁ ପ୍ରସ୍ତୁତ ହୋଇଥିବା ତଳି ଉପାଢ଼ି ଏଠାରେ ରୋପଣ (ଉଙ୍କେର) କରାଯାଏ ।	ପ୍ରସ୍ତୁତ ଟମାଟୋ, ବାଇଗଣ, ମୂଳା, ମରିଚ ଇତ୍ୟାଦି ରୋପଣ କରାଯାଏ । ବଜିଯାଗ (ଉସେମ୍ବୁ) ବୁଣାଯାଏ । ଭେଣ୍ଡି (ବେଣ୍ଡି) ବୋଇତାଳୁ (କୁମୁଡ଼ା), କାକୁଡ଼ି (ସରଲଇ) ଇତ୍ୟାଦି ପନିପରିବା ଲଗାଯାଏ ।
୦୫.	ଉଷା	ଭାଦ୍ରବ	ଅଗଷ୍ଟ-ସେପ୍ଟେମ୍ବର	ମାଣ୍ଡିଆ ଜଙ୍ଗଲରେ ଠିଆ ହୋଇଥିବା ଖୁଣ୍ଟିମାନଙ୍କରେ ବଢ଼ିଥିବା ଡାଳ କଟାଯାଏ (ଗଫା) ଓ ଘାସ ବଛାଯାଏ (ଫୁଲ୍‌ଫୁଲ୍) ।	ପଦାଜମି (ରାଙ୍ଗମଙ୍ଗ)ରେ କରାଯାଇଥିବା ଧାନରୁ ଘାସ ବଛାଯାଏ । ଏହାକୁ ଥିୟ କୁହାଯାଏ ।	ମରିଚତଳି ପ୍ରସ୍ତୁତ ହୋଇସାରିଥାଏ ଓ ଡ଼ିଙ୍ଗିଆ ବୁରକୁ ହଳ କରି ପ୍ରସ୍ତୁତ କରାସରିଥାଏ । ତେଣୁ ଏହି ମାସରେ ତଳି ମରିଚକୁ ଓପାଢ଼ି ଡ଼ିଙ୍ଗିଆବୁରରେ ଯତ୍ନସହକାରେ ବହୁତ ପରିମାଣରେ ରୋପଣ କରାଯାଇଥାଏ ।
୦୬.	ଦଶରା	ଆଶ୍ୱିନ	ସେପ୍ଟେମ୍ବର ଅକ୍ଟୋବର	ମାଣ୍ଡିଆ ଡ଼ଙ୍ଗରରେ ଗଫା ଓ ଫୁଲ୍ ଫୁଲ୍ ଚାଲିଥାଏ । ଅପରପକ୍ଷରେ ସୁଆଁ ପାଚିବା ଆରମ୍ଭ ହୋଇଯାଏ । ତେଣୁ ତାକୁ ଜଗିବା ପାଇଁ ଡ଼ଙ୍ଗରରେ ଗଛ ଉପରେ ଘର କରି ବା ମଞ୍ଚା (ତାନାମ୍) କରି ସେଠାରେ ରହିବାକୁ ପଡ଼େ । ଡ଼ଙ୍ଗରରେ ଲଗାଯାଇଥିବା ଗଛଗୁଡ଼ିକରେ ପନିପରିବା ଓ ଫୁଲ ଫଳ କାକୁଡ଼ି, କହ୍ନି, ଭେଣ୍ଡି, ବୋଇତାଳୁ, ଛଞ୍ଚିଣା ଇତ୍ୟାଦି ପୂର୍ଣ୍ଣ ହୋଇଗଲାଣି । ଏହାକୁ ବଣ୍ଡାମାନେ ଆବଶ୍ୟକ ସମୟରେ ତୋଳି ବ୍ୟବହାର କରନ୍ତି । ପୁନଶ୍ଚ ଆସନ୍ତା ବର୍ଷ ଚାଷକରିବା ପାଇଁ ନୂଆ ଜାଗା ନିରୂପଣ କରି ସେଥିରୁ ଛୋଟ ଛୋଟ ଡ଼ାଳ, ବୁଦାକୁ କାଟି (ଆଇବୁଇ) ପରିଷ୍କାର କରନ୍ତି ।	---	ପନିପରିବା ଗଛଗୁଡ଼ିକୁ ଖୁସାଇ (ଲୁଗ୍‌ଲୁଗ୍‌ମର) କରି ଘାସ ବାଛିଦିଆଯାଏ । ବାଡ଼ି ବଗିଚାରେ ଜଞ୍ଚା ବୋଇତାଳୁ ଫୁଲ (କୁମୁଡ଼ା ସାରି) ବୋଇତାଳୁ, ଲାଉ, ବାଜିସାଗ, ବାଇଗଣ, ଲଙ୍କା, ଚଞ୍ଚିଣା, ଶିମ୍ବ ଇତ୍ୟାଦି ଆବଶ୍ୟକସୁଳେ ତୋଳି ବ୍ୟବହାର କରାଯାଏ ।

৪.	৪ ৪৪৪

ক্র. নং	চাষ পদ্ধতি		চাষের প্রকৃতি	চাষের প্রকৃতি ও বৈশিষ্ট্য	চাষের সময়	
	১৪।৩	১৪।৩ ১২ বৃষ্টি			১৪।৩ ১৩।৩.৩	
৬.	পুরাদমে	পুরাদমে	ঝুমচাষ	। দাদোরাঙ্গ (জমি উঁচু) থেকে দোদোরাঙ্গ প (১৪৫৫ উঁচু) ঝুমচাষ ও ঝুমচাষের উপযোগী জমি। দাদোরাঙ্গ ঝুমচাষের জন্য জমি নির্বাচন, জঙ্গল পরিষ্কার, জ্বালানো, বীজ বপন, আগাছা পরিষ্কার, ফসল সংগ্রহ ও ঝুমচাষের সমস্যা ও সমাধান।	ঝুমচাষ -ডিসেম্বর
৭.	চাষ	চাষ	ঝাড়ফুঁক	। দাদোরাঙ্গ (জমি উঁচু) থেকে দোদোরাঙ্গ প (১৪৫৫ উঁচু) ঝাড়ফুঁক চাষের ধারণা, ঝাড়ফুঁক চাষের পদ্ধতি, ঝাড়ফুঁক চাষের সুবিধা ও অসুবিধা।	ঝাড়ফুঁক -ডিসেম্বর
৮.	চাষ	চাষ	ঝোপঝাড়	। দাদোরাঙ্গ (জমি উঁচু) থেকে দোদোরাঙ্গ প (১৪৫৫ উঁচু) ঝোপঝাড় চাষের ধারণা, ঝোপঝাড় চাষের পদ্ধতি, ঝোপঝাড় চাষের সুবিধা ও অসুবিধা।	ঝোপঝাড় -ডিসেম্বর
৯.	চাষ	চাষ	ঝুমচাষ ও ঝাড়ফুঁক চাষ	। দাদোরাঙ্গ (জমি উঁচু) থেকে দোদোরাঙ্গ প (১৪৫৫ উঁচু) ঝুমচাষ ও ঝাড়ফুঁক চাষের সমন্বয়, ঝুমচাষ ও ঝাড়ফুঁক চাষের সমন্বয়ের সুবিধা ও অসুবিধা।	ঝুমচাষ ও ঝাড়ফুঁক চাষ -ডিসেম্বর
১০.	চাষ	চাষ	ঝুমচাষ ও ঝোপঝাড় চাষ	। দাদোরাঙ্গ (জমি উঁচু) থেকে দোদোরাঙ্গ প (১৪৫৫ উঁচু) ঝুমচাষ ও ঝোপঝাড় চাষের সমন্বয়, ঝুমচাষ ও ঝোপঝাড় চাষের সমন্বয়ের সুবিধা ও অসুবিধা।	ঝুমচাষ ও ঝোপঝাড় চাষ -ডিসেম্বর

১.	৪৪৩৩	--- --- ---

ক্র.নং	ঢাকা উচ্চারণ		ঢাকা বানান	প্রতিবন্ধী আইনের খসড়ায় ব্যবহৃত শব্দ	প্রতিবন্ধী আইনে ব্যবহৃত শব্দ	প্রতিবন্ধী আইনে ব্যবহৃত শব্দ
	১৪১৩	১৪১৪				
৩১.	ঐক্য	ঐক্য	ঐক্য	ঐক্য	ঐক্য	ঐক্য
৩২.	ঐক্যবদ্ধ	ঐক্যবদ্ধ	ঐক্যবদ্ধ	ঐক্যবদ্ধ	ঐক্যবদ্ধ	ঐক্যবদ্ধ
৩৩.	ঐক্যমত্য	ঐক্যমত্য	ঐক্যমত্য	ঐক্যমত্য	ঐক্যমত্য	ঐক্যমত্য
৩৪.	ঐক্যমত্যে	ঐক্যমত্যে	ঐক্যমত্যে	ঐক্যমত্যে	ঐক্যমত্যে	ঐক্যমত্যে
৩৫.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৩৬.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৩৭.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৩৮.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৩৯.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪০.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪১.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪২.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪৩.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪৪.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪৫.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪৬.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪৭.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪৮.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৪৯.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের
৫০.	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের	ঐক্যমত্যের

କ୍ର.ନଂ	କୃଷିକାର୍ଯ୍ୟ ସଂପର୍କିତ ପର୍ବପର୍ବାଣୀ/ପୂଜାପାଠ ଓ ଦେବାଦେବୀ	ପୂଜାପୋଚାର	ସାସ୍କୃତିକ କାର୍ଯ୍ୟକ୍ରମ	ବାରଣ ଏବଂ ନିଷେଧ	ବିପଣନ	ମନ୍ତବ୍ୟ
୧୦.	ସୁମୁଗିଗେ (ସୋମବାର)	ଏହି ପର୍ବ ଚାଷବାସ ସହିତ ଏତେ ସଂପୃକ୍ତ ନୁହେଁ। ବାରଜାଙ୍ଗରର ଶ୍ରେଷ୍ଠ ଦେବତା ପାଟଖଣ୍ଡା ମହାପ୍ରଭୁଙ୍କର ପୂଜା କରାଯାଏ। ଛେଳିକୁକୁଡ଼ା ଇତ୍ୟାଦି ବଳି ଦିଆଯାଏ। ପଶୁପକ୍ଷୀ, ଲୋକବାକ, ଚାଷବାସର ସର୍ବୋନ୍ନତି ପାଇଁ ପ୍ରାର୍ଥନା କରାଯାଏ। ପାରମ୍ପରିକ ଗ୍ରାମ ସଭାର ମୁଖିଆଙ୍କର କାର୍ଯ୍ୟର ସମାଲୋଚନା କରାଯାଏ ଓ ଆବଶ୍ୟକ ହେଲେ ନୂଆ ସଭ୍ୟ ବଛାଯାଏ।	ପର୍ବସରିଲେ ମଦ୍ୟପାନ କରି ବାଜାବଜେଇ ବଜେଇ ନାଚ ଗୀତ କରି ରାତି ସାରା ଆମୋଦ-ପ୍ରମୋଦ କରାଯାଏ।	ଏହି ପୂଜା ନ ସରିଲା ପର୍ଯ୍ୟନ୍ତ ଝାଡ଼ୁ ତିଆରି କରିବା ପାଇଁ ପୁଲ ଓ ଘର ଛପର କରିବା ପାଇଁ ପିରି(ଲଙ୍ଗ) ସଂଗ୍ରହ କରାଯାଏ ନାହିଁ।	ଜଡ଼ା(ଜିଙ୍ଗିରା), ଡ଼ଙ୍ଗ ରାଣୀ (ମୁଷରୀ), ବୁଡ଼ଙ୍ଗ (ଗିଟେଗାଙ୍ଗ) ଇତ୍ୟାଦି ବିକ୍ରି କରାଯାଏ। ସଲପ ବିକ୍ରିହୁଏ।	----
୧୧.	---	---	----	----	----	----
୧୨.	ଗିଆଗଗିଗେ	ଏହି ପର୍ବ ମଧ୍ୟ କୃଷି ସହିତ ଅଳ୍ପବହୁତ ଜଡ଼ିତ। ଅପରନ୍ତୁ ଏଥିରେ ମଧ୍ୟ ଚାଷବାଷର ମଙ୍ଗଳ ପାଇଁ ପ୍ରାର୍ଥନ କରାଯାଇଥାଏ। ଏହା ପ୍ରାୟ ୧୦-୧୫ଦିନ ପର୍ଯ୍ୟନ୍ତ ଚାଲେ। ଏହି ପର୍ବ ଅବସରରେ କାମକାର୍ଯ୍ୟ ନିଷେଧ କରାଯାଇଥାଏ। କେବଳ ମାଛ ଧରିବା, ଶିକାର କରିବା କାର୍ଯ୍ୟ କରାଯାଏ। ଏଥିରେ ମୁଖ୍ୟଲକ୍ଷ୍ୟ ହେଲା ଆମ୍ବ ନୂଆ ଖାଇବା। ଏହି ପର୍ବର ଅନ୍ୟ ଏକ ମୁଖ୍ୟ ଲକ୍ଷ୍ୟ ହେଲା ବିହନ ବାହାର କରାଯାଏ। ଏହି ପର୍ବର ଶେଷଆଡ଼କୁ (ସୋମବାର) ଦିନ ମଧ୍ୟରାତ୍ର ପାର୍ ହେବା ପରେ ପ୍ରତ୍ୟେକ ଘରର ମୁଖିଆମାନେ ବିହନ ବାହାରକରି କାହାରିକୁ ନଦେଖି ବଗିଚା (ଡ଼ିଙ୍ଗିଆବୁର) ବା ଡଙ୍ଗରରେ ଶସ୍ୟବୁଣି କୋଦାଳରେ କଡ଼ଜି ଦିଅନ୍ତି।	ପର୍ବ ଶେଷ ଦିନ ନାଚ ଗୀତ ହୁଏ। ସମସ୍ତ ମଦ୍ୟପାନ କରି ମତୁଆଲା ହୋଇ ନାଚନ୍ତି।	ଏହି ପର୍ବ ଅବସରରେ ଯେଉଁ ବ୍ୟକ୍ତି ଗୋରୁ ମାଂସ ସେବନ କରିବ ସେ ପାଟଖଣ୍ଡା ପିଠକୁ ଯିବ ନାହିଁ। ଏହି ପର୍ବ ଅବସରରେ କେହି ତେଲ, ଗୋଚର, ସାବୁନ ଛୁଇଁବେ ନାହିଁ। ଗୋରୁ ମାଂସ ଖାଇବା ନିଷେଧ। ଏହି ପର୍ବ ନସରିବା ପର୍ଯ୍ୟନ୍ତ ତାରମାଙ୍ଗ (କଦ୍ଦାକୋଳି) ଛୁଇଁବା ଓ ଖାଇବା ଆଙ୍ଗତ (ନିଷେଧ) ଏହି ପର୍ବପାଳନ ନ କରିବା ପୂର୍ବରୁ ଡ଼ଙ୍ଗରକୁ ନିଆଁଲଗାଇ ପୋଡ଼ାଯାଇପାରିବ ନାହିଁ କିମ୍ବା ଶସ୍ୟ ବୁଣାଯାଇପାରିବ ନାହିଁ। ଏହି ପର୍ବ ଅବସରେ ବଣ୍ଡା ଲୋକମାନେ ଅଞ୍ଚଳ ବାହାରକୁ ଯିବା ବା ବାହାର ଲୋକ ଏ ଅଞ୍ଚଳକୁ ଆସିବା ନିଷେଧ।		


ସଂଗୃହୀତ
ବନଜାତ ଦ୍ରବ୍ୟ
ପଞ୍ଜିକା

ক্র.নং	ছবির বিবরণ			ছবির বিষয়বস্তু	ছবির উৎস	ছবির ব্যবহার
	ছাত্র	ছাত্রী	যৌথ			
১০	আছে	আছে		১ (বৃত্ত) ০ (ডিম্বাকৃতি) (ঃ) (কোলন) (;) (সেমিকোলন) (,) (কমা) (.) (দাঁড়ি) (?) (প্রশ্নবোধক) (!) (বিস্ময়বোধক) (-) (হাইফেন) (_) (আন্ডারস্কোর) (/) (স্ল্যাশ) (\) (ব্যাকস্ল্যাশ) (|) (উল্লম্ব) (~) (টিল্ড) (^) (সার্কামফ্লেক্স) (&) (অ্যাম্পারসেন্ড) (*) (তারকা) (+) (যোগ) (=) (সমান) (<) (ছোট) (>) (বড়) (%) (শতকরা) (#) (হ্যাশ) (@) (অ্যাটসাইন) (') (একক উদ্ধৃতি) (") (দ্বৈত উদ্ধৃতি) (`) (গ্রেভ) (()) (বন্ধনী) ({}) (ব্রেস) ([]) (বর্গাকার বন্ধনী) (<>) (কোণ বন্ধনী) ($) (ডলার) (£) (পাউন্ড) (¥) (ইয়েন) (€) (ইউরো) (¢) (সেন্ট) (©) (কপিরাইট) (®) (রেজিস্টার্ড) (™) (ট্রেডমার্ক) (§) (সেকশন) (¶) (পারাগ্রাফ) (†) (ড্যাগার) (‡) (ডাবল ড্যাগার) (•) (বুলেট) (…) (এলিপসিস) (‰) (পার মিল) (′) (প্রাইম) (″) (ডাবল প্রাইম) (‹) (একক বাম কোণ বন্ধনী) (›) (একক ডান কোণ বন্ধনী) («) (বাম গিলেমট) (») (ডান গিলেমট) (¡) (উল্টানো বিস্ময়বোধক) (¿) (উল্টানো প্রশ্নবোধক) (ª) (ফেমিনাইন অর্ডিনাল) (º) (মাসকুলাইন অর্ডিনাল) (¬) (নট) (¦) (ব্রোকেন বার) (¯) (ম্যাক্রন) (¤) (কারেন্সি) (¦) (ব্রোকেন বার) (¨) (ডায়েরেসিস) (´) (একিউট) (¸) (সেডিলা) (ª) (ফেমিনাইন অর্ডিনাল) (º) (মাসকুলাইন অর্ডিনাল) (¬) (নট) (¦) (ব্রোকেন বার) (¯) (ম্যাক্রন) (¤) (কারেন্সি) (¦) (ব্রোকেন বার) (¨) (ডায়েরেসিস) (´) (একিউট) (¸) (সেডিলা)		

କ୍ର.ନଂ	ମାସର ନାମ			ସଂଗୃହୀତ ବନଜାତ ଦ୍ରବ୍ୟର ନାମ	ସଂପୃକ୍ତ ମୂଳାପାଠ/ ପର୍ବପର୍ବାଣୀ	ସଂଗୃହୀତ ବନଜାତ ଦ୍ରବ୍ୟର ବ୍ୟବହାର	ବନଜାତ ଦ୍ରବ୍ୟର ବିପଣନ	ମନ୍ତବ୍ୟ
	ବଣ୍ଡା ଭାଷା	ଓଡ଼ିଆ ଭାଷା	ଇଂରାଜୀ ଭାଷା					
୦୨.	ଲାଣ୍ଡି	ଜ୍ୟେଷ୍ଠ	ମେ-ଜୁନ୍	ଜଙ୍ଗଲ ଜରଡ଼ି (ସୁସଙ୍ଗଲେ), ଶିଲରି ଶାଗ (ବୁଲଅବ), ସାରୁଶାଗ (ସାରିଅବ), ଭୁଡ଼ାଅବ (ଶାଗ), ଉନ୍ତ୍ରେୟମ (ଶାଗ), ଖଜୁରୀକୋଳି (ବୁଲୁରା), ଶିକାକାଇ (ଗିରାଇଜା), କେରାଇଲବ (କନ୍ଦା), ଆମ୍ବ, ପଣସ, ପତ୍ର ଓ ଜାଳେଣି କାଠ । କେନ୍ଦୁ (ତୀରେ), ପଢ଼େଇ (ବୁଲୁକୁର), ଜାମୁ (କୁଢ଼େ), ଅରତୁନ ଡାଳ, ଛାଲି ବୁରବୁଙ୍ଗ ସିଙ୍ଗ ଉଷା, ଜିରିଙ୍ଗଏ ଉଷା ଓ ଗିସାଙ୍ଗତେ ଉଷା, ତନ୍ତୁ ଲାଣ୍ଡୁଏ (ଶିଆଳି ତନ୍ତୁ), ଉଣ୍ଡିଏ ଉମ୍ପୁଲାଗଲାଗିଗେ, ମ୍ଭୁଗାଏଗିଗେ, ସାଓ୍ୱାଗେ, କୁସଙ୍ଗ ସେରାଗିଗେ ଉସିଏ, ଝୁଣା (ଧୂପ) ଅଠା ଓ ଘର ଛପରପାଇଁ କାଠ ଓ ବାଉଁଶ ସଂଗ୍ରହ କରାଯାଏ ।	—	ଜଙ୍ଗର ଜରଡ଼ି ଓ ଶାଗଗୁଡ଼ିକ ତରକାରୀ କରି ଥାଆନ୍ତି । ପାଚିଲାଖଜୁରୀକୋଳି, ଆମ୍ବ ଓ ପଣସ ଖିଆଯାଏ ଓ ଏଥିରୁ ମଧ୍ୟ ମଦ ପ୍ରସ୍ତୁତ କରାଯାଏ । କେରାଇଲବ (କନ୍ଦା)କୁ ସିଝାଇ ଖିଆଯାଏ । ଶିକାକାଇରୁ ଲଗାଇ ମୁଣ୍ଡସଫା କରାଯାଏ । ପତ୍ରରୁ ବନା, ଛତା ଓ ବର୍ଷାତି କରାଯାଏ ଓ କାଠକୁ ଜାଳେଣି ରୂପେ ବ୍ୟବହାର କରାଯାଏ । କେନ୍ଦୁ, ପଢ଼େଇ ଓ ଜାମୁ ସିଧାସଳଖ ଖିଆଯାଏ । ଅରତୁନ ଡାଳକୁ ବାଟି ମୁଣ୍ଡରେ ଲଗାଇ ମୁଣ୍ଡ ସଫା କରାଯାଏ । ବୁରବୁଙ୍ଗର ସିଙ୍ଗ ଛାଲି, ଜିରିଙ୍ଗଏ ଛାଲି ଗିସାଙ୍ଗତେ ଛାଲିକୁ ସଲପ ହାଣ୍ଡିରେ ପକାଇ ସଲପକୁ ପିତା ଓ ନିଶା କରାଯାଏ । ଉସିଏ ତନ୍ତୁରେ ମାଳୀଗୁନ୍ଥାଯାଏ ଓ ଗୁରାଙ୍ଗବିରୁରେ ବ୍ୟବହାର କରାଯାଏ । ଏ ଅଠାକୁ ହାତହତିଆରର ଲୁହା ଓ କାଠର ସନ୍ଧିସ୍ଥଳରେ ଲଗାଯାଏ ।	ଖଜୁରୀକୋଳି, କେରାଇଲବ (କନ୍ଦା), ଶିକା କାଇ ଓ ଶିଆଳି ପତ୍ର ବିକ୍ରି କରା ଯାଏ । ଆମ୍ବ, ପଣସ ଇତ୍ୟାଦି ଫଳରୁ ପ୍ରସ୍ତୁତ ମଦକୁ ବିକ୍ରି କରାଯାଏ ।	ଅରତୁନ ଡାଳ ସମସ୍ତ ଛାଲି ଓ ତନ୍ତୁ ଝୁଣା ଓ ଏ ଅଠା ବର୍ଷସାରା ଉପଲବ୍ଧ ହୁଏ । ଆବଶ୍ୟକ ସମୟରେ ଲୋକମାନେ ସଂଗ୍ରହ କରି ବ୍ୟବହାର କରିଥାନ୍ତି ।

ক্র.নং	ঠিকানা	ঠিকানা	ঠিকানা	ঠিকানা	ঠিকানা
১০	পুরিমত	চাকমা	৪৪৫	-চাকমা	ঠিকানা
১১	চাকমা	চাকমা	৪৪৫	-চাকমা	ঠিকানা
১২	চাকমা	চাকমা	৪৪৫	-চাকমা	ঠিকানা
১৩	চাকমা	চাকমা	৪৪৫	-চাকমা	ঠিকানা
১৪	চাকমা	চাকমা	৪৪৫	-চাকমা	ঠিকানা
১৫	চাকমা	চাকমা	৪৪৫	-চাকমা	ঠিকানা
১৬	চাকমা	চাকমা	৪৪৫	-চাকমা	ঠিকানা
১৭	চাকমা	চাকমা	৪৪৫	-চাকমা	ঠিকানা
১৮	চাকমা	চাকমা	৪৪৫	-চাকমা	ঠিকানা
১৯	চাকমা	চাকমা	৪৪৫	-চাকমা	ঠিকানা
২০	চাকমা	চাকমা	৪৪৫	-চাকমা	ঠিকানা
২১	চাকমা	চাকমা	৪৪৫	-চাকমা	ঠিকানা
২২	চাকমা	চাকমা	৪৪৫	-চাকমা	ঠিকানা
২৩	চাকমা	চাকমা	৪৪৫	-চাকমা	ঠিকানা
২৪	চাকমা	চাকমা	৪৪৫	-চাকমা	ঠিকানা
২৫	চাকমা	চাকমা	৪৪৫	-চাকমা	ঠিকানা
২৬	চাকমা	চাকমা	৪৪৫	-চাকমা	ঠিকানা
২৭	চাকমা	চাকমা	৪৪৫	-চাকমা	ঠিকানা
২৮	চাকমা	চাকমা	৪৪৫	-চাকমা	ঠিকানা
২৯	চাকমা	চাকমা	৪৪৫	-চাকমা	ঠিকানা
৩০	চাকমা	চাকমা	৪৪৫	-চাকমা	ঠিকানা

ক্র.নং	নাম	পিতার নাম	মাতার নাম	স্থায়ী ঠিকানা			বর্তমান ঠিকানা			মন্তব্য
				গ্রাম	ডাকঘর	থানা/উপজেলা	গ্রাম	ডাকঘর	থানা/উপজেলা	
৫০	৪৫	৪৬	৪৭	৪৮	৪৯	৫০	৫১	৫২	৫৩	৫৪
৫০.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫১.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫২.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫৩.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫৪.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫৫.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫৬.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫৭.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫৮.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৫৯.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	
৬০.	মোঃ আবুল কাশেম	মৃত আব্দুল হাকিম	মোছাঃ আমেনা বেগম	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	৩নং ওয়ার্ড	

| ৩০১ | ৩৬৩ | ৩৬৩ | ৩৬৩

କ୍ର.ନଂ	ମାସର ନାମ			ସଂଗୃହୀତ ବନଜାତ ଦ୍ରବ୍ୟର ନାମ	ସଂପୃକ୍ତ ପୂଜାପାଠ/ ପର୍ବପର୍ବାଣୀ	ସଂଗୃହୀତ ବନଜାତ ଦ୍ରବ୍ୟର ବ୍ୟବହାର	ବନଜାତ ଦ୍ରବ୍ୟର ବିପଣନ	ମନ୍ତବ୍ୟ
	ବଣ୍ଡା ଭାଷା	ଓଡ଼ିଆ ଭାଷା	ଇଂରାଜୀ ଭାଷା					
୧୧.	ପଗୁଣ	ଫାଲଗୁନ	ଫେବୃୟାରୀ ମାର୍ଚ୍ଚ	ଫୁଲଝାଡୁ, ଅଁଳା, ଭାଲିଆ, ଝୁଣା, ରାଏ ଫଳ, କେନ୍ଦ୍ର, ଖଜୁରୀକୋଳି, କୁମରି (ଲିଏ), ଲାଙ୍ଗଅବ (ଶାଗ), ଥୁତୁରେ (କନ୍ଦା), ଭସିଏପା (ଶାଗ), ଥୁମଙ୍ଗ (କନ୍ଦା), ଶାଆଡ଼ା (କନ୍ଦା), ଭଙ୍ଗୁର (ପିତାକନ୍ଦା), ଭନିସାଭଲବ (କନ୍ଦା), ଲାଗକୁ (ସିଛିକନ୍ଦା), ବୁରାଏଁ (ସିଛିପୋକ) ଓ ଘର ଦିଆରି ପାଇଁ କାଠ ।	----	ଫୁଲଝାଡୁ ଘର ଝାଡୁକରିବା ପାଇଁ ବ୍ୟବହାର କରାଯାଏ ଅଁଳାକୁ କଞ୍ଚା ଖିଆଯାଏ । ଭାଲିଆ, କେନ୍ଦ୍ର, ଖଜୁରୀ, କୁମୁରିକୁ ଫଳରୂପେ ଖିଆଯାଏ । ରାଏ ଫଳକୁ ବାଟି ଖଟା ରୂପେ ତରକାରୀରେ ମିଶାଯାଏ । ଶାଗକୁ ତରକାରୀ କରାଯାଏ ଓ କନ୍ଦାକୁ ସିଝାଇ ଖିଆଯାଏ । ଘରଦିଆରି ପାଇଁ କାଠ ସଂଗ୍ରହ କରାଯାଏ ।	ଫୁଲ ଝାଡୁ ଅଁଳା, ଭାଲିଆ, ଝୁଣା, ଖଜୁରୀକୋଳି, ପିତା କନ୍ଦା, ଭନ୍‌ସାଭ ଲବ (କନ୍ଦା), କେନ୍ଦ୍ର, ଲାଙ୍ଗଅବ (ଶାଗ)।	----
୧୨.	ଚୈତ	ଚୈତ୍ର	ମାର୍ଚ୍ଚ-ଏପ୍ରିଲ	କଞ୍ଚାଆମ୍ବ (ଆଗେଇ), ଖଜୁରୀକୋଳି (ବୁଲୁରା), କଣ୍ଟାକୋଳି (ତାରମାଙ୍ଗ), ଚାରକୋଳି (ତାରବ), ପଡ଼େଇ (ବୁଲୁକୁରୁ), କରିସିମଞ୍ଜି (ବୁରେ)।	ଶିଆଗଶିଗେ	କଞ୍ଚା ଆମ୍ବକୁ ଖଟା କରି ବା ଛେଚି ତରକାରୀରେ ମିଶାଇ ଖିଆଯାଏ । ଖଜୁରୀ, କଣ୍ଟାକୋଳି, ଚାରକୋଳି ଓ ପଡ଼େଇକୁ ପାଳିଲା ପରେ ଫଳଆକାରରେ ଖିଆଯାଏ । କିରିସ ମଞ୍ଜିରୁ ତେଲ ବାହାର କରାଯାଏ ।	ଖଜୁରୀ କୋଳି, କଞ୍ଚା ଆମ୍ବ, କଣ୍ଟା କୋଳି, ଚାର-କୋଳି, ପଡ଼େଇ ଓ ବୁରେ ବିକ୍ରି କରାଯାଏ ।	ଶିଆଗଶିଗେ ପୂର୍ବରୁ ଆଗେଇ, ତାର ମାଙ୍ଗ, ତାରବ ଇତ୍ୟାଦି ଖାଇବା ନିଷେଧ ।

ଶ୍ରମ ସମବାୟ

ବଣ୍ଟାର ବ୍ୟକ୍ତିଗତ ଚରିତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ସେ ବ୍ୟକ୍ତିକୈନ୍ଦ୍ରିକ, ବଦରାଗି ଓ ସ୍ୱାଧୀନ ଭାବରେ ମୁକ୍ତ ଜୀବନଯାପନ କରିବାକୁ ଖୁବ୍ ଭଲପାଏ । ମନେ ହୁଏ ସତେ ଯେମିତି ସେମାନେ ପ୍ରତ୍ୟେକ ନିଜ ନିଜ ରାଜ୍ୟର ଜଣେ ଜଣେ ମୁକୁଟଧାରୀ ରାଜା । ଡ଼ର, ଭୟ, ଖାତିର ନଥାଏ କାହାରିକୁ । କିନ୍ତୁ ଖୁବ୍ ଆଶ୍ଚର୍ଯ୍ୟ ଲାଗେ ଜାଣିଲେ ଏ ଭଳି ଚରିତ୍ରର ଲୋକମାନଙ୍କର ସମାଜ ଓ ସଂସ୍କୃତି ସମବାୟ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଏମାନେ ପରସ୍ପରକୁ ଦୈନନ୍ଦିନ ଜୀବନର ଘରକରଣା କାମଠାରୁ ଆରମ୍ଭ କରି ଅର୍ଥନୈତିକ ଜୀବନର ପଟୁା କୃଷିକାର୍ଯ୍ୟ କରିବାରେ ସାହାଯ୍ୟ କରିଥାନ୍ତି । ବଣ୍ଟାମାନେ ଭାବନ୍ତି ଏକାଠି ମିଳିମିଶି କାମକଲେ ନିଜକୁ, ନିଜର ଗଚ୍ଛିତ ସମ୍ବଳକୁ, ନିଜ ପ୍ରାକୃତିକ ସଂପଦକୁ ସର୍ବାଧିକ ଉପଯୋଗ କରାଯାଇପାରେ । ସହଯୋଗୀ ଶ୍ରମ ବିନିମୟରେ ଯେ କେବଳ କିଛି ଅର୍ଥ ମିଳିବ, କିଛି ପାଉଣା ମିଳିବ ସେଥିପାଇଁ ସହଯୋଗୀ ଶ୍ରମ କରାଯାଏ ତାହା ନୁହେଁ ବରଂ କୌଣସି ଲୋକସହ ସୁସଂପର୍କ ପ୍ରତିଷ୍ଠା କରିବା, ଉତ୍ତମ ବୁଝାମଣା ସ୍ଥାପନ କରିବା, ବନ୍ଧୁଭାବ ଓ ଭାଇଚାରା ପ୍ରକାଶ କରିବା, ଆପଣାର ଭାବ ପ୍ରମାଣ କରିବା ଓ କୌଣସି ଲୋକର ନିକଟତର ହେବାର ଏହା ହିଁ ପ୍ରକୃଷ୍ଟ ମାଧ୍ୟମ । ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ ସହଯୋଗୀ ଶ୍ରମ ସଂସ୍କୃତି ସରକ୍ଷଣର ଏକ ନିଦର୍ଶନ ନମୁନା ।

ବଣ୍ଟାମାନଙ୍କର ଦୃଢ଼ ବିଶ୍ୱାସ ଯେ ସହଯୋଗୀ ଶ୍ରମ ଦ୍ୱାରା ନିଶ୍ଚିତ ଭାବେ ଉତ୍ତମ କାମ ଓ ସର୍ବାଧିକ ଉତ୍ପାଦନ କରାଯାଇପାରେ । କାରଣ ଏଥିରେ ସମସ୍ତଙ୍କ ଶ୍ରମ ଓ ଦାନ ସୁଚାରୁରୂପେ ନିୟୋଜିତ ହୋଇଥାଏ । ସହଯୋଗୀ ଶ୍ରମ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟ ଯଥା ଦୈନନ୍ଦିନ ଜୀବନଚକ୍ରର ସ୍ୱତନ୍ତ୍ର ଘଟଣା ପ୍ରବାହ ବୁଡ଼ିକିଆ, ମୃତିକିଆ, ବିବାହ ଓ ବିଭିନ୍ନ ପୂଜାପାଠ ଆଦି କାର୍ଯ୍ୟରେ ସହଯୋଗ କରିବା, ଘରଛପର କରିବା, ବିପଦ ସମୟରେ କାହାରିକୁ ସାହାଯ୍ୟ କରିବା, ଜଙ୍ଗଲରୁ ଘରଡିଆରି ପାଇଁ କାଠ, ପିରି ଆଦି ଦ୍ରବ୍ୟ ସଂଗ୍ରହ କରି ଆଣିଦେବା ଇତ୍ୟାଦି ସଂପାଦନ କରାଯାଏ । ସହଯୋଗୀ ଶ୍ରମର ଜ୍ୱଳନ୍ତ ଉଦାହରଣ ମିଳେ ଅର୍ଥନୈତିକ ଜୀବନରୁ । ଡ଼ଙ୍ଗର ଚାଷ ଓ ଧାନ ଚାଷର ବିଭିନ୍ନ ସୋପାନରେ ମଧ୍ୟ ସହଯୋଗୀ ଶ୍ରମକୁ ନିୟୋଜନ କରାଯାଇଥାଏ ।

ଶ୍ରେଣୀ ବିଭାଗ କରାଗଲେ ଜଣାଯାଏ ଯେ ସାଧାରଣତଃ ବଣ୍ଟାମାନଙ୍କ ମଧ୍ୟରେ ୪ ପ୍ରକାର ସହଯୋଗୀ ଶ୍ରମ ଯଥା "ନୁଆଁଇ" ସାଣ୍ଟୁଙ୍ଗାୟାଁର, "ଅଲୁସ" ଓ "କୁନ୍ତା"ର ପ୍ରଚଳନ ରହିଅଛି । ମଦ, ମାଂସ କିମ୍ବା ଶସ୍ୟ ଅର୍ପଣ ପୂର୍ବକ ଭବିଷ୍ୟତରେ ଆବଶ୍ୟକ ବେଳେ ଶ୍ରମଦାନ କରିବାକୁ ଅନୁରୋଧ କରାଯାଇଥାଏ । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ସମସ୍ତଙ୍କୁ ଜଣାଇ ଦିଆଯାଏ । ଶ୍ରମଦାନ କରିବା ଦିନ ସାହୁକାର ଭୋଜିପ୍ରଦାନ କରେ । ଏହି ପ୍ରକାର ସହଯୋଗୀ ଶ୍ରମକୁ "ନୁଆଁଇ" କହନ୍ତି । ଯଦି କୌଣସି ଲୋକର କାମ ମୁଖ୍ୟତଃ ଚାଷକାମ ପଛରେ ପଡ଼ିଥାଏ, ତେବେ କାମ ସରିଯାଇଥିବା ଲୋକମାନେ ବିଚାର କରି ପନ୍ଥୁଆ ଲୋକକୁ ସାହାଯ୍ୟ କରନ୍ତି । କାମବେଳେ ଏମାନଙ୍କୁ କେବଳ ଖାଦ୍ୟ ପାନୀୟ ଦିଆଯାଏ । ଏହାକୁ "ସାଣ୍ଟୁଙ୍ଗାୟାଁର" କହନ୍ତି । "ଅଲୁସ" ଅନ୍ୟ ଏକପ୍ରକାର ସହଯୋଗୀ ଶ୍ରମ । ଏଥିରେ କେତେ ଲୋକ ଏକତ୍ର ମିଶି ପାଳି କରି ଜଣଙ୍କ ପରେ ଜଣଙ୍କର କାମ ଶେଷ କରିଥାଆନ୍ତି । ଏଥିରେ କାର୍ଯ୍ୟୀ ଖାଦ୍ୟପାନୀୟର ବନ୍ଦୋବସ୍ତ କରିପାର କିମ୍ବା କର୍ମୀମାନେ ନିଜ ନିଜର ଖାଦ୍ୟ ଖାଇ ସମସ୍ତଙ୍କର କାମ କରିଥାଆନ୍ତି । ସେହିପରି କୌଣସି କାମ ପାଇଁ କୌଣସି ବ୍ୟକ୍ତିକୁ ଦୈନିକ ପାରିଶ୍ରମିକ ହିସାବରେ ଶସ୍ୟ ପ୍ରଦାନ କରି "କୁନ୍ତା" (ମଜୁରୀ) ଡକାଯାଇପାରେ । ଏତଦ୍ ବ୍ୟତୀତ କେତେକ କାମ ମଧ୍ୟ ସହଯୋଗୀ ଶ୍ରମ ଦ୍ୱାରା ମାଗଣାରେ କରାଯାଇଥାଏ । ସହଯୋଗୀ ଶ୍ରମ ପାଇଁ ଗ୍ରାମର ସମସ୍ତପରିବାରରୁ ଜଣେ ଲେଖାଏଁ, ପ୍ରତ୍ୟେକ ପରିବାରରୁ କେତେକ ନିର୍ବାଚିତ ବ୍ୟକ୍ତି, ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ, ପ୍ରତ୍ୟେକ ଘରୁ କେତେକ ନିର୍ବାଚିତ ଯୁବକ କିମ୍ବା ଯୁବଶୟନାଗାରର ସମସ୍ତ ସଦସ୍ୟଙ୍କର ଶ୍ରମ ବିନିଯୋଗ କରି କାର୍ଯ୍ୟୀରେ କାର୍ଯ୍ୟ ସଂପାଦନା କରାଯାଇଥାଏ । ସହଯୋଗୀ ଶ୍ରମ ବିଷୟରେ ବିଷଦଭାବରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଆଦିବାସୀଙ୍କ ଦୃଷ୍ଟିରେ ଶ୍ରମ ସମବାୟ :

ସାଧାରଣତଃ ଏକାଧିକ ପରିବାରର ସଦସ୍ୟମାନେ ମିଳିମିଶି ଏକତ୍ର ହୋଇ ଜଣେ କାର୍ଯ୍ୟୀ ବା ପୋଷକ ପାଇଁ କୌଣସି ପ୍ରକାର ଉତ୍ପାଦର ଉନ୍ନତି ଓ ଅଗ୍ରଗତି ନିମନ୍ତେ କାର୍ଯ୍ୟ କଲେ ତାକୁ ସହଯୋଗୀ ଶ୍ରମ ବୋଲି ବିଚାର କରାଯାଏ । ଏଠାରେ ଉତ୍ପାଦନ କହିଲେ ଚାଷାଦି କାର୍ଯ୍ୟ କରି ଶସ୍ୟ ଉତ୍ପନ୍ନ କରିବା, ଗୃହନିର୍ମାଣ କରିବା, ପଶୁପାଳନ କରିବା ଆଦି ଉତ୍ପାଦନ କାର୍ଯ୍ୟକୁ ବୁଝାଇଥାଏ ।

ସହଯୋଗୀ ଶ୍ରମ ବଣ୍ଡା ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ସହଯୋଗୀ ଶ୍ରମ କହିଲେ ବଣ୍ଡାମାନେ ବୁଝନ୍ତି ଏକାଧିକ ପରିବାରର ସଦସ୍ୟମାନେ କୌଣସି କାର୍ଯ୍ୟରେ କୌଣସି ବ୍ୟକ୍ତିକୁ ଶ୍ରମ ଦାନ କଲେ ତାକୁ ସହଯୋଗୀ ଶ୍ରମ କହନ୍ତି । ଶ୍ରମ ପ୍ରତିବଦଳରେ ପୋଷକ ଅତିଥି କର୍ମୀମାନଙ୍କୁ ଖାଦ୍ୟପାନୀୟ, ସାମାନ୍ୟ ପାରିଶ୍ରମିକ, କିମ୍ବା ଉଭୟ ପାରିଶ୍ରମିକ ଓ ଖାଦ୍ୟପାନୀୟ ଦେଇପାରେ ଏବଂ ଅନ୍ୟ ସମୟରେ କୌଣସି ପ୍ରକାର ଖାଦ୍ୟପଦାର୍ଥ ଓ ପାରିଶ୍ରମିକ ମଧ୍ୟ ଦେବାର ବ୍ୟବସ୍ଥା ନଥାଇପାରେ । ଶ୍ରମୀମାନେ ନିଜ ନିଜର ଖାଦ୍ୟ ଖାଇ କାର୍ଯ୍ୟ ପାଇଁ ବିନାମୂଲ୍ୟରେ କାର୍ଯ୍ୟ କରିଥାଆନ୍ତି । ଏହିପରି କାର୍ଯ୍ୟକୁ ସହଯୋଗୀ ଶ୍ରମ କୁହାଯାଇ ପାରିବ ବୋଲି ବିଶିଷ୍ଟ ନୃତତ୍ତ୍ୱବିତ୍ ଇଭାନ୍ସ ଏ Evans-Pritchard)ତାଙ୍କ ବହି 'ଦି ନ୍ୟୁୟର' (The Nuer) ରେ ଉଲ୍ଲେଖ କରିଛନ୍ତି । ବଣ୍ଡାମାନଙ୍କର କହିବା କଥା ଓ ନୃତାତ୍ତ୍ୱବିତ୍‌ମାନଙ୍କ ମତକୁ ବିଚାରକୁ ନେଇ ଏଠାରେ ଏକ ପରିବାର ଭିନ୍ନ ଏକାଧିକ ବ୍ୟକ୍ତି ମିଳିତ ଭାବରେ ଏକ ବା ଏକାଧିକ ବ୍ୟକ୍ତିର ଉନ୍ନତି ବା ଉପକାର ନିମନ୍ତେ କୌଣସି କାର୍ଯ୍ୟ କଲେ ତାକୁ ସହଯୋଗୀ ଶ୍ରମ ହିସାବରେ ବିବେଚନା କରାଯାଇଛି । ଏଠାରେ ପୋଷକ/ କାର୍ଯ୍ୟୀ ପାଇଁ କାର୍ଯ୍ୟୀ ପରିବାର ଭିନ୍ନ ଏକ ବା ଏକାଧିକ ବ୍ୟକ୍ତିର କୃଷି ପାଇଁ ଶ୍ରମ, ଜଙ୍ଗଲରୁ କାଠ, ପିରି ଇତ୍ୟାଦି ଆଣିବା ପାଇଁଶ୍ରମ, ପଶୁପାଳନ ନିମନ୍ତେ ଶ୍ରମ, ଗୃହ ନିର୍ମାଣ ପାଇଁ ଶ୍ରମ, ଜନ୍ମ, ମୃତ୍ୟୁ ଓ ବିବାହ ଅବସରରେ ପ୍ରଦାନ ଶ୍ରମ, ବିଭିନ୍ନ ପୂଜାପାଠ ପାଇଁ ଶ୍ରମ, ବିପଦ ସମୟରେ ସାହାଯ୍ୟ ଆଦି ଶ୍ରମକୁ ସହଯୋଗୀ ଶ୍ରମର ଅର୍ନ୍ତଭୁକ୍ତ କରାଯାଇଛି ।

ବିଭିନ୍ନ ପ୍ରକାର ଶ୍ରମ ସମବାୟ:

ବଣ୍ଡା ସମାଜରେ ପ୍ରଚଳିତ ବିଭିନ୍ନ ପ୍ରକାର ସହଯୋଗୀ ଶ୍ରମ ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

୧. ନୁଆଁଇ:

ନୁଆଁଇର ମଧ୍ୟ ପ୍ରକାର ଭେଦ ରହିଅଛି ଯଥା ମୁନା ନୁଆଁଇ (ବଡ଼ ବେଠି), ଡାଉ ନୁଆଇଁ (ସାନବେଠି), ଗମରେମ ନୁଆଁଇ (ପୂଜାରୀ ପାଇଁ ବେଠି), କାଇକମ ନୁଆଁଇ (ଧର ପାଇଁ ବେଠି) ଓ କସାଗୁର / ସାପୁଙ୍ଗ ନୁଆଁଇ:

(କ) ମୁନା ନୁଆଁଇ (ବଡ଼ ବେଠି) :

ସାଧାରଣତଃ ଧନୀ ବଣ୍ଡାଲୋକମାନେ ଅଧିକ ପରିମାଣରେ ଚାଷଜମି ଚାଷ କରିଥାଆନ୍ତି । ତେଣୁ ସେମାନଙ୍କର ଅଧିକ ପରିମାଣରେ ଶ୍ରମ ଆବଶ୍ୟକ ହେଉଥିବା ଯୋଗୁ ସେ ବଡ଼ ନୁଆଁଇ ଦେଇଥାଏ । ତେଣୁ ଭବିଷ୍ୟତକୁ ଆଖିରେ ରଖି ଉକ୍ତ ଲୋକ ଜଣଙ୍କ ବିଭିନ୍ନ ପର୍ବପାର୍ବାଣୀ ଯଥା କୁରେଜ ଗିଗେ, ଖୁନୁସର ଗିଗେ, ସାଗ୍‌ମୁଗିଗେ, ଗାଡ଼େଇ ଗିଗେ ଇତ୍ୟାଦି ଅବସରରେ ଗୋରୁ, ଗାଈ, ଛେଳି, ମେଣ୍ଢା କିମ୍ବା ଘୁଷୁରୀ ମାରି ସମସ୍ତ ଗ୍ରାମବାସୀଙ୍କୁ ଭାଗେ ଭାଗେ ମାଂସ ଦଇଥାଏ । ଉକ୍ତ ଗ୍ରାମର କୌଣସି ଜଣେ ବ୍ୟକ୍ତିକୁ ମରାଯାଇଥିବା ପଶୁର ମେଗୁଦଣ୍ଡ ପାଖରୁ ଖଣ୍ଡେ ବଡ଼ମାଂସ ସ୍ୱତନ୍ତ୍ର ଭାବେ ପ୍ରଦାନ କରାଯାଇଥାଏ । ତାକୁ 'ଥୁତରାବା' କୁହାଯାଏ । ଗ୍ରାମର ଘରେ ଘରେ ଥୁତରବା ମାଂସ ବାଣ୍ଟିଦିଏ । ପ୍ରାୟ ସମସ୍ତ ଗ୍ରାମବାସୀ ମାଂସ ଗ୍ରହଣ କରିଥାଆନ୍ତି । କିନ୍ତୁ କୌଣସି କାରଣରୁ ଯଥା ଶ୍ରମଦାନ ପାଇଁ ଲୋକ ଅଭାବ ହୋଇଥିଲେ କିମ୍ବା ନୁଆଁଇ ଦେଉଥିବା ବ୍ୟକ୍ତି ସହ ଉକ୍ତ ପରିବାରର ମନୋମାଳିନ୍ୟ ଥିଲେ ସେ ମାଂସ ଗ୍ରହଣ କରି ନଥାଏ । ତେଣୁ ନୁଆଁଇ ଦିନ ତାକୁ ଶ୍ରମଦାନ କରିବାକୁ ପଡ଼ି ନଥାଏ । କୌଣସି ପରିବାର ମାଂସ ଗ୍ରହଣ ନ କଲେ ମଧ୍ୟ ତାକୁ ବାଧ କରାଯାଇ ନଥାଏ କିମ୍ବା ତାର କୌଣସି କ୍ଷତି କରାଯାଇ ନଥାଏ । ସାଧାରଣତଃ ଏହି ନୁଆଁଇ ଡଙ୍ଗର ଚାଷ ପାଇଁ ସାନ ଗଛ କାଟିବା (ଆଉବୁର), ବଡ଼ଗଛ କାଟିବା (ଗଇପୁର),ଶସ୍ୟ ବୁଣି କୋଦାଳ ମାରିବା (ଲୁକ୍‌ବୁର), ଶସ୍ୟ କିଆରି ମଧ୍ୟରେ ଠିଆ ହୋଇଥିବା ଖୁଣ୍ଟିରୁ ଡ଼ାଳ କାଟିବା (ଗଫା) ଘାଷ ବାନ୍ଧିବା (ଡୁକ୍‌ଡୁକ୍), ଧାନ ଜମିରୁ ଘାସ ବାନ୍ଧିବା (ଥିଅ), ସୁଆଁ କାଟିବା (ଅରଜିକ), ମାଣ୍ଡିଆ କାଟିବା (ସିସାମ), ଅଳସୀ କାଟିବା (ଅଳସୀ ଗୁଗ), ଘର କିମ୍ବା ବାଡ଼ ପାଇଁ ବାଉଁଶ ଆଣିବା (ଆ ଆ ଡୁଙ୍ଗ),ଘର ତିଆରି ପାଇଁ ରୁଅ ଆଣିବା (ଯୁଁନୟଡୁଙ୍ଗ), କାନ୍ଥରେ ଲାଗୁଥିବା ଡେଲି ଆଣିବା (ଥୁନୁଡୁଙ୍ଗ), ଆଟୁ ପାଇଁ ପଟା ବା କାଠ ଆଣିବା (ନୁଙ୍ଗଡୁଙ୍ଗ), ଘରଛପର ପାଇଁ ପିରି ଆଣିବା (ଲଉଗଡୁଙ୍ଗ) ଇତ୍ୟାଦି ପାଇଁ ବଡ଼ ନୁଆଁଇ ଦିଆଯାଇଥାଏ ।

କାମ କରିବାର ବେଳ ଆସେ, ସାହୁକାର ପେଣ୍ଡମ ପ୍ରସ୍ତୁତ କରେ । ମାଂସ ପାଇଁ ପଶୁ ଓ ଭାତ ପାଇଁ ଚାଉଳ ଯୋଗାଡ଼ କରେ । ନିର୍ଦ୍ଦିଷ୍ଟ ଦିନ ପୂର୍ବରାତ୍ରରେ ପ୍ରାୟ ୩ଟା ବେଳେ ଥୁତରାବା ଗାଁର ସଦର (ସିନ୍ଦିବୋର) ଠାରେ ଠିଆ ହୋଇ ବଡ଼ପାଟିରେ ଗାଁ ଲୋକଙ୍କ ଉଦ୍ଦେଶ୍ୟରେ ଡ଼ାକ ଦିଏ ।

"ନୁଆଁଇ ନୁଆଁଇ, ଓ ଗୁଲାଇନେ (ସାହୁକାରର ନାମ ଏଠାରେ ଯୋଡ଼ା ଯାଇପାରେ) ନୁଆଁଇ । ବଡ଼ିବିଲେ ଥୁରା । ଡ଼ାକ ସୁଅଁ ବୁରଙ୍ଗ । ତୁଙ୍ଗାନାଏ ଲାଏ ।" ଭାବାର୍ଥ- "ବେଠି ବେଠି ହେ ସବୁ ଗ୍ରାମବାସୀଗଣ କାଲି ନୁଆଁଇ ଯିବା । ବଡ଼ିସକାଳୁ ବାହାରି ପଡ଼ ।" ପାଣି ପବନ ଆସିବ (ସଂଧ୍ୟାରେ ଫେରିଲାବେଳକୁ ଉଦ୍ଦେଶ୍ୟ କରି କୁହାଯାଏ) । ଶୀଘ୍ର ଶୀଘ୍ର ବାହାରି ପଡ଼ ସମସ୍ତ ଲୋକମାନେ ଉଠି ଚଟାପଟ ରୋଷେଇ ସାରି ଖାଇପିଇ ବଡ଼ିଭୋରରୁ ସମସ୍ତଙ୍କ ଘରୁ (ଯେଉଁମାନେ ମାଂସ ଗ୍ରହଣ କରିଥିଲେ) ଜଣେ ଜଣେ ବାହାରି ପଡ଼ନ୍ତି । ଅପର ପକ୍ଷରେ ଥୁତରାବା ପୋଷକ ସାହୁକାର ଘରେ ଖାଦ୍ୟ ଖାଇ ଆକଣ୍ଠ ମଦ୍ୟପାନ କରି ଗ୍ରାମବାସୀଙ୍କ ସହିତ କର୍ମକ୍ଷେତ୍ରକୁ ଆଗେଇ ଯାଏ । ସାହୁକାର ମାଂସ ପାଇଁ ପଶୁ କିମ୍ବା କଟାମାଂସ, ଚାଉଳ ଓ ପେଣ୍ଡମ୍ ଧରି ମଧ୍ୟ କର୍ମସ୍ଥାନକୁ ଯାଇଥାଏ । ଥୁତରାବା ନିଜେ କାମ କରେ ନାହିଁ । କାମ କରୁଥିବା ଲୋକଙ୍କ ଚାରିପଟେ ବୁଲି ବୁଲି କାମକୁ ତ୍ୱରାନ୍ୱିତ କରାଏ । ଗୀତ ଗାଇ ଗାଇ ଶୀଘ୍ର ଶୀଘ୍ର କାମ ସରିଲେ ଶୀଘ୍ର ଘରକୁ ଫେରିଯିବା ଇତ୍ୟାଦି କହି କାମକୁ ଆଗେଇ ନିଏ । କାମ କରୁଥିବା ପୁଅ, ଝିଅ, ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଗୀତର ଲହରି ଚଉଦିଗକୁ ଖେଳିଯାଏ । ସେମାନେ ଗାଉଥିବା କେତୋଟି ଗୀତ ନିମ୍ନରେ ଦିଆଯାଇଛି:-

"ଆତା ଥିରି ଥିରିୟା ଆତା ତାରି ତାରିୟା ଉସୁ ଗିସିଙ୍ଗ

ଖୁତା ନାଞ୍ଚେ ଅୟ ଉସୁ ଗୁହୁ ଖୁତା ନାଞ୍ଚେ ଅୟ"

ଭାବାର୍ଥ:- ମାଆ ମାଉସୀମାନେ (ସମସ୍ତଙ୍କୁ ଲକ୍ଷ୍ୟକରି କୁହାଯାଇଥାଏ) ସମସ୍ତେ ଦେଖି ଦେଖି ଶୀଘ୍ର ଶୀଘ୍ର କାମ କରିଦେବା । କୁକୁଡ଼ା, ଘୁଷୁରୀ ପୋଡ଼ା ହୋଇଛି କାମ ସାରି ଖାଇ ଫେରିଯିବା ।

୨. *ସିରା ସିରା ସିରାମା କଣ୍ଡି ଡ଼ାଇଡ଼ାଙ୍ଗର ମାଲାଇମା କଣ୍ଡି*

ଭାବାର୍ଥ-ଶୀଘ୍ର ଶୀଘ୍ର ରୋଷେଇ କର, ବେଳ ହୋଇଗଲାଣି ଧାଇଁ ଧାଇଁ କାମ କରିଦେବା ।

୩. *ସିଙ୍ଗିଡ଼ିମାଶ ଆନ ଆୟା ସିଙ୍ଗିଡ଼ିମାଶ*

ଭାତି ରାନ୍ଧି ଦେବି ଆୟା ଶାଗ ରାନ୍ଧିଦେବି ।

ଭାବାର୍ଥ- ମାଆ ଚିଙ୍ଗୁଡ଼ି ମାଛ ଆଣ ମୁଁ ଭାତ ରାନ୍ଧିଦେବି, ଶାଗ ରାନ୍ଧି ଦେବି

ଏହିପରି କେତେକ ଗୀତକୁ ବାରମ୍ବାର ଦୋହରାଇ ଗୀତ ଗାଇ ଗାଇ କାମ କରିଯାଆନ୍ତି । ଇତିମଧ୍ୟରେ ସାହୁକାର ମାଂସ ଓ ଭାତ ରୋଷେଇ ଶେଷ କରିଦେଇଥାଏ । ସମୟ ପ୍ରାୟ ସକାଳ ୧୦-୧୧ଟା ହୋଇଯାଇଥାଏ । ଥୁତରାବା ଡାକିବା କ୍ଷଣି ସମସ୍ତେ ଆସି ପେଟ ଭରି ମାଂସ ଭାତ ଖାଆନ୍ତି । ଖାଇସାରି ପୁଣି କାମରେ ଲାଗିପଡ଼ନ୍ତି । ମନ ଆନନ୍ଦରେ ପୁଣି ଗୀତର ସୁଅ ଛୁଟେ । ଥୁତରାବା କାମକୁ ତରତରେଇ ଦିଅନ୍ତି । ବେଳ ଗଡ଼ିଯାଏ । ସମୟ ପ୍ରାୟ ୪ଟା ହେବ । ସମସ୍ତେ କାମ ବନ୍ଦ କରିଦିଅନ୍ତି । ଆଗରୁ ପୋଷକ ପ୍ରସ୍ତୁତ କରି ଆଣିଥିବା ପେଣ୍ଡମକୁ ଆଜଣୁ ପାନ କରି ସନ୍ଧ୍ୟାରେ ଢଳି ଢଳି ଘରକୁ ଫେରନ୍ତି ସମସ୍ତେ ।

(ଖ) ଡାଉ ନୁଆଁଇ (ସାନବେଠି)

ଯଦି କୌଣସି ବ୍ୟକ୍ତିର ଗୋରୁଗାଈ, ଛେଳି, ମେଣ୍ଢା କିମ୍ବା ଘୁଷୁରୀ ମରିଯାଏ, ହିଂସ୍ର ଜନ୍ତୁମାନେ ମାରିଦିଅନ୍ତି କିମ୍ବା କୌଣସି ବ୍ୟକ୍ତି ନିଜ ଇଚ୍ଛାରେ କୌଣସି ପଶୁକୁ ମାରି ଗ୍ରାମର କେତେକ ନିର୍ବାଚିତ ପରିବାରକୁ ମାଂସ ଦେଇପାରେ । କର୍ମୀମାନଙ୍କୁ କାର୍ଯ୍ୟ ବେଳେ ଡ଼ାକି କର୍ମରେ ନିଯୋଜିତ କରାଯାଇଥାଏ । ଏଥିରୁ ଥୁତରାବା ନ ଥାଏ । କାମବେଳେ କର୍ମୀଙ୍କୁ ଭୋଜି ଓ ପେଣ୍ଡମ ଦିଆଯାଇଥାଏ ।

(ଗ) ଗରରେମ ନୁଆଁଇ (ପୂଜାରୀ ପାଇଁ ବେଠି)

ଗେବୁରିଙ୍ଗ (ଚୈତପରବ) ଅବସରରେ ଗ୍ରାମର କୌଣସି ବ୍ୟକ୍ତି ନୁଆଁଇ ସ୍ୱରୂପ ୧-୨ ଡାଙ୍କେ ଧାନ ଗାଁ ଲୋକଙ୍କୁ ଦେଇଥାନ୍ତି । ଉକ୍ତ ଧାନକୁ ପୂଜାରୀ (ଶିଶା)କୁ ଦିଆଯାଏ । ପୂଜାରୀ ସେହି ଚାଉଳରେ ପୂଜାପାଠ କରି ସରୁଭାତ ପ୍ରସ୍ତୁତ କରିଖାଏ ଓ ଅନ୍ୟ ଅଳ୍ପ କେତେକ ଛୋଟ ପିଲାମାନେ ଖାଆନ୍ତି । ଏହି ସମୟରେ ଶସ୍ୟ ଅମଳ କରି ନ ଥିବାରୁ ଘରେ ଘରେ ଅଭାବ ଦେଖାଦେଇଥାଏ । ଯେହେତୁ ସମସ୍ତେ ଚାନ୍ଦା ଦେବା କଥା ତେଣୁ ସାହୁକାର ଠାରୁ ସମସ୍ତଙ୍କ ପାଇଁ ଏକାଥରେ ଶସ୍ୟ ନେଇ ଆସନ୍ତି । ଏଥିରେ ମଧ୍ୟ ଥୁତରାବା ନଥାନ୍ତି । କୌଣସି ଦିନ ସାହୁକାର ନୁଆଁଇ ପାଇଁ ଡ଼ାକିଲେ ଗ୍ରାମବାସୀମାନେ ସମସ୍ତେ (ପ୍ରତ୍ୟେକ ଘରୁ ଜଣେ ଜଣେ) ତା'ର କାମ କରିବାକୁ ଯାଇଥାନ୍ତି । କାମଦିନ ସାହୁକାର ମାଂସ ଭାତ ଓ ପାନୀୟର ଆୟୋଜନ କରିଥାଏ ।

(ଘ) କାଲକମ (ଧାର ପାଇଁ ବେଠି):

ଏହା ଏକ ପ୍ରକାର ଛୋଟ ନୁଆଁଇ ସଦୃଶ । ଅଭାବ ସମୟରେ କୌଣସି ବ୍ୟକ୍ତି ସାହୁକାରଠାରୁ ୧ ମାଣ ଧାନ, ମାଣ୍ଡିଆ କିମ୍ବା ସୁଆଁ ଇତ୍ୟାଦି ଆଣିଥାଏ । ମୁଖ୍ୟତଃ ବର୍ଷାଦିନରେ ଖାଦ୍ୟାଭାବ ଦେଖାଦିଏ । ସେହି ସମୟରେ କୁରେକ ଗିଗେ ପଡ଼େ। ଏହି ପର୍ବରେ ହିଁ ପିଠାପଣା କରିବାର ପ୍ରଥା ଅଛି । ତେଣୁ ସମସ୍ତେ ପିଠା କରନ୍ତି । ଯେଉଁ ଲୋକର କାଜୁ ନଥାଏ ସେ କାଲାକମ ସ୍ୱରୂପ ସାହୁକାରଙ୍କ ଠାରୁ ୧ ମାଣ କାଜୁ ଆଣନ୍ତି । ସେହିପରି ଅନ୍ୟ ପର୍ବପର୍ବାଣୀ ବା ଅଭାବ ସମୟରେ କେହି ଲୋକ କୌଣସି ଧନୀବ୍ୟକ୍ତି (ସାକାରେମ) ଠାରୁ ଧାର (କାଲକମ) ଆଣିଥାନ୍ତି । ସକାରେମର ଆବଶ୍ୟକ ବେଳେ ଶସ୍ୟ ଆଣିଥିବା ସମସ୍ତ ଲୋକ ତାଙ୍କୁ ସାହାଯ୍ୟ କରନ୍ତି । ଏଥିରେ ମଧ୍ୟ ଥୁତରାବା ନଥାଏ । ପୋଷକ ନିର୍ଦ୍ଦିଷ୍ଟ ଦିନ ଆଗରୁ ସମସ୍ତଙ୍କୁ ଜଣାଇ ଦିଏ । କାମ ଦିନ ସମସ୍ତଙ୍କୁ ଭୋଜି ଓ ପାନୀୟରେ ସନ୍ତୁଷ୍ଟ କରାଯାଏ । ଏହି ଭୋଜିରେ ମାଂସ ଦିଆଯାଏ ନାହିଁ ।

(ଙ) ସାଗୁର / ସାପୁଙ୍ଗ ନୁଆଁଇ:

ଯଦି କୌଣସି ବ୍ୟକ୍ତି ନୁଆଁଇ ଦେବା ପାଇଁ ଇଚ୍ଛା ପ୍ରକାଶ କରୁଥାଏ କିନ୍ତୁ ମାଂସ କିମ୍ବା ଶସ୍ୟ ଦେଇପାରେ ନାହିଁ, ସେ ମଦ କେବଳ ସଳପ (ସାପୁଙ୍ଗ) କିମ୍ବା ମଦ (ସାଗୁର) ଦେଇ ପ୍ରସ୍ତାବ କରି ରଖିବାର ବ୍ୟବସ୍ଥା ବର୍ତ୍ତମାନଙ୍କ ମଧ୍ୟରେ ପ୍ରଚଳିତ ଅଛି । କାର୍ଯ୍ୟୀ କୌଣସି ଦଳେ ଲୋକଙ୍କୁ, ଯୁବକଙ୍କୁ କିମ୍ବା ଯୁବତୀଙ୍କୁ ଘରେ, ହାଟ, ବାଟ, ବଜାର, ମେଳା ମହୋସବ ଇତ୍ୟାଦି ସ୍ଥାନରେ ସାପୁଙ୍ଗ କିମ୍ବା ସାଗୁର ପିଇବାକୁ ଦେଇ ଭବିଷ୍ୟତରେ ଆବଶ୍ୟକ ବେଳେ ତାକୁ ସାହାଯ୍ୟ କରିବେ ବୋଲି କହିରଖେ । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ପୋଷକ/କାର୍ଯ୍ୟୀ ଘରଘର ବୁଲି (ଯେଉଁମାନେ ପାନୀୟ ପିଇଥିଲେ) ସମସ୍ତଙ୍କୁ କାମକୁ ଯିବା ପାଇଁ କହିଦିଏ। ଇତି ମଧ୍ୟରେ ସେ ପେଷମ ରାନ୍ଧି ପ୍ରସ୍ତୁତ କରିଥାଏ । ମାଂସ ଓ ଚାଉଳର ସଂଗ୍ରହ କରିଥାଏ । କାମଦିନ ସମସ୍ତଙ୍କୁ ମାଂସ, ଭାତ ଓ ପେଷମ ପିଆଇ ସନ୍ତୁଷ୍ଟ କରିଥାଏ ।

ଡଙ୍ଗର ଜମିରେ ଠିଆ ହୋଇଥିବା ଖୁଣ୍ଟିରୁ ଡାଳ କାଟିବା (ଗପା) ଓ ଡ଼ଙ୍ଗର ଜମିରୁ ଘାସ ବାଛିବା (ତୁକ୍ ତୁକ୍) ପାଇଁ ଯଦି ନୁଆଁଇ ଡାକଯାଏ ତେବେ କର୍ମୀମାନଙ୍କୁ କୌଣସି ଖାଦ୍ୟପେୟ ପ୍ରଦାନ କରାଯାଏ ନାହିଁ । କର୍ମୀମାନେ ନିଜଘରୁ ଖାଇସାରି ଆସନ୍ତି ଓ କାମରୁ ଫେରିଲା ପରେ ନିଜ ନିଜର ଘରେ ଖାଦ୍ୟ ଖାଇଥାନ୍ତି ।

୨. ସାଣ୍ଡୁଙ୍ଗଯାଁର:

କେଉଁ କାମ କେଉଁ ସମୟରେ ସରିବା ଉଚିତ ଏହା ପାଇଁ ବଣ୍ଡା ସମାଜରେ ସମୟ ନିର୍ଦ୍ଧାରଣ ରହିଅଛି । ଯଦି କୌଣସି ଲୋକର କାମ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନସରି ବହୁତ ପଛରେ ପଡ଼ିଯାଏ ଓ ଅନ୍ୟମାନଙ୍କର କାମ ଶେଷ ହୋଇଯାଇଥାଏ ତେବେ କାମ ସାରିଦେଇଥିବା ଲୋକମାନେଏକତ୍ର ହୋଇ କାମ ନ ସରିଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସ୍ଥିର କରନ୍ତି । ତେଣୁ ସେମାନେ କାମ ନ ସାରିଥିବା ବ୍ୟକ୍ତିକୁ (କାର୍ଯ୍ୟୀ) ତା କାମରେ ଏକ ନିର୍ଦ୍ଦିଷ୍ଟ ଦିନ ସାହାଯ୍ୟ କରିବେ ବୋଲି ଖବର ଦେଇଦିଅନ୍ତି । କାର୍ଯ୍ୟୀ ଆଶ୍ୱାସନା ଲାଭ କର । କାମ କରିବାକୁ ଆସିବାକୁ ଥିବା କର୍ମୀମାନଙ୍କ ପାଇଁ ଖାଦ୍ୟ ପାନୀୟର ବନ୍ଦୋବସ୍ତ କରିବାରେ ଲାଗିପଡ଼େ କାର୍ଯ୍ୟୀ । ନିର୍ଦ୍ଦିଷ୍ଟ ଦିନ ସକାଳୁ ସକାଳୁ କର୍ମୀମାନେ ଆସି କାର୍ଯ୍ୟୀର କାମରେ ଲାଗିପଡ଼ନ୍ତି । କାର୍ଯ୍ୟୀ ସମସ୍ତଙ୍କ ପାଇଁ ଭାତ, ମାଂସ ଓ ପାନୀୟର ବନ୍ଦୋବସ୍ତ କରେ । ଗପା ଓ ତୁକ୍ ତୁକ୍ ବ୍ୟତୀତ ଅନ୍ୟ ସବୁ ସମୟରେ କାର୍ଯ୍ୟୀଦ୍ୱାରା ଖାଦ୍ୟ ଯୋଗାର ଦିଆଯାଇଥାଏ । କିନ୍ତୁ ଗପା ଓ ତୁକ୍ ତୁକ୍ ବେଳେ କର୍ମୀମାନେ ନିଜଘରୁ ଖାଇକରି ଆସିଥାନ୍ତି ଓ କାମରୁ ଫେରି ନିଜ ନିଜ ଘରେ ଖାଦ୍ୟ ଖାଇଥାନ୍ତି । ପ୍ରାୟତଃ ସମସ୍ତ ପ୍ରକାର ଚାଷକାମ ପାଇଁ ସାଣ୍ଡୁଙ୍ଗଯାଁର ଦ୍ୱାରା ସାହାଯ୍ୟ କରାଯାଇଥାଏ । କିନ୍ତୁ ଜଙ୍ଗଲରୁ କାଠ, ବାଉଁଶ ଇତ୍ୟାଦି ଆଣିଦେବା ପାଇଁ ସାଣ୍ଡୁଙ୍ଗଯାଁର ସାହାଯ୍ୟ ଦିଆଯାଏ ନାହିଁ ।

୩. ଅଲୁସ:

ନୁଆଁଇ ଓ ସାଣ୍ଡୁଙ୍ଗଯାଁର ପରି ମଧ୍ୟ ଆଲୁସ ଦ୍ୱାରା କେତେକ କାର୍ଯ୍ୟ ସଂପାଦନ କରାଯାଇପାରେ । ଆଲୁସ ଦ୍ୱାରା ଜମି ସଫା କରିବା (ଆଇବୁର, ଗଇବୁର), ଶସ୍ୟ ବୁଣି କୋଦାଳ ମାରିବା (ଲୁକ୍‌ବୁର), ଚାଷ ଜମିରୁ ଛୋଟ ଡ଼ାଳ କାଟିବା (ଗପା), ଘାସ ବାଛିବା (ତୁକ୍‌ତୁକ୍), ସୁଆଁ କାଟିବା (ଆଇରିକ), ଜଙ୍ଗଲରୁ କାଠ ଓ ବାଉଁଶ ଆଣିବା, ଘରଛପର କରିବା (ଆସୁଙ୍ଗ), ଘରଡିଆରି କରିବା ଇତ୍ୟାଦି କାମ କରାଯାଇଥାଏ । ଏହି ପ୍ରକ୍ରିୟାରେ କେତେକ ପରିବାରର ସଦସ୍ୟ କିମ୍ବା କେତେକ ବ୍ୟକ୍ତି ଏକତ୍ର ମିଶି ପାଳି ଅନୁସାରେ ଜଣଙ୍କ ପରେ ଜଣଙ୍କର କାର୍ଯ୍ୟ ସଂପୂର୍ଣ୍ଣ କରିଥାଆନ୍ତି । ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ କାର୍ଯ୍ୟୀକୁ ଖବର କରାଯାଏ । ସେ ଖାଦ୍ୟପାନୀୟର ବନ୍ଦୋବସ୍ତ କରେ । କାର୍ଯ୍ୟ ଦିନ ଖାଦ୍ୟ ପାନୀୟର ବନ୍ଦୋବସ୍ତ କରାଯାଇଥାଏ । କିନ୍ତୁ ଯଦି ଅଲୁସ ଦ୍ୱାରା ଗପା ଓ ତୁକ୍ ତୁକ୍ କରାଯାଏ ତେବେ କର୍ମୀମାନେ ନିଜଘରୁ ଖାଇକରି

ଆସିଥାନ୍ତି ।

୪. କୁନ୍ତା:

କୁନ୍ତା କହିଲେ ବଣ୍ଟା ସମାଜରେ ମଜୁରୀକୁ ବୁଝାଏ । ପାରିଶ୍ରମିକ ପାଇଁ ଶସ୍ୟ ଦିଆଯାଏ । କୁନ୍ତା ଦ୍ୱାରା ସମସ୍ତ କାର୍ଯ୍ୟ କରାଯାଇପାରେ । କୌଣସି ବ୍ୟକ୍ତିକୁ କୌଣସି କାର୍ଯ୍ୟ ପାଇଁ କୁନ୍ତା ଡ଼କାଯାଇପାରେ । ପ୍ରଥାନୁଯାୟୀ କୁନ୍ତା ଆସିଥିବା ଲୋକଙ୍କୁ ୧ ମାଣ ଶସ୍ୟ ଓ ଖାଦ୍ୟପାନୀୟ ଦିଆଯାଏ । କିନ୍ତୁ ସୁଆଁକାଟିବା (ଅଉରିକ), ଚାଷ ଜମିରୁ ଛୋଟ ଡ଼ାଳ କାଟିବା (ଗଫା), ଘାସବାନ୍ଧିବା (ତୁକ୍ ତୁକ), ଅଳସୀ କାଟିବା (ଅଳସୀଗୁଗ), ଧାନ କାଟିବା (ଅଇକେର), ଧାନରୁ ଘାସ ବାନ୍ଧିବା (ଥିଅ) ଆଦି କାର୍ଯ୍ୟ କଲାବେଳେ ଖାଦ୍ୟପେୟର ବ୍ୟବସ୍ଥା କରାଯାଇ ନଥାଏ । ପାରିଶ୍ରମିକ ହସିବାରେ କେବଳ ୧ ମାଣ ସୁଆଁ କିମ୍ବା ୧ ମାଣ ମାଣ୍ଡିଆ ପ୍ରଦାନ କରାଯାଇଥାଏ ।

ଶ୍ରମ ସମବାୟ ଦ୍ୱାରା ସମ୍ପଦିତ କାର୍ଯ୍ୟ:-

ସହଯୋଗୀ ଶ୍ରମ ଦ୍ୱାରା ବିଭିନ୍ନ ପ୍ରକାର କାର୍ଯ୍ୟ ସଂପାଦନ କରାଯାଇପାରେ । ଏହାଦ୍ୱାରା ବିଭିନ୍ନ ପ୍ରକାର ଢ଼ଙ୍ଗରେ କାମ ଯଥା ଜମି ସଫା କରିବା ପାଇଁ ଛୋଟ ଗଛ କାଟିବା (ଆଇବୁର), ବଡ଼ଗଛ କାଟିବା (ଗଇବୁର), ଶସ୍ୟବୁଣି କୋଦାଳ ମାରିବା (ଲୁକ୍‌ବୁର), ଶସ୍ୟ ଜିଆରିରେ ଥିବା ଖୁଣ୍ଟିରୁ ଛୋଟ ଛୋଟ ଡ଼ାଳଗୁଡ଼ିକୁ କାଟିବା (ଗଫା), ଘାସ ବାନ୍ଧିବା (ତୁକ୍‌ତୁକ) ସୁଆଁ କାଟିବା (ଆଇରିକ), ମାଣ୍ଡିଆ କାଟିବା (ସିସାମ) ଓ ଅଳସୀ କାଟିବା (ଅଳସୀ ଗୁଗ) ଆଦି କରାଯାଇଥାଏ । ବିଭିନ୍ନ ପ୍ରକାର ଧାନ ଜମି କାମ ଯଥା ଧାନ ରୋପିବା (ଉଙ୍କେର), ଧାନରୁ ଘାସ ବାନ୍ଧିବା (ଥିଅ), ଓ ଧାନ କାଟିବା (ଅଇକେର) ପାଇଁ ସହଯୋଗୀ ଗ୍ରାମର ଉପଯୋଗ କରାଯାଏ । ଘର ଓ ବାଡ଼ ତିଆରି ପାଇଁ ଜଙ୍ଗଲରୁ ବାଉଁଶ ଆଣିବା (ଆଆଡୁଙ୍ଗ୍), ଘର ତିଆରି ପାଇଁ ରୁଅ ଆଣିବା (ଯୁନୟଡୁଙ୍ଗ୍), କାନ୍ଥରେ ଲାଗୁଥିବା ଢ଼େଲି ଆଣିବା (ଥୁନ୍‌ଡୁଙ୍ଗ୍), ଆଟୁ ପାଇଁ କାଠ ଆଣିବା (ନୁଙ୍ଗଡୁଙ୍ଗ୍), ଛପର ପାଇଁ ପିରି ଆଣିବା (ଲଙ୍ଗଡୁଙ୍ଗ୍), ଘର ଛପର କରିବା (ଆସୁଙ୍ଗ), କାନ୍ଥ ଦେବା (ବସିଙ୍ଗ) ଇତ୍ୟାଦି କାମ ସହଯୋଗୀ ଶ୍ରମ ଦ୍ୱାରା ଖୁବ୍ ଶୀଘ୍ର ଶେଷ କରାଯାଏ । ଡାଗୋଇବିରୁ (ଡାଗୋଇକୁ ଛଡ଼ାଇବା ପାଇଁ ପୂଜାପାଠ), ୟାଇବୟ (ଜନ୍ୟାଡ଼ାକି ଆଣିବା), ଗୁଫାସିଙ୍ଗ (ବିବାହ ଭୋଜି),

ଗାଇସେ (ମୃତିକିଆ ଭୋଜି) ଇତ୍ୟାଦି ଅବସରରେ ସମସ୍ତ ଗ୍ରାମବାସୀମାନେ କାର୍ଯ୍ୟୀକୁ ସହଯୋଗ କରନ୍ତି । ଏହି ଅବସରରେ ସମସ୍ତ ପରିବାରର ସ୍ତ୍ରୀ ଲୋକମାନେ କିଛି କିଛି ଶସ୍ୟ କୁଟି ଚାଉଳ ବାହାର କରିଦିଅନ୍ତି । କନ୍ୟାମାନେ ଜଙ୍ଗଲରୁ କାଠ, ପତ୍ର ଆଣିବା ଓ ଚଉପଦୀ ତିଆରି କରିବା, ପାଣି ଯୋଗାଇବା ଇତ୍ୟାଦି କାର୍ଯ୍ୟମାନ କରିଥାଆନ୍ତି । ନୂଆ ବୋହୂକୁ ବାପାଘରୁ ଡ଼ାକିଆଣିବା, ତା ସହିତ ଡ଼ଙ୍ଗରକୁ ଯାଇ କାଠ, ପତ୍ର ଆଣିବା, ମାଛ ଧରିବା ଓ ନୂଆବୋହୂକୁ ଜଗିବା ଆଦି କାର୍ଯ୍ୟମାନେ ଝିମାନେ କରିଥାଆନ୍ତି ।

ସହଯୋଗୀ ଶ୍ରମ ମାଧ୍ୟମରେ ପୁରୁଷମାନେ କାର୍ଯ୍ୟୀ ପାଇଁ ଝିଅ ମାଗିବାକୁ ଯିବା (ଲୁଲୁ ଉଇଢ଼େନ୍‌ତନାଇ) ପ୍ରସ୍ତାବିତ କନ୍ୟା ଶୋଇବା ପାଇଁ ବାଉଁଶ ପଟି ନେଇ ଦେବା (ସେଙ୍ଗଲା), ରାଜି ନ ହେଉଥିବା କନ୍ୟାକୁ ଜୋର ଜବରଦସ୍ତ ଉଠାଇ ଆଣିବା (ଗୁବୟଗୁଡ଼ରୁଙ୍ଗା), କନ୍ୟା ହରଣ ପାଇଁ ଜୋରିମନା (ସଗରତା) ଆଦାୟ କରିବା, ମୃତ ବ୍ୟକ୍ତିର ଶବଦାହ କରିବା (ବାଇସୁଅଁ), ମୃତିକିଆ ଭୋଜି (ଗାଇସେ)ରେ ସାହାଯ୍ୟ କରିବା, ଅସ୍ତ୍ରାଘାତ ବ୍ୟକ୍ତିକୁ ଡ଼ାକ୍ତରଖାନା ଓ ଥାନକୁ ନେବା, ଗୃହପାଳିତ ପଶୁ ଚରାଇବା (ଗୁଗଏ), ମାରି ଦିଆଯାଇଥିବା ଲୋକର କ୍ଷତି ପୂରଣ ପାଇଁ ଦୋଷୀଠାରୁ ଜମି, ଗାଈଗୋରୁ ଓ ଟଙ୍କା (ମୁଣ୍ଡଲିଉଁ), ଆଦାୟ କରିବା ଇତ୍ୟାଦି କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିଥାଆନ୍ତି ।

ଜଣକ କାମରେ ପ୍ରତି ପରିବାରରୁ ଜଣେ କରି ଶ୍ରମଦାନ:

ବେଳେବେଳେ କାର୍ଯ୍ୟୀର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶ୍ରମଦାନ କରିଥାନ୍ତି । କାର୍ଯ୍ୟୀ ଯେତେବେଳେ କୌଣସି ଗୃହପାଳିତ ପଶୁ ମାରି ମାଂସକୁ ଭାଗ ଭାଗ କରି (ମୁନା ନୁଆଁଇ) ଗ୍ରାମବାସୀଙ୍କୁ ଦେଇଥାଏ ସେତେବେଳେ ଗ୍ରାମର ପ୍ରତ୍ୟେକ ଘରୁ ଜଣେ ଜଣେ (ମାଂସ ନ ଖାଇଥିବା ଲୋକ କାମ କରେ ନାହିଁ) ଲେଖାଏଁ ଶ୍ରମଦାନ କରି କାର୍ଯ୍ୟୀର କାର୍ଯ୍ୟ ଶେଷ କରିଥାଆନ୍ତି । ସେହିପରି ଯଦି କାର୍ଯ୍ୟୀ ଗେବୁରଙ୍ଗିଂ (ଚୈତ ପରବ) ଅବସରରେ ଶିଶା (ପୂଜାରୀ) ପାଇଁ ୧-୨ ଡାଙ୍କେ ଧାନ (ଗମରେମ ନୁଆଁଇ) ପ୍ରଦାନ କରିଥାଏ ତେବେ ପରେ ଗ୍ରାମର ପ୍ରତ୍ୟେକ ଘରୁ ଜଣେ ଜଣେ ଧାନ ଦେଇଥିବା ସାହୁକାର ପାଇଁ କାର୍ଯ୍ୟ କରନ୍ତି । ଉପରୋକ୍ତ ମୁନାନୁଆଁଇ ଓ ଗମରେମ ନୁଆଁଇ ଅବସରରେ

ଶ୍ରମୀମାନେ ପୋଷକ / କାର୍ଯ୍ୟୀ ପାଇଁ ବିଭିନ୍ନ କାର୍ଯ୍ୟ ଯଥା: ଚାଷକାମ, ଘର ନିର୍ମାଣ କାମ, ଘରଡିଆରି ପାଇଁ ଆବଶ୍ୟକ କାଠ, ବାଉଁଶ ଓ ପିରି ଆଣିବା କାର୍ଯ୍ୟମାନ କରିଥାଆନ୍ତି (ମୁନାନୁଆଁଇ ଓ ଗମରେମ ନୁଆଁଇ ବିଷୟରେ ସଂପୂର୍ଣ୍ଣ ଭାବେ ପୂର୍ବରୁ ବର୍ଣ୍ଣନା କରାଯାଇଛି) । ଡାଗୋଇ ଛାଡ଼ିବା ପାଇଁ ପୂଜାପାଠ (ଡ଼ାଗୋଇ ବିରୁ) ଅବସରରେ ଭୋଜି, କନ୍ୟା ଆଣିବା ପାଇଁ ଭୋଜି (ଯାଇବୟ), ବିବାହ ଭୋଜି (ଓଇଉଡ଼ / ଗୁଫାସିଂ) ଓ ଗାଇସେ (ମୁଡିକିଆ ଭୋଜି) ଅବସରରେ କାର୍ଯ୍ୟୀ ଗ୍ରାମବାସୀଙ୍କୁ କିଛି ଶସ୍ୟ କୁଟିବାକୁ ଦେଇଥାଏ । ଗ୍ରାମବାସୀମାନେ ତାକୁ କୁଟି ଠିକ୍ ସମୟ ପୂର୍ବରୁ ଫେରାଇ ଥାଆନ୍ତି । ଭୋଜି ଦିନ ଗାଁର ସମସ୍ତ କନ୍ୟାମାନେ ଜଙ୍ଗଲକୁ ଯାଇ କାଠ, ପତ୍ର ଆଣିବା, ଦୋନା ତିଆରି କରିବା ଓ ପାଣି ଯୋଗାଇବା କାମ କରିଥାନ୍ତି । କାର୍ଯ୍ୟୀ ଏ ସମସ୍ତ କାମ ପାଇଁ ଗ୍ରାମବାସୀଙ୍କୁ ମାଂସ ଭାତ ଓ ପେଣ୍ଡମ ଦେଇ ସନ୍ତୁଷ୍ଟ କରାଇଥାଏ ।

ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି "ସାଣ୍ଡୁଙ୍ଗାଁର (ଏହା ବିଷୟରେ ପୂର୍ବରୁ ବର୍ଣ୍ଣନା କରାଯାଇଛି) ପ୍ରଥାନୁଯାୟୀ କୌଣସି ବ୍ୟକ୍ତିକୁ କାର୍ଯ୍ୟରେ ସହଯୋଗ କରିପାରନ୍ତି ।

ଜଣଙ୍କ କାମରେ ପ୍ରତି ପରିବାରର ମନୋନୀତ ବ୍ୟକ୍ତିଙ୍କ ଶ୍ରମଦାନ:

ଯଦି କୌଣସି ବ୍ୟକ୍ତି କେତେକ ନିର୍ବାଚିତ ପରିବାର ବା ବ୍ୟକ୍ତିକୁ ମାଂସ (ଡାଉ ନୁଆଁଇ), ଅଭାବ ସମୟରେ ଶସ୍ୟ ନିଅନ୍ତ ପରିବାରକୁ ଶସ୍ୟ ଦେବା (କାଲକମ) କିମ୍ବା କୌଣସି ଦଳକୁ ମଦ (ସାଗୁର ଉଡକୁନୁ ନୁଆଁଇ) କିମ୍ବା ସଳପ (ସାପୁଙ୍ଗ ଉଡ଼କୁନୁ ନୁଆଁଇ), ପିଆଇଥିଲେ ଆବଶ୍ୟକ ସମୟରେ ନିର୍ବାଚିତ ପରିବାରରୁ ଜଣେ ଲେଖାଏଁ ବ୍ୟକ୍ତି କାର୍ଯ୍ୟୀର କାର୍ଯ୍ୟ ସଂପାଦନ କରିବାରେ ସାହାଯ୍ୟ କରନ୍ତି । ଯଦି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ କୌଣସି ବ୍ୟକ୍ତିର କାମ ମୁଖ୍ୟତଃ ଚାଷକାମ ବାକି ରହିଯାଏ ତେବେ କାମ ସାରି ଦେଇଥିବା ଓ କାମ ସରି ନଥିବା ବ୍ୟକ୍ତିକୁ ସାହାଯ୍ୟ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଏକ ବିଚାର କରନ୍ତି । ବିଚାରାନୁଯାୟୀ କାର୍ଯ୍ୟ ନ ସରିଥିବା ବ୍ୟକ୍ତିକୁ ବିଭିନ୍ନ କାର୍ଯ୍ୟରେ ସହଯୋଗ କରନ୍ତି । ପ୍ରତିବଦଳରେ କାର୍ଯ୍ୟୀ ଶ୍ରମୀମାନଙ୍କୁ ମାଂସ ଭାତ ଭୋଜି ଖାଇବାକୁ ଓ ପେଣ୍ଡମ ପିଇବାକୁ ଦେଇଥାଏ । ସେହିପରି କେତେକ ପରିବାରର ବ୍ୟକ୍ତି "ଆଲୁସ" (ପୂର୍ବରୁ ବର୍ଣ୍ଣିତ) ଦ୍ୱାରା ମଧ୍ୟ ଏକତ୍ର ମିଶି କାମ କରି ପାଳି କରି ଜଣଙ୍କ ପରେ ଜଣଙ୍କର କାର୍ଯ୍ୟ ଶେଷ କରିଥାଆନ୍ତି । ଏଥିରେ କାର୍ଯ୍ୟୀ

ଖାଦ୍ୟପେୟ ବନ୍ଦୋବସ୍ତ କରିପାରେ କିମ୍ବା ନ କରିପାରେ । କୌଣସି ବ୍ୟକ୍ତି ନିଜର କୌଣସି କାର୍ଯ୍ୟକୁ ଶେଷ ପାଇଁ ମନ ମୁତାବକ କୌଣସି ପରିବାରରୁ କୌଣସି ବ୍ୟକ୍ତିଙ୍କୁ ମକୁରୀ (କୁନ୍ତା) ଦେଇ କାମ ପାଇଁ ଡ଼ାକିପାରେ । କର୍ମୀମାନଙ୍କ ପାରଶ୍ରମିକ ବାବଦକୁ କାର୍ଯ୍ୟୀ ୧ ମାଣ ଶସ୍ୟ ପ୍ରଦାନ କରିଥାଏ ଓ ସମୟେ ସମୟେ କାମ କରୁଥିବା ବେଳେ ଖାଦ୍ୟପେୟର ଆୟୋଜନ କରିଥାଏ । ଗଫା (ଶସ୍ୟ କିଆରିର ଖୁଣ୍ଟିରୁ ଛୋଟ ଛୋଟ ଡ଼ାଳ କାଟିବା) ଏବଂ ଡୁଲ୍ ଡୁଲ୍ (ଡ଼ଙ୍ଗର କିଆରିରୁ ଘାସ ବାଛିବା) ବେଳେ କୌଣସି ପ୍ରକାର ସହଯୋଗୀ ଶ୍ରମରେ ଖାଦ୍ୟପେୟ ଦେବାର ବ୍ୟବସ୍ଥା ବଣ୍ଡାମାନଙ୍କ ମଧ୍ୟ ପ୍ରଚଳିତ ନୁହେଁ । ତେଣୁ ଉକ୍ତ କାମ ସମୟରେ କର୍ମୀମାନେ ନିଜ ନିଜର ଖାଦ୍ୟ ନିଜ ଘରୁ ଖାଇ କରି ଯାଇଥାନ୍ତି କିମ୍ବା ନିଜର ଖାଦ୍ୟ ସାଥୀରେ ଧରି କର୍ମସ୍ଥାନକୁ ଯାଇଥାନ୍ତି ।

ଏ ସମସ୍ତ ଚାଷ କାମ ବ୍ୟତୀତ ଅନ୍ୟାନ୍ୟ କେତେକ କାର୍ଯ୍ୟମାନଙ୍କରେ ମଧ୍ୟ ନିର୍ବାଚିତ କେତେକ ପରିବାରରୁ ବ୍ୟକ୍ତିମାନେ ଜଣେ କାର୍ଯ୍ୟୀ ପାଇଁ କାର୍ଯ୍ୟ କରିଥାଆନ୍ତି । କୌଣସି ବ୍ୟକ୍ତି ପାଇଁ କନ୍ୟା ମାଗିବାକୁ ଯିବା, ଧାଙ୍ଗଡ଼ିବସାରେ କନ୍ୟାକୁ ମନାଇବା, କନ୍ୟାକୁ ପୁଅ ଘରକୁ ଡ଼ାକି ଆଣିବା, ନୂଆ ବୋହୂ ସହିତ ଡ଼ଙ୍ଗରକୁ ଯାଇ କାଠପତ୍ର ସଂଗ୍ରହ କରିବା, ନୂଆ ବୋହୂ ସହିତ ମାଛ ଧରିବା ଓ ନୂଆ ବୋହୂକୁ ଜଗିବା (ଝିଅମାନେ କନ୍ୟାକୁ ଡ଼ାକି ଆଣିବା ଠାରୁ ଜଗିବା ପର୍ଯ୍ୟନ୍ତ କାର୍ଯ୍ୟ କରିଥାନ୍ତି) ଅରାଜି କନ୍ୟାକୁ ବଳହାର ହରଣ କରିବା (ଗୁବୟ ଗୁଡ଼ରୁଙ୍ଗା), ପ୍ରସ୍ତାବିତ କନ୍ୟା ଶୋଇବା ପାଇଁ ଧାଙ୍ଗଡ଼ି ବାସାକୁ ପଟି ନେଇ ଦେବା (ସେଙ୍ଗଲା), ସ୍ତ୍ରୀକୁ ଅନ୍ୟ କେହି ବଳପୂର୍ବକ ଟାଣି ନେଇଗଲେ ସେ ବ୍ୟକ୍ତିଠାରୁ ସଗରଡା (କନ୍ୟାହରଣ ପାଇଁ ଜୋରିମନା) ଲୁଟି ଆଣିବା, ଗର୍ଭଦାତ୍ରୀ ପ୍ରସବ ଜଲାବେଳେ (ଡ଼ାକ ମାଡ଼େନ) ସାହାଯ୍ୟ କରିବା, ଘର ଛପର କରିବା (ଆସୁଙ୍ଗ), ଅସ୍ତ୍ରାଘାତରେ କ୍ଷତ ବିକ୍ଷତ କିମ୍ବା ମୃତ୍ୟୁ ବରଣ କରିଥିବା ବ୍ୟକ୍ତିକୁ ଡ଼ାକ୍ତରଖାନା କିମ୍ବା ଥାନାକୁ ନେବା, ଅସ୍ତ୍ରାଘାତ କରି ମାରିଥିବା ବ୍ୟକ୍ତିଠାରୁ ଜୋରିମନା (ମୁଣ୍ଡଲିଉଁ) ଆଦାୟ କରିବା, ଗୃହ ନିର୍ମାଣ କରିବା ଇତ୍ୟାଦି କାର୍ଯ୍ୟମାନ କେତେକ ନିର୍ବାଚିତ ପରିବାରର ବ୍ୟକ୍ତିମାନଙ୍କ ଦ୍ୱାରା ସହଯୋଗୀ ଶ୍ରମ ଦ୍ୱାରା ସଂପାଦନ କରାଯାଇଥାଏ ।

ଜଣଙ୍କ ପାଇଁ ବାଲିକା ଶୟନାଗାର ସଦସ୍ୟାଙ୍କ ଶ୍ରମଦାନ :

କୌଣସି ବ୍ୟକ୍ତି ମଧ୍ୟ ବେଳେବେଳେ କୌଣସି କାର୍ଯ୍ୟ ପାଇଁ ଧାଙ୍ଗଡ଼ିବସାରେ ଯୁବତୀମାନଙ୍କର ସାହାଯ୍ୟ ଲୋଡ଼ିଥାଏ । କାର୍ଯ୍ୟୀ କେବେକେବେ ହାଟବଜାର, ମେଳା

କିମ୍ବା ଘରେ ଡ଼ାକି ଧାଙ୍ଗଡ଼ି ବସାର ଝିଅମାନଙ୍କୁ ମଦ କିମ୍ବା ସଳପ ପିଇବାକୁ ଦେଇ ଭବିଷ୍ୟତରେ ନୁଆଁଇ ଆସିବା ପାଇଁ କହିରଖେ । ଏହି ନୁଆଁଇକୁ ସେଲାନେ ନୁଆଁଇ କହନ୍ତି । ଧାଙ୍ଗଡ଼ିବସାରେ ଖର୍ଚ୍ଚ ପାଇଁ ବେଳେବେଳେ ଶସ୍ୟର ଅଭାବ ହୁଏ । ବିଶେଷତଃ ବଣ୍ଡା ସମାଜର ପ୍ରଥାନୁଯାୟୀ ଧାଙ୍ଗଡ଼ି ବସାର କୌଣସି ପ୍ରସ୍ତାବିତ ଝିଅ ପାଇଁ ତାର ଭାବିସ୍ୱାମୀ ଧାଙ୍ଗଡ଼ି ବସାରେ ଶୋଇବା ପାଇଁ ବାଉଁଶ ପଟି, ତୁରାବୁ ଓ ଶୁଇଣ୍ଡା ତିଆରି ପାଇଁ ଘାସ ଇତ୍ୟାଦି ବର୍ଷାଦିନରେ ଆଣି ଦେଇଥାଏ । ଧାଙ୍ଗଡ଼ି ବସାର ଝିଅମାନେ ଏହାର ପ୍ରତିଦାନ ସ୍ୱରୂପ ପଟି ଆଣିଦେଇଥିବା ଭାବି ସ୍ୱାମୀ ଓ ଯୁବକମାନଙ୍କ ପାଇଁ ଏହାର କିଛିଦିନ ପରେ ଉପହାର ଭାବିସ୍ୱାମୀଙ୍କ ଘରକୁ ପେଣ୍ଡମ, ଭାତ ଓ ମାଛ ନେଇ ଦିଅନ୍ତି । ତେଣୁ ଏହି କାର୍ଯ୍ୟ ଚୁଲାଇବା ପାଇଁ ଶସ୍ୟର ଅଭାବ ପଡିଲେ ଝିଅମାନେ ସାହୁକାର ଠାରୁ ଭବିଷ୍ୟତରେ କାମ କରିଦେବା ପାଇଁ କାଲଜମ୍ (ଶସ୍ୟଧାର) ଆଣନ୍ତି । ସେଥିପାଇଁ ସାହୁକାରର କାମ କରିଥାନ୍ତି । ତାକୁ ସେଲାନେ କାଲଜମ କହନ୍ତି । ବଡ଼ ନୁଆଁଇ ପରି ମଧ୍ୟ ଏମାନେ ସମସ୍ତ କାର୍ଯ୍ୟ କରିଥାଆନ୍ତି ।

ଏହି ଉପରୋକ୍ତ ଦୁଇପ୍ରକାର ସହଯୋଗୀ ଶ୍ରମ ଯଥା ସେଲାନେ ନୁଆଇ ଓ ସେଲାନେ କାଲକଲ କରିବା ପାଇଁ କାର୍ଯ୍ୟୀ / ପୋଷକ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ପେଣ୍ଡୁମ ପ୍ରସ୍ତୁତ କରେ । ମାଂସ ପାଇଁ ପଶୁ ଓ ଭାତ ପାଇଁ ଚାଉଳର ଆୟୋଜନ କରେ । ନିର୍ଦ୍ଦିଷ୍ଟ ଦିନ ପୂର୍ବ ରାତ୍ରରେ ଧାଙ୍ଗଡ଼ି ବସାର ଝିଅମାନଙ୍କୁ ସକାଳୁ କାମକୁ ଯିବା ପାଇଁ କୁହାଯାଏ । ତେଣୁ ଠିକ୍ ପରଦିନ ସକାଳୁ ବାଳିକାମାନେ ପ୍ରସ୍ତୁତ ହୋଇ କାମକୁ ବାହାରି ପଡ଼ନ୍ତି । ବାଳିକାମାନଙ୍କ ସଂଖ୍ୟା କମ୍ ଥିଲେ ସେମାନେ ତାଙ୍କର ଭାଇ ଓ ବାପାମାନଙ୍କୁ ତାଙ୍କ ସହିତ ଯିବାକୁ ଅନୁରୋଧ କରି ସାଥିରେ ନେଇଯାଆନ୍ତି । କାର୍ଯ୍ୟୀର ନିର୍ଦ୍ଦିଷ୍ଟ କାମ ଆରମ୍ଭ ହୁଏ । ସମସ୍ତେ ମନ ଆନନ୍ଦରେ କାର୍ଯ୍ୟ କରିଚାଲନ୍ତି । ଗୀତର ଲହରି ଚାରିଆଡ଼େ ମଦୁ ଗୁଞ୍ଜରଣ ସୃଷ୍ଟି କରେ । ଇତି ମଧ୍ୟରେ ସାହୁକାର/କାର୍ଯୀ ଘୁଷୁରୀ କିମ୍ବା ଛେଳି ମାରି ମାଂସ ତରକାରୀ ଓ ଭାତ ପ୍ରସ୍ତୁତ କରିଥାଏ । ସମୟ ୧୦-୧୧ଟା ବେଳେ ସମସ୍ତେ ମହାଆନନ୍ଦରେ ମାଂସଭାତ ଭୋଜି ସେବନ କରି ପୁଣି କାର୍ଯ୍ୟରେ ମନ ନିବେସ କରନ୍ତି । ଦିନ ଢଳିଯାଏ । ସନ୍ଧ୍ୟା ନଇଁ ଆସେ । ସମସ୍ତେ କାମ ପରିତ୍ୟାଗ କରି କାର୍ଯ୍ୟୀ ଆଣିଥିବା ପେଣ୍ଡମରୁ ପେଟେ ପେଟେ ପିଇ ନିଶାରେ ମତୁଆଲ ହୋଇଯାଆନ୍ତି । ସେମାନଙ୍କ ଗୀତର ମୂର୍ଚ୍ଛନା ଚତୁର୍ଦ୍ଦିଗ କମ୍ପିଯାଏ । ଶେଷରେ ସମସ୍ତେ ମତହସ୍ତୀ ପରି ଢଳି ଢଳି ଘରକୁ ଫେରନ୍ତି ।

କୌଣସି ବ୍ୟକ୍ତିର ଚାଷଜାମ ନ ସରିଥିଲେ ଧାଙ୍ଗଡ଼ି ବସାର ଝିଅମାନେ ଉକ୍ତ ବ୍ୟକ୍ତିକୁ ସାଣ୍ଡୁଙ୍ଗୟାଁର ଦେବା ପାଇଁ ପ୍ରସ୍ତାବ କରିଥାନ୍ତି । କାର୍ଯ୍ୟୀ ଖୁବ୍ ସନ୍ତୁଷ୍ଟ ହୋଇ ଏମାନଙ୍କ ସାଣ୍ଡୁଙ୍ଗୟାଁରକୁ ସ୍ୱାଗତ ଜଣାଏ । ଝିଅମାନେ କାର୍ଯ୍ୟୀର କାର୍ଯ୍ୟ ସମାପନ କରନ୍ତି । ପ୍ରତିବଦଳରେ କାର୍ଯ୍ୟୀ ସେମାନଙ୍କୁ ମାଂସ ଭାତ ଭୋଜି ସହିତ କୌଣସି ପାନୀୟ ଅର୍ପଣ କରିଥାଏ ।

ଏତଦ୍‌ବ୍ୟତୀତ ଧାଙ୍ଗଡ଼ିବସାର ଝିଅମାନେ ଏକତ୍ର ହୋଇ କୌଣସି ବ୍ୟକ୍ତିର କୁନ୍ଦା ଯାଇଥାନ୍ତି । ପ୍ରଥାନୁଯାୟୀ କାର୍ଯ୍ୟୀ ଏମାନଙ୍କୁ (ସମସ୍ତଙ୍କ ପରି) ୧ ମାଣ ଲେଖାଏଁ ସୂଆଁ କିମ୍ବା ମାଣ୍ଡିଆ ଦେଇଥାନ୍ତି ଓ ଖାଦ୍ୟପେୟ ପ୍ରଥାନୁଯାୟୀ ଦିଆଯାଇଥାଏ (ଗଫା ଓ ଡୁକ୍ ଡୁକ୍ ବେଳେ ଖାଦ୍ୟପେୟ ଦିଆଯାଏ ନାହିଁ) । ଏହି ଶସ୍ୟକୁ ଭବିଷ୍ୟତରେ କାର୍ଯ୍ୟରେ ଲଗାଇବା ପାଇଁ ଏମାନେ ସଂଚୟ କରି ରଖିଥାନ୍ତି ।

ଚାଷ ଜାମ, ଜଙ୍ଗଲରୁ କାଠ ବାଉଁଶ ଆଣିବା ଏବଂ ଗୃହ ନିର୍ମାଣ କରିବା ବ୍ୟତୀତ ଅନ୍ୟାନ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟରେ ଧାଙ୍ଗଡୀମାନେ ଗ୍ରାମବାସୀମାନଙ୍କୁ ସାହାଯ୍ୟ କରିଥାଆନ୍ତି । କୌଣସି ବ୍ୟକ୍ତି ଡ଼ାଗୋଇବିରୁ (ରୋଗ ଭଲ ପାଇଁ ଭୋଜି), ଗୁପାସିଙ୍ଗ (ଏକୋଇସିଆ ଭୋଜି), ଯାଇବୟଜାଙ୍ଗ୍ (ନୂଆ ବହୂ ଡ଼ାକି ଆଣିବା ପାଇଁ ଭୋଜି), ଗାଇସେ (ମୃତିକିଆ ପାଇଁ ଭୋଜି), ଅବସରରେ ବିନା ପାରିଶ୍ରମିକରେ କାର୍ଯ୍ୟୀ ପାଇଁ ସୂଆଁ , ମାଣ୍ଡିଆ ଓ ଧାନ କୁଟିବା, ଜଙ୍ଗଲରୁ କାଠ ଓ ପତ୍ର ସଂଗ୍ରହ କରିବା, ଦନା ତିଆରି କରିବା, ପାଣି ଯୋଗାଇବା ଆଦି କାର୍ଯ୍ୟ ମାନ କରିଥାନ୍ତି । ବିବାହ ଅବସରରେ କୌଣସି ନୂଆବହୂକୁ ଡ଼ାକି ଆଣିବା, ନୂଆବହୂ ସହିତ ଜଙ୍ଗଲ ଯାଇ କାଠପତ୍ର ଆଣିବା, ଡଙ୍ଗର ଜାମ ସାଥବରେ କରିବା, ନୂଆବହୂ ସହିତ ମାଛ ଧରିବା ଓ ନୂଆବହୂକୁ ଜଗିବା କାମମଧ୍ୟ ଧାଙ୍ଗଡ଼ି ବସାରେ ଯୁବତୀମାନେ ବିନା ପାରିଶ୍ରମିକରେ କରିଥାନ୍ତି । ଏହାର ପ୍ରତିବଦଳରେ ଧାଙ୍ଗଡ଼ିବସାର ଯୁବତୀମାନଙ୍କୁ ଭୋଜି ଓ ମାଦକ ପାନୀୟ ସ୍ୱତନ୍ତ୍ର ଭାବେ ପ୍ରଦାନ କରାଯାଇଥାଏ ।

ଶ୍ରମ ସମବାୟ ପ୍ରତି ଆଦିବାସୀଙ୍କ ମନୋବୃତ୍ତି:

ଆଗରୁ କୁହାଯାଇଛି ଯେ ବଣ୍ଡା ସମାଜ ସମବାୟ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଓ ସହଯୋଗୀ ଶ୍ରମ ବଣ୍ଡା ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ତେଣୁ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ସମସ୍ତ ବଣ୍ଡା ସହଯୋଗୀ ଶ୍ରମରେ ଭାଗ ନେବା କିମ୍ବା ସହଯୋଗୀ ଶ୍ରମ ଗ୍ରହଣ କରିବା ପାଇଁ ସଦା ଚେଷ୍ଟିତ । ବଣ୍ଡାମାନେ ମତ

ଦିଅନ୍ତି ଯେ ସହଯୋଗୀ ଶ୍ରମ ଦ୍ୱାରା ଅସାଧକୁ ସାଧନ କରାଯାଇପାରେ, ଅଧିକ ଉତ୍ପାଦନ କରାଯାଇପାରେ ଓ ସମସ୍ତଙ୍କ କାମକୁ ଶୀଘ୍ର ଶେଷ କରାଯାଇପାରେ । ସହଯୋଗୀ ଶ୍ରମ ପାଇଁ ଯେ କେବଳ ପାରିଶ୍ରମିକ ମିଳେ ତାହା ନୁହେଁ ବରଂ ଅନେକଜାଂଶରେ କେବଳ ଖାଦ୍ୟପେୟର ଆୟୋଜନ କରାଯାଇଥାଏ କିନ୍ତୁ ପାରିଶ୍ରମିକ ଦିଆଯାଏ ନାହିଁ । ବଣ୍ଡାମାନେ କହନ୍ତି ସହଯୋଗୀ ଶ୍ରମଦ୍ୱାରା ବନ୍ଧୁଭାବ, ଭାଇପଣିଆ, ଏକତା ପରସ୍ପରକୁ ସାହାଯ୍ୟ କରିବ, ପରସ୍ପର ଦୁଃଖରେ ଠିଆହେବା ଇତ୍ୟାଦି ଗୁଣମାନ ସୁଦୃଢ଼ ହୋଇଉଠେ । କୌଣସି ବ୍ୟକ୍ତିର ନିକଟତର ହେବା, ଆପଣାର ଭାବ ପ୍ରକାଶ କରିବା, ଅନ୍ୟ ଦୁଃଖରେ ଦୁଃଖୀ ହେବ, ସମସ୍ତ ପୂର୍ବରାଗ, ମନୋମାଳିନ୍ୟ ଆଦିର ଦୂରକରିବା, ମନୋଭାବର ଆଦାନ ପ୍ରଦାନ କରିବ, ଅନ୍ୟଠାରୁ ଦେଖି କର୍ମକୌଶଳ ଓ ଦକ୍ଷତା ବୃଦ୍ଧି କରିବା ଓ ପରସ୍ପର ଏକତ୍ର ହୋଇ ଖାଦ୍ୟପାନୀୟ ସେବନ କରି ଆନନ୍ଦ ଉପଭୋଗ କରିବାର ସହଯୋଗୀ ଶ୍ରମ ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି ବଣ୍ଡାମାନେ ଦୃଢ଼ୋକ୍ତି ପ୍ରକାଶ କରିଥାଆନ୍ତି । ସହଯୋଗୀ ଶ୍ରମ ଦ୍ୱାରା ଏହା ପ୍ରମାଣିତ ହୁଏ ଯେ ଜଣେ ସମସ୍ତଙ୍କ ପାଇଁ ଓ ସମସ୍ତେ ଜଣଙ୍କ ପାଇଁ ।

ବର୍ତ୍ତମାନର ଶ୍ରମ ସମବାୟ ପଦ୍ଧତି :

ଉପର ବର୍ଣ୍ଣିତ ସମସ୍ତ ପ୍ରକାର ସହଯୋଗୀ ଶ୍ରମ ବର୍ତ୍ତମାନ ପରିସ୍ଥିତିରେ ଚାଲୁଅଛି । ଆଧୁନିକ ସଭ୍ୟତାର ପ୍ରଭାବ ପରେ ମଧ୍ୟ ଆଜି ବି ବଣ୍ଡାମାନଙ୍କ ମଧ୍ୟରେ ସହଯୋଗୀ ଶ୍ରମ ସୁରକ୍ଷିତ ଅଛି । ପାରମ୍ପରିକ କାଳରୁ ଶ୍ରମଯୋଗୀ ଶ୍ରମ ଦ୍ୱାରା କରାଯାଉଥିବା ଡ଼ଙ୍ଗର କାମ, ଧାନଚାଷ କାମ, ଜଙ୍ଗଲରୁ କାଠ, ବାଉଁଶ ସଂଗ୍ରହ କରିବା । ଗୃହନିର୍ମାଣର କାମ, ପଶୁପାଳନ କାର୍ଯ୍ୟ ଏବେ ବି ମଧ୍ୟ କରାଯାଉଛି । କୌଣସି ଲୋକର ସ୍ତ୍ରୀ ପ୍ରସବ ସମୟରେ, ଜନୁସୋବରଭୋଜି ଦେଲାବେଳେ, ବିବାହ ଭୋଜି ଆୟୋଜନ କଲାବେଳେ ଓ ମୃତ୍ୟୁ ପାଇଁ ବଶାଉାତ ପ୍ରସ୍ତୁତି କଲାବେଳେ ମଧ୍ୟ ଅନେକ ଲୋକ ଆଗେଇ ଆସନ୍ତି ସହଯୋଗୀ ଶ୍ରମ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ । ଆଜି ବି କନ୍ୟା ମାଗିବା, କନ୍ୟାକୁ ଧାଙ୍ଗଡ଼ିବସାକୁ ଯାଇ ମନାଇବା, ପ୍ରସ୍ତାବିତ କନ୍ୟାକୁ ପୁଅଘରକୁ ଡ଼ାକି ଆଣିବା, ଅରାଜି କନ୍ୟାକୁ ବଳପୂର୍ବକ ଅପହରଣ କରିବା, କନ୍ୟା ହରଣ ପାଇଁ ଜୋରିମନା ଆଦାୟ କରିବା, ସ୍ତ୍ରୀ ନିଜ ଇଚ୍ଛାରେ ସ୍ୱାମୀକୁ ଛାଡ଼ି ବାପା ଘରକୁ ଫେରିଗଲେ କନ୍ୟା ପିତାଠାରୁ କନ୍ୟାସୁନା ଫେରାଇ ଆଣିବା, କ୍ଷତ ବିକ୍ଷତ ବ୍ୟକ୍ତିକୁ ଡ଼ାକ୍ତରଖାନା ନେବା, ଅସ୍ତ୍ରାଘାତରେ ମୃତ୍ୟୁ ବ୍ୟକ୍ତିଙ୍କୁ ଡ଼ାକ୍ତରଖାନା କିମ୍ବା ଥାନାକୁ ନେବା ଇତ୍ୟାଦି କାମମାନ ସହଯୋଗୀ ଶ୍ରମଦ୍ୱାରା ସଂପାଦନ କରାଯାଉଛି ।

ପାରମ୍ପରିକ ଶ୍ରମ ସମବାୟ ବ୍ୟବସ୍ଥାରେ ପରିବର୍ତ୍ତନ:

ବହୁ ବର୍ଷ ପୂର୍ବରୁ ପାରମ୍ପରିକ ସହଯୋଗୀ ଶ୍ରମଦ୍ୱାରା ସଂପାଦିତ ସମସ୍ତ କାର୍ଯ୍ୟ ଆଉ ଆଜି ଏହି ସହଯୋଗୀ ଶ୍ରମ ଦ୍ୱାରା ସଂପାଦନ କରାଯାଇପାରୁ ନାହିଁ । ଆଗରୁ ଗ୍ରାମର ସମସ୍ତ ବ୍ୟକ୍ତି ମିଳିମିଶି ସହଯୋଗୀ ଶ୍ରମ ଦ୍ୱାରା ଗାଁ ରାସ୍ତା ସଫା କରିବା, ରାସ୍ତା ତିଆରି କରିବା, କାହାରିକୁ ବିପଦ ପଡ଼ିଲେ ତାକୁ ସାହାଯ୍ୟ କରିବା ଇତ୍ୟାଦି କାର୍ଯ୍ୟ କରୁଥିଲେ । କିନ୍ତୁ ଏବେ ସେଥିରେ କିଞ୍ଚିତ ପରିବର୍ତ୍ତନ ହୋଇଅଛି । ଏବେ ବିଭିନ୍ନ ପ୍ରକାର ସାମୂହିକ କାର୍ଯ୍ୟ କରିବାକୁ କେହି ଅଗ୍ରସର ହେବାର ଦେଖାଯାଏ ନାହିଁ । ଏବେ ସେ ସବୁ ସାମୂହିକ କାର୍ଯ୍ୟ କରିବା ପାଇଁ ସଂପୂର୍ଣ୍ଣ ରୂପେ ସରକାର କିମ୍ବା ଉନ୍ନୟନ ମୂଳକ ସଂସ୍ଥା ଉପରେ ନିର୍ଭର କରାଯାଉଛି । ଏବେ ସମସ୍ତ ବଣ୍ଟା ନିଜ ନିଜର ଉନ୍ନତିକୁ ବେଶୀ ଦୃଷ୍ଟି ଦେଉଛନ୍ତି । ଫଳରେ ପଛରେ ପଡ଼ିଥିବ ବ୍ୟକ୍ତିପାଇଁ ସମୟ ଦେବା ପାଇଁ ସତେ ଯେପରି ଲୋକମାନଙ୍କ ପାଖରେ ଟିକିଏ ସମୟ ନାହିଁ । ତଥାପି ସହଯୋଗୀ ଶ୍ରମ ଆଜି ବି ଅକ୍ଷୁର୍ଣ୍ଣ ରହିଅଛି ।

ଉପସଂହାର:

ଶେଷରେ ଏତିକି କୁହାଯାଇ ପରେ ସହଯୋଗୀ ଶ୍ରମ ପାଇବା ପାଇଁ ଆଜିକାଲି ମଧ୍ୟ ବଣ୍ଟା ବ୍ୟାକୁଳିତ । ଏହା ଦ୍ୱାରା କାର୍ଯ୍ୟଟି ଯେ ସୁରୁଖୁରୁରେ ଅଳ୍ପ ସମୟ ମଧ୍ୟରେ ଅଧିକ କାର୍ଯ୍ୟ କରିହୁଏ, ତାହା କେହି ଅବମାନନା କରିପାରିବେ ନାହିଁ । କୌଣସି ଅସାମାନ୍ୟ କାର୍ଯ୍ୟ ମଧ୍ୟ ଏହା ମାଧ୍ୟମରେ ସମ୍ଭବ ହୋଇପାରିବ । ବିଭିନ୍ନ ହିଂସା ଦ୍ୱେଷର ଅନ୍ତ କରି ଭାତୃଭାବ, ସ୍ନେହ, ପ୍ରେମ ବୃଦ୍ଧି ପାଇପାରିବ କେବଳ ଏହି ସହଯୋଗୀ ଶ୍ରମ ମାଧ୍ୟମରେ । ସହଯୋଗୀ ଶ୍ରମକୁ ଆହୁରି ସୁଦୃଢ଼ କରାଯାଇପାରିଲେ ଯେ ଅନେକ ସୁଫଳ ମିଳିପାରିବ ଏହା ନିଃସନ୍ଦେହରେ କୁହାଯାଇପାରେ । ତେଣୁ ସହଯୋଗୀ ଶ୍ରମକୁ ଲୋକପ୍ରିୟ କରାଇବା ଏକାନ୍ତ କାମ୍ୟ ।

●●●

ପାରମ୍ପରିକ ଗ୍ରାମସଭା

ସ୍ୱାଧୀନପ୍ରେମୀ ଓ ମୁକ୍ତିକାମୀ ବଣ୍ଡା । ନିଜ ଇଚ୍ଛାରେ କୌଣସି ବାଧାବନ୍ଧନ ବିନା କାର୍ଯ୍ୟ କାରିବାକୁ ଖୁବ୍ ଭଲପାଏ ସେ । ନିଜକୁ ପ୍ରାଣୀଜଗତର ଶ୍ରେଷ୍ଠ ପ୍ରାଣୀ ଓ ଅନ୍ୟ ସମସ୍ତ ମଣିଷ ଜାତିଠାରୁ ନିଜକୁ ବଡ଼ ବୋଲି ବିଚାର କରେ । ବଣ୍ଡା ଗର୍ବ କରେ ଯେ ସେ ବସିନ୍ଦି (ବସତି ସ୍ଥାପନ କରିଛି) ସୁଉଚ୍ଚ ପାହାଡ଼ ଉପରେ ଓ ଅନ୍ୟମାନେ ରହନ୍ତି ତା'ଠାରୁ ଖୁବ୍ ନିମ୍ନରେ । ପ୍ରତ୍ୟେକ ବଣ୍ଡା ନିଜକୁ ବଣ୍ଡା ପାହାଡ଼ର ରାଜା ବୋଲି ବିଚାରକରନ୍ତି । କେହି କାହାରିଠାରୁ ଉଣା ନୁହନ୍ତି । ଜୀବନରେ ଦାସତ୍ୱ ସ୍ୱୀକାର କରିବା କିମ୍ବା ପରାଜୟକୁ ସହିଯିବା ଶିଖିନାହିଁ ବଣ୍ଡା । କୃତ୍ୟକୃତ୍ୟ ହୋଇ କାହାରିକୁ ମାନସମ୍ମାନରେ ପୋତି ପକାଇବା ଓ ତୋଷାମଦ କରିବା ଜାଣେନାହିଁ ସେ । ପରନ୍ତୁ ସେ ଯାହା ଠିକ୍ ବୋଲି ବିଚାରକରେ ତାହା ସେ ଜୋର ଜବରଦସ୍ତ ମଧ୍ୟ କରିବାକୁ ପଛଘୁଞ୍ଚା ଦିଏ ନାହିଁ । ସ୍ୱଭାବବଶତଃ ବଣ୍ଡା ବ୍ୟକ୍ତିବାଦୀ, ରାଗି, କ୍ରୋଧି, ଅହଂକାରୀ, ହିଂସାପରାୟଣ ଇତ୍ୟାଦି ହୋଇପାରେ କିନ୍ତୁ ଏକାଧାରରେ ସେ ମଧ୍ୟ ଆଶାବାଦୀ, ସାହସୀ, ମୁକ୍ତଗାମୀ, ସମାନବାଦୀ, ସ୍ୱାଧୀନଚେତା, ପରିଶ୍ରମି ଓ ବନ୍ଧୁପ୍ରେମୀ । ଯାହାହେଉ ଏସବୁ ଉର୍ଦ୍ଧ୍ୱରେ ସମସ୍ତ ଗୁଣକୁ ନିୟନ୍ତ୍ରଣ କରିବା ପାଇଁ ବଣ୍ଡାମାନଙ୍କ ମଧ୍ୟରେ ପ୍ରଜାତନ୍ତ୍ର ନୀତିରେ ଆଧାରିତ ପାରମ୍ପରିକ ଗ୍ରାମସଭା ରହିଆସୁଅଛି ।

ସାଧାରଣତଃ ବଣ୍ଡାମାନଙ୍କ ମଧ୍ୟରେ ନରହତ୍ୟାର ହାର ଖୁବ୍ ଅଧିକ । ଦ୍ୱିତୀୟତଃ ବଣ୍ଡା ଧର୍ମ ଭୟାଳୁ । ତେଣୁ ନରହତ୍ୟା, ଗଣ୍ଡଗୋଳ ଇତ୍ୟାଦି କରିଥିବା ଦୋଷୀର ବିଚାର କରିବା ଓ ଏକତ୍ର ହୋଇ ବିଚାର ବିମର୍ଷ କରି ପୂଜାପାଠ ଓ ପର୍ବପର୍ବାଣୀର ଆୟୋଜନ କରି ଦେବାଦେବୀ, ଠାକୁର ଠାକୁରାଣୀ, ଭୂତପ୍ରେତ, ପୂର୍ବପୁରୁଷ ଇତ୍ୟାଦି ଅଶରୀରିମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବୋଧହୁଏ ଏହି ପାରମ୍ପରିକ ଗ୍ରାମସଭାର ସୃଷ୍ଟି ହୋଇଥିଲା ବୋଲି ଅନୁମାନ କରାଯାଏ । ଗ୍ରାମସଭାର ମୁଖ୍ୟ ଭାବରେ ନାୟକ ବା ବଡ଼ନାୟକ କାର୍ଯ୍ୟ କରିଥାଏ । ତାଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିଥାନ୍ତି ସହକାରୀ ମୁଖ୍ୟ ଚାଲଣ । ଏ ଦୁହିଁଙ୍କ ବ୍ୟତୀତ ବୋଇହାକ କରିବା, ଖବର ଦେବାନେବା କରିବା ଓ ଡ଼ାକରା କାର୍ଯ୍ୟ କରିବା ପାଇଁ ବାରିକ୍ ଥାଏ । ତେଣୁ ବଣ୍ଡା

ପାରମ୍ପରିକ ସଭା କହିଲେ ମାତ୍ର ନାୟକ, ଚାଲାଣ ଓ ବାରିକକୁ ବୁଝାଏ । ବିଚାର ବିମର୍ଷ କରିବା ପାଇଁ ସ୍ୱତନ୍ତ୍ର ଗୃହ ଏମାନଙ୍କର ନଥାଏ । କିନ୍ତୁ ଏକ ଛାୟାପ୍ରଦ ବୃକ୍ଷ ତଳେ ପ୍ରସ୍ତର ନିର୍ମିତ ଏକ ସୁନ୍ଦର ବୈଠକସ୍ଥାନ "ସିନ୍ଦିବୋର" ନିର୍ମାଣ କରାଯାଇଥାଏ । ସିନ୍ଦିବୋରରେ ବୁଢୁଙ୍ଗ ଠାକୁରାଣୀ ରହନ୍ତି । ଏଠାରେ ବିଭିନ୍ନ ପ୍ରକାର ମକଦ୍ଦମା ଯଥା- କୂଦା *(ଗୋଡ଼)* କୁଦା ମଧ୍ୟରେ ଗଣ୍ଡଗୋଳ, ବଂଶବଂଶ ମଧ୍ୟରେ ଗଣ୍ଡଗୋଳ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଗଣ୍ଡଗୋଳ, ସଲପଗଛକୁ କେନ୍ଦ୍ରକରି ଗଣ୍ଡଗୋଳ, ଡ଼ିହବାଡ଼ି ଗଣ୍ଡଗୋଳ, ଜମିବାଡ଼ି ଗଣ୍ଡଗୋଳ, ପର୍ବପର୍ବାଣୀ ସମୟୀୟ ଗଣ୍ଡଗୋଳ, ବିବାହ ଜନିତ ଗଣ୍ଡଗୋଳ, ଚୋରୀ ଡ଼କାୟତି, ଝିକାଟଣା ହତ୍ୟା, ଆତ୍ମହତ୍ୟା, ମାଡ଼ପିଟ୍, ହଣାକଟା, ଭୂଷାଭୂଷି, ବିନ୍ଧାବିନ୍ଧି, ଛାଡ଼ପତ୍ର, ଦ୍ୱିତୀୟ ବିଭା, ଗୁଣିଗାରେଡ଼ି, ରଣବାଡ଼ି, ଗୋଡି, ସେଲାନିଡ଼ିଙ୍ଗୋ ଇତ୍ୟାଦି ବିଷୟରେ ବିଚାର କରାଯାଏ । ବିଚାର ଅବସରରେ ଦୋଷୀକୁ ପ୍ରତିଜ୍ଞା କରାଇଥାନ୍ତି । ଶେଷରେ ଉଭୟ ମୁଦାଲା ଓ ମୁଦେଇକୁ ଜୋରିମନା ଆକାରରେ ମାଦକ ପାନୀୟ ଦେବାକୁ ପଡ଼ିଥାଏ । ଦୋଷ ଗୁରୁତ୍ୱର ହୋଇଥିଲେ ଗୋରୁ, ଗାଈ, ଛେଳି, ଘୁଷୁରୀ ଓ ଟଙ୍କା ଜୋରିମନା ଆକାରରେ ଦେବାକୁ ପଡ଼ିଥାଏ । ଏହା ବ୍ୟତୀତ ଅନେକ ସମୟରେ ମହାପ୍ରଭୁ ଦୋଷୀକୁ ଦଣ୍ଡଦେବ ବୋଲି ସେମାନେ ଭାବିଥାନ୍ତି । ଏବେ ପାରମ୍ପରିକ ଗ୍ରାମସଭାର ଗଠନ ଓ କାର୍ଯ୍ୟକଳାପରେ ବିଭିନ୍ନ ପରିବର୍ତ୍ତନ ଦେଖାଦେଇଛି । ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରଭାବ ଜିଲ୍ଲୁତ ଏମାନଙ୍କ ଉପରେ ପଡ଼ିଛି । ଏମାନେ ସରପଞ୍ଚର କଥାକୁ ମଧ୍ୟ ଗୁରୁତ୍ୱ ଦେଇଛନ୍ତି । ଏହି ପାରମ୍ପରିକ ଗ୍ରାମସଭା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

ପାରମ୍ପରିକ ଗ୍ରାମସଭାର ଗଠନ:

ବର୍ତ୍ତମାନଙ୍କର ସାମାଜିକ ସଂଗଠନ ଭିତରେ ପିତା ଯେପରି ପରିବାରର ମୁଖ୍ୟ ଏବଂ ତାଙ୍କର ପରିଚାଳନାରେ ପରିବାର ଉଇମନ୍ଦ ଯେପରି ନିୟନ୍ତ୍ରିତ ହୋଇଥାଏ ସେହିପରି ଗାଁର ରାଜନୈତିକ ମୁଖ୍ୟଭାବରେ ନାଏକ କାମ ଚଳାଇଥାନ୍ତି । ସେ ଗାଁର ମୁଖ୍ୟ ଓ ପ୍ରଥମ ନାଗରିକ । ତାଙ୍କୁ କାମରେ ସାହାଯ୍ୟ କରିବାପାଇଁ ସହକାରୀ ମୁଖ୍ୟ ଭାବରେ "ଚାଲାଣ" ନିଯୁକ୍ତି ହୋଇଥାଏ । ବିଭିନ୍ନ ବୋଲହାକ କରିବା ଓ ଡାକୁଆ ହିସାବରେ ଜଣେ. ବ୍ୟକ୍ତି ବାରିକ୍ ରୂପେ ନିଯୁକ୍ତି ପାଇଥାନ୍ତି । ପ୍ରକୃତରେ ଗାଁର ରାଜନୈତିକ ନେତା କହିଲେ ଏହ ତିନିଜଣକୁ ବୁଝାଏ ।

ପୁନଶ୍ଚ ପ୍ରତି ଗାଁରେ ମଧ୍ୟ ଜଣେ ଜଣେ ନାୟକ ନଥାନ୍ତି । ଅଣ୍ଟାହାଲ ଆଦି କେତେକ ଗାଁ ଅଛି ଯେଉଁଠାରେ ଦୁଇଜଣ ଲେଖାଏଁ ନାୟକ କାର୍ଯ୍ୟ କରୁଥାନ୍ତି ।

ଏଥିମଧ୍ୟରୁ ଜଣେ ବୟସ୍କ ଲୋକ ହୋଇଥିଲା ବେଳେ ଅନ୍ୟ ଜଣେ ଯୁବବ୍ୟକ୍ତି କାର୍ଯ୍ୟ କରିଚାଳନା କରୁଥାନ୍ତି । କିନ୍ତୁ ଯୁବବ୍ୟକ୍ତି ନାଏକ ଜଣକ ବୟସ୍କ ନାଏକଙ୍କ ପରାମର୍ଶନୁଯାୟୀ କାର୍ଯ୍ୟ ପରିଚାଳନା କରିଥାନ୍ତି ।

ବଣ୍ଡାମାନଙ୍କ ଗାଁରେ ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ସେମିତି କିଛି ମନ୍ତ୍ରଣାଳୟ ନଥାଏ । ଗ୍ରାମମଧ୍ୟରେ କିମ୍ବା ଗ୍ରାମ ଶେଷରେ ଏକ ଝଙ୍କାଳିଆ ଗଛମୂଳରେ ପଥରରେ ନିର୍ମାଣ କରାଯାଇଥିବା ବୈଠକସ୍ଥାନ "ସିନ୍ଦିବୋର"ରେ ସମସ୍ତ କାର୍ଯ୍ୟ ସଂପାବନ କରାଯାଇଥାଏ । ଏହା ଗାଁ ବୁରୁସଂ ଠାକୁରାଣୀଙ୍କ ପୀଠସ୍ଥଳୀ ରୂପେ ବିଚାର କରାଯାଏ ।

ସାଧାରଣତଃ ନାୟକ, ଚାଲାଣ, ବାରିକ ଓ ସିନ୍ଦିବୋରକୁ ନେଇ ଗ୍ରାମସଭା ଗଠିତ । ଏହା ବ୍ୟତୀତ ଗାଁର ଶିଶା, ଗ୍ରାମର ବୟୋଜ୍ୟଷ୍ଠ ବ୍ୟକ୍ତି ଓ ସାଧାରଣ ବ୍ୟକ୍ତିମାନେ ଗାଁର ସମସ୍ତପ୍ରକାର ନ୍ୟାୟ ନିଷ୍ପତ୍ତି ଇତ୍ୟାଦିରେ ଅଂଶ ଗ୍ରହଣ କରନ୍ତି ।

ଗ୍ରାମସଭା ସଦସ୍ୟମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି, ଯୋଗ୍ୟତା ଓ ନିର୍ବାଚନ ପ୍ରଣାଳୀ:

ନାୟକ ଗାଁର ମୁଖ୍ୟ । ସାଧାରଣତଃ ବଡ଼ନାୟକ କୁଦା (ଗୋତ୍ର)ର ଜଣେ ବ୍ୟକ୍ତିକୁ ନାଏକ ଭାବରେ ବଛାଯାଏ । ଯଦି ବଡ଼ନାୟକ କୁଦାର କେହି ଯୋଗ୍ୟବ୍ୟକ୍ତି ଏ ପଦବୀ ନେବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ ତେବେ ଅନ୍ୟ କୁଦାର କୌଣସି ଯୋଗ୍ୟ ବ୍ୟକ୍ତିକୁ ଏହି ପଦ ପାଇଁ ନିର୍ବାଚନ କରାଯାଇଥାଏ । କିନ୍ତୁ ବଡ଼ନାୟକ ନଥିବା ଗ୍ରାମରେ କୌଣସି କୁଦାର ବ୍ୟକ୍ତିକୁ ନାୟକ ହିସାବରେ ମନୋନୟନ କରାଯାଇଥାଏ ।

ତେବେ ଯେ କୌଣସି ବ୍ୟକ୍ତିକୁ ନାୟକ ପଦବୀ ପାଇଁ ବଛାଯାଇ ନଥାଏ । ଏଥିପାଇଁ ଉକ୍ତ ବ୍ୟକ୍ତିର ନିମ୍ନଲିଖିତ ସାଧାରଣ ଯୋଗ୍ୟତା ଥିବା ଦରକାର ।

୧. ବଣ୍ଡା ସଂପ୍ରଦାୟର ହୋଇଥିବା ଦରକାର ।

୨. ସେ ପୁରୁଷ ହୋଇଥିବା ଦରକାର ।

୩. ପୁରୁଷ ବିବାହ କରିଥିବା ଆବଶ୍ୟକ ଓ ତା ସ୍ତ୍ରୀ ଜୀବିତ ଥିବା ଆବଶ୍ୟକ ।

୪. ସେ ବିକଳାଙ୍ଗ ବା ବିକୃତ ମସ୍ତିଷ୍କ ହୋଇନଥିବା ଦରକାର ।

୫. ସେ ଗ୍ରାମର ଜଣେ ମାନଗଣ୍ୟ ବ୍ୟକ୍ତି ହୋଇଥିବା ଦରକାର ।

୬. ସେ ଉତ୍ତମ ବିଚାରକ, ଶାନ୍ତସ୍ୱଭାବ ବିଶିଷ୍ଟ ଓ ଅମାୟିକ ହୋଇଥିବା ଦରକାର ।

୭. ସେ ଅତ୍ୟଧିକ ମଦ୍ୟପାନ କରୁନଥିବା ଦରକାର ।

୮. ସେ ବଣ୍ଡା ଭାଷା ବ୍ୟତୀତ ଓଡ଼ିଆଭାଷା ଜାଣିଥିବା ଦରକାର ।

ଏପରି ଏକ ବ୍ୟକ୍ତିବିଶେଷଙ୍କୁ ସାଧାରଣତଃ ନାଏକ ଭାବରେ ବଛାଯାଇଥାଏ । ନାୟକ ପରି ମଧ୍ୟ ଚାଲାଣକୁ ବଛା ଯାଇଥାଏ । ଚାଲାଣ ହେବାପାଇଁ ନିମ୍ନଲିଖିତ ଯୋଗ୍ୟତା ଓ ବ୍ୟକ୍ତିତ୍ୱ ଥିବା ଆବଶ୍ୟକ ।

୧. ବ୍ୟକ୍ତି ଜଣକ ଚାଲାଣ କୁଦାର ହୋଇଥିବା ଦରକାର ।

୨. ସେ ସଂପୃକ୍ତ ଗ୍ରାମର ବାସିନ୍ଦା ହୋଇଥିବା ଦରକାର ।

୩. ସେ ବିବାହିତ ପୁରୁଷ ହୋଇଥିବା ଆବଶ୍ୟକ ।

୪. ସେ ବିକଳାଙ୍ଗ ବା ବିକୃତ ମସ୍ତିଷ୍କ ହୋଇନଥିବା ଦରକାର ।

୫. ଗ୍ରାମର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇଥିବା ଦରକାର ।

୬. ସେ ଉତ୍ର, ଅମାୟିକ, ନ୍ୟାୟବାନ, ଉତ୍ତମ ବିଚାରକ ହୋଇଥିବା ଆବଶ୍ୟକ ।

୭. ସେ ବଣ୍ଡା ଭାଷା ବ୍ୟତୀତ ଅନ୍ୟଭାଷା ମୁଖ୍ୟତଃ ଓଡ଼ିଆ ଜାଣିଥିବା ଦରକାର ।

୮. ସେ ମଦ୍ୟପ ହୋଇନଥିବା ଦରକାର ।

ଏହିପରି ବ୍ୟକ୍ତିତ୍ୱ ଥିବା ବ୍ୟକ୍ତିକୁ ଚାଲାଣ ରୂପେ ବଛାଯାଇଥାଏ । ସେ ନାୟକର ସହାୟକ ହିସାବରେ କାର୍ଯ୍ୟ କରିଥାଏ ।

ଉପରୋକ୍ତ ବ୍ୟକ୍ତି ଦ୍ୱୟକୁ କାର୍ଯ୍ୟରେ ସାହାଯ୍ୟ କରିବା, ବୋଇହାକ ଶୁଣିବା, ଗ୍ରାମବାସୀଙ୍କୁ ସଭାକୁ ଡାକିବା, ସଭାରେ ନିଷ୍ପତ୍ତି ନିଆଯାଇଥିବା ବିଷୟକୁ ଗ୍ରାମବାସୀଙ୍କୁ ଜଣାଇବା ଇତ୍ୟାଦି କାର୍ଯ୍ୟ କରିବା ପାଇଁ କୌଣସି କୁଦାର ଜଣେ ସୁସ୍ଥସବଳ ପୁରୁଷ ବ୍ୟକ୍ତିକୁ ବାରିକ୍ ରୂପେ ନିର୍ବାଚନ କରାଯାଇଥାଏ । ପୂର୍ବରୁ ଏକ ସୁସ୍ଥସବଳ ଡମପୁରୁଷକୁ ବାରିକ ହିସାବରେ ନିଯୁକ୍ତି ଦିଆଯାଉଥିଲା । ଏବେ ଡମ ବ୍ୟତୀତ ବଣ୍ଡାମାନେ ମଧ୍ୟ ବାରିକ ପଦବୀକୁ ସୁଚାରୁ ରୂପେ ସଂପାଦନ କରିପାରୁଛନ୍ତି ।

ଗ୍ରାମସଭାର ନାୟକ, ଚାଲାଣ ଓ ବାରିକକୁ ବର୍ଷର ଥରେ ସୁସୁଗିଗେ *(ମାଘପର୍ବ)* ଅବସରରେ ନିର୍ବାଚନ କରିବାର ପ୍ରଥା ବଣ୍ଡାମାନଙ୍କ ମଧ୍ୟରେ ରହିଅଛି । ଏହି ପର୍ବ ଅବସରରେ ବାରଜାଙ୍ଗରର ସମସ୍ତ ନାୟକ, ଚାଲାଣ ଓ ବାରିକମାନେ ମୁଦୁଲିପଡ଼ାର ପାଟଖଣ୍ଡା ମହାପ୍ରଭୁଙ୍କ ପାଖରେ ଉପସ୍ଥିତ ହୁଅନ୍ତି । ଏଠାରେ ଏକ ବିରାଟ ସଭାର ଆୟୋଜନ କରାଯାଏ । ସେଥିରେ ସମସ୍ତ ସଦସ୍ୟମାନଙ୍କର ବର୍ଷର କାର୍ଯ୍ୟସମୀକ୍ଷା କରାଯାଏ । ଯଦି କୌଣସି ବ୍ୟକ୍ତିର କାର୍ଯ୍ୟ ଅସନ୍ତୋଷ ଜନକ ମନେହୁଏ ତେବେ ତାକୁ ସେ ଅଧିକାର କରିଥିବା ପଦରୁ ଓହରି ଯିବାକୁ ପଡ଼େ । କିନ୍ତୁ ଏପରି ଅସ୍ୱସ୍ତିକର ପରିବେଶ ପ୍ରାୟ ସୃଷ୍ଟି ହୋଇନଥାଏ । ନିର୍ବାଚିତ ସଭ୍ୟ ଉକ୍ତ ପଦବୀରେ ୩ ବର୍ଷ ପର୍ଯ୍ୟନ୍ତ ରହି କାର୍ଯ୍ୟ କରିଥାଏ । କୌଣସି ସଦସ୍ୟକୁ ନବ ନିର୍ବାଚନ ପାଇଁ ସଭାରେ ପ୍ରସ୍ତାବ ଆଗତ ହୋଇଥାଏ । ପ୍ରଥମେ ଏ ପ୍ରସ୍ତାବକୁ ପ୍ରସ୍ତାବିତ ବ୍ୟକ୍ତି ନିଜେ ଅନୁମୋଦନ କରେ । ଆଗତ ପ୍ରସ୍ତାବକୁ ଅଧିକାଂଶ ବ୍ୟକ୍ତି ଅନୁମୋଦନ କଲେ ସେ ବ୍ୟକ୍ତିକୁ ନିର୍ବାଚନ କରାଯାଏ । ସଭାସ୍ଥଳରେ ଏକ ନୂଆ ବାଉଁଶ ପଟି ପକାଯାଇଥାଏ । ନାୟକ ପାଇଁ ମନୋନିତ ବ୍ୟକ୍ତିମାନେ ଏହି ପଟି ଉପରେ ବସନ୍ତି । ପାଟଖଣ୍ଡା ପୂଜାରୀ *(ଶିଶା)* ଏ ସମସ୍ତଙ୍କ ମୁଣ୍ଡରେ ଗାମୁଛା ବାନ୍ଧିଥାଏ । ସେମାନଙ୍କ ପାଦ, ଆଣ୍ଠୁ ଓ କପାଳରେ ଅରୁଆ ଚାଉଳ ଟିକା ଦେଇ ସେମାନେ ପଦବୀ ପାଇଁ ନିର୍ବାଚିତ ହେଲେ ବୋଲି ସମସ୍ତଙ୍କୁ ସୂଚାଇ ଦିଏ । ଉପସ୍ଥିତ ଅନ୍ୟ ବ୍ୟକ୍ତିଗଣ ତାକୁ ଆଲିଙ୍ଗନ କରି ବା ପିଠି ଥାପୁଡ଼ାଇ ସମ୍ବର୍ଦ୍ଧନା ଜଣାଇଥାନ୍ତି । ଏହିପରି ନିର୍ବାଚନ ପ୍ରଣାଳୀରେ ଓ ଉକ୍ତ ସୁସୁଗିଗେ *(ମାଘପର୍ବ)* ଅବସରରେ ମୁଦୁଲିପଡ଼ା ପାଟଖଣ୍ଡାଙ୍କ ଆଗରେ ନାଏକ ନିର୍ବାଚନ କରାଯାଇଥାଏ । ଚାଲାଣ ଓ ବାରିକ ମଧ୍ୟ ଉକ୍ତଦିନ ନିର୍ବାଚନ କରାଯାଇଥାଏ । ଏମାନଙ୍କୁ ମୌଖିକ ଭାବେ କହିଦିଆଯାଏ । ବିଧିବିଧାନ କରାଯାଏ ନାହିଁ । ଏମାନେ ମୁଖ୍ୟତଃ ୩ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି ।

କିନ୍ତୁ ବାରଜାଙ୍ଗର ଗ୍ରାମଗୁଡ଼ିକ ବ୍ୟତୀତ ଅନ୍ୟଗ୍ରାମଗୁଡ଼ିକରେ ଏହି ପର୍ବ ଅବସରରେ ଗ୍ରାମସଭାର ସମସ୍ତ ସଦସ୍ୟ ନିଜନିଜ ଗ୍ରାମର ସିନ୍ଦିବୋର ଠାରେ ନିର୍ବାଚିତ ହୋଇଥାନ୍ତି । ପ୍ରଥମେ ସିନ୍ଧିବୋର ନିକଟରେ ଏ ନିଯୁକ୍ତ ବିଷୟ ନେଇ ଅନେକ ଆଲୋଚନା କରାଯାଏ । ସର୍ବସମ୍ମତି କ୍ରମେ ନାୟକ, ଚାଲାଣ ଓ ବାରିକକୁ ନିର୍ବାଚନ କରାଯାଏ । ସଭାସ୍ଥଳୀରେ ପଟି ପକାଇ ସଭ୍ୟମାନଙ୍କୁ ବସାଇ ଶିଶା ମନ୍ତ୍ର ପାଠ କରି ସେମାନଙ୍କ ମୁଣ୍ଡ, ପାଦ ଆଣ୍ଠୁରେ ଅରୁଆଚାଉଳର ଟିକା ଦେଇ ନିର୍ବାଚନ ଶେଷ କରେ ।

ତାକୁ ଅନ୍ୟ ଲୋକମାନେ କାନ୍ଧରେ ବସାଇ ଘରପର୍ଯ୍ୟନ୍ତ ବୋହି ନେଇଯାଆନ୍ତି । ନିର୍ବାଚିତ ସଦସ୍ୟ, ତାକୁ କାନ୍ଧରେ ବୋହି ନେଇଥିବା ବ୍ୟକ୍ତିକୁ ପାନୀୟ ପିଇବାକୁ ଦେଇଥାଏ ।

ଏହି ଦିନରେ ମଧ୍ୟ ସଦସ୍ୟମାନଙ୍କର କାର୍ଯ୍ୟ ସମୀକ୍ଷା କରାଯାଇଥାଏ । ଯଦି ନାୟକ, ଚାଲାଣ ଓ ବାରିକ ନାମରେ ଅନେକ ଅଭିଯୋଗ ଉପସ୍ଥାପନା କରାଯାଇଥାଏ, ତେବେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରି ଅନ୍ୟବ୍ୟକ୍ତିଙ୍କୁ ନିର୍ବାଚିତ କରିଥାନ୍ତି । ଯଦି ସେମାନେ ବର୍ଷକ ଭିତରେ ଲୋକମାନଙ୍କର ଆସ୍ଥାଭାଜନ ହୋଇପାରିଥାନ୍ତି, ତେବେ ତାଙ୍କର କାର୍ଯ୍ୟକାଳକୁ ଆଉ ଗୋଟିଏ ବର୍ଷ ଅର୍ଥାତ୍ ପୁଣି ଆସନ୍ତା ବର୍ଷର ମାଘମାସ ପର୍ଯ୍ୟନ୍ତ ବଢାଇ ଦିଆଯାଏ । ଯଦି କୌଣସି ନାୟକ ତାର କାର୍ଯ୍ୟକାଳ ଏକ ବର୍ଷ ନ ପୂରୁଣୁ ସେ ନାୟକ ହିସାବରେ ରହିବାକୁ ଅନିଚ୍ଛୁକ ହୁଏ, ତେବେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ସେ ସ୍ଥାନ ଖାଲି ପଡ଼ିରହେ । କିନ୍ତୁ ସେଥିପାଇଁ ଉପନିର୍ବାଚନ ହେବାର ବିଧି ବଣ୍ଡାସମାଜରେ ନଥାଏ । ନାୟକର ଅନୁପସ୍ଥିତିରେ ଚାଲାଣ ଏ କାର୍ଯ୍ୟ ଚଳାଉଥାଏ । କିନ୍ତୁ ସେ ଓହରି ଯାଉଥିବା ନାୟକର ଉପଦେଶ ଅନୁସାରେ କାର୍ଯ୍ୟ କରିଥାଏ । ଯଦି ନାୟକ ସ୍ୱଇଚ୍ଛାରେ ପଦ ପରିତ୍ୟାଗ କରେ ତେବେ ସେ ଜୋରିମନା ସ୍ୱରୂପ ଏକ ଗୋରୁ ମାରି ଗ୍ରାମବାସୀଙ୍କୁ ଖାଇବା ପାଇଁ ଦେଇଥାଏ । ଯଦି କାର୍ଯ୍ୟ କାଳ ନ ପୂରୁଣୁ ଗୋଟିଏ ନାୟକର ମୃତ୍ୟୁ ଘଟିଥାଏ, ତେବେ ଆବଶ୍ୟକତା ଥିଲେ ମଧ୍ୟ ଅନ୍ୟ ନାୟକକୁ ସେ ସମୟରେ ନିଯୁକ୍ତି ଦିଆଯାଏ ନାହିଁ । ଏହା ବଣ୍ଡା ଆଇନର ବାହାରେ । ଗୋଟିଏ ନାୟକର ପୁଅ ନାୟକ ହୋଇପାରେ କିମ୍ବା ନହୋଇପାରେ କାରଣ ଏହା ସର୍ବସାଧାରଣଙ୍କ ମତାମତ ଉପରେ ନିର୍ଭର କରିଥାଏ ।

ଯେଉଁମାନେ ନୂଆ ନାୟକ ନିଯୁକ୍ତି ହୋଇଥାନ୍ତି, ସେମାନେ ସାଧାରଣତଃ କିଛି ଦିନ ପର୍ଯ୍ୟନ୍ତ ପୁରୁଣା ନାୟକର ଉପଦେଶ ଅନୁଯାୟୀ କାର୍ଯ୍ୟ କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀମାନଙ୍କରେ ସେମାନଙ୍କର ସାହାଯ୍ୟ ଓ ପରାମର୍ଶ ନିଆଯାଇଥାଏ । ଏହା କିଛି ଦିନ କରିବା ପରେ ନୂଆ ନାୟକ ନିଜେ ନିଜେ ସବୁ କରିଥାଏ ।

ଗ୍ରାମସଭାକୁ ନିର୍ବାଚିତ/ମନୋନୀତ ସଦସ୍ୟମାନଙ୍କର କାର୍ଯ୍ୟକଳାପ :

ବଣ୍ଡା ସମାଜରେ ନାୟକର ଭୂମିକା ଉଲ୍ଲେଖନୀୟ । ସେ ବେଳେବେଳେ ତା'ର ବିଶେଷ କ୍ଷମତା ପ୍ରୟୋଗ କରିଥାଏ । ସିନ୍ଦିବୋରରେ ବିଚାର ଚାଲିଥିବାବେଳେ ସର୍ବଶେଷରେ ସେ ଯେଉଁ ନିଷ୍ପତ୍ତି ଦିଏ, ତାକୁ ବଣ୍ଡାମାନେ ମାନିବାକୁ ବାଧ୍ୟ । କୌଣସି

ବଣ୍ଡା ଯଦି ସମାଜ ବିରୋଧି କାମ କରେ ତେବେ ନାୟକ ବାରିକକୁ କହି ସଭା ଡାକିପାରିବ ଓ ଦୋଷ କରିଥିବା ବଣ୍ଡା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ । ନାୟକର ବିନା ଉପସ୍ଥିତିରେ ସିନ୍ଦିବୋର ନିକଟରେ କୌଣସି ସଭା ହେବା ବଣ୍ଡା ଆଇନର ବାହାରେ । ଗ୍ରାମ ସଂପୃକ୍ତ ଓ ଗ୍ରାମର ବ୍ୟକ୍ତି ସଂପୃକ୍ତ ଯେ କୌଣସି ପ୍ରକାର ନ୍ୟାୟ ନିଶାପ, ଇଲମନ୍ଦ ବିଚାର, ଦୋଷୀକୁ ଦଣ୍ଡ ଦେବା, ନିର୍ଦ୍ଦେଶକ ଇତ୍ୟାଦି କାର୍ଯ୍ୟମାନ ନାୟକ କରିଥାଏ । ବିଭିନ୍ନ ପର୍ବପର୍ବାଣୀ ପୂର୍ବରୁ ଯଦି ମିଟିଂ ହେବାର ଥାଏ, ତେବେ ନାୟକ, ଶିଶା (ପୂଜାରୀ) ଓ ଦିଶାରୀ (ଏକାଧାରରେ ଜ୍ୟୋତିଷ ଓ ବୈଦ୍ୟ)ଙ୍କ ପରାମର୍ଶ ଅନୁସାରେ କାମ କରେ । ବିଭିନ୍ନ ପର୍ବପର୍ବାଣୀ ପାଳନ କରିବାର ଦିନ ଏହି ସଭାରେ ନାୟକ ଓ ଶିଶଙ୍କା ଦ୍ୱାରା ନିଷ୍ପତ୍ତି ନିଆଯାଇଥାଏ । ପର୍ବପର୍ବାଣୀ କିମ୍ବା ପୂଜାପାଠ ପାଇଁ ଏଠାରେ ଚାନ୍ଦା ନିର୍ଦ୍ଧାରଣ କରାଯାଏ । ଗ୍ରାମବାସୀମାନେ ଚାନ୍ଦା ଆଣି ଚାଲାଣଙ୍କ ଠାରେ ଠୁଳ କରନ୍ତି । ବଳି ପାଇଁ ପଶୁ ଆଣନ୍ତି । ମାଘପର୍ବ ଅବସରରେ ଚାଲାଣ ଓ ବାରିକ ହାଟରେ ବାରଜାଙ୍ଗର ସମସ୍ତ ମୁଖିଆମାନଙ୍କୁ ପାଟଖଣ୍ଡା ମହାପ୍ରଭୁଙ୍କ ପୂଜାରେ ଉପସ୍ଥିତ ରହିବା ପାଇଁ ଖବର ଦେଇଥାନ୍ତି । ଗାଁର ସମସ୍ତ ବ୍ୟକ୍ତିଙ୍କ ଠାରୁ ଜମି ଖଜଣା ଆଦାୟ କରି ନାୟକ ନେଇ ସରକାରଙ୍କର ଠାରେ ପୈଠ କରିଥାଏ । ଗାଁକୁ ଆସୁଥିବା ସରକାରୀ ବା ଅଣସରକାରୀ ଲୋକମାନଙ୍କ ରହିବା ନିମିତ୍ତ ନାୟକ ବ୍ୟବସ୍ଥା କରିଥାଏ । ଗାଁରେ ଘଟୁଥିବା ବିଭିନ୍ନ ଘଟଣା ଓ ଅଘଟଣାକୁ ସରକାରଙ୍କ ନିକଟରେ ପହଞ୍ଚାଇବା କ୍ଷମତା ନାୟକର ଥାଏ । ସେ ଚାହିଁଲେ କୌଣସି ଏକ ଗୁରୁତର ଘଟଣାକୁ ସିନ୍ଦିବାରରେ ଅନ୍ୟମାନଙ୍କ ସହ ବିଚାର କରି ସମାଧାନ କରିଦେଇପାରନ୍ତି । ଯଦି ଗାଁର କିଛି ବିପତ୍ତି ପଡ଼େ, ତେବେ ନାୟକ ସିନ୍ଦିବୋରରେ ମିଟିଂ ଡ଼ାକି ଏହାର ସମାଧାନର ବାଟ ବାହାର କରିଥାନ୍ତି । ଚାଲଣ ବା ବାରିକର କାର୍ଯ୍ୟରେ ଯଦି ନାୟକ ଅସନ୍ତୁଷ୍ଟ ହୁଏ ତେବେ ସେ ଗାଁର ବଣ୍ଡାମାନଙ୍କୁ ଏକତ୍ର କରାଇ ସେମାନଙ୍କୁ କାର୍ଯ୍ୟକ୍ଷେତ୍ରରୁ ବହିଷ୍କାର କରିବାକୁ ପରାମର୍ଶ କରିଥାନ୍ତି । ଗାଁରେ ହଠାତ୍ କୌଣସି ବିପଦର ସୂଚନା ଦେଖାଗଲେ ଦିଶାରୀ ପ୍ରଥମେ ନାୟକକୁ ଏ ବିଷୟରେ ଜଣାଇ ତା'ର ସମାଧାନ ବାଟ ଠିଆରି କରିଥାନ୍ତି । ଗାଁରେ ଘଟୁଥିବା ସମସ୍ତ ପ୍ରକାର କଳିଝଗଡ଼ା, ଗଣ୍ଡଗୋଳ, ମାଡ଼ପିଟ, ହାଣକଟା ସମ୍ବନ୍ଧରେ ସେ ସିନ୍ଦିବୋରଠାରେ ମିଟିଂ କରି ନ୍ୟାୟ ପ୍ରଦାନ କରିଥାଏ ଓ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେଇଥାନ୍ତି । ଯଦି ଦୋଷୀ ଦଣ୍ଡ ପାଇବାକୁ ସ୍ୱୀକାର କରେନି ବା କିଛି ଝଗଡ଼ା କରିବାକୁ ଚେଷ୍ଟା କରେ ତେବେ ନାୟକ ଏହାକୁ

ସରକାରଙ୍କ ନିକଟରେ ଜଣାଇବାକୁ ବାଧ ହୋଇଥାନ୍ତି । ଆଜିକାଲି ଗାଁରେ ଘଟୁଥିବା ହତ୍ୟାକାଣ୍ଡ ଓ ହଣାକଟାକୁ ନାୟକ ନିଜ ମଧ୍ୟରେ ବିଚାର ନକରି ଅନେକ ସମୟରେ ସିଧା ଥାନା ବା କୋର୍ଟକୁ ଜଣାଇଦେଇଥାନ୍ତି ଓ ଥାନା ବା କୋର୍ଟ ଦୋଷୀକୁ ଦଣ୍ଡ ପ୍ରଦାନ କରିଥାଏ ।

ବାସ୍ତବରେ ନାୟକ ହେଉଛି ଗ୍ରାମର ସର୍ବୋଚ୍ଚକର୍ତ୍ତା । ସେ ଗ୍ରାମର ସମସ୍ତ ଆପଦ ବିପଦ ପାଇଁ ଦାୟୀ ରହିଥାନ୍ତି । କିନ୍ତୁ ଯଦି ନାୟକ ତା'ର କ୍ଷମତାର ଅପବ୍ୟବହାର କରେ ବଣ୍ଡାମାନେ ଏକଜୁଟ୍ ହୋଇ ତାକୁ କାର୍ଯ୍ୟକ୍ଷେତ୍ରରୁ ବହିଷ୍କାର କରିଥାନ୍ତି । କିନ୍ତୁ ବଣ୍ଡା ସମାଜରେ ନାୟକମାନେ ସାଧାରଣତଃ କ୍ଷମତାର ଅପବ୍ୟବହାର କରିନଥାନ୍ତି । ଆଜି ପର୍ଯ୍ୟନ୍ତ କୌଣସି ନାୟକକୁ କ୍ଷମତାଚ୍ୟୁତ କରିଥିବାର ଖବର ମଧ୍ୟ ନାହିଁ ।

ନାୟକ ପରି ଚାଲାଣର କିଛି କାର୍ଯ୍ୟ ରହିଅଛି । କିନ୍ତୁ ବଣ୍ଡାସମାଜରେ ଚାଲାଣର କ୍ଷମତା ଖୁବ୍ ସୀମିତ । ସେ ନାୟକଙ୍କ ସହକାରୀ ଭାବରେ କାର୍ଯ୍ୟ କରିଥାନ୍ତି । ନାୟକଙ୍କ କାର୍ଯ୍ୟକାଳ ନ ପୂରୁଣ ଯଦି ସେ ପଦବୀରୁ ଓହରି ଯାଆନ୍ତି କିମ୍ବା ମରିଯାଆନ୍ତି ସେ କ୍ଷେତ୍ରରେ ଚାଲାଣ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ନାୟକର ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି । ଗାଁର ସିନ୍ଦିବୋର ଠାରେ ହେଉଥିବା ସମସ୍ତ ମିଟିଂରେ ସେ ଉପସ୍ଥିତ ରହିବାକୁ ବାଧ । ସେ କୌଣସି ମକଦ୍ଦମା ବା ମାମଲାକୁ ମିଟିଂରେ ପକେଇଥାନ୍ତି । ସମସ୍ତଙ୍କ ମତାମତ ଲୋଡ଼ିଥାନ୍ତି । ସେ ମଧ୍ୟ ନିଜର ମତାମତ ନାୟକଙ୍କୁ ଜଣାଇଥାନ୍ତି ଓ ସମସ୍ତ ନ୍ୟାୟ ନିଶାପରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ।

ବାରିକ ସାଧାରଣତଃ ଢାକୁଆ ଭାବରେ କାମ କରିଥାଏ । ନାୟକର ନିର୍ଦ୍ଦେଶକ୍ରମେ ସେ ଗାଁର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ବୁଲି ବୁଲି ସଦରଠାରେ ହେଉଥିବା ଗ୍ରାମସଭାରେ ଯୋଗଦେବା ପାଇଁ ବଡ଼ ପାଟିରେ ଡାକ ପକାଏ । ସଭାଶେଷରେ ହୋଇଥିବା ନିଷ୍ପତ୍ତିକୁ ମଧ୍ୟ ବଡ଼ପାଟିରେ ଘୋଷଣା କରେ । ଗାଁରେ କେଉଁଦିନ ସମସ୍ତେ କାମରେ ନିବୃତ୍ତ ରହିବେ, କେଉଁଦିନ ପର୍ବ ପାଳନ ହେବ ଇତ୍ୟାଦି ସେ ବଡ଼ ପାଟିରେ ଡାକି ଗାଁ ଲୋକଙ୍କୁ ଜଣାଇ ଦିଅନ୍ତି । ଗ୍ରାମର କୌଣସି ଘଟଣା ଘଟିଲେ ତାହା ବାରିକ ନାୟକକୁ ଜଣାଇଥାଏ । ଗାଁକୁ ସରକାରୀ କର୍ମଚାରୀମାନେ ଆସିଲେ ସେ ସେମାନଙ୍କର ସେବାସୁଶ୍ରୂଷା କରିଥାଏ । ସାଧାରଣତଃ ନାୟକର ବିନା ନିର୍ଦ୍ଦେଶରେ ସେ କୌଣସି କାର୍ଯ୍ୟ କରିନଥାଏ ।

ଗ୍ରାମସଭାରେ ନିଷ୍ପତ୍ତି କରାଯାଉଥିବା ବିଭିନ୍ନ ପ୍ରକାର ମାମ୍‌ଲା :

ଦୈନନ୍ଦିନ ଜୀବନରେ ବଞ୍ଚାମାନଙ୍କ ମଧ୍ୟରେ ଅନେକ କାରଣ ଯୋଗୁଁ ଗ୍ରାମ, ସାହି, ଗୋତ୍ର, ବଂଶ, ପରିବାର ଓ ବ୍ୟକ୍ତିମାନଙ୍କର ମଧ୍ୟରେ ବିଶୃଙ୍ଖଳା, ଗଣ୍ଡଗୋଳ ଏବଂ ହଣାକଟା ଇତ୍ୟାଦି ହୋଇଥାଏ । ତେଣୁ ଏ ସମସ୍ତର ସମାଧାନ ପାଇଁ ମୋଡବ୍ଦମାମାନଙ୍କୁ ଗ୍ରାମସଭାରେ ଉପସ୍ଥାପନ କରାଯାଏ । ଗ୍ରାମସଭାରେ ବିଚାର କରାଯାଉଥିବା ବିଭିନ୍ନ ମାମଲାଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ନିମ୍ନରେ ପ୍ରଦାନ କରାଯାଇଛି ।

୧. ଗୋଟିଏ ଗ୍ରାମର ସୀମାକୁ ଅନ୍ୟଗ୍ରାମ ବଳପୂର୍ବକ ଅଧିକାର କଲେ,

୨. ଗୋଟିଏ ଗ୍ରାମର ଡଙ୍ଗରକୁ ଅନ୍ୟ ଗ୍ରାମବାସୀମାନେ ଚାଷ କଲେ,

୩. ଗୋଟିଏ ଗ୍ରାମର ସୁରକ୍ଷିତ ଜଙ୍ଗଲ ଓ ଅନ୍ୟାନ୍ୟ ସମ୍ବଳକୁ ଅନ୍ୟଗ୍ରାମବାସୀମାନେ ଲୁଟି ନେଲେ ଗ୍ରାମ ଗ୍ରାମ ମଧ୍ୟରେ ନ୍ୟାୟ ବିଚାର କରାଯାଇଥାଏ,

୪. କୌଣସି ଗୋଟିଏ କୁଦା (ଗୋତ୍ର)ର ସୁରକ୍ଷିତ ପୋଡୁଜମିକୁ ଅନ୍ୟକୁଦା ବଳପୂର୍ବକ ଚାଷ କଲେ ଏହାକୁ ଗ୍ରାମସଭାରେ ବିଚାର କରାଯାଇଥାଏ,

୫. କୌଣସି ବ୍ୟକ୍ତିର ଜମିକୁ ଅନ୍ୟଜଣେ ଜୋରଜବରଦସ୍ତ ଉପଭୋଗ କଲେ କିମ୍ବା ଜଣେ ବିକ୍ରି କରିଦେଇଥିବା ଜମିକୁ ପୁନର୍ବାର ଜବରଦଖଲ କଲେ ତାହା ଗ୍ରାମପଞ୍ଚାୟତକୁ ବିଚାର ପାଇଁ ଅଣାଯାଏ,

୬. ସଲପ ଗଛ କିମ୍ବା ଅନ୍ୟ କୌଣସି ଗଛର ମାଲିକାନା ସତ୍ତ୍ୱନେଇ ଗଣ୍ଡଗୋଳ ଏହି ସଭାରେ ବିଚାର କରାଯାଏ,

୭. ନିବାରଣ ସତ୍ତ୍ୱେ କୌଣସି ବ୍ୟକ୍ତିର ପଶୁ ଅନ୍ୟର ଫସଲ ନଷ୍ଟ କଲେ,

୮. କୌଣସି କାରଣରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗୁରୁତର ଭାବେ କଳିଝଗଡ଼ା ତଥା ପରିବାରିକ ବିଶୃଙ୍ଖଳା ହେଲେ,

୯. ବିନା କାରଣରେ ସ୍ୱାମୀ ସ୍ତ୍ରୀକୁ ଛାଡ଼ପତ୍ର ଦେଲେ,

୧୦. ଜଣଙ୍କ ସ୍ତ୍ରୀକୁ ବଳପୂର୍ବକ ଅନ୍ୟଜଣେ ହରଣ କରେ,

୧୧. ବିବାହ ପାଇଁ ଅରାଜି ଥିବା କୌଣସି ଝିଅକୁ ବଳପୂର୍ବକ ହରଣ କଲେ,

୧୨. କୌଣସି ବ୍ୟକ୍ତିଙ୍କ ଘରୁ ଗୋରୁଗାଈ ଓ ଧନ ସମ୍ପତ୍ତି ଚୋରି କରିଥିବା ଦୋଷୀକୁ ଚିହ୍ନଟ କରାଯାଇପାରିଲେ,

୧୩. ଅବୈଧ ସଂପର୍କ ରଖିଥିବା ଯୁବକ ଯଦି ଯୁବତୀର ଗର୍ଭସଂଚାର ପରେ ତାକୁ ଗ୍ରହଣ କରିବା ପାଇଁ ମନା କରିଦିଏ ,

୧୪. କେତେକ ପର୍ବପର୍ବାଣୀ ଅବସରରେ ସ୍ୱାମୀ ସ୍ତ୍ରୀ ଖୁବ୍ ଜୋରରେ କଳି ଲାଗିବାର ଗାଁ ଲୋକ ଜାଣିଲେ,

୧୫. କୌଣସି ଭାଇ ଅନ୍ୟ ଭାଇମାନଙ୍କୁ ଜମିଭାଗ ନ ଦେଇ ଏକୁଟିଆ ଭୋଗ କଲେ,

୧୬. ଅନ୍ୟମାନଙ୍କର କ୍ଷତି କରୁଥିବା ଦିଶାରୀ, ଗୁଣିଆ ଓ ଡାହାଣୀ ଯଦି ଲୋକଲୋଚନକୁ ଆସିଥାନ୍ତି,

୧୭. କୌଣସି ବିବାହିତ ପୁରୁଷ ଓ ଅନ୍ୟ ଏକ ବିବାହିତ ସ୍ତ୍ରୀ ସହିତ ଅବୈଧ ସଂପର୍କ ଥିବାର ଲୋକଲୋଚନକୁ ଆସିଲେ,

୧୮. ସଇପ ଗଛରୁ ସଇପ ଚୋରି କରିପିଇଥିଲେ,

୧୯. କୌଣସି କାରଣରୁ ବ୍ୟକ୍ତି ବ୍ୟକ୍ତିଙ୍କ ମଧ୍ୟରେ ଗଣ୍ଡଗୋଳ, ମାଡ଼ଗୋଜ, ହଣାକଟା, ଛୁରିଉଷାଉଷି ଓ ତୀର ମରାମରି ହୋଇ ଖଣ୍ଡିଆଖାବରା କିମ୍ବା କେହି ମୃତ୍ୟୁବରଣ କରିଥିଲେ, ସେ କେସ୍ ଗ୍ରାମସଭାରେ ବିଚାର କରାଯାଏ । ଆଜିକାଲି ନରହତ୍ୟା କରିଥିବା ବ୍ୟକ୍ତିକୁ ସିଧାସଳଖଭାବେ ଥାନାକୁ ନିଆଯାଉଛି ।

୨୦. ଅଭାବ ସମୟରେ କୌଣସି ବ୍ୟକ୍ତିଠାରୁ କରଜ ଆଣି ଯଦି ଋଣ ପରିଶୋଧ ନ କରିଥାନ୍ତି ତେବେ କରଜ ଆଣିଥିବା ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ।

୨୧. କୌଣସି ବ୍ୟକ୍ତି ଅତ୍ୟଧିକ ମାଦକ ପାନୀୟ ପିଇ ଅନ୍ୟକୁ ଗାଳିଗୁଲଜ କିମ୍ବା ଦୁର୍ବ୍ୟବହାର କରିଥିଲେ ତାହା ଗ୍ରାମସଭାରେ ନିଷ୍ପତ୍ତି ନିଆଯାଏ ।

ଗ୍ରାମସଭାରେ ସଦସ୍ୟମାନଙ୍କର ବୈଠକୀ ବ୍ୟବସ୍ଥା ପରିଚାଳନା, ନିଷ୍ପତ୍ତି ଗ୍ରହଣ ଓ ପ୍ରତିଜ୍ଞା ପଦ୍ଧତି :

ପୂର୍ବଲିଖିତ ଅନେକ ବିଷୟକୁ ନେଇ ଗଣ୍ଡଗୋଳ ସୃଷ୍ଟି ହୋଇଥାଏ ଓ ଏହାର ବିଚାର ପାଇଁ ମାମଲାଟିକୁ ଗ୍ରାମସଭାକୁ ଅଣାଯାଇଥାଏ । ନ୍ୟାୟ ନିଷ୍ପତ୍ତି କରିବା ପାଇଁ ଗାଁର ସିନ୍ଦିବୋର ଠାରେ ସମସ୍ତେ ଏକତ୍ର ହେବାକୁ ପଡ଼ିଥାଏ । ନାୟକଙ୍କ ନିର୍ଦ୍ଦେଶକ୍ରମେ ବାରିକ ସିନ୍ଦିବୋରଠାରେ ଠିଆ ହୋଇ କିମ୍ବା ଗାଁଦାଣ୍ଡରେ ବୁଲି ବୁଲି ବଡ଼ପାଟିରେ ସମସ୍ତଙ୍କୁ ମିଟିଂରେ ଯୋଗଦେବାକୁ ଆହ୍ୱାନ କରେ । ଗାଁର ପ୍ରାୟ ଅଧିକାଂଶ ପୁରୁଷ

ସିନ୍ଦିବୋରଠାରେ ଏକତ୍ର ହୁଅନ୍ତି । ନାୟକ, ଚାଲଣ ଓ ବାମ ଆସନ୍ତି । ଶିଶା (ପୂଜାରୀ) ଓ ଦିଶାରୀ (ବୈଦ୍ୟ)କୁ ସ୍ୱତନ୍ତ୍ର ଭାବେ ମଧ୍ୟ ନିମନ୍ତ୍ରଣ କରାଯାଏ । ନାୟକ ସିନ୍ଦିବୋରର କୌଣସି ସ୍ଥାନରେ ବସନ୍ତି । ତାଙ୍କ ସମ୍ମୁଖରେ ବସନ୍ତି ଚାଲାଣ ଓ ବାମ ପାର୍ଶ୍ୱରେ ବସନ୍ତି ବାରିଜ । ଗ୍ରାମବାସୀମାନେ ସିନ୍ଦିବୋରର ଉପରେ ଦେହକୁ ଦେହଲାଗି ହୋଇ ବୃତ୍ତାକାର ଭାବରେ ବସିଥାନ୍ତି ଓ ମଝିଅଂଶଟି ସଂପୂର୍ଣ୍ଣ ଖାଲିଥାଏ । ଯଦି ସନ୍ଧ୍ୟାରେ ମିଟିଂର ଆୟୋଜନ ହେଉଥାଏ ତେବେ ସିନ୍ଦିବୋର ମଧ୍ୟଭାଗରେ ଜାଠ ଲଗାଇ ନିଆଁ ଜଳାଇ ସ୍ଥାନକୁ ଆଲୋକିତ କରିବା ସହିତ ନିଜକୁ ଶୀତ ପ୍ରକୋପରୁ ରକ୍ଷା କରିଥାନ୍ତି । ଏହି ସିନ୍ଦିବୋର ଠାରେ ବସିବା ପାଇଁ ପଟି କିମ୍ବା ଦରି ପକାଯାଇ ନଥାଏ ଓ ସମସ୍ତେ ଏପରିକି ନାୟକ, ଚାଲାଣ ମଧ୍ୟ ସିନ୍ଦିବୋର ପଥର ଉପରେ ବସି ବିଚାର କାର୍ଯ୍ୟ କରିଥାନ୍ତି । ଯଦି ଧର୍ମ ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କର ଆବଶ୍ୟକତା ପଡ଼େ ତେବେ ଶିଶା ଓ ଦିଶାରୀଙ୍କ ପରାମର୍ଶ ଅନୁଯାୟୀ ନାୟକ ସଭା ଡକାଇଥାନ୍ତି ।

ସଭାର ଆରମ୍ଭ ହୁଏ । ଏହା ଏକ ସାଧାରଣ ସଭା ବୋଲି ନାୟକ ଘୋଷଣା କରନ୍ତି । ଏହାପରେ ସଭାର ଉଦ୍ଦେଶ୍ୟ ବର୍ଣ୍ଣନା କରିବା ପାଇଁ ଚାଲାଣକୁ ନିର୍ଦ୍ଦେଶ ଦିଆଯାଇଥାଏ । ନାୟକଙ୍କ ନିର୍ଦ୍ଦେଶାନୁଯାୟୀ ସଭାର ଉଦ୍ଦେଶ୍ୟ ଚାଲାଣ ବର୍ଣ୍ଣନା କରିଥାନ୍ତି । ଯଦି ସଭାକାର୍ଯ୍ୟ ଗୋଷ୍ଠୀଗତ ନହୋଇ କୌଣସି ବ୍ୟକ୍ତିଙ୍କ ଅଭିଯୋଗ ଅନୁଯାୟୀ ଆହ୍ୱାନ କରାଯାଇଥାଏ ତେବେ ଉଭୟ ମୁଦେଇ ଓ ମୁଦଲାକୁ ସ୍ୱତନ୍ତ୍ର ଭାବରେ ସଭାକୁ ଡକାଯାଇଥାଏ । ଚାଲାଣ ମୁଦେଇ କହିବା ଅନୁଯାୟୀ ମାମଲାର ସମ୍ୟକ ଧାରଣା ଦେଇଥାଏ । ଏହାପରେ ନାୟକ ମୁଦେଇକୁ କେସ୍‌ର ସଂପୂର୍ଣ୍ଣର ବିବରଣୀ ବର୍ଣ୍ଣନା କରିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ମୁଦେଇ ଘଟଣାର ଆମୂଳଚୂଳ ବର୍ଣ୍ଣନ କରିଥାଏ । ଏହାପରେ ପଡ଼େ ମୁଦାଲାର ପାଳି । ନିର୍ଦ୍ଦେଶ ଅନୁଯାୟୀ ମୁଦାଲା ମଧ୍ୟ ଘଟଣାର ବର୍ଣ୍ଣନା କରିଥାଏ । ସର୍ବସାଧାରଣ ସବୁ ନୀରବରେ ଶୁଣୁଥାନ୍ତି । ଉଭୟ ମୁଦେଇ ଓ ମୁଦାଲଠାରୁ କେସ୍‌ର ସଂପୂର୍ଣ୍ଣ ବିବରଣୀ ଶୁଣିଲା ପରେ ସମସ୍ତଙ୍କ ମଧ୍ୟରେ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୁଏ । ଏଥିରେ ମୁକ୍ତଭାବରେ ସମସ୍ତେ ସମସ୍ତଙ୍କର ମତପ୍ରଦାନ କରିପାରନ୍ତି । ନାୟକ ଓ ଚାଲାଣ ଏଥିରେ ସକ୍ରିୟ ଅଂଶଗ୍ରହଣ କରନ୍ତି । ମାମଲାର ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସମସ୍ତଙ୍କର ପରାମର୍ଶ ଓ ନ୍ୟାୟ ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ । ବେଳେବେଳେ ନାୟକ ଓ ଅନ୍ୟାନ୍ୟ ସମସ୍ତଙ୍କ ଦ୍ୱାରା ଗୃହିତ ନିଷ୍ପତ୍ତିକୁ ଅବମାନନା କରିଥାନ୍ତି ମୁଦେଇ ଓ ମୁଦାଲା । ଫଳରେ ସେଠାରେ ମଧ୍ୟ ପ୍ରବଳ ଗଣ୍ଡଗୋଳ, ହଣାଳଟା ଓ ରକ୍ତପାତ ହୋଇଥାଏ ।

ବଣ୍ଡା ସଭାକାର୍ଯ୍ୟ ପରିଚାଳନାର ପ୍ରତିଜ୍ଞା ଏକ ମୁଖ୍ୟ ଅଂଶ । ବଣ୍ଡାମାନେ ଧର୍ମ ଓ ଦେବଦେବୀ ଉୟାକୁ । ସିନ୍ଦିବୋରଠାରେ ଉଭୟ ମୁଦେଇ ଓ ମୁଦାଲାକୁ ବେଳେବେଳେ ପ୍ରତିଜ୍ଞା କରିବାକୁ ପଡ଼ିଥାଏ । ଯେହେତୁ ସିନ୍ଦିବୋରରେ ଗ୍ରାମ ଠାକୁରାଣୀ ବୁରୁଙ୍ଗ ଥାନ୍ତି ତେଣୁ ସେଠାରେ କେହି ମିଛ କହିବାର ସାହସ କରନ୍ତି ନାହିଁ । ଅଧିକନ୍ତୁ ସେଠାରେ ମିଛ କହିବା "ବିଶାସ" (ପାପ) ବୋଲି ସେମାନେ ଭୟକରନ୍ତି । ଉଭୟ ମୁଦେଇ ଓ ମୁଦାଲାଙ୍କୁ ଗୋବର ଲୁଣ, ଦୂବଘାସ, ମାଟି, ଦୀପ, କାଗଜ ଇତ୍ୟାଦିକୁ ନେଇଁ ପ୍ରତିଜ୍ଞା କରିବାକୁ ପଡିଥାଏ । ଗୋବର, ଲୁଣ ଓ ମାଟିକୁ ଧରି ପ୍ରତିଜ୍ଞା କରି କହନ୍ତି ମୁଁ ଯଦି ମିଛ କହୁଥାଏ କିମ୍ବା ଯଦି ଏପରି ଭବିଷ୍ୟତରେ କରେ (ଯଦି ଭୁଲ କରିଥାଏ) ତେବେ ମାଟି, ଗୋବର ଓ ଲୁଣ ପାଣିରେ ମିଳାଇଗଲା ପରି ମୁଁ ମିଳାଇ ଯିବି (ଅର୍ଥାତ୍ ମରିଯିବି) । ଦୂବଘାସ ଓ କାଗଜକୁ ଛିଣ୍ଡାଇ ସେ ଯଦି ମିଛ କହୁଥାଏ ସେ ସେହିପରି ଛିଣ୍ଡିଯିବ ବୋଲି ପ୍ରତିଜ୍ଞା କରେ ଓ ଦୀପକୁ ଲିଭାଇ ଯଦି ସେ ମିଛ କହୁଥାଏ ତେବେ ସେ ଦୀପ ଲିଭିଲା ପରି ଜିଭିଯିବ (ଅର୍ଥାତ୍ ମରିଯିବ) ବୋଲି ପ୍ରତିଜ୍ଞା କରିଥାଏ । ଯାହାହେଉ ଧର୍ମଭୟାକୁ ଉକ୍ତ ପ୍ରତିଜ୍ଞା କରି ସତ୍ୟ କଥା ପ୍ରକାଶ କରିଥାଏ ଓ ସମସ୍ତେ ଏହାକୁ ସତ୍ୟ ବୋଲି ବିଚାର କରିଥାନ୍ତି । ମୁଦେଇ ଓ ମୁଦାଲା କହିଥିବା କଥା, ସେମାନେ କରିଥିବା ପ୍ରତିଜ୍ଞା ଓ ଗ୍ରାମବାସୀଙ୍କର ମାତମତକୁ ନେଇ ନିଷ୍ପତ୍ତି ଧାର୍ଯ୍ୟ କରାଯାଇଥାଏ ଓ ନାୟକ ଏହାର ଘୋଷଣା କରିଥାନ୍ତି । ସର୍ବଶେଷରେ ଉଭୟ ମୁଦେଇ ଓ ମୁଦାଲାକୁ ମିଳାମିଶା କରାଯାଏ ।

ସାଧାରଣତଃ ନ୍ୟାୟନିଶାପ ପରେ ମୁଦେଇ ଓ ମୁଦାଲାଙ୍କ ତରଫରୁ ଉପସ୍ଥିତ ସମସ୍ତ ବ୍ୟକ୍ତିକୁ ମଦ୍ୟପାନ କରାଯାଇଥାଏ । ଏହା ପ୍ରାୟତଃ ପ୍ରତ୍ୟେକ ମିଟିଂରେ ଏକ ସାଧାରଣ ଜିନିଷ । କିନ୍ତୁ କେତେକ ଧର୍ଷବ୍ୟ ଅପରାଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଗାଈଗୋରୁ, କୁକୁଡ଼ା, ଘୁଷୁରୀ, ଜମି, ଟଙ୍କା ଇତ୍ୟାଦି ଜୋରିମାନ ସ୍ୱରୂପ ଦେବାକୁ ପଡ଼ିଥାଏ ।

ବିଭିନ୍ନ ପ୍ରକାର ଦଣ୍ଡବିଧାନ:

ସାଧାରଣତଃ କୌଣସି ନ୍ୟାୟନିଷାପ ପରେ ଦୋଷୀକୁ ଶାରୀରିକ, ଆର୍ଥିକ, ନୈତିକ, ମାନସିକ, ସାମାଜିକ ଇତ୍ୟାଦି ଦଣ୍ଡ ଦିଆଯାଇଥାଏ । ବଣ୍ଡା ସମାଜରେ କିନ୍ତୁ ଦୋଷୀଙ୍କୁ ଶାରୀରିକ ଓ ସାମଜିକ ଦଣ୍ଡ ପ୍ରାୟ ଦିଆଯାଇନଥାଏ । ଆର୍ଥିକ ଦଣ୍ଡ ହିଁ

ଶ୍ରେଷ୍ଠ ଦଣ୍ଡ ବୋଲି ବିଚାର କରନ୍ତି ବଣ୍ଡାମାନେ । ତେଣୁ ଆର୍ଥିକ ଦଣ୍ଡ ସ୍ୱରୂପ ମୁଦେଇ ଓ ମୁଦାଲାଙ୍କଠାରୁ ସ୍ଥଳବିଶେଷରେ ମଦ, ସଳପ, ଗାଈଗୋରୁ, ଛେଳି, କୁକୁଡ଼ା, ଘୁଷୁରୀ, ଜମି ଓ ଟଙ୍କା ଆଦାୟ କରାଯାଇଥାଏ ।

ସାଧାରଣତଃ ନ୍ୟାୟନିଷ୍ପତ୍ତି ପରେ ମୁଦେଇ ଓ ମୁଦାଲାଙ୍କ ତରଫରୁ ମଦ୍ୟପାନ ବ୍ୟବସ୍ଥା କରାଯାଇଥାଏ ଓ ଗୁରୁତର ଅପରାଧରେ ଅପରାଧୀଙ୍କ ଠାରୁ କୁକୁଡ଼ା, ଛେଳି, ଗାଈ, ଗୋରୁ, ଘୁଷୁରୀ, ଟଙ୍କା ଇତ୍ୟାଦି ଆଦାୟ କରାଯାଇଥାଏ । ଏ ପ୍ରକାର ଜୋରିମାନା ଆଦାୟ କରୁଥିବାର କେତୋଟି କାରଣ ମଧ୍ୟରୁ ପ୍ରଥମଟି ହେଲା ମୁଦେଇର ଅଭିଯୋଗ କ୍ରମେ ଗ୍ରାମସଭା ବସେ ଓ ଏଥିଯୋଗୁଁ ଗ୍ରାମସଭା ସଦସ୍ୟମାନଙ୍କର ଓ ଅନ୍ୟ ଗ୍ରାମବାସୀଙ୍କର ଅନେକ ସମୟ ନଷ୍ଟହୁଏ । ଦ୍ୱିତୀୟତଃ ଅପରାଧୀ ବା ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଭବିଷ୍ୟତରେ ଏପରି ଅସାମାଜିକ କାର୍ଯ୍ୟ ଯେପରି ନ କରେ ବା ତାକୁ ଉଚିତ ଶିକ୍ଷା ଦେବା ପାଇଁ ତାଠାରୁ ଜୋରିମାନ ଆଦାୟ କରାଯାଏ । ଅପରପକ୍ଷରେ ମୁଲାଦାର ହୋଇଥିବା କ୍ଷତିପୂରଣ ବାବଦକୁ ଜୋରିମାନ ଦିଆଯାଇଥାଏ । ଦୋଷୀ ସାବ୍ୟସ୍ତ ହେବା ବ୍ୟକ୍ତିର ବିଭିନ୍ନ ପ୍ରକାର କର୍ମ ପାଇଁ ବିଭିନ୍ନ ପ୍ରକାର ଜୋରିମନା ଅସୁଲ କରାଯାଇଥାଏ । କିନ୍ତୁ ବଣ୍ଡାମାନଙ୍କର ନିମୟ ଅନୁସାରେ ସାଧାରଣତଃ ମୁଦେଇ ଓ ମୁଦାଲା ଉଭୟ ପକ୍ଷରୁ ଜୋରିମାନ ଆଦାୟ କରାଯାଇଥାଏ । ମୁଦାଲା ଯଦି ଦୋଷୀ ସାବ୍ୟସ୍ତ ହୁଏ, ତେବେ ତାଠାରୁ ଅଧିକ ଜୋରିମାନା ରଖାଯାଇଥିଲା ତେଳେ ମୁଦେଇଠାରୁ ଅଳ୍ପ ପରିମାଣରେ ଜୋରିମନା ଆଦାୟ କରାଯାଇଥାଏ ।

ସାଧାରଣତଃ ଗାଁ ମଧ୍ୟରେ ଘଟୁଥିବା ବିଭିନ୍ନ ଛାଟାଡିକ ଘଟଣଗୁଡ଼ିକ ନାୟକ ଥାନାରେ ଖବର ଦେବା ଦରାକର । କିନ୍ତୁ ଅନେକ ସମୟରେ ଏହା ଗାଁ ମଧ୍ୟରେ ସମାଧାନ ହୋଇଯାଇଥାଏ ଓ ସରକାରଙ୍କ ଗୋଚରାର୍ଥେ ଜଣାର ଦିଆଯାଇନଥାଏ । ଏଥିଯୋଗୁଁ ଅପରାଧୀକୁ ମାତ୍ରାଧିକ ଜୋରିମାନ ଦେବାକୁ ପଡ଼ିଥାଏ । ଯଦି କୌଣସି ଲୋକ ଗୋଟିଏ ଲୋକ ମାରିଦିଏ ଓ ସେ ଗ୍ରାମସଭାର ମୁଖିଆ (ନାୟକ)ଙ୍କ ନିକଟରେ ଭୁଲ ପାଇଁ ଦଣ୍ଡ ଚାହେଁ, ତେବେ ସେ ଗୋଟାଏ ଗାଈ କିମ୍ବା ବଳଦ ମାରି ଗ୍ରାମବାସୀକୁ ଭୋଜି ଦେଇ ଦଣ୍ଡରୁ ମୁକ୍ତି ପାଇଥାଏ । ଭୋଜି ସହିତ ଗ୍ରାମବାସୀକୁ ମଦ ପାନୀୟ ପିଇବାକୁ ଦିଆଯାଇଥାଏ । ଏତଦ୍ୱାରା ଘଟଣାଟି ସରକାରଙ୍କ ନିକଟରେ ପହଞ୍ଚେ ନାହିଁ ଓ ସେ ଜେଲଦଣ୍ଡରୁ ରକ୍ଷା ପାଇଯାଇଥାଏ । ଯାହାହେଉ, କେଉଁ ପ୍ରକାର ଦୋଷ ବା ଅପରାଧ ପାଇଁ କି ପ୍ରକାର ଜୋରିମନା ରଖି ଦୋଷୀକୁ କ୍ଷମା ଦିଆଯାଇଥାଏ ତା'ର ଏକ ବିବରଣୀ ନିମ୍ନରେ ଦିଆଗଲା ।

କ୍ର.ନଂ	ଦୋଷ/ଅପରାଧ	ଦଣ୍ଡ/ଜୋରିମନା
୦୧.	ତୀରମାରି ନରହତ୍ୟା	ଗୋଟିଏ ଗୋରୁ ମାରି, ଭୋଜି ଓ ମାଦକ ପାନୀୟ ଗ୍ରାମବାସୀକୁ ଦିଆଯାଇଥାଏ ।
୦୨.	ଟାଙ୍ଗିଆ ଦ୍ୱାରା ଆହତ	ଘୁଷୁରୀ ମାଂସ ଓ ମଦ
୦୩.	ଛୁରୀ ଜୂଷି ଆହତ କରିବା	ଗାଈ ଓ ମଦ
୦୪.	ଏକାଧିକ ଥର ନରହତ୍ୟା	ଗାଈ, ଘୁଷୁରୀ ଓ କୁକୁଡ଼ା
୦୫.	ନାରୀ ଧର୍ଷଣ କରିବା	ଧର୍ଷିତାକୁ ଗାଈ ଜିମ୍ମା ବଳଦ ଦେବା ଓ ଗ୍ରାମସରାର ସଦସ୍ୟମାନଙ୍କୁ ମଦ୍ୟପାନ ଦେବା ।
୦୬.	ଚୋରୀ, ଡକାୟତି	୧୦ଟଙ୍କା ପର୍ଯ୍ୟନ୍ତ ଜୋରମନା ଓ ମଦ୍ୟପାନ ।
୦୭.	ପାଂଗଣ	କୁକୁଡ଼ା ଓ ଘୁଷୁରୀ ।
୦୮.	ଛାଡ଼ପତ୍ର	ଗାଈ, ବଳଦ ଜିମ୍ମା ଘୁଷୁରୀ ।
୦୯.	ଘରଜମିବାଡ଼ି ଅଧିକାର କରିବା	କୁକୁଡ଼ା ଓ ମଦ
୧୦.	ଜମିରୁ ପାଚି ଚୋରେଇ ନେବା	ଘୁଷୁରୀ ଓ ଟଙ୍କା
୧୧.	ପୋଷା ଜୀବକୁ ପିଟିପିଟି ମାରିବା	ମଦ ଏବଂ ଅନ୍ୟ ପୋଷାଜୀବ ଫେରସ୍ତ ।
୧୨.	କାହା ବିଲରେ ଗୋରୁଗାଈ ଛାଡ଼ିଦେବା	କ୍ଷତିପୂରଣ ପାଇଁ ଟଙ୍କା ।
୧୩.	ଜେଲରୁ ଆସିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ମିଳାମିଶା	ଗାଁବାଲାକୁ ଗାଈ, ଘୁଷୁରୀ ଓ କୁକୁଡ଼ା ମାଂସ ରୋଷି,ମଦ ପିଆଇବା ଓ ମୁଦାଲାର ଦାବିଅନୁସାରେ ଗାଈ, ଛେଳି ଓ ଟଙ୍କା ଇତ୍ୟାଦି ଦିଆଯାଏ ।

ଏହିପରି ଅନେକ ପ୍ରକାର ଦୋଷ ବା ଅପରାଧ ପାଇଁ ବିଭିନ୍ନ ପ୍ରକାର ଦଣ୍ଡ ବ୍ୟବସ୍ଥା ପଞ୍ଚଙ୍କ ଦ୍ୱାରା କରାଯାଇଥାଏ । ଯଦି କୌଣସି ବ୍ୟକ୍ତି ସାମାଜିକ ନିୟମ ଭଙ୍ଗ

କରେ କିମ୍ବା ଗୋଷ୍ଠୀଗତ ପୂଜାପାଠ କିମ୍ବା ପର୍ବପର୍ବାଣୀ ଅବସରରେ "ଆଙ୍ଗତ" (ନିଷେଧ)କୁ ଉଙ୍ଗ କରିଥାଏ, ତାହା ଗ୍ରାମସଭାରେ ବିଚାର କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଇଥାଏ । ଏହିପରି ଶହ ଶହ କେସ୍ ଗ୍ରାମସଭାରେ ସିନ୍ଦିବୋର ଠାରେ, ନାୟକ, ଚାଲାଣ, ବାରିକ ଓ ଗ୍ରାମବାସୀଙ୍କ ଦ୍ୱାରା ସମାଧାନ କରାଯାଇଥାଏ ।

ଗ୍ରାମସଭାର ଗଠନ ଓ କାର୍ଯ୍ୟ ପ୍ରଣାଳୀରେ ସାମ୍ପ୍ରତିକ ପରିବର୍ତ୍ତନ:

ସମୟ ବଦଳିବା ସହିତ ବଣ୍ଡାମାନଙ୍କର ମଧ୍ୟ ବିଭିନ୍ନ ଉନ୍ନତି ହେଉଅଛି । ଏମାନଙ୍କର ରାଜନୈତିକ ଜୀବନରେ ଆଧୁନିକ ସଭ୍ୟତାର ପ୍ରଭାବରେ କିଛି କିଛି ମଧ୍ୟ ପରିବର୍ତ୍ତନ ପରିଲକ୍ଷିତ ହେଲାଣି । ବହୁ ପୁରାକାଳରୁ ଗ୍ରାମସଭାରେ ରହିଆସୁଥିବା ୩ଟି ପଦବୀ ଏବେ ବି ସୁରକ୍ଷିତ । କିନ୍ତୁ ନିର୍ବାଚନରେ ଜେତେକ ପରିବର୍ତ୍ତନ ଦେଖାଗଲାଣି । ଆଗରୁ ବହୁ ବିଚାର ବିମର୍ଷ ପରେ ଜଣଙ୍କୁ ଜୌଣସି ପଦବୀ ପାଇଁ ମନୋନିତ କରାଯାଇଥିଲା । କିନ୍ତୁ ଏବେ ନାୟକ ପଦବୀ ପାଇଁ ଝିଙ୍କାଟଣା, ଜୋର ଜବରଦସ୍ତ ମଧ୍ୟ ହେଲାଣି । ଆଗରୁ ବଣ୍ଡା ନିୟମାନୁଯାୟୀ ଜଣେ ଡ଼ମ ଗୋଷ୍ଠୀର ପୁରୁଷ ବ୍ୟକ୍ତିଙ୍କୁ ବାରିକ୍ ପଦବୀରେ ନିର୍ବାଚିତ କରାଯାଉଥିଲା । କିନ୍ତୁ ଏବେ ଡ଼ମ ବ୍ୟତୀତ କୌଣସି ବଣ୍ଡାକୁ ମଧ୍ୟ ଏ କାର୍ଯ୍ୟଭାର ଦିଆଯାଇପାରୁଛି ।

ଏତଦ୍‌ବ୍ୟତୀତ ୧୯୬୮ ମସିହାରୁ ବଣ୍ଡା ଅଞ୍ଚଳରେ ସରକାରଙ୍କ ତରଫରୁ ପଞ୍ଚାୟତ ରାଜ ପ୍ରଥା କାର୍ଯ୍ୟକାରୀ ହୋଇଆସୁଅଛି । ଏ ପ୍ରଥାନୁଯାୟୀ ତରାବେଡ଼ା ଗ୍ରାମ ବ୍ୟତୀତ (ଏହା ରାହାଡ଼ବେଡ଼ା ପଞ୍ଚାୟତ ଅନ୍ତର୍ଭୁକ୍ତ) ଅନ୍ୟ ସମସ୍ତ ବଣ୍ଡା ଗ୍ରାମଗୁଡ଼ିକୁ ୨ଟି ପଞ୍ଚାୟତ ଯଥା ମୁଦୁଲି ପଡା ଗ୍ରା.ପ. ଓ ଅଣ୍ଡାହାଇ ଗ୍ରାମପଞ୍ଚାୟତରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ପଞ୍ଚାୟତକୁ କେତୋଟି ୱାର୍ଡ଼ରେ ବିଭକ୍ତ କରାଯାଇଛି । ଉକ୍ତ ପ୍ରଥାର ପ୍ରଚଳନ ଅନୁସାରେ ବଣ୍ଡା ଲୋକମାନେ ସରପଞ୍ଚ ନିର୍ବାଚନରେ ଭାଗ ନେଇଛନ୍ତି । ପ୍ରତି ୱାର୍ଡ଼ ପାଇଁ ମଧ୍ୟ ୱାର୍ଡ଼ମେମ୍ବର ନିର୍ବାଚନ କରାଗଲାଣି । କିନ୍ତୁ ବଣ୍ଡାମାନେ ଆଜିସୁଦ୍ଧା ୱାର୍ଡମେମ୍ବର ଓ ସରପଞ୍ଚଙ୍କ ପ୍ରକୃତ କାର୍ଯ୍ୟ ବିଷୟରେ ଜ୍ଞାତ ନୁହଁନ୍ତି । ସେମାନେ ୱାର୍ଡ଼ମେମ୍ବର ଭୂମିକା ବିଷୟରେ ସଂପୂର୍ଣ୍ଣ ଅଜ୍ଞ । ଗାଁ ଗାଁରେ ଏବେ ବିଚାର ସମୟରେ ସରପଞ୍ଚଙ୍କୁ ନିମନ୍ତ୍ରଣ କରାଯାଉଛି । ସରପଞ୍ଚ ଗାଁ ବିଚାରରେ ମଧ୍ୟ ନିଜର ମତାମତ ପ୍ରକାଶ କରୁଛି । ଯଦିଓ ସରପଞ୍ଚ କଥାକୁ ଗୁରୁତ୍ୱ ଦିଆଯାଉଛି, କିନ୍ତୁ ପୂର୍ବପରି ଗ୍ରାମସଭାରେ ସଦସ୍ୟ ଓ ଗ୍ରାମବାସୀଙ୍କ ମତାମତକୁ ପଛରେ ପକାଇ ଦିଆଯାଉନାହିଁ ।

ନ୍ୟାୟ ବିଚାରରେ ମଧ୍ୟ ପରିବର୍ତ୍ତନ ଦେଖାଦେଲାଣି । ଗ୍ରାମରେ କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣା (କେସ୍) ଯଥା- ହତ୍ୟାକଟା, ଚୁରୀ ମରାମରି, ନରହତ୍ୟା ଇତ୍ୟାଦି ନାରକୀୟ କାଣ୍ଡର ମାମଲାଗୁଡ଼ିକୁ ଗାଁରେ ପ୍ରାୟ ବିଚାର କରାଯାଇପାରୁନାହିଁ । ନରହତ୍ୟା କିମ୍ବା ଅସ୍ତ୍ରାଘାତରେ ଯଦି କୌଣସି ବ୍ୟକ୍ତି କ୍ଷତବିକ୍ଷତ ହୁଅନ୍ତି, ତେବେ ନାୟକ ସିଧାସଳଖ ଦୌଡ଼େ ଥାନାକୁ ଖବର ଦେବାପାଇଁ । ଥାନାବାଲା ଦୋଷୀକୁ ବନ୍ଦୀ କରି ଥାନକୁ ନେଇଯାଆନ୍ତି । ମୋକଦ୍ଦମାର ବିଚାର ଥାନାରୁ ଅପରାଧୀ ବଣ୍ଟା କିମ୍ବା ବେଳେବେଳେ ନିର୍ଦ୍ଦୋଷ ବଣ୍ଟାକୁ ମଧ୍ୟ କରାଗାରର ଚାରିକାନ୍ଥ ମଧ୍ୟରେ ଦୀର୍ଘ ବର୍ଷ ଜୀବନ ବିତାଇବାକୁ ପଡ଼ିଥାଏ ।

ତେଣୁ ଏବେ ପାରମ୍ପରିକ ଗ୍ରାମସଭା ଓ ଗ୍ରାମ ପଞ୍ଚାୟତର ମିଳିତ ଉଦ୍ୟମରେ ସମସ୍ତ କାର୍ଯ୍ୟ ସଂପାଦନ କରାଯାଇ ପାରିଲେ ଅନେକ କିଛି ସୁଫଳ ମିଳିପାରନ୍ତା ।

ପାରମ୍ପରିକ ଗ୍ରାମ ସଭାରେ ବିଚାର କରାଯାଉଥିବା କେତେକ କାମଲା ବିଷୟରେ ଅଧ୍ୟୟନ:

କେସ୍ ନମ୍ବର-୧

ବିଷୟ- ସଲପ ଗଛର ମାଲିକାନା ସତ୍ତ୍ୱ ନେଇ ଝଗଡ଼ା

ମୁଦେଇ	ମୁଦାଲା
ନାମ- ସନିଆ ମୁଦୁଲି (ଡାଙ୍ଗଡ଼ାଙ୍ଗ)	ନାମ- ଶୁକ୍ରା ଜିର୍ସାନୀ (ଖଲିପଟୁ)
ପିତା- ୪ ମଙ୍ଗଳା ମୁଦୁଲି	ପିତା-୪ ଶୁକ୍ରା ଜିର୍ସାନୀ
ଲିଙ୍ଗ- ପୁରୁଷ, ବୟସ-୪୮	ଲିଙ୍ଗ-ପୁରୁଷ, ବୟସ-୪୬
ଗ୍ରାମ- ପାଡ଼େରୁଡ଼ା	ଗ୍ରାମ- ପଡ଼େରୁଡ଼ା

ବିଷୟ: ସନିଆର ବାପା ମଙ୍ଗଳା ଅନେକ ଦିନ ଆଗରୁ ଏସେବଡ଼ଙ୍ଗାରେ ଥିବା ଏକ ସଲପ ଗଛକୁ ଶୁକ୍ରାର ବାପା ଶୁକ୍ରାକୁ ୬୦ଟଙ୍କାରେ ବିକ୍ରୟ କରିଥିଲେ । ଜାଜକ୍ରମେ ଉଭୟ ମୁଦେଇ ଓ ମୁଦଲାଙ୍କର ପିତା ଦ୍ୱୟ ସ୍ୱର୍ଗଗମନ କଲେ । ତେଣୁ ପିତାକ୍ରୟ କରିଥିବା ଗଛର ଉତ୍ତରାଧିକାରୀ ହେଲେ ଶୁକ୍ରା । (ଖଲିପଟୁ) । କିନ୍ତୁ ବିକ୍ରି କରାଯାଇଥିବା ଗଛ ପାଖରେ ଆଉ କେତୋଟି ଗଛ ଥିଲା । ଶୁକ୍ରା ଏବେ ଗୋଟାଏ ଗଛ ବଦଳରେ ଦୁଇଟି ଗଛ ବଳପୂର୍ବକ ଅଧିକାର କରିବାକୁ ଲାଗିଲା । ତେଣୁ ଏଥିରେ

ଖୁସ୍ ହେଲା ସନିଆ । ଶୁକ୍ରାକୁ ପଚାରିବାରୁ ଶୁକ୍ରା କରହିଲା ମୋ ବାପା ତୋ ବାପାଠାରୁ ୨ଟା ଗଛ କିଣିଥିଲା । ସନିଆ ପ୍ରତିବାଦ କଲା, ଫଳରେ କଳିଗୋଳ ହେଲା । କଥାକଟାକଟି ଓ ଯୁକ୍ତିତର୍କହୋଇ ଶେଷରେ ମାଡ଼ଗୋଳ ପର୍ଯ୍ୟନ୍ତ କଥାଗଲା ।

ଏମାନେ ବହୁ ସଂଯମ ସହ ବହୁତ ପ୍ରକାର ନିତି ନିୟମ ମାନି ଚଳିଥାନ୍ତି । ଏମାନଙ୍କର ଭୟଥାଏ ଯେ ଯଦି ନିତିନିୟମ, ବାରଣ ନିଷେଧ ଆଦି ନ ମାନି କୌଣସି କାର୍ଯ୍ୟ କରାଯାଏ ତେବେ ଉଦ୍ଦିଷ୍ଟ ବ୍ୟକ୍ତି ଅପେକ୍ଷା ଅଦୃଷ୍ଟ ବସିଭୂତ ଶକ୍ତି ନିଜର ବେଶୀ କ୍ଷତି ପହଞ୍ଚାଇଥାଏ । ତେଣୁ ସେମାନେ ସଯତ୍ନେ ପାଳନ କରୁଥିବା ନିତିନିମୟମ, ନିଷେଧ, ନିବାରଣ ନିମ୍ନରେ ଦିଆଗଲା ।

୧. ଅନେକ ସମୟରେ ଅମାବାସ୍ୟ କିମ୍ବା ପୂର୍ଣ୍ଣମୀ ରାତ୍ରରେ ଏମାନେ ଜଙ୍ଗଲରୁ ଚେରମୂଳ ସଂଗ୍ରହ କରନ୍ତି । ଅନ୍ୟମାନେ ଦେଖିଦେବେ ଏହି ଭୟରେ ମଧ୍ୟ ଏମାନେ ରାତ୍ରରେ ଔଷଧ ସଂଗ୍ରହ କରନ୍ତି । ଏମାନେ ପ୍ରାୟ ଦିନରେ ଔଷଧ ସଂଗ୍ରହ କରନ୍ତି ନାହିଁ ।

୨. ବେଳେବେଳେ ଔଷଧ ମଶାଣିରୁ ହାଡ଼ ପାଉଁଶ ଇତ୍ୟାଦି ରାତ୍ରରେ ସଂଗ୍ରହ କରିବା ବେଳେ ଏମାନେ ଉପବାସ ପାଳନ କରିଥାନ୍ତି । କେତେକ ସ୍ଥାନରେ ସେମାନଙ୍କୁ ଉଲଗ୍ନ ହୋଇ ଚେରମୂଳ, ହାଡ଼, ପାଉଁଶ ଆଦି ସଂଗ୍ରହ କରିବାକୁ ପଡ଼ିଥାଏ ।

୩. ଅନେକ ସମୟରେ ଏମାନେ ଏକୁଟିଆ ଶୁଅନ୍ତି । ଆବଶ୍ରକ ସମୟରେ ସହବାସରୁ ଦୂରେଇ ରହନ୍ତି ।

୪. ଗୁଣି ଗାରେଡ଼ି କଲାବେଳେ ଉପବାସ ରହିବା ନିତ୍ୟାନ୍ତ ଜରୁରୀ । ଏହି କାର୍ଯ୍ୟ କରିବା ପୂର୍ବରୁ ନିଶାଦ୍ରବ୍ୟ ସେବନ କରିବା ନିଷେଧ ।

ଏମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ଓ ବ୍ୟବହାର:

ଏମାନେ ମୁଖ୍ୟତଃ ଲୋକମାନଙ୍କର କ୍ଷତି ପହଞ୍ଚାଇଥାନ୍ତି । ଅନିଷ୍ଟ କରିବା ଏମାନଙ୍କର ଲକ୍ଷ୍ୟ । ଖୁବ୍ କମ୍ ସମୟରେ ଏମାନେ କୌଣସି ବ୍ୟକ୍ତିଙ୍କର ଉପକାର କରିଥାଆନ୍ତି । ତେଣୁ ଏମାନଙ୍କୁ ପ୍ରାୟ ସମସ୍ତେ ଭୟ କରନ୍ତି । ଅନ୍ତରରେ ଏମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଭକ୍ତି ନଥାଏ । ଅଧିକନ୍ତୁ ଏମାନଙ୍କୁ ଘୃଣା କରାଯାଏ । କିନ୍ତୁ ନିଜର ଘୃଣା, ହତାଦର ମନୋଭାବକୁ ଉପରେ ପ୍ରକାଶ କରିହୁଏ ନାହିଁ । ସମସ୍ତେ ଡ଼ରନ୍ତି ଜାଳେ ସେମାନେ ତାଙ୍କର କୌଣସି କ୍ଷତି କରିଦେବ । ତେଣୁ ଏମାନଙ୍କୁ ଉପରେ ସାଧାରଣ ବ୍ୟବହାର ଦିଆଯାଏ । ଲୋକମାନେ ସବୁବେଳେ ଏମାନଙ୍କୁ ସନ୍ଦେହ କରନ୍ତି ।

ଅପରପକ୍ଷରେଏହି ଲୋକମାନେ ମନେମନେ ନିଜକୁ ଖୁବ୍ ବଡ଼ ବୋଲି ବିଚାର କରନ୍ତି । କିନ୍ତୁ କାହାରିକୁ ହତାଦର କରନ୍ତି ନାହିଁ । କଳିଗୋଳ, ରାଗରୁଷା ହେଲେ ଏମାନେ ପାଙ୍ଗଣ କରି ମାରିଦେବାକୁ ଧମକ ମଧ୍ୟ ଦେଇଥାନ୍ତି । ଏମାନେ ମଧ୍ୟ ଅନେକକୁ ସନ୍ଦେହ ଓ ହିଂସା କରନ୍ତି । କାହାରି ଉନ୍ନତି ଓ କୃତକାର୍ଯ୍ୟରେ ଜଳିଯାଆନ୍ତି ଏମାନେ । ତାଙ୍କର ସର୍ବନାଶ କରିବାକୁ ପଛାନ୍ତି ନାହିଁ ଏହି ଗୁଣିଆମାନେ ।

ଏମାନଙ୍କର ପୋଷାକ ପରିଚ୍ଛଦ ଓ ପରିପାଟି:

ଏମାନଙ୍କର ମଧ୍ୟ ସ୍ୱତନ୍ତ୍ର ପୋଷାକ ପରିଚ୍ଛଦ ନଥାଏ । କେତେକ ସମୟରେ ଜଙ୍ଗଲରୁ ଔଷଧ ସଂଗ୍ରହ ବେଳେ, ଶ୍ମଶାନରୁ ହାଡ଼,ପାଉଁଶ ଇତ୍ୟାଦି ସଂଗ୍ରହ କରିବା ବେଳେ ଏମାନଙ୍କୁ ଉଲଗ୍ନ ହେବାକୁ ପଡ଼ିଥାଏ । ଗୁଣିଗାରେଡ଼ି କରିବା ପାଇଁ ପୂଜାପାଠ କରିବା ବେଳେ ଏମାନେ ବସିବା ପାଇଁ ଜାଠ ପଟା ବା କୌଣସି ପଶୁର ଚମଡ଼ା, କନ୍ଥାଥିବା ଲୁହା ଶିକୁଳି ଆଦିର ବ୍ୟବହାର କରାଯାଇପାରେ ।

ଏମାନେ ପାଉଥିବା ସ୍ୱତନ୍ତ୍ର ଉପହାର ଓ ପାଉଣା:

ନିଜ କାର୍ଯ୍ୟ ପାଇଁ କୌଣସି ବ୍ୟକ୍ତିକୁ ହଇରାଣ କରିବା, ମାରିଦେବା ଇତ୍ୟାଦି କାର୍ଯ୍ୟ କଲେ କେବଳ ମାନସିକ ଶାନ୍ତି ପାଇଥାନ୍ତି । କିନ୍ତୁ ଅନ୍ୟ କୌଣସି ବ୍ୟକ୍ତି ପାଇଁ ଏହି କାର୍ଯ୍ୟ କରିବା ପାଇଁ ଏମାନେ ଖୁବ୍ ମୋଟା ଅଙ୍କର ଅର୍ଥ ପ୍ରାୟ ଟ ୨୦୦୦/- ୩୦୦୦/- ଟଙ୍କା ଦାବି କରିଥାନ୍ତି । ଅର୍ଥ ବିନା ଏମାନେ ଏଥିପାଇଁ ଜମି ଜିୟା ଗୋରୁଗାଈ ମଧ୍ୟ ଗ୍ରହଣ କରନ୍ତି ନାହିଁ କାରଣ ଏହା ଲୋକଲୋଚନକୁ ଆସିବାର ସମ୍ଭାବନା ଖୁବ୍ ଅଧିକ ଥାଏ । ଏମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କାର୍ଯ୍ୟୀ ପାଉଣା ସହିତ ପ୍ରଚୁର ପରିମାଣରେ ମଦ, ସଲପ ଆଦି ଯୋଗାଇଥାଏ ।

ପାରମ୍ପରିକ ଗ୍ରାମସଭାରେ ଏମାନଙ୍କର ଭୂମିକା:

ଗ୍ରାମସଭାରେ ଏମାନଙ୍କର କୌଣସି ସ୍ୱତନ୍ତ୍ର ଭୂମିକା ନଥାଏ ଜିୟା ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଡକାଯାଇନ ଥାଏ । ଏମାନେ ସର୍ବସାଧାରଣଙ୍କ ପରି ଏମାନଙ୍କର ମତବ୍ୟକ୍ତି କରିଥାନ୍ତି । ଏମାନେ ଦୋଷୀ ସାବ୍ୟସ୍ତ ହେଲେ ଏମାନଙ୍କୁ କଠୋର ଦଣ୍ଡ ଦିଆଯାଇଥାଏ ଜିୟା ଏହାଙ୍କ ଠାରୁ ଅଧିକ ପରିମାଣରେ ଆର୍ଥିକ ଜୋରିମନା ଆଦାୟ କରାଯାଇଥାଏ ।

ବୁସେବୟ:

ଡାହାଣୀକୁ ବଣ୍ଡାଭାଷାରେ ବୁସେବୟ କୁହାଯାଏ । ସାଧାରଣତଃ ବିବାହିତ କିମ୍ବା ଅବିବାହିତ ସ୍ତ୍ରୀ ଲୋକମାନେ ବୁସେବୟ ହୋଇପାରନ୍ତି । ଏମାନଙ୍କୁ ନିର୍ବାଚନ କରାଯାଏ ନାହିଁ କିମ୍ବା ଏମାନେ ବଂଶାନୁକ୍ରମିକ ଭାବେ ଉତ୍ତରାଧିକାରୀ ସୂତ୍ରରେ ଏହି ବିଦ୍ୟାକୁ ହାସଲ କରିନଥାନ୍ତି । ଏହାସେମାନେ କେଉଁଠାରୁ ଓ କିପରି ଶିକ୍ଷା କରନ୍ତି ଏହା ପ୍ରାୟ ଅନେକଙ୍କୁ ଅଜଣା । ଗାଁରେକେହି ଯେ ବୁସେବୟ ଅଛି ଏହା ମଧ୍ୟ ଗୁଢ଼ ଗୁପ୍ତର ବିଷୟ । ସମସ୍ତଙ୍କୁ ଜଣାନଥାଏ । କିନ୍ତୁ ବୁସେବୟକୁ ଅନେକ କାର୍ଯ୍ୟରେ ଅନେକ ଲୋକ ସନ୍ଦେହ କରନ୍ତି । କୌଣସି ବୁସେବୟ କୌଣସି ସମୟରେ ନିଜେ ବୁସେବୟ ବୋଲି କସ୍ମିନକାଳେ ପରିଚୟ ଦିଏ ନାହିଁ । ତେଣୁ ଏମାନଙ୍କ ଶିକ୍ଷାଦିକ୍ଷା, ତାଲିମ ଓ କାର୍ଯ୍ୟକଳାପ ବିଷୟରେ ସଂପୂର୍ଣ ଭାବରେ ସଠିକ ବିବରଣୀ ଦେବା ଖୁବ୍ କାଠିକାର ପାଠ । ଲୋକକୁହା କଥାରୁ ଶୁଣାଯାଏ ଓ ବିଶ୍ୱାସ ମଧ୍ୟ କରାଯାଏ ଯେ ଏମାନେ ବଡ଼ ବଡ଼ ଗୁଣିଆଠାରୁ ଏପରି କାର୍ଯ୍ୟ କରିଥାନ୍ତି । ଏମାନଙ୍କ ସହ କେତେକ ଈଶ୍ୱର ଦତ୍ତ ଗୁଣଥାଏ ବୋଲି ବିଶ୍ୱାସ କରାଯାଏ । ବୁସେବୟ ହେବ ପାଇଁ ପ୍ରାୟ କୌଣସି ସ୍ୱତନ୍ତ୍ର ଯୋଗ୍ୟତା ବା ପୃଷ୍ଠଭୂମି ନଥାଏ । ମୁଖ୍ୟତଃ ସ୍ତ୍ରୀ ଲୋକମାନେ ବୁସେବୟ ହୋଇଥାନ୍ତି । ଏମାନେ ସ୍ୱାର୍ଥପର, ନିର୍ଭିକ, ହିଂସ୍ର ଓ ନୀଚ ପ୍ରକୃତିର ବ୍ୟକ୍ତି ହୋଇଥାନ୍ତି । ବୁସେବୟମାନେ ମଧ୍ୟ ଦଳବଦ୍ଧ ଭାବରେ ଏ କାର୍ଯ୍ୟ କରିଥାନ୍ତି ।

ଏମାନଙ୍କ କାର୍ଯ୍ୟକଳାପ ବିଷୟରେ ମାତ୍ର ଏତିକି କୁହାଯାଇପାରେ ଯେ ନିଜର ସ୍ୱାର୍ଥ ସାଧନ ପାଇଁ ଏମାନେ ଅନ୍ୟର ଧନ ଜୀବନର ହାନି କରିଥାନ୍ତି । ମୁଖ୍ୟତଃ ଏମାନେ ଗୋରୁ ଗାଈ, ଛେଳି, ମେଣ୍ଢା ଓ ମଣିଷର ରକ୍ତ ପିଇଥାନ୍ତି । ଛୋଟ ଶିଶୁର ରକ୍ତ ପିଇବାକୁ ଏମାନେ ଖୁବ୍ ଭଲପାଆନ୍ତି ବୋଲି କୁହାଯାଏ । ଏପରି କାର୍ଯ୍ୟ କରିବା ପାଇଁ ବୁସେବୟମାନଙ୍କ ପାଇଁ ପ୍ରକୃଷ୍ଟ ସମୟ ହେଉଛି ଗାଢ଼ ଅନ୍ଧାର ରାତି । ଘରର ଲୋକମାନେ ଶୋଇପଡ଼ିଲା ପରେ ଏମାନେ କୌଣସି ବାହାନା ନେଇ (ଉଦହରଣ ଝାଡ଼ା ଯିବା ବାହାନାରେ ଡ଼ାଳ ଧରି) ଲୁଚି ଘରୁ ବାହାରକୁ ପଳାଇଯାଆନ୍ତି । ଯଦି ଦଳଥାଏ ତେବେ ଏମାନେ ଏକତ୍ର ହୋଇଥାନ୍ତି । ପରେ ଏମାନେ ଶ୍ମଶାନ କିମ୍ବା ଗଭୀର ଜଙ୍ଗଲ ମଧ୍ୟକୁ ପଳାଇଥାନ୍ତି । ସେଠାରେ ନିଜର ରିଙ୍ଗା, ଲୁବଇଡ଼ା (ମାଳୀ), ମୁଙ୍ଗରୟ (ଚୁଡ଼ି), ଉସୁଙ୍ଗୁ (ଗଳାବନ୍ଧ), ଜୁଙ୍ଗୁଜୁଙ୍ଗୁଲୁ (କାନଫୁଲ) ଇତ୍ୟାଦି ସମସ୍ତ ବସ୍ତ୍ର ଅଳଙ୍କାର

ଖୋଲି ଦେଇ ସଂପୂର୍ଣ୍ଣ ଭାବରେ ଉଲଗ୍ନ ହୋଇଯାଆନ୍ତି । ମୁଣ୍ଡକୁ ତଳକୁ କରି ଗୋଡ଼ ଉପରକୁ ରଖି ହାତରେ ଚାଲି ଚାଲି ଏମାନେ ପଡ଼ିଆର ପଡ଼ିଥିବା ବିଷ୍ଠା ଖାଇପାରନ୍ତି । ମନ୍ତ୍ର ବଳରେ ଏମାନେ ପେଚା (କୁରୁମା ପିରି) ବା କାଉ (ଗା)ର ରୂପ ଧାରଣ କରିପାରନ୍ତି । ପରେ ଉଡ଼ି ଉଡ଼ି ଆଗରୁ ଦେଖିଥିବା ଛୋଟ ଶିଶୁର ଘରକୁ ଯାଆନ୍ତି । ଶିଶୁଟି ଶୋଇଥିବା ଗୃହର ଚାଳ ଉପରେ ବସି ଛପର ମଧ୍ୟ ଦେଇ ଏକ ସୂତା ଲମ୍ବାଇ ଶିଶୁ ଦେହରେ ଲଗାଇ ଦିଅନ୍ତି । ସୂତାର ଅପରମୁଣ୍ଡକୁ ବୁସେ ବୟ ନିଜ ପାଟିରେ ଲଗାଇ ରକ୍ତ ଶୋଷିନେଇପାରେ । ଇଚ୍ଛାମୁତାବକ ରକ୍ତ ପିଏ । ଶିଶୁ ଭିନ୍ନ କୌଣସି ବ୍ୟକ୍ତିର ଦେରୁ କିମ୍ବା ପଶୁମାନଙ୍କ ଦେହରୁ ମଧ୍ୟ ଏହି ଉପାୟରେ ବୁସେ ରକ୍ତ ପିଇଥାଏ । ପରେ ବସ୍ତ୍ର ଅଳଙ୍କାର ରଖିଥିବା ସ୍ଥାନକୁ ଯାଇ ପୁଣି ମନ୍ତ୍ରପାଠ କରି ନିଜ ରୂପ ଧରି ରାତାରାତି ଘରକୁ ଫେରି ଆସନ୍ତି ।

ଅପରପକ୍ଷରେ ଯେଉଁ ଶିଶୁ, ବ୍ୟକ୍ତି ବା ପଶୁଙ୍କ ଠାରୁ ରକ୍ତ ଶୋଷଣ କରାଯାଇଥାଏ ତାଙ୍କ ଠାରେ କେତେକ ସ୍ୱତନ୍ତ୍ର ଲକ୍ଷଣ ଦେଖିବାକୁ ମିଳେ । ଯଥା ସେ ବ୍ୟକ୍ତି ବା ଶିଶୁକୁ ଏକ ଭିନ୍ନ ଧରଣର କାଶ ହୁଏ, ତାକୁ ଖାଦ୍ୟ ଖାଇବାକୁ ଇଚ୍ଛାହୁଏ ନାହିଁ, ତାର ଛାତି ବ୍ୟଥା ହୁଏ ଓ ସର୍ବୋପରି ସେ ଶୁଖିଯାଏ । ତେଣୁ ପ୍ରତିକାର ସ୍ୱରୂପ ଉକ୍ତ ବ୍ୟକ୍ତି ବା ଶିଶୁକୁ ଜଡ଼ାଡେଇ ଓ ସିଝା କଇରା ପତ୍ର କିମ୍ବା ସିଝା ଅଲାଙ୍ଗସାର ପତ୍ରକୁ ୩-୪ଥର ଘଷିଦେଲେ ରୋଗୀ ଆରୋଗ୍ୟ ଲାଭ କରେ । ଯଥାଶୀଘ୍ର ଏପରି ନ କଲେ ଉକ୍ତ ଶିଶୁ ଓ ବ୍ୟକ୍ତି ମରିଯିବାର ଅନେକ ସମ୍ଭାବନା ଥାଏ ।

ଏହି ବୁସେବୟର ପ୍ରତିରୋଧ କରାଯାଇପାରେ ବା ପ୍ରତିଶୋଧ ନିଆଯାଇପାରେ । ତେଣୁ ଏଥିପାଇଁ ଦିଶାରୀ ବା ଗୁଣିଆର ସାହାଯ୍ୟ ଓ ପରାମର୍ଶ ନିଆଯାଇପାରେ । ଯଦି ବୁସେବୟ ଶିଶୁକୁ ଆକ୍ରମଣ କରିବାର କୌଣସି ପୂର୍ବସୂଚନା ଥାଏ ବା ସନ୍ଦେହ କରାଯାଉଥାଏ ତେବେ ସେହି ରାତ୍ରରେ ଏକ କୁରାଇଁ (ସୂଆଁ ଭାଜିବା ପାଇଁ ବ୍ୟବହାର କରାଯାଉଥିବା ବଡ଼ ମାଟି ହାଣ୍ଡି)ରେ ଗୋବର ଓ ପାଣି ମିଶାଇ ଚୁଲିରେ ବସାଇ ନିଆଁ ଜାଳି ଫୁଟାଇ ଦିଆଯାଏ ଓ ଉକ୍ତ ଗୋବର ପାଣି ହାଣ୍ଡିକୁ ସେହିପରି ଅବସ୍ଥାରେ ଚୁଲିରେ ବସାଇ ନିଆଁ ଇଲା ହେଇଥାଏ ଏବଂ ପାଣି ଫୁଟୁଥାଏ । ଏହାକୁ ମନ୍ତ୍ରପୂତ କରାଯାଇଥାଏ । ଶିଶୁର ମାଆ ରାତ୍ରରେ ଉଜାଗର ରହି ଶିଶୁକୁ କୋଳରେ ଧରିବସିଥାଏ । ବୁସେ ଘରର ଚାଳ ଉପରେ ବସି ରକ୍ତ ପିଇବା ପାଇଁ ସୂତା ବଢ଼ାଏ । ଏହି ସୂତା ଶିଶୁ ଦେହରେ

ନ ବାଜି ଟକ୍ ଟକ୍ ହୋଇ ଫୁଟୁଥିବା ଗୋବର ପାଣି ହାଣ୍ଡିରେ ପଡ଼େ । ସେ ତାକୁ ରକ୍ତ ଭାବି ଶୋଷି ନିଏ । ସାଧାରଣ ଭାବେ ସେ ଘରକୁ ଫେରିଯାଇଥାଏ । ସେ ରକ୍ତ ବଦଳରେ ଗୋବର ପାଣି ପିଉଥିଲେ ମଧ୍ୟ ସେଥିରୁ ନିବୃତ୍ତ ହୋଇପାରେ ନାହିଁ । କାରଣ ତାହା ମନ୍ତ୍ର ପୂତ ହୋଇଥାଏ । ଶେଷରେ ସେ ଘରକୁ ଫେରିଲା ପରେ ଅସୁସ୍ଥ ହୋଇ ମରିଯାଏ ।

ଏମାନଙ୍କ ପ୍ରତି ଲୋକମାନଙ୍କର ତିଳେମାତ୍ର ସ୍ନେହ, ଶ୍ରଦ୍ଧା ନଥାଏ । ଏମାନେ କେବଳ ଘୃଣାର ପାତ୍ର ହେବାପାଇଁ ଯୋଗ୍ୟ । ଏମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ ମୋଟେ ଭଲ ନଥାଏ । ଲୋକମାନେ ଠାରୁ ସାଧାରଣ ପାଇବା ପାଇଁ ଏମାନେ ମଧ୍ୟ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ । ଲୋକମାନେ ଏମାନଙ୍କୁ ହତାଦର, ଖୁନିଖୁନି ଦୂରଦୂର ଭଳି ଦୁର୍ବ୍ୟବହାର କରିଥାନ୍ତି । ତେଣୁ ଏମାନଙ୍କୁ ପାଉଣା, ସ୍ୱତନ୍ତ୍ର ସମ୍ମାନ,ସୁବିଧା ସୁଯୋଗ କିମ୍ବା ଉପହାର ଦେବା ପାଇଁ କୌଣସି ବ୍ୟବସ୍ଥା ନଥାଏ ।

ଦେବତାଙ୍କୁ ଉତ୍ସର୍ଗୀତ ଦ୍ରବ୍ୟ :

ବଣ୍ଡା ଦେବତା ଅସ୍ତିତ୍ୱକୁ କୌଣସି ପ୍ରକାର ରୂପ ଦେଇପାରେ ନାହିଁ । ସେ କେବଳ ସେମାନଙ୍କ ନାମ ଜାଣିଥାଏ ଓ ସେମାନଙ୍କୁ ଅନୁଭବ କରିପାରେ କିମ୍ବା କେତେକ ସ୍ଥାନରେ ମାତ୍ର କେତେଖଣ୍ଡ ପଥର ସ୍ଥାପନ କରି ତାକୁ ପୂଜା କରିଥାଏ । ପ୍ରତ୍ୟେକ ଗାଁରେ ଗାଁ ମୁଣ୍ଡରେ ଏକ ଗଛମୂଳେ ବା ଛାମୁଡ଼ିଆ କରି ଏକ ପ୍ରସ୍ତର ଅଣ୍ଡି ନାମରେ ସ୍ଥାପନ କରାଯାଇଥାଏ । ସନ୍ଦିବୋରରେ ପ୍ରସ୍ତର ଓ ଗୁନମ ପଥର ରଖାଯାଇଥାଏ । କାରଣ ଏହା ଦେବତାଙ୍କର ଆସ୍ଥାନ । ବାରଜାଙ୍ଗର ବଣ୍ଡାମାନେ ସେମାନଙ୍କର ବିଶେଷ ଦେବତା ରୂପେ ଗୋଟିଏ ଦୁଇପାର୍ଶ୍ୱରେ ଧାର ଥିବା ଏକ ଉଗ୍ର ଖଣ୍ଡାକୁ ଦେବତା ରୂପେ ପୂଜା କରିଥାନ୍ତି । ଏହାକୁ ମୁଦୁଲିପଡ଼ାର ଏକ ବିରାଟ ବରଗଛର କୋରଡ଼ରେ ରଖାଯାଇଛି । ଏହାକୁ ପାଟଖଣ୍ଡା କହନ୍ତି । ସେହିପରି ଗ୍ରାମର ଗୁନମ (ସ୍ମୃତି ପଥର) ପଥରକୁ ଦେବାଦେବୀ ଓ ପିତୃପୁରୁଷଙ୍କ ସମ୍ମାନାର୍ଥେ ଅର୍ପଣ କରାଯାଇଥାଏ । ଗ୍ରାମ ପାଚେରୀ ଗୁନୁକବୋର ବା ସିଇବେର ମଧ୍ୟ ଦେବତାଙ୍କ ଆସ୍ଥାନ । ପ୍ରତ୍ୟେକ ଆସ୍ଥାନରେ ପଥର ଦେବତା ରଖାଯାଇଥାଏ । ତାକୁ ସାଆଁର କହନ୍ତି । ଏହା ବ୍ୟତିତ ଦେବାଦେବୀକୁ ସନ୍ତୁଷ୍ଟ କରିବା ପାଇଁ ପୂଜା ପାଠ ଅବସରରେ କର୍ମକର୍ମାଣୀମାନେ ପଥର ଠାକୁର (ବିରେ

ମହାପ୍ରଭୁ), ମାଟି ଦ୍ୱୀ (ଥୁବୁକ୍‌ନା ଦୀପ୍), ପୁରୁଣା ଚୁଡ଼ି (ଲକସା), ଲୁହା ନିର୍ମିତ କଣ୍ଟା ଚେନ୍ (ସିକିଲି ଏରାୟ) ବ୍ୟବହାର କରାଯାଇଥାଏ । କର୍ମକର୍ମାଣିମାନଙ୍କୁ ଦେବତା (ସିରା) ଲାଗିଲାବେଳେ ସେମାନେ ସିକିଲ ଏରୟରେ ନିଜକୁ ପିଟିଥାନ୍ତି । ତାହା ଅନିଷ୍ଟକାରୀ ଶକ୍ତି ଦେହରେ ବାଜେ ବୋଲି ସେମାନେ ବିଶ୍ୱାସ କରନ୍ତି । ଏହି ସମୟରେ ସେମାନେ ଲୁହାକଣ୍ଟା ପିଟାଯାଇଥିବା ଏକ କାଠ ପିଢ଼ାରେ ବସନ୍ତି । କର୍ମକର୍ମାଣି କଣ୍ଟାରେ ବସିଲେ ବା ପିଟିହେଲେ ଅନିଷ୍ଟ ଶକ୍ତି ଦେହରେ ଆଘାତ ହୁଏ ଫଳରେ ସେ ଛାଡ଼ି ପଳାଏ ଓ ବଣ୍ଡାର ଲକ୍ଷ୍ୟ ସାଧନ ହୁଏ ଓ ମନୋକମନା ପୂର୍ଣ୍ଣ ହୁଏ ।

ବିଭିନ୍ନ ସମୟରେ ଆବଶ୍ୟକ କର୍ମକର୍ମାଣୀ ସରଞ୍ଜାମ :

ବିଭିନ୍ନ ଦେବାଦେବୀ, ଭୂତପ୍ରେତ ଇତ୍ୟାଦିକୁ ସନ୍ତୁଷ୍ଟ କରିବା ପାଇଁ ପୂଜାପାଠ କରିବା ବେଳେ ବିଭିନ୍ନ ପୂଜା ସାମଗ୍ରୀର ଆବଶ୍ୟକ ହୋଇଥାଏ । ଆବଶ୍ୟକ ଦ୍ରବ୍ୟମାନଙ୍କର ଏକ ବିବରଣୀ ନିମ୍ନରେ ଦିଆଯାଇଛି ।

(୧) ଦନା: (ପତ୍ରର):

- ପୂଜା ପାଇଁ ବିଭିନ୍ନ ପତ୍ର ଯଥା ଲାଣ୍ଡୁଉ (ସଆଡ଼ିପତ୍ର) ବଦଲିଉ, ସର୍ବୋଉ (ଶାଳପତ୍ର), ଡାରେଉ (କେନ୍ଦୁପତ୍ର), ବୁରେଉ, ପୁୟୁ, ବଉ (ମହୁଲପତ୍ର), ସେନ୍ଦୁରଉ, ନାରିମଉ, ଗୁଗୁସେଉ, ଉକୁସିଙ୍ଗଉ (ପଣସ ପତ୍ର) ଇତ୍ୟାଦିରେ ଦନା ତିଆରି କରାଯାଇଥାଏ । ପଣସ ଓ କେନ୍ଦୁପତ୍ରରୁ ମୁଖ୍ୟତଃ ପୂଜାପାଇଁ ଦନା (ପତ୍ରର) ତିଆରି କରାଯାଏ । ଠାକୁରକୁ ଭୋଗ ଦିଆଯାଉଥିବା ଛୋଟ ଦାନାକୁ ମାପ କୁହାଯାଏ ।

୨. ବିଞ୍ଚଣା (ଦୁକୁନା):

ବାଉଁଶ ନିର୍ମିତ ବିଞ୍ଚଣା କେବଳ ଗୁଣିଆମାନଙ୍କ ନିର୍ଦ୍ଦେଶରେ ତିଆରି କରାଯାଇଥାଏ । ବାଉଁଶ ପାତିଆକୁ ତଳଉପର କରି ବୁଣି ବର୍ଗାକାର ବା ଆୟତକାର କ୍ଷେତ୍ରରେ ପରିଣତ କରାଯାଇଥାଏ । ଏଥିରେ ଧରିବା ପାଇଁ ମୁଠି ଲାଗିଥାଏ ।

୩. ଲାଉତୁମ୍ବା (ତୁମ୍ବା)

ପୂଜାବେଳେ ମଦପାଣି ନେବା ପାଇଁ ବ୍ୟବହାର କରାଯାଉଥିବା ତୁମ୍ବାକୁ ଗାଲା ତୁମ୍ବା ବା କିନ୍ଦିରା ତୁମ୍ବା କୁହାଯାଏ ।

୪.ପତ୍ର (ଉଲାଜ):

ପୂଜାବେଳେ ଅନେକ ଗଛର ପତ୍ର ଓ ଡାଳ ବ୍ୟବହାର କରାଯାଇଥାଏ । ଏଥିମଧ୍ୟରୁ ପଣସ, ଆମ୍ବ, କେନ୍ଦୁ, ଜାମୁ ଆଦି ପ୍ରଧାନ ଅଟେ । ଏଥିରେ ଦେବତାମାନଙ୍କ

ପାଇଁ ଛମୁଡ଼ିଆ କରାଯାଏଥିଏ । କେତେ ସମୟରେ ଆମ୍ବ ପତ୍ରକୁ ଘରର ଚାଳ କିମ୍ବା ମଝିଖୁଣ୍ଟରେ ବନ୍ଧାଯାଇଥାଏ । ପତ୍ର ଦେଲେ ଠାକୁର ସନ୍ତୁଷ୍ଟ ହୁଅନ୍ତି ବୋଲି ଏମାନେ ବିଶ୍ୱାସ କରନ୍ତି ।

୫. ବିଭିନ୍ନ ପ୍ରକାର ଗୁଣ୍ଡ / ଚୂର୍ଣ୍ଣ:

ପୂଜା ସମୟରେ ଚିତା ବା ଯନ୍ତ୍ର (କୋଠରୀ) ଅଙ୍କନ କରିବା ପାଇଁ ବିଭିନ୍ନ ରଙ୍ଗର ଚୂର୍ଣ୍ଣ ଆବଶ୍ୟକ ହୋଇଥାଏ । ଏଥି ମଧ୍ୟରୁ ଅଙ୍ଗାର ଗୁଣ୍ଡ (ଇନ୍‌ସାଇ), ରଙ୍ଗମାଟି ଗୁଣ୍ଡ (ସେବରଲୁକ୍), ଅରୁଆଚାଉଳ ଗୁଣ୍ଡ (ଡରଲା), ହଳଦୀଗୁଣ୍ଡ (ସାଙ୍ଗ ସାଙ୍ଗ) ଇତ୍ୟାଦି ପ୍ରଧାନ ।

୬. ଘାସ:

ସିନ୍ଧି କିମ୍ବା ପିରି ଘାସ ବ୍ୟବହାର କରାଯାଏ । ଏଥିରେ ପିତୁଳା ତିଆରି କରାଯାଇଥାଏ ।

୭. ତନ୍ତୁ:

ସଲପଗଛ, ମୁର୍ଗା ଗଛ, କିମ୍ବା ସିଆଡ଼ି ଗଛର ତନ୍ତୁକୁ ବିଭିନ୍ନ ପୂଜା ପାଠରେ ବ୍ୟବହାର କରାଯାଇଥାଏ ।

୮. ଧୂପ:

ପତ୍ର ଦନାରେ ନିଆଁ ଜାଳି ସେଥିରେ ଶାଳ ଝୁଣାକୁ ପକାଇ ଧୂପ ଦିଅନ୍ତି ।

୯.ବାଉଁଶ ପାତିଆ:

ଏଥିରେ ଛୋଟ ଛୋଟ ଡ଼ୋଲି/ ପାଛିଆ ତିଆରି କରାଯାଏ ।

୧୦ ମାଟି:

ଏଥିରେ ପଶୁପକ୍ଷୀ କିମ୍ବା କୌଣସି ଆକୃତିର ପିତୁଳା କରାଯାଇଥାଏ । ପିତୁଳା ପାଇଁ ସ୍ୱତନ୍ତ୍ର ଭାବରେ ଇଉହୁଙ୍କା ମାଟି (ଚେୟଁ) ବ୍ୟବହାର କରାଯାଏ । ବିଭିନ୍ନ ରାସ୍ତାର ମାଟି ପୂଜାରେ ବ୍ୟବହାର ହୁଏ ।

୧୧.ପଶୁବଳୀ:

ଘୁଷୁରୀ, ଗାଈ, ମଇଁଷି, ଛେଳି, ମେଣ୍ଢା ଇତ୍ୟାଦି ବଳି ଦିଆଯାଇଥାଏ ।

୧୨. ପକ୍ଷୀବଳୀ:

କୁକୁଡ଼ା, ପାରା ଓ ମୟୂର ବଳି ଦିଆଯାଇଥାଏ । ମୁଖ୍ୟତଃ କୁକୁଡ଼ା ଅଧିକ ମିଳୁଥିବାରୁ କୁକୁଡ଼ା ଅଧିକ ବଳିଦିଆଯାଏ ।

୧୩. ଅନ୍ୟାନ୍ୟ ବଳୀ:

ଅଣ୍ଡା, ବେଙ୍ଗ (ଗିଡ଼େ), କଲିଜଡରା (ମୁରାସେ), ଟେନକାପୋକ (କୁରକ), ଜିରଡ଼ା (ତେରେତେଣ୍ଡା), ବୁଢ଼ୀଆଣି (ସେରାଙ୍ଗ ଗୁଲୁଗୁଇ), ତୋଡ଼ିମାଛ (ତୁରୁବା ଆଡ଼ଙ୍ଗଠ), କଙ୍କଡ଼ା (ଙ୍ଗ) ଇତ୍ୟାଦି ।

୧୪. ବିଭିନ୍ନ ଶସ୍ୟ:

ମାଣ୍ଡିଆ, ସୁଆଁ, ଧାନ, ଜାଉ, କାଙ୍କଡ଼ାଆଖି, କାନ୍ଦୁଲ, ଖେଡ଼େନା, ବିରି, କୋଳଥ, ମୁଗ ଇତ୍ୟାଦି ଶସ୍ୟ ପୂଜା ପାଇଁ ଆବଶ୍ୟକ ହୋଇଥାଏ ।

୧୫. ପନିପରିବା:

ଶିମ୍ବ, ଶିମ୍ବମଞ୍ଜି, ବୋଇତାଳୁ, ଲାଉ, ଜହ୍ନି, ଝୁଡ଼ଙ୍ଗ, କାକୁଡ଼ି ଇତ୍ୟାଦି ।

୧୬. ଫଳ:

ଆମ୍ବ, ଜାମୁ, କମଳା, ସିଆଡ଼ି, ଲେମ୍ବୁ, ପଣସ, କେନ୍ଦୁ, କଦଳୀ, ଟୋଲ, ନଡ଼ିଆ ଆଦି ପୂଜା ସମୟରେ ବ୍ୟବହାର କରାଯାଇଥାଏ ।

୧୭. ମଦ:

ସମସ୍ତ ପ୍ରକାର ମଦ (ସାଗୁର), ସଲପ (ସାପୁଙ୍ଗ) ଓ ହାଣ୍ଡିଆ (ପେଣ୍ଡମ) ପ୍ରଭୃତି ବିଶେଷରେ ପୂଜାପାଠ ପାଇଁ ବ୍ୟବହାର କରାଯାଏ । ମୁଖ୍ୟତଃ ସଲପ ଓ ମଦ ଠାକୁରଙ୍କୁ ନୈବେଦ୍ୟ ହିସାବରେ ଦିଆଯାଇପାରେ ।

୧୮. ଜନ୍ଦା:

ବିଭିନ୍ନ ପ୍ରକାର ଜନ୍ଦା ପୂଜା ପାଇଁ ବ୍ୟବହାର କରାଯାଏ । ବାରିଆ ଜନ୍ଦାକୁ (ଗୁବାଇ) ଘୁଷୁରୀ ପ୍ରତିବଦଳରେ ବଳି ଦିଆଯାଇପାରେ ।

୧୯. ଦେବତାଡ଼ୋଲି:

ଏହା ବାଉଁଶ କିମ୍ବା କାଠରେ ତିଆରି କରାଯାଇଥାଏ । ଏହା ଜଣାକିଆ ହୋଇଥାଏ । ଏହାକୁ ଶିଶା କିମ୍ବା ଦିଶାରୀକୁ କାଳିସି / ଦେବତା (ସିରା) ଆସିଲାବେଳେ ସେମାନେ ଏହି ଆସନ ଉପରେ ବସନ୍ତି ।

୨୦. ଅସ୍ତ୍ରଶସ୍ତ୍ର :

ବଣ୍ଡାମାନେ ବ୍ୟବହାର କରୁଥିବା ଅନେକ ଅସ୍ତ୍ରଶସ୍ତ୍ର ପୂଜାପାଠ ଅବସରରେ ଆବଶ୍ୟକ ହୋଇଥାଏ ।

କର୍ମକର୍ମାଣୀ ପଦ୍ଧତି :

ପ୍ରଥମେ ପୂଜାପାଠ କରିବା ପାଇଁ ସ୍ଥାନ ନିରୂପଣ କରି ସ୍ଥାନକୁ ପରିସ୍କାର କରାଯାଏ । ପାଣି ଓ ଗୋବର ମିଶାଇ ସ୍ଥାନଟିକୁ ଲିପାଯାଏ । ପୂଜା ସାମଗ୍ରୀକୁ ପୂଜା ସ୍ଥାନକୁ ଅଣାଯାଏ । ଲିପାଯାଇଥିବା ସ୍ଥାନ ଉପରେ ଯନ୍ତ୍ର (ଚିତା) ଅଙ୍କନ କରାଯାଏ । ମନ୍ତ୍ର ଗୁଡ଼ିକୁ କେତେଗୁଡ଼ିଏ କୋଠରୀରେ ବିଭକ୍ତ କରାଯାଇଥାଏ । ପ୍ରତ୍ୟେକ କୋଠରୀ ଗୁଡ଼ିକ ବର୍ଗାକାର ବା ଆୟତାକାର ହୋଇଥାଏ । ଯନ୍ତ୍ରଟି କେତେବେଳେ ଚାରୋଟି ସରଳରେଖା ଦ୍ୱାରା ତିଆରି କରାଯାଇଥାଏ ଓ କେତେବେଳେ ରେଖାଗୁଡ଼ିକ ପରସ୍ପରକୁ ଆଡ଼ଦୀର୍ଘରେ ଛେଦ କରିଥାନ୍ତି । କେତେକ ରେଖା ଅନୁପ୍ରସ୍ଥ ଭାବରେ ଛେଦ କରାଯାଇଥାଏ । ରେଖାଗୁଡ଼ିକ ସାଧାରଣତଃ ଅରୁଆ ଚାଉଳ ଗୁଣ୍ଡରେ ଅଙ୍କନ କରାଯାଇଥାଏ ।

ଯନ୍ତ୍ରଟି ଅଙ୍କନ କରିବା ପରେ ଏହାର ପ୍ରତ୍ୟେକ କୋଠରୀରେ ଦନା ଉପରେ ବା ଚୁଇଁ ଉପରେ ବିଭିନ୍ନ ରଙ୍ଗର ଗୁଣ୍ଡ ରଖାଯାଇଥାଏ । ଏଗୁଡ଼ିକ ବଣ୍ଡା ନିଜେ ପ୍ରସ୍ତୁତ କରିଥାଏ । ବିଭିନ୍ନ ରଙ୍ଗଗୁଡ଼ିକ କୁଢ଼ି କରାଯାଏ । ପ୍ରତ୍ୟେକ କୁଢ଼ି ସ୍ୱତନ୍ତ୍ର ଭାବେ ଭିନ୍ନ ଭିନ୍ନ କୋଠରୀରେ ଥାଏ । ତା'ପରେ ଶିଶା, ଦିଶାରୀ, ବା ଯେରେମ (ଗୁଣିଆ) ବସିବା ପାଖକୁ ଯେଉଁ ରେଖାଟି ଅଙ୍କନ କରାଯାଇଥାଏ ସେ ରେଖାକୁ ଲାଗି ଗୋଟିଏ ଅଣ୍ଡା ରଖାଯାଇଥାଏ, ବିଶେଷତଃ ଅଣ୍ଡାଟି ସବୁବେଳେ ଅଙ୍କିତ ଯନ୍ତ୍ରର ଠିକ୍ ମଝିରେ ରଖାଯାଇଥାଏ । ତା'ପରେ ଯନ୍ତ୍ର ବାହାରେ ବିଭିନ୍ନ ଶସ୍ୟ କଣାଗୁଡ଼ିକ ରଖାଯାଏ । ଧନୁଶର ବା ବଣ୍ଡା ବ୍ୟବହାର କରୁଥିବା ଅସ୍ତ୍ରଶସ୍ତ୍ର ଆବଶ୍ୟକ ହେଲେ ଏହା ଯନ୍ତ୍ରଭିତରେ କିମ୍ବା ବାହାରେ ରଖାଯାଇଥାଏ । ଏହା କେଉଁଠାରେ ସ୍ଥାପନ କରାଯିବ ତାହା କର୍ମକର୍ମାଣିମାନେ ଜାଣିଥାନ୍ତି । କୋଠରୀ ତିଆରି କରି ସରି ପୂଜା ସାମଗ୍ରୀ ଯଥାସ୍ଥାନରେ କୋଠରୀ ମଧ୍ୟରେ କିମ୍ବା କୋଠରୀ ବାହାରେ ରକା ସରିବା ପରେ ରକ୍ତ ବଳୀ ବ୍ୟବସ୍ଥା କରିଥାନ୍ତି । ପଶୁ ପକ୍ଷୀକୁ ମାରି ଦେବାଦେବୀକୁ ସନ୍ତୁଷ୍ଟ କରିବା ପାଇଁ ରକ୍ତ ପ୍ରଦାନ କରାଯାଏ । ବିଭିନ୍ନ ପଶୁପକ୍ଷୀଙ୍କୁ ବଳିଦେବାର ବିଭିନ୍ନ ପଦ୍ଧତି ରହିଛି ।

ଗାଈ, ବଳଦ, ବା ମଇଁଷିମାନଙ୍କୁ ସାଧାରଣତଃ ଦୁଇସିଙ୍ଗ ମଝିରେ ଟାଙ୍ଗିଆର ବେଧାରୁଆ ପାଖରେ ଛୋଟ ପ୍ରହାର କରାଯାଇଥାଏ । ଏହାକୁ ମାରିବା ସଙ୍ଗେସଙ୍ଗେ ଏହାକୁ ୧୫-୨୫ ସେକେଣ୍ଡ ମଧ୍ୟରେ ଟାଙ୍ଗିଆ ଚୋଟରେ ମୁଣ୍ଡରୁ ଗଣ୍ଡିକୁ ଅଲଗା କରାଯାଇଥାଏ । କାରଣ ଏହାକୁ ଡେରିରେ ମାରିବା ବା ଅଧାମାରି ରଖିଦେବା ବଡ଼ ବିଶାସ (ପାପ) ଶିଶା ଉକ୍ତ ଗାଈର ପାଟି ପାଖରୁ ଜିଭି ରକ୍ତ ନେଇ ଦେବାଦେବୀ ସନ୍ତୁଷ୍ଟ କରିଥାଏ ।

ଘୁଷୁରୀକୁ ସାଧାରଣତଃ ଡଙ୍ଗିକୁ ଛୁରୀରେ କାଟି କିମ୍ବା ଟାଙ୍ଗିଆ ଚୋଟ ମାରି ମରାଯାଇଥାଏ । ମଲାପରେ ଏହାର ମୁଣ୍ଡଟିକୁ ଅଲଗା କରି ଯନ୍ତ୍ର ପାଖରେ ପକାଇ ଦିଆଯାଇଥାଏ । ଛେଳିକୁ ଟାଙ୍ଗିଆ ଚୋଟରେ ହିଁ ଜଟାଯାଏ ।

କିନ୍ତୁ କୁକୁଡ଼ା ବା ପାରାକୁ ବେକକାଟି ବଳି ଦିଆଯାଇଥାଏ । ପ୍ରତ୍ୟେକ ପଶୁପକ୍ଷୀକୁ ବଳି ଦେବା ପୂର୍ବରୁ ସେମାନଙ୍କୁ ପ୍ରଥମେ ଅରୁଆ ଚାଉଳ ଖୁଆଯାଇଥାଏ କିମ୍ବା ବଡ଼ ବଡ଼ ପଶୁମାନଙ୍କୁ ପେଟେ ଖାଦ୍ୟ ଖାଇବାକୁ ଦିଆଯାଇଥାଏ । ମରିବା ବେଳେ ସେମାନଙ୍କ ଆଖିରୁ ଯେପରି ଲୁହ ନ ବୁହେ ସେଥିପ୍ରତି କର୍ମକର୍ମାଣିମାନେ ଧ୍ୟାନ ଦେଇଥାନ୍ତି । ତେଣୁ ପଶୁମାନଙ୍କୁ ଏକ ଚୋଟରେ କାଟି ମାରିବାର ପ୍ରଥା ବଣ୍ଟାମାନଙ୍କର ଅଛି । ସାଧାରଣତଃ ଗୋଟିଏ କୁକୁଡ଼ାକୁ ମାରିଲା ବେଳେ ଶିଶା ପ୍ରଥମେ ତା'ର ଚଞ୍ଚୁକୁ ମୂଳରୁ ଟିକିଏ କାଟିନିଏ ଓ ଏହାର ରକ୍ତକୁ ଦେବତା ପଥର ଉପରେ ଲଗାଯାଇଥାଏ କିମ୍ବା ଅରୁଆ ଚାଉଳ ସହ ମିଶାଇ ବିରୁ (ପୂଜା) କରାଯାଇଥାଏ । କାରଣ ଏହି ରକ୍ତରେ ଦେବତା ପୁରାଶାନ୍ତି ହୋଇଯାଆନ୍ତି । ରକ୍ତ ଦେଲାପରେ ସେ ପ୍ରଥମେ କୁକୁଡ଼ାକୁ ଅରୁଆ ଚାଉଳ ଖୁଆଇଥାଏ । କୁକୁଡ଼ାକୁ ଦେବତା ସହାୟ ହୁଅନ୍ତି, ତେଣୁ ସେ କଷ୍ଟ ଅନୁଭବ କରେ ନାହିଁ ଓ ଚାଉଳକୁ ନିଜର ଜିଭ ଦ୍ୱାରା ସବୁ ଖାଇ ଦିଏ ବୋଲି ବଣ୍ଟାମାନଙ୍କର ବିଶ୍ୱାସ । ବିରୁ ଜଲାବେଳେ ପୂଜକ କୁକୁଡ଼ାକୁ କାର୍ଯ୍ୟୀର ମୁଣ୍ଡ ଉପରେ, ହାତ, ଆଣ୍ଠୁ, ପାଦ ଇତ୍ୟାଦିରେ ଚାଉଳ ରଖି କୁକୁଡ଼ା ଓ ଅନ୍ୟ ବଳି ପଶୁକୁ ଖୁଆଇଥାଏ । ଶେଷରେ କୁକୁଡ଼ାର ମୁଣ୍ଡକୁ ଛୁରୀରେ କାଟି ଅଲଗା କରାଯାଇଥାଏ ।

ଅସ୍ତ୍ର ଶସ୍ତ୍ର ଗୁଡ଼ିକୁ କାର୍ଯ୍ୟୀର ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଛୁଆଁଇ ପୂଜାପାଠ କରାଯାଇଥାଏ । ପୂଜା ପାଇଁ ବ୍ୟବହୃତ ଘାସର ପିତୁଳା ଇତ୍ୟାଦିକୁ ଗାଁ ବାହାରେ ଲୋକମାନେ ନ ଦେଖିଲା ପରି ଜାଗାରେ ପକାଇ ଦିଆଯାଇଥାଏ । କାରଣ ଏହା ଗ୍ରାମ ମଧ୍ୟରେ ରହିଲେ ରୋଗ ହେବାର ସମ୍ଭାବନା ଥାଏ ।

ବଣ୍ଡାମାନଙ୍କର ଦେବାଦେବୀ ବା ଅଦୃଷ୍ଟ ଶକ୍ତିମାନେ ସାଧାରଣତଃ ରକ୍ତପିପାସୁ । ରକ୍ତ ପିଇଲେ ସେମାନେ ସନ୍ତୁଷ୍ଟ ହୋଇ ବଣ୍ଡାକୁ ବର ଦିଅନ୍ତି । ଭଲ ଫସଲ ହୁଏ । ଗାଈଗୋରୁ ପିଲାଛୁଆରେ ବଣ୍ଡାର ଦେଶ ପୂରିଯାଏ । ବଣ୍ଡାକୁ ଭଲ ଶୀକାର ମିଳେ । କିନ୍ତୁ ରକ୍ତ ନ ମିଳିଲେ ଫଳ ପିବରିତ ହୁଏ । ବଣ୍ଡା ପାହାଡ଼ରେ ମରୁଡ଼ି ହୁଏ ଦୁର୍ଭିକ୍ଷ ହୁଏ, କାନ୍ତାର ହୁଏ, ସମସ୍ତଙ୍କୁ ରୋଗବୈରାଗ୍ୟ ମାଡ଼ିବସେ, ହଣାକଟା ଜଳିଗୋଳ ଘରେ ଘରେ ଆରମ୍ଭ ହୋଇଯାଏ, ଶୀକାର ମିଳେ ନାହିଁ, ଗୃହପାଳିତ ପଶୁମାନଙ୍କୁ ହିଂସ୍ର ଜନ୍ତୁମାନେ ମାରିଖାଇଦିଅନ୍ତି ଇତ୍ୟାଦି । ତେଣୁ ବଣ୍ଡା ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ରକ୍ତ ଦେବାକୁ ବାଧ । ଏଥିଯୋଗୁ ସେ କେତୋଟି ପଶୁପକ୍ଷୀଙ୍କୁ ବଳି ଦେବା ଉଦ୍ଦେଶ୍ୟରେ ମଧ୍ୟ ପାଳନ କରିଥାଏ । କେଉଁ ପଶୁପକ୍ଷୀ କେଉଁ ଦେବତାକୁ ଦେଇ ସନ୍ତୁଷ୍ଟ କରାଯାଇପାରିବ ତାହା କର୍ମକର୍ମାଣିମାନଙ୍କୁ ଭଲଭାବରେ ଜଣା । ତେଣୁ ସେ ଦେବାଦେବୀଙ୍କୁ ଯଥା ବିଧି ଉପଯୁକ୍ତ ବଳି ଭୋଗ ଦେଇ ସନ୍ତୁଷ୍ଟ କରିଥାନ୍ତି । ପୁନଶ୍ଚ କେଉଁ ପ୍ରକାର ଦେବତା ବା ଭୂମା (ଭୂତ ପ୍ରେତ)ଙ୍କୁ କିପରି ସନ୍ତୁଷ୍ଟ କରାଯାଇପାରିବ ଏହା ଦିଶାରୀ ତା'ର ଯୋଗ ବଳରୁ ଜାଣିଥାଏ । ତାକୁ ମହାପ୍ରଭୁ ଏବଂ ଅନ୍ୟାନ୍ୟ ଦେବତାମାନେ ସ୍ୱପ୍ନରେ ନିର୍ଦ୍ଦେଶ ଦେଇଥାନ୍ତି । ତେଣୁ ଠାକୁରଙ୍କ ନିର୍ଦ୍ଦେଶ ଅନୁସାରେ ମଧ୍ୟ ସେ କାମ କରିଚାଲିଥାଏ ।

ଅତୃପ୍ତ ଦେବାଦେବୀମାନଙ୍କୁ କେବଳ ରକ୍ତ ଦେଇ ସନ୍ତୁଷ୍ଟ କରାଯାଇ ନଥାଏ । ରକ୍ତ ଦେବା ବେଳେ କର୍ମକର୍ମାଣୀମାନେ ବାରମ୍ବାର ମନ୍ତ୍ର ଉଚ୍ଚାରଣ କରିବାକୁ ପଡ଼ିଥାଏ । ସବୁ ମନ୍ତ୍ରର ମର୍ମ ଥାଏ " ଆମେ ଭୁଲ କରିଛୁ, ଆମେ ତୁମକୁ ଆମର ଅମଳ ଦ୍ରବ୍ୟମାନ ଦେଉଛୁ, ବଳୀ ଦେଉଛୁ, ଗାଁରେ ସମସ୍ତେ ଭଲରେ ରହନ୍ତୁ, ରୋଗ ନପଶୁ, ବାଘ ନପଶୁ, ମରଣ ନ ପଶୁ ଇତ୍ୟାଦି । ପୁଣି ମନ୍ତ୍ରରେ ଶିଶା / ଦିଶାରୀ କହେ ଗାଁରେ ଭଲ ଫସଲ ହେଉ, ପିଲାଛୁଆ ହୁଅନ୍ତୁ, ଲୋକମାନେ ଭଲରେ ବଞ୍ଚିରହନ୍ତୁ, ରୋଗ ଶୋକ ନ ହେଉ, ଗାଁରେ ସଲପ ଗଛରୁ ପ୍ରଚୁର ରସ ବାହାରୁ, ଶିକାର ଗଲେ ବେଶୀ ଶୀକାର ମିଳୁ, ଗୃହପାଳିତ ପଶୁମାନେ ହିଂସ୍ର ଜନ୍ତୁଙ୍କ କବଳରେ ନ ପଡ଼ନ୍ତୁ ଇତ୍ୟାଦି ।

ତେଣୁ ପୂଜାର ଉଦ୍ଦେଶ୍ୟକୁ ଲକ୍ଷ୍ୟ କରି ଶିଶା ବା ଦିଶାରୀ ମନ୍ତ୍ର ଉଚ୍ଚାରଣ କରନ୍ତି ଓ ଦେବାଦେବୀଙ୍କୁ ରକ୍ତ ପିଆଇଥାନ୍ତି । ପରେ ବଳି ରକ୍ତ, କଲିଜା ଓ ଅଣ୍ଡା ଚାଉଳ ମିଶାଇ ସରୁଜାଙ୍ଗ (ପବିତ୍ର ଭାତ) କରାଯାଇ ପୁଣି ଦେବତାଙ୍କୁ ଅର୍ପଣ କରାଯାଇଥାଏ । ଦେବତାଙ୍କ ନିଜଟରେ କ୍ଷମା ମାଗିଥାନ୍ତି । ଭଲହେଲେ ପୁଣି ଭୋଗ ଓ ବନ୍ଦୀ ଦେବାକୁ

ମନାସୀ ରଖନ୍ତି । ତା'ପରେ ଦେବତା ଶାନ୍ତି ହୋଇଥାଏ । ଲୋକମାନଙ୍କୁ ବର ଦେଇ ନିଜ ସ୍ଥାନକୁ ଫେରି ଯାଇଥାଏ । ତେଣୁ ଲୋକମାନଙ୍କର ଉଦ୍ଦେଶ୍ୟ ସାଧନ ହୋଇଥାଏ ଓ ମନୋକାମନା ପୂର୍ଣ୍ଣ ହୋଇଥାଏ ।

ସାମ୍ପ୍ରତିକ ଧାରା ଓ ବିବର୍ତ୍ତନ :

ପୂଜାପାଠରେ ଓ କର୍ମକର୍ମାଣି ନିର୍ବାଚନରେ ସାମାନ୍ୟ ପରିବର୍ତ୍ତନ ଦେଖାଦେଇଛି । ଆଗରୁ ଶୈଶା ପଦ ପ୍ରାୟ ବଂଶାନୁକ୍ରମିକ ଭାବେ ଉତ୍ତରାଧିକାରୀ ସୂତ୍ରରେ ବାପାଙ୍କ ଠାରୁ ପୁଅ ପାଖକୁ ହସ୍ତାନ୍ତର ହେଉଥିଲା । କିନ୍ତୁ ଏବେ ଦିଶାକୁ ମନୋନୟନ କରିବାର ପ୍ରଥା ପ୍ରଚଳନ ହେଲାଣି । ଦିଶାରୀମାନଙ୍କର ପ୍ରଭାବରେ ଓ କାର୍ଯ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ । ଗୁଣିଆ (ଯେରେମ), ସ୍ତ୍ରୀ ଗୁଣିଆ (ୟେ ବୟ) ହେବାକୁ ଲୋକମାନେ ପସନ୍ଦ କରୁ ନାହାନ୍ତି । ତେଣୁ ଏମାନଙ୍କ ସଂଖ୍ୟା କମିଗଲାଣି । ବୁସେବୟ (ଡ଼ାହାଣୀ) ସମସ୍ତଙ୍କର ଘୃଣ୍ୟର ପାତ୍ର ଓ ସେ ଅନେକ ଧନ ଜୀବନ ନଷ୍ଟ କରେ । ତେଣୁ ଏବେ ଡ଼ାହାଣୀ (ବୁସେ ବୟ) ହେବାକୁ ପ୍ରାୟ କେହି ପସନ୍ଦ କରୁନାହାନ୍ତି । ଏମାନଙ୍କ ସଂଖ୍ୟା ଏବେ ଖୁବ୍ ନଗଣ୍ୟ ।

ପୂଜା ପାଠରେ କେତେକ ପରିବର୍ତ୍ତନ ଦେଖାଦେଲାଣି । ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କାଁଭାଁ ନଡ଼ିଆ ଓ ଧୂପ ଭୋଗ ଦେବାର ଦେଖାଗଲାଣି । କିନ୍ତୁ ଆଗପରି ଲୋକମାନେ ଏବେ ବି ଧର୍ମବିଶ୍ୱାସି ଅଛନ୍ତି ।

●●●

ଦୈବ୍ୟ ଓ ଔଷଧ

ବଣ୍ଡା ଯେ ଖୁବ୍ ସାହାସୀ ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ । ନିଜ ନିଜ ମଧ୍ୟରେ ହଣାକଟା ଓ ତୀର ବିନ୍ଧାବିନ୍ଧି, ଘଞ୍ଚ ଜଙ୍ଗଲର ହିଂସ୍ର ଜନ୍ତୁ, ବାହର ଦୁନିଆର ସାଧାରଣ ମଣିଷ ଓ ସରକାରୀ କର୍ମଚାରୀ ଜାହାରିକୁ ଭୟ ନ ଥାଏ ବଣ୍ଡାର । କିନ୍ତୁ ଦେବାଦେବୀ, ଭୂତପ୍ରେତ, ଡାହାଣୀ ଚିରୁକୁଣି ଓ ପାଙ୍ଗଣ ପେଶଣର ନାଁଆ ଶୁଣିଲେ ବଣ୍ଡାର ପିଲେହି ପାଣି । ଦୁନିଆରେ ସବୁଜିନ୍ଷି ସେହି ଅଶରୀରି ଅଦୃଷ୍ଟ ଶକ୍ତି ଦ୍ୱାରା ହିଁ ସଂପାଦିତ ବୋଲି ବଣ୍ଡାର ଦୃଢ଼ ବିଶ୍ୱାସ । ସାଧାରଣ ଥଣ୍ଡା ଜ୍ୱର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ବଡ଼ ରୋଗ ବ୍ୟାଧି, ନିଜ ନିଜ ମଧ୍ୟରେ କଳିଗୋଳ, ହଣାକଟା, ତୀର ବିନ୍ଧାବିନ୍ଧି, ଲୋକମାନଙ୍କୁ ବା ଗୃହପାଳିତ ପଶୁମାନଙ୍କୁ ହିଂସ୍ର ଜନ୍ତୁଙ୍କ ଆକ୍ରମଣ, କୌଣସି ପ୍ରାକୃତିକ କାରଣରୁ ଫସଲ ନଷ୍ଟ, ଝଡ଼, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ, ଘରପୋଡ଼ି, ଗୋରୁଗାଈ ଇତ୍ୟାଦିଙ୍କର ଅକାଳ ମୃତ୍ୟୁ, ବନ୍ଧୁବର୍ଗ ସାଇଭାଇଙ୍କର ଅକାଳ ବିୟୋଗ ଇତ୍ୟାଦି ବିଭିନ୍ନ ପ୍ରକାର ବ୍ୟକ୍ତିଗତ ସମସ୍ୟା ଠାରୁ ଆରମ୍ଭ କରି ସାମୂହିକ ସମସ୍ୟା ପର୍ଯ୍ୟନ୍ତ ସବୁ ଅଦୃଷ୍ଟ ଶକ୍ତି ଦ୍ୱାରା ହୁଏ ବୋଲି ବଣ୍ଡାମାନେ ବିଶ୍ୱାସ କରନ୍ତି । ଏସବୁର ମୁକାବିଲା କରିବା ପାଇଁ ସେ ହାରିଯାଏ । ତେଣୁ ଶରଣ ପଡ଼େ ଦେବଦେବୀଙ୍କ ପାଖରେ । ଭୋଗ ନୈବେଦ୍ୟ ଓ ରକ୍ତ ବଳି ଦେଇ ଶାନ୍ତ କରିବାକୁ ଚେଷ୍ଟା କରେ ଅନିଷ୍ଟକାରୀ ଶକ୍ତିମାନଙ୍କୁ । ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପର୍ବପାଳନ କରେ ଓ ଶିଶା (ପୂଜାରୀ)ର ସାହାଯ୍ୟ ନେଇ ଦେବାଦେବୀ, ଠାକୁର ଠାକୁରାଣୀଙ୍କୁ ସନ୍ତୁଷ୍ଟ କରେ । କିନ୍ତୁ ଶିଶା ମଧ୍ୟ ଅନିଷ୍ଟକାରୀ ଶକ୍ତି, ଭୂତପ୍ରେତ, ଡାହାଣୀ ଚିରୁକୁଣୀ, ପାଙ୍ଗଣ ପେଶଣ, ରୋଗ ବ୍ୟାଧି ଇତ୍ୟାଦିର ପ୍ରତିକାର କରିପାରେ ନାହିଁ । ଶିଶା ମଧ୍ୟ ଭବିଷ୍ୟତବାଣୀ କହିପାରେ ନାହିଁ । ତେଣୁ ଏ ସମସ୍ତ କାର୍ଯ୍ୟ କରିପାରୁଥିବା ଜଣେ ବ୍ୟକ୍ତିର ସାହାଯ୍ୟ ବଣ୍ଡା ପାଇଁ ନିହାତି ଜରୁରୀ । ତାହାକୁ ବଣ୍ଡାମାନେ "ଦିଶାରୀ" ବୋଲି ମାନନ୍ତି ଯାହାକୁ ଏକାଧାରାରେ ଜ୍ୟୋତିଷ, ବୈଦ୍ୟ, ଗୁଣିଆ, ତାନ୍ତ୍ରିକ ଓ ପୂଜକ ବୋଲି ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ । ଦିଶାରୀ ବଣ୍ଡା ସମାଜର ଜଣେ ପାରମ୍ପରିକ ଦୀପ୍ତିମୟୀ ବୈଜ୍ଞାନିକ, ମାନସସନ୍ତାନର ପ୍ରତୀକ, ଦୁଃଖଦୁର୍ଦ୍ଦଶାର ଏକାନ୍ତ ସାଥି, ଉନ୍ନତିର ଚାବିକାଠି ଓ ବଣ୍ଡା ସଂସ୍କୃତିକୁ ସଂରକ୍ଷଣ କରି ରଖିଥିବାର ଏକ ଶକ୍ତ ମୂଳଦୁଆ । ତେଣୁ ବଣ୍ଡା ସମାଜରେ ଦିଶାରୀର ସ୍ଥାନ ଯେ ଖୁବ୍ ଉର୍ଦ୍ଧ୍ୱରେ ଯେ କେହି ଅଙ୍ଗେ ନ ଲିଭାଇଲେ ହୃଦୟଙ୍ଗମ

କରିବା କଷ୍ଟସାଧ୍ୟ । ଏପରି ଏକ ମହାନ ବ୍ୟକ୍ତିତ୍ୱର ଗୁଣବତ୍ତା, କାର୍ଯ୍ୟକଳାପ, ଲୋକମାନଙ୍କ ସହ ଆଚାର ବ୍ୟବହାର, ସମାଜରେ ତା'ର ସ୍ଥାନ, ସମାଜକୁ ତା'ର ଦାନ ଓ ପ୍ରତିବଦଳରେ ପାଉଥିବା ପାଉଣା ଇତ୍ୟାଦି ବିଷୟରେ ତନ୍ନ ତନ୍ନ କରି ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଦିଶାରୀର ବ୍ୟକ୍ତିତ୍ୱ :

"ଦିଶାରୀ" ଶବ୍ଦ ଶୁଣିଲେ ବଣ୍ଟାମାନଙ୍କ ମନରେ ଏକ ବହୁମୁଖୀ ପ୍ରତିଭାଧାରି ବ୍ୟକ୍ତିଙ୍କର ଚରିତ୍ର ଭାସିଉଠେ । ଦିଶାରୀମାନେ ସାଧାରଣତଃ ଈଶ୍ୱର ବିଶ୍ୱାସୀ, ଧର୍ମପରାୟଣ, ଉତ୍ତମ ସେବକ, କର୍ତ୍ତବ୍ୟନିଷ୍ଠ, ବୁଦ୍ଧିମାନ, ଜ୍ଞାନୀ, ପରୋପକାରୀ, ସ୍ନେହୀ, କର୍ମଠ ଇତ୍ୟାଦି ହୋଇଥାନ୍ତି । ମନ ପ୍ରାଣ ଦେଇ ସମସ୍ତଙ୍କୁ ସେବା କରିବା ପାଇଁ ସଦାତତ୍ପର । ବିପଦ ପଡ଼ିଲେ କାହାରିକୁ ରକ୍ଷା କରିବା ପାଇଁ ସତେ ଯେମିତି ତାଙ୍କର ଜନ୍ମ । କୌଣସି ଦୁଃଖଶୋକ, ବିପଦ ଆଦି ପଡ଼ିଲେ ସାଧାରଣ ବଣ୍ଟାଟିଏ ଦୌଡ଼ିଯାଏ ଦିଶାରୀ ପାଖକୁ । କାହାରିକୁ ମଧ୍ୟ ସାହାଯ୍ୟ କରିବାକୁ ପଛପୁଞ୍ଚା ଦିଏ ନାହିଁ ଦିଶାରୀ । ତେଣୁ ସମାଜରେ ଦିଶାରୀର ରହିଛି ଏକ ସ୍ୱତନ୍ତ୍ର ସ୍ଥାନ । ସେ ସର୍ବଜନ ପ୍ରଶଂସିତ, ସର୍ବଜନାଦୃତ, ସର୍ବଜନପ୍ରିୟ । ସାଧାରଣତଃ ବିବାହିତ ବ୍ୟକ୍ତିମାନେ ଦିଶାରୀ ହୋଇଥାନ୍ତି ।

ଦିଶାରୀ ହୁଅନ୍ତି କିପରି ?

ଦିଶାରୀ ବିଦ୍ୟା ଈଶ୍ୱରଦତ୍ତ ବୋଲି ବଣ୍ଟାମାନଙ୍କର ଦୃଢ଼ ଧାରଣା ରହିଅଛି । ଏହି ପଦବୀକୁ ଯେ ବଂଶାନୁକ୍ରମ ଭାବେ ଉତ୍ତରାଧିକାରୀ ସୂତ୍ରରେ ଗ୍ରହଣ କରାଯିବ କିମ୍ବା କୌଣସି ବ୍ୟକ୍ତିଙ୍କ ଠାରୁ ଶିକ୍ଷା ଗ୍ରହଣ କରାଯାଇପାରିବ–ଏହା ଯଥୋଚିତ ନୁହେଁ ବୋଲି ବଣ୍ଟାମାନେ ବିଚାର କରନ୍ତି । ତେଣୁ ଉପରୋକ୍ତ ବ୍ୟକ୍ତିତ୍ୱ ଥିବା କୌଣସି ବ୍ୟକ୍ତି (ଉଭୟ ପୁରୁଷ ଓ ସ୍ତ୍ରୀ)ଙ୍କ ଉପରେ ମହାପ୍ରଭୁ ସନ୍ତୁଷ୍ଟ ହୋଇ ଏହି ବିଦ୍ୟା ଦେଇପାରନ୍ତି । ବ୍ୟକ୍ତି ଜଣକ ଶୋଇଥିବା ବେଳେ ମହାପ୍ରଭୁ ସ୍ୱପ୍ନରେ ଆସି ତା ହାତରେ ପାଉଁଶ (ଉଙ୍କସଙ୍ଗ) ଓ ତେରମୂଳ ଔଷଧ (ରେଗିସୁରଙ୍ଗ) ଦେଇଥାନ୍ତି । ସେହି ବ୍ୟକ୍ତି ଜଣଙ୍କ ସକାଳ ନ ପାହୁଣୁ ଉଠି ପଡ଼େ । ଅଧୁଆ ମୁହଁରେ କାହାରିକୁ କଥାବାର୍ତ୍ତା ନ କହି ପାଉଁଶ

ଓ ମହାପ୍ରଭୁ ଚିହ୍ନାଇ ଦେଇଥିବା ଔଷଧକୁ ଖୋଜି (ସେ ଔଷଧ ନ ପାଇଲେ ମହାପ୍ରଭୁଙ୍କର ନାଁ ଧରି ଅନ୍ୟ କୌଣସି ଔଷଧ ଗଛ) ବୁଇଁଦିଏ। ଏହି କଥା ସେ ସାଧାରଣରେ ଜଣାଇ ନ ଥାଏ ।

କିଛିଦିନ ବିତିଯାଏ । ହଠାତ୍ ଦିନେ ଉକ୍ତ ବ୍ୟକ୍ତିକୁ ଦେବତା (ସିରା) ଆସେ । ସେ ଝୁଲି ଝୁଲି ଅନ୍ୟ ଏକ ଭାଷାରେ (ଏହା ମହାପ୍ରଭୁଙ୍କର ଭାଷା ବୋଲି ବିଚାର କରାଯାଏ, ଏହାକୁ ବଣାମାନେ ବୁଝିପାରନ୍ତି ନାହିଁ) କିମ୍ବା ଓଡ଼ିଆ ଭାଷାରେ ବିଭିନ୍ନ ଭୋଗ ଯଥା ନଡ଼ିଆ, କଳା କିମ୍ବା ଚିତିରା କୁକୁଡ଼ା, କାଳିଆ ଛେଳି, କାଳିଆ ମେଣ୍ଢା, ବୋଇତାଳୁ (ଯଦି ଦେବତା/ କାଳିସୀ ବୋଇତାଳୁ ମାଗେ ତେବେ ସେ ମଣିଷକୁ ବଳି ହିସାବରେ ଚୁହୁଁଚି ବୋଲି ବିଚାର କରାଯାଏ) ଇତ୍ୟାଦି ବଳି ମାଗିପାରେ । ମହାପ୍ରଭୁ ଓ ଦିଶାରୀ ହେବାକୁ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଯୁକ୍ତିତର୍କ ମାଧ୍ୟମରେ ବଳି ବିଷୟରେ ସଉଦା କରାଯାଏ । କିନ୍ତୁ ଦେଖଣାହାରିମାନେ କିଛି ଜାଣିପାରନ୍ତି ନାହିଁ ।

ଦେଖଣାହାରି ଲୋକମାନଙ୍କ ମଧ୍ୟରୁ ଜଣେ କେହି (ମୁଖ୍ୟତଃ ଘରଲୋକ) ଏକ ପତ୍ର ଦନାରେ ନିଆଁ ନେଇ ସେଥିରେ ଝୁଣା ପକାଇ ଦେବତା /କାଳିସୀର ନାକ ପାଖରେ ଦିଅନ୍ତି । ଏହି ଝୁଣା ଧୁଆଁରେ ମହାପ୍ରଭୁ ସନ୍ତୁଷ୍ଟ ହୋଇ ଉକ୍ତ ବ୍ୟକ୍ତିକୁ ଛାଡ଼ି ଚାଲିଯାଆନ୍ତି । ତେଣୁ ସେ ଲୋକଟିର ଚେତା ବୁଡ଼ିଯାଏ । ଲୋକଟିର ଚେତା ଫେରିବା ପରେ ମହାପ୍ରଭୁ ମାଗୁଥିବ ବଳି ବିଷୟରେ ସମସ୍ତଙ୍କୁ କହେ। ପ୍ରାୟତଃ କାଳିସୀ (ସିରା) ବୋଇତାଳୁ (ମଣିଷ ବଳି) ଦେବାକୁ ମହାପ୍ରଭୁଙ୍କୁ ମନା କରିଥାଏ । କିନ୍ତୁ ଯଦି ସେ ବଡ଼ ଦିଶାରୀ ହେବାକୁ ଚାହୁଁଥାଏ, ତେବେ ସେ ମହାପ୍ରଭୁଙ୍କ କଥାରେ ଏକମତ ହୁଏ । ଏଥିରେ ମଣିଷ ବଳି ଦେବାକୁ ପଡ଼େ ନାହିଁ । ମହାପ୍ରଭୁଙ୍କ ଶକ୍ତି ବଳରେ ଉକ୍ତ ବ୍ୟକ୍ତିର ଗର୍ଭବତୀ ସ୍ତ୍ରୀ, ପୁଅ, ବାପା, ମାଆ ଇତ୍ୟାଦି କେହି ଜଣେ ବା ଏକାଧିକ ବ୍ୟକ୍ତି ମରିଯାଆନ୍ତି । ଯଦି ଦିଶାରୀ ବୋଇତାଳୁ ଦେବାକୁ ମନା କରିଥାଏ ତେବେ ସେ ରାଜି ହୋଇଥିବା ଅନୁସାରେ ଅନ୍ୟ ପଶୁପକ୍ଷୀ ବଳି ଓ ଭୋଗ ମହାପ୍ରଭୁଙ୍କ ନାମରେ ଅର୍ପଣ କରିଥାଏ । ସାଧାରଣତଃ ଏହି ଭୋଗ ଓ ବଳିକୁ ଅନ୍ଧାର ରାତିରେ ଶ୍ମଶାନରେ ଦିଆଯାଇଥାଏ । ଏହାପରେ ଉକ୍ତ ବ୍ୟକ୍ତି ଦିଶାରୀର ସିଦ୍ଧିଲାଭ କରେ । ପୁରୁଷ ଦିଶାରୀକୁ "ଦିଶାରୀ" ଓ ମହିଳା ଦିଶାରୀକୁ "ଦିଶରୀବୟ" କହନ୍ତି ।

ତାଲିମ :

ଆଗରୁ ବର୍ଣ୍ଣନା କରାଯାଇଛି ଦିଶାରୀ ବିଦ୍ୟାଏକ ଈଶ୍ୱରଦତ୍ତ ଗୁଣ । ମହାପ୍ରଭୁ ବାରମ୍ବାର ସ୍ୱପ୍ନରେ ବିଭିନ୍ନ ପ୍ରକାର ଔଷଧ ଚିହ୍ନାଇ ଦିଅନ୍ତି ବୋଲି ବଣ୍ଡା ଦିଶାରୀମାନେ ମତ ପ୍ରକାଶ କରନ୍ତି । ଜଣେ ବ୍ୟକ୍ତି ମହାପ୍ରଭୁଙ୍କ ନିର୍ଦ୍ଦେଶ ପାଇ ଦିଶାରୀର ସିଦ୍ଧିଲାଭ କଲା ପରେ ଅନ୍ୟ ବଡ଼ ବଡ଼ ଦିଶାରୀଙ୍କର ସାହାଯ୍ୟ ଲୋଡ଼ିପାରନ୍ତି । ସେହିପରି ଯଦି ଘରେ କେହି ଆଗରୁ ଦିଶାରୀ ଥିବେ ତେବେ ସେମାନେ ଜାଣିଥିବା ବିଭିନ୍ନ ଔଷଧ ଏମାନଙ୍କୁ ଚିହ୍ନାଇ ଦିଅନ୍ତି । ତତ୍ ସଙ୍ଗେ ସଙ୍ଗେ କିପରି ବିଭିନ୍ନ ପୂଜାପାଠ କରାଯିବ, କେଉଁ ଦେବାଦେବୀ ଓ ଭୂତପ୍ରେତଙ୍କୁ କି କି ବଳି ଦେଇ ସନ୍ତୁଷ୍ଟ କରିହେବ, ବଳି କଟାଯିବ କିପରି, ରୋଗ ନିରୂପଣ କରାଯିବ କିପରି, କିରୋଗକୁ କି ଔଷଧ ଓ କି ପୂଜା କରାଯିବ ଇତ୍ୟାଦି ବଡ଼ମାନେ ଅର୍ଥାତ ସଂପର୍କିୟ ବଡ଼ ଦିଶାରୀମାନେ ଶିଖାଇଦିଅନ୍ତି ।

ସୃଜନଶୀଳତା :

ଏମାନେ ସବୁବେଳେ ଓ ସବୁକାମ କରିବା ପାଇଁ ଯେ ମହାପ୍ରଭୁଙ୍କର କିମ୍ବା ଅନ୍ୟ ଦିଶାରୀର ସାହାଯ୍ୟ ନିଅନ୍ତି ତାହା ନୁହେଁ । ଅନେକ ସମୟରେ ନିଜର ବୁଦ୍ଧି, ବିବେକ, ଜ୍ଞାନ ପ୍ରୟୋଗ କରି ନିଜେ ନୂଆ ନୂଆ ଔଷଧ ପ୍ରସ୍ତୁତି କରିବା, ରୋଗୀର ମାନସିକ ଅବସ୍ଥାକୁ ଜଳନା କରି ସେହି ଅନୁସାରେ ଔଷଧଦେବା, ରୋଗୀର ସାମଜିକ, ଧାର୍ମିକ ଚିନ୍ତାଚେତନାକୁ ନଜରକୁ ରଖି ରୋଗୀକୁ ଭିନ୍ନ ଭିନ୍ନ ଉପାୟରେ ଚିକିତ୍ସା କରିବା ଇତ୍ୟାଦି ଦିଶାରୀର ସୃଜନଶୀଳତାର ପରିଚୟ ଦେଇଥାଏ ।

ଅଭିଜ୍ଞତା :

ସମୟକ୍ରମେ ଦିଶାରୀମାନେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞତା ଅର୍ଜ୍ଜନ କରିଥାନ୍ତି । ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା, ରୋଗରାଗ ଦେବା, ମନ୍ତ୍ରପାଠ କରିବା ଇତ୍ୟାଦିରେ ସିଦ୍ଧହସ୍ତ ହୋଇଯାଆନ୍ତି । ରୋଗୀର ମୁଖମଣ୍ଡଳ ଓ ହାତ ଗୋଡ଼ ଦେଖି ରୋଗ ନିର୍ଣ୍ଣୟ କରିବା ଓ କେଉଁ ଭୂତ ପ୍ରେତ, ଦେବାଦେବୀଙ୍କର କୋପରୁ ଏପରି ହୋଇଛି ସଙ୍ଗେ ସଙ୍ଗେ କହିଦିଏ ଦିଶାରୀ । ପରେ ନିଦ୍ଦିଷ୍ଟ ରୋଗକୁ ସଠିକ ଔଷଧ ଦେବା ଓ ସଂପୃକ୍ତ ଦେବାଦେବୀଙ୍କୁ ଉପଯୁକ୍ତ ଭୋଗ ଓ ବଳି ଦେଇ ସନ୍ତୁଷ୍ଟ କରିବା ସର୍ବୋପରି ରୋଗୀକୁ ରୋଗମୁକ୍ତ କରିବାରରେ ସିଦ୍ଧହସ୍ତ ହୋଇଉଠନ୍ତି ଦିଶାରୀମାନେ । ଏହା ବ୍ୟତୀତ ଅନିଷ୍ଟ ଶକ୍ତିକୁ ଆୟତ କରିବା ଓ ସେମାନଙ୍କ ସହାୟତାରେ ପାଙ୍ଗଣ ପେଶଣ ଇତ୍ୟାଦି କାର୍ଯ୍ୟ କରିବାରେ ଅଭିଜ୍ଞତା ହାସଲ କରନ୍ତି ।

ଦକ୍ଷତା :

ସମସ୍ତେ ଦିଶାରୀ ସମାନ ଦକ୍ଷତାର ଅଧିକାରୀ ହୋଇନଥାନ୍ତି । କିଏ ସାଧାରଣ ପାଞ୍ଜି ଦେଖିବା ସହ ସାଧାରଣ ଜ୍ୱର କାଶ ପାଇଁ ଔଷଧ ଜାଣିଥାଏ ତ କେତେବେଳେ ଅନ୍ୟମାନେ ଦେବତା ଓ ଅନିଷ୍ଟଶକ୍ତିକୁ ଆୟତ କରିବାର ଦକ୍ଷତା ଥାଏ ତ ପୁଣି ତୃତୀୟ ଜଣଙ୍କ ପାଞ୍ଜି ଦେଖିବା ଠାରୁ ଆରମ୍ଭ କରି ଅଦୃଷ୍ଟଶକ୍ତିକୁ ବଶୀଭୂତ କରିବା, ଅସାଧ ରୋଗକୁ ଆରୋଗ୍ୟ କରିବା ଇତ୍ୟାଦି ସମସ୍ତ କାର୍ଯ୍ୟରେ ଦକ୍ଷତା ହାସଲ କରିଥାନ୍ତି । ପୁଣି ଅନ୍ୟ କେତେଜଣ ନିର୍ଦ୍ଦିଷ୍ଟ ଔଷଧ ତିଆରିରେ ନିପୁଣ ହୋଇଥାନ୍ତି । ଯାହାହେଉ ଦିଶାରୀମାନେ ବହୁମୁଖୀ ଦକ୍ଷତାର ଅଧିକାରୀ ହୋଇଥାନ୍ତି ।

ଆଚରଣ :

ସାଧାରଣତଃ ଦିଶାରୀମାନେ ଦୟାଳୁ ଓ ପରୋପକାରୀ ହୋଇଥାନ୍ତି । କୌଣସି ରୋଗୀକୁ ସାହାଯ୍ୟ କରିବା ପାଇଁ ସେତେଯେମିତି ସଦାସର୍ବଦା ଜାଗ୍ରତ ସେମାନେ । କୌଣସି ସମୟରେ କେହି ବିପଦରେ ପଡ଼ିଲେ ବଣ୍ଡାମାନେ କାଳବେଳ ନ ଦେଖି ଦୌଡ଼ିଆସନ୍ତି ଦିଶାରୀ ପାଖକୁ । ଦିଶାରୀ ମଧ୍ୟ ନିଜର କାମଧନ୍ଦା ଛାଡ଼ି ଭଲମନ୍ଦ, ହାନିଲାଭ ବିଚାର ନ କରି ରୋଗୀ ବା ବିପଦଗ୍ରସ୍ତ ଲୋକକୁ ସାହାଯ୍ୟ କରିବାକୁ ଆଗଭେଯାଏ ଅବିଳମ୍ବେ । ଔଷଧ ସଂଗ୍ରହ ପାଇଁ ଦିଶାରୀ ଅନେକ କଷ୍ଟ କରେ । ଉପବାସ କରେ, ଅନ୍ଧାର ରାତ୍ରିରେ ହିଂସ୍ର ଜନ୍ତୁ ଓ ଭୂତପ୍ରେତଙ୍କୁ ଖାତିରି ନକରି ଔଷଧ ସଂଗ୍ରହ କରି ଲୋକଙ୍କୁ ଦେଇଥିବା କଥାନୁସାରେ ଠିକ୍ ସମୟରେ ଉପସ୍ଥିତ ହୋଇ ରୋଗୀକୁ ଅଚିରେ ଆରୋଗ୍ୟ ଲାଭ କରିବା ପାଇଁ ସାନ୍ତ୍ୱନା ଦିଏ । ସେବାସୁଶ୍ରୂଷା ମନୋଭାବ ନେଇ ରୋଗୀକୁ ସେବାକରେ ଦିଶାରୀ, ଦେବାଦେବୀ ଓ ଭୂତପ୍ରେତମାନଙ୍କୁ ସନ୍ତୁଷ୍ଟ କରେ, ଔଷଧ ଦିଏ, ପଥ୍ ସେବନର ଆଚାର ବ୍ୟବହାର ବତାଇଦିଏ । ଶୀଘ୍ର ଆରୋଗ୍ୟ ଲାଭ କରିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରି ରୋଗୀର ମଙ୍ଗଳ କାମନା କରିଥାଏ । ସାଧାରଣ ରୋଗ ବ୍ୟାଧିରେ କେବଳ ଦିଶାରୀ ସାହାଯ୍ୟ କରି ନଥାଏ, ଏହା ଭିନ୍ନ ସେ ପାଙ୍ଗଣ ପେଶଣର ପ୍ରତିକାର କରି ଆସନ୍ନ ବିପଦକୁ ଏଡ଼ାଇଦିଏ । ଆବଶ୍ୟକ ସ୍ଥଳେ ଦୋଷୀ ଶତ୍ରୁକୁ ମଧ୍ୟ ଦଣ୍ଡ ବିଧାନର ବ୍ୟବସ୍ଥା କରିପାରନ୍ତି ଏହି ଦିଶାରୀମାନେ ।

ତେଣୁ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ଏମାନେ ଏକ ସ୍ୱତନ୍ତ୍ର ଆସ୍ଥାନ ଜମାଇ ଦେଇଥାନ୍ତି । ସାଧାରଣ ଲୋକମାନେ ଏମାନଙ୍କର ସ୍ନେହ, ଶ୍ରଦ୍ଧା, ସେବା, ଉପକାର, ପ୍ରତିବଦଳରେ ସେମାନଙ୍କୁ ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କରିବା ସହିତ ଖୁବ୍ ଆପଣାର ବ୍ୟକ୍ତି ପରି ବ୍ୟବହାର କରିଥାନ୍ତି । ଦିଶାରୀମାନଙ୍କୁ ଟିକିଏ ମଦପାଣିର ଆତିଥ୍ୟରେ

ସନ୍ତୁଷ୍ଟ ନ କରିପାରିଲେ ବଣ୍ଡାକୁ ଟିକିଏ ତୃପ୍ତି ମିଳେନାହିଁ । କାମ ସମୟରେ ଯେ କେବଳ ଦିଶାରୀକୁ ଆଦର ସମ୍ମାନ କରନ୍ତି ତା ନୁହେଁ ସାଧାରଣ ଜୀବନରେ ଅନେକ ମଧ୍ୟ ଦିଶାରୀକୁ ଅତିଥି ରୂପେ ପାଇବାକୁ ସତଚେଷ୍ଟିତ । ଅଧିକନ୍ତୁ ଏମାନେ କେବଳ ଗୋଟିଏ ଗାଁ ମଧ୍ୟରେ ନୁହେଁ ପରନ୍ତୁ ଗାଁ ଗାଁ ବାହାର ଅନେକ ଗାଁରେ ମଧ୍ୟ ମାନ ସମ୍ମାନର ଅଧିକାରୀ ହୋଇଥାନ୍ତି ଓ ଚିହ୍ନା ଲୋକଙ୍କର ଆତିଥ୍ୟ ସ୍ୱୀକାର କରି ସ୍ନେହ ମମତାର ବନ୍ଧନକୁ ଦୃଢ଼ କରିଥାନ୍ତି ।

ଉପବାସ :

କେତେକ ସ୍ଥଳେ ଦିଶାରୀକୁ ଉପବାସ କରିବାକୁ ପଡ଼ିଥାଏ । ବିଭିନ୍ନ ସମୟରେ ଔଷଧ ସଂଗ୍ରହ ପାଇଁ ଦିଶାରୀକୁ ଉପବାସ ପାଳନ କରିବାକୁ ପଡ଼ିଥାଏ । ସାଧାରଣତଃ ଏମାନେ ରବିବାର, ଅମାବାସ୍ୟା, ପୂର୍ଣ୍ଣିମା, ଚନ୍ଦ୍ରଗ୍ରହଣ ଇତ୍ୟାଦି ସମୟରେ ଔଷଧ ସଂଗ୍ରହ ପୂର୍ବରୁ ଖାଦ୍ୟପେୟ ବର୍ଜ୍ଜନ କରି ଉପବାସ ପାଳନ କରିଥାନ୍ତି । କୌଣସି ପୂଜା କରିବା ପୂର୍ବରୁ ଏମାନେ ମଧ୍ୟ ଉପବାସ ପାଳନ କରିଥାନ୍ତି । ପୂଜାପାଠ ସରିଲେ ପ୍ରଥମେ ସରୁ ଅନ୍ନ ସେବନ କରିବା ପରେ ଅନ୍ୟ ଖାଦ୍ୟ ଖାଇଥାଆନ୍ତି । କିନ୍ତୁ ପାଙ୍ଗଣ ପେଶଣ କଲାବେଳେ ଦିଶାରୀକୁ ନିର୍ଜ୍ଜଳା ଉପବାସ କରିବାକୁ ପଡ଼ିଥାଏ ।

ଖାଦ୍ୟ ସମ୍ପର୍କୀତ ବିଧି ନିଷେଧ :

କୌଣସି ଗୁରୁତ୍ୱପୂର୍ଣ୍ଣ ଔଷଧ ସଂଗ୍ରହ ସମୟରେ ଖାଦ୍ୟ ଖାଇ ଔଷଧ ସଂଗ୍ରହ କଲେ ଔଷଧ ଫଳପ୍ରଦ ହୁଏ ନାହିଁ ବୋଲି ବଣ୍ଡା ଦିଶାରୀମାନେ ମତ ଦିଅନ୍ତି । ତେଣୁ ଏହି ସମୟରେ ସେମାନେ ଉପବାସ ପାଳନ କରିଥାନ୍ତି । କୌଣସି ପୂଜାପାଠ (ବିରୁ) କରିବା, ଆଗଦିନ ରାତ୍ରରୁ କେତେକ ସମୟରେ ନିଜେ ରୋଷେଇ କରି ଖାଦ୍ୟ ଖାଇଥାନ୍ତି । ଅନ୍ୟ କେହି ଏପରିକି ନିଜର ସ୍ତ୍ରୀ ଓ ଝିଅ ରାନ୍ଧିଦେଲେ ମଧ୍ୟ ସେମାନେ ଖାଦ୍ୟ ଖାଇ ନଥାନ୍ତି । ସକାଳୁ ପୂଜାପାଠ ନ ସରିବା ପର୍ଯ୍ୟନ୍ତ ସେମାନେ ନିର୍ଜ୍ଜଳା ଉପବାସ କରନ୍ତି । ନିଶାଦ୍ରବ୍ୟ ଯଥା ଧୂଆଁପତ୍ର, ସିଜା, ବିଡ଼ି, ମଦ, ସଲପ ଓ ପେଣ୍ଡମ ସେବନ କରନ୍ତି ନାହିଁ । କାରଣ ଉପବାସ ନଥିଲେ ସେମାନେ ଭୋଗ, ନୈବଦ୍ୟ ଓ ବଳି ଦେଲେ ଦେବତା ଓ ଅନିଷ୍ଟକାରୀ ଅଦୃଷ୍ଟ ଶକ୍ତିମାନେ ଗ୍ରହଣ କରିବେ ନାହିଁ କିମ୍ବା ସନ୍ତୁଷ୍ଟ ହେବେ ନାହିଁ ଫଳରେ ସେମାନଙ୍କର ମନୋକାମନା ପୂର୍ଣ୍ଣ ହେବ ନାହିଁ ବୋଲି ବଣ୍ଡା ଦିଶାରୀମାନଙ୍କର ଅଖଣ୍ଡ ବିଶ୍ୱାସ ରହିଅଛି । କୌଣସି ବିରୁ କରିବା ପୂର୍ବ ରାତ୍ରରେ ସେମାନେ ସ୍ତ୍ରୀ ସହବାସ ବର୍ଜ୍ଜନ କରନ୍ତି ଅଧିକନ୍ତୁ ସ୍ତ୍ରୀ ଠାରୁ ଅଲଗା ହୋଇ ଅଗଲା ବିଛଣା କରି ଶୟନ କରିଥାନ୍ତି । କାରଣ ଏହି ରାତ୍ରରେ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ ବିଭିନ୍ନ ନିର୍ଦ୍ଦେଶ ଦେଇଥାନ୍ତି ଏବଂ ସେହି ନିର୍ଦ୍ଦେଶନୁଯାୟୀ ସେମାନଙ୍କୁ ବିରୁ କରିବାକୁ

ପଡ଼ିଥାଏ । କୌଣସି ଶୁଦ୍ଧପୂତ ଔଷଧ ତିଆରି କରିବା ପାଇଁ ନିଜର ରଜୋବତୀ ସ୍ତ୍ରୀ ଠାରୁ ଜଳ କିମ୍ବା ତାଙ୍କର ସାହାଯ୍ୟ ନିଆଯାଏ ନାହିଁ । କୌଣସି ବ୍ୟକ୍ତିଙ୍କର ଛୁତିକିଆ, ମୃତିକିଆ ଆଦି ଅପବିତ୍ର ସମୟରେ ସେମାନଙ୍କଠାରୁ ଖାଦ୍ୟ ଗ୍ରହଣ କରିବା ଏମାନଙ୍କ ପକ୍ଷେ ନିଷେଧ ।

ପୋଷାକ ପରିଚ୍ଛଦ ଓ ପରିପାଟୀ:

ବଣ୍ଡା ସମାଜରେ ପୁରୁଷମାନେ ପୋଷାକ ପରିଚ୍ଛେଦ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । ଅନ୍ୟ ଧର୍ମୀୟ କର୍ମକର୍ମାଣିମାନଙ୍କ ପରି ଦିଶାରୀମାନଙ୍କର ମଧ୍ୟ କୌଣସି ସ୍ୱତନ୍ତ୍ର ପୋଷାକ ପରିଚ୍ଛେଦ ନ ଥାଏ । ଏମାନେ ସର୍ବସାଧାରଣଙ୍କ ପରି ୩-୪ ଫୁଟ୍ ଲମ୍ବା ଓ ୧୦-୧୧ଫୁଟ ଓସାରର ଏକ କପଡ଼ାକୁ ଲଜ୍ୟା ନିବାରଣ ପାଇଁ ବ୍ୟବହାର କରନ୍ତି । ଏହାକୁ ଗୋସି କୁହାଯାଏ । ଏହା ବ୍ୟତୀତ ସେମାନେ ଆଧୁନିକ ଯୁଗର ପ୍ରଭାବ ଓ ଚାକଚକ୍ୟରେ ଏବେ ଗାମୁଚା ଓ ଲୁଙ୍ଗି ପରିଧାନ କରିବାର ଦେଖାଗଲାଣି ଓ ଦେହରେ ଗଞ୍ଜି ଓ ସାର୍ଟ ମଧ୍ୟ ପିନ୍ଧିଲେଣି ଯାହାହେଉ ଏମାନେ ପୂଜାପାଠ କରିବା ସମୟରେ କେବଳ ଗୋସି କିମ୍ବା ଗାମୁଛାକୁ କଛାମାରି ପିନ୍ଧିଥାନ୍ତି ଓ ଅତିବେଶୀ ହେଲେ ଦେହରେ ଖଣ୍ଡିଏ ଗଞ୍ଜି ଗଳାଇ ଥାଆନ୍ତି । ମହିଳା ଦିଶାରୀମାନେ ସାଧାରଣତଃ ପିନ୍ଧୁଥିବା ବସ୍ତ୍ର ପରିଧାନ କରିଥାନ୍ତି ।

ସ୍ୱତନ୍ତ୍ର ଜ୍ଞାନ:

ପୂର୍ବରୁ ବର୍ଣ୍ଣନା କରାଯାଇଛି ଯେ ଦିଶାରୀ କେବଳ ବୈଦ୍ୟ ନୁହେଁ । ସେ ଏକାଧାରାରେ ଜ୍ୟୋତିଷ, ଗୁଣିଆ, ତାନ୍ତ୍ରିକ ଓ ପୂଜାରୀ ମଧ୍ୟ । ତେଣୁ ସେ ଅନେକ ସ୍ୱତନ୍ତ୍ର ଜ୍ଞାନର ଅଧିକାରୀ ହୋଇଥାଆନ୍ତି । ଜ୍ୟୋତିଷ ହିସାବରେ ନୂଆ ଘର ନିର୍ମାଣ କରିବା ପାଇଁ ସ୍ଥାନର ଶୁଭାଶୁଭ ନିରୂପଣ କରିବା, ଗାଁର ନାୟକ, ଚାଲାଣ, ବାରିକ ଓ ଶିଶା ବାନ୍ଧିବା ପାଇଁ ପାଞ୍ଜି ଦେଖିବା, ରୋଗୀ କେଉଁ ଦେବତା ଓ ଭୂତପ୍ରେତଙ୍କ ଆକ୍ରମଣରୁ ରୋଗ ଭୋଗୁଛି ତାହା ପାଞ୍ଜି ଦେଖି ନିଶ୍ଚୟ କରିବା ଏବଂ ଅନ୍ୟ କୌଣସି ବିଷୟରେ ଭବିଷ୍ୟତ ବାଣୀ କରିବା ଦିଶାରୀର ଏକ ସ୍ୱତନ୍ତ୍ର ଗୁଣ । ଏଥି ସହିତ ସାଧନା କରି ଅନିଷ୍ଟକାରୀ ଅଦୃଷ୍ଟ ଶକ୍ତିମାନଙ୍କୁ ଆୟତରେ ରଖିବା, ସେମାନଙ୍କ ଦ୍ୱାରା ଅନ୍ୟର ଅନିଷ୍ଟକରିବା, ନିଜର ଲକ୍ଷ୍ୟ ସାଧନ କରିବା ଇତ୍ୟାଦି ଦିଶାରୀର ସ୍ୱତନ୍ତ୍ର ଗୁଣ ତଥା ଜ୍ଞାନ ।

ବୈଦ୍ୟ ଓ ଔଷଧ ବଗିଚା:

ବଣ୍ଡାମାନେ ବନ ପାହାଡ଼ ଘେରା ସବୁଜୀମା ପ୍ରକୃତିରେ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ଜୀବନ ଯାପନ କରିଥାନ୍ତି । ଏହି ପ୍ରକୃତି ଦିଶାରୀର ଗନ୍ତାଘର । ଆବଶ୍ୟକ

ସ୍ଥଳେ ଜଙ୍ଗଲକୁ ଦୌଡ଼ି ଯାଇ ଔଷଧମାନ ସଂଗ୍ରହ କରେ । ଦ୍ୱିତୀୟତଃ ସେ ଔଷଧ ପ୍ରସ୍ତୁତ କରି ଭବିଷ୍ୟତରେ ବ୍ୟବହାର କରିବା ପାଇଁ ସଞ୍ଚୟ କରି ରଖେ ନାହିଁ । ଯେତେବେଳେ ଯାହା ଆବଶ୍ୟକ ବାସ ସେତକ ପ୍ରସ୍ତୁତ କରେ ଓ ବ୍ୟବହାର କରେ । ତେଣୁ ଔଷଧ ବଗିଚା କରିବା ଜରୁରୀ ନୁହେଁ ବୋଲି ବଣ୍ଡା ଦିଶାରୀମାନେ କହନ୍ତି । କିନ୍ତୁ ଏବେ କେତେକ ଦୂର୍ଲଭ ଔଷଧ ବୃକ୍ଷକୁ ଦିଶାରୀମାନେ ସଂଗ୍ରହ କରି ନିଜ ବାଡ଼ି ବଗିଚାମାନଙ୍କରେ ଲଗାଇଲେଣି । ଏହାକୁ ବୁଆପାଳନ କଳାପାରି ସେମାନେ ଯତ୍ନ ନିଅନ୍ତି ଓ ଆବଶ୍ୟକ ସମୟରେ ନିଜର କାମରେ ଲଗାନ୍ତି ।

ଦିଶାରୀର କାର୍ଯ୍ୟକଳାପ :

ଦିଶାରୀ ବଣ୍ଡା ସମାଜର ଜଣେ ପାରମ୍ପରିକ ଦୀପ୍ତିମୟୀ ବୌଦ୍ଧାନିକ, ମାନ ସମ୍ମାନର ପ୍ରତୀକ, ଦୁଃଖ ଦୁର୍ଦ୍ଦଶାର ଏକାନ୍ତ ସାଥୀ, ଉନ୍ନତିର ଚାବିକାଠି ଓ ବଣ୍ଡା ସଂସ୍କୃତିକୁ ସଂରକ୍ଷଣ କରି ରଖିଥିବାର ଏକ ଶକ୍ତ ମୂଳଦୁଆ । ଏମାନଙ୍କର କାର୍ଯ୍ୟକଳାପ ବହୁମୁଖି । ତେଣୁ ଦିଶାରୀକୁ ଜଣେ ଜ୍ୟୋତିଷ, ଜଣେ ବୈଦ୍ୟ, ଜଣେ ପୂଜକ ଓ ଜଣେ ଗୁଣି ଅବା ତାନ୍ତ୍ରିକ ହିସାବରେ ବିଚାର କଲେ ଦିଶାରୀ କାର୍ଯ୍ୟକଳାପର ଏକ ନିଜସ ପ୍ରତିଛବି ମିଳିଥାଏ । ଏହା ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଜ୍ୟୋର୍ତିବିଦ୍ୟା :

ଦିଶାରୀ କେତୋଟି ହଳଦୀ ମିଶା ଅରୁଆ ଚାଉଳ ଓ ଖଣ୍ଡେ ପଟାର ସାହାଯ୍ୟ ନେଇ ଅନେକ ବିଷୟରେ ଆଗତୁର ସୂଚନା ଦେଇପାରେ । ପ୍ରଥମେ କେତେକ ଅରୁଆ ଚାଉଳ ଆଣି ଏଥିରେ ଟିକିଏ ହଳଦୀ ଗୋଳାଇ ଦିଏ । ଖଣ୍ଡେ କାଠପଟାକୁ ଧୋଇ ଏଥିରେ ହଳଦୀ ଲିପି ମାର୍ଜନା କରେ । ଦୁଇ ଆଙ୍ଗୁଳିରେ ଚାପି ଟିପେ ଟିପେ ତିନିଟିପା ଚାଉଳ ଆଣି ପଟା ଉପରେ ରଖେ । ମହାପ୍ରଭୁଙ୍କୁ ସ୍ମରଣ କରେ କହେ ମହାପ୍ରଭୁ ଯଦି ସତ ହେବ (ଭଲହେବ) ତେବେ ଚାଉଳ ଯୋଡ଼ି ଯୋଡ଼ି ହୋଇଯାଉ ଓ ଯଦି ସତ ନ ହେବ (ଅମଙ୍ଗଳ ହେବ) ତେବେ ଚାଉଳ ଫିଟିଯାଉ ଆର୍ଥାତ୍ ଗୋଟିଏ ଚାଉଳ ବଳକା ରହିଯିବ । ତା'ପରେ ଦିଶାରୀ ମହାପ୍ରଭୁକୁ ନମସ୍କାର କରି ଚାଉଳକୁ ଯୋଡ଼ା ଯୋଡ଼ା କରେ । ମନ୍ତର ଉଚ୍ଚାରଣ ଚାଲିଥାଏ । ଯଦି ଚାଉଳ ଯୋଡ଼ି ଯୋଡ଼ି ହୋଇଯାଏ ତେବେ କାର୍ଯ୍ୟ ସଫଳ ହେବ ବା ନିର୍ଦ୍ଦିଷ୍ଟ ମନୋବାଞ୍ଛା ପୂର୍ଣ୍ଣ ହେବ ଓ ଚାଉଳ ଫିଟିଗଲେ କାର୍ଯ୍ୟ ବିଫଳ ହେବ ବା କାର୍ଯ୍ୟରେ ବିପଦ ରହିଛି ବୋଲି ସୂଚନା ଦିଏ ଦିଶାରୀ । ଏହି କାର୍ଯ୍ୟକୁ ଦେଶିଆ ଭାଷାରେ ପାଞ୍ଜି ଓ ବଣ୍ଡା ଭାଷାରେ ଯୁଆକତ୍ କୁହାଯାଏ ।

ଏହି ପାଞ୍ଜି ଦେଖି ଦିଶାରୀ କୌଣସି ବିଷୟରେ ଭଲମନ୍ଦ ସୂଚନା ଦେଇଥାଏ । ଗର୍ଭବତୀର ପୁଅ କି ଝିଅ ହେବ, ଅମୁକ ଯାଗାରେ ଘର କଲେ ଘରର ଉନ୍ନତି ହେବ କି ବିପତ୍ତି ପଡ଼ିବ, ସମୁକ ଲୋକ ଗାଁରେ ନାୟକ, ଚାଲଣ, ବାରିକ, ଶିଶା, ଡ଼ାଉ ଶିଶା ଇତ୍ୟାଦି ହେଲେ ଗାଁର ମଙ୍ଗଳ ହେବ, ଫସଲ ଭଲ ହେବ, ଦେବାଦେବୀ ସନ୍ତୁଷ୍ଟ ହେବ କି ନାହିଁ ଏ ସମସ୍ତ ବିଷୟରେ ଦିଶାରୀ ନିର୍ଭୁଲ ଭାବରେ ଗଣନା କରି ଭବିଷ୍ୟତର ଶୁଭାଶୁଭ ସୂଚନା ଦେଇପାରେ । ଏହା ବ୍ୟତୀତ ରୋଗୀକୁ କେଉଁ ଭୂତ ପ୍ରେତ ବା ଅନିଷ୍ଟ ଶକ୍ତି ଲାଗିଛି, ସେ ଅନିଷ୍ଟ ଶକ୍ତି କ'ଣ ବଳି ଚାହୁଁଛି, ସେ ଅନିଷ୍ଟ ଶକ୍ତିକୁ କିପରି ସନ୍ତୁଷ୍ଟ କରାଯାଇପାରିବ, କୌଣସି ବ୍ୟକ୍ତିର ଫସଲ ନଷ୍ଟ ହେଲା କାହିଁକି, ଗୋରୁଗାଈ ଆଦି ଗୃହପାଳିତ ପଶୁମାନଙ୍କୁ ହିଂସ୍ର ଜନ୍ତୁ ଆକ୍ରମଣ କରିମାରିଦେଲେ କାହିଁକି, କୌଣସି ଲୋକର ଅକାଳ ମୃତ୍ୟୁ ହେଲା କାହିଁକି, କାହାରି କାହାରି ମଧ୍ୟରେ କଳିଗୋଳ, ଝଣାଳଟା ଓ ବିନ୍ଧିବିନ୍ଧି ହେଲା କାହିଁକି, କୌଣସି ବ୍ୟକ୍ତିକୁ ପାଙ୍ଗଣ ପେଶଣ କରିଛି କିଏ ଓ ତା'ର ପ୍ରତିକାର କ'ଣ ଇତ୍ୟାଦି ମଧ୍ୟ ଦିଶାରୀ ପାଞ୍ଜି ଦେଖି ଜହିଦେଇପାର ଓ ତା'ର ପ୍ରତିକାର ମଧ୍ୟ କରିଥାଏ ।

ବୈଦ୍ୟ ହସିବା ଦିଶାରୀ:

ଦିଶାରୀମାନେ ସାଧାରଣ ସର୍ଦ୍ଦିକାଶ, ଥଣ୍ଡା ଜ୍ୱରଠାରୁ ଆରମ୍ଭ କରି ମାରତ୍ମକ ବସନ୍ତ, ହାଡ଼ଫୁଟି, ବାତବେମାର ପର୍ଯ୍ୟନ୍ତ ରୋଗ ଭଲ କରନ୍ତି । କୌଣସି ରୋଗୀ କୌଣସି ରୋଗ ଭୋଗୁଥିଲେ ଦିଶାରୀ ପାଖକୁ ଆସନ୍ତି । ଦିଶାରୀ ସାନ୍ତ୍ୱନାମୂଳକ ବାକ୍ୟ କହି ନିଜ ପାଖରେ ବସାନ୍ତି । ରୋଗୀର ମୁଖମଣ୍ଡଳ, ଆଖି, ପାଟି ଓ ହାତ ଦେଖି ରୋଗକୁ ଚିହ୍ନଟ କରିପାରନ୍ତି । ସେମାନେ ଏପରି ଦକ୍ଷ ଯେ ରୋଗୀର ମୁଖ ମଣ୍ଡଳ ଓ ମାନସିକ ଅବସ୍ଥା ଅଧ୍ୟୟନ କରି ରୋଗ ସଠିକ ଭାବରେ ନିର୍ଣ୍ଣୟ କରିପାରନ୍ତି। କେଉଁ ରୋଗ ପାଇଁ କି ପ୍ରକାର ଔଷଧ ଦିଆଯିବ ତାହା ସେ ନିଜେ ଜାଣିଥାନ୍ତି । ରୋଗ ଓ ରୋଗୀର ବୟସ, ଲିଙ୍ଗ, ମାନସିକ ଅବସ୍ଥା ଦେଖି କେତେ ପରିମାଣରେ ଔଷଧ ଦିଆଯିବ ତାହା ମଧ୍ୟ ସେ ନିର୍ଣ୍ଣୟ କରିପାରନ୍ତି । ରୋଗୀକୁ ଔଷଧ ଦେଇ, ଔଷଧ ଓ ପଥ୍ୟ ସେବନର ବିଧି ବତାଇ ଦିଅନ୍ତି ଓ ବାରଣ, ନିଷେଧ ଓ ନିବାରଣ ବିଷୟରେ ରୋଗୀକୁ ସତର୍କ କରାଇଦିଅନ୍ତି । ସର୍ବୋପରି ରୋଗୀର ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତି ଓ ପୂଜାପାଠ ମଧ୍ୟ କରନ୍ତି । ଦିଶାରୀ ବ୍ୟବହାର କରୁଥିବା ଔଷଧ, ସଂଗ୍ରହ କରୁଥିବା ସ୍ଥାନ ଓ ସମୟ, ଆରୋଗ୍ୟ କରୁଥିବା ରୋଗ ଓ ବ୍ୟାଧି, ଔଷଧ ପ୍ରସ୍ତୁତି ଓ ପ୍ରୟୋଗ ପ୍ରଣାଳୀ, ଔଷଧ ସେବନରେ ପାଳନ କରାଯାଉଥିବା ନିଷେଧ/ନିବାରଣ ସଂପର୍କରେ ନିମ୍ନ ସାରଣୀରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ବଣ୍ଡାମାନେ ବ୍ୟବହାର କରୁଥିବା ଔଷଧର ସାରଣୀ ତଥା ଏହାର ପ୍ରତିକାର:

କ୍ର.ନଂ	ବଣ୍ଡା ଭାଷା	ଓଡ଼ିଆ ଭାଷା	ବ୍ୟବହୃତ ଅଂଶ ସ୍ଥାନ ବିଶେଷ	ଔଷଧ ବଢୁଥିବା	ସଂଗ୍ରହ ସମୟ	ଆରୋଗ୍ୟ କରାଯାଇଥିବା ରୋଗ ଓ ବ୍ୟାଧି
୦୧.	ବୁଡାମେ	-	ପତ୍ର	ଜଙ୍ଗଲ	ଯେ କୌଣସି ସମୟ	ପୋଡ଼ା ଘା
୦୨.	ଥଙ୍ଗସିଙ୍ଗବିଲାଇ	-	ଚେର	ଜଙ୍ଗଲ	ଯେ କୌଣସି ସମୟ	ପେଟ ବ୍ୟଥା
୦୩.	କିରିଙ୍ଗଏ	କିରସିଙ୍ଗ	ଚେର	ଜଙ୍ଗଲ	ଯେ କୌଣସି ସମୟ	ସାପ କାମୁଡ଼ା
	ବୁବୁଗନା ସୁରଙ୍ଗ	ସାପି	ଚେର	ଜଙ୍ଗଲ	ଯେ କୌଣସି ସମୟ	
	ଆଦଲି	କନ୍ଦାମୂଳୀ	ପତ୍ର	ବାଡ଼ି ବଗିଚାରେ	ଯେ କୌଣସି ସମୟ	
	ସାଙ୍ଗସାଙ୍ଗ	ହଳଦୀ	ପତ୍ର ଓ ମୂଳ	ବାଡ଼ି ବଗିଚାରେ	ଯେ କୌଣସି ସମୟ	
	ଲେମ	ଲାଜକୁଳୀ ଲତା	ପତ୍ର	ରାସ୍ତାଘାଟ ବା ଜଙ୍ଗଲରେ	ଯେ କୌଣସି ସମୟ	
୦୪.	ମୟୂର ଚୁଳିଆ	ମୟୂର ଚୁଳିଆ	ଚେର	ଜଙ୍ଗଲରେ	ଯେ କୌଣସି ସମୟ	ସାପ କାମୁଡ଼ା
୦୫.	ତିଡ଼ିମ	ତେଉଡ଼ି	ଚେର ଓ ଫୁଲ	ଜଙ୍ଗଲରେ	ଯେ କୌଣସି ସମୟ	ପ୍ରସବ କଷ୍ଟ
	ତିମାଙ୍ଗଲି	-	ଛେଲି	ଜଙ୍ଗଲରେ	ଯେ କୌଣସି ସମୟ	
	ଗିଲସାର	ଅପମାରଙ୍ଗ	ଚେର	ଜଙ୍ଗଲରେ	ଯେ କୌଣସି ସମୟ	
୦୬.	ତୀରେ	ଚେନ୍ଦୁ	କଅଁଳିଆ ପତ୍ର	ଜଙ୍ଗଲରେ	ଯେ କୌଣସି ସମୟ	ରକ୍ତ ଆମାଶୟ
	ପୁତ୍ରପ୍ରଡ଼ା	ଅମରପୋଲ	ପତ୍ର	ଜଙ୍ଗଲରେ	ଯେ କୌଣସି ସମୟ	
୦୭.	ପାତାଳଚାଗୁଡ଼	ପାତାଳଚାଗୁଡ଼	ଚେର	ଜଙ୍ଗଲରେ	ସକାଳେ କୌଣସି ବ୍ୟକ୍ତିକୁ କଥା-	ରକ୍ତ ଝାଡ଼ା,
	ସାଙ୍ଗସାଙ୍ଗସିଙ୍ଗ	-	କନ୍ଦା	ଜଙ୍ଗଲରେ	ବାର୍ତ୍ତା ନକରି ଗଛ ମୂଳେ ପୂଜା	ଶିଙ୍ଗାଣି ପରି ଝାଡ଼ା
	ଲୁଲିସିଂ	ବାଲିଷଣ୍ଢ	ମୂଳ	ଜଙ୍ଗଲରେ	କରି ଔଷଧ ସଂଗ୍ରହ କରିବା ।	ବାନ୍ତି ହେଉଥିଲେ ।
	ଦେଉସିଂ	-	ଚେର	ଜଙ୍ଗଲରେ		
୦୮.	ସାବସାବଲେ	-	ଚେର	ଜଙ୍ଗଲରେ	କୌଣସି ସମୟରେ	କଟା, ମାଡ଼ କିମ୍ବା ଘା ଇତ୍ୟାଦି
	ଇସିର	-	ଚେର	ଜଙ୍ଗଲରେ		କ୍ଷତ ହୋଇଥିଲେ ।
	ଅଡ଼ଗାଙ୍ଗ	-	ଚେର	ଜଙ୍ଗଲରେ		
୦୯.	ବୁସେସିଂ	-	ମୂଳ (କନ୍ଦା)	ପାଣି ରହୁଥିବା ସ୍ଥାନ	ଭୋଗୁ କାହାରିକୁ କଥା ନକହି	ଡ଼ାହାଣୀ ଝାଡ଼ିବା କିମ୍ବା ଡ଼ାହାଣୀ
	ଲଙ୍ଗ	ଦାପିରି	ଚେର	ଜଙ୍ଗଲରେ	ଦିନବେଳା	ରକ୍ତ ଖାଉଥିଲେ ଭଲ କରିବା ପାଇଁ

ক্রমিক নং	নির্দেশাবলী	নমুনা / উদাহরণ	মন্তব্য
১.০	নিম্নলিখিত অনুচ্ছেদটি মনোযোগ সহকারে পড়ো।	----	----
১.১	অনুচ্ছেদটি পড়ার সময় যে শব্দগুলির অর্থ তুমি জানো না সেগুলির নীচে দাগ দাও।	----	----
১.২	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অনুমান করার চেষ্টা করো।	----	----
১.৩	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----
১.৪	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----
১.৫	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----
১.৬	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----
১.৭	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----
১.৮	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----
১.৯	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----
১.১০	অনুচ্ছেদটি আবার পড়ো এবং যে শব্দগুলির নীচে দাগ দিয়েছ সেগুলির অর্থ অভিধান দেখে বুঝে নাও।	----	----

କ୍ରମଶଃ- ବଣ୍ଡା ମାନେ ବ୍ୟବହାର କରୁଥିବା ଔଷଧର ସାରଣୀ ତଥା ଏହାର ପ୍ରତିକାର:

କ୍ର.ନଂ	ବଣ୍ଡା ଭାଷା	ଓଡ଼ିଆ ଭାଷା	ବ୍ୟବହୃତ ଅଂଶ ସ୍ଥାନ ବିଶେଷ	ଔଷଧ ବଢୁଥିବା	ସଂଗ୍ରହ ସମୟ ରୋଗ ବା ବ୍ୟାଧି	ଆରୋଗ୍ୟ କରାଯାଇଥିବା
୧୦.	ସେଲାଭ ଉଲାଙ୍ଗ	ଟାଙ୍ଗିଆସିନା	ଚେର ଓ ଛେଲି	ଜଙ୍ଗଲ	ଯେ କୌଣସି ସମୟ	ତୀର ବା ଟାଙ୍ଗିଆ ଦ୍ୱାର ସଂଘାତିକ କ୍ଷତ।
	ମୁଣିପୁରିଆ	ମଣିପୁରିଆ	ଚେର	ଜଙ୍ଗଲ		
	ପିନେଡ଼ାଲ/ ମୁଲପ୍	-	କନ୍ଦା	ଜଙ୍ଗଲ		
୧୧.	ଲେମ	ଲାଜକୁଳୀ	ଚେର	ରାସ୍ତାଘାଟରେ / ଜଙ୍ଗଲ	ଯେ କୌଣସି ସମୟ	ମାଡ଼ ବା କ୍ଷତ ହୋଇଥିଲେ ।
	ବୁଥାମେ	-	ଡାଳପତ୍ର	ଜଙ୍ଗଲ		
	ସିରିପା	-	ଡାଳପତ୍ର	ଜଙ୍ଗଲ		
	କୁଡ଼ା ଅବ	-	ଚେର	ସବୁବେଳେ ପାଣି		
	ପୁରୁପୁଡ଼ା	-	ପତ୍ର	ରହୁଥିବା ସ୍ଥାନ।		
୧୨.	ଗୁଲ୍ଲ (ପଣ୍ଡ)	ଠେକୁଆ	ମଳ	ଜଙ୍ଗଲରେ	ଠେକୁଆ ମଳ ମୁଖ୍ୟତଃ ସକାଳୁ	ସାଂଘାତିକଭାବରେ ପୋଡ଼ିଯାଇଥିଲେ ।
	ସେପସା	ଦୂରଘାସ	ଘାସ	ଘରଅଗଣା/ବଗିଚା	ସଂଗ୍ରହ କରଯାଏ, ଓ ଅନ୍ୟ ସମସ୍ତ	
	ରେରେସାଗ	ଗୁଳ	ପତ୍ର	ଜଙ୍ଗଲରେ	ଦ୍ରବ୍ୟ ଯେ କୌଣସି ସମୟରେ	
	ଣ୍ଡାଗାଇବୁଙ୍ଗ	ପଡ଼ାତ	ଚେର	ଜଙ୍ଗଲରେ	ଆବଶ୍ୟକ ଅନୁଯାୟୀ ସଂଗ୍ରହ	
	ନାଡ଼ିଆ	ନଡ଼ିଆ	ସଢ଼େଇ/ ଖୋଳପା	ଘରେ	କରାଯାଏ।	
	ଇଙ୍କୁସିଙ୍ଗ	ପଣସ	ଛାଲି	ଜଙ୍ଗଲରେ		
	ସାଇଜବ	ଏକ ପ୍ରକାର କନ୍ଦା	ପତ୍ର	ଜଙ୍ଗଲରେ		
	ଥୁଙ୍ଗଥୁଙ୍ଗସର	ମାଲ ପତର	ପତ୍ର	ଜଙ୍ଗଲରେ		
	ସାଙ୍ଗସାଙ୍ଗ	ହଳଦୀ	ପତ୍ର	ବଗିଚା		
	ଲମ୍ବ	ବସ୍ତ୍ର	କପଡ଼ା	ଘରେ		
	ବୁଲଥାମେ		ଚେର	ଘରେ		
୧୩	ଆଡ଼ସାଙ୍ଗ	-	କନ୍ଦା/ମୂଳ	ସର୍ବଦା ପାଣି ରହୁଥିବା ସ୍ଥାନ	କୌଣସି ସମୟରେ	ହାଡ଼ଭଙ୍ଗା ବା ହାଡ଼ ମଚକି ଯାଇଥିଲେ ।
୧୪.	ବୁମ୍ବାଜଡ଼ା	ଜଡ଼ାଗଛ	କଅଁଳ ଡାଳପତ୍ର	ବାଡ଼ି ବଗିଚା		ଅଙ୍ଗପ୍ରତ୍ୟଙ୍ଗ ପୁଲିବା ।
	ଆଡ଼ସଙ୍ଗ	-	କନ୍ଦା / ମୂଳ	ପାଣି ରହୁଥିବା ସ୍ଥାନ	କୌଣସି ସମୟରେ	

ক্রঃ নং	খোয়াই পৌরসভা এলাকায় অবস্থিত বেসরকারী প্রাথমিক বিদ্যালয়ের তালিকা	বিদ্যালয়ের ঠিকানা	মন্তব্য
১০.	সেন্ট মেরীস একাডেমী	----------	----
১১.	সেন্ট মেরীস একাডেমী হোম ভার্সন	----------	----
১২.	সেন্ট মেরীস একাডেমী হোম ভার্সন-২	----------	----
১৩.	সেন্ট মেরীস একাডেমী হোম ভার্সন-৩	----------	----
১৪.	সেন্ট মেরীস একাডেমী হোম ভার্সন-৪	----------	----
১৫.	সেন্ট মেরীস একাডেমী হোম ভার্সন-৫	----------	----
১৬.	সেন্ট মেরীস একাডেমী হোম ভার্সন-৬	----------	----
১৭.	সেন্ট মেরীস একাডেমী হোম ভার্সন-৭	----------	----
১৮.	সেন্ট মেরীস একাডেমী হোম ভার্সন-৮	----------	----
১৯.	সেন্ট মেরীস একাডেমী হোম ভার্সন-৯	----------	----
২০.	সেন্ট মেরীস একাডেমী হোম ভার্সন-১০	----------	----
২১.	সেন্ট মেরীস একাডেমী হোম ভার্সন-১১	----------	----
২২.	সেন্ট মেরীস একাডেমী হোম ভার্সন-১২	----------	----
২৩.	সেন্ট মেরীস একাডেমী হোম ভার্সন-১৩	----------	----
২৪.	সেন্ট মেরীস একাডেমী হোম ভার্সন-১৪	----------	----
২৫.	সেন্ট মেরীস একাডেমী হোম ভার্সন-১৫	----------	----
২৬.	সেন্ট মেরীস একাডেমী হোম ভার্সন-১৬	----------	----
২৭.	সেন্ট মেরীস একাডেমী হোম ভার্সন-১৭	----------	----
২৮.	সেন্ট মেরীস একাডেমী হোম ভার্সন-১৮	----------	----
২৯.	সেন্ট মেরীস একাডেমী হোম ভার্সন-১৯	----------	----
৩০.	সেন্ট মেরীস একাডেমী হোম ভার্সন-২০	----------	----

ক্র.নং	জিলা ভিত্তি	জিলা হেডকোয়ার্টার	জিলা ভিত্তিক অফিসের নাম	অফিসের ধরণ	অফিসের ঠিকানা	অফিসের দায়িত্বে নিয়োজিত কর্মকর্তার নাম
১.	বাগেরহাট	ফুলতলা	বাগেরহাট জিলা পরিষদ	জিলা পরিষদ	বাগেরহাট সদর	জনাব ...
২.	ঝিনাইদহ	ঝিনাইদহ	ঝিনাইদহ জিলা পরিষদ	জিলা পরিষদ	ঝিনাইদহ সদর	জনাব ...
৩.	যশোর	যশোর	যশোর জিলা পরিষদ	জিলা পরিষদ	যশোর সদর	জনাব ...
৪.	সাতক্ষীরা	সাতক্ষীরা	সাতক্ষীরা জিলা পরিষদ	জিলা পরিষদ	সাতক্ষীরা সদর	জনাব ...
৫.	মাগুরা	মাগুরা	মাগুরা জিলা পরিষদ	জিলা পরিষদ	মাগুরা সদর	জনাব ...
৬.	নড়াইল	নড়াইল	নড়াইল জিলা পরিষদ	জিলা পরিষদ	নড়াইল সদর	জনাব ...
৭.	কুষ্টিয়া	কুষ্টিয়া	কুষ্টিয়া জিলা পরিষদ	জিলা পরিষদ	কুষ্টিয়া সদর	জনাব ...
৮.	মেহেরপুর	মেহেরপুর	মেহেরপুর জিলা পরিষদ	জিলা পরিষদ	মেহেরপুর সদর	জনাব ...
৯.	চুয়াডাঙ্গা	চুয়াডাঙ্গা	চুয়াডাঙ্গা জিলা পরিষদ	জিলা পরিষদ	চুয়াডাঙ্গা সদর	জনাব ...
১০.	ঝিনাইদহ	ঝিনাইদহ	ঝিনাইদহ জিলা পরিষদ	জিলা পরিষদ	ঝিনাইদহ সদর	জনাব ...
১১.	যশোর	যশোর	যশোর জিলা পরিষদ	জিলা পরিষদ	যশোর সদর	জনাব ...
১২.	সাতক্ষীরা	সাতক্ষীরা	সাতক্ষীরা জিলা পরিষদ	জিলা পরিষদ	সাতক্ষীরা সদর	জনাব ...
১৩.	মাগুরা	মাগুরা	মাগুরা জিলা পরিষদ	জিলা পরিষদ	মাগুরা সদর	জনাব ...
১৪.	নড়াইল	নড়াইল	নড়াইল জিলা পরিষদ	জিলা পরিষদ	নড়াইল সদর	জনাব ...
১৫.	কুষ্টিয়া	কুষ্টিয়া	কুষ্টিয়া জিলা পরিষদ	জিলা পরিষদ	কুষ্টিয়া সদর	জনাব ...
১৬.	মেহেরপুর	মেহেরপুর	মেহেরপুর জিলা পরিষদ	জিলা পরিষদ	মেহেরপুর সদর	জনাব ...
১৭.	চুয়াডাঙ্গা	চুয়াডাঙ্গা	চুয়াডাঙ্গা জিলা পরিষদ	জিলা পরিষদ	চুয়াডাঙ্গা সদর	জনাব ...

କ୍ରମଶଃ- ବଣ୍ଡା ମାନେ ବ୍ୟବହାର କରୁଥିବା ଔଷଧର ସାରଣୀ ତଥା ଏହାର ପ୍ରତିକାର:

କ୍ର.ନଂ	ଔଷଧ ପ୍ରସ୍ତୁତି ପ୍ରଣାଳୀ	ଔଷଧ ସେବନ / ପ୍ରୟୋଗ ପ୍ରଣାଳୀ	ନିବାରଣ / ନିଷେଧ	ମନ୍ତବ୍ୟ
୧୫.	ସୁନୁଗାର ପତ୍ରକୁ ଲୁଣ ମିଶାଇ ମଳତି ଦିଆଯାଏ ।	ମଳତା ଯାଇଥିବା ପତ୍ର ଓ ଲୁଣକୁ ରସ ସହ ଜପାଳରେ ଘଷି ଦିଆଯାଇଥାଏ ।	------	------
୧୬.	ବାଟି ଶୁଣ୍ଡ କରି ଚିପୁଡ଼ି ଏହାର ରସ ବାହାର କରାଯାଏ ।	କାନରେ ଥିବା ପୂଜକୁ କାଠିରେ କପଡ଼ା କିମ୍ବା ତୁଳା ଗୁଡ଼ାଇ କାଢ଼ି ଦିଆଯାଏ, ପରେ ଏହି ରସକୁ ପକାଯାଏ । ଏପରି ପ୍ରାୟ ୩ ଦିନ ମଧ୍ୟରେ ୫-୬ଥର ପକାଇଲେ କନାପଟା ଭଲ ହୁଏ ଓ କାନକୁ ଭଲ ଶୁଣାଯାଏ ।	------	------
୧୭.	ପତ୍ରକୁ ସଫା ପଥରରେ ବାଟି ରସ ସଂଗ୍ରହ କରାଯାଏ ।	ଏହି ରସକୁ ଦୁଇଥର ଆଖିରେ ପକାଇଲେ ଆଖିଧରା ଭଲ ହୁଏ ।	------	------
୧୮.	ଫଳକୁ ବାଟି ରସ ସଂଗ୍ରହ କରାଯାଏ ।	ରସକୁ ଠାକୁରଙ୍କ ନାମ ଧରି ନାଜରେ ୨-୩ ଥର ପକାଯାଏ ।	-----	ରୋଗୀ ଭଲ ହେବାପରେ ଏକ କୁକୁଡ଼ା କାଟି କୁସରପାଙ୍ଗଣ କରାଯାଏ ।
୧୯.	------	ଏହି ଚେରକୁ ଧୋଇ ଦାନ୍ତକାଠି ପରି ଘଷା ଯାଏ ଫଳରେ ଦାନ୍ତରୁପୋକ ବାହାରି ଆସନ୍ତି ।	------	ଏହି ଚେରକୁ ଘସିବା ପୂର୍ବରୁ ଠାକୁରଙ୍କୁ ଏକ ନଡ଼ିଆ ଦେବାକୁ ପଡ଼ିଥାଏ ।
୨୦.	------	ଏକ କପଡ଼ାରେ ଲୁଣକୁ ଗୁଡ଼ାଇ ଗରମ ପାଣିରେ ବୁଡ଼ାଇ ଗଳାରେ ଶେକ ଦେଲେ କାଶ ଓ କଫ ଭଲ ହୁଏ	------	------
୨୧.	ସମସ୍ତ ଚେରକୁ ମିଶାଇ ବାଟି ଶୁଣ୍ଡ କରାଯାଏ	ଏହି ଶୁଣ୍ଡକୁ ଛାତିରେ ଜୋରରେ ଲଗଡ଼ି ଦିଆଯାଏ । ଥରେ ଦୁଇଥର କଲେ ଛାତିବ୍ୟଥା ଭଲ ହୋଇଯାଏ ।	------	ବସନ୍ତ ଠାକୁରାଣୀଙ୍କ କୋପରେ ବସନ୍ତ ହୁଏ ବୋଲି ବଣ୍ଡାମାନେ ବିଶ୍ୱାସ କରନ୍ତି,ତେଣୁ ଏହାର ପ୍ରତିକାରସ୍ୱରୂପରୋଗ ହିସାବରେ ଚୁଡ଼ା,ଅଣ୍ଡା,ଧଳାକୁକୁଡ଼ା, ଝୁଣା,ଲାଲ, ଧଳା,ହଳଦିଆ ଓ କଳା କନାର ପତାକା କରି କାଠି ଅଗରେ ଗୁଡ଼ାଇ ନିଆଁ ଲଗାଇ ଠାକୁରାଣୀକୁ ବିଦାୟ କରାଯାଏ । ବସନ୍ତ ପ୍ରାୟ ଛାଡ଼ି ଗଲା ପରେ ରୋଗୀକୁ ମହୁଲଛାଲି, ପାପାଣି ଛାଲି କଣ୍ଟାକୋଳି ମିଶାଇ ପାଣ ସିଝାଇ ଖାଧେଇ ଦିଆଯାଏ ।
୨୨.	ସମସ୍ତ ଚେରକୁ ଏକାଠି ବାଟି ଦିଆଯାଏ ଓ ପାଣି ମିଶାଇ ଦ୍ରବଣ କରାଯାଏ ।	ପ୍ରଥମେ ଅଳ୍ପ ପରିମାଣରେ ଗୁଡ଼ କିମ୍ବା ଚିନି ଖିଆଯାଏ , ପ୍ରାୟ ୨-୩ ମିନିଟ୍ ପରେ ଏହିଦ୍ରବଣକୁ ପିଇଦେଲେ ପେଟରେଥିବା କିଆ ବା କୃମି ମରି ଝାଡ଼ାରେ ପଡ଼ିଯାଅନ୍ତି	------	
୨୩.	ମହୁଲ ଛାଲି, ପାପିଣା ଛାଲି ଓ କଣ୍ଟାକୋଳି ପତ୍ରକୁ ପାଣିରେ ମିଶାଇ ଶିଝାଯାଏ । ପଣସ ପତ୍ର, କେନ୍ଦୁପତ୍ର ବା ଶାଳ ପତ୍ରରେ ଦନାତିଆରି କରି ତହିଁରେ ନିଆଁ ଗଧି ଝୁଣା ପକାଯାଏ ।	ପୂଜାପାଠ କରି ଦିଶାରୀ ରୋଗୀକୁ ଝୁଣା ଧୂଆଁ ଶୁଙ୍ଘାଏ, ବସନ୍ତ ଛାଡ଼ିଗଲାପରେ ଛାଲି ଓ ପତ୍ର ମିଶାଇ ପୁଟା ଯାଇଥିବା ପାଣିରେ ରୋଗୀକୁ ଖାଧେଇ ଦିଆଯାଏ ।	ବସନ୍ତ ନ ଛାଡ଼ିବା ପର୍ଯ୍ୟନ୍ତ ରୋଗୀକୁ ଖାଧୋଇ ଦିଆଯାଏନାହିଁ।	
୨୪.	ପାତିଲା ପଣସ ଡେଣ୍ଟକୁ ସଂଗ୍ରହ କରି ରଖାଯାଇ ଥାଏ । ପ୍ରସବ ବେଦନା ହେଲାବେଳେ ଏହିଡେଣ୍ଟକୁ ପାଣି ପକାଇ ପଥର ଉପରେ ଘୋରି ଦିଆଯାଏ ।	ଏହି ମଲମକୁ ପ୍ରସବ କଷ୍ଟ ପାଇଥିବା ସ୍ତ୍ରୀର ପାଟିରେ ଦିଆଗଲେ ପ୍ରସବ ଶୀଘ୍ର ହୋଇଯାଏ ଓ ସ୍ତ୍ରୀ ଲୋକଟି କଷ୍ଟ କମ୍ ପାଏ ।		

| ৪৯৮ | ৪৯৭ | ৪৯৬ | ৪৯৫ | ৪৯৪ | ৪৯৩ | ৪৯২ | ৪৯১ | ৪৯০ | ৪৮৯ | ৪৮৮ | ৪৮৭ | ৪৮৬ | ৪৮৫ | ৪৮৪ | ৪৮৩ | ৪৮২ | ৪৮১ | ৪৮০ | ৪৭৯ | ৪৭৮ | ৪৭৭ | ৪৭৬ | ৪৭৫ | ৪৭৪ | ৪৭৩ | ৪৭২ | ৪৭১ | ৪৭০ | ৪৬৯ | ৪৬৮ | ৪৬৭ | ৪৬৬ | ৪৬৫ | ৪৬৪ | ৪৬৩ | ৪৬২ | ৪৬১ | ৪৬০ | ৪৫৯ | ৪৫৮ | ৪৫৭ | ৪৫৬ | ৪৫৫ | ৪৫৪ | ৪৫৩ | ৪৫২ | ৪৫১ | ৪৫০ | ৪৪৯ | ৪৪৮ | ৪৪৭ | ৪৪৬ | ৪৪৫ | ৪৪৪ | ৪৪৩ | ৪৪২ | ৪৪১ | ৪৪০ | ৪৩৯ | ৪৩৮ | ৪৩৭ | ৪৩৬ | ৪৩৫ | ৪৩৪ | ৪৩৩ | ৪৩২ | ৪৩১ | ৪৩০ | ৪২৯ | ৪২৮ | ৪২৭ | ৪২৬ | ৪২৫ | ৪২৪ | ৪২৩ | ৪২২ | ৪২১ | ৪২০ | ৪১৯ | ৪১৮ | ৪১৭ | ৪১৬ | ৪১৫ | ৪১৪ | ৪১৩ | ৪১২ | ৪১১ | ৪১০ | ৪০৯ | ৪০৮ | ৪০৭ | ৪০৬ | ৪০৫ | ৪০৪ | ৪০৩ | ৪০২ | ৪০১ | ৪০০ | ৩৯৯ | ৩৯৮ | ৩৯৭ | ৩৯৬ | ৩৯৫ | ৩৯৪ | ৩৯৩ | ৩৯২ | ৩৯১ | ৩৯০ | ৩৮৯ | ৩৮৮ | ৩৮৭ | ৩৮৬ | ৩৮৫ | ৩৮৪ | ৩৮৩ | ৩৮২ | ৩৮১ | ৩৮০ | ৩৭৯ | ৩৭৮ | ৩৭৭ | ৩৭৬ | ৩৭৫ | ৩৭৪ | ৩৭৩ | ৩৭২ | ৩৭১ | ৩৭০ | ৩৬৯ | ৩৬৮ | ৩৬৭ | ৩৬৬ | ৩৬৫ | ৩৬৪ | ৩৬৩ | ৩৬২ | ৩৬১ | ৩৬০ | ৩৫৯ | ৩৫৮ | ৩৫৭ | ৩৫৬ | ৩৫৫ | ৩৫৪ | ৩৫৩ | ৩৫২ | ৩৫১ | ৩৫০ | ৩৪৯ | ৩৪৮ | ৩৪৭ | ৩৪৬ | ৩৪৫ | ৩৪৪ | ৩৪৩ | ৩৪২ | ৩৪১ | ৩৪০ | ৩৩৯ | ৩৩৮ | ৩৩৭ | ৩৩৬ | ৩৩৫ | ৩৩৪ | ৩৩৩ | ৩৩২ | ৩৩১ | ৩৩০ | ৩২৯ | ৩২৮ | ৩২৭ | ৩২৬ | ৩২৫ | ৩২৪ | ৩২৩ | ৩২২ | ৩২১ | ৩২০ | ৩১৯ | ৩১৮ | ৩১৭ | ৩১৬ | ৩১৫ | ৩১৪ | ৩১৩ | ৩১২ | ৩১১ | ৩১০ | ৩০৯ | ৩০৮ | ৩০৭ | ৩০৬ | ৩০৫ | ৩০৪ | ৩০৩ | ৩০২ | ৩০১ | ৩০০ | ২৯৯ | ২৯৮ | ২৯৭ | ২৯৬ | ২৯৫ | ২৯৪ | ২৯৩ | ২৯২ | ২৯১ | ২৯০ | ২৮৯ | ২৮৮ | ২৮৭ | ২৮৬ | ২৮৫ | ২৮৪ | ২৮৩ | ২৮২ | ২৮১ | ২৮০ | ২৭৯ | ২৭৮ | ২৭৭ | ২৭৬ | ২৭৫ | ২৭৪ | ২৭৩ | ২৭২ | ২৭১ | ২৭০ | ২৬৯ | ২৬৮ | ২৬৭ | ২৬৬ | ২৬৫ | ২৬৪ | ২৬৩ | ২৬২ | ২৬১ | ২৬০ | ২৫৯ | ২৫৮ | ২৫৭ | ২৫৬ | ২৫৫ | ২৫৪ | ২৫৩ | ২৫২ | ২৫১ | ২৫০ | ২৪৯ | ২৪৮ | ২৪৭ | ২৪৬ | ২৪৫ | ২৪৪ | ২৪৩ | ২৪২ | ২৪১ | ২৪০ | ২৩৯ | ২৩৮ | ২৩৭ | ২৩৬ | ২৩৫ | ২৩৪ | ২৩৩ | ২৩২ | ২৩১ | ২৩০ | ২২৯ | ২২৮ | ২২৭ | ২২৬ | ২২৫ | ২২৪ | ২২৩ | ২২২ | ২২১ | ২২০ | ২১৯ | ২১৮ | ২১৭ | ২১৬ | ২১৫ | ২১৪ | ২১৩ | ২১২ | ২১১ | ২১০ | ২০৯ | ২০৮ | ২০৭ | ২০৬ | ২০৫ | ২০৪ | ২০৩ | ২০২ | ২০১ | ২০০ | ১৯৯ | ১৯৮ | ১৯৭ | ১৯৬ | ১৯৫ | ১৯৪ | ১৯৩ | ১৯২ | ১৯১ | ১৯০ | ১৮৯ | ১৮৮ | ১৮৭ | ১৮৬ | ১৮৫ | ১৮৪ | ১৮৩ | ১৮২ | ১৮১ | ১৮০ | ১৭৯ | ১৭৮ | ১৭৭ | ১৭৬ | ১৭৫ | ১৭৪ | ১৭৩ | ১৭২ | ১৭১ | ১৭০ | ১৬৯ | ১৬৮ | ১৬৭ | ১৬৬ | ১৬৫ | ১৬৪ | ১৬৩ | ১৬২ | ১৬১ | ১৬০ | ১৫৯ | ১৫৮ | ১৫৭ | ১৫৬ | ১৫৫ | ১৫৪ | ১৫৩ | ১৫২ | ১৫১ | ১৫০ | ১৪৯ | ১৪৮ | ১৪৭ | ১৪৬ | ১৪৫ | ১৪৪ | ১৪৩ | ১৪২ | ১৪১ | ১৪০ | ১৩৯ | ১৩৮ | ১৩৭ | ১৩৬ | ১৩৫ | ১৩৪ | ১৩৩ | ১৩২ | ১৩১ | ১৩০ | ১২৯ | ১২৮ | ১২৭ | ১২৬ | ১২৫ | ১২৪ | ১২৩ | ১২২ | ১২১ | ১২০ | ১১৯ | ১১৮ | ১১৭ | ১১৬ | ১১৫ | ১১৪ | ১১৩ | ১১২ | ১১১ | ১১০ | ১০৯ | ১০৮ | ১০৭ | ১০৬ | ১০৫ | ১০৪ | ১০৩ | ১০২ | ১০১ | ১০০ | ৯৯ | ৯৮ | ৯৭ | ৯৬ | ৯৫ | ৯৪ | ৯৩ | ৯২ | ৯১ | ৯০ | ৮৯ | ৮৮ | ৮৭ | ৮৬ | ৮৫ | ৮৪ | ৮৩ | ৮২ | ৮১ | ৮০ | ৭৯ | ৭৮ | ৭৭ | ৭৬ | ৭৫ | ৭৪ | ৭৩ | ৭২ | ৭১ | ৭০ | ৬৯ | ৬৮ | ৬৭ | ৬৬ | ৬৫ | ৬৪ | ৬৩ | ৬২ | ৬১ | ৬০ | ৫৯ | ৫৮ | ৫৭ | ৫৬ | ৫৫ | ৫৪ | ৫৩ | ৫২ | ৫১ | ৫০ | ৪৯ | ৪৮ | ৪৭ | ৪৬ | ৪৫ | ৪৪ | ৪৩ | ৪২ | ৪১ | ৪০ | ৩৯ | ৩৮ | ৩৭ | ৩৬ | ৩৫ | ৩৪ | ৩৩ | ৩২ | ৩১ | ৩০ | ২৯ | ২৮ | ২৭ | ২৬ | ২৫ | ২৪ | ২৩ | ২২ | ২১ | ২০ | ১৯ | ১৮ | ১৭ | ১৬ | ১৫ | ১৪ | ১৩ | ১২ | ১১ | ১০ | ৯ | ৮ | ৭ | ৬ | ৫ | ৪ | ৩ | ২ | ১ |
|---|---|---

ক্র.নং	প্রশ্নের উত্তর / মন্তব্য	প্রশ্নের উত্তর / মন্তব্য
৯৪.	১। দাবাড়ুর একাগ্রতা তাদের জয় ও হার নির্ধারণে বিশেষ ভূমিকা রাখে।	---
৯৫.	২। দাবাড়ুরা তাদের বিশ্বস্ত সহযোগীদের সাথে যে কৌশল নিয়ে আলোচনা করে তাকে ওপেনিং বলে।	---
৯৬.	৩। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---
৯৭.	৪। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---
৯৮.	৫। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---
৯৯.	৬। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---
১০০.	৭। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---
১০১.	৮। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---
১০২.	৯। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---
১০৩.	১০। দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।	---

ক্র.নং	প্রশ্নের উত্তর / মন্তব্য
৯৪.	দাবাড়ুরা তাদের বিশ্বস্ত সহযোগীদের সাথে যে কৌশল নিয়ে আলোচনা করে তাকে ওপেনিং বলে।
৯৫.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
৯৬.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
৯৭.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
৯৮.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
৯৯.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
১০০.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
১০১.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
১০২.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।
১০৩.	দাবাড়ুরা ওপেনিং এর কোন চাল কতক্ষণ দেবে তা নির্ভর করে তার অভিজ্ঞতার উপর।

ক্র.নং	প্রশ্নের উত্তর / মন্তব্য
৯৪.	---
৯৫.	---
৯৬.	---
৯৭.	---
৯৮.	---
৯৯.	---
১০০.	---
১০১.	---
১০২.	---
১০৩.	---

ক্র.নং	প্রশ্নের উত্তর / মন্তব্য
৯৪.	---
৯৫.	---
৯৬.	---
৯৭.	---
৯৮.	---
৯৯.	---
১০০.	---
১০১.	---
১০২.	---
১০৩.	---

ক্র.নং	প্রশ্নের উত্তর / মন্তব্য
৯৪.	---
৯৫.	---
৯৬.	---
৯৭.	---
৯৮.	---
৯৯.	---
১০০.	---
১০১.	---
১০২.	---
১০৩.	---

ক্র.নং	প্রশ্নের উত্তর / মন্তব্য
৯৪.	---
৯৫.	---
৯৬.	---
৯৭.	---
৯৮.	---
৯৯.	---
১০০.	---
১০১.	---
১০২.	---
১০৩.	---

: ৪৮৫৫৫ ৪৮৫৮ ৪৮৫৫৫৫ ৪৮৫৫৫৫ ৪৮৫৫৫৫

କ୍ରମଶଃ- ବଣ୍ଡା ମାନେ ବ୍ୟବହାର କରୁଥିବା ଔଷଧର ସାରଣୀ ତଥା ଏହାର ପ୍ରତିକାର:

କ୍ର.ନଂ	ଔଷଧ ପ୍ରସ୍ତୁତ ପ୍ରଣାଳୀ	ଔଷଧ ସେବନ / ପ୍ରୟୋଗ ପ୍ରଣାଳୀ	ନିବାରଣ / ନିଷେଧ	ମନ୍ତବ୍ୟ
୩୬.	ଏହାକୁ ବାଟି ଶୁଣ୍ଡ କରି ଅଳ୍ପ ପାଣି ମିଶାଇ ଦ୍ରବଣହୁଏ ।	ଭୂତପ୍ରେତ ଲାଗିଥିବା ବ୍ୟକ୍ତିକୁ ଏହି ଦ୍ରବଣକୁ ପିଆଇ ଦେଲେ ଭୂତପ୍ରେତଛାଡ଼ିଯାଏ ।	---	---
୩୭.	ଏହି ରିମିକୁ ଅନ୍ୟ କେତେକ ଚେରମୂଳି ସହ ମିଶାଇ ଔଷଧ ତିଆରି କରାଯାଏ ।	ଏହାକୁ ରୋଗୀକୁ ଖାଇବାକୁ ଦେଲେ ଅପସ୍ମାର ରୋଗ ଭଲ ହୁଏ ।	---	---
୩୮.	ଶୁଖିଲା ବୋଡ଼ାସାପ ମାଂସକୁ ପୋଡ଼ି ଶୁଣ୍ଡ କରିଦିଆଯାଏ ।	ଏହି ଶୁଣ୍ଡ ତେଲ ମିଶାଇ ଅଙ୍ଗପ୍ରତ୍ୟେଙ୍ଗ ଫୁଲିଥିବା ସ୍ଥାନରେ କିମ୍ବା ଶୁଖିଲାଖୁଣ୍ଡକୁ ଅଙ୍ଗପ୍ରତ୍ୟଙ୍ଗ ଫୁଲି ପାଣି ଝରୁଥିବା ସ୍ଥାନରେ ଲଗାଇ ଦେଲେ ତାହା ଭଲ ହୋଇଯାଏ	---	---
୩୯.	ବଡ଼ ବେଙ୍ଗକୁ ରବିବାର ଦିନ ଧରି ତାର ମାଂସକୁ ଲୁଣଦେଇ ଭଲ ଭାବରେ ସିଝାଇ ଦିଆଯାଏ ।	ଏହି ମାଂସକୁ ଫୁଲି ଯାଇଥିବା ବ୍ୟକ୍ତି ଖାଇଲେ ଦେହଫୁଲା ଭଲ ହୁଏ ଓ ଦେହ ସୁସ୍ଥ ସବଳ ରହେ ।	---	---
୪୦.	ମୟୂର ବେକ ପାଖରେ ଥିବା ଖାଦ୍ୟସ୍ଥଳୀକୁ ତା ଭିତରେ ଥିବା ଥିବା ଖାଦ୍ୟ ସହ ଶୁଖାଇ ରଖାଯାଇଥାଏ ।	ଏହି ଶୁଖିଲା ଅଂଶକୁ ଶୁଣ୍ଡ କରି କଞ୍ଚା ଖାଇବାକୁ ଦେଲେ ବାତି ଭଲ ହୁଏ ।	---	---
୪୧.	ମୟୂର ଚନ୍ଦ୍ରିକାକୁ ପୋଡ଼ି ପାଉଁଶ କରାଯାଏ, ଏଥିରେ ବିରୁଡ଼ି ବସାମାଟି ଓ ଖୁଡ଼କୁ ଖୁଣ୍ଡକରି ମିଶାଇ ଦିଆଯାଏ ।	ଏହାକୁ ଏକତ୍ର ସେବନ କଲେ ବାତି ଭଲ ହୁଏ ।	---	---
୪୨.	---	ଏହି ଔଷଧକୁ ହାତରେ ଧରି ଛୁଡ଼ି ସହ ଝିଅର ଆଙ୍ଗୁଳି ଧରି ମନ୍ତ୍ର କରିଦେଲେ ଝିଅ ବିବାହ ପାଇଁ ରାଜି ହୋଇଯାଏ । ଏହାକୁ ଧରି ପୁଅକୁ ଛୁଇଁ ମନ୍ତ୍ରକରିଦେଲେ ପୁଅ ମଧ୍ୟ ବଶୀଭୂତ ହୋଇଯାଏ ।	---	---
୪୩.	---	ରବିବାର ଦିନ ସକାଳୁ ଏହି ଡାଳପତ୍ରକୁ ସଂଗ୍ରହ କରି ଘର କବାଟ ବନ୍ଦକରି ଘର ଭିତରେଏହାକୁ ପୋଡ଼ିଦିଆଯାଏ । ଏହି ଧୂଆଁରେ ଛାରପୋକମାନେ ମରିଯାଆତି ବା ଘର ଛାଡ଼ି ପଳାଇ ଯାଆତି ।	---	---
୪୪.	---	ଜଙ୍ଗଲକୁ ଗଲାବେଳେ ମଶାକାମୁଡ଼ାରୁ ରକ୍ଷାପାଇବା ପାଇଁ ଅଙ୍ଗସିବିଲାଇ ଡାଳପତ୍ରକୁ କାନରେ ଖୋସାଯାଏ । ଏପରିକଲେ ମଶାକାମୁଡ଼ତି ନାହିଁ ।	---	---
୪୫.	ଏହାକୁ ସପୀ ପଥରରେଛେଚି ରସ ସଂଗ୍ରହ କରାଯାଏ ।	ଆଖି ଧରିଥିବା ବ୍ୟକ୍ତିର ଆଖିରେ ପକାଇଲେ ତାର ଆଖି ଭଲ ହୋଇଯାଏ ।	---	---
୪୬.	---	ଏହି କଞ୍ଚାପତ୍ରକୁ ପେଣ୍ଡମ (ହାଣ୍ଡିଆ) ହାଣ୍ଡି ଉପରେ ଗୋଡ଼ାଇ ଦେଲେ ପେଣ୍ଡମ ଖଟା ହୁଏ ନାହିଁ ଓ ଅଧିକ ସମୟ ସଞ୍ଚୟ କରିହୁଏ ।		
୪୭.	ଏହି ପତ୍ର ଓ ଫୁଲକୁ ଏକତ୍ର ପାଣି ନମିଶାଇ ବାଟିମଲମହୁଏ	ଘାକୁ ପରିଷ୍କାର କରି ଏହି ମଲମକୁ ବାରମ୍ବାର ପ୍ରଲେପକଲେ ଘା ଶୁଖିଯାଏ ।	---	---
୪୮.	---	ଲୁଲିସିଂ କଞ୍ଚାପତ୍ରରେ ଛେପ ମିଶାଇ ପେଟରେ ଘଷିଦେଲେ ପେଟକଟା ଭଲହୁଏ ।		

ক্র.নং	জিলা	জিলা হেড কোয়ার্টার	ডাক বাংলো	ডাক এবং তার	রেলওয়ে স্টেশন	টেলিগ্রাফ এবং টেলিফোন অফিস	পোস্ট এবং টেলিগ্রাফ অফিসের নাম
১.	ওকারা	ওকারা	ওকারা	তার	ওকারা	ওকারা টাউন	ওকারা টাউন
২.	মোন্টগোমারি	মোন্টগোমারি	মোন্টগোমারি	তার	মোন্টগোমারি	মোন্টগোমারি	মোন্টগোমারি
৩.	মুলতান	মুলতান	মুলতান	তার	মুলতান	মুলতান	মুলতান
৪.	মুজফ্ফরগড়	মুজফ্ফরগড়	মুজফ্ফরগড়	তার	মুজফ্ফরগড়	মুজফ্ফরগড়	মুজফ্ফরগড়
৫.	ডেরা গাজী খান	ডেরা গাজী খান	ডেরা গাজী খান	তার	ডেরা গাজী খান	ডেরা গাজী খান	ডেরা গাজী খান
৬.	রাজন পুর	রাজন পুর	রাজন পুর	তার	রাজন পুর	রাজন পুর	রাজন পুর
৭.	ডেরা ঘাজী খান	ডেরা ঘাজী খান	ডেরা ঘাজী খান	তার	ডেরা ঘাজী খান	ডেরা ঘাজী খান	ডেরা ঘাজী খান
৮.	ডেরা ইসমাইল খান	ডেরা ইসমাইল খান	ডেরা ইসমাইল খান	তার	ডেরা ইসমাইল খান	ডেরা ইসমাইল খান	ডেরা ইসমাইল খান
৯.	ঝাং	ঝাং	ঝাং	তার	ঝাং	ঝাং	ঝাং
১০.	লায়ালপুর	লায়ালপুর	লায়ালপুর	তার	লায়ালপুর	লায়ালপুর	লায়ালপুর
১১.	শেখুপুরা	শেখুপুরা	শেখুপুরা	তার	শেখুপুরা	শেখুপুরা	শেখুপুরা
১২.	গুজরানওয়ালা	গুজরানওয়ালা	গুজরানওয়ালা	তার	গুজরানওয়ালা	গুজরানওয়ালা	গুজরানওয়ালা
১৩.	সিয়ালকোট	সিয়ালকোট	সিয়ালকোট	তার	সিয়ালকোট	সিয়ালকোট	সিয়ালকোট
১৪.	গুজরাট	গুজরাট	গুজরাট	তার	গুজরাট	গুজরাট	গুজরাট
১৫.	ঝিলাম	ঝিলাম	ঝিলাম	তার	ঝিলাম	ঝিলাম	ঝিলাম
১৬.	রাওয়ালপিন্ডি	রাওয়ালপিন্ডি	রাওয়ালপিন্ডি	তার	রাওয়ালপিন্ডি	রাওয়ালপিন্ডি	রাওয়ালপিন্ডি
১৭.	আটক	আটক	আটক	তার	আটক	আটক	আটক
১৮.	পেশোয়ার	পেশোয়ার	পেশোয়ার	তার	পেশোয়ার	পেশোয়ার	পেশোয়ার
১৯.	কোহাট	কোহাট	কোহাট	তার	কোহাট	কোহাট	কোহাট
২০.	বান্নু	বান্নু	বান্নু	তার	বান্নু	বান্নু	বান্নু
২১.	ডেরা ইসমাইল খান	ডেরা ইসমাইল খান	ডেরা ইসমাইল খান	তার	ডেরা ইসমাইল খান	ডেরা ইসমাইল খান	ডেরা ইসমাইল খান
২২.	হাজারা	হাজারা	হাজারা	তার	হাজারা	হাজারা	হাজারা
২৩.	কোহিস্তান	কোহিস্তান	কোহিস্তান	তার	কোহিস্তান	কোহিস্তান	কোহিস্তান
২৪.	পেশোয়ার	পেশোয়ার	পেশোয়ার	তার	পেশোয়ার	পেশোয়ার	পেশোয়ার
২৫.	মালাকান্দ	মালাকান্দ	মালাকান্দ	তার	মালাকান্দ	মালাকান্দ	মালাকান্দ
২৬.	চিত্রাল	চিত্রাল	চিত্রাল	তার	চিত্রাল	চিত্রাল	চিত্রাল
২৭.	দির	দির	দির	তার	দির	দির	দির
২৮.	সোয়াত	সোয়াত	সোয়াত	তার	সোয়াত	সোয়াত	সোয়াত
২৯.	বুনির	বুনির	বুনির	তার	বুনির	বুনির	বুনির
৩০.	হাজারা	হাজারা	হাজারা	তার	হাজারা	হাজারা	হাজারা
৩১.	কোহিস্তান	কোহিস্তান	কোহিস্তান	তার	কোহিস্তান	কোহিস্তান	কোহিস্তান
৩২.	পেশোয়ার	পেশোয়ার	পেশোয়ার	তার	পেশোয়ার	পেশোয়ার	পেশোয়ার
৩৩.	মালাকান্দ	মালাকান্দ	মালাকান্দ	তার	মালাকান্দ	মালাকান্দ	মালাকান্দ
৩৪.	চিত্রাল	চিত্রাল	চিত্রাল	তার	চিত্রাল	চিত্রাল	চিত্রাল
৩৫.	দির	দির	দির	তার	দির	দির	দির
৩৬.	সোয়াত	সোয়াত	সোয়াত	তার	সোয়াত	সোয়াত	সোয়াত
৩৭.	বুনির	বুনির	বুনির	তার	বুনির	বুনির	বুনির

তালিকা-৪৩-ক

ডাক এবং তার অফিস, রেলওয়ে স্টেশন, টেলিগ্রাফ এবং টেলিফোন অফিস

ক্র.পৃষ্ঠা	আপত্তির শুদ্ধির বিবরণ	আপত্তির শুদ্ধির বিবরণ / দৃষ্টব্য বিষয়	মন্তব্য
১. ১৪	। দাদাভাই	। দাদাভাই	---
৩. ১৪	ঘোষ ভাদাড়ি ভারতীয় ভাষার ইতিহাস	। দাদাভাই ভারতীয় ভাষার ইতিহাস ঘোষ ভাদাড়ি	---
৩. ১৪	----	। দাদাভাই ভারতীয় ভাষার ইতিহাস ঘোষ ভাদাড়ি	---
৩. ১৪	। দাদাভাই ভারতীয় ভাষার ইতিহাস ঘোষ ভাদাড়ি	---	---
৩. ১৪	। দাদাভাই ভারতীয় ভাষার ইতিহাস ঘোষ ভাদাড়ি	। দাদাভাই ভারতীয় ভাষার ইতিহাস ঘোষ ভাদাড়ি

କ୍ର.ନଂ	ବଣ୍ଡା ଭାଷା	କ୍ରମଶଃ- ବଣ୍ଡା ମାନେ ବ୍ୟବହାର କରୁଥିବା ଔଷଧର ସାରଣୀ ତଥା ଏହାର ପ୍ରତିକାର:				
		ଓଡ଼ିଆ ଭାଷା	ବ୍ୟବହୃତ ଅଂଶ	ଔଷଧ ବଢୁଥିବା	ସଂଗ୍ରହ ସମୟ ରୋଗ ଓ ବ୍ୟାଧି	ଆରୋଗ୍ୟ କରାଯାଇଥିବା
୫୯.	ଗୁଣ୍ଡରି		ପତ୍ର	ଜଙ୍ଗଲ	ଯେକୌଣସି ସମୟରେ	କାହୁକୁଣ୍ଡିଆ
	ସାଙ୍ଗସାଙ୍ଗ	ହଳଦୀ	ହଳଦୀ(ମୂଳ)	ବାଡ଼ି ବଗିଚା	ଯେ କୌଣସି ସମୟରେ	
୬୦.	ସିନ୍ଦ୍ରିସେମୁ	ନଣ୍ଡାବଗୁଲି	ପତ୍ର	ଜଙ୍ଗଲ	ଯେ କୌଣସି ସମୟରେ	ବାନ୍ତ ବିନ୍ଧା
୬୧.	ସିୟେଁର	ଅଁଳା	ଛାଲି	ଜଙ୍ଗଲ	ଯେ କୌଣସି ସମୟରେ	ପେଟ ବିନ୍ଧା
	କିରିଙ୍ଗଏ	କେଣୁଆନ	ଛାଲି	ଜଙ୍ଗଲ		
	ଡାରବ	ଚାରକୋଳି	ଛାଲି	ଜଙ୍ଗଲ		
୬୨.	ସେନ୍ଦୁର	ସିନ୍ଦୁର	ପତ୍ର	ଜଙ୍ଗଲ	ଯେ କୌଣସି ସମୟରେ	ରତ୍ରସ୍ରାବର ଅନିୟମିତତାରେ ବା ଅତ୍ୟଧିକ ରକ୍ତସ୍ରାବ ରୋକିବା ପାଇଁ ।
	ସାମେ	ମାଣ୍ଡିଆ	ଗୁଣ୍ଡ	ଘରେ		
୬୩.	ବୁରେଇକି	-	ପତ୍ର	ଜଙ୍ଗଲ	ଯେ କୌଣସି ସମୟରେ	ବିଶୁଡ଼ି କିମ୍ବା ମହୁମାଛି ବିନ୍ଧି ଦେଇଥିଲେ ।
୬୪.	ଗିମେ ଡାଡୁକୁଇ	ଛେଳି କ୍ଷୀର	କ୍ଷୀର	ଛେଳିରୁ ସଂଗ୍ରହ କରାଯାଏ	ଯେ କୌଣସି ସମୟରେ	ଜିଭ ଘା ।
୬୫.	ଗୁସ	କୁକୁର	ହାଡ଼	କୁକୁର ମରିଗଲା ପରେ ହାଡ଼ ସଂଗ୍ରହ କରାଯାଏ ।	ଯେ କୌଣସି ସମୟରେ	ଯାଦୁ ।
୬୬.	ପୁଷୁବା	ଜେଣରୀ	ତେର	ଜଙ୍ଗଲ	ଯେ କୌଣସି ସମୟରେ	ପ୍ରବଳ ଝାଡ଼ା ।
	ସିରିବୁବା	-	ତେର	ଜଙ୍ଗଲ		ବାନ୍ତି, କ୍ଷୁର ହେଇଥିଲେ ଓ ଆଖି ବନ୍ଦ ହୋଇଯାଉଥିଲେ । (ଗୁରାଙ୍ଗପୋଇ)
	ପାଙ୍ଗଲୁଙ୍ଗା	ଜମଳା	ତେର	ଜଙ୍ଗଲ		
	ସିୟେଁର	ଅଁଳା	ତେର କିମ୍ବା ଛାଲି	ଜଙ୍ଗଲ		
	କିରିଙ୍ଗଏ	-	ତେର	ଜଙ୍ଗଲ		
	ପୁସାଲସିଂ	-	ତେର	ଜଙ୍ଗଲ		
	ଇସିଙ୍ଗୁ	-	ତେର	ଜଙ୍ଗଲ		
	ଫେଉଲ	ବବସିଙ୍ଗ	ତେର	ଜଙ୍ଗଲ		
	ଗେଗାକ ବୁଲୁ	-	ତେର	ଜଙ୍ଗଲ		
	ଇଙ୍ଗ	ପିରି	ତେର	ଜଙ୍ଗଲ		
	ସାଙ୍ଗମାଙ୍ଗସିଙ୍ଗ	-	ମୂଳ / ତେର	ଜଙ୍ଗଲ		
୬୭.	ଚିଡାପାରି	-	ତେର	ଜଙ୍ଗଲ	ଯେ କୌଣସି ସମୟରେ	ଗର୍ଜନଷ୍ଟ
୬୮.	ସିଲି	-	ଫଳ	ଜଙ୍ଗଲ	ଯେ କୌଣସି ସମୟରେ	ଉଙ୍ଗୁଣି ରୂପି ଦୂର କରିବା ।

କ୍ରମଶଃ- ବଣ୍ଡା ମାନେ ବ୍ୟବହାର କରୁଥିବା ଔଷଧର ସାରଣୀ ତଥା ଏହାର ପ୍ରତିକାର:

କ୍ର.ନଂ	ଔଷଧ ପ୍ରସ୍ତୁତ ପ୍ରଣାଳୀ	ଔଷଧ ସେବନ / ପ୍ରୟୋଗ ପ୍ରଣାଳୀ	ନିବାରଣ / ନିଷେଧ	ମନ୍ତବ୍ୟ
୫୯.	ଶୁଣ୍ଡରି ପତ୍ର ଓ ହଳଦୀକୁ ମିଶାଇ ବାଟି ଦିଆଯାଏ ।	କାଛୁକୁଣ୍ଡିଆକୁ ଗରମ ପାଣିରେ ଧୋଇ ଦିଆଯାଏ । ତା ଉପରେ ଏହି ମଲମକୁ ଲଗାଇ ଦିଆଯାଏ ।	ପ୍ରାୟ ଶୁଖିଲା ମାଂସ ଖିଆଯାଏ ନାହିଁ ।	---
୬୦.	କେତୋଟି ନଣ୍ଡା ଚଖୁଲି ପତ୍ର ନେଇ ହାତରେ ମଳଚାଯାଏ ।	ଏହି ମଳଚାପତ୍ର ଓ ରସକୁ ବିନ୍ଧୁଥିବା ଦାନ୍ତ ମୂଳରେ ରଖିଦେଲେ ଦାନ୍ତ ବିନ୍ଧା ଭଲ ହୋଇଯାଏ ।	---	---
୬୧.	ସମାନ ପରିମାଣରେ ଛେଲି ନେଇ ବାଟି ପାଣି ମିଶାଇ ଫୁଟାଇ ଦିଆଯାଏ ପାଣିକୁ ଥଣ୍ଡା କରି ଛାଣି ଦିଆଯାଏ ।	ଏହି ଛଣାଯାଇଥିବା ପାଣି ଥଣ୍ଡା ହେବା ପରେ ଦିନକୁ ୨ ଥର ପିଇଲେ ପେଟବିନ୍ଧା ରୋଗ ଭଲ ହୋଇଯାଇଥାଏ ।	---	ଏହା ଗୁରାଙ୍ଗପୋଇ ଦେବତାର ଆକ୍ରମଣ ଯୋଗୁଁ ହୁଏ ବୋଲି ବଣ୍ଡା ମାନେ ବିଶ୍ୱାସ କରନ୍ତି । ତେଣୁ ଗୁରାଙ୍ଗପୋଇ ନାମକ ପୂଜାପାଠ କରାଯାଏ । ଏଥିରେ କଳାକୁକୁଡ଼ା ଓ ଘୁଷୁରୀ ବଳି ଦିଆଯାଏ ଓ ଉପରୋକ୍ତ ଚେରମୂଳିକୁ ଜାଟି ରୋଗୀକୁ ପିଇବାକୁ ଦିଆଯାଏ ।
୬୨.	ମାଣ୍ଡିଆଗୁଣ୍ଡକୁ ଚଳଟି ଖଳି ପ୍ରସ୍ତୁତ କରାଯାଏ । ଏହାକୁ ସିନ୍ଦୁରପତ୍ରରେ ମୁଡ଼ାଇ ସିଝାଇ ପିଠା କରାଯାଏ ।	ଏହି ପିଠାକୁ ଖାଇଲେ ରତ୍ନସ୍ରାବ ଠିକ୍ ହୁଏ ବା ଅତ୍ୟଧିକ ରକ୍ତସ୍ରାବ ବନ୍ଦ ହୋଇଯାଏ ।	---	
୬୩.	କଞ୍ଚାପତ୍ରକୁ ଛିଣ୍ଡାଇ ହାତରେ ମଳଚି ଦିଆଯାଏ ।	କ୍ଷତ ସ୍ଥାନରୁ ବିରୁଡ଼ି କିମ୍ବା ମହୁମାଛି ଶୁଣ୍ଢକୁ ଖୋଲି ଦିଆଯାଏ । ମଳଚା ଯାଇଥିବାପତ୍ର ଓ ରସକୁ କ୍ଷତ ସ୍ଥାନରେ ଲଗାଇ ଦିଆଯାଏ	---	---
୬୪.	ଛୁଆ ପ୍ରସବ କରିଥିବା ଛେଳି ଠାରୁ କ୍ଷୀର ସଂଗ୍ରହ କରାଯାଏ ।	ଏହି କଞ୍ଚାକ୍ଷୀରକୁ ଖାଦ୍ୟ ଖାଇ ସାରିବା ପରେ ଜିଭରେ ଦିନକୁ ୨ ଥର ପ୍ରୟୋଗ କରାଯାଏ ।	ଗରମ ଖାଦ୍ୟ ଖାଇବାକୁ ବାରଣ କରାଯାଏ ।	---
୬୫.	ହାଡ଼କୁ ପରିଷ୍କାର କରି ନିଆଁରେ ପୋଡ଼ି ପାଉଁଶ କରାଯାଏ ।	ଯାଦୁକୁ ସପୀ ପଥର କିମ୍ବା କାଠିରେ କୁଣ୍ଡାଇ ଦିଆଯାଏ ଏବଂ ଏହା ଉପରେ ହାଡ଼ରୁ ପ୍ରସ୍ତୁତ ପାଉଁଶକୁ ପ୍ରଲେପ ଦିଆଯାଏ ।	---	---
୬୬.	ଏ ସମସ୍ତକୁ ଏକତ୍ର ବାଟି ଦିଆଯାଏ । ଟିକିଏ ପାଣି ମିଶାଇ ଦିଆଯାଏ ।	ଏହି ଦ୍ରବଣକୁ ରୋଗୀକୁ ପିଇବାକୁ ଦିଆଯାଏ ଓ କିଛି ଦେହରେ ଲଗାଇ ଦିଆଯାଏ ।	---	ଏହା ଗୁରାଙ୍ଗପୋଇ ଦେବତାର ଆକ୍ରମଣ ଯୋଗୁଁ ହୁଏ ବୋଲି ବଣ୍ଡା ମାନେ ବିଶ୍ୱାସ କରନ୍ତି । ତେଣୁ ଗୁରାଙ୍ଗପୋଇ ନାମକ ପୂଜାପାଠ କରାଯାଏ । ଏଥିରେ କଳାକୁକୁଡ଼ା ଓ ଘୁଷୁରୀ ବଳି ଦିଆଯାଏ ଓ ଉପରୋକ୍ତ ଚେରମୂଳିକୁ ଜାଟି ରୋଗୀକୁ ପିଇବାକୁ ଦିଆଯାଏ ।
୬୭.	ଏହି ଚେରକୁ ସଂଗ୍ରହ କରି ବାଟି ଗୁଣ୍ଡ କରି ଏଥିରେ ପାଣି ମିଶାଇ ଦ୍ରବଣ କରାଯାଇଥାଏ ।	ଗର୍ଭାବସ୍ଥାର ତିନିମାସ ଭିତରେ ଗର୍ଭବତୀକୁ ଚିତାପାରି ଚେରର ଦ୍ରବଣ ପିଇବାକୁ ଦେଲେ ଗର୍ଭ ନଷ୍ଟ ହୋଇଯାଏ ।	---	
୬୮.	ଏହିପଳକୁ ଜଙ୍ଗଲରୁ ସଂଗ୍ରହ କରି ଶୁଖାଇ ରଖାଯାଇଥାଏ । ବ୍ୟବହାର କିଛି ସମୟ ପୂର୍ବରୁ ପାଣିରେ ପକାଯାଏ ।	ଏହି ପଳକୁ ମୁଣ୍ଡରେ ଲଗାଇ ଗାଧୋଇଲେ ମୁଣ୍ଡର ଉଙ୍କୁଣି ମରିଯାଆନ୍ତି, ଚୁପି ଛାଡ଼ିଯାଏ ଓ ବାଳ ସପା ହୋଇଯାଏ ।	---	

ପୂଜକ ହିସାବରେ ଦିଶାରୀ:

ସବୁ ରୋଗ ବ୍ୟାଧି ଯେ କେବଳ ଶାରୀରିକ ଭା ଭୌତିକ କାରଣ ଯୋଗୁଁ ସୃଷ୍ଟି ହୁଏ ଏହାକୁ ଅସ୍ୱୀକାର କରେ ବଣ୍ଡା ଦିଶାରୀ । ସେ କହେ ସବୁଆଡ଼େ ଅନିଷ୍ଟ ଅଦୃଷ୍ଟ ଶକ୍ତିମାନେ ଘୂରି ବୁଲୁଛନ୍ତି । ସୁଯୋଗ ଦେଖି ସେମାନେ ମନୁଷ୍ୟଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ ଆକ୍ରମଣ କରିପାରନ୍ତି । ସମସ୍ତଙ୍କୁ ରୋଗାକ୍ରାନ୍ତ କରି ପକାନ୍ତି । ହଇରାଣ ହରକତ କରନ୍ତି । ସେମାନଙ୍କୁ ଭୋଗ ରାଗ ଓ ବଳି ନ ଦେବା ପର୍ଯ୍ୟନ୍ତ ସେମାନେ ରୋଗୀକୁ ଛାଡ଼ନ୍ତି ନାହିଁ । ଏହା ବ୍ୟତୀତ ବଣ୍ଡାମାନେ ହିଂସା କରନ୍ତି । କାହାରି ଚଳପ୍ରଚଳ ଟିକିଏ ଭଲ ହୋଇଗଲେ, କାହାରି ଭଲ ଫସଲ ଅମଳ ହେଲେ, କେହି ବେଶୀ ଜନପ୍ରିୟ ହୋଇଗଲେ ଇତ୍ୟାଦି ବଣ୍ଡା ଆଖିରେ ଯାଏନି । ତାକୁ ହଇରାଣ ହରକତ କରିବା ବା ମାରିଦେବା, ତା'ର ଧନସଂପତ୍ତି ନଷ୍ଟ କରିଦେବା, ଗୋରୁଗାଈଙ୍କୁ ମାରିଦେବା, ତା' ସହିତ ଅନ୍ୟକାହାରି କଳିଗୋଳ, ହଣାକଟା ଓ ବିନ୍ଧାବିନ୍ଧି କରାଇ ଦେବା ପାଇଁ କୌଣସି ଶକ୍ତିକୁ ଆୟତ କରି ତା' ଉପରକୁ ପେଶି ଦିଅନ୍ତି । ଫଳରେ ସେ ଅନେକ ସମସ୍ୟା ଭୋଗ କରେ । ଉପର ଲିଖିତ କୌଣସି ପ୍ରକାର ସମସ୍ୟା ଦେଖାଦେଲେ ବଣ୍ଡାମାନେ ଦିଶାରୀ ପାଖରେ ହାଜର ହୋଇ ନିଜର ଦୁଃଖ ଜଣାନ୍ତି । ଦିଶାରୀ ଏହି ଶକ୍ତିମାନଙ୍କୁ ସନ୍ତୁଷ୍ଟ କରିବା କିମ୍ବା ଆୟତ କରିବା ପାଇଁ ପୂଜାପାଠ (ବିରୁ)ର ଆୟୋଜନ କରେ । ଅଦୃଷ୍ଟ ଶକ୍ତିଙ୍କ ନିମନ୍ତେ ଭୋଗ ନୈବେଦ୍ୟ ଓ ବଳି ଅର୍ପଣ କରେ । ସେମାନଙ୍କୁ ସନ୍ତୁଷ୍ଟ କରି ବିଦା କରେ । ଦିଶାରୀ କରୁଥିବା କେତେଗୁଡ଼ିଏ ବିରୁର ନାମ ନିମ୍ନରେ ଦିଆଯାଇଛି ।

କୌଣସି ସ୍ତ୍ରୀ ଗର୍ଭାବସ୍ଥାରେ ଶିଶୁ ଭଲରେ ଜନ୍ମ ହେବ ଓ ଜନ୍ମ ପରେ ବଞ୍ଚି ରହିବା ପାଇଁ *ଟାଙ୍କରାଣୀ ବିରୁ* , ଗର୍ଭବତୀକୁ କେହି ପାଙ୍ଗିଥିଲେ *ପାଙ୍ଗଣ ବିରୁ*, କାହାରି ମୁଣ୍ଡ ବୁଲାଉଥିବ, ଆଖି ଅନ୍ଧାର ହୋଇଯାଉଥିବ, ରୋଗ ବେମାର ଓ ଜ୍ୱର ଲାଗି ରହୁଥିଲେ ଶନି ଲାଗିଛି ବୋଲି ଭାବି *ଶନି ବିରୁ*, କାହାରିକୁ ପ୍ରବଳ ଜ୍ୱର, ଝାଡ଼ା, ବାନ୍ତି ବେମାର ଲାଗିରହିଥିଲେ କେହି ପାଙ୍ଗଣ କରିଛି ବୋଲି ଭାବି ତା'ର ପ୍ରତିକାର ନିମିତ୍ତ *ପାଙ୍ଗଣ ବିର*, କୌଣସି ଲୋକ ହାତଗୋଡ଼ ନ ଚଳୁଥିଲେ, ଆଖିକୁ ଦେଖା ନଗଲେ, ଅଣ୍ଟା ଧରିଲେ, କାନକୁ ନ ଶୁଭିଲେ (ତା'ର ବିବାହିତ ଭାଇ ଭାଉଜ ଥିବା ଦରକାର,

ଯାହା ପାଇଁ ଡ଼ାଗୋଇ ବିରୁ କରାଯାଇନଥିବ) ତାକୁ ଡ଼ାଗୋଇ ଲାଗିଛି ବୋଲି *ଡାଗୋଇ ବିରୁ,* ଝାଡ଼ାବାନ୍ତି,ଜ୍ୱର ହୋଇଥିଲେ ଝାଳ ବହୁଥିଲେ, ମୁଣ୍ଡ ବିନ୍ଧୁଥିଲେ ଗୁରାଙ୍ଗ ପୋଇ ଲାଗିଛି ବୋଲି ତା'ର ପ୍ରତିକାର ପାଇଁ *ଗୁରାଙ୍ଗବିରୁ,* ରୋଗୀକୁ ହାଡ଼ ପେଶାଯାଇଥିଲେ ରୋଗୀର କୌଣସି ଅଂଶ ଫୁଲି ବଥାହୁଏ ଓ ଏହାର ପ୍ରତିକାର ପାଇଁ ପାକାନି ବିରୁ, କୌଣସି ପରିବାରରେ ଧନଜୀବନ ନଷ୍ଟ ହୋଇଯାଉଥିଲେ, ଗୋରୁଗାଈ ମରିଯାଉଥିଲେ, ଫସଲ ନଷ୍ଟ ହୋଇଯାଉଥିଲେ ଇତ୍ୟାଦି କେହି ପାଙ୍ଗଶ କରିଛି ଭାବି ତା'ର ପ୍ରତିକାର ପାଇଁ *ପାଙ୍ଗଶ ବିରୁ,* ନୁଆ ପାଣି ଧରି ପଣ୍ଡା ହୋଇଥିଲେ *ରୁକଡ଼ାକ ବିରୁ;* ରୋଗୀ ଶୁଖିଯାଉଥିଲେ *ଅରିମଙ୍ଗି ବିରୁ;* ସବୁବେଳେ ମୁଣ୍ଡ ବିନ୍ଧୁଥିଲେ *କୁସେ ବିରୁ;* ଭୂତ ଲାଗିଥିଲେ *ସୁଣ୍ଡରୁଙ୍ଗ ବିରୁ;* ଥରି ଥରି ସାନ ନୁଆମାନେ ଜିୟା ଅନ୍ୟମାନେ ମରିଯାଉଥିଲେ *ସୁରଗିଗେ;* ଦଶରା ମାସରେ ପ୍ରଥମେ ଡଙ୍ଗରରୁ ପନିପରିବା ଆଣି ଖାଇବା ପାଇଁ *ଡଗଗିଗେ;* ସାଧାରଣ ଜ୍ୱର ହେଉଥିଲେ *ଜରଡିକ ବିରୁ* ଇତ୍ୟାଦି ଦିଶାରୀ ସଂପାଦନ କରିଥାଏ । ଏହି ଦେବାଦେବୀ ଓ ଅନିଷ୍ଟ ଶକ୍ତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଭିନ୍ନ ଭିନ୍ନ ପୂଜାପାଠ (ବିରୁ)ରେ ଭିନ୍ନ ଭିନ୍ନ ଭୋଗ ସାମଗ୍ରୀ, ହାତ ହତିଆର, ପନିପରିବା, ଶସ୍ୟ, ଡ଼ାଳପତ୍ର ଇତ୍ୟାଦି ଆବଶ୍ୟକ ହୋଇଥାଏ । ଶେଷରେ ବିଭିନ୍ନ ପ୍ରକାର ପଶୁପକ୍ଷୀ ସରୀସୃପ ଓ କୀଟପତଙ୍ଗ ଯଥା- ଗୋରୁଗାଈ (ଗଈଡାଙ୍ଗ), ମଇଁଷୀ (ପୋଡ଼), ଛେଳି (ଗିମେ), ମେଣ୍ଢା (ମେଣ୍ଢା), ଘୁଷୁରୀ (ଘୁବୁ), କୁକୁଡ଼ା (ଗିସିଙ୍ଗ),କଲିକତରା (ମୁରାସେ), ପାଣିପୋକ (ଡେରଡେଣ୍ଡା), ବୁଢ଼ୀଆଣୀ, (ସେରାଙ୍ଗ ଗୁଲୁଗୁଲ), ଡୋଡ଼ିମାଛ (ଡୁବୁବା ଆଡ଼ଙ୍ଗ), କଙ୍କଡ଼ା, (ଙ୍ଗ) ଇତ୍ୟାଦି ମାନଙ୍କୁ ସ୍ଥଳବିଶେଷରେ ବଳି ଦେଇ ତାଙ୍କ ରକ୍ତରେ ଅଦୃଷ୍ଟ ଶକ୍ତିମାନଙ୍କୁ ସନ୍ତୁଷ୍ଟ କରି କାର୍ଯ୍ୟ ହାସଲ କରିଥାନ୍ତି । ଏହି ବିରୁ ଅବସରରେ ମଧ୍ୟ ଦିଶାରୀ ରୋଗୀମାନଙ୍କୁ ବିଭିନ୍ନ ପ୍ରକାର ଚେରମୂଳି ଔଷଧ ଖାଇବାକୁ, ପିନ୍ଧିବାକୁ,ଦେହରେ ଲଗାଇବାକୁ ଇତ୍ୟାଦି ଦେଇଥାନ୍ତି ଓ ବିଭିନ୍ନ ପ୍ରକାର ବାରଣ ଓ ନିଷେଧ ପାଳନ କରିବାକୁ ଆଦେଶ ଦେଇଥାନ୍ତି । ରୋଗୀ ଦିଶାରୀର କଥା ମାନି ପଥ୍ୟ ଗ୍ରହଣ କରେ । ବାରଣ / ନିଷେଧକୁ ପାଳନ କରେ ଓ ଶେଷରେ ସେ ଆରୋଗ୍ୟ ଲାଭ କରେ ।

ଗୁଣିଆ/ତାନ୍ତ୍ରିକ ହିସାବରେ ଦିଶାରୀ:

ଗୁଣିଆମାନଙ୍କ ପରି କେତେକ ଦିଶାରୀମାନେ ପୂଜାଆରଧନା କରି କେତେକ ଅନିଷ୍ଟକାରୀ ଦେବାଦେବୀ ଓ ସାଇରେମକୁ ନିଜ ଆୟତରେ ରଖିଥାନ୍ତି । କୌଣସି

ଲୋକଙ୍କୁ ମାରିଦେବା ବା ତାକୁ ହଇରାଣ କରିବାକୁ ହେଲେ ଦିଶାରୀମାନେ ଏହି ସାଇରେମକୁ ପୋଶଣ କରିଥାନ୍ତି । ଫଳତଃ ଲୋକଟି କଷ୍ଟ ପାଇଁ ମରିଯାଇପାରେ ବା ଜିଅନ୍ତା କଲବଲ ହୋଇପାରେ । ଦିଶାରୀ ପେଷୁଥିବା ଶକ୍ତିଗୁଡ଼ିକ ବିଭିନ୍ନ ରୂପରେ ହୋଇଥାଆନ୍ତି । କେତେବେଳେ ଏହାକୁ ବାଘର ରୂପରେ (ପାଲଟାବାଘ) ତ କେତେବେଳେ ସର୍ପ, କେତେବେଳେ, ଠେଙ୍ଗାବାଡ଼ି ତ କେତେବେଳେ ଛୁଞ୍ଚି ଇତ୍ୟାଦି ରୂପରେ ପେଷଣ କରିଥାଏ । ଏମାନେ ଲୋକଙ୍କୁ ଆକ୍ରମଣ କରି ମାରିଦିଅନ୍ତି । ଏହା ବ୍ୟତୀତ ଦିଶାରୀ ମଧ୍ୟ ଫସଲ ନଷ୍ଟ କରିବା, ଗୋରୁ ଗାଈ ନଷ୍ଟ କରିବା, ଘର ଦ୍ୱାର ପୋଡ଼ି ଦେବା, ଗଣ୍ଡଗୋଳ, ହଣାକଟା ଓ ତୀର ବିନ୍ଧାବିନ୍ଧି ସୃଷ୍ଟି କରାଇଦେବା ଇତ୍ୟାଦି ପାଇଁ ପାଙ୍ଗଣ କରିଥାନ୍ତି । ନିଜ ଇଚ୍ଛାରେ ବା କାହାରି ଅନୁରୋଧରେ ଏପରି ପାଙ୍ଗଣ ପେଷଣ କରାଯାଇ ପାରେ ।

ବିଭିନ୍ନ ପ୍ରକାର ପାଙ୍ଗଣ ଓ ପେଷଣ କରାଯାଇଥାଏ । ଏଥି ମଧ୍ୟରୁ କୁଦାଳ ଯନ୍ତ୍ର, ଜୁଇବାଣ, ସୁଚି, କିଛିମ, ସାଲିମ, ବାଉଁଶ ଆଦି ବଡ଼ ଭୟଙ୍କର ବାଣ ଅଟେ । ଏଗୁଡ଼ିକ ପେଷଣ ଜଲେ ପ୍ରାଣୀର ମରଣ ସୁନିଶ୍ଚିତ । ବଡ଼ ବିଷମ ଉପାୟରେ ଦିଶାରୀ ଏହାକୁ ପେଶିଥାଏ । ଯେଉଁ ବ୍ୟକ୍ତିକୁ ପାଙ୍ଗଣ କରିବାକୁ ଥାଏ, ତା'ର କିଛି "ସକୁ" ଯଥା ମୁଣ୍ଡବାଳ, ନଖ, ଦାନ୍ତକାଠିରେ ଛେଲା, ସିଙ୍ଗାଣୀ, ପରିସ୍ରାମାଟି, ପିନ୍ଧା ବସ୍ତ୍ର କପଡ଼ା, ଝାଡ଼ା, ପାଦଧୂଳି, ଚୁଲିମାଟି ଇତ୍ୟାଦି ସଂଗ୍ରହ କରାଯାଇଥାଏ । ଏଥିରୁ କିଛି "ସକୁ" ନେଇ ଦିଶାରୀ ପାଙ୍ଗଣ ଆରମ୍ଭ କରିଥାଏ । ଏହି ଉପକରଣ ସହ ଦିଶାରୀ ତା'ର ନିଜର କେତେକ ଉପକରଣ ବାଉଁଶ ନଳୀ, ଛୁଞ୍ଚି, କଛିମ ହାଡ଼ ବା ସାଲିମ ହାଡ଼, ମଶାଣି ହାଡ଼, ପାଉଁଶ ଇତ୍ୟାଦି ପଡ଼ିଥାଏ । ସମସ୍ତ ଉପକରଣ ଧରି ଦିଶାରୀ ଅନ୍ଧାରରାତ୍ରରେ କୌଣସି ଏକ ନିର୍ଜନ ସ୍ଥାନକୁ କିମ୍ବା ମଶାଣୀକୁ ଯାଇଥାଏ । ସେଠାରେ କେବଳ ଅଙ୍ଗାର ଗୁଣ୍ଡରେ ଗୋଟିଏ ଯନ୍ତ୍ର ଅଙ୍କନ କରାଯାଏ । ଯନ୍ତ୍ର ଉପରେ ଗୋଟିଏ ତୀରକୁ ଉପର ମୁହାଁ କରି ରଖାଯାଏ । ତା'ପରେ ପୂଜା କରି ବାଉଁଶ ନଳୀରେ "ସକୁ" ପୂରାଇ ମନ୍ତ୍ର କରିଦିଆଯାଏ । କୌଣସି ଅନିଷ୍ଟକାରୀ ଶକ୍ତିକୁ ମନ୍ତ୍ର ସାହାଯ୍ୟରେ ଏହି ବାଉଁଶ ନଳୀ ମଧ୍ୟକୁ ଅଣାଯାଏ । ତାକୁ ଉପଯୁକ୍ତ ପରାମର୍ଶ ଦେଇ ପେଷଣ କରାଯାଏ । ଏଠାରେ ସେହି ଶକ୍ତିକୁ ଗୋଟିଏ କଳାକୁକୁଡ଼ା ମାରି ତାର ରକ୍ତ ପିଇବାକୁ ଦିଆଯାଏ ଓ ବାଉଁଶ ନଳୀର ଭିତରେ ଓ ବାହାରେ ରକ୍ତ ସିଞ୍ଚନ କରାଯାଇଥାଏ । ଏହା ପରେ ଅଭିମନ୍ତ୍ରିତ ଏହି ବାଉଁଶ ନଳୀଟି ମନ୍ତ୍ର ବଳରେ ଜୀବନ୍ତ ହୋଇଉଠେ ଓ ସକୁ ଅଣାଯାଇଥିବା

ବ୍ୟକ୍ତିପାଖକୁ ଯାଇଥାଏ । ତାକୁ ଏହି ନଳଗେ ଶକ୍ତ ଭାବରେ ପ୍ରହାର କରେ । ଏହା କେବଳ ବ୍ୟକ୍ତି ଜଣଙ୍କ ଅନୁଭବ କରିପାରେ କିନ୍ତୁ ଦେଖିପାରେ ନାହିଁ । ଏହି ବାଉଁଶ ପ୍ରହାରରେ ବ୍ୟକ୍ତି ରୋଗଗ୍ରସ୍ତ ହୁଏ, ଦେହ ହାତ ଶୁଖିଯାଏ, ଝିମିଝିମି ହୋଇଯାଏ ଓ ଝାଡ଼ାବାନ୍ତି ହୁଏ । ସର୍ବୋଶେଷରେ ରୋଗୀ ଜଣଙ୍କ ଶୁଖିଶୁଖି ମରିଯାଏ।

ସେହିପରି *ଝୁଞ୍ଜବାଣରେ* ଗୋଟିଏ ଝୁଞ୍ଜକୁ ଅଭିମନ୍ତ୍ରିତ କରି ପେଷଣ କରାଯାଏ । ଏ ଝୁଞ୍ଜରୁ ହଜାର ହଜାର ଝୁଞ୍ଜ ଜନ୍ମ ନେଇ ବ୍ୟକ୍ତିର ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ଫୋଡ଼ି ପକାଇଥାନ୍ତି ଓ ଲୋକଟି ମରିଯାଏ । ବେଳେବେଳେ ଏମାନେ ଏକତ୍ର ଗଳା ପାଖରେ ଜମା ହୋଇ ଯିବାରୁ ଖାଦ୍ୟ ନ ଖାଇପାରି ରୋଗୀ ମରିଯାଏ ।

ଜୁଜୁବାଣ ପେଷଣ ଦ୍ୱାରା ବ୍ୟକ୍ତିର ଦେହ ମୁଣ୍ଡ ସବୁ ଫୁଲିଯାଏ, ବେଶୀ ଜଳାପୋଡ଼ା ହୁଏ, ଦେହରୁ ପାଣିଝରେ ଓ କିଛି ଦିନ ଯନ୍ତ୍ରଣା ପାଇ ବ୍ୟକ୍ତି ମରିଯାଏ ।

କଣ୍ଟିମ ବାଣ ପେଷଣ ଦ୍ୱାରା ରୋଗୀ ରକ୍ତଶୂନ୍ୟ ହୋଇ ମରିଯାଏ । ଏ ହାଡ଼କୁ ପେଷଣ କଲେ ସଲପଗଛରୁ ରସ ଶୁଖିଯାଏ ଓ ଗଛ ମରିଯାଏ ।

ସାଲିମ ହାଡ଼କୁ ପେଷଣ କଲେ ରୋଗୀ ଦେହରେ ଅସାଧ ବେମାର ସୃଷ୍ଟି ହୁଏ । ଗୋଡ଼ ହାତ ଅଚଳ ହୋଇଯାଏ, ବ୍ୟକ୍ତି ପଙ୍ଗୁ ହୋଇଯାଏ ଓ ଶେଷରେ ରକ୍ତ ବାନ୍ତି କରିମରିଯାଏ ଓ ଏହି ହାଡ଼କୁ ପେଷଣ କରି ସଲପ ଗଛକୁ ମଧ୍ୟ ମାରିହୁଏ ।

ଯାହାହେଉ ଏହିପରି ଅନେକ ଉପାୟରେ ଅନେକ ପ୍ରକାର ପାଙ୍ଗଣ ପେଷଣ କରାଯାଇପାରେ ଓ କୌଣସି ବ୍ୟକ୍ତିକୁ ହଇରାଣ କରାଯାଇପାରେ କିମ୍ବା ମାରିଦିଆଯାଇପାରେ, ତା'ର ପରିବାର ଲୋକଙ୍କୁ ମାରିଦିଆଯାଏ, ଫସଲ ନଷ୍ଟ କରିଦିଆଯାଏ, ଗୋରୁଗାଈ ନଷ୍ଟ କରିଦିଆ ଯାଏ ଇତ୍ୟାଦି ।

ଏ ସମସ୍ତର ପ୍ରତିକାର ମଧ୍ୟ କରିପାରେ ଦିଶାରୀ । ଜଣେ ଦିଶାରୀ ପାଙ୍ଗଣ କରିଥିଲେ ଅନ୍ୟ ଜଣେ ଦିଶାରୀ ତାର ପ୍ରତିକାର କରିପାରେ । ଦିଶାରୀ ପ୍ରଥମେ ପାଞ୍ଜି ଦେଖି ଜାଣିପାରେ କିଏ ଓ କେଉଁ ଦେବତାକୁ ପେଷଣ କରିଛି । ସେହି ଦେବତାକୁ କ'ଣ ଦେଲେସେ ସନ୍ତୁଷ୍ଟ ହେବ ତାହା ଦିଶାରୀ ଜାଣିପାରେ। ସେହି ଅନୁସାରେ ଦିଶାରୀ ଭୋଗରାଗ, ବଳି ଦେଇ ଓଲଟା ପାଙ୍ଗଣ କରେ । ଅନିଷ୍ଟ ଶକ୍ତିକୁ ବିଭିନ୍ନ ବଳି ଦେଇ ସନ୍ତୁଷ୍ଟ କରିଥାଏ । ଏହିପରି ଦିଶାରୀ ବହୁବିଧ କାର୍ଯ୍ୟ କରିଥାଆନ୍ତି ।

ଦିଶାରୀର ପାଉଣା ଓ ଉପହାର:

ଦିଶାରୀ କରୁଥିବା ଭିନ୍ନ ଭିନ୍ନ କାର୍ଯ୍ୟ ଯଥା ଜ୍ୟୋତିଷକାର୍ଯ୍ୟ, ବୈଦ୍ୟ କାର୍ଯ୍ୟ, ପୂଜକ କାର୍ଯ୍ୟ ଓ ଗୁଣିଆ । ତାନ୍ତ୍ରିକ କାର୍ଯ୍ୟ ପାଇଁ ବିଭିନ୍ନ ପରିମାଣର ଭିନ୍ନ ଭିନ୍ନ ପାଉଣା ଗ୍ରହଣ କରିଥାଏ । ସାଧାରଣ ପାଞ୍ଜି ଦେଖିବା ପାଇଁ ଅଳ୍ପ କିଛି ଶସ୍ୟ ଦିଆଯାଇ ପାରେ କିମ୍ବା କେବଳ ଉପହାର ସ୍ୱରୂପ ମାଦକ ପାନୀୟରେ ଦିଶାରୀକୁ ସନ୍ତୁଷ୍ଟ କରି ବିଦା କରାଯାଇପାରେ । ବୈଦ୍ୟ କାର୍ଯ୍ୟ କରିବା ପାଇଁ ଅଳ୍ପ ଶସ୍ୟ, କିଛି ଟଙ୍କା ସହିତ ମଦ ଦିଆଯାଏ । ପୂଜକ ହିସାବରେ ପୂଜା କଲାବେଳେ ଅଲଗା ଅଲଗା ପୂଜା ପାଇଁ ଦାବୀ କରାଯାଇଥିବା ପାଉଣାର ପାର୍ଥକ୍ୟ ହୁଏ । ଏକ ସାଧାରଣ ବିରୁ କରିବା ପାଇଁ ମାଣେ ଧାନ କିମ୍ବା ସୂଆଁ (ପ୍ରାୟ ୨-୩ କେଜି) ଦିଆଯାଏ, ଖାଦ୍ୟ ପାଇଁ ପଡ଼ିଏ ଚାଉଳ (ପ୍ରାୟ ୫୦୦-୬୦୦ଗ୍ରାମ) ଓ ସକ୍ଷମ ଅନୁଯାୟୀ ୫-୧୦ ଟଙ୍କା ଦିଆଯାଏ । ବଡ଼ ଧରଣର ବିରୁ ଯଥା ଶନିବିରୁ, ଡାଗୋଇ ବିରୁ, ପାଙ୍ଗଣ ବିରୁ ପେଷଣ ବିରୁ ଇତ୍ୟାଦି ପାଇଁ ଅଧିକ ପାଉଣା ଦାବୀ କରାଯାଏ । ଉଦାହରଣ ସ୍ୱରୂପ ଶନିବିରୁ ପାଇଁ ଦିଶାରୀ ଏକ ମୁଣ୍ଡି କଲିରେ ଚାଉଳ (ଅର୍ଥାତ୍ ପ୍ରାୟ ୧୦-୧୫ କି.ଗ୍ରା), ଗୋଟିଏ ଧଳା ଗାମୁଛା (ଏହା ପୂଜାରେ ଲାଗେ ଓ ପୂଜାପରେ ଦିଶାରୀ ନେଇଯାଏ) ଓ ପ୍ରାୟ ୨୦୦-୩୦୦ଟଙ୍କା ନିଏ । ଡାଗୋଇ ବିରୁ ପାଇଁ ବଡ଼ କଲିରେ ପୂର୍ଣ୍ଣ ରନ୍ଧା ଭାତ, ସ୍ୱତନ୍ତ୍ର ମାଂସ ଭାଗ, (ପ୍ରାୟ ୧-୨ କି.ଗ୍ରା) ରାନ୍ଧିଥିବା ସବୁଭାତ, ନୂଆହାଣ୍ଡି, ଦୁଇଟା ବଡ଼ ଦନାରେ ପୂର୍ଣ୍ଣ ଚାଉଳ (ପ୍ରାୟ ୫-୧୦ କି.ଗ୍ରା) ସହିତ ଅଳ୍ପ କିଛି ଟଙ୍କା (ସକ୍ଷମ ଅନୁସାରେ ୧୦-୨୦ ଟଙ୍କା) । ପେଷଣ ବିରୁରେ ଦିଶାରୀକୁ ଗୋଟାଏ ମୁଣ୍ଡି କଲିରେ ପୂର୍ଣ୍ଣ ଧାନ କିମ୍ବା ସୂଆଁ (ପ୍ରାୟ ୧୦-୧୨ କି.ଗ୍ରା), ଚାଉଳ ଗୋଟେ ପଡ଼ି (ପ୍ରାୟ ୫୦୦-୬୦୦ ଗ୍ରାମ), ଘୁଷୁରୀ ମାଂସ ଭାଗେ (ପ୍ରାୟ ୧ କିଗ୍ରା) ରନ୍ଧା ଭାତ, ଗୋଟେ ଦନା (ପ୍ରାୟ ୩-୪ ଜଣ ଖାଇବାପରି) ଓ ଟଙ୍କା ୫୦-୬୦ଟି । କିନ୍ତୁ କାହାରିକୁ ପାଙ୍ଗଣ ବା ପେଷଣ କରି ମାରିବାକୁ ବା ହଇରାଣ କରିବାକୁ ହେଲେ ଦିଶାରୀ ଟଙ୍କା ଆକାରରେ ୨୦୦୦-୩୦୦୦ ଟଙ୍କା ଦାବି କରେ । ଏଥିରେ ସେ ଗୋରୁ, ଗାଈ, ଛେଳି, ମେଣ୍ଢା, ଶସ୍ୟ କିମ୍ବା ଜମିବାଡ଼ି ଗ୍ରହଣ କରେ ନାହିଁ କାରଣ ସର୍ବସାଧାରଣ ଜାଣିଯିବାର ଆଶଙ୍କା ଥାଏ । କିନ୍ତୁ ସବୁକ୍ଷେତ୍ରରେ ଉପହାର ସ୍ୱରୂପ ଦିଶାରୀ ଓ ଡ଼ାଉଦିଶାରୀ (ଦିଶାରୀ ସହାୟକ)କୁ ଆକୁଣ୍ଠ ମାଦକ ପାନୀୟ ପିଇବାକୁ ଦିଆଯାଇଥାଏ ଏବଂ ବେଳେବେଳେ ଘରକୁ ଆମନ୍ତ୍ରଣ କରି ଖାଦ୍ୟ ବ୍ୟଞ୍ଜନରେ ଦିଶାରୀକୁ ସନ୍ତୁଷ୍ଟ କରାଯାଇଥାଏ ।

ଦିଶାରୀର ଆଧିପତ୍ୟ / ପ୍ରଭୁତ୍ୱ ଏବଂ ପରିବର୍ତ୍ତନ :

ଆଧୁନିକ ଯୁଗର ଚାକଚକ୍ୟ, ବାହାର ଲୋକଙ୍କ ପ୍ରଭାବ ଓ ସରକାରଙ୍କର ଉନ୍ନୟନମୂଳକ କାର୍ଯ୍ୟକ୍ରମର ପ୍ରଭାବ ବଣ୍ଡା ସମାଜରେ ଆଣିଦେଇଛି ଅନେକ ପରିବର୍ତ୍ତନ । ଦିଶାରୀ ଓ ଔଷଧ ମଧ୍ୟ ସେଥିରୁ ନିସ୍ତାର ପାଇନାହାନ୍ତି । ଏବେ ଅନେକ ପ୍ରକାର ରୋଗର ନିରାକରଣ ପାଇଁ ବଣ୍ଡାମାନେ ଡ଼ାକ୍ତରଖାନାର ଦ୍ୱାରସ୍ଥ ହେଲେଣି, ଡ଼ାକ୍ତରମାନଙ୍କର ପରାମର୍ଶ ଲୋଡ଼ିଲେଣି । ବ୍ୟବହାରିକ କାରଣ ଏହା ହୋଇପାରେ ଯେ ବଣ୍ଡା ଜଗତକୁ ନୂଆ ନୂଆ ରୋଗ ପଶିଲାଣି ଯେଉଁଗୁଡ଼ିକ ଦିଶାରୀମାନଙ୍କୁ ଅଜଣା । ତେଣୁ ଏପରି ବେଦୈଶିକ ରୋଗ ବ୍ୟଧିର ଆରୋଗ୍ୟ ପାଇଁ ସେମାନେ ବାଧ୍ୟ ହୋଇ ଦୌଡୁଛନ୍ତି ଡ଼ାକ୍ତରମାନଙ୍କ ପାଖକୁ । ସେମାନଙ୍କ ମଧ୍ୟରେ ଚେତା ଚେତନାର ଟିକିଏ ଜାଗ୍ରତ ହେଲାଣି ଓ ଦିଶାରୀମାନଙ୍କର ବ୍ୟୟବହୁଳ ବିରୁ ପାଇଁ ଆବଶ୍ୟକ ସାମଗ୍ରୀ ଓ ଅର୍ଥ ଯୋଗାଡ଼ କରି ନପାରି ସାଧାରଣ ରୋଗ ପାଇଁ ମଧ୍ୟ ଡ଼ାକ୍ତରଙ୍କର ଦ୍ୱାରସ୍ଥ ହେଲେଣି । ଯାହାହେଉ ବଣ୍ଡାମାନେ ଏବେ ବିଭିନ୍ନ ପ୍ରକାର ଔଷଧ ଡ଼ାକ୍ତରଖାନାମାନଙ୍କରୁ ସଂଗ୍ରହ କରିଖାଇଲେଣି ।

କିନ୍ତୁ ଏହାର ମାନେ ନୁହେଁ ଯେ ସେମାନେ ଦିଶାରୀକୁ ଭୁଲି ଗଲେଣି । ବିରୁରୁ ସେମାନଙ୍କର ବିଶ୍ୱାସ ଲୋପ ପାଇଗଲାଣି କିମ୍ବା ଦିଶାରୀର ଔଷଧ ଦେବାରେ କମିଗଲାଣି । ଏବେ ବି ପ୍ରତି ଗ୍ରାମରେ ଛୋଟ ବଡ଼ କରି ୪-୫ ଜଣ ଲେଖାଏଁ ଦିଶାରୀ ଥିବାର ପ୍ରମାଣ ରହିଛି । ଦେବାଦେବୀ, ଭୂତପ୍ରେତ, ଡ଼ାହାଣୀ ଚିରକୁଣୀ ଇତ୍ୟାଦି ଅଶରୀରି ଅଦୃଷ୍ଟ ଶକ୍ତିମାନେ ବିଭିନ୍ନ ପ୍ରକାର ରୋଗ ବୈରାଗ୍ୟ, ଜ୍ୱର ବ୍ୟାଧି ଆଦି ସୃଷ୍ଟି କରନ୍ତି ବୋଲି ଏବେ ମଧ୍ୟ ଧର୍ମଭୟାଳୁ ଓ ଅଳ୍ପ ବଣ୍ଡାମାନଙ୍କ ମନରେ ସୁଦୃଢ଼ ବିଶ୍ୱାସ ଆସ୍ଥାନ ଜମାଇ ବସିଛି । ତେଣୁ ଏହାକୁ ଆୟତ କଲାପରି ଡ଼ାକ୍ତରୀ ଔଷଧ ନାହିଁ । ଦ୍ୱିତୀୟତଃ ଦିଶାରୀ ଦେଉଥିବା ଚେରମୂଳ ଔଷଧ ରୋଗ ଭଲ କରିବା ସହିତ ଅନେକ ଉପକାର ସାଧନ କରିଥାଏ । ତୃତୀୟତଃ ରୋଗୀର ମାନସିକ, ସାମାଜିକ, ସଂସ୍କୃତିକ ପରିବେଶ ଓ ପରିସ୍ଥିତିକୁ ଖାପ ଖୁଆଇ ଦିଶାରୀ ରୋଗୀର ମନଜାଣି, ନିଜ ଭାଷାରେ ରୋଗୀକୁ ବୁଝାଇ ସୁଝାଇ, ଚେରମୂଳି ଓ ଦିଶାରୀ ବିଦ୍ୟାରେ ଆସ୍ଥା ଜମାଇ ଔଷଧ ଦେଇଥାଏ । ଚତୁର୍ଥତଃ ଏହା ବଣ୍ଡାମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷିତ ଯେ ଦିଶାରୀ ଔଷଧ ରୋଗ ଭଲ କରେ । ଦୁର୍ଭାଗ୍ୟବଶତଃ ଏହା ବେଳେବେଳେ କାମ ନ କରିପାରେ ମଧ୍ୟ, କିନ୍ତୁ ଏଥିରେ କୌଣସି କ୍ଷତି ନଥାଏ, ଯେଉଁଠି ଡ଼ାକ୍ତରୀ ଔଷଧ ଗୋଟିଏ ଖାଇଲେ ଗୋଟିଏ ରୋଗ ଭଲ ହୋଇଯାଇପାରେ ସତ୍ୟ କିନ୍ତୁ ସୃଷ୍ଟି କରିଦିଏ ଆଉ କେତେକ

●●●

ପାରମ୍ପରିକ ଚାରୁ ଓ କାରୁକଳା

ସାମାଜିକ ପ୍ରାଣୀ ମନୁଷ୍ୟ ସମାଜ ବିନା ବଞ୍ଚିପାରେ ନାହିଁ ଯେପରି ମାଛ ଜଳ ବିନା ବଞ୍ଚିପାରେ ନାହିଁ । ସମାଜରେ ବସବାସ କରି ମଣିଷ ଗଢ଼େ ସଂସ୍କୃତି । ସଂସ୍କୃତି ହେଉଛି ଆଚାର ବ୍ୟବହାର, ଜ୍ଞାନ, କୌଶଳ, ନିତିନିୟମ, ପ୍ରଥା ପରମ୍ପରା, ଧର୍ମଧାରଣା, କଳା ଶିଳ୍ପ ଓ ଜୀବନକାଳ ମଧ୍ୟରେ ମନୁଷ୍ୟ ଆହାରଣ କରିଥିବା ଅଭ୍ୟାସ ଓ ଦକ୍ଷତାର ସମାହାର । କଳା ଓ ଶିଳ୍ପ ସବୁ ସଂସ୍କୃତିର ଏକ ମୁଖ୍ୟ ଅଙ୍ଗ । ଏହା ବିନା ସଂସ୍କୃତି ହୋଇପଡ଼େ ନିରର୍ଥକ ।

ତେଣୁ ବଣ୍ଡା ସଂସ୍କୃତିରେ ମଧ୍ୟ ରହିଛି କଳା ଓ ଶିଳ୍ପ । ଦୈନନ୍ଦିନ ଜୀବନରେ ସେ ଆବଶ୍ୟକ କରିଥାଏ ବିଭିନ୍ନ ପ୍ରକାର ଦ୍ରବ୍ୟ, କଳା ଓ ଶିଳ୍ପ । ବଣ୍ଡା କଳା ଶିଳ୍ପ ଦ୍ୱାରା ଯେ କେବଳ ତା'ର ଆବଶ୍ୟକତା ମେଣ୍ଟାଇଥାଏ ତାହାନୁହେଁ ଅଧିକନ୍ତୁ ଜୀବନକୁ ସରସ ସୁନ୍ଦର କରି ଗଢ଼ିତେଳିବାର ଅପରିହାର୍ଯ୍ୟ ହୋଇଥାଏ ଏହି କଳା ଓ ଶିଳ୍ପ । ବଣ୍ଡାମାନେ ସେମାନଙ୍କର ସରଳ ଜ୍ଞାନ, କୌଶଳ, ଦକ୍ଷତା, ବୁଦ୍ଧି, ବିବେକ ଇତ୍ୟାଦି ପ୍ରୟୋଗ କରି ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତ କରନ୍ତି । ବଣ୍ଡା ବ୍ୟବହାର କରୁଥିବା ସମସ୍ତ ଦ୍ରବ୍ୟ ନିଜେ ନିଜେ ପ୍ରସ୍ତୁତ କରିପାରନ୍ତି ନାହିଁ । ହାଟବଜାର କିମ୍ବା ଶିଳ୍ପୀମାନଙ୍କ ଠାରୁ କ୍ରୟ କରିଥାନ୍ତି ଆବଶ୍ୟକୀୟ ଦ୍ରବ୍ୟ । ଶିଳ୍ପୀମାନେ ମଧ୍ୟ ବଣ୍ଡା ସମାଜ, ସଂସ୍କୃତି, ବଣ୍ଡାର ରୁଚି, ବ୍ୟବହାର, ଆବଶ୍ୟକତା, ପ୍ରଥା ପରମ୍ପରା ଇତ୍ୟାଦିକୁ ନଜରରେ ରଖି ଗଢ଼ିଥାଏ ଦ୍ରବ୍ୟ। କେତେକ ଦ୍ରବ୍ୟକୁ କିଣି ବଣ୍ଡାମାନେ ସିଧାସଳଖ। ବ୍ୟବହାର ଜଲାବେଳେ ଅନ୍ୟ କେତେକ ଦ୍ରବ୍ୟକୁ ନିଜ ଇଚ୍ଛା, ରୁଚି ଓ ଆବଶ୍ୟକତା ଅନୁଯାୟୀ ପୁନଃନିର୍ମାଣ କରନ୍ତି କିମ୍ବା ସଜ୍ଜାବଟ କରନ୍ତି । ଯାହାହେଉ, ବଣ୍ଡାମାନେ ଅଳ୍ପ ପରିମାଣରେ ଦ୍ରବ୍ୟ ବ୍ୟବହାର କରିଥାନ୍ତି । ସେଥିମଧ୍ୟରୁ ଶୀକାର ଉପକରଣ, ମାଛ ଧରିବା ଯନ୍ତ୍ର, କୃଷିଉପକରଣ, ଗୃହ ଉପକରଣ, ବ୍ୟକ୍ତିଗତ ଦ୍ରବ୍ୟ, ପୋଷାକ ପରିଚ୍ଛେଦ, ଗହଣାଗାଣ୍ଠି, ବାଦ୍ୟଶିଳ୍ପ ଓ ଦେବଉର୍ଦ୍ଦଗୀକୃତ ଦ୍ରବ୍ୟ ଅନ୍ୟତମ । ସମସ୍ତ ଦ୍ରବ୍ୟ ବିଷୟରେ ସବିଶେଷ ନିମ୍ନରେ ଦିଆଯାଇଛି ।

ଚାରୁ ଓ କାରୁକଳା ତଥା ସୌନ୍ଦର୍ଯ୍ୟବୋଧର ପରିପ୍ରକାଶ

(୧) ଶୀକାର ଉପକରଣ :

ବନ ପାହାଡ଼ ଘେରା ମୂଲକରେ ବସବାସ କରେ ବଣ୍ଡା ଆଦିମ ଅଧିବାସୀ । ଜଙ୍ଗଲ ଯେ ଜୀବନ ଧାରଣର ମୁଖ୍ୟ ଉତ୍ସ ଏହା ନିଃସନ୍ଦେହରେ କୁହାଯାଇପାରେ । ଜଙ୍ଗଲର ଜୀବଜନ୍ତୁ ଶୀକାର କରିବା ଓ ହିଂସ୍ର ଜନ୍ତୁଙ୍କ ଠାରୁ ନିଜକୁ ରକ୍ଷା କରିବା ପାଇଁ ବଣ୍ଡା ସବୁବେଳେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ବୁଲୁଥାଏ । ଦ୍ୱିତୀୟତଃ ବଣ୍ଡା ଖୁବ୍ ମାଂସ ପ୍ରିୟ । ତେଣୁ ବଣ୍ଡା ବିଭିନ୍ନ ପ୍ରକାର ଶୀକାର ଉପକରଣ ବ୍ୟବହାର୍ କରିଥାନ୍ତି । ଶୀକାର ଉପକରଣ ମଧ୍ୟରେ ଧନୁ(ୱା), ତୀର (ଅଅମ୍), ବିଟା (ସୁଟପ), ଟାଙ୍ଗିଆ (ମାରାୟ), ଛୁରୀ (ଉସୁକ୍), ଫାର୍ଶ, (ଟାଙ୍ଗି), ବର୍ଚ୍ଛା, (ବାଲା), ଛିଟୁକୁଣୀ (ଗୁଲସା), ପକ୍ଷୀମାରିବା ଯନ୍ତ୍ରା (କୁଜା), ଅଠାକାଠି (ସିଙ୍ଗିକାଢ଼ି), ମୂଷା ଧରିବା ଯନ୍ତ୍ରା ଇତ୍ୟାଦି । ଶୀକାର ଉପକରଣ ଗୁଡ଼ିକ ନିମ୍ନରେ ଦିଆଯାଇଛି ।

(କ) ଧନୁତୀର (ୱାଅଅମ) :

ଧନୁତୀର ବଣ୍ଡାର ମୁଖ୍ୟ ଆୟୁଧ । ଏହା ତା'ର ଜୀବନର ସର୍ବସ୍ୱ । ଶୀକାର ବ୍ୟତୀତ ଦୈନନ୍ଦିନ ଜୀବନରେ ବଣ୍ଡା କେବେ ଧନୁତୀର ଠାରୁ ଅଲଗା ରହିପାରେ ନାହିଁ । ସାଧାରଣତଃ ବଣ୍ଡା ପ୍ରାୟ ୪-୫ ଫୁଟ୍ ଲମ୍ବର ବାଉଁଶ ବତାରେ ଧନୁ ତିଆରି କରିଥାଏ । ବାଉଁଶ ବତାର ଉଭୟ ପାର୍ଶ୍ୱକୁ ମଝିଅପେକ୍ଷା ଟିକିଏ ସରୁ କରାଯାଇଥାଏ ଓ ଗୁଣ ଯୋଡ଼ିବା ପାଇଁ ଉଭୟ ପାର୍ଶ୍ୱରେ ଛୋଟ ଘାର କରାଯାଇଥାଏ । ଅନ୍ୟ ଏକ ସରୁ ବାଉଁଶ ପାତିଆରେ ଗୁଣ କରାଯାଇ ଦୁଇମୁଣ୍ଡକୁ ସିଆଡ଼ି ତନ୍ତୁ ଦ୍ୱାରା ଧନୁ ସହିତ ଖଞ୍ଜା ଯାଇଥାଏ । ଏହି ଧନୁକୁ ଶକ୍ତ ଓ ସୁନ୍ଦର କରିବା ପାଇଁ ବାଘ ଚମଡ଼ା କିମ୍ବା ଟସରକୁ ସରୁ ସରୁ କାଟି ଧନୁରେ ଗୁଡ଼ାଯାଇଥାଏ । ଏତଦ୍‌ବ୍ୟତୀତ, ଧନୁରେ ରଙ୍ଗମାରି ଏହାକୁ ସୁନ୍ଦର କରାଯାଇପାରେ ।

ତୀର ଦୁଇପ୍ରକାର ଯଥା ଲୁହାତୀର (ଲୁହା ଅଅମ) ଓ ବିଟା (ସୁଟପ) । ତୀର ତିଆରି ପାଇଁ ସାଧାରଣତଃ ବାଉଁଶ, ଲୁହା ନିର୍ମିତ ଆଗ୍ରଂଶ, ଦଉରାଗଛ, ସାଧ୍‌ଗଛ ବା ସଲପ ଗଛର ତନ୍ତୁ ଓ ବିଭିନ୍ନ ପ୍ରକାର ପର ବ୍ୟବହାର କରିଥାନ୍ତି । ତୀରରେ ଲାଗିଥିବା ବାଉଁଶରେ ଦୈର୍ଘ୍ୟ ୨ ଚାଖଣ୍ଡ ୪ ଅଙ୍ଗୁଳି ହୋଇଥିଲାବେଳେ ସେଥିରେ ଲାଗିଥିବା

ଲୁହାର ତୀର ପ୍ରାୟ ୭ ଆଙ୍ଗୁଳି ହୋଇଥାଏ । ବାଉଁଶ ଦଣ୍ଡର ଅଗ୍ରଭାଗରେ ଲୁହା ତୀରଟି ଖଞ୍ଜା ଯାଇଥାଏ ଓ ଏହାକୁ ଶକ୍ତ କରି ତନ୍ତୁରେ ଗୁଡ଼ାଇ ବନ୍ଧା ଯାଇଥାଏ । ତୀରର ନିମ୍ନଭାଗରେ ପରକୁ ମଧ୍ୟ ତନ୍ତୁ ଦ୍ୱାରା ଗୁଡ଼ାଇ ବନ୍ଧାଯାଇଥାଏ ଓ ତଳପାର୍ଶ୍ୱରେ ଅରଡ଼ି (କେନା) କରାଯାଇଥାଏ । କେବଳ ସୁନ୍ଦର ପାଇଁ ନୁହେଁ ବରଂ ତୀରକୁ ଶକ୍ତ କରିବା ପାଇଁ ଓ ଝାଳ ବୋହିଲେ ମଧ୍ୟ ଧରିବାକୁ ଅସୁବିଧା ନ ହେବା ପାଇଁ ଧନୁରେ ତନ୍ତୁ ଓ ପର ଗୁଡ଼ାଇଯାଇଥାଏ । ବିଟା (ସୁଟପ) ଟିକିଅ ଅଲଗା ପ୍ରକାର । ଲୁହା ତୀର ପ୍ରତି ବଦଳରେ ତୀର ଅଗ୍ରଭାଗରେ ଗୋଟିଏ ବାଉଁଶ ନିର୍ମିତ ଟୋପି (ସୁଟପ) ଶକ୍ତଭାବରେ ଖଞ୍ଜା ଯାଇଥାଏ।

ଧନୁତୀର ଏପରି ଏକ ଶସ୍ତ୍ର ଯାହା ବଣ୍ଡା ସକାଳ ବିଇଣା ପରିତ୍ୟାଗ କରିବା ଠାରୁ ରାତ୍ରରେ ପୁଣି ଶୋଇଲାବେଳ ପର୍ଯ୍ୟନ୍ତ ସାଙ୍ଗରେ ଧରିଥାଏ । ପାହାଡ଼, ପର୍ବତ, କୃଷିକ୍ଷେତ୍ର, ହାଟବଜାର, ବନ୍ଧୁଘର, ଧାଙ୍ଗଡ଼ିବସା ଇତ୍ୟାଦି ଯୁଆଡ଼େ ଗଲେ ମଧ୍ୟ ସାଙ୍ଗରେ ଧନୁତୀର ନିଶ୍ଚୟଥାଏ । ଏହାଦ୍ୱାରା ସେ ପଶୁପକ୍ଷୀ ଶିକାର କରି ନିଜ ପାଇଁ ଖାଦ୍ୟ ସଂଗ୍ରହ କରେ । ଖାଦ୍ୟ ସଂଗ୍ରହ ବ୍ୟତୀତ ହିଂସ୍ରଜନ୍ତୁଙ୍କ କବଳରୁ ନିଜକୁ ରକ୍ଷାକରେ, ଶତ୍ରୁ ବଣ୍ଡାଠାରୁ ନିଜକୁ ବଞ୍ଚାଏ, ଶତ୍ରୁର ପ୍ରତିଶୋଧ ନିଏ ଓ ବାଧାସୃଷ୍ଟି କରୁଥିବା ବ୍ୟକ୍ତିର ପ୍ରାଣ ନେଇପାରେ ବଣ୍ଡା ଏଇ ଧନୁତୀର ସାହାଯ୍ୟରେ ।

(ଖ) ଛୁରୀ (ଉସୁକ୍)

ଧନୁତୀର ସହିତ ବଣ୍ଡା ପାଖରେ ସବୁବେଳେ ଥିବା ଆଉ ଗୋଟିଏ ଅସ୍ତ୍ର ହେଲା ଛୁରୀ (ଉସୁକ୍) । ଏହା ଛୋଟ କିମ୍ବା ବଡ଼ ଆକାରର ହୋଇପାରେ । ଏହି ଛୁରୀ ମୁଖ୍ୟତଃ ରସ ଏବଂ ଲୁହାରେ ନିର୍ମାଣ କରାଯାଇଥାଏ । ଛୁରୀଟି ସିଧା ଓ ତୀକ୍ଷ୍ଣ । ଏହାର ଭିତର ପାଖରେ ଧାରଥାଏ ଓ ଅଗ୍ରଭାଗ ଆଡ଼କୁ ଆସ୍ତେ ଆସ୍ତେ ସରୁଆ ହୋଇଯାଇଥାଏ । ବେଣ୍ଟଟି ଛତା ବେଣ୍ଟ ପରି ବାଙ୍କୁଲି ହୋଇଥାଏ ଓ ବଣ୍ଡା ଏହି ଛୁରୀଟିକୁ କାନ୍ଧରେ ଝୁଲାଇ ରଖିଥାଏ । ବେଣ୍ଟଟି ରସ, ଲୁହା କିମ୍ବା ବାରହା ନଖରେ ନିର୍ମିତ ହୋଇଥାଏ । ଛୁରୀଗୁଡ଼ିକ କମାର (କାରମା) ତିଆରି କରେ ଓ ବଣ୍ଡାମାନେ ତାକୁ କ୍ରୟକରି ଆଣିଥାନ୍ତି । ଏହାକୁ ସୁନ୍ଦର କରିବା ପାଇଁ କରମା (କମାର) ନିହାଣ ସାହାଯ୍ୟରେ ଗାର ଅଙ୍କନ କରି କମ କରିଥାଏ ।

ଏହି ଛୁରୀ ବହୁବିଧ କାର୍ଯ୍ୟରେ ବ୍ୟବହାର କରାଯାଏ । ଦୈନନ୍ଦିନ ଜୀବନରେ କଟାକଟି କରିବା ପାଇଁ ଅନେକ କାର୍ଯ୍ୟରେ ଉପଯୋଗ କରାଯାଏ ଏହି ଛୁରୀକୁ । ଶୀକାରକୁ ଗଲାବେଳେ ଏହି ଛୁରୀ ନିଶ୍ଚିତ ସାଥିରେ ଥାଏ । ଯେତେବଡ଼ ଯନ୍ତୁ ହେଲେ ବି ତାକୁ ବଣ୍ଡା କାଟି ଟିକି ଟିକି କରିଦେଇପାରେ ଏଇ ଛୁରୀରେ । ମାଂସ କାଟିବା ପାଇଁ ଛୁରୀ ନିତ୍ୟାନ୍ତ ଆବଶ୍ୟକ । ଶତ୍ରୁଜବଳରୁ ଓ ହିଂସ୍ର ଜନ୍ତୁଙ୍କ ଠାରୁ ଆତ୍ମରକ୍ଷା କରିବା, ଶତ୍ରୁକୁ ଆକ୍ରମଣ କରିବା, କାହାରିକୁ ଡରାଇବା ଓ ନରହତ୍ୟା ଆଦି କାର୍ଯ୍ୟ କରାଯାଇପାରେ କେବଳ ଏଇ ଛୁରୀ ଦ୍ୱାରା ।

(ଗ) ଟାଙ୍ଗିଆ (ଟାଙ୍ଗିଆ):

ଏହା ଲୁହାରେ କମାର ତିଆରି କରିଥାଏ । ଟାଙ୍ଗିଆ କିଣି ବଣ୍ଡା ସେଥିରେ ବିଭିନ୍ନପ୍ରକାର କାଠର ବେଣ୍ଟ ଲଗାଇ ହଣାକଟା ପାଇଁ ବ୍ୟବହାର କରେ । ଧନୁତୀର ପରି ଅନେକ ସମୟରେ ଟାଙ୍ଗିଆ ମଧ୍ୟ ବଣ୍ଡା ସାଥିରେ ଥାଏ । ଧନୁତୀର ହାତରେ ଧରି, କାନ୍ଧରେ ଟାଙ୍ଗିଆ ଓ ଛୁରୀ ଓହଳାଇ ବଣ୍ଡା ନିର୍ଭୟରେ ଜୌଣସି ସ୍ଥାନକୁ ଯାଇପାରେ । ଟାଙ୍ଗିଆ ସାଧାରଣତଃ ୪ ପ୍ରକାରର ଯଥା ବଡ଼ଟାଙ୍ଗିଆ (ମାରାୟା), ଟାଙ୍ଗିଆ, ପାଶଲା ଟାଙ୍ଗିଆ ଓ ଟାଙ୍ଗି । ମାରାୟା (ବଡ଼ ଟାଙ୍ଗିଆ)କୁ ମୁଖ୍ୟତଃ କାଠ କାଟିବା, ବଡ଼ ଗଛ କାଟିବା ପାଇଁ ବ୍ୟବହାର କରାଯାଏ । ଦ୍ୱିତୀୟ ପ୍ରକାର ଟାଙ୍ଗିଆଟି ସାଧାରଣ ଟାଙ୍ଗିଆ । ଏହାଦ୍ୱାରା କାଠ କାଟିବା, ଡଙ୍ଗରର ଗଛ ଓ ଡାଳ କାଟିବା, ମାଂସ କାଟିବା ଇତ୍ୟାଦି ପାଇଁ ବ୍ୟବହାର କରାଯାଏ । ଟାଙ୍ଗି ଓ ପାଶଲା ଟାଙ୍ଗିଆ ସାଧାରଣ ଟାଙ୍ଗିଆଠାରୁ ଆକୃତିରେ ଭିନ୍ନ । ଏହା ବାଲା ଆକୃତିର ହୋଇଥାଏ । ଟାଙ୍ଗିଆକୁ ଛେଳି ଆଦିକୁ ବଳି ଦେବା ପାଇଁ ବ୍ୟବହାର କରାଯାଏ । ପାଖଲା ଟାଙ୍ଗିଆକୁ ଶୀକାରକୁ ଗଲାବେଳେ, ଧାଇଡ଼ି ବସା ଗଲାବେଳେ କିମ୍ବା ନାଚ କଲାବେଳେ ସାଙ୍ଗରେ ଧରା ଯାଇଥାଏ । ପାଶଲା ଟାଙ୍ଗିଆର ସୌନ୍ଦର୍ଯ୍ୟବର୍ଦ୍ଧନ କରିବା ପାଇଁ ବେଣ୍ଟରେ ପ୍ଲାଷ୍ଟିକ ସୂତା, ରସପାତ ଗୁଡ଼ା ଯାଇଥାଏ କିମ୍ବା ବେଣ୍ଟକୁ ବିଭିନ୍ନ ରଙ୍ଗରେ ରଙ୍ଗିନ କରାଯାଇଥାଏ ।

(ଘ) ପାର୍ଶ (ବାଲା):

ଏହାର ଲୁହା ଅଂଶଟି ଠିକିରି ପରି ତିଆରି କରାଯାଇ ଲମ୍ବା ବାଉଁଶ କିମ୍ବା କାଠ ବାଡ଼ିରେ ଅଗ୍ରଭାଗରେ ଶକ୍ତ କରି ବିଦ୍ଧ କରାଯାଇଥାଏ । ଏହି ଲୁହା ଅଂଶଟି କମାର ତିଆରି କରେ ଓ ସେଥିରେ ବଣ୍ଡା ବେଣ୍ଟ ଲଗାଏ । ଏହାକୁ ଶୀକାର କରିବା ପାଇଁ ବ୍ୟବହାର କରାଯାଏ ।

(ଡ) ଖଣ୍ଡା (ଖଣ୍ଡା):

ଏହା ପ୍ରାୟ ୨ଫୁଟ ଲମ୍ବର ଲୁହାରେ ଟିକିଏ ବଙ୍କା କରି ତିଆରି କରାଯାଇଥାଏ । ଏହାର ବେଣ୍ଟ ମଧ୍ୟ ସଂପୂର୍ଣ୍ଣ ଲୁହାରେ ନିର୍ମାଣ କରାଯାଇଥାଏ । ଏହାକୁ ଆଗକାଳରେ ଶୀକାର ଉପକରଣ ହିସାବରେ ବ୍ୟବହାର କରାଯାଉଥିଲା । କିନ୍ତୁ ଏବେ ମାତ୍ର ଅଳ୍ପ କେତେକ ବଣ୍ଡାମାନଙ୍କ ଗୃହରେ ଅଦରକାରୀ ଦ୍ରବ୍ୟ ହିସାବରେ ସାଇତି ରଖିଛନ୍ତି ଏଇ ଖଣ୍ଡାକୁ । ବେଣ୍ଟ ବିହୀନ ଅର୍ଦ୍ଧ ଭଗ୍ନ ଏକ ଖଣ୍ଡାକୁ ବଣ୍ଡାମାନେ ମୁହୁଲିପଡ଼ାସ୍ଥିତ ବିରାଟ ବଟବୃକ୍ଷ କୋରଡ଼ରେ ରଖି ପାଟଖଣ୍ଡା ମହାପ୍ରଭୁ ନାମରେ ପୂଜା କରୁଛନ୍ତି । ତେଣୁ କେତେକ ଶିକା (ପୂଜାରୀ ଓ ବୈଦ୍ୟ) ନିଜ ନିଜ ଘରେ ଖଣ୍ଡା ରଖି ପୂଜା କରୁଥିବାର ଦେଖାଯାଏ ।

(ଚ) ଛିଟୁକୁଣୀ (ଗୁଲସା):

ବଣ୍ଡାମାନେ ବ୍ୟବହାର କରୁଥିବା ଚିଟୁକୁଣୀ ଦୁଇ ପ୍ରକାର ଯଥା - ଗୁଲସା ଏବଂ ଉଗବେର । ଗୁଲସା ବାଉଁଶ ବତା ଓ ସିଆଡ଼ି ତନ୍ତୁ କିମ୍ବା ଦରି ସୂତାରେ ତିଆରି କରାଯାଏ । ପ୍ରଥମେ ହାତେ କିମ୍ବା ଦେଢ଼ହାତେ ଲମ୍ବାର ଏକ ପତଳା ବାଉଁଶବତା ନେଇ ଚାଞ୍ଚୁ ଚିକ୍‌ଣ କରାଯାଇଥାଏ । ଧନୁରେ ଗୁଣ ଦେଲାପରି ଏଥିରେ ସୂତା କିମ୍ବା ସିଆଡ଼ି ତନ୍ତୁକୁ ବନ୍ଧି ଦୁଇ ଖୁଅ ବିଶିଷ୍ଟ ଗୁଣ ଲଗାଯାଇଥାଏ । ଧନୁ ଓ ଦୁଇଗୁଣର ମଧ୍ୟଭାଗରେ ଉକ୍ତ ତନ୍ତୁ କିମ୍ବା ସୂତାରେ ଏକ ଗୋଲାକାର ଜାଲ ତିଆରି କରାଯାଇଥାଏ ଓ ଏହାରି ଉପରେ କାଦୁଅ ଗୁଲି କିମ୍ବା ଗୋଡ଼ି ରଖି ଶୀକାରକୁ ଲକ୍ଷ୍ୟକରି ବିନ୍ଧାଯାଏ । ଦ୍ୱିତୀୟ ପ୍ରକାର ଚିଟୁକୁଣୀ (ଉଗବେର) ଟି ଏକ ଦୁଇକେନିଆ କାଠ, ଖଣ୍ଡେ ରବର ଓ ତନ୍ତୁ ବା ସୂତା ଦ୍ୱାରା ତିଆରି କରାଯାଇଥାଏ । ଏହି ଦୁଇ କେନିଆ କାଠର ଦୁଇକେନାରେ ଏକ ଲମ୍ବା ରବର ଖଣ୍ଡକୁ ସୂତା କିମ୍ବା ତନ୍ତୁ ଦ୍ୱାରା ଶକ୍ତ ଭାବରେ ବନ୍ଧାଯାଇଥାଏ ଓ ମଧ୍ୟ ଭାଗରେ ରବରଟି ଲମ୍ବାଥାଏ । ଏହି ଲମ୍ବା ରବର ମଝିରେ ଗୋଡ଼ି କିମ୍ବା କାଦୁଅ ଗୁଲି ରଖି ଖୁବ୍ ଜୋରରେ ଟାଣି ଛାଡ଼ିଦେଲେ ଗୁଳିଟି ଛିଟିକି ପଡ଼େ । ଏହି ଦୁଇ ପ୍ରକାର ଛିଟୁକୁଣୀକୁ ପକ୍ଷୀ ଶିକାର କରିବା ପାଇଁ, ଶସ୍ୟକ୍ଷେତ୍ରରୁ ପଶୁପକ୍ଷୀକୁ ଗୋଡ଼ାଇବା ପାଇଁ କିମ୍ବା ପିଲାମାନେ ଖେଳନା ହିସାବରେ ଏହାକୁ ବ୍ୟବହାର କରିଥାନ୍ତି । ବଣ୍ଡାମାନେ ଉଗବେର ଅପେକ୍ଷା ଗୁଲସା ଅଧିକ ବ୍ୟବହାର କରୁଥିବାର ଦେଖାଯାଏ ।

(ଛ) ଅଠାକାଠି (ସିନିଂ କାଢ଼ି):

ଏହା ଏକ ପାଖରେ ଗଣ୍ଠିଥିବା ଏକ ବାଉଁଶ ନଳ ଓ ଉପର ପାଖଟି ଖୋଲାଥାଏ । ଏଥିମଧ୍ୟରେ ଅଠା ବୋଳାଯାଇଥିବା ସରୁ ବାଉଁଶ କାଠି ରଖାଯାଇଥାଏ ଓ ନଳର

ଉପର ପାର୍ଶ୍ୱରେ ସିଆଡ଼ି ରସି ଫାଶ କରି ଲଗାଯାଇଥାଏ । ଏହାକୁ ପକ୍ଷୀ ଧରିବା ପାଇଁ ବ୍ୟବହାର କରାଯାଏ ।

ପ୍ରଥମେ ମହୁଲଗଛର ରସ/ଖିରକୁ ସଂଗ୍ରହ କରି ସେଥିରେ କୁସୁମତେଲ ମିଶାଇ ରାନ୍ଧି ଅଠାଳିଆ କରାଯାଏ । ମହୁଲ ଗଛ ଅଠା ବ୍ୟତୀତ ଜାମୁ ଗଛ ଅଠା ଓ ଅନ୍ୟାନ୍ୟ କେତେକ ଜଙ୍ଗଲି ଗଛର ଅଠାକୁ ମଧ୍ୟ ବ୍ୟବହାର କରାଯାଏ । ବାଉଁଶ କାଠିକୁ ସରୁସରୁ କରି ଚିରି ଗୋଟିଏ ପାଖକୁ ଗୋଜିଆ କରାଯାଇଥାଏ । ଅଠା ପ୍ରସ୍ତୁତ ପରେ ଏହି କାଠିର ଗୋଜିଆ ଅଂଶକୁ ଛାଡ଼ି ସଂପୂର୍ଣ୍ଣ ଭାବରେ ଅଠା ବୋଳି ଦେଇ ବାଉଁଶ ନଳରେ ଭର୍ତ୍ତି କରି ରଖାଯାଇଥାଏ ।

ପକ୍ଷୀ ଶୀକାର ପାଇଁ ଏହା ଏକ ସୁନ୍ଦର ଉପାୟ । ବଣ୍ଟାମାନେ ଚଢ଼େଇମାନଙ୍କର ଗତିବିଧି ଲକ୍ଷ୍ୟ କରି ସେମାନେ ବସୁଥିବା ଗଛଡ଼ାଳ କିମ୍ବା ପତ୍ରମାନଙ୍କରେ ଏହି ଅଠା କାଠିକୁ ପୋତିଦେଇଥାନ୍ତି । ପକ୍ଷୀମାନେ ଏହି କାଠି ଉପରେ ବା ପାଖରେ ବସିଲେ ଏହି କାଠିଗୁଡ଼ିକ ଚଢ଼େଇର ଡେଣାରେ ଲାଗିଯାଏ । ଫଳତଃ ଚଢ଼େଇଟି ଉଡ଼ି ନ ପାରି ତଳେ ପଡ଼ିଯାଏ ଓ ବଣ୍ଟା ଏହାକୁ ଧରି ମାଂସ କରି ଖାଇଥାଏ ।

(ଜ) ଚଢ଼େଇ ଧରିବା ଫାସ (କୁଜା):

ଏହାକୁ ଚଢ଼େଇ କିମ୍ବା କୁକୁଡ଼ା ଧରିବା ପାଇଁ ବ୍ୟବହାର କରାଯାଏ । ଏହା ବାଉଁଶ ପାତିଅ, ମୁର୍ଗା ଡଣ୍ଟୁରୁ ନିର୍ମିତ ସୂତା ଓ ସଲପ ସୂତାରୁ ଏହି କୁଜା ବଣ୍ଟା ନିଜେ ତିଆରି କରିଥାଏ । ଏହି ଫାସରେ ୨୦-୩୦ଟି କୁଜା ତିଆରି କରାଯାଇଥାଏ । ପ୍ରଥମେ ମୁର୍ଗା ଡ଼ୋରି ଦ୍ୱାରା ଅର୍ଦ୍ଧଚନ୍ଦ୍ରାକାର ବାଉଁଶ ପାତିଆକୁ ତଳଭାଗରେ ଗୋଟାଏ ପରେ ଗୋଟାକୁ ଛନ୍ଦି ଦିଆଯାଇଥାଏ । ତା'ପରେ ମୁର୍ଗାଡ଼ୋରୀକୁ ପ୍ରଥମେ କୁଜା ଠାରୁ ଗୋଟି ଗୋଟି ଠିକିରି ଆକାର କରି ଏପଟ ସେପଟ ଛନ୍ଦାଛନ୍ଦି କରି ଶେଷ ପର୍ଯ୍ୟନ୍ତ ଲଗାଯାଇଥାଏ । ତା'ପରେ କୁଜାର ଉପରଭାଗରେ ସଲପଗଛର ଶକ୍ତ ସୂତାରେ ବଳୟ ଆକାର ଫାସ କରି ମଝିରେ ମଝିରେ ଝୁଲାଇ ଦିଆଯାଇଥାଏ ।

ଏହାକୁ ବଣ କୁକୁଡ଼ା କିମ୍ବା ଚଢ଼େଇମାନେ ଚାଲି ଚାଲି ଯାଉଥିବା ସ୍ଥାନମାନଙ୍କରେ ସିଧା କରି ପୋତି ଦିଆଯାଇଥାଏ । ଚଢ଼େଇ କିମ୍ବା କୁକୁଡ଼ାମାନେ ଯିବା ଆସିବା କଲାବେଳେ ଯଦି ବଳୟ ମଧ୍ୟରେ ଗୋଡ଼ କିମ୍ବା ବେକ ପଶିଯାଏ ତେବେ ବଳୟଟି ଟାଣି ହୋଇ ଆପେ ଆପେ ସଂକୁଚିତ ହୋଇ ଚଢ଼େଇର ଗୋଡ଼ କିମ୍ବା ବେକରେ ଉଡ଼ି

ହୋଇଯାଏ । ଫଳରେ ପକ୍ଷୀଟି ସେଥିରୁ ମୁକ୍ତି ପାଇପାରେ ନାହିଁ । ବେଳେବେଳେ ମଧ୍ୟ ଏହି ଫାସରେ ଠେକୁଆ ଓ କୁଟୁରା ଅଟକି ଯାଇଥାନ୍ତି ।

(ଝ) ମୂଷା ଧରିବା ଯନ୍ତ୍ର (ଟୁନରକୁମ)

ଏହା ବାଉଁଶ ଓ ସିଆଡ଼ି ଦଉଡ଼ିରେ ତିଆରି ହୋଇଥାଏ । ଖଣ୍ଡିଏ ଚାରି ହାତିଆ ବାଉଁଶକୁ ଆଣି ଏହାର ଗଣ୍ଠିଥିବା ପଟରୁ ହାତେ ଛାଡ଼ି ଗଣ୍ଠିର ଅପର ପାର୍ଶ୍ୱରୁ ବାଉଁଶଟିକୁ ଆଠଫାଳ କରି ଚିରି ଦିଆଯାଏ । ଏହାକୁ ସିଆଡ଼ି ଦଉଡ଼ି ଦ୍ୱାରା ବନ୍ଧାଯାଏ । ଏହା ଭିତରେ ଖାଦ୍ୟ ରଖି ମୂଷା ରାସ୍ତାରେ ରଖିଦେଲେ ମୂଷା ଖାଦ୍ୟ ଖାଇବା ପାଇଁ ଏହା ଭିତରେ ପଶେ କିନ୍ତୁ ଫେରିପାରେ ନାହିଁ ।

ଏ ସମସ୍ତ ଶୀକାର ଉପକରଣ ବ୍ୟତୀତ ବଡ଼ ବଡ଼ ଜନ୍ତୁ ଯଥା ବାଘ, ବାରହା, ଗୟଳ ଓ ସମ୍ବରମାନଙ୍କୁ ମାରିବା ପାଇଁ ବଣ୍ଡା ତା'ର ପାରମ୍ପରିକ ବୈଷୟିକ ବିଦ୍ୟାର ପ୍ରୟୋଗ କରିଥାଏ । ବଡ଼ ବଡ଼ କାଠଗଣ୍ଡି, ପଥର ଇତ୍ୟାଦି ବ୍ୟବହାର କରି ଯନ୍ତ୍ର ନିର୍ମାଣ କରିଥାଏ । ଏତଦ୍‌ବ୍ୟତୀତ ଗଛରୁ ଛୋଟ ମୂଷା, ମହୁମାଛି, ଗୁଣ୍ଡୁରି ଚଢ଼େଇ, ମୟୁର, ଝିଙ୍କ ଇତ୍ୟାଦିକୁ ଶୀକାର କରିବା ପାଇଁ ସ୍ୱତନ୍ତ୍ର କୌଶଳମାନ ରହିଅଛି ।

୨. ମାଛ ଧରିବା ଉପକରଣ:

ବଣ୍ଡାମାନେ ସାଧାରଣତଃ ଝରଣା (ଜୁଜରଡ଼ା), ନାଳ (ପାରଗ), କିମ୍ବା ନଦୀ (ନଇ)ରୁ ମାଛ ଧରିଥାନ୍ତି । ପୋଖରୀ ବଣ୍ଡା ଅଞ୍ଚଳରେ ନଥାଏ କିନ୍ତୁ ଗାଡ଼ିଆଥାଏ । ଏ ସମସ୍ତ ଜଳ ଉତ୍ସରୁ ଉଭୟ ସ୍ତ୍ରୀ ପୁରୁଷ ମାଛ ଧରିଥାନ୍ତି । କିନ୍ତୁ ସାଧାରଣ ଭାବରେ ମାଛ ଧରିବା ନାରୀମାନଙ୍କର କାର୍ଯ୍ୟ । ମାଛ ଧରିବା ପାଇଁ ସେମାନେ ବିଭିନ୍ନ ପ୍ରକାର ଜାଲ ଓ ବାଉଁଶର ତିଆରି ଉପକରଣ ବ୍ୟବହାର କରିଥାନ୍ତି । ମାଛ ଧରିବା ପାଇଁ ବ୍ୟବହାର କରୁଥିବା ଉପକରଣଗୁଡ଼ିକର ନାମ:- ଜିରା, ଡୁଙ୍ଗର, ବିସର, ଲାଙ୍ଗାମୁ, ଗିନାୟା, ଲେସିଙ୍ଗ (ମାଛ ରଖିବା ମୁଣା) ଟୋକାଜାଲ ଇତ୍ୟାଦି ପ୍ରଧାନ । ଫିଙ୍ଗାଜାଲର ବ୍ୟବହାର ପ୍ରାୟ ଏମାନେ ଜାଣନ୍ତି ନାହିଁ ।

(ଜ) ଜିରା:

ମାଛ ଧରିବା ପାଇଁ ସ୍ତ୍ରୀ ଲୋକମାନେ ଏହାକୁ ବ୍ୟବହାର କରିଥାନ୍ତି । ଛୋଟଛୋଟ ବଣ୍ଡା ପିଲାମାନେ ମଧ୍ୟ ଏଥିରେ ମାଛ ଧରୁଥିବାର ଦେଖାଯାଏ । ଜିରାର ଲମ୍ବ ପ୍ରାୟ

୪୪ ଆଙ୍ଗୁଳି ଓ ପ୍ରସ୍ଥ ପ୍ରାୟ ୨୮ ଆଙ୍ଗୁଳି । ଲମ୍ବ ଅଧିକ ହେଲେ ମଧ୍ୟ ଭଲ କାରଣ ଅଧିକ ମାଛ ଧରିପାରିବ । କିନ୍ତୁ ଏହାର ପ୍ରସ୍ଥ ୨୮-୩୦ ଆଙ୍ଗୁଳିଠାରୁ ଅଧିକ ହେଲେ ମାଛ ଧରିବାକୁ ଓ ନେବା ଆଣିବା କରିବାକୁ ଅସୁବିଧା ହୋଇଥାଏ ।

ପ୍ରଥମେ ବାଉଁଶ ଆଣି ତାକୁ ଚିରି ସରୁସରୁ କାଠି ତିଆରି କରାଯାଏ । କାଠିଗୁଡ଼ିକୁ ପଲିସ୍ କରାଗଲା ପରେ ଏହାକୁ ସିଆଡ଼ି ଦଉଡ଼ି ସାହାଯ୍ୟରେ ବୁଣାଯାଇଥାଏ । ଏହାର ୨ଟି କୋଣଥାଏ ଓ ମଝି ଅଂଶଟି ଓସାରିଆ ହୋଇଥାଏ । ବୁଣା ସରିଲାପରେ ମୁହଁକୁ ମୋଟା ବାଉଁଶ ପାତିଆ ଦେଇ ଶକ୍ତ କରି ବନ୍ଧାଯାଇଥାଏ । ଏହି ଜିରାକୁ ଚଳନ୍ତାପାଣିରେ କିମ୍ବା ସ୍ଥିର ପାଣିରେ ସ୍ଥିର ଭାବେ କେତେଜଣ ଧରି ଠିଆହୁଅନ୍ତି । ସମ୍ମୁଖ ପଟରୁ ଅନ୍ୟମାନେ ପାଣିକୁ ଗୋଳାଇ ମାଛକୁ ଗୋଡ଼ାଇ ନେଇଆସନ୍ତି । ମାଛ ପଡ଼ିଲେ ତାକୁ ପାଣିରୁ ଉଠାଇ ମାଛ ନେଇ ବାଉଁଶ ମୁଣା (ଲେସିଙ୍ଗ)ରେ ରଖନ୍ତି ।

(ଖ) ଟେକାଜାଲ:

ଟେକାଜାଲ ତିଆରି କରିବା ପାଇଁ ଆବଶ୍ୟକ ୧୦ ହାତ ଲମ୍ବର ଏକ ମୋଟା ଦଣ୍ଡ । ୬ ହାତ ବିଶିଷ୍ଟ ଦୁଇଟି ସରୁ ଦଣ୍ଡା ଓ ୩ ହାତ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ ସୂତା ନିର୍ମିତ ଏକ ଜାଲ । ଏହାକୁ ତିଆରି କରିବା ପାଇଁ ପ୍ରଥମେ ମୁଖ୍ୟ ଦଣ୍ଡାର ଉପରଭାଗରୁ ହାତେ ବ୍ୟବଧାନ ଛାଡ଼ି ସରୁବାଉଁଶ ଦୁଇଟିକୁ ଛକ କରି ସିଆଡ଼ି ଦଉଡ଼ି ସାହାଯ୍ୟରେ ମୁଖ୍ୟ ଦଣ୍ଡା ସହ ସଂଯୋଗ କରାଯାଏ । ସରୁଦଣ୍ଡାର ତାଳଭାଗ ଅଗ୍ରରେ ଜାଲର ଚାରିକୋଣରୁ ବାନ୍ଧିଦିଆଯାଏ । ମୁଖ୍ୟଦଣ୍ଡାର ଉପରେ ଦଉଡ଼ିଟି ଏପରି ଭାବରେ ବନ୍ଧା ହୋଇଥାଏ ଯେ ସରୁଦଣ୍ଡାଗୁଡିକ ଅନ୍ୟାୟସରେ ତଳୁ ଉପର ହୋଇପାରିବ । ମୁଖ୍ୟ ଦଣ୍ଡାର ଅଗ୍ରଭାଗରୁ ଏକ ଦଉଡ଼ି ମାଛ ଧରାଳି ପର୍ଯ୍ୟନ୍ତ ଲମ୍ବିଥାଏ ।

ଏହାକୁ କେବଳ ବଣ୍ଡା ପୁରୁଷମାନେ ମାଛ ଧରିବା ପାଇଁ ବ୍ୟବହାର କରିଥାନ୍ତି । ଅଧିକ ପାଣିଥିବା ସ୍ଥାନରେ ମଞ୍ଚାଜରି କିମ୍ବା ଜଳଉସର କୂଳରେ ବସି ଜାଲକୁ ପାଣିରେ ପକାଯାଇଥାଏ । ମଝିରେ ମଝିରେ ଦଉଡ଼ିକୁ ଟାଣି ଜାଲକୁ ଟେକାଯାଏ । ଜାଲଟି ମାଛଧରାଳିର ନିକଟକୁ ଆସିଗଲା ପରେ ସେଥିରେ ଥିବା ମାଛକୁ ସଂଗ୍ରହ କରାଯାଏ । ଏହାକୁ ହାଟ ବଜାରରୁ କିମ୍ବା ସ୍ଥାନୀୟ ଉତ୍ପାଦକଙ୍କ ଠାରୁ କିଣାଯାଇଥାଏ ।

(ଗ) ପୋହଳ :

ପୋହଳ ଏକ ମାଛ ଧରାଯନ୍ତ୍ର । ଏହା ବାଉଁଶ କାଠି ଓ ସିଆଡ଼ି ନଈରେ ତିଆରି ହୋଇଥାଏ । ଏଥିରେ ମୋଟା ବାଉଁଶ କାଠିକୁ ଚାଞ୍ଚ ପାଲିସ କରାଯାଏ ଓ ତାକୁ ଚାପିଣିବତା ଦେଇ ସିଆଡ଼ି ଦଉଡ଼ିରେ ବାନ୍ଧି ଏହି ଉପକରଣ ତିଆରି କରାଯାଏ । ଏହାର ତଳପାର୍ଶ୍ୱଟି ସଂପୂର୍ଣ୍ଣ ଖୋଲାଥାଏ ଓ ଉପର ପାର୍ଶ୍ୱଟି ବନ୍ଦଥାଏ ଏବଂ ଏହାର ଉପରପାର୍ଶ୍ୱ ମଝିରେ ଗୋଟିଏ କଣା କରାଯାଇଥାଏ । ମାଛ ଧରାଳି ଏହାକୁ ପାଣିରେ ମାଡ଼ି ଦେଇ ଉପରପଟ କଣା ମଧ୍ୟଦେଇ ହାତଉର୍ଦ୍ଧ୍ୱକରି ମାଛ ଅଣ୍ଡାଳି ଧରିଥାଏ । ଏହାକୁ ବାରମ୍ବାର ଗୋଟିଏ ସ୍ଥାନରୁ ଉଠାଇ ଅନ୍ୟସ୍ଥାନରେ ପକାଇ ମାଛ ଧରାଯାଏ । ଏହାକୁ ମୁଖ୍ୟତଃ ପୁରୁଷମାନେ ମାଛଧରିବା ସମୟରେ ବ୍ୟବହାର କରିଥାନ୍ତି ।

(ଘ) ଖିନାୟା :

ଏହା କେବଳ ବାଉଁଶ ଓ ସିଆଡ଼ି ଦଉଡ଼ିରେ ନିର୍ମାଣ କରାଯାଇଥାଏ । ଏହା ଏକ ଚଟକା ପାଛିଆ । ଏହାର ଚାରୋଟି କୋଣଥାଏ ଓ ଛଅ ଆଙ୍ଗୁଳି ଉପରକୁ ଉଠିଥାଏ । ପ୍ରଥମେ ବାଉଁଶ ଚିରି ସରୁସରୁ ପାତିଆ ତିଆରି କରାଯାଏ । ପାତିଆକୁ ପାତିଆ ଛନ୍ଦି ଫାଙ୍କା କରି ବୁଣାଯାଇଥାଏ । ପ୍ରଥମେ ଆସନ ପରି ଦୈର୍ଘ୍ୟ ପ୍ରସ୍ଥ ଏକାହାତ ଲେଖାଏଁ ହୋଇଗଲା ପରେ ଏହାର କୋଣ ଭାଙ୍ଗି ଉପରକୁ ପ୍ରାୟ ୬ ଆଙ୍ଗୁଳି ବୁଣାଯାଏ । ଶେଷର ମୁହଁରେ ମୋଟା ବାଉଁଶପାତିଆର ମୁଣ୍ଡୁଚିକୁ ସିଆଡ଼ି ଦଉଡ଼ି ସାହାଯ୍ୟରେ ବନ୍ଧାଯାଇଥାଏ ।

ଏହାକୁ ପାଣିରେ ଉସାଇ ମାଛ ଧରାଯାଏ । ମୁଖ୍ୟତଃ ସ୍ତ୍ରୀ ଲୋକମାନେ ଏଥିରେ ମାଛ ଧରିଥାନ୍ତି । ଏହା ହାଟବଜାର କିମ୍ବା ସ୍ଥାନୀୟ (ଡମ୍ବମାନଙ୍କ ଠାରୁ କିଣିଥାନ୍ତି ।

(ଡ) ଲାନ୍ତାମୁ:

ଏହା ମଧ୍ୟ ବାଉଁଶ ପାତିଆରେ ନିର୍ମିତ ଏକ ଟୋକେଇ । ଏହା ଚାରିକୋଣି ହୋଇଥାଏ ଓ ଖୁବ୍ ଗହିରିଆ ମଧ୍ୟ । ତେଣୁ ଯେତେବେଳେ ଛୋଟ ଛୋଟ ଗାଡ଼ିଆ କିମ୍ବା ଚଳନ୍ତା ପାଣିକୁ ବନ୍ଧ ପକାଇ ଉକ୍ତ ପାଣିକୁ ବୋହି ଶୁଖାର ମାଛ ଧରିବାକୁ ପଡ଼ିଥାଏ ସେତେବେଳେ ଏହି ଲାନ୍ତାମୁର ଆବଶ୍ୟକ ପଡ଼େ । ଗାଡ଼ିଆ କିମ୍ବା ଆବଦ୍ଧ ଜଳକୁ ଏହି ଲାନ୍ତାମୁ ସାହାଯ୍ୟରେ ବାହାରକୁ ଛାଟି ପାଣି ଶୁଖାଯାଇଥାଏ । ପାଣି ଶୁଖିଗଲା ପରେ ମାଛ ଧରାଯାଏ ।

(ଚ) ବିସର :

ଏହାକୁ ଓଡ଼ିଆରେ ଖଇଞ୍ଜି କୁହାଯାଏ । ଏହା ସରୁ ବାଉଁଶ କାଠି ଓ ସିଆଡ଼ି ଦଉଡ଼ି ଦ୍ୱାରା ତିଆରି କରାଯାଇଥାଏ । ବାଉଁଶ କାଠିକୁ ସରୁସରୁ କରି ତାକୁ ସିଆଡ଼ି ତନ୍ତୁ ଦ୍ୱାରା ବୁଣାଯାଏ । ଉପର ପାର୍ଶ୍ୱଟି ଖୋଲାଥାଏ ଓ ତଳ ପାର୍ଶ୍ୱର ସମସ୍ତ କାଠିକୁ ଏକତ୍ର କରି ବାନ୍ଧି ଦିଆଯାଇଥାଏ । ବିସର ମୁହଁରୁ ଭିତରକୁ ଏପରି ଏକ ପାଉଲି କରାଯାଇଥାଏ ଯେ ମାଛମାନେ ଭିତରକୁ ଗଲେ ବାହାରକୁ ଆସିପାରନ୍ତି ନାହିଁ । ବିସର ଚଳନ୍ତା ପାଣିରେ ବସାଯାଇଥାଏ । ମାଛମାନେ ପାଣିସୁଅରେ ବିସର ଭିତରକୁ ପ୍ରବେଶ କରିଥାନ୍ତି ।

(ଛ) ଡୁଣ୍ଡର :

ଏହା ବାକ୍‌ସ ପରି ଏକ ବାଉଁଶ ନିର୍ମିତ ମାଛ ଧରିବା ଯନ୍ତ୍ର । ସରୁ ବାଉଁଶ କାଠିକୁ ସୂତାରେ ଗୁନ୍ଥି ପରେ ବାକ୍‌ସ ପରି କରାଯାଇଥାଏ ଓ ମାଛ ପଶିବା ପାଇଁ ଛୋଟ କଣା କେତୋଟି କରାଯାଇଥାଏ । ମାଛମାନେ ଭିତରକୁ ଗଲେ ଆଉ ଫେରିପାରନ୍ତି ନାହିଁ । ଏହାକୁ ମୁଖ୍ୟତଃ ଚଳନ୍ତା ପାଣିରେ ବସାଯାଇ ମାଛ ଧରାଯାଇଥାଏ ।

(ଜ) ଲେସିଙ୍ଗ :

ବାଉଁଶ ପାତରେ ତିଆରି କରାଯାଇଥିବା ଏକ ମୁଣା ଏଥିରେ ମାଛ ଧରି ସଂଗ୍ରହ କରାଯାଇଥାଏ । ଏହାକୁ ସ୍ତ୍ରୀ ଲୋକମାନେ ଅଣ୍ଟାରେ ଓହଳାଇ ମାଛ ଧରିଥାନ୍ତି । ମାଛ ଧରି ଏଥିରେ ସଂଗ୍ରହ କରିଥାନ୍ତି । ଲେସିଙ୍ଗ ତିଆରି କରିବା ପାଇଁ ବାଉଁଶକୁ ଚିରି ସରୁ ସରୁ ପାତିଆ ତିଆରି କରାଯାଇଥାଏ । ପାତିଆକୁ ଛନ୍ଦାଛନ୍ଦି କରି ଏହାକୁ ବୁଣାଯାଇଥାଏ । ଲେସିଙ୍ଗ ଗୋଲାକାର କିମ୍ବା ଚାରିକୋଣିଆ ହୋଇପାରେ । ଲେସିଙ୍ଗରେ ଗଣ୍ଠିଟି ପ୍ରାୟ ୧ ଚାଖଣ୍ଡ ହୋଇଗଲାପରେ ଏହାକୁ ଚାପି ଏହାର ବେକ କରାଯାଇଥାଏ ଓ ଶେଷରେ ଅଧିକ ଚଉଡ଼ା କରି ମୁହଁ ତିଆରି କରାଯାଇଥାଏ । ଲେସିଙ୍ଗର ଲମ୍ବ ଏକ ଚାଖଣ୍ଡ ଚଉଡ଼ା ୬-୭ ଆଙ୍ଗୁଳି, ବେକର ପ୍ରସ୍ଥ ୪-୫ ଆଙ୍ଗୁଳି ଓ ମୁହଁର ଓସାର ୧୦ ଆଙ୍ଗୁଳି କରାଯାଇଥାଏ । ପୁରୁଷମାନେ, ଟିକିଏ ବଡ଼ ଆକାରର ଲେସିଙ୍ଗ ବ୍ୟବହାର କରିଥାନ୍ତି । ଏହାକୁ ବଣ୍ଡା ନିଜେ ତିଆରି କରିପାରେ କିମ୍ବା ହାଟ ବଜାରରୁ କିଣିଥାଏ ।

୩. କୃଷି ଉପକରଣ :

ବଣ୍ଡାମାନଙ୍କର ମୁଖ୍ୟ ଜୀବିକା ହେଉଛି କୃଷି । ଡଙ୍ଗର ସଫାକରି ପୋଡୁଚାଷ କରିବା ପାଇଁ ବଣ୍ଡାମାନେ ସୁପ୍ରସିଦ୍ଧ । ପୋଡୁଚାଷ ବ୍ୟତୀତ ବଣ୍ଡାମାନେ ପଦା ଜମି

ଚାଷ, ତଳିଆ ଜମି ବା ପାଣି ଜମି ଚାଷ ଓ ପନିପରିବା ବଗିଚା ଚାଷ କରିଥାନ୍ତି । ଉକ୍ତ ସମସ୍ତ ପ୍ରକାର ଚାଷ କରିବା ପାଇଁ ବ୍ୟବହୃତ ଉପକରଣଗୁଡ଼ିକର ନାମ ହେଉଛି ହଳ (ସିନେ), ଯୁଆଳୀ (ଯୁଁନଙ୍ଗ), ମହି (ନାର), କୋଦାଳ (ଯୁଁସଙ୍ଗ), ଶାବଳ (ମୁର), ପିକଏକ୍ସ (ପିକାସି), ଦଉଡ଼ି,(ଗିଗେ), ଘାଗଡ଼ା (ଖୁଙ୍ଗା), ଟାଙ୍ଗିଆ, (ଟାଙ୍ଗିଆ), ଦାଆ,(ଅରୟ), ଶିକା (ଉଙ୍ଗ), ପତ୍ରଛତା (ସୁଣ୍ଡୁର), ପତର ନିର୍ମିତ ବର୍ଷାତି (ସାଲାପ) ଇତ୍ୟାଦି ପ୍ରଧାନ । ଏମାନଙ୍କ ବିଷୟରେ ନିମ୍ନରେ ବର୍ଣ୍ଣନ କରାଯାଇଛି ।

(କ) ଲଙ୍ଗଳ (ସିନେ) ଜୁଆଳୀ (ଯୁଁନଙ୍ଗ)

ଲଙ୍ଗଳକୁ ରେମୋ ଭାବରେ ସିନେ କୁହାଯାଏ । ଏହା ଦୁଇଖଣ୍ଡ କାଠ ଓ ଖଣ୍ଡିଆ ଲୁହାରେ ତିଆରି କରାଯାଇଥାଏ । ଲଙ୍ଗଳର ପୃଷ୍ଠଭୂମି ଓ ଜଣ୍ଟି ଗୋଟିଏ କାଠରେ ତିଆରି କରାଯାଇଥାଏ । ଲଙ୍ଗଳର ପୃଷ୍ଠଭୂମିର ମଧ୍ୟଭାଗରେ ରନ୍ଧ୍ରକରି ଏକ ଇଶ ଲଗାଯାଇଥାଏ । ପୃଷ୍ଠଭୂମିର ସମ୍ମୁଖରେ ମାଟି କର୍ଷଣ କରିବା ପାଇଁ ଏକ ଲୁହାଫାଳ (ସିନେ ଲାନ) ଲଗାଯାଇଥାଏ ।

ଜୁଆଳିକୁ ଯୁଁନଙ୍ଗ କୁହାଯାଏ । ଏହା ଗୋଟିଏ ସିଧା କାଠରେ ତିଆରି ହୋଇଥାଏ । ଏହାର ଦୈର୍ଘ୍ୟ ପ୍ରାୟ ୫ ଫୁଟ୍ ହେବ । ଉଭୟ ପାର୍ଶ୍ୱରୁ ୧ ଫୁଟ୍ ଲେଖାଁଏ ଛାଡ଼ି ରନ୍ଧ୍ରକରି ଏଥିରେ ବଡ଼ କିଳାମାନ ଲଗାଯାଇଥାଏ । ଏହି କିଣାର ବାହାର ପାର୍ଶ୍ୱରେ ବଳଦକୁ ଯୋଡ଼ା ଯାଇଥାଏ । ଜୁଆଳୀର ଠିକ୍ ମଧ୍ୟ ଭାଗରେ ପ୍ରାୟ ୬ ଆଙ୍ଗୁଳି ଛାଡ଼ି ଏ ପାଖ ସେପାଖରେ ଛୋଟ ଛୋଟ ଦୁଇଟି କିଳା ମରାଯାଇଥାଏ । ଏହାର ମଧ୍ୟଭାଗରେ ଦୁଆଳୀକୁ ଯୋଡ଼ାଯାଇଥାଏ । ବଣ୍ଡା ନିଜେ ଲଙ୍ଗଳ ଓ ଜଗୁଆଳୀ ତିଆରି କରିଥାଏ । ଏହି ଲଙ୍ଗଳ ଓ ଯୁଆଳୀ ସାହାଯ୍ୟରେ ପଦାଜମି (ରାଙ୍ଗସଙ୍ଗ), ପାଣିଜମି (ଲିଉଁ) ଓ ପନିପରିବା ବଗିଚା (ଡ଼ିଙ୍ଗିଆବୁର) ଚାଷ କରାଯାଇଥାଏ । ଲଙ୍ଗଳକୁ ଟାଣିବା ପାଇଁ ୨ଟି ବଳଦ କିମ୍ବା ଗାଈ ବ୍ୟବହାର କରାଯାଇଥାଏ ।

(ଖ) ମହି (ନାର୍)

ଏହା ଖଣ୍ଡିଏ ପଟା ଓ ଗୋଟିଏ ଲମ୍ବା ଦଣ୍ଡା ଦ୍ୱାରା ନିର୍ମାଣ କରାଯାଇଥାଏ । ପଟାଟିର ଲମ୍ବ ପ୍ରାୟ ୪ ଫୁଟ୍ ଓ ଓସାର ପ୍ରାୟ ୬ ଇଞ୍ଚ ହୋଇଥାଏ । ପଟାଟି ସାମାନ୍ୟ ବକ୍ର ହୋଇଥାଏ । ଏହାର ମଧ୍ୟଭାଗରେ ରନ୍ଧ୍ରକରି ଏକ ଲମ୍ବା ଦଣ୍ଡା ଖଞ୍ଜା ହୋଇଥାଏ । ହଳ କରାଯାଏ କାଦୁଅ କରାଯାଇଥିବା ଜମିକୁ ଏହି ମହି ଦ୍ୱାରା ସମାନ କରାଯାଏ ।

ମହି ଦେଲାବେଳେ ଦୁଇ ବଳଦଙ୍କ କାନ୍ଧରେ ପଡ଼ିଥିବା ଜୁଆଳୀର ମଧ୍ୟଭାଗରେ ନାର୍‌ର ଉଶକୁ ଯୋଡ଼ା ଯାଇଥାଏ ଓ ଜୁଆଳୀ ମଧ୍ୟଭାଗକୁ ମହି ଦେଉଥିବା ପର୍ଯ୍ୟନ୍ତ ଏହା ଲମ୍ବିଥାଏ । ହଳୁଆ ମହିକୁ ଅଗ୍ରଭାଗରେ ଜେନାଥିବା ଏକ ବାଡ଼ି ସାହାଯ୍ୟରେ ଚାପ ପ୍ରୟୋଗ କରିଥାଏ । ଜୁଆଳୀରୁ ଲମ୍ବିଥିବା ଦଉଡ଼ିକୁ ଏହି ବାଡ଼ିର ଉପର ପାର୍ଶ୍ୱରେ ବନ୍ଧାଯାଇଥାଏ । ଏହାକୁ ବଣ୍ଡାମାନେ ନିଜେ ତିଆରି କରିପାରନ୍ତି ।

(ଗ) ଘାଗଡ଼ା (ଖୁଙ୍ଗା)

ଏହା କଟୁରୀ ପରି ଏକ ଯନ୍ତ୍ର । ଏହା ବାଉଁଶ କିମ୍ବା କାଠ ଓ ଲୁହାରେ ନିର୍ମିତ । ଖୁଙ୍ଗା ଦୁଇପ୍ରକାର ଦେଖାଯାଏ । ପ୍ରଥମ ପ୍ରକାର ଶୃଙ୍ଗାରେ ପ୍ରାୟ ୬-୮ ଇଞ୍ଚ ଉଚ୍ଚ ଲମ୍ବର ସାମାନ୍ୟ ବକ୍ର ହୋଇଥିବା ମୋଟା ଲୁହା ଛୁରୀ ଲାଗିଥାଏ । ଅଗ୍ରଭାଗ ଆଡ଼କୁ ଛୁରୀଟି ଆସ୍ତେ ଆସ୍ତେ ଅଣଓସାରିଆ ଓ ପତଳା ହୋଇଥାଏ । ବଙ୍କା ହୋଇଥିବା ଲୁହାର ଭିତର ପାର୍ଶ୍ୱରେ ଧାର କରାଯାଇଥାଏ । ଏହି ଲୁହା ଖଣ୍ଡକୁ ପ୍ରାୟ ୩ ଫୁଟ୍ ଲମ୍ବର ଏକ କାଠ କିମ୍ବା ବାଉଁଶ ବାଡ଼ିର ଅଗ୍ରଭାଗରେ ଲଗାଯାଇଥାଏ ।

ଦ୍ୱିତୀୟ ପ୍ରକାର ଘାଗଡ଼ାଟି ଲମ୍ବା ହୋଇଥାଏ । ଲୁହା ନିର୍ମିତ ଛୁରୀଟି ପ୍ରାୟ ଦେଢ଼ଫୁଟ୍ ଲମ୍ବ, ଦୁଇ ଇଞ୍ଚ ଓସାର ଓ ପ୍ରାୟ ଅଧାସେଣ୍ଟିମିଟର ମୋଟା ହୋଇଥାଏ । ଏହି ଛୁରୀଟି ସିଧା ହୋଇଥାଏ ଓ ଅଗ୍ରଭାଗଟି ସାମାନ୍ୟ ବଙ୍କା ହୋଇଥାଏ । ଏହାର କାଠ ନିର୍ମିତ ବେଣ୍ଟଟି ପ୍ରାୟ ୬ ଇଞ୍ଚ ଲମ୍ବର ହୋଇଥାଏ । ଖୁଙ୍ଗାର ଲୁହା ଅଂଶଟି କମାର ନିର୍ମାଣ କରିଥାଏ । ଏହି ଖୁଙ୍ଗା ସାଧାରଣତଃ ପୋତୁଚାଷ ପାଇଁ ବ୍ୟବହାର କରାଯାଇଥାଏ । ପୋତୁଚାଷ ଜମି ନିର୍ମାଣ ପାଇଁ ଜଙ୍ଗଲ କାଟିଲାବେଳେ ଛୋଟ ଛୋଟ ଗଛ ଡ଼ାଳ, ଘାସ, ବୁଦା ଇତ୍ୟାଦି କାଟିବା, ବିଭିନ୍ନ କାର୍ଯ୍ୟ ପାଇଁ ଡ଼ାଳ, ଘାସ, ବୁଦା ଇତ୍ୟାଦି କାଟିବା ପାଇଁ ଏହି ଖୁଙ୍ଗା ବ୍ୟବହାର କରାଯାଇଥାଏ ।

(ଘ) କୋଦାଳ (ଝୁଁସଙ୍ଗ)

ଓସାରିଆ ଲୁହାପାତରେ କମାର କୋଦାଳ ତିଆରି କରିଥାଏ । ଏହାର ଗୋଟିଏ ପାର୍ଶ୍ୱରେ ବେଣ୍ଟ ଲାଗିବା ପାଇଁ ଏକ ବଳା (ଗାତ) କରାଯାଇଥାଏ । ଏହି ବଳାର ଅପରପାର୍ଶ୍ୱ ପାତର ଅଗ୍ରଭାଗକୁ ଶାଣ ଦେଇ ଧାର କରାଯାଇଥାଏ । ଏଥିରେ କାଠର ବେଣ୍ଟ ଲଗାଯାଇଥାଏ । ଦ୍ୱିତୀୟ ପ୍ରକାର କୋଦାଳଟି ବହୁ ପୁରୁଣା ପ୍ରକାରର ଅଟେ ।

ଏଥିରେ କଣା ବଦଳରେ ଏକ ଲୁହାର ଗୋଜିଆ ଅଂଶ ବାହାରିଥାଏ ଏବଂ ଏହି ଗୋଜିଆ ଅଂଶକୁ ବେଣ୍ଟରେ ଗୋଟିଏ ପାର୍ଶ୍ୱରେ କଣା କରି ଏହି ଗୋଜିଆ ଅଂଶକୁ ସେଥିରେ ଭର୍ତ୍ତି କରି ଦିଆଯାଏ । ଏହି ପ୍ରକାର କୋଦାଳ ବିରଳ ପ୍ରାୟ । ଏହି କୋଦାଳ ଦ୍ୱୟକୁ ସମସ୍ତ ପ୍ରକାର ଚାଷ କାର୍ଯ୍ୟରେ ବ୍ୟବହାର କରାଯାଏ । ପୋଡୁଜମିରେ ମଞ୍ଜି ବୁଣି ଭୂମିକୁ ହାଣିହାଣି ମାଟିକୁ ହାଲୁକା କରିବା ଓ ମଞ୍ଜି ପୋତିବା, ପାଣି ଜମିର ହିଡ଼ଦେବା, ତିଙ୍ଗିଆବୁରର ମାଟିହାଣି ମଞ୍ଜି ଲାଉବା ଇତ୍ୟାଦି କାର୍ଯ୍ୟ ଏହି କୋଦାଳ ଦ୍ୱାରା କରାଯାଇଥାଏ ।

(ଙ) ପିକ୍ ଏକ୍ସ (ପିକାସି)

ଏହି ଯନ୍ତ୍ରଟି ବଣ୍ଡାମାନଙ୍କର ପାରମ୍ପରିକ ଯନ୍ତ୍ର ନୁହେଁ। ଏହା ଏହାର ନାମରୁ ଜଣାପଡ଼ିଥାଏ । ପ୍ରଥମେ ଏହି ପିକାସିକୁ ସରକାରଙ୍କ ତରଫରୁ ବଣ୍ଡା ଉନ୍ନୟନ ସଂସ୍ଥା ମାଧ୍ୟମରେ ଯୋଗାଇ ଦିଆଯାଇଥିଲା । ତେଣୁ ବଣ୍ଡାମାନେ ଏହାର କୌଣସି ନାମକରଣ ନ କରି ପିକ୍‌ଏକ୍ସ କୁ ଅପଭ୍ରଂଶ କରି ପିକାସି କହୁଛନ୍ତି । ଏବେ ବଣ୍ଡାମାନେ ମଧ୍ୟ ବଜାରରୁ କିଣି ବ୍ୟବହାର ଜଲେଣି ।

ପିକାସି କାରମା ଲୁହାରେ ତିଆରି କରିଥାଏ । ଏହାର ଦୁଇଟି ପାର୍ଶ୍ୱଥାଏ । ଗୋଟିଏ ପାର୍ଶ୍ୱରେ ଏକ ଶକ୍ତ ଗୋଜିଆ ଅଂଶ ଓ ଅନ୍ୟ ପାଖରେ ପ୍ରାୟ ୨-୩ ଇଞ୍ଚ ଓସାରର ଏକ ଲମ୍ବା (ପ୍ରାୟ ୮-୧୦ ଇଞ୍ଚ) ଲୁହା ଅଂଶ । ଏହାର ମଧ୍ୟଭାଗରେ ଏକ କାଠ ନିର୍ମିତ ବେଣ୍ଟ ଲଗାଯାଇଥାଏ । ଗୋଜିଆ ଅଂଶରେ ଶକ୍ତମାଟି ଖୋଳଯାଏ, ଗାତତିଆରି କରାଯାଏ ଓ କାଠ ଚିରାଯାଏ ଏବଂ ଓସାରିଆ ପାଖରେ ମାଟି ଖୋଳାଯାଏ ।

(ଚ) ଶାବଳ (ମୁର):

ଏହା ସଂପୂର୍ଣ୍ଣ ଭାବରେ ଏକ ଲୁହାରୁ ତିଆରି କରାଯାଇଥାଏ । ଏକ ଲମ୍ବା ସିଲିଣ୍ଡରାକୃତି ଲୁହାର ଅଗ୍ରଭାଗକୁ ଚେପ୍‌ଟା ଓ ଧାରୁଆ କରାଯାଇ ଶାବଳ କରାଯାଇଥାଏ । ଏହାକୁ କମାର ତିଆରି କରିଥାଏ । ଏହି ଶାବଳ ଦ୍ୱାରା ମାଟି ଖୋଳାଯାଏ । ଗାତ ତିଆରି କରାଯାଏ, ପଥର ଉଠାଯାଏ ଇତ୍ୟାଦି । ଛୋଟ ଶାବଳର ପଛପଟରେ ଚୁନା କୁଟାଯାଏ, ସଲପଗଛ ମଞ୍ଜିକୁ ଗୁଣ୍ଡ କରାଯାଏ ଓ ଆମ୍ବ ଟାକୁଆକୁ ଗୁଣ୍ଡ କରାଯାଏ ।

(ଛ) ସୁଣ୍ଡର୍ (ପତ୍ର ଛତା):

ବାଉଁଶ ପାତିଆ, ସିଆଡ଼ି ପତ୍ର, ସିଆଡ଼ି ଡୋରୀରେ ନିର୍ମିତ ବେଣ୍ଟ ନଥିଲା ଛତା ପରି ଏକ ଛତା ପ୍ରଥମେ ବାଉଁଶ ପାତିଆକୁ ସରୁସରୁ କରି ଚିରି ଖରାରେ ଶୁଖାଇ ଦିଆଯାଏ । ପୁଣି ସେହି ପାତିଆକୁ ପାଣିରେ ପକାଇ ଗୋଲାକାର ଛତାପରି ଛଡ଼ାଛଡ଼ା କରି ବୁଣାଯାଏ ମଧ୍ୟଭାଗରେ ମୁଣ୍ଡ ରହିବା ପାଇଁ ଟିକିଏ ଅଧିକ ଗୋଜିଆ କରାଯାଇଥାଏ । ତା' ଉପରେ ସିଆଡ଼ି ପତ୍ର ଛାଇ ଛତା ତିଆରି କରାଯାଇଥାଏ । ସିଆଡ଼ି ନଈରେ ବାଉଁଶ ପାତିଆ ଓ ପତ୍ରକୁ ଭିଡ଼ି ବାନ୍ଧି ଦିଆଯାଏ । ବର୍ଷା ସମୟରେ ବଣ୍ଡାମାନେ ଏହାକୁ ଛତା ପରି ବ୍ୟବହାର କରନ୍ତି । ଚାଷ ସମୟରେ ବର୍ଷାରୁ ରକ୍ଷା ପାଇବା ପାଇଁ ଏହା ମୁଖ୍ୟତଃ ବ୍ୟବହାର କରାଯାଇଥାଏ । ଏହା ବଣ୍ଡାମାନେ ବଜାରରୁ ଦୋରାମାନଙ୍କ ଠାରୁ କ୍ରୟ କରିଆଣିଥାନ୍ତି ।

(୯) ସାଲାପ (ବର୍ଷାତି)

ଏହା କେବଳ ସିଆଡ଼ି ପତ୍ର ଓ ସିଆଡ଼ି ଦଉଡ଼ି ସାହାଯ୍ୟରେ ତିଆରି କରାଯାଇଥାଏ । ପ୍ରଥମେ ସିଆଡ଼ି ପତ୍ରକୁ ସିଆଡ଼ ଦଉଡ଼ିରେ ଗୁନ୍ଥି ପ୍ରାୟ ଅଢ଼େଇ ହାତ କିମ୍ବା ୩ ହାତ ଲମ୍ବ ଓ ୨ ହାତ ଓସାରର ଏକ ପଟି ତିଆରି କରାଯାଏ । ଏହାକୁ ଲମ୍ବା ଭାବରେ ଦୁଇ ଭାଙ୍ଗ କରି ଗୋଟିଏ ପାର୍ଶ୍ୱକୁ ସିଲେଇ କରି ବନ୍ଦ କରି ଦିଆଯାଏ । ଭାଙ୍ଗା ହୋଇ ସିଲେଇ କରାଯାଇ କରାଯାଇଥିବା କୋଣଟିରେ ମଣିଷ ମୁଣ୍ଡ ରଖିଲେ ସାଲାପର ଦୁଇ ଭାଙ୍ଗ ହୋଇଥିବା ପଟିଟି ପିଠିର ଉଭୟ ପାର୍ଶ୍ୱରେ ପଡ଼େ । ଏହି ସାଲାପଟି ମୁଣ୍ଡରେ ଲଗାଇଲେ ଏହା ଆଣ୍ଠୁତଳ ପର୍ଯ୍ୟନ୍ତ ଲମ୍ବିଥାଏ । ଏହାକୁ ବିଲରେ କିମ୍ବା ଡଙ୍ଗରରେ ବର୍ଷାବେଳେ କାମକଲାବେଳେ ବର୍ଷାରୁ ରକ୍ଷା ପାଇବା ପାଇଁ ବ୍ୟବହାର କରାଯାଏ ଏବଂ ବର୍ଷା ବେଳେ ମଧ୍ୟ ଗାଁରେ ବର୍ଷାରେ ଯିବା ଆସିବା କଲାବେଳେ ବ୍ୟବହାର କରାଯାଏ ।

(୫) ଦାଆ (ଅରୟ)

ଏହା ଏକ ଛୋଟ ଲୁହା ଖଣ୍ଡରୁ ତିଆରି କରାଯାଇଥାଏ ଓ ଏଥିରେ ବାଉଁଶ କିମ୍ବା କାଠର ବେଣ୍ଟ ଲଗାଯାଇଥାଏ । ଦାଆର ଆକାର ସ୍ଥଳ ବିଶେଷରେ ଭିନ୍ନ ହୁଏ । ଏକ ଲୁହାପାତିଆକୁ ପୁଡ଼ା ନଥିବା ଇଂରାଜୀ ୬(6) ତଳେ ବାଡ଼ି ଦେଇ (G) କାଠର ବେଣ୍ଟ ଲଗାଇ ଦେଲେ ବଣ୍ଡାମାନେ ବ୍ୟବହାର କରୁଥିବା ଦାଆ ପ୍ରସ୍ତୁତ ହୋଇଯାଏ ।

ଏହାକୁ କମାର ତିଆରି କରେ । ଏଥିରେ ସାଧାରଣ ଦାଆ ପରି ଦାନ୍ତ ନ କରି ଛୁରୀ ପରି ଧାର କରାଯାଇଥାଏ । ଏଥିରେ ଶସ୍ୟ କଟା (ଅମଳ) ଯାଇଥାଏ । ଏହାକୁ ବଣ୍ଡା ସ୍ତ୍ରୀମାନେ ଅଣ୍ଟା ସୂତାରେ ଓହଳାଇଥିବାର ଦେଖାଯାଏ । ଏଥିରେ ସେ ଫଳମୂଳ, ଡାଳପତ୍ର, ଶାଗ, କରଡ଼ି ଆଦି କାଟି ଜଙ୍ଗଲରୁ ସଂଗ୍ରହ କରେ । ଦୈନନ୍ଦିନ ଜୀବନରେ ବିଭିନ୍ନ ପନିପରିବା, ଫଳମୂଳ କାଟିବା ପାଇଁ, ଦାନ୍ତକାଠି କାଟିବା ପାଇଁ ଓ ଅନ୍ୟାନ୍ୟ ଜିନିଷ କାଟିବା ପାଇଁ ଓ ବିପଦରୁ ନିଜକୁ ରକ୍ଷା କରିବା ପାଇଁ ବଣ୍ଡା ସ୍ତ୍ରୀ ଲୋକମାନେ ଏହାକୁ ବ୍ୟବହାର କରିଥାନ୍ତି । ଅନେକ ସମୟରେ ଶିଶୁ ଜନ୍ମ ହେଲାପରେ ଏଥିରେ ମଧ୍ୟ ଶିଶୁର ନାଭି ଛେଦନ କରାଯାଇଥାଏ ।

(ଟ) ଦଉଡ଼ି (କାଟ୍‌ନା) ଓ ଶିକା (ଝାଙ୍ଗ)

ସାଧାରଣତଃ ଜଙ୍ଗଲରେ ବଢୁଥିବା ବିଭିନ୍ନ ଗଛର ତନ୍ତୁକୁ ଦଉଡ଼ି ତିଆରି କରିବା ପାଇଁ ବ୍ୟବହାର କରାଯାଇଥାଏ । ଲାଣ୍ଡୁଗେ (ସିଆଡ଼ି ତନ୍ତୁ), ଇଡିଏ, ମୁଗାଏ, ଗିଗେ, ସାଙ୍ଗୋଗେ, କୁସାଙ୍ଗସେରା ଗିଗେ ଇତ୍ୟାଦି ତନ୍ତୁକୁ ସଂଗ୍ରହ କରି ଖରାରେ ସୁଖାଯାଏ । ତନ୍ତୁଗୁଡ଼ିଏ ସୁଖିଗଲା ପରେ ତାକୁ ହାତରେ ବଳି ଦଉଡ଼ି ତିଆରି କରାଯାଏ । ଜଙ୍ଗଲରୁ କାଠ ବାନ୍ଧି ଆଣିବା ପାଇଁ ଜଆ ଉମ୍ପୁଲାଗଲାଗିଗେ ବ୍ୟବହାର କରାଯାଇଥାଏ । ଉପରୋକ୍ତ ଦଉଡ଼ିକୁ ହଳ କଲାବେଳେ, ଶସ୍ୟ ବୋହିଲାବେଳେ ଏବଂ ଗୃହ ନିର୍ମାଣରେ ଗୋରୁଗାଈ ବାନ୍ଧିବା ପାଇଁ ପଘା (ଏତାଙ୍ଗଗଇ) କରିବା ପାଇଁ ବ୍ୟବହାର କରାଯାଇଥାଏ। ଚାଷ କାର୍ଯ୍ୟରେ (ମୁଖ୍ୟତଃ ହଳ କଲାବେଳେ) ବ୍ୟବହାର କରିବା ପାଇଁ ଗୋରୁଚମଡ଼ା ଏବଂ ମଇଁଷି ଚମଡ଼ାରୁ ଦଉଡ଼ି ତିଆରି କରାଯାଇଥାଏ । ଏ ସବୁ ବଣ୍ଡାମାନେ ନିଜେ ପ୍ରସ୍ତୁତ କରନ୍ତି । ଏବେ ବଜାରରୁ ପ୍ଲାଷ୍ଟିକ ଦଉଡ଼ା କିଣି ବ୍ୟବହାର କଲେଣି । ତନ୍ତୁରେ ନିର୍ମିତ ଦଉଡ଼ିକୁ ଛନ୍ଦା ଛନ୍ଦି କରି ଏକ ଗୋଲାକାର ଭୂମି ବିଶିଷ୍ଟ ଶିକା କରାଯାଇଥାଏ ଯେଉଁ ଦ୍ରବ୍ୟ ରଖିଲେ ତାହା ବାହାରକୁ ପଡ଼ିଯାଏ ନାହିଁ । ଏହା ଉପରୁ ଛଅଟି ଦଉଡ଼ି ଉପରକୁ ଲାଗିଥାଏ । ଏହି ଦଉଡ଼ି ସାହାଯ୍ୟରେ ଶିକାକୁ ବାହୁଙ୍ଗିରେ ଝୁଲା ଯାଇଥାଏ । ଶିକାରେ ଝୁଡ଼ି ରଖି ଶସ୍ୟ ନେବା ଆଣିବା, କେବଳ ଶିକାରେ ପଣସ ବୋହିବା ଓ ଅନ୍ୟାନ୍ୟ ଜିନିଷ ବୋଲିବା ପାଇଁ ବ୍ୟବହାର କରାଯାଇଥାଏ ।

୪. ଗୃହ ଉପକରଣ:

ବଣ୍ଡା ସମାଜ ଓ ସଂସ୍କୃତିର ଏକ ନିଛକ ପ୍ରତିଛବି ମିଳେ ଗୃହ ଓ ଗୃହ ଉପକରଣରୁ । ଏହା ସେମାନଙ୍କର ଆର୍ଥିକ ଜୀବନ ବିଷୟରେ ମଧ୍ୟ ଧାରଣା

ଦେଇଥାଏ । ଗୃହ ଉପକରଣଗୁଡ଼ିକ ମୁଖ୍ୟତଃ ବଣ୍ଟାମାନଙ୍କ ଦ୍ୱାରା ହିଁ ନିର୍ମାଣ କରାଯାଇଥାଏ । ତେଣୁ ଏଥିରେ ସେମାନଙ୍କର କଳା ଦକ୍ଷତା, ସୃଜନଶୀଳତା, ସୌନ୍ଦର୍ଯ୍ୟବୋଧତା ଇତ୍ୟାଦିର ପରିପ୍ରକାଶ ହୋଇଥାଏ । ନିଜେ ତିଆରି କରିବା ବ୍ୟତୀତ କେତେକ ଦ୍ରବ୍ୟ ସେମାନେ ବାଟ ବଜାରରୁ ନିଜ ସମାଜ, ସଂସ୍କୃତି, ଇଚ୍ଛା ଓ ରୁଚିକୁ ସୁହାଇଲା ଭଳି ବିଭିନ୍ନ ଦ୍ରବ୍ୟ କିଣି ବ୍ୟବହାର କରିଥାନ୍ତି । ବିଭିନ୍ନ ପ୍ରକାର ଗୃହ ଉପକରଣ ଦ୍ରବ୍ୟ, ତାହାର ନିର୍ମାଣ ପ୍ରଣାଳୀ ଓ ବ୍ୟବହାର ନିମ୍ନରେ ଦିଆଯାଇଛି ।

(କ)ମୂଷଳ (ଥିଏଁ):

ଶସ୍ୟ କୁଟିବା ପାଇଁ ବଣ୍ଟା ରମଣୀମାନଙ୍କର ଏକ ମୁଖ୍ୟ ଗୃହଉପକରଣ ହେଉଛି ମୂଷଳ (ଥିଏଁ) । ଏହା ଖଣ୍ଡେ କାଠରେ ତିଆରି କରାଯାଇଥାଏ । ମୂଷଳର ଅଗ୍ରଭାଗରେ ଏକ ଲୁହାର ଶମା ଲଗାଯାଇଥାଏ । ମୂଷଳର ଅଗ୍ରଭାଗଟି ଧରିବା ପାଇଁ ସରୁ କରାଯାଇଥାଏ । ମଧ୍ୟ ଭାଗଟି ମୋଟା ଏବଂ ଭାରୀ ହୋଇଥିଲା ବେଳେ ଉପର ଅଂଶଟି ମଧ୍ୟ ଟିକିଏ ସରୁ ହୋଇଥାଏ । ପୁରା ମୂଷଳଟି ନଳ ଆକୃତିର ଗୋଲାକାର ହୋଇଥାଏ । ଏକ ସାଧାରଣ ମୂଷଳର ଦୈର୍ଘ୍ୟ ପ୍ରାୟ ୩ ଫୁଟରୁ ଟିକିଏ ଅଧିକ ହେଲାବେଳେ ମଧ୍ୟ ଭାଗରେ ପରିଧିର ଦୈର୍ଘ୍ୟ ପ୍ରାୟ ୩୦ ସେ.ମି ଓ ଧରିବା ପାଇଁ ଥିବା ଅଗ୍ରାଶର ପରିଧିର ଦୈର୍ଘ୍ୟ ପ୍ରାୟ୧୫ ସେ.ମି. ହେବ । ବିଭିନ୍ନ ପ୍ରକାର ଶସ୍ୟ ଯଥା ସୁଆଁ, ମାଣ୍ଡିଆ, କାଙ୍ଗୁ କଙ୍କଡ଼ା ଆଖି ଇତ୍ୟାଦିକୁ କୁଟଣୀ ଗାତ (ଥିସା)ରେ ଉର୍ଦ୍ଧି କରି ଏହି ମୂଷଳ ସାହାଯ୍ୟରେ କୁଟି ଶସ୍ୟରୁ ଚୋପା ଛଡ଼ାଯାଇ ଶସ୍ୟକୁ ପରିସ୍କାର କରାଯାଇଥାଏ । ଏହି ଥିଏଁ ସାହାଯ୍ୟରେ ପୁରୁଷମାନେ ଶସ୍ୟ କୁଟିବା ବିଧେୟ ନୁହେଁ ।

(ଖ) ଫୁନୁରୀ (କାଠ ଚକି)

କାଠଚକି ବା ଫୁନୁରୀ ୨ ଖଣ୍ଡ ଶକ୍ତ, ଭାରୀ ଓ ଗୋଲାକାର କାଠ ଗଣ୍ଡିରୁ ନିର୍ମିତ ହୋଇଥାଏ । ପ୍ରତି ଚକିର ଉଚ୍ଚତା ୧୫-୨୦ ସେ.ମି. ହୋଇଥିବାବେଳେ ବ୍ୟାସ ପ୍ରାୟ ୩୦ ସେ.ମି. ହୋଇଥାଏ । ତଳ ଚକିର ମଧ୍ୟଭାଗରେ ଏକ କଣା କରାଯାଇ ସେଥିରେ ଏକ ଶକ୍ତ କିଳା ଲଗାଯାଇଥାଏ । ଉପର ଚକିଟି କିଳା ଉପରେ ରଖାଯାଇଥାଏ । ଉପର ଚକିର ରନ୍ଧ୍ରର ପରିଧି କିଳାର ପରିଧି ଅପେକ୍ଷା ଅଧିକ ଥାଏ । ତେଣୁ ତଳଚକିର କିଳା ଉପର ଚକିର ରନ୍ଧ୍ର ମଧ୍ୟରେ ପ୍ରବେଶ କଲାପରେ ମଧ୍ୟ କିଳାର ଚତୁଃପାର୍ଶ୍ୱରେ ଫାଙ୍କା ଥାଏ । ଏହି ଫାଙ୍କାରେ ସୁଆଁ କାଙ୍ଗୁ, କାଙ୍କଡ଼ା ଆଖି ଆଦି ଶସ୍ୟ ଉର୍ଦ୍ଧି

କରାଯାଇଥାଏ । ଉପର ଚକିର ଉପର ଭାଗର ଗୋଟିଏ ପାର୍ଶ୍ୱରେ ଏକ ଛୋଟ ଗାତ କରାଯାଇଥାଏ କିମ୍ବା ସ୍ଥାୟୀ ଭାବେ ଏକ କାଠର ସରୁ କିଳା ମରାଯାଇଥାଏ । ଶସ୍ୟ ଭର୍ତ୍ତି କରିସାରିଲା ପରେ ଏହି କିଳାକୁ ଧରି ଉପର ଚକିଟିକୁ ଘୁରାଇଲେ ଶସ୍ୟ ଆସ୍ତେ ଆସ୍ତେ ଦୁଇ ଚକିର ମଧ୍ୟ ଦେଶକୁ ଯାଇଥାଏ ଓ ଦୁଇ କାଠର ଘର୍ଷଣ ଫଳରେ ଶସ୍ୟରୁ ଚୋପା ଛାଡ଼ିଯାଇଥାଏ । ଶସ୍ୟ ପେଷିଲାବେଳେ ତଳଚକିଟି ସ୍ଥିର ଥାଏ ଓ ଉପର ଚକିଟିକୁ ବୁଲାଯାଇଥାଏ । ଏହାକୁ ବଣ୍ଡାମାନେ ନିଜେ ତିଆରି କରିଥାନ୍ତି ।

(ଗ) ଯନ୍ତା (ପଥର ଚକି)

କାଠ ଚକି ବା ଫୁନୁରି ଢଙ୍ଗରେ ଏହା ପଥରରେ ତିଆରି କରାଯାଇଥାଏ । ଯେହେତୁ ବଣ୍ଡାମାନେ ପଥର ଖୋଦନ ଜାଣି ନାହାନ୍ତି, ତେଣୁ ସେମାନେ ଏହା ହାଟ ବଜାରରୁ କ୍ରୟ କରିଆଣିଥାନ୍ତି । କେତେକ ଯନ୍ତାର ପଥର ଉପରେ କାଦୁଅ ବୋଳି ଦିଆଯାଇଥାଏ । ଏଥିରେ ମାଣ୍ଡିଆରୁ ଚୋପା ଛଡ଼ାଯାଇଥାଏ । ଅନ୍ୟ କେତେକ ଯନ୍ତାରେ କାଦୁଅ ବୋଳା ଯାଇ ନଥାଏ । ଏଥିରେ ବିରି ଓ ମାଣ୍ଡିଆ ଇତ୍ୟାଦିକୁ ଗୁଣ୍ଡ କରାଯାଇଥାଏ । ଅନେକ ସମୟରେ କାଦୁଅ ବୋଳା ଯାଇଥିବା ପଥର ଯନ୍ତାର ତଳଚକିକୁ ବାରଣ୍ଡାର ଗୋଟିଏ କୋଣରେ ମାଟିରେ ପୋତି ସ୍ଥାୟୀ ଭାବରେ ସ୍ଥାପନ କରାଯାଇଥାଏ ।

(ଘ) ଲାଉ ତୁମ୍ବା (ତୁମ୍ବା)

ଆଜିକାଲି ବଣ୍ଡାମାନେ ରସ ଏବଂ ଷ୍ଟିଲର ବାସନ କୁସନ ବ୍ୟବହାର କରୁଛନ୍ତି । କିନ୍ତୁ ଆଗରୁ ବଣ୍ଡାମାନେ ପାତ୍ରରୂପେ ବ୍ୟବହାର କରୁଥିବା ଏକମାତ୍ର ଜିନିଷ ହେଉଛି ଲାଉ ତୁମ୍ବା । ଏବେ ବି ସମସ୍ତ ବଣ୍ଡା ପରିବାର ଲାଉତୁମ୍ବାର ବ୍ୟବହାର କରୁଥିବାର ଦେଖାଯାଏ । ଆଜିକାଲି ମଧ୍ୟ ବିଭିନ୍ନ ଉଦ୍ଦେଶ୍ୟରେ ଓ ଲାଉ ତୁମ୍ବାର ପ୍ରାଧାନ୍ୟ ବଣ୍ଡା ସମାଜରେ ପରିଲକ୍ଷିତ ହେଉଛି ।

ଲାଉ ଦୁଇପ୍ରକାର ମିଠା ଓ ପିତା ଲାଉ । ମିଠା ଲାଉକୁ ତରକାରୀ କରି ଖାଇଥାନ୍ତି କିନ୍ତୁ ପିତା ଲାଉକୁ ଖାଇ ନଥାନ୍ତି । ମାତ୍ର ମିଠା ଓ ପିତା ଉଭୟ ଲାଉରେ ତୁମ୍ବା ତିଆରି କରାଯାଇଥାଏ । ଲାଉକୁ ଗଛରୁ ଆଣି ଏହାର ଡେମ୍ପ ପାଖରୁ ଅଳ୍ପ କାଟି ଛୋଟ କଣା କରିଦିଆଯାଏ । ଛୁରୀ ଉର୍ତ୍ତିକରି ଲାଉର ଭିତରେ ଥିବା କଅଁଳ ଅଂଶ ଚିଡ଼ି କାଢ଼ିଦିଆଯାଏ ଓ ଏଥିରେ ପାଣି ଭରି ରଖିଦିଆଯାଏ । ଏହାକୁ ୮-୧୦ ଦିନ ଏପରି ରଖି ଦେଲାପରେ

ଲାଉର ଭିତର ଅଂଶଟି ପଚିଯାଏ । ତା'ପରେ ଏହାକୁ ପାଣି ଭର୍ତ୍ତି କରି ସଫା କରାଯାଏ । ବେଳେବେଳେ ଏହା ମଧ୍ୟରେ ପାଣି ସହିତ କେତେ ଗୋଡ଼ି ପକାଇ ହଲାଇବାକୁ ପଡ଼ିଥାଏ ଫଳରେ ଏହା ଭିତରେ ଥିବା କଅଁଳ ଅଂଶ ବାହାରି ଯାଇଥାଏ । ତା'ପରେ ଏହି ତୁମ୍ବାକୁ ୧-୨ ଦିନ ଖରାରେ ଶୁଖାଇ ଦିଆଯାଏ । ପିତା ଲାଉକୁ ପାଣିରେ ବୁଡ଼ାଇ ରଖାଯାଇଥାଏ । ଫଳରେ ଲାଉରୁ ପିତା ଅଂଶ ବାହାରିଯାଏ ଓ ଚୋପାଟି ନରମ ହୋଇଗଲା ଫଳରେ ଶୀଘ୍ର ଭାଙ୍ଗେ ନାହିଁ ।

ଲାଉ ବିଭିନ୍ନ ପ୍ରକାର ଓ ଆକାରର ଦେଖାଯାଇଥାଏ । କେତେକ ଲାଉ ଗୋଲାକାର କେତେକ ଲମ୍ବାଳିଆ ଓ ଚେପଟା ହୋଇଥାଏ । ତେଣୁ ବିଭିନ୍ନ ପ୍ରକାର ଓ ଆକାରର ଲାଉତୁମ୍ବାକୁ ବଣ୍ଡାମାନେ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି । ପେଜ ପିଇବାକୁ ବ୍ୟବହାର କରାଯାଉଥିବା ତୁମ୍ବାକୁ "ଅଣକା" କହନ୍ତି । ଏହାର ଆକାର ଲମ୍ବା ଏହାର ଉପରେ ଢ଼କା ପରି ଏକ ଗୋଲେଇ ଥାଏ ଓ ହାତଟି ଲମ୍ବା ହୋଇଥାଏ । ଏହାର ଆକାର ଟିକିଏ, ଛୋଟ ହେଲେ ଏହାକୁ ତୁମୁଣୀ କୁହାଯାଏ । ଏଥିରେ ମଦ, ସଲପ ଇତ୍ୟାଦି ପିଆଯାଇଥାଏ । ପେଜ ରଖିବା ପାଇଁ ଯେଉଁ ବଡ଼ ବଡ଼ ତୁମ୍ବା ବ୍ୟବହାର କରାଯାଏ ତାକୁ କିନ୍ଦିରା ତୁମ୍ବା ବୋଲି କହିଥାନ୍ତି । ଏତଦ୍‌ବ୍ୟତୀତ ଆହୁରି ଅନେକ ତୁମ୍ବା ଅଛି, ଯାହାର ଆକାର ଗୋଟିଏ ଗୋଟିଏ ଢ଼ାଳ ପରି ବା ଗରିଆ ପରି । ଏଥିରେ ଏମାନେ ବିଭିନ୍ନ ପ୍ରକାର ଡ଼ଙ୍ଗରଜାତ ଶସ୍ୟକୁ ରଖି ଏହାର ବେକରେ ଗୋଟିଏ ସିଆଡ଼ି ରସି ବାନ୍ଧି ଜାନୁରେ ବା ଚାଳର କୌଣସି ସ୍ଥାନରେ ଝୁଲାଇ ଦେଇଥାନ୍ତି ।

ଯାହାହେଉ, ଲାଉତୁମ୍ବା ଗୁଡ଼ିକରେ ବଣ୍ଡାମାନେ ସାଧାରଣତଃ ପାଣି, ପେଜ, ଭାତ, ମଦ, ସୁଆଁ, ମାଣ୍ଡିଆ କାଙ୍ଗୁ ଓ ବିଭିନ୍ନ ପନିପରିବା ମଞ୍ଜି ରଖିବା ପାଇଁ ବ୍ୟବହାର କରିଥାନ୍ତି । ପୂଜାପାଠ କିମ୍ବା ଝଡ଼ାଫୁକା ସମୟରେ ଦିଶାରୀ ବା ଗୁଣିଆ ଏହାର ବ୍ୟବହାର ନ କଲେ ଅଚଳ । କାରଣ ବଣ୍ଡାମାନେ ବିଶ୍ୱାସ କରନ୍ତି ଲାଉତୁମ୍ବା ବିନା ଅନ୍ୟ କୌଣସି ପାତ୍ରରେ ଦେବାଦେବୀ ଓ ପିତୃପୁରୁଷଙ୍କୁ ମଦ ଅର୍ପଣ କଲେ ସେମାନେ ସନ୍ତୁଷ୍ଟ ହୋଇନଥାନ୍ତି ।

ପ୍ରତ୍ୟେକ ବଣ୍ଡା ଘରେ ଗୋଟିଏ କୋଣରେ ଏକ ଲାଉ ତୁମ୍ବାରେ ବିଭିନ୍ନ ପ୍ରକାର ଶସ୍ୟ ମିଶାଇ ରଖାଯାଇଥାଏ । ଏହାକୁ ସେମାନେ ପବିତ୍ର ଶସ୍ୟ ବୋଲି ବିଚାର କରିଥାନ୍ତି । କେତେକ ଏହାକୁ ଗୃହ ଦେବତା ବୋଲି କହିଥାନ୍ତି ।

ଲାଉତୁମ୍ବାରେ ଗୋଧିଛାଲ (ଗୋଇସାମ) ଛାଇ ବାଉଁଶ ଓ ସରୁ ତାର ଲଗାଇ ଟୋଲିଆ ନାମକ ବାଦ୍ୟଯନ୍ତ୍ର ତିଆରି କରିଥାନ୍ତି । ବିଭିନ୍ନ ପର୍ବପର୍ବାଣୀ ଓ ନାଚଗୀତ ସମୟରେ ଏହି ବାଦ୍ୟ ବଜାଯାଇଥାଏ ।

(ଙ) ପତ୍ର ଖଲି ଏବଂ ଚଉପଦି:

ପ୍ରତିଦିନ ନୂଆ ପାତ୍ରରେ ଖାଇସାରି ପାତ୍ର ଫୋପାଡ଼ି ଦେବା ବଣ୍ଡାର ଅଭ୍ୟାସ । ବଣ୍ଡାମାନେ ଲାଣ୍ଟୁଉ (ସିଆଡ଼ିପତ୍ର), ବଦଲିଉ, ତୀରେଉ (କେନ୍ଦୁପତ୍ର), ସର୍ଗେଉ (ଶାଳପତ୍ର), ବୁରେଉ, ପୁଯୁ, ବଉ (ମହୁଲ ପତ୍ର), ସେନ୍ଦୁରଉ, ନାରିମଉ, ଗୁଗୁସେଉ ଇତ୍ୟାଦି ପତ୍ରକୁ ବାଉଁଶ କାଠି ଦ୍ୱାରା ଗୁନ୍ଥି ଦନା (ପମୁଇ) ତିଆରି କରାଯାଏ । ବହୁ ପୂର୍ବେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ଭାତ, ତରକାରୀ, ପାଣି, ପେଜ, ହାଣ୍ଡିଆ ଇତ୍ୟାଦି ଖାଇବା ପାଇଁ ଏହି ଦନାକୁ ବ୍ୟବହାର କରାଯାଇଥିଲା । ଏବେବି ଅନେକ ସମୟରେ ଉପରୋକ୍ତ କାର୍ଯ୍ୟ ପାଇଁ ଦନାକୁ ବ୍ୟବହାର କରାଯାଇଥାଏ ।

ଦୈନନ୍ଦିନ ଜୀବନରେ ବ୍ୟବହାର ବ୍ୟତୀତ ବିଭିନ୍ନ ପ୍ରକାର ପୂଜାପାଠ ଓ ପର୍ବପର୍ବାଣୀ ଅବସରରେ ପତ୍ରରେ ଛୋଟ ଦନା (ମାପ) କରି ଦେବାଦେବୀଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥାଏ । ବିଭିନ୍ନ ସ୍ୱତନ୍ତ୍ର ଦିବସମାନଙ୍କରେ ବନ୍ଧୁବାନ୍ଧବ, ଗ୍ରାମବାସୀ ଓ ସାର ପଡ଼ିଶାଙ୍କୁ ବଡ଼ ବଡ଼ ଦନା ତିଆରି କରି ସେଥିରେ ଖାଦ୍ୟ ବ୍ୟଞ୍ଜନ ଦିଆଯାଇଥାଏ । ଦନାରେ ମଧ୍ୟ ହାଟ ବଜାରରେ ଦ୍ରବ୍ୟ ଅଦଳବଦଳ ପାଇଁ ବ୍ୟବହାର କରାଯାଏ । ଏଣେତେଣେ ବଣ୍ଡାମାନେ ହାଟରେ ଦନା ଓ ଖଲି ବିକ୍ରି କରି ଦୁଇପଇସା ରୋଜଗାର କରନ୍ତି ।

(ଚ) ହାଣ୍ଡି (ଉକୁଇ)

ବଣ୍ଡାମାନେ ବିଭିନ୍ନ ପ୍ରକାର ମାଟି ହାଣ୍ଡି ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିଥାନ୍ତି । ସେମାନେ ମାଟିହାଣ୍ଡି କୁମ୍ଭାର (କୁମ୍ଭୀ)ଠାରୁ ହାଟ ବଜାରରେ କ୍ରୟ କରିଆଣିଥାନ୍ତି । ବିଭିନ୍ନ ହାଣ୍ଡିର ଆକାର ପ୍ରକାର ଭିନ୍ନ ହୋଇଥାଏ । ଭାତ ରାନ୍ଧିବା, ପେଜ ରାନ୍ଧିବା, ପାଣି ରଖିବା ପାଇଁ ଛୋଟ ଛୋଟ ଗୋଲାକାର ହାଣ୍ଡି ବ୍ୟବହାର କରାଯାଏ । ମଦ ବସାଇବା ଓ ପାଣି ରଖିବା ପାଇଁ ବଡ଼ ହାଣ୍ଡିର ବ୍ୟବହାର କରାଯାଏ ।

ଶସ୍ୟ ରଖିବା, ମଦ ପାଇଁ ମହୁଲ ପଚାଇବା ଇତ୍ୟାଦି ପାଇଁ ବଡ଼ ଲମ୍ବାଳିଆ ହାଣ୍ଡି ବ୍ୟବହାର କରାଯାଇଥାଏ । ସଲପ ଗଛରୁ ସଲପ ସଂଗ୍ରହ ପାଇଁ ଏକ ମାଟିହାଣ୍ଡି ବ୍ୟବହାର କରାଯାଏ । ଆଧୁନିକ ଯୁଗର ପ୍ରଭାବରେ ବଣ୍ଡାମାନେ ମାଟିହାଣ୍ଡି ବଦଳରେ ରସହାଣ୍ଡି (ନଖି) ବ୍ୟବହାର କଲେଣି ।

(ଛ) ବାସନ କୁସନ:

ଆଧୁନିକ ଯୁଗର ପ୍ରଭାବ ଫଳରେ ବଣ୍ଡାମାନେ ପତ୍ର ଦନା, ଲାଉତୁମ୍ବା ଓ ମାଟିହାଣ୍ଡି ଇତ୍ୟାଦି ପ୍ରତିବଦଳରେ ରସ ଓ ଷ୍ଟିଲ ବାସନ ବ୍ୟବହାର କଲେଣି । ଏଥି ମଧ୍ୟରୁ ରସଥାଳୀ (ରସ ଥାଳୀ), ଭାତ ଖାଇବା ପାଇଁ ବଡ଼ ବେଲା (ମୁଣାଗିଲା) ତରକାରୀ ଖାଇବା ପାଇଁ, ଛୋଟ ଗିନା (ଅଁ ଗିଲା), ପାଣି ଆଣିବା ପାଇଁ ଷ୍ଟିଲଗରା, ପାଣି ପିଇବା ପାଇଁ ଷ୍ଟିଲ୍ ଗ୍ଲାସ, ରୋଷେଇ କରିବା ପାଇଁ ରସ ଚଟୁ, ଷ୍ଟିଲ ଓ ସର ଖଡ଼ିକା ବ୍ୟବହାର କଲେଣି । ଏ ସମସ୍ତ ବାସନକୁସନ ବଣ୍ଡାମାନେ ହାଟରୁ କିଣି ଆଣିଥାନ୍ତି ।

(ଜ) କାଠ ଚଟୁ (ସାତି)

ସାତି ଏକ ଛୋଟ ବାଉଁଶ ପାତିଆ ମାତ୍ର । ଏହାର ଲମ୍ବ ପ୍ରାୟ ଦେଢ଼ଫୁଟ ହେବ । ଦେଢ଼ଫୁଟ ଲମ୍ବ ଖଣ୍ଡେ ସରୁଆ (ଓସାର ପ୍ରାୟ ଏକ ଇଞ୍ଚ ହେବ) ବାଉଁଶ ବତାକୁ ଚାଞ୍ଚି ପାଲିସ କରି ଭାତ ତରକାରୀ ଇତ୍ୟାଦି ଘାଣ୍ଟିବା ପାଇଁ ବ୍ୟବହାର କରାଯାଏ । ଏବେ ସାତି ପରିବର୍ତ୍ତେ ରସ କିମ୍ବା ଲୁହାର ଚଟୁ ଓ ଖଡ଼ିକା ବ୍ୟବହାର କଲେଣି ।

(ଝ) ଝାଡୁ (ସୁନୁକ):

ବଣ୍ଡାମାନେ ଘର, ବାହାର ଓ ଗୋରୁଗୁହାଳ ଓଳାଇବା ପାଇଁ ବିଭିନ୍ନ ପ୍ରକାର ଝାଡୁ ବ୍ୟବହାର କରନ୍ତି । ଏମାନେ ଅରସୁ ନାମକ ଘାସର ଫୁଲ ଲାଗିଥିବା କାଣ୍ଡରୁ ଫୁଲଝାଡୁ ତିଆରି କରନ୍ତି । ଏହାକୁ ସୁନୁକ୍ କୁହାଯାଏ । ଏହାକୁ ଘର ଝାଡୁ କରିବା ପାଇଁ ବ୍ୟବହାର କରାଯାଏ । ବାହାର ଏବଂ ଗୋରୁ ଗୁହାଳ ଆଦି ଝାଡୁ କରିବା ପାଇଁ ବଜ୍ରମୂଳୀ (ସୁନୁଗାର) ଗଛ, ବାନ୍ଧି ଝାଡୁରୂପେ ବ୍ୟବହାର କରାଯାଏ । କାଳକ୍ରମେ ବଜାରରେ ମିଳୁଥିବା ବାଉଁଶ ଖଡ଼ିକାର ଝାଡୁ (ଆଆସୁ/ ଆଆମୁନୁକ୍) ବଣ୍ଡାମାନେ ହାଟରୁ କିଣି ଅଗଣା ଓ ଗୁହାଳ ଝାଡୁକରିବା ପାଇଁ ବ୍ୟବହାର କଲେଣି ।

(୫) ବାଉଁଶ ନଳ (ନାଲା)

ବାଉଁଶରୁ ନାଲା ପ୍ରସ୍ତୁତ କରାଯାଏ । ବାଉଁଶର ଗୋଟିଏ ପବରେ ଥିବା ପାଖାପାଖି ଦୁଇଟି ଗଣ୍ଠିର ତଳ ଦେଶରୁ କଟାଯାଏ । ଫଳରେ ବାଉଁଶ ଖଣ୍ଡଟିର ତଳ ପାର୍ଶ୍ୱରେ ଗଣ୍ଠିଦ୍ୱାରା ନଳଟି ବନ୍ଦ ଥାଏ ଓ ଉପରପାର୍ଶ୍ୱ ଗଣ୍ଠିଟି କଟିଯାଇଥିବାରୁ ଏହା ଫାଙ୍କା ଥାଏ । ଏଥିରେ ଏକ ସୂତୁଲି ଲଗାଇ ଚାଳରେ କିମ୍ବା କାନ୍ଥରେ ଓହଳାଇ ଦିଆଯାଇଥାଏ । ଏଥିରେ ଟଙ୍କା, ପଇସା, ମଞ୍ଜି ଇତ୍ୟାଦି ରଖାଯାଇଥାଏ ।

(୮) କାଠ ପିଢ଼ା (ପାଟା):

ବଣ୍ଡାମାନେ ଯଦି କେବେ ଆସନ ବ୍ୟବହାର କରୁଥାନ୍ତି ତେବେ ଏହା ତାଙ୍କର ପାଟା । କେବଳ ଏକ ଛୋଟ କାଠ ପଟାକୁ ପାଟା (କାଠ ପିଢ଼ା) ଆକାରରେ ବ୍ୟବହାର କରାଯାଇପାରେ କିମ୍ବା କାଠ ପଟାର ତଳ ଦୁଇ ପାର୍ଶ୍ୱରେ ପଟାର ଦୈର୍ଘ୍ୟ ପଟରୁ ପ୍ରାୟ ୨ ଇଞ୍ଚ ଉଚ୍ଚାର ଦୁଇଖଣ୍ଡ କାଠପଟାକୁ ଜଣ୍ଟା ଦ୍ୱାରା ମୁଖ୍ୟ ପଟା ସହ ସଂଯୋଗ କରାଯାଇଥାଏ । ଅତିଥି ଅଭ୍ୟାଗତ କିମ୍ବା ସରକାରୀ ବ୍ୟକ୍ତି କୌଣସି ବଣ୍ଡା ଘରକୁ ଗଲେ ଏହି ପାଟାକୁ ଆସନ ରୂପେ ଦିଆଯାଇଥାଏ ।

(୦) କ୍ଷୁର (ନୁଉବ):

ଏହା ଏକ ଲୁହା ପାତରେ ତିଆରି କରାଯାଇଥାଏ । ଏହାର ଦୈର୍ଘ୍ୟ ପ୍ରାୟ ୧୦ ସେ.ମି. ହେବ । ୧୦ ସେ.ମି.ରୁ ପ୍ରାୟ ୬ ସେ.ମି. ଖୁର/କ୍ଷୁର ହିସାବରେ ବ୍ୟବହାର କରିବା ପାଇଁ ଧାର କରାଯାଇଥାଏ । ଏହି ଅଂଶର ପ୍ରସ୍ଥ ପ୍ରାୟ ୨-୨.୫ ସେ.ମି. ହେବ । ଅବଶିଷ୍ଟ ୪ ସେ.ମି.କୁ ଧରିବା ପାଇଁ ସରୁ ଗୋଲାକାର ମୁଠି (ବେଣ୍ଟ) ତିଆରି କରାଯାଇଥାଏ । ଏଥିରେ ବଣ୍ଡାମାନେ ମୁଣ୍ଡରୁ ବାଳ ଲଣ୍ଡା ହେବ ବା ମୁଖର ଦାଢ଼ି ଖୁଅର ହେବା ପାଇଁ ବ୍ୟବହାର କରାଯାଇଥାଏ । ଉଭୟ ସ୍ତ୍ରୀ ପୁରୁଷ ଏହାକୁ ବ୍ୟବହାର କରିପାରନ୍ତି । ଲୁଆ ଜନ୍ମ ହେଲା ପରେ ଏଥିରେ ମଧ୍ୟ ନୁଆର ନାଭି କଟାଯାଇଥାଏ । ଏହାକୁ କମାର (କାରମା) ତିଆରି କରିଥାଏ ।

(୨) ଶିଳ ଓ ଶିଳପୁଅ (ଲାବେର ଓ ଅଁବେର):

ଏକ ଆୟାତକାର ପଥରକୁ ଶିଳ (ଲାବେର) ଓ ଏକ ଛୋଟ ଗୋଲାକାର ଓ ଲମ୍ବା ପଥର ଖଣ୍ଡକୁ ଶିଳପୁଅ (ଅଁବେର) ହିସାବରେ ବ୍ୟବହାର କରାଯାଏ । ଏଥିରେ ପିଆଜ, ହଳଦୀ, ଲଙ୍କା ଇତ୍ୟାଦି ମସଲା ବାଟିଥାନ୍ତି । ବିଭିନ୍ନ ପ୍ରକାର ଔଷଧକୁ ମଧ୍ୟ ଏଥିରେ ଗୁଣ୍ଡ କରାଯାଇଥାଏ ।

(ଡ) ଗାଈ ଘଣ୍ଟି :

ଏହା ୩ ଖଣ୍ଡ କାଠ ଓ ଦଉଡ଼ିରେ ନିର୍ମିତ । ମୁଖ୍ୟ ବା ମଝି କାଠ ଖଣ୍ଡିକ ଗୋଲାକାର ଏବଂ ଫମ୍ପା ହୋଇଥାଏ ଓ ଏହାର ଉପର ପାର୍ଶ୍ୱଟି ବନ୍ଦ ଥାଏ । ଏହି ଫମ୍ପା ସିଲିଣ୍ଡରକୃତି କାଠରୁ ଦୁଇ ପାର୍ଶ୍ୱରେ ଅଳ୍ପବାଟ ପର୍ଯ୍ୟନ୍ତ କଟାଯାଇଥାଏ । ଏହାର ବେକଦେଶରେ ଏକ ଦଉଡ଼ି ସାହାଯ୍ୟରେ ଦୁଇଖଣ୍ଡ ଗୋଲାକାର କାଠ ଦଣ୍ଡ ଝୁଲୁଥାଏ । ଏହି ଘଣ୍ଟିକୁ ଗାଈ, ଗୋରୁ, ମଇଁଷି ଇତ୍ୟାଦି ପଶୁଙ୍କ ବେକରେ ବନ୍ଧା ଯାଇଥାଏ । ପଶୁଟି ଜଙ୍ଗଲରେ ଚରୁଥିବା ବେଳେ ଏହି ଘଣ୍ଟିଟି ହଲିବା ଦ୍ୱାରା କାଠ ଦଣ୍ଡ ଦୁଇଟି ମଧ୍ୟ ଭାଗରେ ଥିବା ଫମ୍ପା ଦଣ୍ଡରେ ବାଜି ଶବ୍ଦ ଉତ୍ପନ୍ନ ହୁଏ । ଏହି ଶବ୍ଦ ଶୁଣି ହିଂସ୍ର ଜନ୍ତୁ ଭୟଙ୍କରି ଦୂରକୁ ପଳାନ୍ତି ଓ ମାଲିକ ନିଜ ଗୃହପାଳିତ ପଶୁର ଅବସ୍ଥିତ ଜଙ୍ଗଲ ମଧ୍ୟରେ ଜାଣିପାରେ ।

୫. ବ୍ୟକ୍ତିଗତ ଆସବାବପତ୍ର :

ବଣ୍ଡାମାନେ ମୁଖ୍ୟତଃ ବଣ୍ଡା ପୁରୁଷମାନେ ଖୁବ୍ ଅଳ୍ପ ବସ୍ତ୍ର ବ୍ୟବହାର କରିଥାନ୍ତି । ବଣ୍ଡାପୁରୁଷର ବସ୍ତ୍ର କହିଲେ ଲେଙ୍ଗୁଟି (ଗୋସି)କୁ ହିଁ ବୁଝାଏ । ସ୍ତ୍ରୀ ଲୋକମାନେ ରିଙ୍ଗା ଓ ମାଳୀରେ ବେହକୁ ଆବୃତ କରିଥାନ୍ତି । ତଥାପି ସେମାନଙ୍କର ବ୍ୟକ୍ତିଗତ ଜିନିଷମାନ ରହିଛି । ବଣ୍ଡାପୁରୁଷମାନେ ସବୁବେଳେ ଧନୁତୀର, ଛୁରୀ, ଓ ଟାଙ୍ଗିଆ ଇତ୍ୟାଦି ଧରି ବୁଲୁଥାନ୍ତି ଓ ସ୍ତ୍ରୀ ମାନେ ଦାଆ ଧରିଥାନ୍ତି । ଏ ଗୁଡ଼ିକ ବିଷୟରେ ପୂର୍ବରୁ ବର୍ଣ୍ଣନା କରାଯାଇଛି । ଅସ୍ତ୍ର ଶସ୍ତ୍ର ବ୍ୟତୀତ ବଣ୍ଡାପୁରୁଷମାନଙ୍କ ଅଣ୍ଟାରେ ଧୁଆଁପତ୍ର, ଦିଆସିଲି, ପିକା ଓ ଟଙ୍କା-ପଇସା ରଖିବା ପାଇଁ ଏକ ଜପଡ଼ା ମୁଣି ଝୁଲୁଥାଏ । ବିଶାରୀ (ଗୁଣିଆ)ମାନେ ସେମାନଙ୍କର ଔଷଧପତ୍ର ନେବା ଆଣିବା ପାଇଁ ଏକ ବାଉଁଶ ନିର୍ମିତ ମୁଣା (ଲେଡାବ) ବ୍ୟବହାର କରନ୍ତି ।

(କ) ମୁଣା :

ଏହା ଜପଡ଼ାକୁ ଭାଙ୍ଗି ଆୟତକାର କରି ତିନିପାଖକୁ ସିଲେଇ କରାଯାଇଥାଏ । ଖୋଲାଥିବା ମୁହଁରେ ଜପଡ଼ା କିମ୍ବା ସୂତଲି ଡୋର ଲଗାଯାଇ ଅଣ୍ଟାରେ ଝୁଲା ଯାଇଥାଏ ।

(ଖ) ବାଉଁଶ ମୁଣା (ଲେଡାବ)

ମୁଖ୍ୟତଃ ବିଶାରୀମାନେ ଏହାକୁ ବ୍ୟବହାର କରନ୍ତି । ଏହାକୁ ବାଉଁଶ ପାତିଆରେ ଟୋକେଇ ବୁଣିଲା ପରି ବୁଣାଯାଇଥାଏ । ଏହାର ମାତ୍ର ଦୁଇଟି କୋଣ ଥାଏ । ଏହାକୁ

ଘୋଡ଼ାଇବା ପାଇଁ ଠିକ୍ ଆଗପରି ଏକ ବାଉଁଶ ମୁଣା ତିଆରି କରାଯାଇଥାଏ ଓ ପ୍ରଥମ ମୁଣାରୁ ଦ୍ୱିତୀୟ ମୁଣା ମଧ୍ୟ ଦେଇ ଏକ ରସି ଲାଗିଥାଏ । ଏହା ଦ୍ୱାରା ଲେଡାବକୁ କାନ୍ଧରେ ଓହଳା ଯାଇଥାଏ ।

(ଗ) ପାନିଆ (ସୁନୁବଗ୍)

ବଣ୍ଡାମାନେ ବାଉଁଶ କାଠି, ପାତିଆ ଓ ସଲପ ସୂତା ବ୍ୟବହାର କରି ବାଉଁଶ ପାନିଆ (ସୁନୁକବଗ୍) ତିଆରି କରିଥାନ୍ତି । ପ୍ରଥମେ ଚାରି ଇଞ୍ଚ ଲମ୍ବର ସରୁସରୁ ବାଉଁଶ କାଠିକୁ ଚାଞ୍ଚି ପାଲିସ କରାଯାଏ । ପ୍ରାୟ ୩୦-୪୦ ଖଣ୍ଡ କାଠି ପଲିସ କରାଯାଏ । ଏହାପରେ ଏହି କାଠିର ମଧ୍ୟଭାଗରେ ଦୁଇ ପଟରୁ ୨ଟି ବାଉଁଶ ପାତିଆ ଚାପିଣି ଚାପି ଦେଇ ସଲପ ସୂତାରେ ଗୋଟାଏ ପରେ ଗୋଟାଏ କାଠିକୁ ଶକ୍ତ କରି ଗୁଡ଼ାଯାଏ । ଗୁଡ଼ାଇ ଗୁଡ଼ାଇ ଏପାଖରୁ ସେପାଖକୁ ଗଲାପରେ ପୁଣି ବିପରୀତ ପାର୍ଶ୍ୱରୁ ଗୁଡ଼ାଇ ଗୁଡ଼ାଇ ପ୍ରଥମ ସ୍ଥାନକୁ ଆସି ସୂତାଟିକୁ ଶକ୍ତ କରି ବାନ୍ଧି କାଟି ଦିଆଯାଏ । ଏହି ପାନିଆକୁ ଧରିବା ପାଇଁ ଚାପିଣିକୁ ବଢ଼ାଇ ମୁଠି ତିଆରି କରାଯାଇଥାଏ । ଏହି ମୁଠିରେ ସୂତା ଲଗାଇ ବଣ୍ଡା ପୁରୁଷମାନେ ପାନିଆକୁ ଅଣ୍ଡାରେ ଝୁଲାଇଥାନ୍ତି । ବଣ୍ଡା ସ୍ତ୍ରୀମାନେ ଏହା ଧରିଥିବା ଦେଖାଯାଏ ଏବେ ଏହି ପାନିଆ ବିରଳ ପ୍ରାୟ । ପ୍ଲାଷ୍ଟିକ ପାନିଆର ପ୍ରାଧାନ୍ୟ ବଢ଼ିଯାଇଛି ।

୬. ପୋଷାକ :

"ବସ୍ତ୍ର ତଳେ ସବୁ ଦେହ ସମାନ, ବସ୍ତ୍ର ଅଳଙ୍କାର ଆବରଣ କରି ଏହାକୁ ଉଚିବୋଧ ଓ ଭିନ୍ନ ଭିନ୍ନ କରାଯାଇପାରେ"- ବଣ୍ଡା କହେ। ତେଣୁ ଲଜ୍ୟାନିବାରଣ ପାଇଁ ଏବଂ ସୌନ୍ଦର୍ଯ୍ୟବୋଧତା ପରିବର୍ଦ୍ଧନ କରିବା ପାଇଁ ବଣ୍ଡାମାନେ ବିଭିନ୍ନ ବସ୍ତ୍ର ଅଳଙ୍କାରରରେ ସଜ୍ଜିତ ହୋଇଥାନ୍ତି । ଏହି ବସ୍ତ୍ର ଅଳଙ୍କାର ଗୁଡ଼ିକ ସୂତା, ତନ୍ତୁ, ଘାସ, ପତ୍ର, ପଥର, ମାଳୀ, ଲୁହା, ରସ୍ତ, ପିତଳ ଇତ୍ୟାଦିରୁ ତିଆରି ହୋଇଥାଏ । ଏବେ ସୁନାରୂପାର ଅଳଙ୍କାର ବଣ୍ଡୁଣୀ ପରିଧାନ କରିବାର ଦେଖାଗଲାଣି । ଯଦିଓ ବସ୍ତ୍ର ଅଳଙ୍କାର ଲଜ୍ୟାନିବାରଣ ଓ ସୌନ୍ଦର୍ଯ୍ୟବର୍ଦ୍ଧନ କରିବା ପାଇଁ ବ୍ୟବହାର କରାଯାଏ ତଥାପି ବସ୍ତ୍ର ଅଳଙ୍କାର ଜଣେ ବଣ୍ଡା ବ୍ୟକ୍ତିର ପରିଚୟ ଦେଇଥାଏ, ତା'ର ସାମାଜିକ ଓ ଆର୍ଥିକ ବିଷୟରେ ମଧ୍ୟ ଧାରଣ ଯୋଗାଇବା ପାଇଁ ସକ୍ଷମ ହୋଇଥାଏ । ବଣ୍ଡା ବସ୍ତ୍ର ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

(ଜ) ରିଙ୍ଗା:

ବଣ୍ଡା ସ୍ତ୍ରୀମାନେ ୩ ଫୁଟ୍ ଲମ୍ବ ଏବଂ ଏକ ଫୁଟ୍ ଓସାରର ଏକ ବସ୍ତ୍ର (ରିଙ୍ଗା) ଲଜ୍ୟାନିବାରଣ ନିମନ୍ତେ କଟିଦେଶରେ ପରିଧାନ କରିଥାନ୍ତି । ରିଙ୍ଗା ବ୍ୟତୀତ ଅଧିକ ଜପଡ଼ା ପିନ୍ଧିବା ବଣ୍ଡାମାନଙ୍କ ପାଇଁ ଦୋଷାବହ । ତେଣୁ ଉପର ଦେହକୁ ଆବରଣ କରିବାପାଇଁ ଏମାନେ ବସ୍ତ୍ର ପରିବର୍ତ୍ତେ ମାଳୀ ବ୍ୟବହାର କରିଥାନ୍ତି । ବଣ୍ଡାମହିଳା ଏପରି ଏକ ଛୋଟ ରିଙ୍ଗା ପରିଧାନ କରୁଥିବାର କାରଣ ବର୍ଣ୍ଣନା ପାଇଁ ବିଭିନ୍ନ ପ୍ରକାର ଲୋକକଥା ଓ କିମ୍ବଦନ୍ତୀ ରହିଛି ।

ବହୁ ପୁରାକାଳରୁ ବଣ୍ଡାମାନେ ସଂପୂର୍ଣ୍ଣ ଲଜ୍ଜଳା ହୋଇ ରହୁଥିଲେ । ଦିନେ ବଣ୍ଡା ସ୍ତ୍ରୀ ଲୋକଟି ଘରେ କାର୍ଯ୍ୟବ୍ୟସ୍ତ ଥିଲାବେଳେ ମହାପ୍ରଭୁଙ୍କ ସ୍ତ୍ରୀ ତାଙ୍କ ଘରକୁ ଆସି ଟିକିଏ ନିଆଁ ମାଗିଲେ । ମହାପ୍ରଭୁଙ୍କ ସ୍ତ୍ରୀକୁ ଦେଖି ବଣ୍ଡା ସ୍ତ୍ରୀ ଲୋକଟି ଲାଜେଇ ଗଲା ଓ ବାମ ହସ୍ତରେ ନିଜର ଯୋନିକୁ ଘୋଡ଼ାଇ ଡାହାଣ ହସ୍ତରେ ନିଆଁ ଦେଲା । ଏହା ଦେଖି ଠାକୁରାଣୀଙ୍କ ମନରେ ଦୟାହେଲା । ସେ ନିଜେ ପିନ୍ଧିଥିବା ଶାଢ଼ୀରୁ ଖଣ୍ଡେ କାଟି ତାକୁ ପିନ୍ଧିବାକୁ ଦେଲେ । ସେହିଦିନଠାରୁ ବଣ୍ଡା ଲୋକମାନେ ଲଜ୍ୟା ନିବାରଣ କଲେ ।

ଦ୍ୱିତୀୟ ଲୋକକଥାଟିରୁ ଜଣାଯାଏ ଯେ, ଆଦିବାସୀ ବାରଭାଇଙ୍କ ମଧ୍ୟରୁ ବଣ୍ଡା ବଡ଼ । ଦିନେ ସମସ୍ତେ ଭାଇ ବେଣ୍ଡ (ଶିକାର) କରିବାକୁ ଜଙ୍ଗଲକୁ ଯାଇଥିଲେ । ଇତି ଅବସରରେ ବଣ୍ଡା ସ୍ତ୍ରୀ ଲୋକଟି ଜିଙ୍ଗୁବଡ଼ାକୁ ପାଣି ପାଇଁ ଯାଇଥିଲା । ସେତେବେଳେ ସୀତା ଠାକୁରାଣୀ ସେଠାରେ ଗାଧୋଇଥିଲେ । ସେ ଏକ ସିଲ୍‌କ୍ ଶାଢ଼ୀ ପିନ୍ଧିଥିଲେ ଓ ସେଥିରେ ସୂର୍ଯ୍ୟକିରଣ ପଡ଼ି ଚକ୍ ଚକ୍ କରୁଥିଲା । ତେଣୁ ଗାଧେଇଲାବେଳେ ଶାଢ଼ୀଟି ଉଜିଯାଇ ଥିବାରୁ ତାଙ୍କର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ବାହାରକୁ ଫୁଟି ଦେଖାଯାଉଥିଲା । ଏହା ଦେଖି ବଣ୍ଡା ସ୍ତ୍ରୀ ହସିଦେଲା । ଠାକୁରାଣୀ ହସିବାର କାରଣ ପଚାରିଲେ । ଠାକୁରାଣୀ ପିନ୍ଧିଥିବା ଶାଢ଼ୀଟି ଗୋଟେ ବୁଢ଼ୀଆଣିର ଜାଲ ପରି ଦେଖାଯାଉଛି ବୋଲି ବଣ୍ଡା ସ୍ତ୍ରୀ ଲୋକଟି ଉତ୍ତର ଦେଲା । ଠାକୁରାଣୀ ଏଥିରେ କ୍ଷୁବ୍ଧ ହୋଇ ଅଭିଶାପ ଦେଇ କହିଲେ "ଆଜିଠାରୁ ତୁ ଲଜୁଜୀ ରହ ଓ ତୋ ମୁଣ୍ଡ ଲାଣ୍ଡି ହେଉ କହି ଅଭିଶାପ ଜଲେ । ଠାକୁରାଣୀଙ୍କ ବାକ୍ୟ ନ ସରୁଣୁ ବଣ୍ଡା ସ୍ତ୍ରୀର ଲୁଗା ଓ ମୁଣ୍ଡବାଳ ପୋଡ଼ିଗଲା । ସେ ଗୋଟା ଲଜ୍ଜଳା ହୋଇ ଲାଜରେ ନିକଟରେ ଥିବା ଏକ ପ୍ରସ୍ତର ଅଢୁଆଳରେ ଲୁଚିରହିଲା ।

ଶୀକାର ସାରି ଭାଇମାନେ ଘରକୁ ଫେରି ବଣ୍ଡା ସ୍ତ୍ରୀ ନ ଥିବାର ଦେଖିଲେ । ଜଙ୍ଗଲ ସାରା ଖୋଜି ଖୋଜି ତାକୁ କିଜୁବଡ଼ାକ ପାଖ ପଥର ଆଡୁଆଳରେ ସଂପୂର୍ଣ୍ଣ ଉଲଗ୍ନ ଓ ଲଣ୍ଡା ହୋଇ ଲୁଚିଥିବାର ଦେଖିଲେ । ଏହାର କାରଣ ପଚାରି ବୁଝିଲେ । ପ୍ରତିକାର ପାଇଁ ସମସ୍ତେ ଭାଇ ଯାଇ ମହାପ୍ରଭୁଙ୍କ ପାଖରେ ହାଜର ହେଲେ । ନିଜର ଦୁଃଖ ଓ ଗୁଲ ଜଣାଇ ଜାହିବାକୁ ଲାଗିଲେ । ମହାପ୍ରଭୁ ଦୟାପରବଶ ହୋଇ ନିଜ ତନୁ ନିର୍ମିତ ବସ୍ତ୍ରରୁ ଖଣ୍ଡେ ଦେଲେ ଏବଂ କହିଲେ ଆଜିଠାରୁ ଯଦି ବଣ୍ଡାସ୍ତ୍ରୀମାନେ ଏହାଠାରୁ ଅଧିକ କପଡ଼ା ପିନ୍ଧନ୍ତି କିମ୍ବା ମୁଣ୍ଡରେ ବାଳ ରଖନ୍ତି ତେବେ ବଣ୍ଡା ବଂଶ ଧ୍ୱଂସ ହୋଇଯିବ । ଭାଇମାନେ ଏହି କପଡ଼ାକୁ ଆଣି ବଣ୍ଡାରମଣୀଙ୍କୁ ଦେଲେ । ସେହି ଦିନଠାରୁ ବଣ୍ଡାସ୍ତ୍ରୀ ଶାଢ଼ୀ ପିନ୍ଧିବା ନିଷେଧ ।

ଅନ୍ୟ କେତେକ ବଣ୍ଡା କହନ୍ତି ଠାକୁରାଣୀ ସୀତା କିଜୁବଡ଼ାକରେ ପତଳା ବସ୍ତ୍ର ପରିଧାନ କରି ଗାଧୋଉଥିଲା ବେଳେ ବଣ୍ଡା ସ୍ତ୍ରୀମାନେ ଭ୍ରମରେ ଠାକୁରାଣୀ ଉଲଗ୍ନ ହୋଇ ଗାଧୋଉଥିବାର ଭାବି ପରିହାସ କରିଥିଲେ । ଏଥିରେ କ୍ଷୁବ୍ଧ ହୋଇ ଲକ୍ଷ୍ମଣ ବଣ୍ଡାମାନଙ୍କୁ ଲଙ୍ଗଳା ଓ ଲଣ୍ଡା ହେବା ପାଇଁ ଅଭିଶାପ ଦେଇଥିଲେ । ପରେ ଠାକୁରାଣୀଙ୍କୁ ପାର୍ଥନା କରି ସନ୍ତୁଷ୍ଟ କରିବାରୁ ସେ ତାଙ୍କ ଶାଢ଼ୀକାନିରୁ ଖଣ୍ଡେ ଧଡ଼ି ଚିରି ଦେଇଥିଲେ ଓ ବଣ୍ଡା ସ୍ତ୍ରୀମାନେ ତାକୁ ଆଜି ରିଙ୍ଗା ରୂପେ ପିନ୍ଧୁଛନ୍ତି ।

କିମ୍ବଦନ୍ତୀ ବ୍ୟତୀତ ରିଙ୍ଗାର ବ୍ୟବହାରିକ ମୂଲ୍ୟକୁ ବିଚାରକୁ ନିଆଯାଇପାରେ । ବଣ୍ଡୁଣୀ ଖୁବ୍ ପରିଶ୍ରମି । ସେ ଖରା, ବର୍ଷା, ଓ ଶୀତରେ ସବୁବେଳେ କାମ କରୁଥାଏ । ଡ଼ଙ୍ଗର ପାହାଡ଼ରେ ବୁଲିବା ନିତ୍ୟାନ୍ତ ଆବଶ୍ୟକ । ତେଣୁ ସହଜରେ ଡ଼ଙ୍ଗର ପାହାଡ଼ ବୁଲିବା ଓ କାର୍ଯ୍ୟ କରିବା ପାଇଁ ରିଙ୍ଗା ବ୍ୟବହାର କରାଯାଇଥାଏ । ଦ୍ୱିତୀୟତଃ ସେମାନେ ଲମ୍ବ ଶାଢ଼ୀ ତିଆରି କରିବା ପାଇଁ ପ୍ରଚୁର ସମୟ ପାଆନ୍ତି ନାହିଁ । ତୃତୀୟତଃ ସେ ସଂସ୍କୃତି ଓ ସମାଜ ସହିତ ଏପରି ଭାବରେ ଜଡ଼ିତ ଯେ ସେ ତାର ପରମ୍ପରାକୁ ଛାଡ଼ିବାକୁ ନାରାଜ । ତେଣୁ ଆଜି ମଧ୍ୟ ଅନେକ ବଣ୍ଡା ସ୍ତ୍ରୀ ଲୋକମାନେ ରିଙ୍ଗା ବ୍ୟବହାର କରୁଛନ୍ତି ।

ବଣ୍ଡା ସ୍ତ୍ରୀ ଲୋକମାନେ ସୁମେ ଗେଲିରାକ ବା ପୁଷ ପରବ ପରେ ଜଙ୍ଗଲକୁ ଯାଇ ରିଙ୍ଗା ତିଆରି କରିବା ପାଇଁ ଏଗୁର, ମୁର୍ଗା, ଇସିଏ ଓ କେରଙ୍ଗ ନାମକ ଚାରୋଟି ତନୁ ସଂଗ୍ରହ କରନ୍ତି । ତାକୁ ପାଣିରେ ପକାଇ ପଚାଇ ସେଥିରୁ ବକଳ ଛଡ଼ାଇ ତନୁ

ପ୍ରସ୍ତୁତ କରାଯାଏ । କାଳକ୍ରମେ କେବଳ ମୁର୍ଗୀ ଓ କେରଙ୍ଗ ତନ୍ତୁର ରିଙ୍ଗା ପ୍ରସ୍ତୁତ ହେଲା । ଏହି ତନ୍ତୁକୁ ହାତ ଓ ଗୁନୁରା (ଏକ କାଠିର ତଳଭାଗରେ ଛୋଟ ପଥର ଚକି ଲାଗିଥିବା ଏକ ଯନ୍ତ୍ର, ଏଥିରେ ସୂତା ପାକଳ କରାଯାଏ) ସାହାଯ୍ୟରେ ପାକଳ କରି ରଙ୍ଗେଇ ଆକାମଟି (ଦୁଇପାର୍ଶ୍ୱରେ କେନା କରାଯାଇଥିବା ଏକ କାଠି)ରେ ଗୁଡ଼ାଇ ରଖାଯାଏ । ପରେ ତାକୁ ପାରମ୍ପରିକ ରିଙ୍ଗା ବୁଣାଯନ୍ତ୍ର "ତେନାଙ୍ଗତା କୁନୁକ୍‌ପ" ସାହାଯ୍ୟରେ ବୁଣାଯାଏ । କିନ୍ତୁ ଆଜିକାଲି ତନ୍ତୁ ପରିବର୍ତ୍ତେ ବଜାରରେ ମିଳୁଥିବା ବିଭିନ୍ନ ରଙ୍ଗ ସୂତାକୁ ରିଙ୍ଗା ବୁଣିବା ପାଇଁ ବ୍ୟବହାର କରାଯାଉଛି । ପୁରୁଷମାନେ ରିଙ୍ଗା ବୁଣିବା ନିଷେଧ ।

ଯାହାହେଉ ବଣ୍ଡା ସ୍ତ୍ରୀ ଲୋକମାନେ ନିଜ ପାଇଁ ଦୁଇପ୍ରକାର ରିଙ୍ଗା ବୁଣିଥାନ୍ତି । ପ୍ରଥମଟି ପ୍ରାୟ ୩ ଫୁଟ୍ ଲମ୍ବ ଓ ୧ ଫୁଟ୍ ଓସାର । ଏହାକୁ ଦୈନନ୍ଦିନ ଜୀବନରେ ବ୍ୟବହାର କରାଯାଇଥାଏ । ଦ୍ୱିତୀୟ ପ୍ରକାରରର ରିଙ୍ଗାର ଦୈର୍ଘ୍ୟ ପ୍ରାୟ ୪ ଫୁଟ୍ ଓ ଓସାର ୧ ଫୁଟ୍ । ଏହାକୁ ସ୍ତ୍ରୀମାନେ ଗର୍ଭବତୀ ଅବସ୍ଥାରେ ବ୍ୟବହାର କରିଥାନ୍ତି । ଛୁଆ ଜନ୍ମ ପରେ ଏହି କପଡ଼ାରେ ମାଆ ଛୁଆକୁ ବେକରେ ବାନ୍ଧି ବିଭିନ୍ନ କାର୍ଯ୍ୟ କରିବା ପାଇଁ ଯାଇଥାଏ । ଛୋଟ ଛୁଆମାନଙ୍କ ପାଇଁ ଛୋଟ ରିଙ୍ଗା ବୁଣାଯାଇଥାଏ ।

ରିଙ୍ଗା ଦେଖିବାକୁ ଖୁବ୍ ସୁନ୍ଦର । ଲମ୍ବଭାବରେ ବୁଣାଯାଇଥିବା ବିଭିନ୍ନ ରଙ୍ଗର ରେଖାମାନଙ୍କୁ ଦେଖିଲେ ଯେ କେହି ଆକୃଷ୍ଟ ହୋଇପାରେ । ଯାହା ବି ହେଉ ବଣ୍ଡା ସ୍ତ୍ରୀ ଲୋକମାନେ ଏପରି ଏକ ସୁନ୍ଦର ରଙ୍ଗିନ୍ ରିଙ୍ଗା ପିନ୍ଧି ନିଜକୁ ଖୁବ୍ ଗର୍ବ ମନେକରେ । କିନ୍ତୁ ବିଭିନ୍ନ ଲୋକଙ୍କର ସଂସ୍ପର୍ଶ ଓ ଆଧୁନିକ ସଭ୍ୟତାର ପ୍ରଭାବ ଫଳରେ ବଣ୍ଡା ବାଳିକାମାନେ ପ୍ରକ୍ ଓ ପ୍ୟାଣ୍ଟ୍ ପିନ୍ଧିଲେଣି ଏବଂ ବଣ୍ଡା ଯୁବତୀ ଓ ମହିଳାମାନେ ବଜାରରୁ କିଣି ଲୁଗା ପିନ୍ଧିବାର ଶିଖିଲେଣି ।

(ଖ) ଗୋସି :

ଏହାକୁ ପୁରୁଷମାନେ ଲଜ୍ୟା ନିବାରଣ କରିବା ପାଇଁ ବ୍ୟବହାର କରିଥାନ୍ତି । ଏହା ୪ ଫୁଟ ଲମ୍ବ ଏବଂ ୨ ଫୁଟ୍‌ରୁ କମ୍ ଓସାର ବିଶିଷ୍ଟ ଏକ ବସ୍ତ୍ର । ଏହାକୁ ବଣ୍ଡା ସ୍ତ୍ରୀମାନେ ରିଙ୍ଗା ବୁଣୁଥିବା ସୂତା ଓ ଯନ୍ତ୍ରରେ ରିଙ୍ଗା ବୁଣିବା ପରି ବୁଣିଥାନ୍ତି । ଏହର ଦୁଇପାର୍ଶ୍ୱ ଧଡ଼ି ରଙ୍ଗିନ ହୋଇଥାଏ ଓ ମଝି ଅଂଶ ଡକ ସାଧା ଛାଡ଼ି ଦିଆଯାଇଥାଏ ।

୭. ଅଳଙ୍କାର :

ବେଶୀ ସରୁ କିମ୍ବା ବେଶୀ ମୋଟା ନଥିବା ଓଠ, କଳା ଆଖି ଡୋଳା, ଠିଆଠିଆ କାନ, ଚଉଡ଼ା ଛାତି, ସୁଠାମ ଓ ଶକ୍ତ ବାହୁ, କ୍ଷୀଣ କଟି, ପ୍ରଶସ୍ତ, ବର୍ତ୍ତୁଳ ଓ ଶକ୍ତ

ନିତମ୍ବ, ଲମ୍ବା ସିଧା ନାକ ଓ ମଧ୍ୟମ ଉଚ୍ଚତା ଥିବା ବଣ୍ଡା ଝିଅକୁ ସୁନ୍ଦରୀ କୁହାଯାଏ । ଏହି ସୁନ୍ଦରୀ ଯଦି ଖଣ୍ଡେ ରିଙ୍ଗା ଓ ଅଳଙ୍କାରରେ ଛାଇଦିଏ ଶରୀରକୁ ତେବେ ଏପରି କେହି ବଣ୍ଡା ପୁଅ ନାହିଁ ଯେ ତାକୁ ଦେଖି ନିଜର ନଜର ଫେରେଇ ନେବ । କିନ୍ତୁ ସମସ୍ତେ ଏପରି ସୁଲକ୍ଷଣ ଓ ସୁନ୍ଦରୀ ନୁହନ୍ତି । ତେଣୁ ସେମାନେ ନିଜକୁ ସୁନ୍ଦର କରିବା ପାଇଁ ଅଳଙ୍କାର ବ୍ୟବହାର କରିଥାନ୍ତି । ଅଧିକନ୍ତୁ ବଣ୍ଡା ସ୍ତ୍ରୀ ସୀତା ବା ଲକ୍ଷ୍ମଣଙ୍କ ଠାରୁ ଅଭିଶାପ ପାଇବା ପରେ ଉପର ଦେହରେ ବସ୍ତ୍ର ପିନ୍ଧିବା ନୀତି ସଙ୍ଗୀତ ନୁହେଁ ବୋଲି ବିଚାର କରେ । ତେଣୁ ନିଜର ଦେହକୁ ଆବରଣ କରିବା ପାଇଁ ଓ ସୁନ୍ଦରୀ ଦେଖାଯିବା ପାଇଁ ଅଳଙ୍କାର ବ୍ୟବହାର କରାଯାଇଥାଏ । ମୁଖ୍ୟତଃ ବଣ୍ଡା ଧାଙ୍ଗିଡ଼ିମାନେ ବେଶୀ ପରିମାଣରେ ଅଳଙ୍କାର ପରିଧାନ କରିଥାନ୍ତି । ଏହାଦ୍ୱାରା ସେମାନେ ସୁଦକ୍ଷ ଓ ସୁନ୍ଦର ବଣ୍ଡା ଯୁବକଙ୍କୁ ଆକର୍ଷଣ କରିପାରିବେ ବୋଲି ବଣ୍ଡା ରମଣୀମାନେ ମତଦିଅନ୍ତି । ବିବାହ ପରେ ଆସ୍ତେ ଆସ୍ତେ ଅଳଙ୍କାର ପରିମାଣ କମିଯାଇଥାଏ । ପୁରୁଷମାନେ ମଧ୍ୟ ଅଳ୍ପ ପରିମାଣରେ ଅଳଙ୍କାର ପରିଧାନ କରିଥାନ୍ତି । ବଣ୍ଡା ରମଣୀ ସବୁ ଆଦିବାସୀଙ୍କ ଠାରୁ ଅଧିକ ପରିମାଣରେ ଅଳଙ୍କାର ପିନ୍ଧିଥାଏ । ବଣ୍ଡାମାନେ ବ୍ୟବହାର କରୁଥିବା ଅଳଙ୍କାର ମାନ ନିମ୍ନରେ ଦିଆଯାଇଛି । ଜଣେ ଅବିବାହିତା ଯୁବତୀ ପିନ୍ଧିଥିବା ସବୁ ଅଳଙ୍କାରର ଓଜନ ପ୍ରାୟ ୧୫. କି.ଗ୍ରା.ରୁ ଉଣା ହେବନାହିଁ ।

(କ) ମାଳୀ (ଲୁବଇଡା):

ବଣ୍ଡା ରମଣୀମାନେ ବଡ଼ ଚତୁରୀ ଓ ବୁଦ୍ଧିମତୀ । ନିଜର ଖୋଲା ଉପର ଅଂଶକୁ ଘୋଡ଼ାଇବା ପାଇଁ ଅନେକ ପ୍ରକାରର ଓ ପରିମାଣର ମାଳୀ ପିନ୍ଧିଥାନ୍ତି । ସାଧାରଣତଃ କାଚ ବା ପ୍ଲାଷ୍ଟିକ ମାଳୀଗୁଡ଼ିକ ବଜାରରୁ କିଣି ତାକୁ ପ୍ଲାଷ୍ଟିକ ବା ଲାଇଲନ୍ ସୂତାରେ ଗୁନ୍ଥି ଲମ୍ବା ଲମ୍ବା ମାଳ ତିଆରି କରିଥାଏ । ମାଳିଗୁଡ଼ିକ ବେକଠାରୁ ନାଭି ତଳ ପର୍ଯ୍ୟନ୍ତ ଲମ୍ବିଥାଏ । ମାଳୀଗୁଡ଼ିକୁ ଛୋଟବଡ଼ କରି ଏପରି ଭାବରେ ସଜାଯାଇଥାଏ ଯେ ବସ୍ତ୍ର ବିନା ମଧ୍ୟ ଶରୀର କୌଣସି ଅଂଶ ଦେଖିବା ଜଷ୍ଟକର ହୋଇପଡ଼େ । ଏହି ମାଳିଗୁଡ଼ିକ ବେକରେ ଏପରି ଗୁଡ଼ା ହୋଇଥାଏ ଯେ ବେକ ମଧ୍ୟ ବାହାରକୁ ଦିଶେନାହିଁ । ଏହି ମାଳିଗୁଡ଼ିକ ବିଭିନ୍ନ ରଙ୍ଗର ହୋଇଥାଏ । ଏହି ମାଳୀ ବ୍ୟତୀତ ବଣ୍ଡା ଯୁବତୀମାନେ ନାଚଗୀତ ଅବସରରେ ପରସାମାଳୀ (ତାବୁ ଲୁବଇଡ଼ା) ଓ ଜଉଡ଼ିମାଳୀ (ବୁଢ଼େ ଲୁବଇଡା) ଓ ପିତଳମାଳୀ ବ୍ୟବହାର କରିଥାନ୍ତି । ଜଙ୍ଗଲରୁ କେତେକ ଫଳ ଯଥା କେଉଟମାଳୀ, କାଜଡ଼ଜୋଡ ଓ ସିରେ ଇତ୍ୟାଦି ଫଳକୁ ଗୁନ୍ଥିମାଳୀ ତିଆରି କରାଯାଇଥାଏ । ଜଙ୍ଗଲରୁ ସଂଗୃହିତ ମାଳୀ ଫଳର ଔଷଧୀୟ ଗୁଣମାନ ରହିଥାଏ ।

(ଖ) ମୁଣ୍ଡ ମାଳୀ (ରେନାଙ୍ଗଦ ଲୁବଇଡ଼ା):

ସୀତାଙ୍କର ଅଭିଶାପରେ ମଧ୍ୟ ବଣ୍ଡା ସ୍ତ୍ରୀ ଲୋକମାନେ ମୁଣ୍ଡ ଲଣ୍ଡା ହୋଇଯାଇଥିଲା ବୋଲି ବଣ୍ଡାମାନେ ବିଭିନ୍ନ ଲୋକକଥା ମାଧ୍ୟମରେ ପ୍ରକାଶ କରନ୍ତି । ତେଣୁ କୌଣସି ବଣ୍ଡା ସ୍ତ୍ରୀ ଲୋକ ମୁଣ୍ଡରେ ବାଳ ରଖନ୍ତି ନାହିଁ । ସେମାନେ ବିଶ୍ୱାସ କରନ୍ତି ଯଦି ସ୍ତ୍ରୀ ଲୋକମାନେ ମୁଣ୍ଡରେ ବାଳ ରଖନ୍ତି ତେବେ ଠାକୁରାଣୀଙ୍କ ଅଭିଶାପ ଅନୁଯାୟୀ ବଣ୍ଡା ପାହାଡ଼ରେ କୁଶ ଜଅଁଳିବ ନାହିଁ । ଦ୍ୱିତୀୟତଃ ବ୍ୟବହାରିକ କାରଣକୁ ମଧ୍ୟ ବିଚାରକୁ ନିଆଯାଇପାରେ । ପରିଶ୍ରମୀ ଓ ଅଭାବି ବଣ୍ଡା ସ୍ତ୍ରୀମାନେ ବାଳ ଯତ୍ନ ନେଇପାରନ୍ତି ନାହିଁ ଓ ମୁଣ୍ଡରେ ତେଲ ଲଗାଇବାକୁ ପାଇ ନଥାନ୍ତି । ତେଣୁ ସେମାନେ ଲଣ୍ଡା ହେବାକୁ ଶ୍ରେୟ ମନେ କରନ୍ତି । ଏସବୁ କାରଣକୁ ଆଖିରେ ରଖି ଲଣ୍ଡାମୁଣ୍ଡକୁ ସୁନ୍ଦର କରିବା ପାଇଁ ସେମାନେ ଅନେକ ଅଳଙ୍କାରରେ ମୁଣ୍ଡକୁ ସଜାଇଥାନ୍ତି । ସେମାନେ ମୁଣ୍ଡରେ ଏପରି ଭାବରେ ଅଳଙ୍କାର ଲଗାଇଥାନ୍ତି ଯେପରି ତାଙ୍କର ମୁଣ୍ଡ ବାଳଗୁଡ଼ିକ ପାରିଦେଇ ତା ଉପରେ ପଟିଦେଇ ବାନ୍ଧି ଦେଇଥିବାପରି ଜଣାପଡ଼େ । ବଣ୍ଡାସ୍ତ୍ରୀ ଲୋକମାନେ ବେକରେ ପିନ୍ଧୁଥିବା ବିଭିନ୍ନ ରଙ୍ଗର ମଳୀପରି ମୁଣ୍ଡରେ ମଧ୍ୟ ବିଭିନ୍ନ ପ୍ରକାର ମାଳି ପିନ୍ଧିଥାନ୍ତି । ମୁଖ୍ୟତଃ ଛୋଟ ଛୋଟ ଧଳା, ନାଲି, କଳା, ହଳଦିଆ, ସବୁଜ ଇତ୍ୟାଦି ରଙ୍ଗର ମାଳୀରେ ତିଆରି ମୁଣ୍ଡମାଳୀ ବ୍ୟବହାର କରିଥାନ୍ତି । ଏକ ନାଇଲନ ସୂତାରେ ଏହି ମାଳୀଗୁଡ଼ିକୁ ସୁନ୍ଦର ଭାବରେ ଗୁନ୍ଥି ଅନେକ ଲମ୍ବା ମାଳୀ ତିଆରି କରାଯାଏ ଓ ପରେ ଏହାକୁ ଗୁଡ଼ାଇ ଗୁଡ଼ାଇ ମୁଣ୍ଡ ଆକାରରେ କରାଯାଇ ଗୋଟିଏ ଯାଗାରେ ଏକତ୍ର କରି ବାନ୍ଧି ଦିଆଯାଏ । ଏହି ମାଳୀକୁ ଲଣ୍ଡା ମୁଣ୍ଡର ଚାରିଆଡ଼େ ଏପରି ସଜା ଯାଇଥାଏ ଯେ ମୁଣ୍ଡର କୌଣସି ଅଂଶ ବାହାରକୁ ପ୍ରାୟ ଦିଶେନାହିଁ । ଅଧିକନ୍ତୁ ମୁଣ୍ଡରେ ଏକ ଟୋପି ପିନ୍ଧିଥିବା ପରି ମନେହୁଏ । ମୁଣ୍ଡରେ ମାଳୀଗୁଡ଼ିକ ସଜାଇ ପିନ୍ଧିସାରିବା ପରେ ଅନ୍ୟଏକ ମାଳୀକୁ ଏପରି ଭାବରେ ପିନ୍ଧାଯାଇଥାଏ ଯାହା ଏକ ଚାପିଣି ପରି କାମ କରେ । କୌଣସି ମାଳୀକୁ ଖସି ପଡ଼ିବାକୁ ଦିଏ ନାହିଁ । ଏହି କାଚ ବା ପ୍ଲାଷ୍ଟିକ ମାଳୀ ବ୍ୟତୀତ ବିଭିନ୍ନ ଘାସପତ୍ରରୁ ନିର୍ମିତ ମୁଣ୍ଡ ସୂତା ମଧ୍ୟ ଏମାନେ ବ୍ୟବହାର କରିଥାନ୍ତି । କୁରତବ ନାମକ ଘାସକୁ ମୁର୍ଗୀ ତନ୍ତୁରେ ନିର୍ମିତ ସୂତା ଉପରେ ଏକ ଛୋଟ ଧନୁ ସାହାଯ୍ୟରେ ବୁଣି ଏକ ସୁନ୍ଦର ମୁଣ୍ଡ ସୂତା ତିଆରି କରାଯାଏ । ଏହାକୁ ତୁରାବୁ କୁହାଯାଏ । ଏହା ଭିନ୍ନ ଖଜୁରୀ ପତ୍ରରୁ ସେମାନେ ଶୁରଣ୍ଡା ନାମକ ମୁଣ୍ଡସୂତା ତିଆରି କରିଥାନ୍ତି । ଦୈନନ୍ଦିନ ଜୀବନରେ ବଣ୍ଡା ସ୍ତ୍ରୀ ଲୋକମାନେ ମୁଣ୍ଡମାଳୀ ଓ ମୁଣ୍ଡ ସୂତା ବ୍ୟବହାର କରିଥାନ୍ତି ଓ ନାଚଗୀତ ସମୟରେ ଟିକିଏ ଅଧିକ ପରିମାଣରେ ବ୍ୟବହାର କରାଯାଇଥାଏ ।

(ଗ) ଖଗଲା (ଉଁସୁଙ୍ଗୁ):

ବେକରେ ମାଳୀ ବ୍ୟତୀତ ରସ ଓ ପିତଳର ଗଳାବନ୍ଧ ବା ଖଗଲା (ଉଁସଙ୍ଗୁ) ପିନ୍ଧିଥାଏ ବଣ୍ଡା ସ୍ତ୍ରୀ ଲୋକ । ଉଁସଙ୍ଗୁର ପ୍ରକାର ଭେଦ ରହିଛି । ପୋଲା/ଫମ୍ପା, ଗୋଲାକାର ରସ ଦଣ୍ଡକୁ ମୋଡ଼ି ବୃତ୍ତାକାର କରାଯାଏ । ସ୍ତ୍ରୀ ଲୋକର ମୁଣ୍ଡରେ ପଶିବା ପରି ବ୍ୟାସ କରାଯାଇଥାଏ । ଉଭୟ ମୁଣ୍ଡକୁ ଯୋଡ଼ିବା ପାଇଁ ଅଙ୍କିରା ଓ ମାଇ ଆଙ୍କୁଶୀ କରାଯାଇଥାଏ । ଏହାକୁ ସାଧାରଣତଃ ସମସ୍ତେ ପିନ୍ଧିଥାନ୍ତି । କିନ୍ତୁ ପିତଳ ନିର୍ମିତ ଏହି ଉଁସଙ୍ଗୁକୁ ମୁଖ୍ୟତଃ ଧନୀ ଶ୍ରେଣୀର ବଣ୍ଡା ସ୍ତ୍ରୀମାନେ ପରିଧାନ କରିଥିବାର ଦେଖାଯାଏ । ତୃତୀୟ ପ୍ରକାର ଉସଙ୍ଗୁଟରେ ଏକ ଲୁହା କିମ୍ବା ରସର ସରୁଦଣ୍ଡ ଉପରେ ସରୁ ରସତାର ଗୁଡ଼ା ଯାଇଥାଏ । ଏହା ମଧ୍ୟ ଯେ କେହି ପିନ୍ଧିପାରେ । ଏହାକୁ ସାଧାରଣତଃ କମାର ତିଆରି କରିଥାଏ ଓ ବଣ୍ଡାମାନେ ହାଟ ବଜାରରୁ କିମ୍ବା ତମ୍ବା ବେପାରୀମାନଙ୍କ ଠାରୁ କ୍ରୟ କରି ବ୍ୟବହାର କରିଥାନ୍ତି । ବେକ ସିଧାକଲାପରେ ଯେତେ ପରିମାଣରେ ଉସଙ୍ଗୁ ଧରେ ସେ ସେତୋଟି (ସାଧାରଣତଃ ୮-୧୦ଟି) ପିନ୍ଧିଥାନ୍ତି । ଉସୁଙ୍ଗୁ ଯେ କେବଳ ନିଜକୁ ସଜାଇବା ପାଇଁ ବ୍ୟବହାର କରାଯାଏ ତାହା ନୁହେଁ ବରଂ ଏହା ଦ୍ୱାରା ସେମାନଙ୍କର ସାମାଜିକ, ସଂସ୍କୃତିକ ଓ ଆର୍ଥିକ ଜୀବନର ପ୍ରତିଫଳନ ହୋଇଥାଏ । ବ୍ୟବହାରିକ ଦୃଷ୍ଟିକୋଣରୁ ଦେଖିଲେ ଉଁସଙ୍ଗୁ ପିନ୍ଧିଥିବା ଜଣେ ବଣ୍ଡା ସ୍ତ୍ରୀ ଲୋକଙ୍କୁ କେହି ଜଣେ ବେକରେ ଚିପି କିମ୍ବା ଅସ୍ତ୍ର ପ୍ରହାର କରି ମାରିପାରିବ ନାହିଁ, କାରଣ ଏହି ଉସଙ୍ଗୁ ଏହାକୁ ପ୍ରତିରୋଧ କରିବ । ଦ୍ୱିତୀୟତଃ ଡଙ୍ଗର ପାହାଡ଼ରେ ମୁଣ୍ଡରେ ବୋଝ ନେଇଯିବା ଆସିବା କଲାବେଳେ ଏହା ମୁଣ୍ଡକୁ ସିଧା ଓ ସ୍ଥିର କରିରଖେ । ଏହାର ମଧ୍ୟ କେତୋଟି ଖରାପଗୁଣ ରହିଅଛି । ବେକରେ ପିନ୍ଧିବା ଦ୍ୱାରା ବେକ କଳା ଓ ଅପରିସ୍କାର ହୁଏ । ଛୋଟ ଛୁଆଟେ ମାଆଠାରୁ କ୍ଷୀର ଖାଇଲାବେଳେ ଏହି ଉସଙ୍ଗୁଗୁଡ଼ିକ ଛୁଆର ମୁଣ୍ଡରେ ବାରମ୍ବାର ପିଟିହୋଇ ଛୁଆକୁ ଯନ୍ତ୍ରଣା ଦିଏ । ତେଣୁ ଛୁଆଟି ଚିଡ଼ିଚିଡ଼ା ସ୍ୱଭାବର ହୋଇଥାଏ । ପରବର୍ତ୍ତି ସମୟରେ ବଣ୍ଡା ରାଗୀ, ହିଂସ୍ର ଇତ୍ୟାଦି ହେବାର ଏହା ଏକ କାରଣ ଅଟେ ।

(ଘ) ଚୁଡ଼ି (ସୁଙ୍ଗରଏ):

ବଣ୍ଡା ସ୍ତ୍ରୀ ଲୋକମାନେ ହାତରେ ପିନ୍ଧୁଥିବା ଚୁଡ଼ି (ସୁଙ୍ଗରଏ) ଗୁଡ଼ିକ ସାଧାରଣତଃ ପିତଳ ଓ ରସର ନିର୍ମିତ ହୋଇଥାଏ । ଏହାକୁ କେବଳ ସ୍ତ୍ରୀ ଲୋକମାନେ ପିନ୍ଧିଥାନ୍ତି । ଏହା ଚେପଟା କିମ୍ବା ସରୁ ହୋଇପାରେ । ସାଧାରଣତଃ ବିବାହିତ ସ୍ତ୍ରୀ ଲୋକମାନେ

ଅଧିକ ପରିମାଣରେ ସୁଙ୍ଗରଏ ପିନ୍ଧିଥାନ୍ତି । ସେମାନେ କଳାଗଣ୍ଠିଠାରୁ କହୁଣୀ ପର୍ଯ୍ୟନ୍ତ ପିନ୍ଧିଥାନ୍ତି । ଦୁଇହାତରେ ସମସ୍ତଚୁଡ଼ିକୁ ଗଣିଲେ ପ୍ରାୟ ୫୦ଟି ହୋଇପାରେ । ଅବିବାହିତ ବାଳିକାମାନେ ନିଜ ଇଚ୍ଛା ମୁତାବକ ଯଥେଷ୍ଟ ପରିମାଣରେ ପିନ୍ଧିଥାନ୍ତି । ଏହି ଚୁଡ଼ିଗୁଡ଼ିକ କମାର ମଧ୍ୟ ତିଆରି କରି ବଣ୍ଡାମାନଙ୍କୁ ଯୋଗାଇଥାଏ । ଏପରି ମାତ୍ରାଧିକ ପରିମାଣରେ ଚୁଡ଼ି ପିନ୍ଧିବାର କେତେକ କାରଣ ରହିଛି । ଏ ବିଷୟରେ ବଣ୍ଡାମାନେ କହୁଥିବା ଏକ ଲୋକକଥା ନିମ୍ନରେ ଦିଆଗଲା :-

ସେତେବେଳେ ବଣ୍ଡା ସ୍ତ୍ରୀ ଲୋକମାନେ ହାତରେ ଚୁଡ଼ି/ଖଡୁ ପିନ୍ଧୁନଥିଲେ । ଶିଶା ଯେତେ ପୂଜାପାଠ କଲେ ମଧ୍ୟ ଦେବାଦେବୀମାନେ ସନ୍ତୁଷ୍ଟ ହେଲେ ନାହିଁ । ଅପରନ୍ତୁ କୌଣସି ବଣ୍ଡା ସ୍ତ୍ରୀମାନେ ଗର୍ଭଧାରଣ କଲେନାହିଁ । ଫଳରେ ଏହା ଏକ ମୁଖ୍ୟ ସମସ୍ୟା ଭାବରେ ବଣ୍ଡାଯମାନ ହେଲା । ବଣ୍ଡାମାନେ ମହାପ୍ରଭୁଙ୍କ ପାଖରେ ମିନତି କରି ଗୁହାରି ଜଣାଇଲେ । ମହାପ୍ରଭୁ ବଣ୍ଡା ସ୍ତ୍ରୀ ଲୋକଙ୍କୁ ଡକାର ଆଣି ସେମାନଙ୍କୁ ଟିକିନିଖି ପରୀକ୍ଷା କଲେ । ତା'ପରେ ମହାପ୍ରଭୁ କହିଲେ ଯେଉଁଦିନ ପର୍ଯ୍ୟନ୍ତ ବଣ୍ଡା ସ୍ତ୍ରୀ ଲୋକମାନେ ହାତରେ ଖଡୁ ନ ପିନ୍ଧିଛନ୍ତି, ସେତେଦିନ ପର୍ଯ୍ୟନ୍ତ ସେମାନେ ଗର୍ଭଧାରଣ କରିପାରିବେ ନାହିଁ କିମ୍ବା ଭଲ ଅମଳ ହେବନାହିଁ । ତେଣୁ ସେହିଦିନଠାରୁ ବଣ୍ଡା ସ୍ତ୍ରୀ ଲୋକମାନେ ପ୍ରଚୁର ପରିମାଣରେ ସୁଙ୍ଗରାଏ ପିନ୍ଧିଲେ, ସେମାନେ ଗର୍ଭବତୀ ହେଲେ ଓ ଅମଳ ପ୍ରଚୁର ହେଲା ।

ଏହି ଚୁଡ଼ି/ ଖଡୁ ବଣ୍ଡାମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଳଙ୍କାର ଯାହାର ସାମାଜିକ, ସଂସ୍କୃତିକ, ଧାର୍ମିକ, ମୂଲ୍ୟବୋଧ ରହିଅଛି । ଖୁବ୍ ମଜାର କଥା । ଧାଙ୍ଗଡ଼ି ବସାକୁ ସନ୍ଧ୍ୟାରେ ଦୌଡ଼ିଥିବା ଯୁବକ ଅଣ୍ଡାରେ ଝୁଲୁଥାଏ କେତୋଟି ଖଡୁ । ସେ ତାକୁ ନେଇ ବିବାହ ପାଇଁ ଇଚ୍ଛାକରୁଥିବା ଝିଅକୁ ଗୀତ ଗାଇଗାଇ ବୁଝାଇମନାଇ କିମ୍ବା ଜୋର ଜବରଦସ୍ତ ପିନ୍ଧାଇ ଦିଆଯାଇଥାଏ । ଯଦି ବାଳିକାଟି ଏହି ଚୁଡ଼ି ଗ୍ରହଣ କରେ ତେବେ ସେ ଉକ୍ତ ପୁଅକୁ ବିବାହ କରିବାକୁ ଇଚ୍ଛୁକ ବୋଲି ଧରାଯାଏ ଓ ସେ ବିବାହ ପାଇଁ ମତ ଦେଇଛି ବୋଲି ଧରି ନିଆଯାଏ । ଏହା ପରେ ବିଧବଦ୍ଧ ଭାବରେ ବିବାହର ଆୟୋଜନ କରାଯାଏ । ବଣ୍ଡା ରମଣୀମାନେ ହାତରେ ମଧ୍ୟ ଗୁଡ଼ାଏ ଚୁଡ଼ି ପିନ୍ଧିଥାନ୍ତି । ଏହା ବଳରେ ସେମାନେ ଏକ ଶକ୍ତ ଧକା ଦେଇ କାମୁକ ବଣ୍ଡାମାନଙ୍କ ଆକ୍ରମଣରୁ ନିଜକୁ ରକ୍ଷାକରିଥାନ୍ତି । ଖଡୁ ପିନ୍ଧିଥିବା ହାତକୁ କୌଶଳକ୍ରମେ ହଲାଇ ହଲାଇ ସେଥିରୁ ବାଦ୍ୟ

ଯନ୍ତ୍ରର ଗୁଞ୍ଜରଣ ସୃଷ୍ଟି କରାଯାଇପାରେ । ତେଣୁ ଧାଙ୍ଗଡ଼ିବସାରେ ଏହା ମଧ୍ୟ ବାଦ୍ୟଯନ୍ତ୍ର ପରି କାର୍ଯ୍ୟ କରିଥାଏ । ଚୁଡ଼ିର ସନ୍ତାନଧାରଣ ଓ ଭଲ ଅମଳ ପାଇଁ ଏକ ଯୁ ପ୍ରଭାବ ରହିଛି ବୋଲି ବଣ୍ଡାମାନେ ବିଶ୍ୱାସ କରିଥାନ୍ତି ।

(ଡ) ମୁଦି (ଅରଡି):

ହାତ ଆଙ୍ଗୁଳିରେ ପିନ୍ଧୁଥିବା ମୁଦି (ଅରଡି) ରସ, ପିତଳ, କିମ୍ବା ଲୁହାର ହୋଇପାରେ । ଏହାକୁ କମାର ତିଆରି କରିଥାଏ । ଏହା ବିଭିନ୍ନ ପ୍ରକାରର ମଧ୍ୟ ହୋଇଥାଏ । କେବଳ ତାରକୁଗୁଡ଼ାଇ କେତେକ ମୁଦି ତିଆରି କରାଗଲା ବେଳେ ତାର ଉପରେ ବେଳେବେଳେ ଧାତୁ କିମ୍ବା ପଥର ଖଞ୍ଜା ଯାଇଥାଏ । ଅନ୍ୟ କେତେକ ମୁଦିରେ ତାର ଉପରେ ପତ୍ରସା ଖଞ୍ଜାଯାଇଥାଏ । ଏହାକୁ ତାବୁ ଅରଡି କୁହାଯାଏ । ଏହାକୁ ଧାଙ୍ଗଡ଼ାମାନେ ଧାଙ୍ଗଡ଼ିମାନଙ୍କୁ ଉପହାର ଦେଇପାରନ୍ତି । କୌଣସି ବଣ୍ଡାଝିଅ ଯଦି କୌଣସି ପୁଅଠାରୁ ଏହି ମୁଦି ଗ୍ରହଣ କରିବା ଜରେ ତେବେ ଉକ୍ତ ଝିଅ ସେହି ପୁଅ ସହ ବନ୍ଧୁତ୍ୱ ସ୍ଥାପନ କରିବା, ପ୍ରେମ ଓ ସର୍ବୋପରି ବିବାହ କରିବା ପାଇଁ ରାଜିଅଛି ବୋଲି ଧରାଯାଏ । ଗୋଡ଼ର ଆଙ୍ଗୁଠିରେ ମୁଦି ପିନ୍ଧିବା ନିଷେଧ ।

(ଚ) କାନଫୁଲ:

କାନଫୁଲ ମୁଖ୍ୟତଃ ରସ ଓ ପିତଳରେ ତିଆରି କରାଯାଇଥାଏ । ଏହାକୁ କମାର ତିଆରି କରିଥାଏ । ବଣ୍ଡାମାନେ ହାଟବଜାରରୁ କିମ୍ବା ଉତ୍ପ ବେପାରୀମାନଙ୍କ ଠାରୁ ଏହା ସଂଗ୍ରହ କରିଥାନ୍ତି । କାନଫୁଲ ବିଭିନ୍ନ ପ୍ରକାରର ଦେଖାଯାଏ । ଏକ ମୋଟା ରସଖଣ୍ଡକୁ ଦୁଇପାର୍ଶ୍ୱରେ ଚେପଟା କରି ବଡ଼ ଚେପଟା ପାଖଟି ଆଗକୁ ଦେଇ ପିନ୍ଧିଥାନ୍ତି । ଏହାକୁ ଲିମ୍ବିଲୁ କୁହାଯାଏ । ଏହା ବ୍ୟତୀତ ଏକ ତାରରେ ଏକ ରିଙ୍ଗ୍ କରାଯାଇଥାଏ । ଏହାର ନିମ୍ନ ଦେଶରେ ଅନେକ ଛୋଟ ଛୋଟ ଚେନ୍ ଝୁଲା ଯାଇଥାଏ । ଏହାକୁ ଝରକାନଫୁଲ ବା ଜୁଙ୍ଗଜୁଙ୍ଗଲୁ କହନ୍ତି । ଛୋଟ ଲିମ୍ବିଲୁକୁ କାନର ନିମ୍ନଭାଗରେ ପିନ୍ଧିଥାନ୍ତି ଓ ଜୁଙ୍ଗଜୁଙ୍ଗଲୁକୁ କାନର ଅପରଭାଗରେ ପିନ୍ଧିଥାନ୍ତି ଓ କାନକୁ ଓହଳାଇ ନ ଆଣିବା ପାଇଁ ଏହାକୁ ମୁଣ୍ଡମାଳୀ ସହ ସଂଯୋଗ କରାଯାଇଥାଏ ।

(ଛ) ନାକଫୁଲ (ସୁନକମି):

ସାଧାରଣତଃ ବଣ୍ଡା ସ୍ତ୍ରୀ ଲୋକମାନେ ନାକଫୁଲ ପିନ୍ଧି ନଥାନ୍ତି । କିନ୍ତୁ ଆଧୁନିକ ଝିଅମାନେ ବଜାରରୁ ନାକଫୁଲ କିଣି ପିନ୍ଧିଲେଣି ।

(ଜ) ଅଣ୍ଟାସୂତା (ଥୁନ୍ୟ ଲୁବଇତା):

ସମସ୍ତ ବଣ୍ଡା ସ୍ତ୍ରୀ ଲୋକମାନେ ଅଣ୍ଟାରେ ଅଣ୍ଟାସୂତା ହିସାବରେ କେରଙ୍ଗ କିମ୍ବା ସିଆଡ଼ି ତନ୍ତୁ ବାନ୍ଧିଥାନ୍ତି । କିନ୍ତୁ ଏବେ ବଣ୍ଡାମାନେ ଏକ ସୂତାର ଗୁନ୍ଥାଯାଇଥିବା ସରୁମାଳୀକୁ ଅଣ୍ଟାସୂତା ହିସାବରେ ବ୍ୟବହାର କରୁଛନ୍ତି । ଏହି ଅଣ୍ଟା ସୂତାରେ ବଣ୍ଡାମାନେ ଗିଙ୍ଗାକୁ ବାନ୍ଧିଥାନ୍ତି । ଏଥିରେ ସ୍ତ୍ରୀ ଲୋକମାନେ ଦାଆ ଓ ପାନିଆ ଝୁଲାଇଥାନ୍ତି ।

(ଝ) ବାହୁଟି (ସାମ୍ୟା):

ଚେପଟା ରସ ପାତିଆରେ ଖଡ଼୍ଗ ଆକୃତିର ସାମ୍ୟା ତିଆରି କରାଯାଇଥାଏ । ଏହାକୁ କମାର ତିଆରି କରିଥାଏ । କେବଳ ପୁରୁଷ ପିଲାମାନେ ଏହି ସାମ୍ୟାକୁ ବାହୁରେ ପିନ୍ଧିଥାନ୍ତି । କିନ୍ତୁ ଏବେ ଏହାର ବ୍ୟବହାର ବିରଳ ପ୍ରାୟ । ସାମ୍ୟା ବ୍ୟତୀତ ବଣ୍ଡା ପୁଅମାନେ ବେକରେ ୨-୪ ଖୁଅମାଳୀ ଓ ମୁଣ୍ଡରେ ଖଡ଼ଣ୍ଡା ବ୍ୟବହାର କରିଥାନ୍ତି ।

୮. ବାଦ୍ୟଯନ୍ତ୍ର:

ବଣ୍ଡା ନାଚ ପ୍ରିୟ ନୁହେଁ । ଦେବାଦେବୀକୁ ସନ୍ତୁଷ୍ଟ କରିବା ପାଇଁ ହେଉ କିମ୍ବା କର୍ମକ୍ଲାନ୍ତ ଜୀବନକୁ ଟିକିଏ ସରସ ସୁନ୍ଦର କରିବା ପାଇଁ ହେଉ ସେମାନେ ନାଚଗୀତ କରିଥାନ୍ତି । ମୁଖ୍ୟତଃ ବିଭିନ୍ନ ପର୍ବପର୍ବାଣୀରେ, ପୂଜାପାଠ ଅବସରରେ, କନ୍ୟାଡ଼ାକି ଆଣିବା ବେଳେ ଇତ୍ୟାଦି ମାଦକ ପାନୀୟ ସେବନ କରି ବଣ୍ଡା ମତୁଆଲା ହୋଇ ନାଚଗୀତର ଆୟୋଜନ କରେ । ବାଜାର ତାଳେ ତାଳେ ବେସୁରା ଢଙ୍ଗରେ ଗୀତ ଗାଇଯାଏ । ତାଇମାନ ନରଖି ଝୁଲି ଝୁଲି ନାଚିଯାଏ ବଣ୍ଡା । ଏହି ନାଚକୁ ଢେମସା କହନ୍ତି । ନାଚ ବ୍ୟତୀତ ଧାଙ୍ଗଡ଼ି ବସାରେ ଉଙ୍ଗର ଜଗିଲା ବେଳେ, ବର୍ଷାସମୟରେ ଇତ୍ୟାଦି ବଣ୍ଡାମାନେ ବିଭିନ୍ନ ପ୍ରକାର ବାଦ୍ୟ ବଜାଇଥାନ୍ତି । ବଣ୍ଡାମାନେ ବ୍ୟବହାର କରୁଥିବା ବାଦ୍ୟଯନ୍ତ୍ରଗୁଡ଼ିକ ହେଉଛି କିଡ଼ିଙ୍ଗ, ଟାମ, ପିନେ, ଗୁନୁଙ୍ଗ, ତିରିରିପେ, ତୁନରକୁପ୍, ଡ଼ାମାଇ, ଗିଆକ୍‌ଡ଼ିଙ୍ଗ୍, ନେପ ଇତ୍ୟାଦି । ନାଚ ସମୟରେ ମୟୁର ପର (ବାରକୁଙ୍ଗ) ଓ ଘୁଙ୍ଗୁର (ଉଇଆ) ମଧ୍ୟ ବ୍ୟବହାର କରାଯାଇଥାଏ । ଏହି ସମସ୍ତ ବାଦ୍ୟଯନ୍ତ୍ର ଓ ନାଚ ଉପକରଣ ଗୁଡ଼ିକ କାଠ, ବାଉଁଶ, ମାଟିପାତ୍ର, ଚମଡ଼ା, ପର, ଲୁହା ଓ ପିତ୍ତଳରୁ ତିଆରି କରାଯାଇଥାଏ । କେତେକ ବାଦ୍ୟଯନ୍ତ୍ର ବଣ୍ଡାମାନେ ନିଜେ ତିଆରି କରିଥାନ୍ତି ଓ ଅନ୍ୟ କେତେକ ବଜାରରୁ କ୍ରୟକରି ଆଣିଥାନ୍ତି । ବିଭିନ୍ନ ବାଦ୍ୟ ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

(କ) କିଡିଙ୍ଗ :

କିଡିଙ୍ଗ ତିଆରି ପାଇଁ ଆବଶ୍ୟକ ଉପକରଣ ହେଉଛି ମାଟିପାତ୍ର ଓ ଚମଡ଼ା ପ୍ରଥମେ ସିଲିଣ୍ଡର ଆକୃତିର ଏକ ଫମ୍ପା ମାଟିପାତ୍ର ତିଆରି କରାଯାଇଥାଏ ଯାହାର ଦୁଇପାର୍ଶ୍ୱ ମୁହଁ ଖୋଲାଯାଏ । ମୁହଁର ଆକାର ଭିନ୍ନ ହୋଇଥାଏ । ତାହାଣ ପାର୍ଶ୍ୱଟି ବଡ଼ ହୋଇଥିଲାବେଳେ ବାମପାର୍ଶ୍ୱଟି ଛୋଟ ହୋଇଥାଏ । ଏହାର ଉଭୟପାର୍ଶ୍ୱକୁ ଚମଡ଼ାରେ ଛାଉଣୀ କରାଯାଇଥାଏ । ଏହାର ବାମପାର୍ଶ୍ୱ ଛୋଟ ମୁହଁକୁ ଛେଳି ଚମଡ଼ାରେ ଛାଉଣୀ କରାଯାଇଥାଏ । ଏହାକୁ ଜାଙ୍ଗଜାଙ୍ଗ କୁହାଯାଏ । ତାହାଣ ପାର୍ଶ୍ୱ ବଡ଼ମୁହଁକୁ ଗୋରୁ ଚମଡ଼ାରେ ଛାଉଣୀ କରାଯାଇଥାଏ । ଏହାକୁ ତୁଙ୍ଗ୍‌ତୁଙ୍ଗ କରନ୍ତି । ଜାଙ୍ଗଜାଙ୍ଗ୍‌କୁ ହାତରେ ବାଡ଼ାଇ ବଜାଇବା ବେଳେ ତୁଙ୍ଗତୁଙ୍ଗ୍‌କୁ ବାଡ଼ିରେ ପିଟି ବଜାଯାଇଥାଏ । ଦୁଇମୁହଁର ଚମଡ଼ାକୁ ସରୁ ସରୁ ଚମଡ଼ା ରସି ଦ୍ୱାରା ଭିଡ଼ିକରି ସଂଯୋଗ କରାଯାଇଥାଏ । ବେଜରେ ସୁଲାଇ ବଜାଇବା ପାଇଁ କିଡିଙ୍ଗସାଗର ଉପରୁ ଏକ ଦଉଡ଼ି ଲାଗିଥାଏ । ଏହି ବାଜାକୁ ସବୁ ନାଚ ଓ ପର୍ବପର୍ବାଣୀ ଅବସରରେ କିମ୍ବା ମାଣ୍ଡିଆ କାଟିବା ବେଳେ ପୁରୁଷ ଲୋକମାନେ ବଜାଇଥାନ୍ତି ।

(ଖ) ଟାମ :

ଏହା ଏକ ଛୋଟ ମାଟି ହାଣ୍ଡି ଓ ଗୋରୁ ଚମଡ଼ାରୁ ପ୍ରସ୍ତୁତ ହୋଇଥାଏ । ଏହାର ଗୋଟିଏ ମୁହଁ ଥାଏ । ପ୍ରଥମେ ଛୋଟମାଟି ହାଣ୍ଡିଟିଏ ଆଣି ଏହାର ମୁହଁକୁ ଗୋରୁ ଚମଡ଼ାରେ ଛାଉଣୀକରି ସରୁ ଗୋରୁ ଚମଡ଼ାରେ ଭିଡ଼ିକରି ବାନ୍ଧି ଦିଆଯାଇଥାଏ । ଏହାକୁ ଅଣ୍ଟାରେ ବାନ୍ଧି ଦୁଇଖଣ୍ଡ ବାଡ଼ି ସାହାଯ୍ୟରେ ବଜାଯାଇଥାଏ । ସମସ୍ତ ପର୍ବପର୍ବାଣୀ, ନାଚଗୀତ, ଡଙ୍ଗର ଜଗିଲା ବେଳେ ଓ ମାଣ୍ଡିଆ କାଟିଲାବେଳେ ଏହି ବାଦ୍ୟଯନ୍ତ୍ରକୁ ବଜାଯାଇଥାଏ ।

(ଗ) ପିନେ :

ଏହା କେବଳ ମଇଁଷି ଶିଙ୍ଗୁ ତିଆରି କରାଯାଇଥାଏ । ମଇଁଷି ଶିଙ୍ଗକୁ ସଂଗ୍ରହ କରି ମଇଁଷି ଶିଙ୍ଗର ଗୋଡିଆ ଅଗ୍ରଭାଗକୁ କାଟି କଣା କରାଯାଇଥାଏ । ଏହାକୁ ଖୁବ୍ ଜୋରରେ ଏହି ସରୁ କଣାବାଟେ ଫୁକିଲେ ଏହା ଶଙ୍ଖ ପରି ଏକ ଶବ୍ଦ କରେ । ଏହାକୁ ବଣ୍ଡା ନିଜେ ତିଆରି କରିଥାନ୍ତି । ନାଚବେଳେ, ମୁଖ୍ୟତଃ ଚଇତି ପରବ ଅବସରରେ, ଶୀକାର କରିଗଲାବେଳେ, ଡଙ୍ଗର ଶସ୍ୟ ଜଗିଲାବେଳେ ଇତ୍ୟାଦି ସମୟରେ ପିନେ ବଜାଯାଇଥାଏ ।

(ଘ) ଗୁନୁଗୁ:

ଏହା ବାଉଁଶ କିମ୍ବା ଲୁହାରେ ତିଆରି କରାଯାଇଥାଏ । ପ୍ରଥମେ ଏକ ଛୋଟ ପ୍ରାୟ ୮ ଆଙ୍ଗୁଳି ଲମ୍ବର ଏକ ସରୁ ବାଉଁଶ ପାତିଆ ଆଣି ତାକୁ ମଝିରୁ କାଟି ଏ। କେନିଆ ତ୍ରୀଶୂଳ ଭଳି କରାଯାଏ । ଏହାର ପଛପଟରେ ଏକ ସୂତାଲଗା ଯାଇଥାଏ । ତ୍ରୀଶୂଳ ପରିଥିବା ଏହି ଗୁନୁଗୁର ଅଗ୍ରଭାଗକୁ ବାମହାତରେ ଧରି ମଧ୍ୟଭାଗକୁ ଓଠରେ କାମୁଡ଼ି ତାହାଣ ହାତରେ ସୂତାକୁ ଟାଣିଲେ ଏକ କମ୍ପନ ସୃଷ୍ଟି ହୋଇ ଏକ ମଧୁର ସ୍ୱର ଉଚ୍ଚାରଣ ହୁଏ । ଠିକ୍ ଏହିପରି ମଧ୍ୟ ଲୁଗାରେ ଗୁନୁଗୁ ତିଆରି କରାଯାଇଥାଏ । ଏଥିରେ ମଝି ଦଣ୍ଡଟି ସରୁ ହୋଇଥାଏ ଓ ଅଗ୍ରଭାଗ ଟିକିଏ ବଙ୍କା ହୋଇଥାଏ । ମଝି ଦଣ୍ଡଟିକୁ ତଳଆଡକୁ ଧରିବା ପାଇଁ ଟିକିଏ ବର୍ଦ୍ଧନ ହୋଇଯାଇଥାଏ । ଏଥିରେ ସୂତା ଲାଗିନଥାଏ । ଏହି ଗୁନୁଗୁର ଲମ୍ବିଥିବା ବେଣ୍ଟକୁ ବାମହାତରେ ଧରି ଅଗ୍ରଭାଗକୁ ଓଠରେ କାମୁଡ଼ି ଅଗ୍ରଭାଗରେ ଥିବା ସରୁ ବଜ୍ରଦଣ୍ଡକୁ ତାହାଣ ହାତ ଆଙ୍ଗୁଳିରେ କମ୍ପନ କଲେ ସେଥିରୁ ମଧୁର ସ୍ୱର ବାହାରେ । ଏହାକୁ ଉଭୟ ଧାଙ୍ଗଡ଼ା ଓ ଧାଙ୍ଗଡିମାନେ ଧାଙ୍ଗଡ଼ିବସାରେ ବଜାଇଥାନ୍ତି କିମ୍ବା କୌଣସି ଠାରେ ଏହାକୁ ବଂଜାଇ ବଣ୍ଡାରମଣୀ ଏହାର ଧ୍ୱନୀରେ ନିଜକୁ ହଜାଇଦିଏ ।

(ଙ) ତିରିରିପେ:

ବଂଶୀକୁ ବଣ୍ଡାମାନେ ତିରିରିପେ କହନ୍ତି । ଏହା ସାଧାରଣ ବଂଶୀ ପରି ବାଉଁଶ ନଳ ସହାଯ୍ୟରେ ତିଆରି କରାଯାଇଥାଏ । ଏଥିରେ ୫ଟି କିମ୍ବା ୬ଟି ଜଣାଥାଏ । ଏଥିରୁ ଗୋଟିଏ ଜଣା ବଂଶୀର ବାମ ପାର୍ଶ୍ୱରେ ଅଲଗା ଥାଏ ଓ ଅନ୍ୟଗୁଡ଼ିକ ତାହାଣ ପାର୍ଶ୍ୱରେ ଏକତ୍ର ଥାଏ । ବାମପାର୍ଶ୍ୱଟିର ମୁହଁ ବନ୍ଦଥାଏ ଓ ତାହାଣ ପାର୍ଶ୍ୱଟି ସଂପୂର୍ଣ୍ଣ ଖୋଲାଥାଏ । ବାମପାଖରେ ଥିବା କାଟିକିଆ ଜଣାରେ ପାଟି ସାହାଯ୍ୟରେ ପବନ ପ୍ରୟୋଗ କଲେ ଓ ଉଭୟ ହାତର ଆଙ୍ଗୁଠିକୁ ତାହାଣ ପାଶ୍ୱରେ ଥିବା ବଣା ଉପରେ ଉଖୁ ଚାଇନା କଲେ ବଂଶୀରୁ ଏକ ସୁନ୍ଦର ମଧୁର ସ୍ୱର ଉତ୍ପନ୍ନ ହୁଏ । ଏହାକୁ କେବଳ ପୁରୁଷମାନେ ମୁଖ୍ୟତଃ ବଣ୍ଡା ଧାଙ୍ଗଡ଼ାମାନେ ବଜାଇଥାନ୍ତି । ନାଚସମୟରେ ଡଙ୍ଗରରେ ଶସ୍ୟ ଜଗିବା ବେଳେ,ଧାଙ୍ଗଡ଼ିବସାରେ, ଗୋରୁ ଜଗିବାବେଳେ ଇତ୍ୟାଦି ସମୟରେ ଏହାକୁ ବଜାଯାଇପାରେ ।

(ଚ) ହୁନରୁପ:

ଏହା ବାଉଁଶ କିମ୍ବା କାଠରେ ତିଆରି କରାଯାଇଥାଏ । ବାଉଁଶରେ ଗୋଟିଏ ପବର ଗଣ୍ଠିର ଉଭୟ ପାର୍ଶ୍ୱରୁ କଟାଯାଏ ଯେପରି ଉଭୟ ପାର୍ଶ୍ୱ ବନ୍ଦଥାଏ । ଏହାର ମଧ୍ୟଭାଗରେ ଏକ ଲମ୍ବାଳିଆ ଗାତ କରାଯାଇଥାଏ । ସେହିପରି ମଧ୍ୟ ଖଣ୍ଡିଏ କାଠଗଣ୍ଡିକୁ ଖୋଳି ମଧ୍ୟଭାଗକୁ ଫାଙ୍କା କରାଯାଇପାରେ ଓ ଉଭୟ ପାର୍ଶ୍ୱ ବନ୍ଦଥାଏ । ବାଉଁଶ ଉପର ପାର୍ଶ୍ୱରେ କରାଯାଇଥିବା ଲମ୍ବାଗାତ ପରି ଏକ ଗାତ କରାଯାଇଥାଏ । ଏହି ଗାତର ଉପରେ ଦୁଇଖଣ୍ଡ ବାଡ଼ିରେ ଆଘାତ କଲେ ଏଥିରୁ ଏକ ଶବ୍ଦ ବାହାରେ । ଏହାକୁ ମୁଖ୍ୟତଃ ଢଙ୍ଗରରେ ଶସ୍ୟ ଜଗିବା ବେଳେ ମଞ୍ଚାରେ ବସି ବଜାଯାଇଥାଏ । ଫଳରେ ଢଙ୍ଗରକୁ ଶସ୍ୟ ନଷ୍ଟ କରିବାକୁ ଆସୁଥିବା ପଶୁପକ୍ଷୀମାନେ ଡରି ଫେରିପଳାଇଥାନ୍ତି ।

(ଛ) ଡାମାଉ:

ଟାମକ ପରି ଏକ ବାଦ୍ୟଯନ୍ତ୍ର । କିନ୍ତୁ ଏହା ଟାମକଠାରୁ ଆକାରରେ ଖୁବ୍ ବଡ଼ ହୋଇଥାଏ । ଟାମକ ପରି ଗୋଟିଏ ବଡ଼ ମାଟିହାଣ୍ଡିର ମୁହଁକୁ ଗୋରୁ ଚମଡ଼ାର ଛାଉଣି କରାଯାଇ ସବୁ ଚମଡ଼ାରେ ଶକ୍ତ କରି ଭିଡ଼ାଯାଇଥାଏ । ଏହାକୁ ତଳେଥୋଇ ଦୁଇଖଣ୍ଡ ବାଡ଼ିର ସାହାଯ୍ୟରେ ବଜାଯାଇଥାଏ । ବିଭିନ୍ନ ପର୍ବର ନାଚ ବେଳେ ମୁଖ୍ୟତଃ ପୁଷପୂରବ ଓ ମାଘପରବ (ପାଟଖଣ୍ଡା) ବେଳେ ଏହି ଡାମାଉକୁ ବଜାଯାଇଥାଏ ।

(ଜ) ଗିଆଜ୍‌ଡିଙ୍ଗ ବା କିଣ୍ଡିଙ୍ଗସାଗର:

ଏହା ଆଗରୁ ବର୍ଣ୍ଣିତ କିଣ୍ଡିଙ୍ଗ ପରି କିନ୍ତୁ ଆକାରରେ ସାଧାରଣ କିଡ଼ିଙ୍ଗଠାରୁ ଟିକିଏ ସାନ ହେବ । ଏହା ପବିତ୍ର କିଡ଼ିଙ୍ଗ । ଏହାର ମଧ୍ୟ ଗୋଟିଏ ପାର୍ଶ୍ୱକୁ ଛେଳି ଚମଡ଼ା ଓ ଅପରପାର୍ଶ୍ୱକୁ ଗୋରୁ ଚମଡ଼ାରେ ଛାଉଣୀ କରାଯାଇଥାଏ । ଏହାକୁ ସବୁବେଳେ ବଜାଇବା ନିଷେଧ । କେବଳ ସୁମେଗେଲିରାଜ, ଗିଆଗିଗେ ଓ ଗେବୁରଙ୍ଗି ଅବସରରେ ଏହି ବାଦ୍ୟକୁ ଖୋଳି ବଜାଯାଇଥାଏ । ଏହାକୁ ବଜାଇଲେ ଏହାର ଶବ୍ଦ ଅତି ଭୟଙ୍କର ଶୁଣାଯାଏ । ଫଳରେ ଗାଁରେ ଥିବା ଅନିଷ୍ଟକାରୀ ଦେବାଦେବୀ, ଭୂତପ୍ରେତ ଓ ଅଶରୀରିମାନେ ଗାଁ ଛାଡ଼ି ବାହାରକୁ ପଳାଇଯାଆନ୍ତି । ଏହାର ଶବ୍ଦରେ ଢଙ୍ଗରରେ ଭଲ ଫଲସ ହୁଏ ଓ ଜଙ୍ଗଲରୁ ଭଲ ଶୀକାର ମିଳିଥାଏ । ସୁମେ ଗେଲିରାଜ ଓ ଗିଆଜ ଗିଗେ ବ୍ୟତୀତ ଅନ୍ୟ କୌଣସି ସମୟରେ ଏହାକୁ ଦେଖିବା ଦୋଷାବହ । ତେଣୁ

ଏହାକୁ ଶିଶା (ପୂଜାରୀ) ଘର ଭିତରେ ତିନୋଟି ପଥର ଉପରେ ରଖାଯାଇଥାଏ । ଝାଟି ମରାମରି ସମୟରେ ଏହା ବାହାର କରି ବଜାଯାଇଥାଏ । ଯଦି ବେଙ୍କରୁ କୌଣସି ଶୀକାର ମିଳିଥାଏ ତେବେ ଏହା ପ୍ରଥମେ କିଣ୍ଡିଙ୍ଗ ସାଗର ଆଗରେ ରଖାଯାଇ ତା'ପରେ ସିନ୍ଦିବୋରକୁ ନିଆଯାଇଥାଏ । ଗାଁରେ ପାଳନ କରାଯାଇଥିବା ସବୁ ପର୍ବପର୍ବାଣୀରେ ଏହା ପାଖରେ ଶିଶା ଉପଯୁକ୍ତ ଭୋଗ ଲଗାଇଥାଏ ।

କୌଣସି କାରଣ ବଶତଃ ଯଦି କିଣ୍ଡସାଗରଟି ଆପେ ଆପେ ଭାଙ୍ଗିଯାଏ ତେବେ ଗାଁର ସମସ୍ତଙ୍କ ପ୍ରତି ବିପଦ ଥିବାର ଅନୁମାନ କରାଯାଏ । କିନ୍ତୁ ବାଜାଟି ବଜାଉଥିଲା ବେଳେ ଫାଟି ଗଲେ ଏହା କୌଣସି ବିପଦର ସୂଚନା ଦିଏ ନାହିଁ । ଭାଙ୍ଗି ଗଲାପରେ ଏହାକୁ ଧଳା କପଡ଼ା ଗୁଡ଼ାଇ ପୋତି ଦିଆଯାଏ ।

(୫) ନେପ :

ଏହା ପିତଳ ନିର୍ମିତ ଏକ ଗୋଲାକାର ଘଣ୍ଟି । ଏହା ମଧ୍ୟ ପୂତ ଓ ପବିତ୍ର । ଏହା ମଧ୍ୟ ସବୁ ସମୟରେ ବଜାଇବା ନିଷେଧ । କେବଳ ସୁମେଗେଲିରାକ, ସୁସୁଗିଗେ ଓ ଗିଆଗ ଗିଗେ ଅବସରରେ ଏହାକୁ ଖୋଲି ବଜାଯାଇଥାଏ ।

(ଜ) ଉଇଆ :

ଏହା ପିତଳ ଓ ଲୁହାରେ ତିଆରି କରାଯାଇଥାଏ । ଲୁହା ବେନରେ ପାଖରେ ପାଖରେ ପିତଳ ଘୁଙ୍ଗୁର ଲଗାଇ ତିଆରି କରାଯାଇଥାଏ । ଏହାକୁ ଅଣ୍ଡାରେଗୁଡ଼ାଇ ନାଚ କରାଯାଏ । ଉଭୟ ପୁରୁଷ ଓ ମହିଳାମାନେ ନାଚକଲା ବେଳେ ଏହାକୁ ବ୍ୟବହାର କରିଥାନ୍ତି । ଏହାକୁ କମାର ଠାରୁ କିଣାଯାଇଥାଏ ।

(୫) ବାରାକୁଙ୍ଗ :

ମୟୂର ଗୋଟାଗୋଟା ପରକୁ ଏକତ୍ର ଝାଡୁ ପରି ବନ୍ଧାଯାଇଥାଏ । ନାଚକଲାବେଳେ ଏହାକୁ ଧରି ଝିଅମାନେ ନାଚନ୍ତି । ପୁଅମାନେ ନାଚକଲାବେଳେ ଟାଙ୍ଗିଆ, ଛୁରୀ ଇତ୍ୟାଦି ଧରିନାଚନ୍ତି ।

୯. ବାଉଁଶ ନିର୍ମିତ ସାମଗ୍ରୀ :

ବାଉଁଶରୁ ବିଭିନ୍ନ ପ୍ରକାର ଟୋକେଇ ଯଥା ଡ଼ାସୁଙ୍ଗ, ଡାମୁ, ଡ଼ାବରୀ, ଡାଙ୍କ, ଡିପନି, କେଁସୁପ, ଗିନାୟା, ପଟି, ଡ଼ିଙ୍ଗଡ଼ିଙ୍ଗଡୁମ୍ବ ଇତ୍ୟାଦି ତିଆରି କରାଯାଇଥାଏ ।

ମୁଖ୍ୟତଃ ଏହି ଦ୍ରବ୍ୟଗୁଡ଼ିକ ଦୋରାମାନେ ତିଆରି କରିଥାନ୍ତି । ବଣ୍ଡାମାନେ ହାଟ ବଜାରୁ କିମ୍ବା ସ୍ଥାନୀୟ ଜନ୍ୟ ବେପାରୀଙ୍କ ଠାରୁ ସଂଗ୍ରହ କରିଥାନ୍ତି । ବିଭିନ୍ନ ପ୍ରକାର ବାଉଁଶ ନିର୍ମିତ ଦ୍ରବ୍ୟମାନଙ୍କ ବିଷୟରେ ନିମ୍ନରେ ବର୍ଣ୍ଣନା କରାଯାଇଛି ।

(କ) ପିରିଙ୍ଗଡାଙ୍ଗ :

ଏହା ବାଉଁଶ ପାତିଆରେ ନିର୍ମିତ ଏକ ଓସାରିଆ ଡଲା । ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରାୟ ୨ ଫୁଟ୍ ଲେଖାଏଁ ହେବ । ଦୈଘ୍ୟ ପ୍ରସ୍ଥର ୨ ଫୁଟ୍ ଲେଖାଁଏ ବୁଣି ସାରିଲାପରେ ଚାରୋଟି କୋଣ ଭାଙ୍ଗି ଉପରକୁ ପ୍ରାୟ ୬ ଇଞ୍ଚ ଉଠାଇ ମୁହଁରେ ବଡାର ମୁଣ୍ଡୁଳି ବାନ୍ଧି ସିଆଡ଼ି ଦଉଡ଼ି ସାହାଯ୍ୟରେ ଭିଡ଼ିଦିଆଯାଏ । ଏଥିରେ ଶସ୍ୟ ଶୁଖାଯାଇଥାଏ । ମୁଖ୍ୟତଃ ଏହାକୁ ଚୁଲି ଉପରେ ଥିବା ଝୁଲା ଥାକ (ଜୁନୁଙ୍ଗସଙ୍ଗ) ଉପରେ ଶସ୍ୟ ଉର୍ଦ୍ଧି କରି ରଖାଯାଇଥାଏ । ଫଳରେ ଚୁଲି ନିଆଁରେ ଉତ୍ତାପରେ ଶସ୍ୟ ଶୁଖିଯାଇଥାଏ ।

(ଖ) ଡାମୁ :

ଏହା ଠିକ୍ ପିରିଙ୍ଗଡାଙ୍ଗ ପରି କିନ୍ତୁ ଆକାରରେ ଛୋଟ । ଏଥିରେ ଶସ୍ୟ ଶୁଖାଇବା ସହିତ ଶସ୍ୟ ବୋହିବା ଓ ପନିପରିବା ଇତ୍ୟାଦି ରଖିବା ପାଇଁ ବ୍ୟବହାର କରାଯାଇଥାଏ ।

(ଗ) ଡାଙ୍କେ :

ଏହା ଏକ ଚାରିକୋଣିଆ ଓ ଉଚ୍ଚା ଝୁଡ଼ି । ଏଥିରେ ଶସ୍ୟ ରଖାଯାଏ, ମପାଯାଏ ଓ ଶସ୍ୟ ବୁହାବୁହି କରାଯାଏ । ଜଙ୍ଗଲରୁ ବିଭିନ୍ନ ଫଳମୂଳ, ପନିପରିବା, କନ୍ଦା, ଶାଗ ଇତ୍ୟାଦି ଏଥିରେ ସଂଗ୍ରହ କରାଯାଏ । ହାଟବଜାରକୁ ମଧ୍ୟ ଜିନିଷ ନେବା ଆଣିବା ପାଇଁ ଏହାକୁ ବ୍ୟବହାର କରାଯାଏ ।

(ଘ) ତିପନି :

ଏହା ଡାଙ୍କେ ଠାରୁ ଆଉ ଟିକିଏ ସାନ । ଏହା ଶସ୍ୟ ମାପିବା ପାଇଁ ଏବଂ ପନିପରିବା, ସୁଆଁ, ମାଣ୍ଡିଆ ଇତ୍ୟାଦି ଶସ୍ୟ ରଖିବା ପାଇଁ ବ୍ୟବହାର କରାଯାଏ ।

(ଡ) ତାବରି :

ଏହା ସରୁ ବାଉଁଶ କାଠିରେ ତିଆରି ହୋଇଥାଏ । ଏହାର ଆକାର ଗୋଲାକାର ମଧ୍ୟଭାଗଟି ଗହିରିଆ ଓ ଉପର ଆଗକୁ ଆସ୍ତେ ଆସ୍ତେ ଚଉଡା ବଢ଼ିଥାଏ । ଏଥିରେ ଗୃହାଳମାନଙ୍କରୁ ଗୋବର, ଛେକିଲଣ୍ଡି, କୁକୁଡ଼ାଘୁଅ ଇତ୍ୟାଦି ଜଡ଼ାଯାଇଥାଏ ।

(ଚ) କେଁସୁପ :

ବାଉଁଶ ନିର୍ମିତ କୁଲା । ଏଥିରେ ଦୁଇଟି କୋଣଥାଏ ଓ ଅଗ୍ରଭାଗଟି ଖୋଲାଥାଏ । ଏଥିରେ ଶସ୍ୟକୁ ପାଛୋଡ଼ି ଚୋପା ଓ ମଇଳାକୁ କଢ଼ାଯାଏ ।

(ଛ) ଗିନାୟା :

ଏହା ତାମୁ ପରି ଏକ ଝୁଡ଼ି । କିନ୍ତୁ ବାଉଁଶଗୁଡ଼ିକ ଲଗାଲଗି ହୋଇ ବୁଣା ହୋଇନଥାଏ । ପାତିଆଗୁଡ଼ିକ ଛଡ଼ାଛଡ଼ା ହୋଇ ବୁଣା ହୋଇଥାଏ । ଏହାର ଦୈର୍ଘ୍ୟପ୍ରସ୍ଥ ପ୍ରାୟ ଦେଢ଼ଫୁଟ୍ ଲେଖାଏଁ ଓ ଉଚ୍ଚତା ପ୍ରାୟ ୪ ଇଞ୍ଚ । ଏହାକୁ ଛାଳେଣି ଯନ୍ତ୍ର ହିସାବରେ ବ୍ୟବହାର କରାଯାଏ ଓ ମାଛ ଧରାଯାଏ ।

(ଜ) ପଟି :

ଏହା ବାଉଁଶ ପାତିଆରୁ ନିର୍ମିତ ଏକ ମସିଣା । ବାଉଁଶ ପାତିଆକୁ ଲଗାଲଗି କରି ଆସନ ବୁଣିଲା ପରି ବୁଣାହୋଇଥାଏ । ସାଧାରଣ ଏକ ପଟିର ଦୈର୍ଘ୍ୟ ୬ ଫୁଟ୍ ଓ ଓସାର ୩ ଫୁଟ୍ ହୋଇଥାଏ । ଏହାକୁ ଶୋଇବା ପାଇଁ ମସିଣା ହିସାବରେ ବ୍ୟବହାର କରାଯାଏ । ବଣ୍ଡା ସଂସ୍କୃତି ଓ ପରମ୍ପରା ଅନୁଯାୟୀ ପ୍ରସ୍ତାବିତ କନ୍ୟା (ଭାବି ପତ୍ନୀ) କହିବା ଅନୁସାରେ ଭାବି ସ୍ୱାମୀ ଧାଙ୍ଗଡ଼ିବସାକୁ ଏହି ବାଉଁଶ ନିର୍ମିତ ପଟି ଆଣିଦେଇଥାଏ । ଏଥି ସହିତ ତୁରାବୁ ଓ ଖଇଖା ତିଆରି କରିବା ପାଇଁ ଘାସ ଓ କନ୍ୟା କହିଥିବା ଅନ୍ୟାନ୍ୟ ଜିନିଷ ଉପହାର ଆଣିଦେଇଥାଏ ।

(ଝ) ଡ଼ିଙ୍ଗଡ଼ିଙ୍ଗ ତୁମ୍ବ :

ବାଉଁଶ ପାତିଆ ଓ ସିଆଡ଼ି ତନ୍ତୁ ସାହାଯ୍ୟରେ ମଧ୍ୟ ଶସ୍ୟ ମାପିବା ପାଇଁ ଡ଼ିଙ୍ଗତୁମ୍ବମାନ ତିଆରି କରାଯାଏ । ସବୁ ଡିଙ୍ଗଡ଼ିଙ୍ଗ୍ ତୁମ୍ବର ଚାରୋଟି କୋଣଥାଏ । ସବୁଠାରୁ ସାନ ଶସ୍ୟମାପିବା ବାଉଁଶ ପାତ୍ରକୁ ଖୁସୋଁ କୁହାଯାଏ । ଏଥିରେ ପ୍ରାୟ ୭୦୦ ଗ୍ରାମ ଶସ୍ୟ ଧରିପାରେ । ଏହାଠାରୁ ବଡ଼ ଶସ୍ୟ ମାପିବା ପାତ୍ରକୁ ଯଥାକ୍ରମେ ତାଉ ତୁମ୍ବ (ପ୍ରାୟ ୨୫-୩୦କି.ଗ୍ରା) ମୁନା ତୁମ୍ବ (ପ୍ରାୟ ୫-୬କି.ଗ୍ରା), ତାଙ୍କେ (୧୦-୧୨ କି.ଗ୍ରା), ମୁଣ୍ଡି କର୍ଲି (ପ୍ରାୟ ୨୦ କିଗ୍ରା), କର୍ଲି (ପ୍ରାୟ ୩୦ କିଗ୍ରା), କାଉଡ଼ି (୨କର୍ଲି ବା ପ୍ରାୟ ୬୦ କିଗ୍ରା) ଓ ତାଲା (ପ୍ରାୟ ୧ କ୍ୟୁଣ୍ଟାଲ ଠାରୁ ୫ କ୍ୟୁଣ୍ଟାଲ ପର୍ଯ୍ୟନ୍ତ ଶସ୍ୟ ଧାରଣ କରିପାରେ) ।

(ଞ) ଡାସୁଙ୍ଗ :

ସବୁଠାରୁ ବଡ ଆକାରରେ ବାଉଁଶ ଝୁଡ଼ି । ଏହାର ଦୈର୍ଘ୍ୟ, ପ୍ରସ୍ଥ ଯେମିତି ଉଚ୍ଚତା ମଧ୍ୟ ସେମିତି ଅଧିକ । ଏହା ତାଙ୍କେ ତିଆରି କରାଗଲା ଭଳି ତିଆରି କରାଯାଇଥାଏ । ଏହା ବିଭିନ୍ନ ଆକାରର ରହିଛି । ଛୋଟ ଡାଲାରେ ୧ କ୍ୟୁଣ୍ଟାଲ ଠାରୁ ଆରମ୍ଭ କରି ବଡ଼ ଡାଲାରେ ୫ କ୍ୟୁଣ୍ଟାଲ ପର୍ଯ୍ୟନ୍ତ ଶସ୍ୟ ଧରିପାରେ । ତେଣୁ ଏହାକୁ ଆଟୁରେ ରଖି ବର୍ଷକ ପାଇଁ ଶସ୍ୟ ସଞ୍ଚୟ କରି ରଖାଯାଇଥାଏ ।

●●●

ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ

ବଣ୍ଡା ଖୁବ୍ ସାହାସୀ, ପରିଶ୍ରମୀ, ସ୍ୱାଧୀନଚେତା, ସମଭାବାପର୍ଣ୍ଣ, ମୁକ୍ତକାମୀ ଓ ବନ୍ଧୁପ୍ରେମୀ । ବଣ୍ଡାର ଏହି ସୁଲକ୍ଷଣମାନଙ୍କର ଅପରପାର୍ଶ୍ୱକୁ ଦେଖିଲେ ଅନେକ ଦୁର୍ଗୁଣ ଦେଖିବାକୁ ମିଳିଥାଏ । ଦୁଃସାହସ ଜୀବନ ପ୍ରତି ଆଣିଦେଇଥାଏ ବୈମାତୃକ ମନୋଭାବ, ସ୍ୱତନ୍ତ୍ରତା ଓ ସ୍ୱାଧୀନତା ହିଂସା ଓ କ୍ରୋଧର ବୀଜ ବପନ ଜରେ, ତୀବ୍ର ସମାଜବାଦ ଶେଷରେ ପରିଣତ ହୁଏ କୁନାଗରୀକତ୍ୱରେ । ଏସବୁ ସତ୍ତ୍ୱେ ମଧ୍ୟ ବଣ୍ଡା ସ୍ନେହି ଓ ବନ୍ଧୁବତ୍ସଳ । ଦୈନନ୍ଦିନ ଜୀବନର ଦୁଃଖ ସୁଖରେ ମିଳିମିଶି କାମ କରିବା ଶିଖିଛି ସେ । ପର୍ବପର୍ବାଣୀ, ନାଚଗୀତ, ହସଖେଳ, ଦୁଃଖସୁଖ, ଅଭାବ ଅନାଟନ ଓ ବିଭିନ୍ନ କାମ କାର୍ଯ୍ୟ ଅବସରରେ ବଣ୍ଡା ଜ୍ଞାତିକୁଟୁମ୍ବ, ବନ୍ଧୁବର୍ଗ, ଭାଇଭାଇ ଓ ଗ୍ରାମବାସୀଙ୍କର ସହଯୋଗ ଲୋଡ଼ିଥାଏ । ପରସ୍ପରର ଦୁଃଖ ସୁଖରେ ପାଖରେ ଠିଆହୁଅନ୍ତି ସମସ୍ତେ ।

ଯାହାହେଉ, ବଣ୍ଡା ଦୈନନ୍ଦିନ ଜୀବନ, ରାଜନୈତିକ ଜୀବନ, ଧାର୍ମିକ ଜୀବନ, ଅର୍ଥନୈତିକ ଜୀବନ ଓ ସାମାଜିକ ଜୀବନରେ ବିଭିନ୍ନ କର୍ମକାଣ୍ଡ, କାମଦାମ ଓ ଆବଶ୍ୟକ ସମୟରେ ନିଜ ଗୋଷ୍ଠୀର ସାହିଭାଇ, ଗ୍ରାମବାସୀଙ୍କ ବ୍ୟତୀତ ଅନ୍ୟପ୍ରଜାତିକ ଗୋଷ୍ଠୀମାନଙ୍କର ସଂସ୍ପର୍ଶରେ ଆସିଥାଏ । ବଣ୍ଡାମାନଙ୍କ ସହିତ ବଣ୍ଡାଗ୍ରାମରେ ବିଜାତିକ ଗୋଷ୍ଠୀ ହିସାକରେ ଡ଼ମ୍ବ (ଗରେ) କମାର (କାରମା), ଦୋରା (ଗୁସୁଙ୍ଗ), ମାଜି (ମାଜି) ଓ ଗୋଉଡ଼ (ଗୋଉଡ଼ୁ) ରହିଛନ୍ତି । ଏତଦ୍‌ବ୍ୟତୀତ ବଣ୍ଡଅଞ୍ଚଳର ବାହାରେ ଥିବା କୁମ୍ଭାର (କୁମ୍ଭୀ) ସହିତ ମଧ୍ୟ ବଣ୍ଡାମାନଙ୍କର ସୁସମ୍ପର୍କ ରହିଅଛି । ବଣ୍ଡାମାନେ ସେମାନଙ୍କର ରାଜନୈତିକ ଜୀବନରେ ଡମ୍ବକୁ ବାରିକ ରୂପେ ନିଯୁକ୍ତ କରି ପାରମ୍ପରିକ ଗ୍ରାମ ସଭାରେ ସ୍ଥାନ ଦେଇଥାନ୍ତି । ଦ୍ୱିତୀୟତଃ ଡମ୍ବ ମହିଳାମାନେ ବଣ୍ଡାମାନେ ପିନ୍ଧୁଥିବା ବିଭିନ୍ନ ପ୍ରକାର ଅଳଙ୍କାର, ପନିପରିବା ଶୁଖୁଆ, ପେଣ୍ଡୁମନାସିଂ (ହାଣ୍ଡିଆ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ଔଷଧ) ହାଟ ବଜାରରୁ କିଣି ବାଉଁଶ ପାଚିଆ, କୁଲା ମାଣ ଇତ୍ୟାଦି ବଣ୍ଡାମାନଙ୍କ ମଧ୍ୟରେ ଗାଁ ଗାଁ ବୁଲି ବିକ୍ରୟ କରିଥାନ୍ତି । ପୁରୁଷ ଡମ୍ବମାନେ ଗାଁ ଗାଁ

ବୁଲି ବିଭିନ୍ନ ପଶୁ ଚମଡ଼ା ବଣ୍ଡାମାନଙ୍କ ଠାରୁ କିଣିଥାନ୍ତି ଓ ହାଟ ବିଜାରରୁ କିମ୍ବା ଚୋରିକରି ଗୋରୁଗାଈ, ଛେଳିମେଣ୍ଢା ଆଣି ବଣ୍ଡାମାନଙ୍କ ମଧ୍ୟରେ ବିକ୍ରୟ କରିଥାନ୍ତି । ଚାଷବାଷ କାର୍ଯ୍ୟରେ ବଣ୍ଡାମାନେ ଡଙ୍ଗମାନଙ୍କୁ ନିଜ କାମରେ ନିୟୋଜନ କରିଥାନ୍ତି ଓ ସେମାନଙ୍କୁ ପ୍ରତିବଦଳରେ ମଜୁରୀ ଦେଇଥାନ୍ତି । ବିଭିନ୍ନ ପର୍ବପର୍ବାଣୀ ଅବସରରେ ସେମାନଙ୍କୁ ଖାଦ୍ୟପେୟ ବିନାମୂଲ୍ୟରେ ପ୍ରଦାନ କରିଥାନ୍ତି । ବଣ୍ଡାମାନେ ଡ଼ମ୍ବ ଆଦି କୌଣସି ହରିଜନଙ୍କୁ ଛୁଅଁନ୍ତି ନାହିଁ ଏବଂ ସେମାନଙ୍କଠାରୁ ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ । ସେହିପରି କୁମାର (କାରମା) ବଣ୍ଡାମାନଙ୍କର ହାତ ହତିଆର, କୃଷି ଉପକରଣ ଇତ୍ୟାଦିକୁ ଶାଣ ଦେଇଥାଏ । ପ୍ରତି ବଦଳରେ କାରମାକୁ ମିଳେ କିଛି ଶସ୍ୟ କିମ୍ବା ଟଙ୍କା । କୁମ୍ଭାର ବଣ୍ଡା ଅଞ୍ଚଳ ବାହାରେ ଥିଲେ ମଧ୍ୟ ବଣ୍ଡାମାନେ ସେମାନଙ୍କଠାରୁ ଟଙ୍କା ପଇସା ଓ ଧାନଶସ୍ୟ ଦେଇ ମାଟି ହାଣ୍ଡି ସଂଗ୍ରହ କରିଥାନ୍ତି । ଦୋରା ଏମାନଙ୍କୁ ବାଉଁଶ ନିର୍ମିତ ଟୋକେଇ, କୁଲା, ମାଣ ଇତ୍ୟାଦି ଯୋଗାଇଥାଏ । ତେଣୁ ଏ ସମସ୍ତ ବଜାତି ଗୋଷ୍ଠୀଙ୍କ ସହ ମଧ୍ୟ ବଣ୍ଡାଙ୍କର ଉତ୍ତମ ସଂପର୍କ ରହିଥାଏ । ବଣ୍ଡା ଓ ପଡ଼ୋଶୀ ପ୍ରଜାତି ଗୋଷ୍ଠୀ ବିଷୟରେ ତନ୍ନ ତନ୍ନ କରି ନିମ୍ନରେ ବର୍ଣ୍ଣନା କରାଯାଇଛି ।

ପଡ଼ୋଶୀ ସମ୍ପର୍କୀୟ ଧାରଣା :

ପଡ଼ୋଶୀ କହିଲେ ପ୍ରଥମେ ବଣ୍ଡାମାନେ ନିଜ ଘରର ପାଖଘର ବ୍ୟକ୍ତିମାନଙ୍କୁ ବୁଝିଥାନ୍ତି । ପଡିଶା ଘରର ଲୋକକୁ ବଣ୍ଡା "ଉନ୍ତୁନ ଡ଼ିଅ ରେମ" କହିଥାଏ । ସେହିପରି ପଡ଼ୋଶୀ ସାହି ଓ ପଡ଼ୋଶୀ ଗ୍ରାମର ବ୍ୟକ୍ତିକୁ ବଣ୍ଡା ଯଥାକ୍ରମେ "ଉନ୍ତୁସାଇରେମ" ଓ "ଉନ୍ତୁଙ୍ଗମ ରେମ" କହିଥାଏ । ସ୍ୱଜାତି ଗୋଷ୍ଠୀ ବ୍ୟତୀତ ଗ୍ରାମରେ ରହୁଥିବା ବା ଗାଁ ବାହାର ରହୁଥିବା ବିଜାତି ଗୋଷ୍ଠୀଙ୍କୁ ମଧ୍ୟ ବଣ୍ଡା ପଡ଼ୋଶୀର ମାନ୍ୟତା ଦେଇଥାଏ । ସ୍ୱଜାତି ପଡ଼ୋଶୀ ଗୋଷ୍ଠୀଙ୍କ ସହ ବଣ୍ଡା ଉତ୍ତମ ସଂପର୍କ ରଖିଥାଏ । ଗାଁରେ ଓ ଗାଁ ବାହାରେ ସମସ୍ତେ ମିଳିମିଶି ଚଳନ୍ତି । ସ୍ୱଜାତି ଓ ବିଜାତି ପଡ଼ୋଶୀମାନଙ୍କ ମଧ୍ୟରେ ପର୍ବପର୍ବାଣୀ, କର୍ମକାଣ୍ଡ, କାମଦାମ ଓ ଭଲମନ୍ଦରେ ସହଯୋଗ ସହାନୁଭୂତିର ଆଦାନପ୍ରଦାନ ହୁଏ ଓ ପଡ଼ୋଶୀମାନଙ୍କୁ ନିମନ୍ତ୍ରଣ କରାଯାଇ ଖାଦ୍ୟପେୟରେ ଆପ୍ୟାୟିତ କରାଯାଏ । ଘରଘର ମଧ୍ୟରେ ଖାଦ୍ୟପେୟର

ଅଦଳବଦଳ ହୁଏ ସର୍ବୋପରି ସ୍ନେହ, ଶ୍ରଦ୍ଧା ଓ ଭାତୃଭାବର ଆଦାନ ପ୍ରଦାନ ହୁଏ ଏବଂ ପରସ୍ପର ପରସ୍ପରକୁ ଆବଶ୍ୟକ ସମୟରେ ଅକୁଣ୍ଠ ଚିତ୍ତରେ ସାହାଯ୍ୟ ସହଯୋଗ କରିଥାନ୍ତି ।

ବଣ୍ଡାମାନଙ୍କ ସହ ବସବାସ କରୁଥିବା ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ:

ଅଧିକାଂଶ ଗ୍ରାମରେ କେବଳ ବଣ୍ଡାମାନେ ବସବାସ କରିଥାନ୍ତି । କାଁ ଭାଁ କେତୋଟି ଗ୍ରାମରେ ଅନ୍ୟ ବିଜାତି ଗୋଷ୍ଠୀ ରହିଥିବାର ନଜର ଅଛି । ଉପର ବଣ୍ଡା ଅଞ୍ଚଳରେ ଥିବା ମୋଟ ୩୩ଟି ଗ୍ରାମରୁ ମାତ୍ର ୬ଟି ଗ୍ରାମରେ ଅନ୍ୟ ୫ ପ୍ରକାର ବାଜିତି ଗୋଷ୍ଠୀର ଲୋକ ବଣ୍ଡାମାନଙ୍କ ସହ ମିଶି ବସବାସ କରିଆସୁଛନ୍ତି । କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଡ଼ମ୍ବ (ଗରେ) କରି ପ୍ରାୟ ୨୦ଟି ପରିବାର ସବୁଠାରୁ ବଡ଼ ବଣ୍ଡା ଗାଁ, ଅଣ୍ଡାହାଲରେ ରହୁଛନ୍ତି । ଅନ୍ୟ ଗୋଟିଏ ଡ଼ମ୍ବ ପରିବାର ବଧ ପିଣ୍ଡାଜାଙ୍ଗର ଗ୍ରାମରେ ରହୁଛନ୍ତି । ବାଣ୍ଡିଗୁଡ଼ା ଓ ବଣ୍ଡାପଡ଼ା ଗ୍ରାମ ଦ୍ୱୟରେ ଗୋଟିଏ ଲେଖାଏଁ ଜମାର (କାରମା) ପରିବାର ବଣ୍ଡାମାନଙ୍କ ସହ ବସବାସ କରୁଛନ୍ତି । ଏତଦ୍‌ବ୍ୟତୀତ ସୋନୁଗୁଡ଼ା ଗ୍ରାମରେ ଦୋରା (ଗୁସୁଙ୍ଗ) ଓ ମାଳୀ (ମାଲି) ଓ କାରମାଗୁଡ଼ାରେ କେତୋଟି ଗଉଡ଼ (ଗୋଉଣ୍ଡ) ପରିବାର ବଣ୍ଡାମାନଙ୍କ ସହ ମିଳିମିଶି ଚଳିଆସୁଛନ୍ତି ।

ବିଭିନ୍ନ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀମାନଙ୍କ ସହ ସମ୍ପର୍କ:

ଅନ୍ୟ ବିଜାତି ଗୋଷ୍ଠୀ ସହ ବଣ୍ଡାମାନଙ୍କ ଅର୍ଥନୈତିକ, ସାମାଜିକ, ରାଜନୈତିକ, ଧାର୍ମିକ ଇତ୍ୟାଦି ବିଭିନ୍ନ ସଂପର୍କ ରହିଛି । ତାହା ନିମ୍ନରେ ବର୍ଣ୍ଣନା କରାଯାଇଛି ।

ଅର୍ଥନୈତିକ:

ଡମ୍ବମାନେ ଖୁବ୍ ଚତୁର ଓ ବୁଦ୍ଧିମାନ ମଣିଷ । ନିଜର ସ୍ୱାର୍ଥ ସାଧନ ପାଇଁ ହେଉ ବା ବଣ୍ଡାର ଆବଶ୍ୟକତା ଅନୁଯାୟୀ ହେଉ ସେମାନେ ବଣ୍ଡାମାନଙ୍କ ମଧ୍ୟରେ ରହିଆସୁଅଛନ୍ତି । ଡ଼ମ୍ବମାନଙ୍କର ପ୍ରକୃତ ଉଦ୍ଦେଶ୍ୟ ହେଲା ପ୍ରଚୁର ଅର୍ଥ ଉପାର୍ଜନ କରିବା ସେମାନଙ୍କର ନିଜସ୍ୱ ଚାଷଜମି ପ୍ରାୟ ନଥାଏ । ତେଣୁ ସେମାନଙ୍କର ମୁଖ୍ୟ

ପେଷା ହେଲା ବେପାର ବାଣିଜ୍ୟ । ଡ଼ମ୍ପ ପୁରୁଷ ଓ ସ୍ତ୍ରୀ ଉଭୟେ ବ୍ୟବସାୟ କରନ୍ତି । ପୁରୁଷମାନେ ଗାଁ ଗାଁ ବୁଲି ବଣ୍ଡାମାନଙ୍କ ଠାରୁ ଗୋରୁ ଗାଈ, ଛେଳି, ମେଣ୍ଢା, ମଇଁଷି, ହରିଣ, ସମ୍ବର ବାଘ ଇତ୍ୟାଦି ପଶୁର ଚମଡ଼ା ଟଙ୍କା ଦେଇ କ୍ରୟକରି ହାଟବଜାରରେ ବିକ୍ରିକରି ମୋଟା ଅଙ୍କରେ ଲାଭାଶଂ ଠୁଳ କରିଥାନ୍ତି । ବିଭିନ୍ନ ସମୟରେ ଡ଼ମ୍ପମାନେ ହାଟବଜାରରୁ କିଣି କିମ୍ବା ଡଳ ଅଞ୍ଚଳରୁ ଗୃହପାଳିତ ପଶୁ ଚୋରି କରି ବଣ୍ଡମାନଙ୍କୁ ବିକ୍ରୟ କରିଥାନ୍ତି । ଡ଼ମ୍ପ ମହିଳାମାନେ ହାଟବାଜାରୁ ମାଳି, କାନଫୁଲ, ଚୁଡ଼ି, ମୁଦି, ଖଗଲା (Neckband) ଓ ଅନ୍ୟାନ୍ୟ ଅଳଙ୍କାର କିଣି ବଣ୍ଡାମାନଙ୍କ ମଧ୍ୟରେ ବିକ୍ରୟ କରିଥାନ୍ତି । ସେହିପରି ଶୁଖୁଆ ଓ ବିଭିନ୍ନ ପନିପରିବା ବଜାରରୁ କିଣି କିମ୍ବା ଘରେ ଉତ୍ପାଦନ କରି ବଣ୍ଡାମାନଙ୍କୁ ବିକ୍ରୟ କରିଥାନ୍ତି । ମାଣ୍ଡିଆଗୁଣ୍ଡ ଓ ଜେତୋଟି ଚେରମୂଳ ମିଶାଇ ଡ଼ମ୍ପ ପେଣ୍ଡମନାସିଂ (ପେଣ୍ଡମ ଔଷଧ) ପ୍ରସ୍ତୁତ କରି ବଣ୍ଡାମାନଙ୍କୁ ବିକିଥାଏ । ଉଭୟ ଡ଼ମ୍ପ ଓ ଡ଼ମ୍ପୁଣୀ କୁମ୍ଭାର ପାଖରୁ ମାଟିହାଣ୍ଡି ଓ ଦୋରାପାଖରୁ ବାଉଁଶ ଟୋକେଇ , ପାଛିଆ କୁଲା, ମାଣ ଇତ୍ୟାଦି କିଣି ବଣ୍ଡାମାନଙ୍କୁ ଅଧିକ ଦାମ୍‌ରେ ବିକ୍ରି କରି ଲାଭବାନ ହୁଏ । ବଣ୍ଡାମାନେ ଜିନିଷ କ୍ରୟ କରି ପ୍ରତି ବଦଳରେ ଏମାନଙ୍କୁ ଧାନ, ଚାଉଳ, ସୁଆଁ, ମାଣ୍ଡିଆ, କାଙ୍ଗୁ, କଙ୍କଡ଼ାଆଖୁ, ଅଳସୀ, ଜଡ଼ା ଓ ଟଙ୍କା ପଇସା ଦେଇଥାନ୍ତି। ବିନାମୂଲ୍ୟରେ କରଡ଼ି, ପନିପରିବା, ଶାଗ, ଛତୁ ଓ ଖାଇବା ପାଇଁ ପେଣ୍ଡମ, ମାଣ୍ଡିଆପେଜ ଇତ୍ୟାଦି ଦେଇଥାନ୍ତି । ସେହିପରି କମାର ବିଭିନ୍ନ ପ୍ରକାର ଜିନିଷ ଯଥା ତୀର (ଅଃଅମ୍) ଛୋଟ ଟାଙ୍ଗିଆ (ଟାଙ୍ଗିଆ), ନାଚ ବେଳେ ଓ ଧାଙ୍ଗଡ଼ିବାସ ଗଲାବେଳେ ଧରୁଥିବା ଟାଙ୍ଗିଆ (ପାଶଲା ଟାଙ୍ଗିଆ) ବାରିସି (ଭିନାଜ), ବଳୀ ଦେବା ବାଲା (ଟାଙ୍ଗି), ବର୍ଚ୍ଛା (ବାଲା), ଖଣ୍ଡା (ଖଣ୍ଡା), ପିକ୍‌ଏକ୍ସ (ପିକାସି) ଘାଗଡ଼ା (ଖୁଙ୍ଗା), କୋଦାଳ (ଉଁସ), ଦାଢ଼ି ଖିଅର ହେବା ଖୁର (ନୁଇବ), ଛୁରୀ (ଉସୁପ), ଦାଆ (ଅରୟ), ମୁଦି (ଅରଡି), ଖଗଲା (ଉସଙ୍ଗୁ), ବାହୁଟି (ସାମ୍ୟା), ଚୁଡ଼ି (ସୁଙ୍ଗରୟ), କାନଫୁଲ (ଲିମ୍ପିଲୁ) ଝରାକାନ ଫୁଲ (ଜୁଙ୍ଗଜୁଙ୍ଗଲୁ), ଲୁହା ଗୁନୁଙ୍ଗୁ (ପାଟିରେ ବଜାଯାଉଥିବା ଏକ ତ୍ରୀଶୂଳାକୃତି ବାଦ୍ୟଯନ୍ତ୍ର) ଜବାଟରେ ଲାଗୁଥିବା ଜଙ୍ଗିର ଇତ୍ୟାଦି ତିଆରି କରି ବଣ୍ଡାମାନଙ୍କୁ ବିକ୍ରୟ କରିଥାଏ ଓ ବିଭିନ୍ନ ପ୍ରକାର ହାତ ହତିଆର ଓ କୃଷି ଉପକରଣ ଜିନିଷକୁ ଆବଶ୍ୟକ ଅନୁସାରେ ଶାଣ ଦେଇଥାଏ । ବଣ୍ଡାମାନେ ଦାଆ (ଅରୟ), ଛୁରୀ (ଉସୁପ), ଟାଙ୍ଗିଆ (ଟାଙ୍ଗିଆ),

ବାରିସି (ଲିନାକ), ଘାଗଡ଼ା (ଖୁଙ୍ଗା), ନିହଣ (ଗୁନୁଗ), ଦୋଦାଳ (ଉଁସ), ଖୁର (ନୁଇବ) ଇତ୍ୟାଦିକୁ ପ୍ରାୟ ବର୍ଷକୁ ଦୁଇଥର (ଫଗୁଣ ଓ ଦଶରା ମାସରେ) ଧାର କରିବା ପାଇଁ କମାର ପାଖକୁ ନେଇଯାଆନ୍ତି । ସେତେବେଳେ କରମାକୁ ମାଣେ ସୁଆଁ, ମାଣ୍ଡିଆ କିମ୍ବା ଧାନ ଦିଆଯାଏ । ଶସ୍ୟ ନଥିଲେ ୫-୧୦ ଦେଇଥାନ୍ତି । ସମସ୍ତ ବଣ୍ଡା ଶସ୍ୟ ଅମଳପରେ କୁଲେ କୁଲେ ଶସ୍ୟ କାରମାକୁ ଦେଇଆସନ୍ତି । ତାକୁ ଫଲର କହନ୍ତି । ଦୋରା ବାଉଁଶରେ ବିଭିନ୍ନ ପ୍ରକାର ସାମଗ୍ରୀ ଯଥା ମାଛ ଧରିବା ଯନ୍ତ୍ର- ଜିର, ଗିନାୟା, ଲାନ୍ତାମ୍ବୁ, ବିସର, ତୁଣ୍ଡର ଓ ମାଛ ରଖିବା ମୁଣା (ଲେସିଙ୍ଗ), ଶସ୍ୟମାପିବା ପାତ୍ର (ଡ଼ିଙ୍ଗଡ଼ିଙ୍ଗପୁମ୍ବ), ଶସ୍ୟ ରଖିବା ପାଇଁ ବଡ଼ ଟୋକେଇ (ଡାମୁଙ୍ଗ), ଓ ବିଭିନ୍ନ ଟୋକେଇ-ଡ଼ାମୁ, ଡ଼ାବରୀ, ଡାଙ୍କେ, ଡିପନି, କୁଲା (କେଁସୁପ) ଛାଣିବା ପାଛିଆ (ଗିନାୟା) ଶୋଇବା ପାଇଁ ବାଉଁଶ ପଟି (ପଟି) ଇତ୍ୟାଦି ଦୋରା ତିଆରି କରି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବଣ୍ଡାମାନଙ୍କୁ ଯୋଗାଇ ଦେଇଥାଏ । ପ୍ରତିବଦଳରେ ଶସ୍ୟ, ଟଙ୍କାପଇସା ଇତ୍ୟାଦି ସଂଗ୍ରହ କରି ଦୋରା ନିଜର ଗୁଜୁରାଣ ମେଣ୍ଟାଇଥାଏ । ଦୋରାମାନଙ୍କର ମୁଖ୍ୟ ଜୀବିକା କୃଷିକାର୍ଯ୍ୟ । ଯାହାହେଉ କୌଣସି ଉପାୟରେ ଅନ୍ୟ ବିଜାତି ଗୋଷ୍ଠୀମାନେ ବଣ୍ଡାଙ୍କ ଠାରୁ ଟିକିଏ ଧନୀ ହୋଇଯଥାଆନ୍ତି । ଅଭାବ ଅସୁବିଧା ସମୟରେ ବଣ୍ଡାମାନେ ସେମାନଙ୍କଠାରୁ କରଜ ଆଣିଥାନ୍ତି ଓ ପରେ ସୁଧମୂଳ ସହ ଋଣ ପରିଶୋଧ କରିଥାନ୍ତି । ସେମାନେ ମଧ୍ୟ ବଣ୍ଡାମାନଙ୍କ ଠାରୁ ଋଣ ଦେଇଥାନ୍ତି । ବେଳେବେଳେ ବିଜାତି ଗୋଷ୍ଠୀର ଲୋକମାନେ ବଣ୍ଡାମାନଙ୍କର କୁଲି ମଜୁରୀରେ କାମ କରିଥାନ୍ତି । ଚାଷ କାର୍ଯ୍ୟରେ ପରସ୍ପର ପରସ୍ପରକୁ ଆବଶ୍ୟକସୁଳେ ସାହାଯ୍ୟ କରିଥାନ୍ତି ।

ସାମାଜିକ ସମ୍ପର୍କ:

ବଣ୍ଡାମାନଙ୍କ ମଧ୍ୟରେ ମଧ୍ୟ ଛୁଆ ଅଛୁଆଁ ଭେଦଭାବ ରହିଅଛି । ବଣ୍ଡାମାନେ କୌଣସି ହରିଜନ ଗୋଷ୍ଠୀର ବ୍ୟକ୍ତିକୁ ଛୁଅନ୍ତି ନାହିଁ କିମ୍ବା ସେମାନଙ୍କଠାରୁ ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ । ତେଣୁ ବଣ୍ଡାମାନେ ତମମାନଙ୍କ ଠାରୁ ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ କିମ୍ବା ଛୁଅଁନ୍ତି ନାହିଁ କିନ୍ତୁ ଆବଶ୍ୟକ ହେଲେ ବଣ୍ଡା ତ୍ମଘରୁ ବାସନକୁସନ, ଚାଉଳ ଓ ପନିପରିବା ଆଣି ନିଜେ ପାଣି ଆଣି ରୋଷେଇ କରି ଖାଦ୍ୟ ସେବନ କରିଥାନ୍ତି। ବଣ୍ଡା ତ୍ମ ଘରୁ ଶସ୍ୟ ଓ ପନିପରିବା ଗ୍ରହଣ କରିଥାନ୍ତି । ତମମାନଙ୍କ

ଦ୍ୱାରା ପ୍ରସ୍ତୁତ ପେଣ୍ଡମନାସିଂକୁ ବଣ୍ଡାମାନେ ହାଣ୍ଡିଆ ପ୍ରସ୍ତୁତ କଲାବେଳେ ବ୍ୟବହାର କରନ୍ତି । ଅନ୍ୟପକ୍ଷରେ ଡ଼ୟମାନେ ବଣ୍ଡାଘରୁ ରନ୍ଧାଖାଦ୍ୟ, ପେଣ୍ଡମ, ପେଜ ଇତ୍ୟାଦି ଗ୍ରହଣ କରିଥାନ୍ତି । ଡ଼ୟ ବ୍ୟତିତ ଅନ୍ୟ ବିଜାତି ଗୋଷ୍ଠୀ ଯଥା କମାର, କୁମ୍ଭାର, ଦୋରା, ମାଳୀ ଓ ଗଉଡ଼ମାନେ ବଣ୍ଡା ଘରୁ ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ, ପେଣ୍ଡମ ପିଅନ୍ତି ନାହିଁ, କିନ୍ତୁ ମଦ ଓ ସଲପ ଗ୍ରହଣ କରିଥାନ୍ତି । କିନ୍ତୁ ବଣ୍ଡାଘରୁ ପାଣି ପିଅନ୍ତି ଓ ବଣ୍ଡାକୁ ଛୁଅନ୍ତି । ବଣ୍ଡାମାନେ ଡ଼ୟ ବ୍ୟତୀତ ଉପରେ ଲିଖିତ ଅନ୍ୟ ବିଜାତି ଗୋଷ୍ଠୀଠାରୁ ସମସ୍ତ ପ୍ରକାର ଖାଦ୍ୟ ଗ୍ରହଣ କରିଥାନ୍ତି । କେତେକ ବଣ୍ଡା ଜହନ୍ତି ବିବାହିତ ବଣ୍ଡାମାନେ କାରମାଘରୁ ରନ୍ଧାଖାଦ୍ୟ ସେବନ କରନ୍ତି ନାହିଁ । ଡ଼ୟମାନେ ବେପାର କରିବା ପାଇଁ ଆସିଲାବେଳେ ସେମାନଙ୍କୁ ବଣ୍ଡାମାନେ ଭାତ, ପେଜ ଇତ୍ୟାଦି ଖାଇବାକୁ ଦେଇଥାନ୍ତି । ଆବଶ୍ୟକ ସ୍ଥଳେ ଗ୍ରାମରେ ଏକୁଟିଆ ରହୁଥିବା ଡ଼ୟ ବା କାରମା ପରିବାରକୁ ମାଂସ ଭାଗ ଦିଆଯାଏ । ଛୋଟ ବଣ୍ଡା ପିଲାମାନେ ପର୍ବପର୍ବାଣୀ ଅବସରରେ ଡ଼ୟଘରୁ ମଦ୍ୟ ଖାଦ୍ୟ ଗ୍ରହଣ କରିଥାନ୍ତି କିନ୍ତୁ ବଡ଼ ପିଲା କିମ୍ବା ଲୋକମାନେ କୌଣସି ରନ୍ଧା ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।

ରାଜନୈତିକ :

ଉପରେ ଲିଖିତ ସମସ୍ତ ବିଜାତି ଗୋଷ୍ଠୀ ମଧ୍ୟରୁ ବଣ୍ଡା ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରୁଥିବା ଗୋଷ୍ଠୀ ହେଉଛି ଡ଼ୟ । ଆଗରୁ ପାରମ୍ପରିକ ଗ୍ରାମ ସଭାରେ ଜଣେ ଡ଼ୟକୁ ବାରିକ ରୂପେ ନିଯୁକ୍ତି ଦିଆଯାଉଥିଲା । ଏବେବି କେତେକ ଗ୍ରାମରେ ଡ଼ୟ ବାରିକ ଅଛନ୍ତି । ଏହି ବାରିକମାନେ ଗ୍ରାମ ମୁଖ୍ୟ (ନାୟକ)ଙ୍କ ନିର୍ଦ୍ଦେଶନୁସାରେ କାର୍ଯ୍ୟ କରିଥାନ୍ତି । ସେ ବାର୍ତ୍ତାବହ । ଗାଁଲୋକଙ୍କୁ ଗ୍ରାମ ସଭା ପାଇଁ ଆହ୍ୱାନ କରିବା ନାୟକର ନିଷ୍ପତ୍ତିକୁ ଗାଁରେ ବୁଲି ବୁଲି ଘୋଷଣା କରିବା ପରି କେତେକ କାର୍ଯ୍ୟ ତମ ବାରିକ କରିଥାଏ । ବାରିକର ଭୂମିକା ବିଷୟରେ ସବିଶେଷ ଭାବେ ପାରମ୍ପରିକ ଗ୍ରାମସଭାରେ ବର୍ଣ୍ଣନା କରାଯାଇଛି । ସଭାସମିତି ହେବାବେଳେ ଅନ୍ୟ ବିଜାତି ଗୋଷ୍ଠୀ ମଧ୍ୟ ସେଥିରେ ଅଂଶ ଗ୍ରହଣ କରିଥାନ୍ତି ଓ ସର୍ବସାଧାରଣଙ୍କ ଭଳି ସେମାନେ ମଧ୍ୟ ମତ ପ୍ରକାଶ କରିପାରନ୍ତି । ଅନ୍ୟ ବିଜାତି ଗୋଷ୍ଠୀର ଲୋକମାନେ ଉକ୍ତ ଗାଁର ଗ୍ରାମସଭାକୁ ନିର୍ବାଚିତ ମୁଖିଆମାନଙ୍କୁ ମାନି ଚଳିଥାନ୍ତି । ବିଜାତି ଗୋଷ୍ଠୀର କୌଣସି ଗଣ୍ଡଗୋଳକୁ ମଧ୍ୟ ବଣ୍ଡା ପାରମ୍ପରିକ ଗ୍ରାମସଭା ଦ୍ୱାରା ବିଚାର କରାଯାଇଥାଏ ।

ଧାର୍ମିକ :

ବଣ୍ଡାମାନଙ୍କର ଅନ୍ୟ ବିଜାତି ଗୋଷ୍ଠୀଙ୍କ ସହିତ ଧାର୍ମିକ ସମ୍ପର୍କ ରହିଛି । ସୁସୁଗିଗୋ (ମାଘପରବ)ର ପାଟଖଣ୍ଡା ପୂଜା ଅବସରରେ ସ୍ୱତନ୍ତ୍ର ଭାବରେ ଡ଼ମ୍ବ ବାରିକ ପେଣ୍ଡମସିଂ (ପେଣ୍ଡମ ଔଷଧ) ଆଣି ମୁଦୁଲିପଡ଼ା ନାୟକ ଓ ଅନ୍ୟ ବାରଜାଙ୍ଗରର ସମସ୍ତ ନାୟକଙ୍କୁ ଦେଇଥାଏ । ଡ଼ମ୍ବ ବାରିକ ପାଟଖଣ୍ଡା ଅବସରରେ ବାଦ୍ୟ ବଜାଇବା ପାଇଁ ମହୁରିଆକୁ ଡ଼ାକି ଆଣେ । ଡ଼ମ୍ବମାନେ ପାଟଖଣ୍ଡାକୁ ଛୁଇଁବା ମନା । ଉପରପୁଟ ଗାଁର କୁମ୍ଭାର (କୁମ୍ଭୀ) ସ୍ୱତନ୍ତ୍ରଭାବରେ ଏହି ଅବସରରେ ୧୦-୧୨ଟି ମାଟି ହାଣ୍ଡି ବିନାମୂଲ୍ୟରେ ଦେଇଥାଏ । ଏମାନଙ୍କୁ ସେଥିପାଇଁ ଭୋଜିଭାତ ଦିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ପର୍ବପର୍ବାଣୀରେ ଗାଁରେ ରହୁଥିବା ବିଜାତି ଗୋଷ୍ଠୀର ଲୋକମାନେ ଅଂଶ ଗ୍ରହଣ କରନ୍ତି କିନ୍ତୁ ବିଜାତି ପଡ଼ୋଶୀ ଗୋଷ୍ଠୀ ପାଳନ କରୁଥିବା ପର୍ବପର୍ବାଣୀକୁ ବଣ୍ଡାମାନେ ପାଳନ କରନ୍ତି ନାହିଁ ।

ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖାନ :

ଉପର ବର୍ଣ୍ଣନା କରାଯାଇଥିବା ବଣ୍ଡା, ଡ଼ମ୍ବ, କମାର, କୁମ୍ଭାର, ଦୋରା ଓ ଗଉଡ଼ ଓ ମାଳି ମଧ୍ୟରୁ ଡ଼ମ୍ବକୁ ସବୁଠାରୁ ତଳ ପାହିଆ ଦିଆଯାଇଥାଏ । ତାକୁ ସମସ୍ତେ ଅସବର୍ଣ୍ଣ କହି ଛୁଇଁ ନଥାନ୍ତି । ବଣ୍ଡା ଡ଼ମ୍ବ ଠାରୁ କୌଣସି ରନ୍ଧାଖାଦ୍ୟ ଗ୍ରହଣ କରେ ନାହିଁ । ସେମାନେ ମଧ୍ୟ ଡ଼ମ୍ବ ଘରୁ ପାଣି ପିଅନ୍ତି ନାହିଁ କିମ୍ବା ଡ଼ମ୍ବ ଛୁଇଁଥିବା ପାଣି ବଣ୍ଡା କରେ ନାହିଁ। ଡ଼ମ୍ବ ରାନ୍ଧିଥିବା ପେଣ୍ଡୁମ ବଣ୍ଡା ପିଏ ନାହିଁ କିନ୍ତୁ ସେ ରାନ୍ଧିଥିବା ମଦ ଓ ସଂଗ୍ରହ କରିଥିବା ସଲପକୁ ବଣ୍ଡା ଗ୍ରହଣ କରିପାରେ । ଡ଼ମ୍ବ ଘରୁ ଶସ୍ୟ, ପନିପରିବା, ଶୁଖୁଆ, କଞ୍ଚାମାଛ ଇତ୍ୟାଦି ବିନା ଦ୍ୱିଧାରେ ଗ୍ରହଣ କରାଯାଏ । ଆବଶ୍ୟକ ସ୍ଥଳେ ଡ଼ମ୍ବଠାରୁ ବାସନକୁସନ, ଚାଉଳ ଓ ପନିପରିବା ଆଣି ବଣ୍ଡା ନିଜେ ପାଣି ଆଣି ରୋଷେଇ କରି ଖାଦ୍ୟ ସେବନ କରେ । ଅପରପକ୍ଷରେ ଡ଼ମ୍ବ ବଣ୍ଡା ଘରୁ ସମସ୍ତ ଖାଦ୍ୟ ଗ୍ରହଣ କରିଥାଏ । ବଣ୍ଡା ସଂପ୍ରଦାୟର ଛୋଟ ଛୁଆମାନେ ପର୍ବପର୍ବାଣୀ ଅବସରରେ ଡ଼ମ୍ବଘରୁ ଖାଦ୍ୟ ଗ୍ରହଣ କରିପାରନ୍ତି । ଡ଼ମ୍ବ ବ୍ୟତୀତ ଉପର ବର୍ଣ୍ଣିତ ଅନ୍ୟ ବିଜାତି ଗୋଷ୍ଠୀ ବଣ୍ଡାଘରୁ ରନ୍ଧାଖାଦ୍ୟ ଗ୍ରହଣ କରନ୍ତି ନାହିଁ । କିନ୍ତୁ ବଣ୍ଡାଙ୍କୁ ଛୁଇଁଥାନ୍ତି ଓ ସେମାନଙ୍କଠାରୁ ଜଳଗ୍ରହଣ କରିଥାନ୍ତି । କେତେକ ବ୍ୟକ୍ତି

ବଣ୍ଡାଙ୍କ ଠାରୁ ପେଣ୍ଡମ ପିଅନ୍ତି ନାହିଁ । କିନ୍ତୁ ସମସ୍ତେ ମଦ ଓ ସଲପ ଗ୍ରହଣ କରିଥାନ୍ତି । ଅପରପକ୍ଷରେ ବଣ୍ଡା ଡ଼ମ୍ବ ବ୍ୟତୀତ ଅନ୍ୟ ସମସ୍ତଙ୍କ ଘରୁ ରନ୍ଧା ଖାଦ୍ୟ ଗ୍ରହଣ କରିଥାନ୍ତି । କେତେକ ବଣ୍ଡା କହନ୍ତି ବିବାହିତ ବଣ୍ଡାମାନେ କାରମା (କମାର) ଘରୁ ରନ୍ଧା ଖାଦ୍ୟ ଖାଇବା ନିଷେଧ କିନ୍ତୁ ଅବିବାହିତମାନେ କମାର ଘରୁ ଖାଦ୍ୟ ଖାଇଥାନ୍ତି । ବଣ୍ଡାମାନେ ଖ୍ରୀଷ୍ଟିୟାନ ଠାରୁ ମଧ୍ୟ ଖାଦ୍ୟ ଗ୍ରହଣ କରନ୍ତି । ଝୁଡିକିଆ ଓ ମୃତିକିଆ ଇତ୍ୟାଦି କାରଣ ଯୋଗୁଁ ଅପବିତ୍ର ହୋଇଥିବା ବ୍ୟକ୍ତିଙ୍କ ଘରୁ କେହି ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।

ଅନ୍ୟ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର ଅପରିହାର୍ଯ୍ୟ ଭୂମିକା:

ବଣ୍ଡା ନିଜେ ନିଜ ପାଇଁ ସଂପୂର୍ଣ୍ଣ ରୂପେ ପରିପୂରକ ନୁହେଁ । ଅନ୍ୟ କେତେକ ବିଜାତି ଗୋଷ୍ଠୀଙ୍କର ସାହାଯ୍ୟ ସହାନୁଭୂତି ବିନା ବଣ୍ଡା ଜୀବନ ଧାରଣ କରିବା କାଠିକର ପାଠ ହୋଇପାରେ । କମାର (କାରମା) ବଣ୍ଡାକୁ ତୀର, ଟାଙ୍ଗିଆ, ଛୁରୀ ସମେତ ଅନେକ ହାତହାତିଆର, କୃଷି ଉପକରଣ, ଗୃହ ଉପକରଣ, ଅଳଙ୍କାର ଇତ୍ୟାଦି ଯୋଗାଇଥାଏ ଯେଉଁଗୁଡ଼ିକ ବଣ୍ଡା ଚେଷ୍ଟା କଲେ ମଧ୍ୟ ନିଜେ ତିଆରି କରିପାରେ ନାହିଁ । ଅଧିକନ୍ତୁ କେତେକ ଜିନିଷକୁ ଶାଣ କରିବା ପାଇଁ କାରମାର ଭୂମିକା ନିତ୍ୟାନ୍ତ ଅପରିହାର୍ଯ୍ୟ । ତେଣୁ କୌଣସି ମୁହୂର୍ତ୍ତରେ ବଣ୍ଡା କାରମା ବିନାଯେ ପଙ୍ଗୁ ହୋଇଯାଇପାରେ ଏହା ନିଃସନ୍ଦେହ । ସେହିପରି ଦୈନନ୍ଦିନ ଜୀବନରେ ଛୋଟବଡ଼ ମାଟି ପାତ୍ର ଆବଶ୍ୟକ କରେ ବଣ୍ଡା । ଆଧୁନିକ ଯୁଗରେ ପ୍ରଭାବ ସତ୍ତ୍ୱେ ଏବେ ବି ବଣ୍ଡା ବ୍ୟବହାର କରେ ଅନେକ ହାଣ୍ଡିକୁଣ୍ଡି । ତାହା ସେ କୁମ୍ଭାର (କୁମ୍ଭୀ) ଠାରୁ ସଂଗ୍ରହ କରିଥାଏ । ତେଣୁ କୁମ୍ଭାରକୁ ଛାଡ଼ିବା ମଧ୍ୟ ସହଜ ନୁହେଁ । ଦୈନନ୍ଦିନ ଜୀବନରେ ବଣ୍ଡା ଅନେକ ବାଉଁଶ ନିର୍ମିତ ଦ୍ରବ୍ୟ ଆବଶ୍ୟକ କରେ । ତେଣୁ ବିଭିନ୍ନ ପ୍ରକାର ପାଚିଆ, ଟୋକେଇ, ମାଛଧରା ଯନ୍ତ୍ର, ମୁଣ, କୁଲା, ମାଡା, ଛାଣିବା ଟୋକେଇ, ଶୋଇବା ପଟି ଇତ୍ୟାଦି ପାଇଁ ବଣ୍ଡା ଦୋରା ଉପରେ ନିର୍ଭର କରେ । ଯଦିଓ ଆଜି କେତେକ ବଣ୍ଡା ବାଉଁଶ କାମ ଶିଖିଲେଣି ତଥାପି ଦୋରାର ଆବଶ୍ୟକତା ରହିଛି । ସେହିପରି ବଣ୍ଡାରାଜନିତିରେ ଡମ୍ବର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବଣ୍ଡାମାନଙ୍କ ମଧ୍ୟରେ ବେପାରୀ ହିସାବରେ ଡମ୍ବାମାନେ ଖୁବ୍ ଜନପ୍ରିୟ । ତେଣୁ ଡ଼ମ୍ବର ମଧ୍ୟ ଅପରିତେଜ୍ୟ ଭୂମିକା ରହିଅଛି ।

ଅନ୍ୟାନ୍ୟ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର ବର୍ତ୍ତମାନର ଅବସ୍ଥା:

କାଳକ୍ରମେ ବିଜାତି ପଡ଼ୋଶୀ ଗୋଷ୍ଠୀଙ୍କ ସଂଖ୍ୟା ବଣ୍ଡାମାନଙ୍କ ମଧ୍ୟରେ ବଢ଼ିବାରେ ଲାଗିଛି । ତମ୍ଭାମାନେ ୨୦ରୁ ଉର୍ଦ୍ଧ୍ୱ ପରିବାର ହେଲେଣି ଅଣ୍ଡାହାଲ ଗ୍ରାମରେ । ସୋନୁଗୁଡ଼ା ଓ କାରମାଗୁଡ଼ା ଗ୍ରାମରେ ଦୋରା, ମାଳୀ, ଗୌଡ଼ମାନଙ୍କର ସ୍ୱତନ୍ତ୍ର ସାହିମାନ ରହିଛି । ଯାହାହେଉ, ଏହିଗୋଷ୍ଠୀ ଲୋକମାନେ କୌଣସିମତେ ଦ୍ୱିପହରା ରୋଜଗାର କରି ଭଲରେ ଚଳିଲେଣି । କାଳକ୍ରମେ ବଣ୍ଡାମାନେ ନିଜେ ଅନ୍ୟକେତେକଙ୍କର କାମକୁ ଅନୁକରଣ କରି ଶିଖିଲେଣି । ଯେପରିକି ଡ଼ମ୍ବ ବାରିକ ପରିବର୍ତ୍ତେ ଏବେ ବଣ୍ଡା ବାରିକ ଗ୍ରାମ ସଭାକୁ ନିଯୁକ୍ତ ହେଲେଣି । କିନ୍ତୁ ବଣ୍ଡାମାନେ ଏବେ ସୁଦ୍ଧା କମାର କିମ୍ବା କୁମ୍ଭାରର କାର୍ଯ୍ୟ କରିବାକୁ ସକ୍ଷମ ହୋଇନାହାନ୍ତି । ଯାହାହେଉ ଏବେ ବି ବଣ୍ଡାମାନଙ୍କ ପାଇଁ ଅନ୍ୟ ବିଜାତି ଗୋଷ୍ଠୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ଉଭୟଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ଅଛି ।

ଅନ୍ୟାନ୍ୟ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀର କ୍ଷତିକାରକ ଭୂମିକା:

ବଣ୍ଡାମାନଙ୍କର ଅନ୍ୟ ବିଜାତି ଗୋଷ୍ଠୀ ସହ ଯେ କେବଳ ସୁସମ୍ପର୍କ ରହିଛି ତାହା ନୁହେଁ ଅନେକ ସମୟରେ ମଧ୍ୟ ଏମାନଙ୍କ ମଧ୍ୟରେ ସଂପର୍କର ତିକ୍ତତା ପ୍ରକାଶ ପାଇଥାଏ । ପଡ଼ୋଶୀ ଗୋଷ୍ଠୀମାନେ ବଣ୍ଡାମାନଙ୍କର ନିରକ୍ଷରତାର ସୁଯୋଗ ନିଅନ୍ତି ବେଳେବେଳେ । ବିଭିନ୍ନ ଉପାୟରେ ସେମାନଙ୍କୁ ଶୋଷଣ କରନ୍ତି । ତେଣୁ ମନୋମାଳିନ୍ୟ, ଗଣ୍ଡଗୋଳ ଓ ହଣାକଟା ମଧ୍ୟ ହୁଏ ଏମାନଙ୍କ ମଧ୍ୟରେ । ବିଜାତି ଗୋଷ୍ଠୀଙ୍କ ଠାରୁ ବଣ୍ଡାମାନେ ବିଭିନ୍ନ ସମୟରେ ଋଣ ଆଣିଥାନ୍ତି । ଋଣଦାତା ବଣ୍ଡାଠାରୁ ମାତ୍ରାଧିକ ପରିମାଣରେ ସୁଧ ଆଦାୟ କରେ । ବେଳେବେଳେ ବଣ୍ଡାମାନଙ୍କ ଠାରୁ ଅନ୍ୟ ପଡ଼ୋଶୀମାନେ ଋଣ ନେଇଥାନ୍ତି ଓ ଅନେକ ଦିନ ପରେ ମଧ୍ୟ ପରିଶୋଧ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ ସେମାନେ, ତେଣୁ ଆରମ୍ଭ ହୁଏ କଜିଗୋଳ । କେତେକ ସ୍ଥାନରେ ବଣ୍ଡାମାନଙ୍କ ଠାରୁ ଏହି ପଡ଼ୋଶୀ ଗୋଷ୍ଠୀମାନେ ପଦାଜମି (ରାଙ୍ଗସଙ୍ଗ), ପାଣିଜମି (ଲିଉଁ) ସଲପଗଛ ଇତ୍ୟାଦି ଉଚିତ ମୂଲ୍ୟ ନ ଦେଇ କ୍ରୟ କରିଥାନ୍ତି । ଅଧିକନ୍ତୁ କ୍ରୟ କରିଥିବା ସମ୍ପତ୍ତି ବ୍ୟତୀତ ଅଧିକ ସଂପତ୍ତି ମଧ୍ୟ କବାୟତ କରିବାକୁ ଚେଷ୍ଟା କରନ୍ତି । ଏହିମାନେ ମଧ୍ୟ ବଣ୍ଡାମାନଙ୍କର ଗୋରୁଗାଈ,

ଛେଳିମେଣ୍ଢା, ସଲପଗଛରୁ ସଲପ ରସ, ପଣସ ଗଛରୁ ପଣସ, ଶସ୍ୟ କିଆରିରୁ ଶସ୍ୟ ଚୋରିକରିବା ଇତ୍ୟାଦି କୁକର୍ମ ମାନ କରିଥାନ୍ତି । ବଣ୍ଡା ଯେତେବେଳେ ଚୋରର ସନ୍ଧାନ ପାଏ ସେ ତା ଉପରେ ଚଢ଼ଉ କରେ । କଳିଗୋଳ ହୋଇ ଶେଷରେ ହତାକଟା ହୋଇ ଧନଜୀବନ ମଧ୍ୟ ନଷ୍ଟ ହୁଏ । ପଡ଼ୋଶୀ ଗୋଷ୍ଠୀ ବ୍ୟବସାୟୀମାନେ ମୁଖ୍ୟତଃ ଡମ୍ବମାନେ ବିଭିନ୍ନ ଜିନିଷ ଆଣି ଗାଁ ଗାଁ ବୁଲି ବଣ୍ଡାମାନଙ୍କ ମଧ୍ୟରେ ବିକ୍ରୟ କରିଥାନ୍ତି ଓ ସେମାନଙ୍କ ଠାରୁ ପଶୁ ଚମଡ଼ା, ଜଡ଼ା, ପଣସ ମଞ୍ଜି, ଅଳସୀ ଓ ଅନ୍ୟାନ୍ୟ ଶସ୍ୟ ଜଙ୍ଗଲ ଜାତ ଦ୍ରବ୍ୟ ଯଥା ଆମ୍ବ, ଝୁଣା, ମହୁ ଇତ୍ୟାଦି କିଣିଥାନ୍ତି । ଏହି କାରବାରରେ ମଧ୍ୟରେ ଡମ୍ବମାନେ ନିର୍ମମ ଭାବେ ଶୋଷଣ କରନ୍ତି ବଣ୍ଡାମାନଙ୍କୁ । ଛୁଆଁଅଛୁଆଁ ଓ ସାନବଡ଼ ଭେଦଭାବ ମଧ୍ୟ ବେଳେବେଳେ ମନୋମାଳିନ୍ୟର କାରଣ ହୋଇଥାଏ ।

ସୁସମ୍ପର୍କ ସ୍ଥାପନ ନିମିତ୍ତ ଉପଯୁକ୍ତ ବାତାବରଣ ସୃଷ୍ଟି ପାଇଁ ପ୍ରସ୍ତାବ ଓ ସୁପାରିଶ:

ସମସ୍ତଙ୍କର ସର୍ବାଙ୍ଗୀନ ଉନ୍ନତି ଓ ସମସ୍ତେ ସୁଖଶାନ୍ତିରେ ଜୀବନ ଯାପନ କରିବା ପାଇଁ ଏମାନଙ୍କ ମଧ୍ୟରୁ ହିଂସା ଦ୍ୱେଷ, କଳିଗୋଳ, ହତାକଟା ଦୂର କରିବା ସହିତ ଉତ୍ତମ ବୁଝାମଣା ଓ ସୁସମ୍ପର୍କ ପ୍ରତିଷ୍ଠା କରିବା ଉଚିତ । ତେଣୁ ଗ୍ରାମରେ ସାମୂହିକ ଭାବରେ ପାଳନ କରାଯାଉଥିବା ପର୍ବପର୍ବାଣୀ ବା ଅନ୍ୟ କୌଣସି ସାମୂହିକ କାର୍ଯ୍ୟମାନଙ୍କର ବଣ୍ଡାମାନଙ୍କ ସହ ପଡ଼ୋଶୀମାନଙ୍କୁ ଏକତ୍ର କରାଇ କାର୍ଯ୍ୟ ସଂପାଦନ କରାଯାଇପାରିଲେ ସେମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରାଯାଇପାରନ୍ତା । ଏପରି କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇପାରିବ ଓ ସ୍ନେହ, ଶ୍ରଦ୍ଧା, ପ୍ରେମ ଭାତୃଭାବ, ଏକ ମନୋଭାବ ଇତ୍ୟାଦି ବୃଦ୍ଧିପାଇପାରିବ । ଗ୍ରାମସ୍ତରୀୟ ପାରମ୍ପରିକ ଗ୍ରାମସଭାର ସଭାର ବିଭିନ୍ନ କାର୍ଯ୍ୟକଳାପର ପଡ଼ୋଶୀ ଗୋଷ୍ଠୀମାନେ ସକ୍ରିୟ ଅଂଶ ଗ୍ରହଣ କରିବା ଉଚିତ । ସହଯୋଗୀ ଶ୍ରମ ବିନିମୟରେ ଉଭୟ ଗୋଷ୍ଠୀର କୃଷିକାର୍ଯ୍ୟାଦି ସଂପାଦନ କରାଯାଇପାରିଲେ ସେମାନଙ୍କ ମଧ୍ୟରେ ଦୃଢ଼ ସମ୍ପର୍କ ପ୍ରତିଷ୍ଠା ହେବା ସହ, ବିପଦ ସମୟରେ ପରସ୍ପରକୁ ସାହାଯ୍ୟ କରିବା ମନୋବୃତ୍ତି ବଳବତ୍ତର ହେବ । ଉଦାହରଣ ସ୍ୱରୂପ ବିଭିନ୍ନ ପ୍ରକାର ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ,

ପର୍ଯ୍ୟଟନ ଅଭିଯାନ ଇତ୍ୟାଦିର ଆୟୋଜନ କରି ବଣ୍ଡା ବ୍ୟକ୍ତିଙ୍କ ସହ ଅନ୍ୟ ପ୍ରଜାତି ପଡ଼ୋଶୀ ଗୋଷ୍ଠୀର ବ୍ୟକ୍ତିକୁ ସାମିଲ। କରାଇଲେ ସେମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ିଭୂତ ହୋଇପାରିବ । ଗାଁ ଗାଁରେ ବିଭିନ୍ନ ସଭାସମିତିର ଆୟୋଜନ କରି ସମସ୍ତେ ଏକତ୍ର ମିଳିମିଶି ଚଳିଲେ ଅନେକ ଉନ୍ନତି ସାଧାନ କରାଯାଇପାରିବ ବୋଲି ବୁଝାଇବା ଦରକାର । ଅପରପକ୍ଷରେ ଶୋଷଣଖୋର ଓ ଚୋରି ଆଦି କୁକର୍ମରେ ଲିପ୍ତ ପ୍ରଜାତି ଗୋଷ୍ଠୀ ବ୍ୟକ୍ତିକୁ ସେଥିରୁ ନିବୃତ କରାଇବା ପାଇଁ ବିଚାର ଆଲୋଚନା କରି ଉଚିତ ପଦକ୍ଷେପ ନିଆଯିବା ଉଚିତ । ବଣ୍ଡାମାନଙ୍କ ସହିତ ରହୁଥିବା ଅନ୍ୟ ପ୍ରଜାତି ଗୋଷ୍ଠୀର ବ୍ୟକ୍ତିଙ୍କୁ ସରକାରଙ୍କ ତରଫରୁ ଯଥାବିଧି ସାହାଯ୍ୟ ସହଯୋଗ ଯୋଗାଇ ଦେଲେ ଆଂଶିକ ଭାବେ ଶୋଷଣ, ମନୋମାଳିନ୍ୟ ଓ କଳିଗୋଳକୁ ରୋକାଯାଇପାରନ୍ତା ।

●●●

